

‘ବର୍ଡର ୨’ରେ ଦେଖାଯିବେ ଏହି ଚାରି ନାୟିକା

▶ପୃଷ୍ଠା ୧୧ ଦେଖନ୍ତୁ...


# ସକାଳ THE SAKALA

PRINTEDATBHUBANESWAR JEYPORE SAMBALPUR PANIKOILI

♦VOLUME- 43 ♦ISSUE-177 ♦TUESDAY ♦23 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୭୭ ♦ମଙ୍ଗଳବାର ♦୨୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ହକିରେ ଓଡ଼ିଶାର ବିରଳ ରେକର୍ଡ

# ତ୍ରିପୁରାକୁ ଦେଲା ୫୦ ଗୋଲ୍

### ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି

### ପ୍ରତି ୫ ମିନିଟ୍‌ରେ ହାରାହାରି ୪ଟି ଗୋଲ୍

■ ଭୁବନେଶ୍ୱର, ୨୨।୧୨ (ସମିସ): ଗୌହାଟୀରେ ଚାଲିଥିବା ପୂର୍ବାଞ୍ଚଳ ସବ୍‌ଜୁନିଅର ବାଳିକା ଅସ୍ମିତା ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ବିରାଟ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ପ୍ରଥମ ମ୍ୟାଚରେ ୫୦-୦ ଗୋଲ୍‌ରେ ଏକପାଖିଆ ଭାବେ ତ୍ରିପୁରାକୁ ହରାଇ ଚହଳ ସୃଷ୍ଟି କରିଛି। ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ଯେକୌଣସି ବୟସବର୍ଗର ଟୁର୍ଣ୍ଣାମେଣ୍ଟରେ ଏକ ମ୍ୟାଚରେ ଗୋଟିଏ ଦଳ ୫୦ଟି ଗୋଲ୍ ଦେବାରେ ଏହା ବିରଳ ଘଟଣା ବୋଲି କୁହାଯାଉଛି।

ଏହି ମ୍ୟାଚର ପ୍ରଥମ ମିନିଟ୍‌ରୁ ଗୋଲ୍ ଖାତା



ଖୋଲିଥିବା ଓଡ଼ିଶା ୬୦ତମ ମିନିଟ୍‌ରେ ଅନ୍ତିମ ତଥା ୫୦ତମ ଗୋଲ୍‌ଟି ଦେଇଥିଲା। ଫଳରେ ମ୍ୟାଚର ପ୍ରତି ୫ ମିନିଟ୍‌ରେ ଓଡ଼ିଶା ହାରାହାରି ୪ଟି ଲେଖାଏ ଗୋଲ୍ ସ୍କୋର କରିଥିଲା। ଓଡ଼ିଶା ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଯଥାକ୍ରମେ ୧୦ଟି, ୮ଟି, ୧୭ଟି ଓ ୧୫ଟି ଗୋଲ୍ ଦେଇଥିଲା। ଫଳରେ ପ୍ରଥମାର୍ଦ୍ଧରେ ୧୮ଟି ଓ ଦ୍ୱିତୀୟାର୍ଦ୍ଧରେ ୩୨ଟି ଗୋଲ୍ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଆସାମକୁ ଭେଟିବ। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ହକିରେ ଭାରତୀୟ ସିନିଅର ପୁରୁଷ ଦଳ ୨୦୧୮ ଏସୀୟ କ୍ରୀଡ଼ାରେ ୨୬-୦ ଗୋଲ୍‌ରେ ହଂକଂକୁ ପରାସ୍ତ କରିଥିଲା। ଯାହାକି ଭାରତୀୟ ଦଳର ସବୁଠୁ ବଡ଼ ବିଜୟ ଭାବେ ରେକର୍ଡ ହୋଇରହିଛି।

ଏସିଆ ମହାଦେଶରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆ-ଓସେନିଆ ବାଳିକା ହକିରେ ଦକ୍ଷିଣ କୋରିଆ ୯୨-୦ରେ ଥାଇଲାଣ୍ଡକୁ ଓ ୱିଣ୍ଟର ଅଲିମ୍ପିକ୍ସ ଲାଗି ୟୁରୋପୀୟ କ୍ୱାଲିଫିକେସନ ମହିଳା ହକିରେ ସ୍ଲୋଭାକିଆ ୮୨-୦ରେ ବୁଲଗାରିଆକୁ ହରାଇବାର ରେକର୍ଡ ରହିଛି। ୧୯୮୭ ୱାର୍ଲ୍ଡ ଚାମ୍ପିଅନସିପ୍ ଗ୍ରୁପ୍ ଡି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସିନିଅର ଟିମ୍ ୫୮-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା।

# ନିଲାମ ହେବ ରାଜ୍ୟର ୪୯ ଖଣି

## ତାଲିକାରେ କେନ୍ଦୁଝରର ୧୬, ସୁନ୍ଦରଗଡ଼ର ୧୨, ରାୟଗଡ଼ାର ୩ ଖଣି

■ ଭୁବନେଶ୍ୱର,୨୨।୧୨(ସମିସ): ଆଗାମୀ ଦିନରେ ରାଜ୍ୟର ୪୯ଟି ଖଣି ନିଲାମ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ଖଣି ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ଏନେଇ ୪୯ଟି ଖଣିକୁ ଚିହ୍ନଟ କରାଯାଇଥିବା ବେଳେ ଆସନ୍ତା ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବ। ଏଥିରେ ବାର୍ଷିକ ନିଲାମ କ୍ୟାଲେଣ୍ଡର ପ୍ରସ୍ତୁତି ପାଇଁ ପ୍ରସ୍ତାବିତ ଖଣି ବିଷୟରେ ଆଲୋଚନା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ସୂଚନା ଅନୁସାରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ଖଣି ଗୁଡ଼ିକର ବାର୍ଷିକ ନିଲାମ କ୍ୟାଲେଣ୍ଡରର ପ୍ରସ୍ତୁତି ତଥା ପ୍ରକାଶନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିଲାମ



ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଜ ନିଜର କ୍ୟାଲେଣ୍ଡର ପ୍ରସ୍ତୁତ ସହ ଏହାକୁ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ରାଜ୍ୟର ପ୍ରମୁଖ ଖଣିଜ ବ୍ଲକ୍ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ଏକ ତାଲିକା ପ୍ରସ୍ତାବ ଦେଇଛନ୍ତି। ଏଥିରେ ୪୯ଟି ଖଣିର ତାଲିକା ଥିବାବେଳେ ଏହାକୁ ମିଳିତ ଭାବେ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ, ଓଏମସି, ଜିଏସଆଇ ଓ ଏମଇସିଏଲ ଅନ୍ୱେଷଣ ସହ ପ୍ରସ୍ତୁତ କରିଛନ୍ତି।

### ଜାନୁଆରୀ ୩ ତାରିଖରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି

ପ୍ରସ୍ତାବିତ ନିଲାମ ସୂଚୀରେ କେନ୍ଦୁଝରର ୧୬ଟି ଖଣି ଥିବାବେଳେ ସୁନ୍ଦରଗଡର ୧୨ଟି, ରାୟଗଡାର ୩ଟି, ମୟୂରଭଞ୍ଜର ୨ଟି ତଥା ସମ୍ବଲପୁର, କଳାହାଣ୍ଡି ଓ ବରଗଡ଼ର ୧ଟି ଲେଖାଏଁ ବ୍ଲକ ରହିଛି। ଏହି ୩୫ଟି ଖଣି ମଧ୍ୟରେ ବକ୍ସାଇଟ, ଲୁହାପଥର, ▶ପୃଷ୍ଠା-୭

## ଦେଶର ସବୁଠୁ ବଡ଼ ତଥ୍ୟ ପ୍ରଘଟ

# ୬୮ କୋଟି ୟୁଜରଙ୍କ ଡାଟା ଚୋରି

■ ନୂଆଦିଲ୍ଲୀ, ୨୨।୧୨ (ଏଜେନ୍ସି): ଦେଶରେ ଏକ ବଡ଼ ଧରଣର ଡାଟା ଲିକ୍ ହୋଇଛି। ଏଥିରେ ୬୮ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପ୍ରଘଟ ହୋଇଛି। ଏହାଫଳରେ ସାଇବର ଅପରାଧୀମାନଙ୍କ ହାତରେ ଏହି ୬୮ କୋଟି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ଇ-ମେଲ୍ ଆଇଡି ଏବଂ ପାସୱାର୍ଡ ପଡିଯାଇଛି। ଘଟଣା ଜଣାପଡ଼ିବା ପରେ ମଧ୍ୟପ୍ରଦେଶ ସାଇବର ସେଲ୍ ଏହାକୁ ନେଇ ସତର୍କ କରାଇଛି। ଇ-ମେଲ୍ ବ୍ୟବହାରକାରୀ ସେମାନଙ୍କର ପାସ୍‌ୱାର୍ଡ ପୁନଃସେଟ୍ କରିବାକୁ ସାଇବର ସେଲ୍ ନିର୍ଦ୍ଦେଶାବଳୀ ଜାରି କରିଛି।

ସାଇବର ସେଲ୍ ପକ୍ଷରୁ ଜାରି ପରାମର୍ଶପତ୍ରରେ କୁହାଯାଇଛି ଯେ, ସାଇବର ଠକମାନେ ଏକ ଇ-ମେଲ୍ ଆକାଉଣ୍ଟ ହ୍ୟାକ୍ କରି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ଡିଜିଟାଲ୍ ୱାଲେଟ୍ ଏବଂ



ସାଇବର ଅପରାଧୀଙ୍କ ହାତରେ ଇ-ମେଲ୍ ଆଇଡି ଓ ପାସ୍‌ୱାର୍ଡ


ଅନ୍ୟାନ୍ୟ ଆପ୍ ଓ ସୋସିଆଲ ମିଡିଆ ଆକାଉଣ୍ଟକୁ ମଧ୍ୟ ପ୍ରବେଶ କରିପାରିବେ। ଏହାକୁ ରୋକିବା ପାଇଁ ବାରମ୍ବାର ପାସୱାର୍ଡ ପରିବର୍ତ୍ତନ କରିବା ବ୍ୟତୀତ ବିଭିନ୍ନ ସେବା ପାଇଁ ପୃଥକ ପାସୱାର୍ଡ ବଜାୟ ରଖିବା ହେଉଛି ସବୁଠାରୁ ପ୍ରଭାବଶାଳୀ ପ୍ରତିରକ୍ଷା ପଦକ୍ଷେପ। ସନ୍ଦେହଜନକ ଇ-ମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଲିଙ୍କ୍ ଉପରେ କ୍ଲିକ୍ ନ କରିବାକୁ କୁହାଯାଇଛି। ବର୍ତ୍ତମାନ ସାଇବର ଅପରାଧୀମାନେ ଠକେଇ କରିବା ପାଇଁ ନୂତନ କୌଶଳ ଅବଲମ୍ବନ କରୁଛନ୍ତି। ଡିଜିଟାଲ୍ ଆରେଷ୍ଟ, ଋଣ ଆପ୍ ଠକେଇ ଏବଂ ଆର୍ଥିକ ଠକେଇ ଘଟଣା ବୃଦ୍ଧି ପାଉଛି। ବୟସ୍କ ଲୋକମାନେ ସାଇବର ଅପରାଧୀଙ୍କ ଦ୍ୱାରା ସର୍ବାଧିକ ଟାର୍ଗେଟ୍ ହେଉଛନ୍ତି। ଠକମାନେ ଡକ୍ୟୁମେଣ୍ଟ ଅପଡେଟ୍ କରିବା, ଉପହାର ପଠାଇବା ଏବଂ ଲିଙ୍କ୍ ପଠାଇବା ଭଳି ଅନେକ ପ୍ରସ୍ତାବ ମାଧ୍ୟମରେ ଡାଟା ଚୋରି କରୁଛନ୍ତି ଏବଂ ଆକାଉଣ୍ଟ ଖାଲି କରୁଛନ୍ତି।

ଏହି ଠକେଇ ପ୍ରସ୍ତାବରେ ଷ୍ଟକ୍ ବଜାରରେ ଲାଭର ପ୍ରଲୋଭନ, ଅନଲାଇନ୍ ବାଣିଜ୍ୟ, ଘରେ ଚାକିରି, ଅନଲାଇନ୍ ପାର୍ସଲ୍ ଅଫର୍ ଏବଂ ମୋବାଇଲ୍ ହ୍ୟାକିଂ ଅନ୍ତର୍ଭୁକ୍ତ। ଏପରି ଘଟଣା ମଧ୍ୟ ଘଟିଛି, ଯେଉଁଠାରେ ଓଟିପି ନ ମାଗି ଆକାଉଣ୍ଟରୁ ଟଙ୍କା ଉଠାଯାଇଛି।

# ୨୪ ନୂଆ ଏନ୍‌ଏସି ପାଇଁ ଚୂଡ଼ାନ୍ତ ସୂଚୀ ପ୍ରକାଶ

### ୫ ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ଜାରି

■ ଭୁବନେଶ୍ୱର,୨୨।୧୨(ସମିସ): ରାଜ୍ୟରେ ଆଉ ୨୪ ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ଚୂଡ଼ାନ୍ତ ଓ ୫ ଟି ମ୍ୟୁନିସିପାଲିଟି ପାଇଁ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଛି। ଏହି ନୂତନ ଏନ୍‌ଏସି ପାଇଁ କିଛି ମାସ ପୂର୍ବେ ଚିଠା ବିଜ୍ଞପ୍ତି ତାଲିକା ପ୍ରକାଶ ପାଇଥିଲା। ଏହାପରେ ସରକାର ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସୋମବାର ଚୂଡ଼ାନ୍ତ ବିଜ୍ଞପ୍ତି ତାଲିକା ପ୍ରକାଶ କରିଛନ୍ତି। ଏବେ ପ୍ରକାଶିତ ୫ଟି ମ୍ୟୁନିସିପାଲିଟି ପାଇଁ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଏହି ତାଲିକାରେ ମୋଟ୍ ୧୪ ଟି ଜିଲ୍ଲାରେ ୨୪ ଟି ନୂତନ ଏନ୍‌ଏସି ଗଠନ ସ୍ପଷ୍ଟ ହୋଇଛି। ଏହାସହିତ ୩ଟି ଜିଲ୍ଲାରେ ୫ ଟି ମ୍ୟୁନିସିପାଲିଟିଗଠନ ନେଇ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଜାରି ଏନ୍‌ଏସି ତାଲିକା ଅନୁଯାୟୀ ଅନୁଗୁଳ ଜିଲ୍ଲାର ପାଲଲହଡ଼ା, ବାଲେଶ୍ୱର ଜିଲ୍ଲାର ସିମୁଳିଆ, ବରଗଡ଼ର ସୋହେଲା, ଭଦ୍ରକ ଜିଲ୍ଲାର ତିହିଡ଼ି ଓ ଧୁସୁରୀ, କଟକ ଜିଲ୍ଲାର ସାଲେପୁର, ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ▶ପୃଷ୍ଠା-୭



୧୦% କମିଶନ ସାଧାରଣ କଥା

## ଦଳୀୟ ନେତାଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପରାମର୍ଶ

# ୫% କମିଶନରେ କାମ ଚଳାଅ

■ ପାଟନା, ୨୨।୧୨ (ଏଜେନ୍ସି): ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଜିତନ ରାମ ମାନ୍‌ଝୀ ନିଜ ଦଳର ବିଧାୟକ ଏବଂ ସାଂସଦଙ୍କୁ କମିଶନ ନେବାକୁ ପରାମର୍ଶ ଦେଇଛନ୍ତି। ୧୦% ନ ମିଳିଲେ ୫ ପ୍ରତିଶତ କମିଶନରେ ଚଳାଇବାକୁ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟ କ୍ଷମତାସୀନ ଏନ୍‌ଡିଏ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ଦୁର୍ନୀତି ଏବଂ କମିଶନର କଳାକାରନାମା ଚାଲିଛି ବୋଲି ଆରଜେଡି ଅଭିଯୋଗ କରିଛି। ସୂଚନା ▶ପୃଷ୍ଠା-୭

# ରାଜଧାନୀରେ ୧୫ ମାଓବାଦୀ

## ଦିନେ ଦୁଇଦିନ ମଧ୍ୟରେ କରିବେ ଆତ୍ମସମର୍ପଣ

■ ଭୁବନେଶ୍ୱର,୨୨।୧୨ (ସମିସ): ରାଜଧାନୀ ଆସିଛନ୍ତି ୧୫ ଜଣ ମାଓବାଦୀ। ଆତ୍ମସମର୍ପଣ ନିମନ୍ତେ ଆଗ୍ରହ ପ୍ରକାଶ କରିଥିବା ମାଲକାନଗିରି ଜିଲ୍ଲାର ଏହି ମାଓବାଦୀମାନଙ୍କୁ ପୁଲିସ ଆତିଥେୟତା ଦେଉଛି। ଦିନେ ଦୁଇଦିନ ମଧ୍ୟରେ ସରକାରଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିବେ ବୋଲି ସୂଚନା ମିଳିଛି।


ଦେଶକୁ ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓମୁକ୍ତ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ମାଓ ଅଧ୍ୟୁଷିତ ଅଞ୍ଚଳରେ ଯବାନମାନେ ଦିନରାତି ନିଜର ଅଭିଯାନରେ ଲାଗିପଡିଛନ୍ତି। ଆତ୍ମସମର୍ପଣ କରୁଥିବା ମାଓବାଦୀମାନଙ୍କୁ ସରକାର ଭଲରାସ୍ତାରେ ବଞ୍ଚିବା ପାଇଁ ସାମାଜିକ ଓ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଟପ୍ କ୍ୟାଡର୍ ମାଓନେତାମାନେ ଟାର୍ଗେଟ୍‌ରେ ଥିବାରୁ ଏନ୍‌କାଉଣ୍ଟର୍ ଭୟରେ ଜଣେ ପରେ ଜଣେ କ୍ୟାଡର୍ ମୁଖ୍ୟସ୍ରୋତକୁ ଫେରୁଛନ୍ତି। ▶ପୃଷ୍ଠା-୭

## ଅଘଟଣ ନା ଷଡ଼ଯନ୍ତ୍ର

# ମା’ ସମେତ ୨ ପୁଅ ମୃତ

■ ଅନୁଗୋଳ/ହିନ୍ଦୋଳ, ୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ଏକ ଦୁଃଖଦ ଘଟଣା ଘଟିଛି। ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ କଣ୍ଟାବଣିଆ ଥାନା ଅନ୍ତର୍ଗତ ଅସନବଣିଆ ଗ୍ରାମରେ ମା’ ସମେତ ଦୁଇ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗାଁର ଅନ୍ତର୍ଯ୍ୟାମୀ ସାହୁଙ୍କ ସ୍ତ୍ରୀ ଗୋଲାପ ସାହୁ (୫୦), ତାଙ୍କ ପୁଅ ପିଣ୍ଟୁ ସାହୁ (୩୨) ଓ ଲିଟୁ ସାହୁ (୨୪)। କଣ୍ଟାବଣିଆ ପୁଲିସ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଖାଦ୍ୟରେ ବିଷକ୍ରିୟା କିମ୍ବା ଅଣନିଃଶ୍ୱାସୀ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ବେଳେ ଏହା ପଛରେ ଅନ୍ୟ କିଛି ଷଡ଼ଯନ୍ତ୍ର ଥାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ।

ସୂଚନାନୁଯାୟୀ, ଅନ୍ତର୍ଯ୍ୟାମୀ ଦୁଇଟି ବିବାହ କରିଛନ୍ତି। ଦ୍ୱିତୀୟ ପତ୍ନୀ ବିନୋଦିନୀ ସାହୁ ଗତକାଲି ସଂଧ୍ୟାରେ ରୋଷେଇ କରିଥିଲେ। ସମସ୍ତେ ରାତିରେ କୁକୁଡ଼ା ମାଂସ ତରକାରୀ ଓ ସଜନା ଶାଗ ଖାଇ ଶୋଇଥିଲେ। ବିନୋଦିନୀ ଓ ତାଙ୍କ ପୁଅ ଗୋଟିଏ ରୁମ୍‌ରେ ଶୋଇଥିବା ବେଳେ ଅନ୍ୟ ଏକ ରୁମ୍‌ରେ ଦୁଇ ପୁଅଙ୍କ ସହ ଗୋଲାପ ଶୋଇଥିଲେ। ଅନ୍ତର୍ଯ୍ୟାମୀ ବାହାରେ ଶୋଇଥିଲେ। ଥଣ୍ଡାରୁ ବର୍ତ୍ତିବା ପାଇଁ ଗୋଲାପ ଓ ତାଙ୍କ ଦୁଇ ପୁଅ କୋଇଲାରେ ଆଞ୍ଚ କରି ନିଆଁ ଜାଳି ଶୋଇଥିଲେ। ଆଜି ସକାଳେ ଗୋଲାପ ଓ ତାଙ୍କ ଦୁଇ ପୁଅ ଅଚେତ ହୋଇ ପଡ଼ିଥିବା ଦେଖି ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପଡ଼ୋଶୀଙ୍କ ସହାୟତାରେ ସେମାନଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ▶ପୃଷ୍ଠା-୭



## ନିଯୁକ୍ତି ବୟସ ସୀମା ବୃଦ୍ଧି ଭେଳିକି

# ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ନାହିଁ

### ୪୨ ବର୍ଷ କରିବାକୁ ନାରାଜ ସରକାରୀ ପିଏସ୍‌ୟୁ

### ଆଇନ ସଂଶୋଧନରେ ତ୍ରୁଟି ଦର୍ଶାଇଲା ଓଏଚ୍‌ପିସି



■ ଭୁବନେଶ୍ୱର,୨୨।୧୨(ସମିସ): ନିଯୁକ୍ତି ପାଇଁ ଆବେଦନ ବୟସ ସୀମା ବଢ଼ାଇ ୪୨ ବର୍ଷ କରିଛନ୍ତି ସରକାର। ମାତ୍ର ଏହାକୁ ମାନୁ ନାହାନ୍ତି ସରକାରୀ ଉଦ୍ୟୋଗ ବା ପିଏସ୍‌ୟୁ। ନୂତନ ଆଇନ୍‌କୁ ପୁନଃ ସଂଶୋଧନ କରା ନ ଗଲେ ପିଏସ୍‌ୟୁମାନେ ସରକାରଙ୍କ ଏହି ନିୟମକୁ ପାଳନ କରିବେ ନାହିଁ ବୋଲି ମଧ୍ୟ ରୋକଠୋକ୍ ଶୁଣାଇଛନ୍ତି। ଏପରିକି ନିକଟରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିରେ ବୟସ ସୀମା ୩୨ ବର୍ଷ ରଖାଯାଇଥିବାରୁ ବହୁ ଆଶାୟୀ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ବୟସ ବୃଦ୍ଧିକୁ ନେଇ ସରକାର ଓ ସରକାରୀ ଉଦ୍ୟୋଗ ମଧ୍ୟରେ ତାଳମେଳ ରହୁନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣ ସଭାରେ ସମସ୍ତ ପ୍ରକାର ନିଯୁକ୍ତି ପାଇଁ ବୟସ ୪୨ ବର୍ଷକୁ ବୃଦ୍ଧି କରାଯାଇଥିବା କହୁଛନ୍ତି। ଏହାକୁ ଏକ ଐତିହାସିକ ନିଷ୍ପତ୍ତି ବୋଲି ମଧ୍ୟ ସରକାର କହୁଛନ୍ତି। ଅପରପକ୍ଷରେ ଓଏଚ୍‌ପିସି ପକ୍ଷରୁ ଗତ ନଭେମ୍ବର ୭ ତାରିଖରେ ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ରଖାଯାଇଛି। ଏ ସମ୍ପର୍କରେ ଓଏଚ୍‌ପିସିର ବରିଷ୍ଠ ଅଧିକାରୀଙ୍କ କହିବା କଥା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିଯୁକ୍ତି ସଂକ୍ରାନ୍ତୀୟ ଆଇନ୍।ରେ କରାଯାଇଥିବା ସଂଶୋଧନରେ ତ୍ରୁଟି ରହିଛି। ସଂଶୋଧିତ ନିୟମରେ ଅନ୍ୟ ସମସ୍ତ ନିଯୁକ୍ତି ▶ପୃଷ୍ଠା-୭

## ଗୋଲାମୁଣ୍ଡା ବ୍ଲକରେ ଅଭିଯୋଗ ଶୁଣାଣି

**ଗୋଲାମୁଣ୍ଡା/ଧର୍ମଗଡ଼, ୨୨।୧୨ (ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ତରଫରୁ ଗୋଲାମୁଣ୍ଡା ବ୍ଲକ ସ୍ଥିତ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ପରିଷଦ ଉନ୍ନୟନ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଏସପି ଶୁଭ୍ରାଂଶୁ ମିଶ୍ର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ତହସିଲଦାର ଚନ୍ଦନ ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସମେତ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପଞ୍ଚାୟତ ବିଭାଗ, ସମନ୍ୱୟ ଶିଶୁ ପ୍ରକଳ୍ପ ବିଭାଗ, ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସମାଜ ମଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ ସମେତ ଅନ୍ୟ ବିଭାଗର ଜିଲ୍ଲା ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତ ଆସିଥିବା ହିତାଧିକାରୀ ଅଭିଯୋଗ ପଞ୍ଜିକରଣ କରିବା ପରେ ଜିଲ୍ଲାପାଳ ଙ୍କୁ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ କାରୀଙ୍କ ଅଭିଯୋଗ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବାକୁ ଘଟଣାସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୭୨ଟି ଅଭିଯୋଗ ଦାଖଲ ହୋଇଥିଲା। ମନରେଗା ଯୋଜନା ସମ୍ବନ୍ଧୀୟ ୨୧ଟି, ପାନୀୟ ଜଳ ସମ୍ବନ୍ଧୀୟ ୧ ଓ ଅନ୍ୟାନ୍ୟ ୫୦ଟି ଅଭିଯୋଗପତ୍ର ଦାଖଲ ହୋଇଥିବା ବେଳେ ୨୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।



## ଶୀତଳଭଣ୍ଡାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଳମପୁର, ୨୨।୧୨(ସମିସ)**

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ନେଇ ସରକାରଙ୍କ ପଦକ୍ଷେପକୁ ଅପେକ୍ଷା କରିଛନ୍ତି। ହେଲେ ବର୍ଷ ବର୍ଷ ଅପେକ୍ଷା ପରେ ମଧ୍ୟ ସମସ୍ୟା ଗୁଡ଼ିକର ସମାଧାନ ହୋଇପାରୁନାହିଁ। କଳମପୁର ଗୋଷ୍ଠୀ

### କେବେ ଶୌଚାଳୟ ଓ ଶବ ବ୍ୟବଚ୍ଛେଦ ସମସ୍ୟା ଦୂରହେବ

ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଳମପୁରବାସୀଙ୍କ ସମେତ ଆଖପାଖ ବ୍ଲକର ରୋଗୀ ନିର୍ଭର କରି ଆସୁଛନ୍ତି। ଦୈନିକ ଦୁର୍ଘଟଣା ଖବର ଲୋକଲୋଚନକୁ ଆସୁଥିବା ବେଳେ ମୃତକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଛି। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ସବୁକିଛି ବ୍ୟବସ୍ଥା କଳମପୁରରେ ରହି ଥିବା ସତ୍ତ୍ୱେ କେବଳ ଶବ ବ୍ୟବଚ୍ଛେଦ ଲାଗି ଅନ୍ୟ ବ୍ଲକର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ଏନେଇ ଲୋକେ ବାରମ୍ବାର ଦାବି କରି ଆସୁଛନ୍ତି ହେଲେ ସୁଫଳ ଏଯାଏଁ ମିଳିପାରିନାହିଁ। ସେହିଭଳି କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥ୍ରୀଫେଜ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଅନେକ ଦିନ ହେଲା ବିଭିନ୍ନ ଯନ୍ତ୍ରପାତି ଅଚଳ ହୋଇ ପଡ଼ି ରହିଛି। ଟେକ୍ନିସିଆନମାନେ ବସି ବସି ଦରମା ନେଉଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏନେଇ ଲଜ୍ଜା ଜନକ ବିଷୟ ବୋଲି କହିଥିଲେ। ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳ ନିର୍ଦ୍ଦେଶ ଶିତଳ ଭଣ୍ଡାରକୁ ଚାଲି ଯାଇଛି। କଳମପୁର ସଦରମହକୁମାରେ ବସ୍ଷ୍ଟାଣ୍ଡ ନାହିଁ ଫଳରେ ଯାତ୍ରୀମାନେ ଅସୁବିଧା ଭୋଗ କରି ଆସୁଛନ୍ତି। ବିଶେଷ କରି ମହିଳା ବହୁତ ଅସୁବିଧା ଭୋଗୁଛନ୍ତି, କାରଣ ବସ୍ଷ୍ଟାଣ୍ଡ ନ ଥିବାରୁ ରାସ୍ତା କଡ଼ରେ କୌଣସି ପ୍ରକାରେ ଅପେକ୍ଷା କରୁଛନ୍ତି। ହେଲେ ଶୌଚାଳୟ ପାଇଁ ସ୍ଥାନ ନ ଥିବାରୁ ଦୂର ଦୁରାନ୍ତରରୁ ଫେରୁଥିବା ମହିଳା ଯାତ୍ରୀମାନେ ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ କଳମପୁର ପଞ୍ଚାୟତ ତରଫରୁ ୧୩ଲକ୍ଷ ଟଙ୍କା ଆସିଥିବା କୁହାଯାଇ ଥିଲା, ସେ ଟଙ୍କା କୁଆଡେ ଗଲା, ତାହା କେହି ଜାଣି ନାହାଁନ୍ତି। ଏବେ ପଞ୍ଚାୟତ ସମିତି ପକ୍ଷରୁ ଶୌଚାଳୟ ପାଇଁ ଅନୁଦାନ ଆସିଥିବା କୁହାଯାଉଛି। ଦୁର୍ଗା ମଣ୍ଡପ ନିକଟରେ ଥିବା ପୁରୁଣା ପାନ୍ଥ ଘରକୁ ଭାଙ୍ଗି ସେଠାରେ ଶୌଚାଳୟ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ଓ ରାଜସ୍ୱ ବିଭାଗ ଆସି ମାପଚୁପ କରି ଫେରି ଯାଇଛନ୍ତି। ହେଲେ ଏଯାଏଁ କିଛି ବି କାମ ଆରମ୍ଭ କରାଯାଇ ନାହିଁ।କେବେ ପ୍ରମୁଖ ସମସ୍ୟା କେବେ ଦୂରିଭୁତ ହେବ ଲୋକ ଅନାଇ ବସିଛନ୍ତି।




## ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ୪ ଗୁରୁତର



**କୋକସରା, ୨୨।୧୨(ସମିସ):** କୋକସରା ବ୍ଲକ ଟେମରା ଗ୍ରାମରେ ରନ୍ଧନ ଗ୍ୟାସ୍ ଲିକେଜ୍ ହୋଇ ନିଆଁ ଲାଗି ଯିବାରୁ ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ଦେବାର ସୁନାନୀ, ଦୁଷ୍ମନ୍ତ ସୁନାନୀ, ବିକାଶ ସୁନାନୀ ଓ ଭୀମସେନ ପାଣିଗ୍ରାହୀ। ସୂଚନା ଅନୁସାରେ ସୋମବାର ସକାଳୁ ଦେବରାଜ ସୁନାନୀଙ୍କ ଘରେ ଗ୍ୟାସ ସିଲିଣ୍ଡର ଲିକେଜ ହେଇ ଚାରି ଆଡେ ଗ୍ୟାସ୍ ବ୍ୟାପି ଯାଇଥିଲା। ଏହା ପରେ କୌଣସି ଠାରୁ ନିଆଁ ଲାଗି ବିସ୍ଫୋଟକ ହୋଇଥିଲ। ଫଳରେ ପରିବାର ୪ ଜଣ ଲୋକ ଆହତ ହୋଇଥିଲେ। ସମସ୍ତଙ୍କୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରା ଯାଇଥିବା ସୂଚନା ମିଳିଛି।

## ଏମ୍‌ଜିଏନ୍‌ଆର୍‌ଜିଏସ୍ ନାମ ପରିବର୍ତ୍ତନକୁ ବିରୋଧ




**ଭବାନୀପାଟଣା, ୨୨।୧୨(ସମିସ):** ଦେଶର ସର୍ବ ବୃହତ ଶ୍ରମିକ ନିଯୁକ୍ତି ଯୋଜନା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମନରେଗା)କୁ କେନ୍ଦ୍ର ସରକାର ନାମ ପରିବର୍ତ୍ତନ କରିଥିବା ସହ ଯୋଜନାକୁ ହୀନ ଚିନ୍ତାଧାରା କରିଥିବା କାରଣରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି କଂଗ୍ରେସ। ଏହାକୁ ଭିତ୍ତିକରି ରାଜ୍ୟରେ ଚର୍ଚ୍ଚା ଚାଲିଥିବା ସହ ମୋଦୀ ସରକାର ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ଗଣଧାରଣା ଦିଆଯାଇ ଥିଲା। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀଙ୍କ ନାମ ହଟେଇବା ଓ ବିକୃତ କରିଥିବା ଘଟଣାକୁନେଇ ବକ୍ତାମାନେ କଟୁ ସମାଲୋଚନା କରିଥିଲେ। ପ୍ରତିବାଦ ସଭାରେ ଉପ ସଭାପତି ଉଛବ ସାହୁ, ଭାରତ ଭୂଷଣ ବେମାଲ, ସରୋଜ ବାଗ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାଖୁଡ, ମହମ୍ମଦ ସାହେବ, ମୁରଲୀ ନାୟକ, ସୁବାଷ ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ୧୮ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ର ଯାତ୍ରା



**ଭବାନୀପାଟଣା, ୨୨।୧୨(ସମିସ):** ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟ ପକ୍ଷରୁ ୧୮ ଜଣ ଶ୍ରଦ୍ଧାଳୁ ପଣ୍ଡିତ ମଙ୍ଗୁଲୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସନ୍ଥ ଜଗନ୍ନାଥ ଦାଶଙ୍କ ମାର୍ଗଦର୍ଶନରେ ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, ମଧୁ ସୁଦାନ ବେହେରା, ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, କମ୍ପୁପାଣି ପରିଛା, ନଗେନ୍ ମହାରଣା, କାଳୀ ପ୍ରସାଦ ଡାକୁଆ, ରବିଚନ୍ଦ୍ର ଆରୁଖ, ଭାଗିରଥି ମହାରଣା, ଭଗବାନ ବିଶୋଇ, ଜଗବନ୍ଧୁ ବେହେରା, ଜଗନ୍ନାଥ ମହାରଣା, ସନ୍ତୋଷ ନାୟକ, ସଚ୍ଚିଦାନନ୍ଦ ମହାଖୁଡ଼, କ୍ଷିରସିନ୍ଧୁ ପ୍ରଧାନ ଓ ବିକାଶ ସାହୁ ସୋମବାର ସକାଳେ ଭୋଇଗୁଡା ଧବଳେଶ୍ୱର ମନ୍ଦିର ଠାରେ ପୂଜାର୍ଚ୍ଚନା ପୂର୍ବକ ଶମ୍ଭୁ ନଗର, ପୁରୁଣାପଡ଼ା, ପରଦେଶୀ ପଡ଼ାର ସମସ୍ତ ଦେବଦେବୀଙ୍କ ଆଶିର୍ବାଦ ନେଇ ଶ୍ରୀକ୍ଷେତ୍ର ଧାମକୁ ଯାତ୍ରା ଆରମ୍ଭ କରିଥିଲେ। ଦିନକୁ ୨୫ ରୁ ୩୦ କି.ମି ଯାତ୍ରା କରିବାକୁ ଲକ୍ଷ୍ୟ ରଖାଯାଇଥିବା ଧବଳେଶ୍ୱର ମନ୍ଦିରଟ୍ରଷ୍ଟ ମୁଖ୍ୟ ସଚ୍ଚିଦାନନ୍ଦ ମହାଖୁଡ ପ୍ରକାଶ କରିଥିଲେ। ଅନେକ ଶୁଭେଚ୍ଛୁ, ହୃଦୟବାନ ବ୍ୟକ୍ତି ଶ୍ରଦ୍ଧାଳୁଙ୍କ ନିକଟରେ ପହଁଞ୍ଚି ଫଳ, ପାନୀୟ, ଖାଦ୍ୟ, ଲାୟନ୍ସ କ୍ଲବ୍ ପକ୍ଷରୁ ରମେଶ ଅଗ୍ରୱାଲ ସତ୍ତ୍ୱିକ ଆସି କମ୍ବଳ, ପିନ୍ଧିବାକୁମୋଜା ଇତ୍ୟାଦି ସେବା ପ୍ରଦାନ କରିଥିଲେ। ପ୍ରାୟ ୧୮ ଦିନରେ ପୁରୀ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଥିବା କମ୍ପୁପାଣି ପରିଛା ପ୍ରକାଶ କରିଛନ୍ତି।

### ଡିଗ୍ରୀ ନୁହେଁ ଭଲ ମଣିଷ ହେବା ଆବଶ୍ୟକ

## ହାଇଟେକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୨।୧୨ (ସମିସ):** ଛାତ୍ର ଜୀବନରେ ମେଧାଶକ୍ତି ସହିତ ସତ୍ୟ ଓ ସାଧୁତା, ନିର୍ଭିକତା ଓ ସ୍ୱଷ୍ଟବାଦିତା ହେଲେ ନିଶ୍ଚିତଭାବେ ପ୍ରତିଷ୍ଠା ମିଳିବ ଏଥିରେ ସନ୍ଦେହ ନାହିଁ। ସମାଜରେ ଉତ୍ତମ ବ୍ୟକ୍ତିତ୍ୱ ଭାବେ ନିଜ ପରିଚୟ ତିଆରି କରିବାରେ ବାଧା ଉପୁଜିବ ନାହିଁ ବୋଲି ନିମନ୍ତ୍ରିତ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଭବାନୀପାଟଣା ସହର ଉପକଣ୍ଠରେ ଥିବା ହାଇଟେକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ କଳାଦର୍ଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ଓ ବାଗ୍ମୀ ଡ.ଉମେଶଚନ୍ଦ୍ର ଶତପଥି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଗିରୀଶ ଚନ୍ଦ୍ର ବେହେରା, ଅଧ୍ୟକ୍ଷ ସତ୍ୟଜିତ କର ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ମିଶ୍ର, କାଳୀ ପଟ୍ଟନାୟକ, ସ୍କୁଲର ସହକାରୀ ଭି.ସୁରେନ୍ଦ୍ରନାଥ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ଅଧ୍ୟକ୍ଷା ଅଞ୍ଜନା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ସ୍କୁଲର ହେଡ୍ ଗାର୍ଲ କିର୍ତ୍ତୀ ଛତ୍ରିଆ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସୌରଭ ପ୍ରକାଶ ପଣ୍ଡା ଓ ସ୍ୱାତୀ ଶତପଥି ସଭା ପରିଚାଳନା କରିଥିବା ବେଳେ ରାଘବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଝାନସୀ ମିଶ୍ର, ପ୍ରିୟଙ୍କା ମିଶ୍ର, ରଶ୍ମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।




## କାଳୀ କୃଷ୍ଣ ସଂଘର 'ଦୀକ୍ଷା' କାର୍ଯ୍ୟକ୍ରମ



**କୋକସରା, ୨୨।୧୨ (ସମିସ):** ସଦ୍ ଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ପ୍ରତିଷ୍ଠିତ କାଳୀ କୃଷ୍ଣ ସଂଘ ପକ୍ଷରୁ କୋକସରା ବ୍ଲକ ଗମ୍ଭାରୀଗୁଡାରେ ଦୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂଘ ପ୍ରମୁଖ ଜଗଦାନନ୍ଦ ଜୀ ଯୋଗଦେଇ ଦୀକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗମ୍ଭାରୀଗୁଡା ଶାଖା ସଂଘର ଉଦ୍ୟମରେ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଦର୍ଶନରେ ଅନୁପ୍ରାଣୀତ ହୋଇ ୩୮ ଜଣ ଭାଇ, ଭଉଣୀଙ୍କୁ ଜଗଦାନନ୍ଦଜୀ ମହାରାଜ ମନ୍ତ୍ର ପ୍ରଦାନ କରି, ବିଧି ବିଧାନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।'ଦୀକ୍ଷା'କାର୍ଯ୍ୟକ୍ରମ ପରିଚାଳନାରେ ଗିରିଜାନନ୍ଦ, ପ୍ରିୟାନନ୍ଦ, ମୁକୁନ୍ଦାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ ଦାୟିତ୍ୱ ନିର୍ବାହ କରିଥିଲେ। ଗମ୍ଭାରୀଗୁଡା କାଳୀ କୃଷ୍ଣ ଶାଖା ସଂଘ ସଭାପତି ପଦ୍ମଲୋଚନ ପଟେଲ, ସମ୍ପାଦକ ଗୋକୁଳ ବାରିକ, ପତ୍ରିକା ସମ୍ପାଦକ ମହେନ୍ଦ୍ର କୁମାର ବାରିକ, କୋଷାଧ୍ୟକ୍ଷ ଚୈତନ୍ୟ ରଣା ଓ ସଂଘ କର୍ମକର୍ତ୍ତା ସମେତ ମହିଳାମାନେ ଉପସ୍ଥିତ ଥିଲେ।ଦିଗବଳ ଭାଟି, ଅଶ୍ୱିନ କୁମାର ପଟେଲ, ଇନ୍ଦ୍ରମଣି ନାୟକ, ଯୋଗିନ୍ଦ୍ର ପଟେଲ, ରଘୁମଣି ପଟେଲ, ଡମ୍ବରୁଧର ପଟେଲ, ରଜେଶ୍ୱର୍ ପଟେଲ, ତରୁଣୀ ଶବର, ଜିତେନ୍ଦ୍ର ଲହଜଲ, ଦିଗସନ୍ ଲହଜାଲ, ଫକୀର ଗହିର, ଅଶୋକ ଲହଜଲ, ଧନେଶ୍ୱର ଶବର, ଅଜିତ ଶବର, ମୋହନ ହଂସ, ରାମେଶ୍ୱର ତାଣ୍ଡି, ଦେବରାଜ ରାଉତ ସବିତା ଲହଜଲ୍ ଶିବାନୀ ଭାଟି ମନ୍ଦାକିନୀ ବାରିକ, ମଧୁକଲା ବାରିକ, ପୂର୍ଣ୍ଣିମା ଲହଜଲ, ସରସ୍ୱତୀ ବାଗ, ସୁଲୋଚନା ପଟେଲ, ତନୁର୍ଜ ହଂସ, ପୂଜା ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା

## ଛତିଶଗଡ଼କୁ ହରାଇ ଓଡ଼ିଶା ଚାମ୍ପିଅନ

**କେସିଙ୍ଗା, ୨୨।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଭଲିବଲ ଆସୋସିଏସନ୍ ପକ୍ଷରୁ ଦ୍ୱିତୀୟ ରାଜ୍ୟ ସ୍ତରୀୟ ଦିବାରାତ୍ରି ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି।ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ୬ ଟି ଦଳ ଭାଗ ନେଇଥିଲେ। ରବିବାର କେସିଙ୍ଗାର ପୂର୍ବତନ ନଗରପାଳ ତଥା ଅଞ୍ଚଳର ବରିଷ୍ଠ ଚିକିତ୍ସକ ଡାକ୍ତର ହେମସାଗର ସାହା ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଲିଗ୍ ବେସିସରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଫାଇନାଲ ଖେଳ ଓଡ଼ିଶାର ବରଗଡ଼ ଏବଂ ଛତିଶଗଡ଼ର ରାଇଘର ଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଶେଷରେ ବରଗଡ଼ ଦଳ ରାଇଗଡ଼ ଦଳକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ।ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ନର୍ଲା ବ୍ଲକ ଅଧ୍ୟକ୍ଷ ମୁନା ମହାନ୍ତି ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ନଗଦ ୨୦ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ଭଲିବଲ ଆସୋସିଏସନ୍‌ର ସଭାପତି ଅଶ୍ୱିନୀ ପାଇକରାଏ, ଉପସଭାପତି ଧିରଜ ଅଦ୍ରୱାକ, ସମ୍ପାଦକ ସିଲୁ ପରିଡ଼ା, କୋଷାଧ୍ୟକ୍ଷ ବିକାଶ ଜୈନ, ସହସମ୍ପାଦକ ବଜରଙ୍ଗ ଜୈନ, ପି କେ ପାଠି ପ୍ରମୁଖ ଉପସ୍ଥିତ ଥିବା ବେଳେ ବି ଚନ୍ଦ୍ରଶେଖର ଆଚାରୀ ଓ ରଞ୍ଜନ କୁମାର ପଣ୍ଡା ମଞ୍ଚ ପରିଚାଳନା ସହ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



## ୧୭ ବର୍ଷରୁ କମ୍ ଓଡ଼ିଶା ଫୁଟବଲ ଦଳରେ ହସ୍ତରୀ ଶବର



**କେସିଙ୍ଗା, ୨୨।୧୨ (ସମିସ):** କଳାହାଣ୍ଡି ଇତିହାସରେ ପ୍ରଥମ ଥର କେସିଙ୍ଗା ବ୍ଲକ ଦେଓଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ହସ୍ତରି ଶବର ହଲତ ଝାରଖଣ୍ଡରେ ହେଉଥିବା ଜାତୀୟ ସ୍କୁଲ ଖେଳ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ଓଡ଼ିଶା ଫୁଟବଲ ଦଳରେ ସାମିଲ ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି ଉକ୍ତ ଜାତୀୟ ସ୍କୁଲ ଖେଳ ପ୍ରତିଯୋଗିତା ଡିସେମ୍ବର ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଦେଓଗାଁ ଭଳି ଉପାନ୍ତ ଅଞ୍ଚଳରୁ ଆସି ଆଜି କଳାହାଣ୍ଡି ଜିଲ୍ଲା ପାଇଁ ଇତିହାସ ସୃଷ୍ଟି କରିଥିବା ହସ୍ତରୀ ଶବରଙ୍କ ମାଁ ଙ୍କ ନାମ ଅହଲ୍ୟା ଶବର ଓ ବାପାଙ୍କ ନାମ ଆନନ୍ଦ ଶବର। ଖବର ପ୍ରସାରଣ ହେବା ପରେ କେସିଙ୍ଗାରେ ଖୁସିର ଲହରୀ ଖେଳିଯାଇଛି। କେସିଙ୍ଗା ନଗରପାଳ ନୃପରାଜ ଯାଦବ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତିଙ୍କ ସମେତ ସମସ୍ତ ରାଜନୈତିକ ଦଳର ଟାଉନ ସଭାପତିମାନେ ହସ୍ତରୀ ଶବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**ପାୱାରଗ୍ରିଡ POWERGRID**

**ନୋଟିସ**

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:

କ) ୨୦୨୪–୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

**ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU


### ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

## ମାନସିକ ଚାପ ପରିଚାଳନା କର୍ମଶାଳା

**ଭବାନୀପାଟଣା, ୨୨।୧୨ (ସମିସ):** ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଯୁବକଯୁବତୀଙ୍କ ପାଇଁ ମାନସିକ ଚାପ ପରିଚାଳନା କର୍ମଶାଳା ଆୟୋଜନ କରାଯାଇଛି। କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱ ମୁଣ୍ଡ ବର୍ତ୍ତମାନ ସମୟରେ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ତଥା ଏକ ସୁସ୍ଥ ସମାଜ ଗଠନ କରିବା ଦିଗରେ ଯୁବକଯୁବତୀଙ୍କୁ ଚାପମୁକ୍ତ ହୋଇ ଆଗକୁ କାର୍ଯ୍ୟ କରିବାର ଆବଶ୍ୟକତା ରହିଥିବାରୁ ଏହି ପରିପ୍ରେକ୍ଷୀରେ ଏକ ପରିଚାଳନା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କରୋନା ପରବର୍ତ୍ତୀ ସମୟ ଓ ଯୁବକମାନଙ୍କ ବିକାଶକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ମନୋବିଜ୍ଞାନୀ ଅନାୟତ ମହମ୍ମଦ ଓ ବର୍ଷା ପଧାନ କାର୍ଯ୍ୟକ୍ରମରେ ଯୁବକଯୁବତୀଙ୍କୁ ଚାପମୁକ୍ତ ଜୀବନ ବଞ୍ଚିବାର ଅନେକ ପଥ ଓ ପନ୍ଥା ଦର୍ଶାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ଏନ୍‌ସିସି ଅଧିକାରୀ ସୁଶାନ୍ତ କୁମାର ଦାଶ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କୋଶଲୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ନୂଆପଡ଼ା, ୨୨।୧୨(ସମିସ)**

ସ୍ଥାନୀୟ ପୁଲିସ ପଡ଼ିଆ ରଙ୍ଗମଞ୍ଚରେ କୋସଲୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା କୋସଲୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କୋସଲୀ ସାଂସ୍କୃତିକ ମହୋତ୍ସବର ସାଧାରଣ ସମ୍ପାଦକ ରବି ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ବିଶେଷ ଅତିଥି ଭାବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବକଂଗ୍ରେସ କାର୍ଯ୍ୟକାରୀ ସଭାପତି ଗଣେଶ ସାହୁ, ଖଡ଼ିଆଳ ପୂର୍ବତନ ବ୍ଲକ ଅଧ୍ୟକ୍ଷ କେଶବ ଚନ୍ଦ୍ର ବେହେରା, ବରିଷ୍ଠ ଆଇନଜୀବୀ ଧନୀରାମ ସାହୁ, କୋସଲୀ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁରଜିତସିଂ ମହାରଥା ପ୍ରମୁଖ ମଞ୍ଚାସୀନ ଥିଲେ। କୋସଲୀ ଭାଷାର ପ୍ରଚାର ପ୍ରସାର ସହ କୋସଲି ସାଂସ୍କୃତିକ ମହୋତ୍ସବ ଯେଉଁ ଆରମ୍ଭ କରାଯାଇଛି ନିହାତି ଭାବରେସ୍ୱାଗତ ଯୋଗ୍ୟ ପଦକ୍ଷେପ ମୁଖ୍ୟ ଅତିଥି ପାଣିଗ୍ରାହୀ କହିଥିଲେ। ପଶ୍ଚିମାଞ୍ଚଳର ସମସ୍ତ ପ୍ରାଥମିକ ସ୍କୁଲରେ କୋସଲୀ ଭାଷାକୁ ଗୁରୁତ୍ୱ ଦିଆଯାଉ। ଅନୁଷ୍ଠାନର ସମ୍ପାଦକ ମଙ୍ଗରାଜ ସରକାରଙ୍କ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କୋସଲୀ ଭାଷାକୁ କିପରି ପ୍ରାଧାନ୍ୟ ଦିଆଯିବ ସେଦିଗରେ ପଦକ୍ଷେପ ନେବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଢୋଲକିଆ ମଧ୍ୟ ଜିଲ୍ଲା ତଥା ଅଞ୍ଚଳ ପାଇଁ ଅଣ୍ଟା ଭିଡ଼ିବେବୋଲି କହିଥିଲେ। ଅତିଥିଙ୍କ ବକ୍ତବ୍ୟ ପରେ କୋସଲୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ସଭାପତି ସୁରଜୀତସିଂ ମହାରଥା ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ବିରୋମାଲ ହାଇସ୍କୁଲ, ସାଲିହା ସେବାଶ୍ରମ, ନୂଆପଡ଼ା ମହାମାୟା ପବ୍ଲିକ ସ୍କୁଲ, ନଟରାଜ ଅନୁଷ୍ଠାନ, ଖରିଆରରୋଡ଼ ଜ୍ଞାନଜ୍ୟୋତି ବିଦ୍ୟାଳୟ, ଗୋପବନ୍ଧୁ ହାଇସ୍କୁଲ, ଟାନୱାଟ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଧରମବନ୍ଧା ସରକାରୀ ଏସଏସଡ଼ି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ରାତିରେ ଲୋକପ୍ରିୟ କଣ୍ଠଶିଳ୍ପୀ ଆଶିଷ କୁମ୍ଭାରଙ୍କ ଅର୍କେଷ୍ଟ୍ରା ମୁଖ୍ୟ ଆକର୍ଷଣ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ନାଚି ଝୁମି କାର୍ଯ୍ୟକ୍ରମର ମଜା ନେଇଥିଲେ।



# ବିଡିଓଙ୍କ ନିଷ୍ପତ୍ତିକୁ ବିରୋଧ

## ଜିଲ୍ଲା ମହୋତ୍ସବ ପାଇଁ ବୈଠକ ହୋଇନି; ବ୍ଲକ୍‌ସ୍ତରୀୟ ପାଇଁ ତରତର

## ମନଇଚ୍ଛା ତାରିଖ ଓ ସ୍ଥାନ ଧାର୍ଯ୍ୟ ପାଇଁ ବିବାଦ

ବଲାଙ୍ଗିର/ଲୋଇସିଂହା,୨୨।୧୨(ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକରେ ବିଡିଓଙ୍କ ମନମୁଖୀ କାରବାରକୁ ନେଇ ଅସନ୍ତୋଷ ଲାଗି ରହିଛି। ଏହାକୁ ନେଇ କିଛି ଦିନ ପୂର୍ବରୁ ବିଡିଓ-ବ୍ଲକ ଅଧ୍ୟକ୍ଷ ମୁହାଁମୁହିଁ ହୋଇଥିଲେ। ସୋମବାର ଆଉ ଏକ ବୈଠକକୁ ନେଇ ବିବାଦ ଦେଖାଦେଇଥିଲା। ଆସନ୍ତା ୨ ତାରିଖରେ ବ୍ଲକସ୍ତରୀୟ ଲୋକ ଉତ୍ସବ ପାଇଁ ବିଡିଓ ବୈଠକ ଡାକିଛନ୍ତି। ଏହାକୁ ଅଧ୍ୟକ୍ଷ, ସରପଞ୍ଚ ଓ କଳାକାର ସଂଘ ବିରୋଧ କରିଥିଲେ। ତେବେ ଏଯାଏଁ ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକ ଉତ୍ସବ କେବେ ଆୟୋଜନ ହେବ ସେନେଇ ଜିଲ୍ଲା ପ୍ରଶାସନ ସ୍ଥିର କରିନି। କିଭଳି ଓ କାହା ନିର୍ଦ୍ଦେଶରେ ଲୋଇସିଂହା ବିଡିଓ ଏହି ଉତ୍ସବ ପାଇଁ ବୈଠକ ଡାକିଥିଲେ ସେନେଇ ପ୍ରଶ୍ନ ଉଠିଛି।

ଲୋଇସିଂହା ବ୍ଲକରେ ଆସନ୍ତା ୨ ତାରିଖରେ ବ୍ଲକ ସ୍ତରୀୟ ଲୋକ ଉତ୍ସବ ଆୟୋଜନ ହେବ। ଏଥିପାଇଁ ସୋମବାର ବିଡିଓ ଅକ୍ଷୟ ପାଣି ଉକ୍ତ ବୈଠକ ଡାକିଥିଲେ। ଉପସ୍ଥିତ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ କଳାକାର ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକଉତ୍ସବ ପାଇଁ ବୈଠକ ବସିନାହିଁ କି ତାରିଖ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ବିଡିଓ ନିଜ ହିସାବରେ କେମିତି ଏହି ବୈଠକଲ ଡାକିଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଏବଂ ସରପଞ୍ଚ ମାନେ ପ୍ରଶ୍ନ କରିଥିଲେ। ପୌଷ ପୂର୍ଣ୍ଣିମା ଅବସରରେ ଲୋଇସିଂହା ମହୋତ୍ସବ ଆୟୋଜନ କରାଯାଉଛି। ଏମିତିରେ ଏକା ସାଙ୍ଗରେ କେମିତି ଲୋକ ଉତ୍ସବ ହେବ ବୋଲି ସରପଞ୍ଚମାନେ ପ୍ରଶ୍ନ କରିଥିଲେ। ଶେଷରେ ବୈଠକ ଭଣ୍ଡୁର ହୋଇଛି। ଏନେଇ ବ୍ଲକ କଳାକାର ସଂଘ ପକ୍ଷରୁ ସରୋଜ ବିଶ୍ୱାଳଙ୍କୁ ପଚାରିବାରୁ ୨ ତାରିଖ ପଶ୍ଚିମଓଡିଶାର ଏକ ବଡ ପର୍ବ ପୌଷପୂର୍ଣ୍ଣିମା ରହିଛି। କେମିତି କଳାକାର ମାନେ ଆସିବେ ବୋଲି ସେ କହିଥିଲେ। ସେହିପରି ତାରିଖ ଓ ସ୍ଥାନକୁ ନେଇ ତାଙ୍କ ସହ କୌଣସି ଆଲୋଚନା ହୋଇନି। ବିଡିଓ ନିଜ ମନଇଚ୍ଛା କେମିତି ନିଷ୍ପତ୍ତି ନେଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ସରଗାଡ, ମାଗୁରବେଡା, ହିରାପୁର ଓ ଅନ୍ୟ ପଞ୍ଚାୟତର ସରପଞ୍ଚମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ତେବେ ଏଠି ଏକ ବଡ ପ୍ରଶ୍ନ ହେଉଛି ଲୋଇସିଂହା ବ୍ଲକସ୍ତରୀୟ ଲୋକ ଉତ୍ସବ ଆୟୋଜନ ପାଇଁ ବିଡିଓ ଏତେ ତରତର କାହିଁକି? ଏହ ପଛରେ କିଛି ରାଜନୈତିକ ଅଭିଷନ୍ଧି ରହିଛି କି ? କାହିଁକି ବିଡିଓ ଡାକିଥିବା ବ୍ଲକସ୍ତରୀୟ ଲୋକ ଉତ୍ସବ ଆୟୋଜନ ବୈଠକରେ ଜିଲ୍ଲା ପରିଷଦ ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ସାଂସ୍କୃତିକ ଅନୁଷ୍ଠାନକୁ ସାମିଲ କରି ନ ଥିଲେ? ଏହି ସବୁ ପ୍ରଶ୍ନ ଭିତରେ ମନମୁଖୀ କାରବାର ଓ ରାଜନୈତିକ ଅଭିସନ୍ଧି ରଖି ବିଡିଓଙ୍କ ଲାଭଖୋର ମନୋଭାବ ସ୍ପଷ୍ଟ ହୋଇଛି ବୋଲି ବ୍ଲକ ଅଧ୍ୟକ୍ଷ ଏବଂ ସରପଞ୍ଚମାନେ ଅଭିଯୋଗ କରିଛନ୍ତି।

## ଆଜି ଶୁଳିଆ ଯାତ୍ରା



ବଲାଙ୍ଗିର,୨୨।୧୨(ସମିସ): ଆଜି ବଲାଙ୍ଗିରର ପ୍ରସିଦ୍ଧ ଶୁଳିଆ ଯାତ୍ରା। ପ୍ରତିବର୍ଷ ପୌଷ ମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଦିନ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ମାନସିକଧାରୀମାନେ ଶହ ଶହ ସଂଖ୍ୟାରେ ଶୁଳିଆ ପୀଠକୁ ଆସିଥାନ୍ତି। ଜିଲ୍ଲା ତଥା ଜିଲ୍ଲା ବାହାରର ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ବଲାଙ୍ଗିର ଜିଲ୍ଲା ହେଉଛି ଏକ ଆଦିବାସୀ ବହୁଳ ଜିଲ୍ଲା। ଜଙ୍ଗଲ, ପାହାଡ ଘେରା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ କନ୍ଧମାନଙ୍କ ଚାଲିଚଳଣି, ପରମ୍ପରା ଭିନ୍ନ ରହିଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ଖଇରଗୁଡାରେ ରହୁଥିବା କନ୍ଧ ସଂପ୍ରଦାୟର ଇଷ୍ଟ ଦେବତା ଶୁଳିଆଙ୍କ ଯାତ୍ରା ପ୍ରତି ବର୍ଷ ପୌଷ ମାସ ଶୁକ୍ଳପକ୍ଷର ପ୍ରଥମ ମଙ୍ଗଳବାରରେ ହୋଇଥାଏ । ଖଇରଗୁଡାର ବଡଖଲା, ସାନଖଲା ଓ କୁମରିଆର ନୂଆଖଲାରେ ଏହା ପାଳନ କରାଯାଏ। ପରମ୍ପରା ଅନୁସାରେ ସୋମବାରଠାରୁ ହିଁ ଶୁଳିଆ ପୂଜା ଆରମ୍ଭ ହୋଇଥାଏ। ସୋମବାର ସକାଳ ୧୨ଟାରେ ଦେବ ନିମନ୍ତ୍ରଣ କରାଯାଇଥାଏ। ସଂଧ୍ୟାରେ ଗମ୍ଭୀରା ଭିତରେ ନିଶିପୂଜାରେ ଟାଙ୍ଗିଆ, ଖଣ୍ଡା, ଆଦି ପୂଜା କରାଯାଇଥାଏ। ମଙ୍ଗଳବାର ଭୋରରୁ 'ଦେହୁରୀ' ପୀଠକୁ ଆସି ଶୁଳିଆ ପୂଜା ଆରମ୍ଭ କରିଥାନ୍ତି। ଏଥିପାଇଁ ପୀଠକୁ ପୂର୍ବରୁ ସଫାସୁତୁରା କରାଯାଇଥାଏ। ଶୁଳିଆ ବୁଢାଠାରେ ପରମ୍ପରା ଅନୁସାରେ ପୂଜା ସଂପନ୍ନ ହେବା ପରେ ପାଟବୁକାକୁ ବଳି ଦିଆଯାଏ। କନ୍ଧମାନେ ପାରମ୍ପରିକ ବଜା ବଜାଇ ପାଟବୁକାକୁ ନେଇ ପୀଠକୁ ଆସିଥାନ୍ତି। ଧଳା କୁକୁଡାକୁ ପ୍ରଥମେ ପୂଜା କରାଯାଇଥିବା ଅସ୍ତ୍ରରେ ବଳି ଦେବା ପରେ ଶହ ଶହ ବଳି ପଡିଥାଏ। ପୂଜା ସରିବା ପରେ ବରୁଆମାନଙ୍କ ଦେହରେ ଶୁଳିଆ ବିରାଜମାନ କରିଥାନ୍ତି। ସେମାନଙ୍କ ଆଗରେ ଦେହୁରୀ ବଳି ପକାଇବା ପରେ ବରୁଆମାନେ ରକ୍ତପାନ କରିଥାନ୍ତି। ବିଶେଷ କରି ବଲାଙ୍ଗିର, ବରଗଡ, କଳାହାଣ୍ଡି, କନ୍ଧମାଳ, ନୂଆପଡା, ସୋନପୁର ଭଳି ଜିଲ୍ଲାରୁ ଆସି ଏହି ପୀଠରେ ମାନସିକଧାରୀମାନେ ଛେଳି, କୁକୁଡା, ମଇଁଷି ବଳି ଦେଇ ପୂଜା କରିଥାନ୍ତି।

## ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ବ୍ୟବହାର ଅଭିଯୋଗରେ ଘରୋଇ ଶିକ୍ଷାନୁଷ୍ଠାନ ସମ୍ପାଦକ ଗିରଫ

ବଲାଙ୍ଗିର,୨୨।୧୨(ସମିସ): ବଲାଙ୍ଗିର ସଦାଇପାଲିରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜରେ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ବ୍ୟବହାର ଅଭିଯୋଗରେ ସମ୍ପାଦକଙ୍କୁ ବଲାଙ୍ଗିର ସଦର ପୁଲିସ ଗିରଫ କରିଛି। ଅଭିଯୋଗ ଅନୁସାରେ ଏହି ଘରୋଇ ଶିକ୍ଷାନୁଷ୍ଠାନରେ ୱାର୍ଡେନ ଭାବେ କାର୍ଯ୍ୟରତ ଥିବା ଜଣେ ମହିଳା କର୍ମଚାରୀ ଗତ ୧୯ ତାରିଖରେ ସଦର ଥାନାରେ ସମ୍ପାଦକ ନାରାୟଣ ମିଶ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ସଂପୃକ୍ତ ମହିଳା ଜଣକ ୨୦୨୩ରୁ ଏହି ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଛନ୍ତି। ଗତ ୧୯ ତାରିଖରେ ତାଙ୍କୁ କୁଆଡେ ସମ୍ପାଦକ ଡାକି ଅଶ୍ଳୀଳ ବ୍ୟବହାର କରିଥିଲେ। ଦରମା ବଢାଇବା ଭଳି ଲୋଭ ଦେଖାଇଥିଲେ। ସେ ଏହାକୁ ପ୍ରତିବାଦ କରିବାରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିବା ମହିଳା ଜଣକ ନିଜ ଅଭିଯୋଗରେ ଦର୍ଶାଇଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ସଦର ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ସମ୍ପାଦକ ଶ୍ରୀ ମିଶ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ତେବେ ସଂପୃକ୍ତ ମହିଳା କର୍ମଚାରୀଙ୍କ ନାମରେ ପୂର୍ବରୁ ତାଙ୍କର କାର୍ଯ୍ୟକଳାପକୁ ନେଇ ଅଭିଯୋଗ ରହିଥିଲା। ଏହାକୁ ନେଇ ସମ୍ପାଦକ ଶ୍ରୀ ମିଶ୍ରଙ୍କ ପାଖରେ ଅଭିଯୋଗ ହେବା ପରେ ସେ ତାଗିଦ କରିଥିଲେ। ପ୍ରାୟ ସବୁ ସମୟରେ ତାଙ୍କୁ ଦୟାଭାବ ଦେଖାଇ ଛାଡିଦିଆଯାଉଥିବା ବେଳେ କିଛି ଦିନ ପୂର୍ବରୁ ହୋଇଥିବା ଏକ ଘଟଣାକୁ ନେଇ ମହିଳା କର୍ମଚାରୀଙ୍କୁ ସମ୍ପାଦକ ସଚେତନ କରିଥିଲେ। ଏହାକୁ ନେଇ ମହିଳା ଜଣକ ଷଡଯନ୍ତ୍ର କରି ମିଛ ମାମଲା କରିଥିବା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀକର ମିଶ୍ର ପ୍ରତିକ୍ରୀୟା ଦେଇଛନ୍ତି।

## ପଶ୍ଚିମ ଓଡ଼ିଶା କୁମ୍ଭାର ମହାସଂଘର ବୈଠକ



ବଲାଙ୍ଗିର,୨୨।୧୨(ସମିସ): ସ୍ଥାନୀୟ ବିଜାଖମନରେ ପଶ୍ଚିମ ଓଡିଶା କୁମ୍ଭାର ମହାସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅରୁଣ ରଣାଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବ ସମ୍ମତିକ୍ରମେ ଅକ୍ଷୟ ରଣା (ବଲାଙ୍ଗିର) ପଶ୍ଚିମ ଓଡିଶା ସଭାପତି, ଲାବଣ୍ୟ ରଣା (ବରଗଡ) ଓ ଇନ୍ଦଲ ରଣା (ନୂଆପଡା) କାର୍ଯ୍ୟକାରୀ ସଭାପତି ଏବଂ ବିଶ୍ୱନାଥ ରଣା (ନୂଆପଡା) ସାଧାରଣ ସଂପାଦକ ନିର୍ବାଚିତ ହୋଇଛନ୍ତି। ଦେବାଶିଷ ରଣା ମେମୋରିଆଲ ଟ୍ରଷ୍ଟ ବଲାଙ୍ଗିର ତରଫରୁ ୮ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ସହ ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଟ୍ରଷ୍ଟ ଫାଉଣ୍ଡର ପୂର୍ଣ୍ଣଚନ୍ଦ୍ର ରଣା, ଟ୍ରଷ୍ଟ ସଭାପତି ରଘୁରାଜ ରଣା, ବିଶ୍ୱାମିତ୍ର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବଲାଙ୍ଗିର ଜିଲ୍ଲାର ୧୪ଟି ବ୍ଲକର ସଭାପତି, ସମ୍ପାଦକଙ୍କ ସହ ବରଗଡ, ସୋନପୁର, ନୂଆପଡା, କଳାହାଣ୍ଡି, ସମ୍ବଲପୁର ଜିଲ୍ଲା ସଭାପତି, ସମ୍ପାଦକଙ୍କ ସମେତ ୫୦୦ରୁ ବ୍ୟକ୍ତି ଉପସ୍ଥିତ ଥିଲେ। ଚକ୍ରପାଣି ରଣା, ପୁଣ୍ୟଶେଖର ରଣା, ଓମ୍‌ପ୍ରକାଶ ରଣା, ପିତାମ୍ବର ରଣା, ନିରାକାର ରଣା, ଯୁଗଳକିଶୋର ରଣା, ଭକ୍ତଚରଣ ରଣା, ନୃପରାଜ ରଣା, ପ୍ରମୋଦ ରଣା, ଶଶିଭୂଷଣ ରଣା ବୈଠକରେ ସହଯୋଗ କରିଥିଲେ। ବଲାଙ୍ଗିର ଜିଲ୍ଲା ସମ୍ପାଦକ ଅନିଲ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୁରିବାହାଲ ଧନୁଯାତ୍ରା ମହୋତ୍ସବର ପଞ୍ଚମ ରଜନୀ



ମୁରିବାହାଲ,୨୨।୧୨(ସମିସ): ସ୍ଥାନୀୟ ଧନୁଯାତ୍ରା ପଡିଆରେ ଚାଲିଥିବା ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସର ପଞ୍ଚମ ରଜନୀରେ ମଗଧ ନଗରୀ ଆକ୍ରମଣ, କଂସ ମହାରାଜଙ୍କ ବିବାହ ଓ କାଳୀୟଦଳନ, ପୁତନା ଓ ଷଡ଼ମଲ୍ଲ ନିହତ ଉପରେ ନାଟକ ମଞ୍ଚସ୍ଥ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଧୁମାଭଟା ସରପଞ୍ଚ ବନମାଳୀ ନାଏକ, ବ୍ରାହ୍ମଣୀ ୟୁଜିଏଚ୍‌ଏସ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଯୋଶୀ, ଗରଗଡବାହାଲ ସରପଞ୍ଚ ପ୍ରତିନିଧି ଉମାକାନ୍ତ ସୁନା, ଭବାନୀ ଶଙ୍କର ଶର୍ମା, ଟିଟିଲାଗଡ ବିକାଶ ସେନା ସଭାପତି ଅମ୍ଳାନ ଷଡ଼ଙ୍ଗୀ, ଆଦିବାସୀ ଜିଲ୍ଲା ସଂଗଠକ ସୁରେଶ ଭୋଇ, ମୁରିବାହାଲ ବ୍ଲକ ଯାଦବ ସମାଜ ଉପସଭାପତି ତେଜୁରାମ ବାଗ, ଡ. ନାରାୟଣ ମିଶ୍ର, କୁର୍ଲୁବାହାଲ ହାଇସ୍କୁଲ ସହକାରୀ ଶିକ୍ଷକ ଯଶୋବନ୍ତ ସାହୁ, ଲେବଡ଼ା ସରପଞ୍ଚ ପ୍ରତିନିଧି ନବକିଶୋର ହାତୀ, ପୂର୍ବତନ ସରପଞ୍ଚ ଡମ୍ବରୁଧର ମାଝି, ପୂର୍ବତନ ବିଟାବନ୍ଧ ସରପଞ୍ଚ ଅଗସ୍ତି ବାଗ, ମାଳିଶିରା ୟୁଜିଏଚ୍‌ଏସ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗ, ମୁରିବାହାଲ ବ୍ଲକ୍ ଆଦିବାସୀ ସଂଘ ସଭାପତି ରାଜିବ କୁଅଁର, ଚିତ୍ତରଞ୍ଜନ ବାଗ ଓ ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ସୁଦାମ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହୋତ୍ସବ କମିଟି ସଭାପତି ତରୁଣ ପୋଡ଼ ସଭାପତିତ୍ୱ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ବଘାର ସଂଯୋଜନା କରିଥିଲେ। କମିଟି ସଂଯୋଜକ ସୁଧାଂଶୁ ପୋଡ଼ ଯାଦବ ଧନ୍ୟବାଦ ଦେଇଥିଲେ।

## ଦେଓଗାଁ ବ୍ଲକ୍ ଠିକାଦାର ସଂଘ ଗଠିତ

ଦେଓଗାଁ,୨୨।୧୨(ସମିସ): ଦେଓଗାଁ ବ୍ଲକ୍ ଠିକାଦାର ସଂଘ ଗଠିତ ହୋଇଛି। ରଜନୀକାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ସଭାପତି ଭାବେ ରାଜୁ ମେହେର, ସମ୍ପାଦକ ଭାବେ ବିଶ୍ୱଜିତ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ବିକାଶ ବାରିକଙ୍କୁ ମନୋନିତ କରାଯାଇଥିଲା। ପିନୁ ଚାନ୍ଦ, ବିରେନ ଦଲାଇ, ଦୀପକ ବେହେରା, ଗରୁଡଧ୍ୱଜ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଉପରଝରରେ ଜଳନ୍ଧର ବରଣ



ଦେଓଗାଁ,୨୨।୧୨(ସମିସ): ଉପରଝର ପଞ୍ଚାୟତ ମୁଖ୍ୟାଳୟରେ ଫେବୃୟାରୀ ୧୦ରୁ ଜଳନ୍ଧର ଦରବାର ଅନୁଷ୍ଠିତ ହେବ। ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ୧୬ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥି ନିମନ୍ତେ ସୋମବାର ଜଳନ୍ଧର ବରଣ କରାଯାଇଛି। ବରଗଡର ପ୍ରସିଦ୍ଧ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର, ଗଜେନ୍ଦ୍ର ଗଣ୍ଡ, ନରସିଂହ ରଥ, ପୂର୍ଣ୍ଣଚନ୍ଦ୍ର ମେହେର ଓ ଜପ ଭୋଇଙ୍କୁ ଉପରଝର ଗାଁ ମଣ୍ଡପରେ ବରଣ କରାଯାଇଥିଲା। ଗାଁ ଗଉନ୍ତିଆ ବିଜୟ ପଧାନ, ପୂର୍ବତନ ସରପଞ୍ଚ ତର୍କଚନ୍ଦ୍ର ଭୋଇ, କମିଟି ସଭାପତି ଉତ୍ତମ ସାହୁ, ସମ୍ପାଦକ ଦିନେଶ ପଧାନ, ଗଙ୍ଗାଧର ପଧାନ, ପଙ୍କଜ ପଧାନ, ସଂଜୁକ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଖପ୍ରାଖୋଲ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ଖପ୍ରାଖୋଲ,୨୨।୧୨(ସମିସ): ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଖପ୍ରାଖୋଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବର୍ଦ୍ଧନ ମହାକୁଡ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିନୟ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା କାର୍ତ୍ତିକେଶ୍ୱର ବେହେରା, ପୂର୍ବତନ ସମ୍ପାଦକ ଚୂଡାମଣି ଭୋଇ, ଯଦୁମଣି ସାହୁ, ପୂର୍ବତନ ସମ୍ପାଦକ ବିମଳ ରଞ୍ଜନ ସାହୁ, ପୂର୍ବତନ ଶିକ୍ଷୟିତ୍ରୀ ରିତା ସାହୁ, ନୃତ୍ୟ ଶିକ୍ଷକ ଆଶିଷ ଠେଲା, ମାନସ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁମା ବୀଣାପାଣି ପଧାନ, ଗୁରୁଜୀ ହୃଷିକେଶ ବେହେରା ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଆଶିଷ ଭୋଇ, ଗୁରୁମାଁ ହୃଦେଶ୍ୱରୀ ସାହୁ, ରୀତାଞ୍ଜଳି ପଣ୍ଡା, କାମିନୀ ବରିହା, ମିତା ପଧାନ, ଅଭିଷେକ ସାହୁ ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଲଲାଟେନ୍ଦୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ଲୋକ ମହୋତ୍ସବ ଉଦ୍‌ଯାପିତ



କଣ୍ଟାବାଞ୍ଜି,୨୨।୧୨(ସମିସ): ସ୍ଥାନୀୟ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୩ ଦିନିଆ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ମହୋତ୍ସବର ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ନିରୁପମା ମାଝି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସୈନିକ ତଥା ଯୁବ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ, ରୂପେଶ ଅଗ୍ରୱାଲ, ଲୋକ ମହୋତ୍ସବ କମିଟି ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ଚିନ୍ମୟ ଯୋଶୀ, କାର୍ଯ୍ୟକାରୀ ସଭାପତି ବିନୟ ବିଭାର, ଦେବରାଜ ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। ଡାଲଖାଇ, ରସରକେଲି, ମାଏଲା ଜଡ଼, ଢା. ଘୁଡୁକା ଏବଂ ଲୋକନୃତ୍ୟରେ ମଞ୍ଚ କମ୍ପିଥିଲା। ଏହି ଅବସରରେ କଣ୍ଟାବାଞ୍ଜି ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରରେ ସୁନାମ୍ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି।

## ମାହେଶ୍ୱରୀ ସଂଗଠନର ବୈଠକ

ବଲାଙ୍ଗିର,୨୨।୧୨(ସମିସ): ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାହେଶ୍ୱରୀ ପକ୍ଷରୁ ଖୁଜେନପାଲିସ୍ଥିତ ବେବି ବବଲ୍ସ ପ୍ଲେ ସ୍କୁଲଠାରେ ଏକ ସାଧାରଣ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ସମାଜର ବର୍ତ୍ତମାନ ସମସ୍ୟା, ସାମାଜିକ କାର୍ଯ୍ୟର ଆବଶ୍ୟକତା, ସଂଗଠନର ଶକ୍ତି ବୃଦ୍ଧି ଓ ସର୍ବୋପରି ଶିକ୍ଷାକୁ ସମାଜ ପରିବର୍ତ୍ତନର ମୂଳ ଆଧାର ଭାବେ ନେଇ ଗଭୀର ଆଲୋଚନା କରାଯଇଥିଲା। ଅଶିକ୍ଷା, ନିଶା ଆସକ୍ତି, ନୀତିହୀନତା ଓ ସାମାଜିକ ଅସମାନତା ହେଉଛି ଆଜିର ସମାଜର ପ୍ରମୁଖ ସମସ୍ୟା। ଏହାର ସ୍ଥାୟୀ ସମାଧାନ କେବଳ ଗୁଣାତ୍ମକ ଓ ସାର୍ବଜନୀନ ଶିକ୍ଷା ମାଧ୍ୟମରେ ହିଁ ସମ୍ଭବ। ଶିଶୁ ଶିକ୍ଷାରୁ ଆରମ୍ଭ କରି ଯୁବପିଢି ପର୍ଯ୍ୟନ୍ତ ଠିକ୍ ଶିକ୍ଷା ଓ ମୂଲ୍ୟବୋଧ ଦେବାକୁ ସଭାରେ ଜୋର ଦିଆଯାଇଥିଲା। ବିଶେଷ କରି ଗ୍ରାମାଞ୍ଚଳ ଓ ଆର୍ଥିକ ଭାବେ ପଛୁଆ ଶିଶୁମାନଙ୍କ ପାଇଁ ଶିକ୍ଷା ସୁଯୋଗ ବୃଦ୍ଧି, ଶିକ୍ଷା ସେଚତନତା କାର୍ଯ୍ୟକ୍ରମ, ନୀତିମୂଳକ ଶିକ୍ଷା ଓ ଯୁବଶକ୍ତିକୁ ସେବାମୂଳକ କାର୍ଯ୍ୟରେ ଯୋଡିବା ଉପରେ ଆଲୋଚନା ହୋଇଥିଲା।



ଏହା ସହିତ ସ୍ୱାସ୍ଥ୍ୟ ସଚେତନତା, ବୃଦ୍ଧି ଓ ଅସହାୟ ଲୋକଙ୍କ ସେବା ଓ ସମାଜର ନକରାତ୍ମକ ପ୍ରବୃତ୍ତି ବିରୋଧରେ ସଂଗଠିତ ପ୍ରୟାସ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ବରିଷ୍ଠ ସଦସ୍ୟମାନେ ନିଜ ଅନୁଭବ ଆଦାନ ପ୍ରଦାନ କରି ଯୁବ ସଦସ୍ୟମାନଙ୍କୁ ଶିକ୍ଷା ଓ ସମାଜ ସେବାକୁ ଜୀବନର ପ୍ରାଥମିକତା କରିବାକୁ ଆହ୍ୱାନ କରିଥିଲେ। ନୂଆ ସଦସ୍ୟମାନେ ମଧ୍ୟ ଶିକ୍ଷା ପ୍ରସାର, ସାମାଜିକ କାର୍ଯ୍ୟ ଓ ସଂଗଠନ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନେବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଶିକ୍ଷା, ସାମାଜିକ ସେବା ଓ ସୁଦୃଢ଼ ସଂଗଠନ ହିଁ ସମାଜ ପରିବର୍ତ୍ତନର ପ୍ରମୁଖ ଆଧାର ବୋଲି ମାହେଶ୍ୱରୀର ପରି.ଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ କହିଛନ୍ତି।

## ଜିଲ୍ଲା କ୍ରୀଡା ସଂସଦର ବାର୍ଷିକ ପ୍ରତିଯୋଗିତା ଉଦ୍‌ଯାପିତ

ବଲାଙ୍ଗିର,୨୨।୧୨(ସମିସ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ୫୪ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଓ ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଲୋଇସିଂହା ବିଧାୟକ ତଥା ସଂସଦର ବରିଷ୍ଠ ସଦସ୍ୟ ରମାକାନ୍ତ ସେଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ଡ. ପ୍ରହଲ୍ଲାଦ ଶତପଥୀ, କୋଷାଧ୍ୟକ୍ଷ ହେମନ୍ତ ବେହେରା, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, କ୍ରିକେଟ ସଂପାଦକ ଓମ୍ ପ୍ରକାଶ .ନ୍ଦ, ଫୁଟବଲ ସଂପାଦକ ଶରତ ନନ୍ଦ, ଭଲିବଲ ସଂପାଦକ ସଂଗ୍ରାମ ବହିଦାର, ବରିଷ୍ଠ ସଦସ୍ୟ ଗୌର ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ମିଶ୍ର, ଡା. ସିଦ୍ଧେଶ୍ୱର ମିଶ୍ର, ରାଜେନ୍ଦ୍ର ପୁରୋହିତ, ସୁଧାଂଶୁ ସେଠ, ଭୁପେନ୍ଦ୍ର ପ୍ରସାଦ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଶୁଭ୍ରାଂଶୁ ଶେଖର ଅମାତ, ସଦାନନ୍ଦ ନାଏକ ଉପସ୍ଥିତ ଥିଲେ। ସୁନିଲ ଚନ୍ଦ୍ର ବିଶ୍ୱାଲ, ହରେକୃଷ୍ଣ ନାୟକ, ବିଜୟ ତ୍ରିପାଠି, ମାଧୁରୀ ପଣ୍ଡା, ହୃଷିକେଶ ସାଏ ସଂଯୋଜନା କରିଥିଲେ। ୮୧ ଜଣ ଖେଳ ପରି.ଳକ ନିୟୋଜିତ ଥିଲେ। ଆଜି ପ୍ରମୁଖ କ୍ରୀଡା ମଧ୍ୟରେ ପୁରୁଷ ୧୦ହଜାର ମିଟର ଦୌଡରେ ରାଧେଶ୍ୟାମ ହରିପାଲ, ୨୦୦ମିଟରରେ ହେମନ୍ତ ସେଠ, ଡିସକସ ଥ୍ରୋରେ ନୀଳମାଧବ ବେହେରା, ଜେଭେଲିନ ଥ୍ରୋରେ ନିହାର ଟଂଜନ ବୁଡେକ, ବାଳକ ବିଭାଗ ୧୦ହଜାର ମିଟର ରନ୍‌ରେ ସିଦ୍ଧେଶ୍ୱର ମାଝି, ୨୦୦ ମିଟରରେ ସ୍ୱାଗତ ସା, ୮୦୦ ମିଟରରେ ବିଶ୍ୱଜିତ ବନଛୋର, ବାଳକ ୧୦ହଜାର ମିଟରରେ ମନୋଜ ପଟେଲ, ୨୦୦ ମିଟରରେ ବେଲାର ସେନ ଥନାପତି, ୮୦୦ ମିଟରରେ ଶ୍ରବଣ ବର୍ଗଡ୍ଡି, ବାଳକ ଲଙ୍ଗଜମ୍ପରେ ଅନିକେଟ ସାହୁ, ଜେଭଲିନ ଥ୍ରୋରେ ଦିନେଶ ପ୍ରଧାନ, ବାଳକ ଜେଭେଲିନ ଥ୍ରୋରେ ଡମ୍ବରୁଧର କୁଅଁର, ମହିଳା ଲଙ୍ଗଜମ୍ପରେ କୌଶଲ୍ୟା ମାଝି, ବାଳିକା ହାଇଜମ୍ପରେ ସେଓନଜିତ ବାରିକ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



## କଟିଲା ଗଛ, ଛିଣ୍ଡିଲା ତାର
# କଣ୍ଟେନର ପାଇଁ ସମସ୍ୟା ଭୋଗିଲେ ସହରବାସୀ



ବଲାଙ୍ଗିର,୨୨।୧୨(ସମିସ): ବଲାଙ୍ଗିର ସହର ଦେଇ ରବିବାର ରାତିରେ ଅତିକ୍ରମ କରିଥିବା ଏକ ଶହେ ଚକିଆ କଣ୍ଟେନର ପାଇଁ ସହରବାସୀ ଦୁର୍ଦ୍ଦଶା ଭୋଗିଛନ୍ତି। ରାତିରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଇଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ଅନେକ ସ୍ଥାନରେ ବିଦ୍ୟୁତ୍ ସମସ୍ୟା ଲାଗିରହିଥିଲା। ଏହି କଣ୍ଟେନର ପାଇଁ ବହୁ ଗଛ, ଡାଳ ବଳି ପଡିଥିବା ଦେଖିବାକୁ ମିଳିଛି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। କିଛି ଦିନ ତଳେ ଏହି ଶହେ ଚକିଆ କଣ୍ଟେନର ଟିଟିଲାଗଡ ପଟୁ ଆସି ବଲାଙ୍ଗିରରେ ପହଞ୍ଚିଥିଲା। ଏହା ଅତିକ୍ରମ କରିବା ପାଇଁ ବଲାଙ୍ଗିର ସହର ଉପକଣ୍ଠରେ ବହୁ ଗଛ ସଂପୂର୍ଣ୍ଣ ଭାବେ କାଟିଦିଆଯାଇଥିଲା। ୨ ଦିନ ଧରି ସହର ମୁଣ୍ଡରେ ରହିବା ପରେ ରବିବାର ରାତିରେ ଏହା ଅତିକ୍ରମ କରିବା ପାଇଁ ସହରରେ ପ୍ରବେଶ କରିଥିଲା। ସହର ଭିତରେ ଏତେ ବଡ କଣ୍ଟେନର ଯିବା ସହଜ ନ ଥିବା ସତ୍ତ୍ୱେ ଏହାକୁ ସହର ରାସ୍ତା ଦେଇ ନିଆଯାଇଥିଲା। ଏଥିପାଇଁ ରାସ୍ତା କଡରେ ଥିବା ଗଛଗୁଡିକର ଡାଳକୁ କାଟି ଦିଆଯାଇଥିଲା। ଏହି କଣ୍ଟେନର ପାଇଁ ବହୁ ବିଦ୍ୟୁତ୍ ଓ କେବୁଲ ତାର ଛିଣ୍ଡି ରାସ୍ତାରେ ପଡିଥିଲା। ରବିବାର ରାତିରୁ ସୋମବାର ସଂଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା। ରାସ୍ତା ଉପରେ ତାର ଛିଣ୍ଡି ପଡିଥିବା ବେଳେ ଦୀର୍ଘ ସମୟ ଧରି ସହର ଭିତରେ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିଲା। କଣ୍ଟେନରକୁ ସହର ଦେଇ ଅତିକ୍ରମ କରିବା ପାଇଁ ଆବଶ୍ୟକ ପଡୁଥିବା ଅନୁମତି ନ ଥିବା ବେଳେ କେବଳ ବିଦ୍ୟୁତ୍ ବିଭାଗକୁ ଏନେଇ ସୂଚନା ଦିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଅଘୋଷିତ ଭାବେ ବିଦ୍ୟୁତ ବିଭ୍ରାଟ ହୋଇଥିଲା। ଅସନ୍ତୁଷ୍ଟ ସହରବାସୀ ସୁଦପଡାଠାରେ ଦୀର୍ଘ ଘଣ୍ଟା ଧରି ଗାଡିଟିକୁ ଅଟକାଇ ରଖିଥିଲେ।

# ଢେଙ୍କାନାଳ ଜିଲ୍ଲା ମହୋତ୍ସବ ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୨୨।୧୨(ସମିସ)



ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଜିଲ୍ଲା ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମହୋତ୍ସବ ପାଇଁ ମୁଖ୍ୟ ପରିଚାଳନା କମିଟି ଓ ଅନ୍ୟ ୧୭ ଗୋଟି ଉପକମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଥିଲା।ଏହି ବୈଠକରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷମାନଙ୍କ ଠାରୁ ମଧ୍ୟ ଏହି ପ୍ରରିପ୍ରେକ୍ଷୀରେ ମତାମତ ଗ୍ରହଣ ଯାଇଥିଲା। ପରିଶେଷରେ ସର୍ବସମ୍ମତି କ୍ରମେ ଏହି କମିଟି ଗୁଡିକୁ ଚୂଡାନ୍ତ କରାଯାଇଥିଲା। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଥିଲେ ଯେ, ଜିଲ୍ଲା ମହୋତ୍ସବ ହେଉଛି ଗୋଟେ ଜିଲ୍ଲାର ସଂସ୍କୃତି ର ପ୍ରତିଫଳନ। ଏହି ମହୋତ୍ସବ କିପରି ଭାବେ ସୁରୁଖୁରୁରେ ସମ୍ପାଦିତ ହେବ ସେ ନେଇ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ।ଏହି ବୈଠକରେ ପୌରପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କହିଥିଲେ ଯେ, ଏତେ ବର୍ଷ ପରେ ଜିଲ୍ଲା ମହୋତ୍ସବ ହେଉଥିବାରୁ ଜିଲ୍ଲାବାସୀମାନଙ୍କ ମଧ୍ୟରେ ଉତ୍ସାହ ରହିଛି। ତେଣୁ ଏହି ମହୋତ୍ସବ କୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ବୈଠକରେ ବନ ଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି, ଉପଜିଲ୍ଲାପାଳ ସଦର ବିବୁଧ ଗଡ଼ନାୟକ, ଉପଜିଲ୍ଲାପାଳ କାମାକ୍ଷାନଗର ଦିନମଣୀ ନାୟକ, ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ର ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଖାଦ୍ୟମେଳା



ଖଜୁରିଆକଟା,୨୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ କାରନ୍ଦାସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଖାଦ୍ୟ ପ୍ରଦର୍ଶନୀ ଓ ପ୍ରସ୍ତୁତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷା ସୁଜାତା ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାଣ୍ଡଉଇଚ୍, ଭେଜ୍ ସୁପ୍, ପାଓଭାଜି, ଭେଲପୁରି, କର୍ଣ୍ଣ ଚାଟ, ଇଡ଼ଲି, ଚଟଣୀ, ଦୋସା, ପ୍ୟାନ କେକ୍, ଫ୍ରୁଟ କଷ୍ଟାର୍ଡ, ପନିର ରୋଲ, ମୁଗଡାଲି ଚିଲି, ଦହିବରା, ଟମାଟୋ ରାଇସ, ଗୁପଚୁପ, ଆଳୁ ପାମ୍ପଡ଼ି ଚାଟ୍, ଭେଜ୍ ଚାଓମିନ, ଭେଜ ବିରିୟାନି ଇତ୍ୟାଦି ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଅଧ୍ୟକ୍ଷା ଶତପଥୀ, ସମ୍ପାଦକ ସୁବ୍ରତ କୁମାର ମିଶ୍ର, ଚେୟାରମ୍ୟାନ ସୁବ୍ରତ କୁମାର ସାମଲ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗଁଦିଆ,୨୨।୧୨(ସମିସ): ଗଁଦିଆ ବ୍ଲକ ନୂଆଗଡ଼ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଯୁଗଳ କିଶୋର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସୁଭଦ୍ରା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ କୁମାର ସାମନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ଅକ୍ଷୟ କୁମାର ମିଶ୍ର, ସ୍ଥାନୀୟ ସମିତି ସଭ୍ୟ ବିରଞ୍ଚି ନାରାୟଣ ସାହୁ, ପରିଚାଳନା ପରିଷଦ ସଭାପତି ମନସ୍ମିତା ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁଶାନ୍ତ କୁମାର ସାମନ୍ତ, ଶିକ୍ଷକ ନେତା ଅଭୟ ଚରଣ ପାଣିଗ୍ରାହୀ, ସିଆରସିସି ରାହାସ ବିହାରୀ ମଲ୍ଲିକ ଯୋଗଦେଇଥିଲେ। ଇଛାପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାମନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ପାଣି ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ସବିତା ମହାନ୍ତି, ସସ୍ମିତା ମହାନ୍ତି, ଛବିରାଣୀ ଖଟୁଆ, ଶିକ୍ଷକ ଶ୍ରୀନିବାସ ସାମନ୍ତ, ବିଶ୍ୱନାଥ ଭୋଇ, ସୁଶାନ୍ତ ନାଥ, ପ୍ରଭାକର ଭୋଇ, ସାମାଜିକ କର୍ମୀ ପ୍ରମୋଦ କୁମାର ରାଉତ, ପ୍ରହଲ୍ଲାଦ ପଣ୍ଡା, ନିରଞ୍ଜନ ସାହୁ, ବିଜୟ କୁମାର ବରାଳ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମୋ ଢେଙ୍କାନାଳ ମହୋତ୍ସବ ଉଦଯାପିତ




ଢେଙ୍କାନାଳ,୨୨।୧୨(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମୋ ଢେଙ୍କାନାଳ ଚ୍ୟାନେଲ ପକ୍ଷରୁ ପ୍ରତିଷ୍ଠା ଦିବସ ମୋ ପ୍ରତିଭା ମୋ ପରିଚୟ ସାଂସ୍କୃତିକ ଓ ଶିକ୍ଷା ଭିତିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମସ୍ତ ମନୋନୀତ ପ୍ରତିଯୋଗୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ଅଭିନୟ, ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ସ୍କୁଲ, କଲେଜର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଭଳି ମହୋତ୍ସବ ସାରା ଜିଲ୍ଲାରେ କରୁଥିବାରୁ କମିଟିକୁ ପ୍ରସଂଶା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ରୋଟାରୀ କ୍ଲବର ସଭାପତି ରିଟାରିଆନ ସାଗରିକା ମିଶ୍ର, ସମ୍ମାନିତ ଅତିଥି ରୂପେ ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ସମାଜସେବୀ ରୋଟାରୀଆନ ରାଜକିଶୋର ବେହେରା, ଡ. ରୟମନ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଗଣିତ ଦିବସ

ଢେଙ୍କାନାଳ,୨୨।୧୨(ସମିସ): ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏଥିରେ ବୁର୍ଲା ଭିସୁଟର ପ୍ରଫେସର ଜୟପ୍ରକାଶ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣିତର ବିଭିନ୍ନ ଉପଯୋଗିତା ଓ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଭାଗର ମୁଖ୍ୟ ଭୁବନେଶ୍ୱର ମୁଦୁଲି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ରୋଜାଲିନୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୁଇଜ ଓ ପୋଷ୍ଟର ତିଆରି ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ରାମାନୁଜନଙ୍କ ଉପରେ ନିର୍ମିତ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଡ. ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜଙ୍ଘିରା ଚୈତନ୍ୟ ମନ୍ଦିରରେ ଭଜନମାଳା ପୁସ୍ତକ ଉନ୍ମୋଚିତ

## 'ସାହିତ୍ୟ ସଙ୍ଗୀତରେ ଅଭିରୁଚି ଆମ ସଂସ୍କୃତିର ପରିଚାୟକ'



ଢେଙ୍କାନାଳ,୨୨।୧୨(ସମିସ): ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତ ଜଙ୍ଘିରାସ୍ଥିତ ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ସତ୍ୟାନନ୍ଦ ମଲ୍ଲିକଙ୍କ ରଚିତ ଭଜନମାଳା ପୁସ୍ତକ ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ ସାହିତ୍ୟ ସଙ୍ଗୀତରେ ଅଭିରୁଚି ରଖିବା ଆମ ଐତିହ୍ୟ ଓ ସଂସ୍କୃତିର ପରିଚାୟକ ବୋଲି କହିଥିଲେ। ଅଲେଖ ମହିମାଙ୍କଠାରୁ ଆରମ୍ଭ କରି ବିଭିନ୍ନ ଦେବଦେବୀଙ୍କ ପ୍ରତି ୬୪ଟି ସ୍ତୁତି ଗାନ ସମ୍ବଳିତ ଏହି ଭଜନମାଳା ପୁସ୍ତକଟି ସତ୍ୟବ୍ରତ ଦାଶଙ୍କ ଦ୍ୱାରା ଢେଙ୍କାନାଳ ଜଟିଆବାଉତି ପ୍ରେସ୍‌ରେ ମୁଦ୍ରିତ ହୋଇଛି। ଏହି ଭଜନମାଳା ପୁସ୍ତକ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷଣ ପାଇଁ ଉପଯୁକ୍ତ ବୋଲି ମୁଖ୍ୟଅତିଥି ରଥ ମତ ଦେଇଥିଲେ। ଜଙ୍ଘିରା ମଠ ପରିଚାଳନା କମିଟି ସଭାପତି ମୁରଲିଧର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରକାଶକ ସନାତନ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଥିଙ୍କର୍ସ ଫୋରମ୍ ସମ୍ପାଦକ ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ମହାନ୍ତି, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ପୁସ୍ତକ ପ୍ରକାଶକ ସତ୍ୟବ୍ରତ ଦାଶ, ବାବା ଭଗବାନ ଦାସ, ସଞ୍ଜୟ ସାହାଣୀ, ସଞ୍ଜୟ କୁମାର ସାହୁ ଓ କୋଦଣ୍ଡଧର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ମଠ ପରିଚାଳନା କମିଟି ସମ୍ପାଦକ ସଞ୍ଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟାଲୋକ ଫାଉଣ୍ଡେସନର ସପ୍ତମ ବାର୍ଷିକୋତ୍ସବ




ଢେଙ୍କାନାଳ,୨୨।୧୨(ସମିସ): ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେସନର ସପ୍ତମ ବାର୍ଷିକୋତ୍ସବ ଓ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ବରିଷ୍ଠ ସାମ୍ବାଦିକ ତଥା ଅନୁଷ୍ଠାନର ଆଇନ ପରାମର୍ଶଦାତା ଶିଶିର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅଥୟ କୁମାର ସାହୁ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, ସାଗରିକା ମିଶ୍ର ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ଅଧ୍ୟକ୍ଷ ଦୀପକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ସମାଜସେବୀ ଡା. ଶାନ୍ତିଭୂଷଣ ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ କୁମାର ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁଚିତ୍ର କୁମାର ବେହେରା, ସୁଶୀଳ କୁମାର ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ଆଶୁତୋଷ ପାଢ଼ୀ, ଆର୍ଯ୍ୟସ୍ମିତା ମହାନ୍ତି, ଜ୍ୟୋତିର୍ମୟୀ ବେହେରା ସହଯୋଗ କରିଥିଲେ। ନୀତା ନୃତ୍ୟାଙ୍ଗନା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ଇ-ଟେକ୍ ୟୁପି ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## ବାଳିକା ବିଭାଗରେ ସୋନାଲୀ, ବାଳକରେ ଶଶାଙ୍କ ଚାମ୍ପିଅନ




ଢେଙ୍କାନାଳ,୨୨।୧୨(ସମିସ): ଢେଙ୍କାନାଳ ସହର ଉପକଣ୍ଠର ମଙ୍ଗଳପୁର ଗ୍ରାମସ୍ଥିତ ଇ-ଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡ଼ା ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ବାଳିକା ବିଭାଗରେ ସୋନାଲୀ ପ୍ରଧାନ ଓ ବାଳକରେ ଶଶାଙ୍କ ଶେଖର ପରିଡ଼ା ଚାମ୍ପିଅନ ହୋଇଛନ୍ତି। ବିଦ୍ୟାନିକେତନ ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁପ୍ରଭା ଶତପଥୀ ଏବଂ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ସରିତା ବିଶ୍ୱାଳ, ଘନଶ୍ୟାମ ପ୍ରଧାନ, ପ୍ରଦୀପ୍ତ ଦଳେଇ, ଦୁଷ୍ମନ୍ତ ସେଠୀ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ବିଦ୍ୟୁତ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ବିବି ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଇ-ଟେକ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାରଦା ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଅନିଲ କୁମାର ଗଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁମାଛି ଆକ୍ରମଣରେ ୨ ଗୁରୁତର

କାମାକ୍ଷାନଗର,୨୨।୧୨(ସମିସ): କାମାକ୍ଷାନଗର ବ୍ଲକ କାଦୁଆ ଗାଁରେ ସୋମବାର ମହୁମାଛି ଆକ୍ରମଣରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗାଁର ଜଳଧର ପୃଷ୍ଟି (୭୨) ଓ ସର୍ବେଶ୍ୱର ସାହୁ (୯୫)। ଏମାନେ ଘର ନିକଟରେ ବସିଥିବା ବେଳେ ମହୁମାଛି ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୨।୧୨(ସମିସ): ସଦର ବ୍ଲକ ଗେଙ୍ଗୁଟିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକୋତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ବିଭାଗ ପ୍ରମୁଖ ଶରତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗେଙ୍ଗୁଟିଆ ସରପଞ୍ଚ କୈଳାସ ଦେହୁରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ମଲ୍ଲିକ ଓ ସମ୍ପାଦକ ରମେଶ ଚନ୍ଦ୍ର ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଅତିଥିମାନେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟର ଶିଶୁ ଭାଇଭଉଣୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୱତ ପରିଷଦ ସଭାପତି ପ୍ରସନ୍ନ ସାହାଣୀ, ଅବସରପ୍ରାପ୍ତ ଶିକ୍ଷକ ତଥା ବିଦ୍ୟାଳୟର ଆଚାର୍ଯ୍ୟ ବିଜୟ କୁମାର ସାହୁ ସହଯୋଗ କରିଥିଲେ।

## ବାଜିରାଉତ କଲେଜରେ ୪ ପ୍ରକଳ୍ପ ଉଦ୍‌ଘାଟିତ



ଭୁବନ,୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପ ଉଦଘାଟିତ ହୋଇଛି। ୩୦ଲକ୍ଷ ଟଙ୍କାରେ ନିର୍ମିତ ସାଂସ୍କୃତିକ ମଞ୍ଚ, ସମ୍ମିଳନୀ କକ୍ଷ ପ୍ରଶାସନିକ ଅଧିକାରୀଙ୍କ ସୌଧ, ରାସ୍ତା ପ୍ରକଳ୍ପକୁ ସୋମବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉଦଘାଟନ କରିଛନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଉନ୍ନତ ମାନର ଖେଳପଡ଼ିଆ ସହ ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନ ବିଡିଓ ଆୟୁଷୀ ମହାପାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

## ଜନଶୁଣାଣି ଶିବିରରେ ୪୭ ଅଭିଯୋଗର ଫଏସଲା




ଗଁଦିଆ,୨୨।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୩୩ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୪୭ ଅଭିଯୋଗର ଫଏସଲା କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ହଜାର ଓ ରେଡକ୍ରସ ପାଣ୍ଠିରୁ ୮୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ସିଡିଏମଓ ସଞ୍ଜୟ କୁମାର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରୀନାରାନୀ ଖଟୁଆଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ତହସିଲଦାର ସତ୍ୟଜିତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ମନରେଗା'ରୁ ଗାନ୍ଧୀଙ୍କ ନାମ ହଟାଯିବା ଘଟଣାରେ କଂଗ୍ରେସର ପ୍ରତିବାଦ



ଢେଙ୍କାନାଳ,୨୨।୧୨(ସମିସ): ନିକଟରେ ସଂସଦର ଶୀତକାଳୀନ ଅଧିବେଶନରେ ମୋଦୀ ସରକାର କଂଗ୍ରେସ ସରକାର ଦ୍ୱାରା ଆରମ୍ଭ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି (ମନରେଗା) ଯୋଜନାର ନାମରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦେଇ ଏହାକୁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଓ ଆଜବିକା ମିଶନ (ଗ୍ରାମୀଣ) ବା ଜିରାମ ଜି କରିଛନ୍ତି। ଏହା ବାପୁଙ୍କ ପ୍ରତି ଘୋର ଅସମ୍ମାନ ବୋଲି କହି କଂଗ୍ରେସ ଦୃଢ଼ ପ୍ରତିବାଦ କରିବା ସହିତ ମୋଦୀ ସରକାରଙ୍କ ଏତାଦୃଶ ବ୍ୟବହାରକୁ ତୀବ୍ର ନିନ୍ଦା କରିଛି। ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ନେତା ଏବଂ କର୍ମୀମାନେ ଗାନ୍ଧି ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ନିକଟ ଗାନ୍ଧୀ ପାର୍କରେ ଏକତ୍ରିତ ହୋଇ ଧାରଣା ଦେଇଥିଲେ। ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ସମରେନ୍ଦ୍ର ନନ୍ଦ, ଡା. ତୁଷାରକାନ୍ତି ନାୟକ, ବିପ୍ରବର ସାହୁ, ଦିଲୀପ ବରାଳ, ପ୍ରେମଶଙ୍କର ମିଶ୍ର, ସରୋଜ ଶତପଥୀ, ସୁଶାନ୍ତ ଧଳ, ସ୍ମିତାରାଣୀ ସାମଲ, ଅବିନାଶ ପଣ୍ଡା ପ୍ରମୁଖ ଉଦବେଗ ପ୍ରକାଶ କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଅବମାନନା କରୁଥିବା ବ୍ୟକ୍ତି ଦେଶଦ୍ରୋହୀ ଓ ମାନସିକ ସ୍ତରରେ ଏବେ ବି ପରାଧୀନ ବୋଲି ନେତାମାନେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ରପ୍ରକାଶ ଶରଣ, ସମସୀଦା ତାଏବ, ପ୍ରଭୁଦତ୍ତ ଭଞ୍ଜ, ନୁରୁଲ ଇସଲାମ, ସୁବାସ ପାଲ, ତ୍ରିନାଥ ବେହେରା, ରାଜୁ ଖାଁ, ଡମ୍ବରୁଧର ସେଠୀ, କାମାକ୍ଷା ବିହାରୀ, ରୁମେନା ବେଗମ୍, ମହମ୍ମଦ ଆର୍ଶାଦଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

## 'ଆଦର୍ଶ ମଣିଷ ଗଢ଼ିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଜରୁରୀ'

ଭୁବନ,୨୨।୧୨(ସମିସ)

ଭୁବନ ବ୍ଲକ ଯମୁନକୋଟ ବିବେକାନନ୍ଦ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡ଼ା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ବତନ ସରପଞ୍ଚ ନଟବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାଦାନ ସହ ପିଲାଙ୍କୁ ଆଦର୍ଶ ମଣିଷ ଭାବେ ଗଢ଼ିତୋଳିବା ଶିକ୍ଷାନୁଷ୍ଠାନର ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନେ ପିଲାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ସେମାନଙ୍କ ରୁଚିକୁ ଗୁରୁତ୍ୱ ଦେବା ଉଚିତ୍ ବୋଲି କହିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ତଥା ବ୍ୟଙ୍ଗକବି ଗଜେନ୍ଦ୍ର କୁମାର ନାୟକ, କଙ୍କଡ଼ାହାଡ଼ କନ୍ଧରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ନାୟକ, ପୂର୍ବତନ ବିଆରସିସି ମାୟାଧର ଜେନା, ପୂର୍ବତନ ସରପଞ୍ଚ ଖୁଲଣା ରାଉତ, ଆରୋଗ୍ୟ କେନ୍ଦ୍ର ସେବାଧିକାରିଣୀ ସୁଭଦ୍ରା ବେହେରା, ପୂର୍ବତନ ପୁଲିସ ଅଧିକାରୀ ଅଦ୍ୱୈତ ସାହୁ, ସିଆରସିସି ରାଜୀବ ଲୋଚନ ସାହୁ, ଚନ୍ଦ୍ରଶେଖର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟ ପ୍ରତି ବଳିଷ୍ଠ ଅବଦାନ ପାଇଁ ରମେଶ ଚନ୍ଦ୍ର ପାଣିଙ୍କୁ ଅତିଥି ପ୍ରଶଂସା କରିଥିଲେ। ପ୍ରଧାନଆଚାର୍ଯ୍ୟା ନିରୁପମା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ନିରୁପମା ନାୟକ, ପ୍ରତିମା ରାଉତ, ରଶ୍ମିତା ବେହେରା, ସ୍ୱାଗତିକା ଜେନା, ସଙ୍ଘମିତ୍ରା ଦାସ, ଅହଲ୍ୟା ବାରିକ, ଇନିବାଳା ଭୂତିଆ, ସ୍ନେହାଞ୍ଜଳି ବେହେରା, ରଶ୍ମିତା ବାରିକ, ମିନତି ଲେଙ୍କା ସହଯୋଗ କରିଥିଲେ।


ପାୱରଗ୍ରିଡ POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:

କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| SI No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121

A Maharatna PSU

# ୧୧୪ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାହାନ୍ତି ପ୍ରଧାନ ଶିକ୍ଷକ

ବାଲେଶ୍ୱର,୨୨।୧୨(ସମିସ): ଖାଲି ପଡ଼ିଛି ଶତାଧିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ। ମୁରବିହୀନ ହୋଇ ପଡ଼ିଛି ଅନେକ ସରକାରୀ ଉଚ୍ଚ ବଦ୍ୟାଳୟ। ପ୍ରଧାନ ଶିକ୍ଷକଙ୍କ ପଦଠୁ ଆରମ୍ଭ କରି ବିଭିନ୍ନ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ମଧ୍ୟ ଖାଲି ପଡ଼ିଛି। ସ୍କୁଲ ଗୁଡ଼ିକରେ ପର୍ଯ୍ୟାପ୍ତ ଶିକ୍ଷକ ନ ଥିବାରୁ କେଉଁଠି ହିନ୍ଦୀ ଶିକ୍ଷକ ଗଣିତ ପଢାଉଛନ୍ତି ତ ଆଉ କେଉଁଠି ବିଜ୍ଞାନ ଶିକ୍ଷକ ସାହିତ୍ୟ ପଢାଉଛନ୍ତି। ଏପରି ବିକଳ ସ୍ଥିତି ଦେଇ ଗତି କରୁଛି ଶିକ୍ଷା ବ୍ୟବସ୍ଥା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଖାଲି ପଡ଼ିଛି ଶିକ୍ଷକ ପଦବୀ। ଖାଲି ଶିକ୍ଷକ ନୁହେଁ ବରଂ ପ୍ରଧାନ ଶିକ୍ଷକ ପଦ ମଧ୍ୟ ଅଧିକାଂଶ ବିଦ୍ୟାଳୟରେ ପୂରଣ ହୋଇନାହିଁ। ଫଳରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଚାଲୁଛି ବିଦ୍ୟାଳୟ। ସେହିପରି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ଖାଲି ପଡ଼ିଛି ଶିକ୍ଷକ ପଦବୀ। ଉକ୍ତ ଖାଲି ଥିବା ଶିକ୍ଷକ ପଦବୀ ଗୁଡ଼ିକ ନୂତନ ନିଯୁକ୍ତି ଓ ପଦୋନ୍ନତି ମାଧ୍ୟମରେ ପର୍ଯ୍ୟାୟକ୍ରମେ ପୂରଣ କରାଯିବାର ବ୍ୟବସ୍ଥା ରହିଛି ବୋଲି ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଉତ୍ତର ରଖିଛନ୍ତି। ସରକାରୀ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ୨୫୦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫୦ ଜଣ ପ୍ରଧାନ ଶିକ୍ଷକ ପଦବୀ ରହିଥିବା ବେଳେ ୧୩୬ ପ୍ରଧାନ ଶିକ୍ଷକ ପଦ ପୂରଣ ଥିବା ବେଳେ ୧୧୪ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ଫାଙ୍କା ପଡିଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ଯଥା ଉଚ୍ଚ ବିଦ୍ୟାଳୟ, ସମ୍ପୂର୍ଣ୍ଣ ଆଡେଡ୍ ଉଚ୍ଚ ବିଦ୍ୟାଳୟ ଏବଂ ନୂଆ ଆଡେଡ୍ ଉଚ୍ଚ ବିଦ୍ୟାଳୟ ୪୮୫ ଟି ରହିଛି। ଏଥିରେ ୨୩୭ ଟି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରହିଥିବା ବେଳେ ୨୪୮ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଖାଲି ସେତିକି ନୁହେଁ ଜିଲ୍ଲାର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ଆର୍ଟସ୍ ପାଇଁ ଅନୁମୋଦିତ ପଦବୀ ୧୧୪୨ ଥିବାବେଳେ ୧୫୨ ପଦବୀ ଫାଙ୍କା ପଡିଛି। ସେହିପରି ପିସିଏମ ପାଇଁ ୫୯୩ ପଦବୀ ଅନୁମୋଦିତ ପଦବୀ ଥିବାବେଳେ ୪୧ ପଦବୀ ଖାଲି, ହିନ୍ଦୀ ପାଇଁ ଅନୁମୋଦିତ ପଦବୀ ୪୮୭ ଥିବାବେଳେ ୧୦୭ ପଦବୀ ଫାଙ୍କା, ଉର୍ଦ୍ଦୁ ପାଇଁ ୧୩ ପଦବୀରୁ ୮ ପଦବୀ ଫାଙ୍କା, ପିଇଟିରେ ୪୮୩ ପଦବୀରୁ ୧୦୪ ପଦବୀ ଫାଙ୍କା ପଡିଛି। ସେହିପରି ଟିଏମ୍ ରେ ୫୦ ପଦବୀରୁ ୧୩ ପଦବୀ ପୂରଣ ଥିବାବେଳେ ବାକି ପଦବୀ ଫାଙ୍କା ପଡିଛି। ସେହିପରି ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟ ଯଥା ସରକାରୀ ଉଚ୍ଚ ବିଦ୍ୟାଳୟ ୨୬ ଟି, ସମ୍ପୂର୍ଣ୍ଣ ଆଡେଡ୍ ଉଚ୍ଚ ବିଦ୍ୟାଳୟ ୮ ଟି, ନୂଆ ଆଡେଡ୍ ଉଚ୍ଚ ବିଦ୍ୟାଳୟ ୧୩ ଟି ରହିଛି। ସମୁଦାୟ ୪୭ ଟି ବିଦ୍ୟାଳୟ ମଧ୍ୟରୁ ୨୩ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ପୂରଣ ଥିବା ବେଳେ ୨୪ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି। ସେହିପରି ଆର୍ଟସ୍ ରେ ଅନୁମୋଦିତ ପଦବୀ ୧୨୦ ଥିବାବେଳେ ୧୦୨ ପଦବୀ ପୂରଣ ରହିଛି ଏବଂ ୧୮ ପଦବୀ ଖାଲି ପଡ଼ିଛି। ସେହିପରି ପିସିଏମ୍ ରେ ଅନୁମୋଦିତ ପଦବୀ ୬୩ ରହିଥିବା ବେଳେ ୫୯ ପଦ ପୂରଣ ଏବଂ ୪ ପଦ ଫାଙ୍କା, ପିଇଟି ରେ ଅନୁମୋଦିତ ପଦବୀ ୪୭ ଥିବାବେଳେ ୩୫ ପଦବୀ ପୂରଣ ଓ ୧୨ ପଦବୀ ଖାଲି, ଟିଆଇ ରେ ଅନୁମୋଦିତ ପଦବୀ ୧୩ ଥିବାବେଳେ ଗୋଟେ ପଦ ପୂରଣ ଥିବା ବେଳେ ବାକି ୧୨ ପଦବୀ ଫାଙ୍କା ରହିଛି। ସେହିପରି ଟିଏମ୍ ପାଇଁ ଅନୁମୋଦିତ ପଦବୀ ୧୪ ରହିଥିବା ବେଳେ ୨ଟି ପଦବୀ ପୂରଣ ଏବଂ ବାକି ୧୨ ପଦବୀ ଖାଲି ପଡ଼ିଛି। ତେବେ ଏହି ପ୍ରସଙ୍ଗ ବିଧାନସଭାରେ ମଧ୍ୟ ଉଠିଥିଲା। ଯାହାର ତଥ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଉପସ୍ଥାପନ କରିଥିଲେ।

# ଅନ୍ଧକାରରେ ଆଉଟ୍ ସୋର୍ସିଂ ଶିକ୍ଷକ

ବାଲେଶ୍ୱର, ୨୨।୧୨(ସମିସ)

- ବାଲେଶ୍ୱର ଜିଲ୍ଲାରେ ୨୮୦ଜଣ କମ୍ପ୍ୟୁଟର ଶିକ୍ଷକଙ୍କ ଭବିଷ୍ୟତ ବେକାର
- ବୟସର ଅପରାହ୍ନରେ ପରିବାର ଅନାହାରରେ ସଢୁଛନ୍ତି

ଆଉଟ୍ ସୋର୍ସିଂ ନିଯୁକ୍ତି ଏବେ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ସରକାର ସବୁ ବିଭାଗର ଆଉଟ୍ ସୋର୍ସିଂ ଜରିଆରେ ଚାଲିଥିବା ନେଇ ସାଧାରଣରେ ଆଲୋଚନା ଚାଲିଛି। ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ଓସେପା ମାଧ୍ୟମରେ ରାଜ୍ୟରେ ୪ ହଜାର, ବାଲେଶ୍ୱର ଜିଲ୍ଲାରେ ୨୮୦ଜଣ ବିଦ୍ୟାଳୟ ସଂଯୋଜକ ବୟସ ଗଡିବା ସହ ଆଜି ବେକାର। ଆଉଟ୍ ସୋର୍ସିଂ କାର୍ଯ୍ୟକାଳ ସରିବା ପରେ ସରକାର ସେମାନଙ୍କ କାର୍ଯ୍ୟକାଳ ବଢ଼ାଇ ନ ଥିବାରୁ ଅଧିକାଂଶ ପରିବାର ବୟସର ଅପରାହ୍ନରେ ମାସର ଅର୍ଦ୍ଧାଧିକ ଦିନ ଅନାହାରରେ ସଢୁଥିବା ଦେଖିବାକୁ ମିଳୁଛି। ଏବେ ମଧ୍ୟ ଓସେପାରେ ବଡ଼ ଧରଣର କେଳେଙ୍କାରୀ ଦେଖିବାକୁ ମିଳୁଛି। ଆଉଟ୍ ସୋର୍ସିଂ ନିମନ୍ତେ ମୋଟ ୧୧୦ଟି କମ୍ପାନୀ ଆବେଦନ କରିଥିବା ବେଳେ ରାଜ୍ୟ ସରକାର ମୋଟ ୨୧ଟି କମ୍ପାନୀକୁ ଦାୟିତ୍ୱ ଦେଇଛନ୍ତି। ତେବେ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଏହି ୨୧ଟି କମ୍ପାନୀ ମଧ୍ୟରୁ ୧୭ଟି କମ୍ପାନୀ ରାଜ୍ୟ ବାହାରର। ରାଜ୍ୟ ସରକାରଙ୍କ ଗୋଚରରେ ଏଭଳି କାମ ହୋଇଥିବା ଅଭିଯୋଗ ରହିଛି। ଏପରିକି କିଛି ବ୍ଲାକ୍ ଲିଷ୍ଟେଡ୍ (କଳା ତାଲିକାଭୁକ୍ତ) କମ୍ପାନୀକୁ ମଧ୍ୟ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ରାଜ୍ୟର ଧନ୍ଦାମୂଳକ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ଭବିଷ୍ୟତକୁ ସରକାର ଅନ୍ଧାରକୁ ଠେଲି ଦେଇଛନ୍ତି। ଯୁବଶକ୍ତିର ହକ୍ ମାରି ବାହାର ରାଜ୍ୟର କମ୍ପାନୀକୁ ସରକାର ପୋଷୁଛନ୍ତି ବୋଲି ସର୍ବତ୍ର ଆଲୋଚିତ। ସରକାର ଅନାହାରରେ କାଳାତିପାତ କରୁଥିବା ହାଇସ୍କୁଲର ସମସ୍ତ ଆଇସିଟି କମ୍ପୁଟର ଶିକ୍ଷକ ମାନଙ୍କ କଥା ବିଚାର କରିବା ପାଇଁ ଭୋଗରାଇର କମ୍ପୁଟର ଶିକ୍ଷକ ମାନେ ଦାବି କରୁଥିବା ବେଳେ କିଛି ନହେଲେ ବେକାରୀ ଭତ୍ତା ସେମାନଙ୍କୁ ଯୋଗାଇ ଦିଆଯିବା ସପକ୍ଷରେ ପୂର୍ବତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ, ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ ମିଶ୍ର, ଶିକ୍ଷାବିତ ଡ଼. ସନ୍ତୋଷ ପାତ୍ର, ରଜନୀ କାନ୍ତ ପ୍ରଧାନ, ସୁବ୍ରତ ଘରାଇ, ଓଷ୍ଟା ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ପ୍ରାକ୍ତନ ସମ୍ପାଦକ ନିରଞ୍ଜନ ଘରାଇ, ସମେତ ବହୁ ବୁଦ୍ଧିଜୀବି ଓ ଶିକ୍ଷାବିତ ମାନେ ଯୁକ୍ତି ବାଢ଼ିଛନ୍ତି। ହାଇସ୍କୁଲ ମାନଙ୍କରେ ଆଇସିଟି ଯେ କି ପୂର୍ବରୁ ୨୦୦୬ରୁ ଇଚ୍ଛାଧୀନ ବିଷୟ ପଢ଼ାଇ ଆସୁଥିବା କମ୍ପୁଟର ଶିକ୍ଷକକୁ ନ୍ୟାୟ ମିଳିବା ଦରକାର।୧୭ବର୍ଷ ୨ହଜାର ଟଙ୍କା ଦରମାର କମ୍ପ୍ୟୁଟର ଶିକ୍ଷକ ଓ ୫ବର୍ଷିଆ ୬ହଜାର ଦରମାର ସରକାରୀ ଆଇସିଟି ସଂଯୋଜକଙ୍କୁ ୨୨ବର୍ଷ ଖଟାଇଲେ । ଆଉଟ୍ ସୋର୍ସିଂ ପାଇଁ ବେକାର କେହି ନ ହୁଅନ୍ତୁ ସେଥିପାଇଁ ଦୃଷ୍ଟି ଦେବା ଉଚିତ୍। ପୂର୍ବରୁ ଥିବା ସମସ୍ତ ବର୍ଗର କମ୍ପ୍ୟୁଟର ଶିକ୍ଷକଙ୍କୁ ସ୍କୁଲକୁ ଆଣି ବିଚାରଯୋଗ୍ୟ ଦରମା ବ୍ୟବସ୍ଥା କରିବା ଉଚିତ ନତୁବା ବେକାରୀ ଭତ୍ତା ପ୍ରଦାନ କରିବା ସପକ୍ଷରେ ଯୁକ୍ତି ବାଢୁଛନ୍ତି ଭୋଗରାଇର ପ୍ରାକ୍ତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ । ପ୍ରତି ବିଦ୍ୟାଳୟରେ ସ୍ମାର୍ଟ୍ ବୋର୍ଡ ଓ କମ୍ପ୍ୟୁଟର ଲ୍ୟାବ ଥିବା ସହିତ ସମସ୍ତ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ କରିବାକୁ ସରକାର ଚାହୁଁଥିବା ବେଳେ ସ୍ଥାୟୀ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅତୀତରେ ଆଉଟସୋର୍ସିଂ ଜରିଆରେ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦେଇଥିଲେ, କିନ୍ତୁ ଦୁଇ ତିନି ବର୍ଷ ପରେ ସେମାନଙ୍କୁ ସରକାର ଛଟେଇ କରିଦେଲେ। ସରକାର ଯତ୍ନବାନ ହୋଇ ପ୍ରତି ବିଦ୍ୟାଳୟରେ ସ୍ଥାୟୀ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି ଦେଲେ ପିଲାମାନେ କମ୍ପ୍ୟୁଟର ଶିକ୍ଷା ପାଇପାରିବେ, ବେକାରୀ ସମସ୍ୟାର କିଛି ମାତ୍ରାରେ ସମାଧାନ କରାଯାଇ ପାରିବ ଓ କମ୍ପ୍ୟୁଟର ଲ୍ୟାବର ସଠିକ୍ ଉପଯୋଗ ହୋଇପାରିବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ଓଷ୍ଟାର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର କହିଛନ୍ତି।

# ବାମପନ୍ଥୀ ଦଳମାନଙ୍କ ପ୍ରତିବାଦ ସଭା



ବାଲେଶ୍ୱର,୨୨।୧୨(ସମିସ): ସଂସଦର ଶୀତକାଳୀନ ଅଧିବେଶନର ଶେଷଦିନରେ ଗୃହୀତ ହୋଇଥିବା ନୂତନ 'ଭିବି-ଜି-ରାମ-ଜି' ଆଇନକୁ ପ୍ରତ୍ୟାହାର ପାଇଁ ଦାବି କରି ବାମପନ୍ଥୀ ଦଳମାନେ ପ୍ରତିବାଦ ଦିବସ ପାଳନ କରିଛନ୍ତି। ବାଲେଶ୍ୱରରେ ସିପିଆଇ ଓ ସିପିଆଇ(ଏମ୍) ର ଜିଲ୍ଲା ନେତୃତ୍ୱ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବିଚାରଗଞ୍ଜ ଛକ ଠାରେ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ଓ ସିପିଆଇ (ଏମ) ର ଜିଲ୍ଲା ସମ୍ପାଦକ ଶିଶିର ହୁଇଙ୍କ ସମେତ ନିର୍ମଳ ନାୟକ, ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ପରିବହନ ଶ୍ରମିକନେତା ତଥା ସିଆଇଟିୟୁର ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସେକ ସଲ୍ଲାଉଦ୍ଦିନ, ଭରତ ଚନ୍ଦ୍ର ସେଠୀ, ଯତିନ ପାତ୍ର, ପ୍ରେମରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ୨୦୦୫ ମସିହାରୁ କାର୍ଯ୍ୟକାରୀ ହୋଇ ଆସୁଥିବା 'ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଆଇନ' (ଏମଜିଏନଆରଇଜିଏ) ଯୋଜନାର ନାମ ପରିବର୍ତ୍ତନ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ଯୋଜନାରୁ କାଟିଦେବା ଘଟଣାକୁ ଦୃଢ଼ ନିନ୍ଦା କରିଥିଲେ। ୬ ଦଫା ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଶେଷରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଦେଇଥିଲେ।

# ଜାଗ୍ରତ ନାରୀ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲେଶ୍ୱର,୨୨।୧୨(ସମିସ): ରେମୁଣା ମେଡିକାଲ କଲେଜ, ବାଲେଶ୍ୱର ସଦର ହସପିଟାଲ ପରିବେଶକୁ ଶାନ୍ତ ଓ ପରିଷ୍କାର ରଖିବା ସହ ରୋଗୀ ଏବଂ ରୋଗୀଙ୍କ ସହଯୋଗୀମାନଙ୍କର ଗମନାଗମନର ସୁବ୍ୟବସ୍ଥା ତଥା ଯାନବାହାନର ରକ୍ଷଣାବେକ୍ଷଣା ଆଦି ବିଭିନ୍ନ ଦାବି ନେଇ ଆଜି ଜାଗ୍ରତ ନାରୀ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାଲେଶ୍ୱରର ଏକ ମେଡିକାଲ କଲେଜ ଦୀର୍ଘ ୮ବର୍ଷ ଧରି ରେମୁଣା ଠାରେ ସ୍ଥାପିତ ହୋଇଛି। ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଚିକିତ୍ସା ହେଉଥିଲା। ତରବରିଆ ଭାବେ ରେମୁଣା ମେଡିକାଲ କଲେଜରେ ସମସ୍ତ ସୁବ୍ୟବସ୍ଥା ନ ଥାଇ ଏହାକୁ ସ୍ଥାନାନ୍ତରିତ କରାଯିବା ପରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରୋଗୀମାନେ ବହୁ ସମୟରେ ବାଲେଶ୍ୱରରୁ ରେମୁଣା ଏବଂ ରେମୁଣାରୁ ବାଲେଶ୍ୱର ହେଉଥିବା ବେଳେ ଯିବା ଆସିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ରେମୁଣା ମେଡିକାଲ କଲେଜ ପରିସରର ପରିବେଶ ଅଶାନ୍ତ ଏବଂ ଅପରିଷ୍କାର ହୋଇପଡିଛି ବୋଲି କୁହାଯାଇଛି। ସଦର ହସପିଟାଲ ଓ ମେଡିକାଲ କଲେଜ ପରିବେଶ(ଭିତର ଓ ବାହାର) କୁ ସିସି କ୍ୟାମେରା ଭୁକ୍ତ କରାଯାଉ, ରୋଗୀ ଏବଂ ସହଯୋଗୀମାନଙ୍କର ଯାନବାହାନ ରଖିବାର ସ୍ଥାନ ନିରୂପଣ କରାଯାଉ ଏବଂ ଏକ ସଂସ୍ଥାକୁ ତାହାର ନିୟନ୍ତ୍ରଣ କରାଯିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଉ, ରେମୁଣା ମେଡିକାଲ କଲେଜରୁ ବାଲେଶ୍ୱର ସଦର ହସପିଟାଲକୁ ସବୁବେଳେ ବସ ସେବାର ବ୍ୟବସ୍ଥା ନିର୍ଦ୍ଧାରିତ ଦରରେ ଯୋଗାଇ ଦିଆଯାଉ,ବାଲେଶ୍ୱର ସହର ଏବଂ ବାଲେଶ୍ୱର ବସଷ୍ଟାଣ୍ଡ, ରେଳ ଷ୍ଟେସନରୁ ମେଡିକାଲ କଲେଜରୁ ବାଲେଶ୍ୱର ସଦର ହସପିଟାଲ ପର୍ଯ୍ୟନ୍ତ ଯାନ ବାହାନ ବ୍ୟବସ୍ଥା ନିର୍ଦ୍ଧାରିତ ଦରରେ ଯୋଗାଇ ଦିଆଯାଉ ବୋଲି ଦାବି କରାଯାଇଛି। ଏହି ଦାବିପତ୍ର ବେଳେ ସଙ୍ଗଠନର ମମତା ଦାସଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭୋଗରାଇରେ ଚଳୁନି ଖୁଚୁରା ପଇସା

ଭୋଗରାଇ/ଚନ୍ଦନେଶ୍ୱର,୨୨।୧୨ (ସମିସ): ଚନ୍ଦନେଶ୍ୱର ବଜାରରେ ଅଚଳ ହୋଇପଡିଛି ୧ ଟଙ୍କିଆ ଓ ୨ ଟଙ୍କିଆ ମୁଦ୍ରା। ଫଳରେ ଗ୍ରାହକମାନଙ୍କର କିଣା ବିକାରେ ଘୋର ଅସୁବିଧା ସୃଷ୍ଟି ହେବା ସହିତ ବିଭିନ୍ନ ସ୍ଥାନରେ ଖୁଚୁରା ପଇସାକୁ କେନ୍ଦ୍ର କରି ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ମୁହାଁମୁହିଁ ହେବାର ଦେଖିବାକୁ ମିଳୁଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ଚନ୍ଦନେଶ୍ୱର ଶୈବପୀଠ, ମନୋରମ ବେଳାଭୂମି ତାଳସାରୀ, ଉଦୟପୁର, ବିଚିତ୍ରପୁର ପ୍ରକୃତି ନିବାସ ସହିତ ଏସିଆ ମହାଦେଶର ସର୍ବବୃହତ ଶିବ ଲିଙ୍ଗ ଥିବା ଭୂଷଣ୍ଡେଶ୍ୱର ମନ୍ଦିରକୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଦେଶ ବିଦେଶରୁ ଏଠାକୁ ଆସିଥାନ୍ତି। ବିଶେଷ କରି ପଡୋଶୀ ପଶ୍ଚିମବଙ୍ଗର ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି। ମାତ୍ର ପଶ୍ଚିମବଙ୍ଗରେ ୧ ଟଙ୍କା ଓ ୨ ଟଙ୍କା ମୁଦ୍ରା ପ୍ରଚଳନ ଥିବାବେଳେ ତାଳସାରୀ, ଉଦୟପୁର, ଚନ୍ଦନେଶ୍ୱର ସମେତ ସମଗ୍ର ଭୋଗରାଇରେ ଖୁଚୁରା ପଇସା ବ୍ୟବସାୟୀ ମାନେ ଗ୍ରହଣ କରୁନଥିବାରୁ କିଣାବିକାରେ ଘୋର ଅସୁବିଧା ସୃଷ୍ଟି ହୋଇଛି । ଓଡ଼ିଶାର ବଡ଼ ବଡ଼ ସହରରେ ଖୁଚୁରା ପଇସାର ପ୍ରଚଳନ ଥିବାବେଳେ ଚନ୍ଦନେଶ୍ୱର ତଥା ଭୋଗରାଇରେ ଖୁଚୁରା ପଇସା ଚଳୁନଥିବାରୁ ୧ ଟଙ୍କିଆ ଓ ୨ ଟଙ୍କିଆ ମୁଦ୍ରା ଅଚଳ ହୋଇପଡିଛି। ବ୍ୟବସାୟୀ ମଧୁସୂଦନ ସାହୁ, ସୁଶାନ୍ତ ପ୍ରଧାନ, ଗୌରାଙ୍ଗ ଗିରି ପ୍ରମୁଖ ପ୍ରକାଶ କରିଛନ୍ତି ଯେ, ଚନ୍ଦନେଶ୍ୱର ଅଂଚଳର ବଡ଼ବଡ଼ ବ୍ୟବସାୟୀ ଖୁଚୁରା ପଇସା ନେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବାଲେଶ୍ୱର ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ




ବାଲେଶ୍ୱର,୨୨।୧୨(ସମିସ): ବାଲେଶ୍ୱର ଜିଲ୍ଲା ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲ୍ଲା ସଭାପତି କୈଳାସ ଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି, ସଂଗଠନର ରାଜ୍ୟ ସଭାପତି ଦେବେନ୍ଦ୍ର ସାହୁ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସାହୁ, ରାଜ୍ୟ ମହିଳା ସମ୍ପାଦିକା ଅପର୍ଣ୍ଣା ସାହୁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ମଧୁବୈଶ୍ୟମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାର ମେଟ୍ରିକ୍, ଯୁକ୍ତଦୁଇ ଓ ଯୁକ୍ତତିନି ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ମଧୁବୈଶ୍ୟ ସମାଜର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନର ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଂଗଠନିକ ସମ୍ପାଦକ ବଂଶୀଧର ସାହୁ ଓ କାର୍ଯ୍ୟକାରୀ ସଭାପତି ସନ୍ତୋଷ ସାହୁ ମଧୁବୈଶ୍ୟ ସମାଜ ଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ପର୍ଶୁରାମ ସାହୁ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଯୁବ ସଭାପତି ଅଭିରାମ ସାହୁ ଧନ୍ୟବାଦ ଦେଇଥିଲେ।

# ବାଲେଶ୍ୱର ଲାୟନ୍ସ କ୍ଲବର ସେବାକାର୍ଯ୍ୟ

ବାଲେଶ୍ୱର,୨୨।୧୨(ସମିସ): ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ସହର ଉପକଣ୍ଠ ଖାନନଗର ପଂଚାୟତରେ ଏକ କମ୍ବଳ ବଂଟନ କରାଯାଇଛି। କ୍ଲବର ସଭାପତି ଶିବ କୁମାର ପୋଦାର ଓ ସମ୍ପାଦକ ବିଷ୍ଣୁପ୍ରସାଦ ମାରୁ ଯୋଗଦେଇ ଖାନନଗର ପଂଚାୟତରେ ବସବାସ କରୁଥିବା ଗରିବ ଅସହାୟଙ୍କୁ ସହାୟତା ପ୍ରଦାନ କରିଥିଲେ। କ୍ଲବର ପୂର୍ବତନ ସଭାପତି ଭଗବାନଦାସ ଗୁପ୍ତା, ଖାନନଗର ସରପଞ୍ଚ ଅଞ୍ଜନ କୁମାର ନାୟକ ଓ ସମିତି ସଭ୍ୟା ରଶ୍ମିରାଣୀ ଦାସ, କ୍ଲବର ପୂର୍ବତନ ସଭାପତି ସଞ୍ଜୟ ଦାସ, ରାଜେନ୍ଦ୍ର ମାହାବାର, ନନ୍ଦକିଶୋର ଖଣ୍ଡେଲୱାଲ ଓ ରାଜକୁମାର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ନୃତ୍ୟ ସଂଗୀତ କଳା ମନ୍ଦିରର ବାର୍ଷିକ ଉତ୍ସବ




ବାଲେଶ୍ୱର,୨୨।୧୨(ସମିସ): ସର୍ବପୁରାତନ କଳା ଓ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟ ସଂଗୀତ କଳା ମନ୍ଦିରର ୬୯ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ୍ୟ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ଅନୁଷ୍ଠାନ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ବିଗତ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସରକାରଙ୍କ ନିକଟରୁ କୌଣସି ଆର୍ଥିକ ସହାୟତା ଅନୁଷ୍ଠାନକୁ ମିଳିନଥିବାରୁ କ୍ଷୋଭ ପ୍ରକାଶ କରିବା ସହିତ ଯେଉଁ କେତୋଟି ପୁରୁଣା ଅନୁଷ୍ଠାନ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ବର୍ଷ ବର୍ଷ ଧରି ପ୍ରଚେଷ୍ଟା ଜାରି ରଖିଛନ୍ତି ସେହି ସବୁ ଅନୁଷ୍ଠାନ ମାନଙ୍କୁ ସ୍ୱତନ୍ତ୍ର ଅନୁଦାନ ରାଶି ପ୍ରଦାନ କରିବାକୁ ବିଧାୟକଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଶ୍ରୀଯୁକ୍ତ ଦତ୍ତ ଏହାକୁ ନିଶ୍ଚିତ ଭାବେ ସରକାରଙ୍କ ନିକଟରେ ଉପସ୍ଥାପିତ କରିବେ ବୋଲି ପ୍ରତିଶୃତି ଦେବା ସହ ଚଳିତ ଆର୍ଥିକ ବର୍ଷ ରେ ନୃତ୍ୟ ସଂଗୀତ କଳା ମନ୍ଦିରର ପ୍ରଥମ ମହଲା ରେ ଥିବା ସଭାକକ୍ଷ୍ୟକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ବିଧାୟକ ପାଣ୍ଠିରୁ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିବା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଇମାମି ପେପର ମିଲର ଏଜିଏମ ମନୋଜ କୁମାର ପାଢ଼ୀ ଅନୁଷ୍ଠାନ ଉନ୍ନତି କଳ୍ପେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ଅନୁଷ୍ଠାନ ଉପସଭାପତି ସୁଜିତ କୁମାର ଦେବ ତାଙ୍କ ବକ୍ତବ୍ୟ ରଖିବା ସହ ଅନୁଷ୍ଠାନର ସହ ସଭାପତି ଉତ୍ପଳ ମହାନ୍ତି ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଓଡିଶାର ବିଶିଷ୍ଟ ବେହେଲା ବାଦକ ଗୁରୁ ପ୍ରଫୁଲ୍ଲ ରଥଙ୍କୁ ରଞ୍ଜନା ଦାସ ସଂଗୀତ ଶିରୋମଣି ସମ୍ମାନ, ବିଶିଷ୍ଟ ଓଡିଶୀ କଣ୍ଠ ଶିଳ୍ପୀ ତଥା ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ରଙ୍କୁ ନିର୍ମଳା ପ୍ରହ୍ଲାଦ ମହାନ୍ତି ସ୍ମୃତି ସମ୍ମାନ, ବିଶିଷ୍ଟ ଚିତ୍ରଶିଳ୍ପୀ କରୁଣା ପ୍ରିୟା ସ୍ୱାଇଁଙ୍କୁ ବିଷ୍ଣୁପ୍ରିୟା ଦେବୀ ସମ୍ମାନ ଏବଂ ବିଶିଷ୍ଟ ତବଲା ଓ ମର୍ଦ୍ଦଳ ବାଦକ ଗୁରୁ ସୁଶାନ୍ତ ଦାସଙ୍କୁ ମନୋଜ ପଟ୍ଟନାୟକ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୁମନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ କୋଷାଧ୍ୟକ୍ଷ ହରେନ ଚନ୍ଦ୍ର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଫଏମ୍‌ୟୁ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ କମ୍ବଳ ବଣ୍ଟନ

ବାଲେଶ୍ୱର,୨୨।୧୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ଦ୍ୱାରା ଏକ ନିଃଶୁଳ୍କ କମ୍ବଳ ବିତରଣ କାର୍ଯ୍ୟକ୍ରମ ସ୍ଥାନୀୟ ମିତ୍ରପୁର ଢାଲସାହିଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ତଥା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ନିହାର ରଂଜନ ରାଉତ, ଦେବଦତ୍ତ ଦାସ, ମିନତୀ ମିଶ୍ର ଓ ଜଗନ୍ନାଥ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୧୦୦ରୁ ଅଧିକ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

# ବକ୍ସିଂ ଓ କବାଡ଼ିରେ ବାଲେଶ୍ୱର କ୍ରୀଡ଼ାବିତ୍‌ଙ୍କ ସଫଳତା

ବାଲେଶ୍ୱର,୨୨।୧୨(ସମିସ): ରାଉରକେଲାରେ ଦୁଇ ଦିନ ବ୍ୟାପୀ ଆୟୋଜିତ ହୋଇଥିବା ନବମ ରାଜ୍ୟସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିବା ଓମକାର ଦେବ ସୂର୍ଯ୍ୟ ଜେନା ସ୍ୱର୍ଣ୍ଣ ପଦକ ଏବଂ ତାରାପଦ ବେହେରା ରୌପ୍ୟ ପଦକ ହାସଲ କରିଛନ୍ତି। ଓମକାର ଦେବ ସୂର୍ଯ୍ୟ ଜେନା ଓଡିଶା ଦଳ ତରଫରୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି କଟକଠାରେ ହୋଇଥିବା ଜୁନିୟର ବାଳିକା କବାଡି ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ଅର୍ପିତା ଜେନା ବେଙ୍ଗଲ ଠାରେ ହେବାକୁ ଥିବା ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତାରେ ଓଡିଶା ଦଳ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି କ୍ରୀଡାବିତ୍‌ମାନଙ୍କ ସଫଳତା ପାଇଁ ଜିଲ୍ଲା କ୍ରୀଡା ସଂଘ ତରଫରୁ ଜିଲ୍ଲା କ୍ରୀଡାସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଏବଂ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଯାଇଛି।


पावरग्रिड POWERGRID

**ନୋଟିସ**

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:

କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

**ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU


# ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଗଣଧାରଣା

ବାଲେଶ୍ୱର,୨୨।୧୨(ସମିସ)



ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସହରର ସିନେମା ଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଛି। ମନରେଗା ର ନାମ ପରିବର୍ତ୍ତନ କରିବା ଏବଂ ଗାନ୍ଧୀଙ୍କ ନାମକୁ ଅପସାରଣ କରିଥିବା ବିଜେପି ସରକାର ବିରୋଧରେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସଞ୍ଜୀବ ଗିରି, ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଯୁବ ନେତା ସରୋଜ ଲେଙ୍କା, ସୁଧାଂଶୁ ଜେନା, ରାଜୀବ ପରିଡ଼ା, ତପନ ରାଉତ ପ୍ରମୁଖ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କହ୍ନେଇ ବେହେରା, ନିରଞ୍ଜନ ବେହେରା, ତରୁଣ ଦାସ, ହେମନ୍ତ ଗିରି, ଆଶିଷ ପଟ୍ଟନାୟକ, ନାରୀ ନେତ୍ରୀ ବାସନ୍ତୀ ସାମଲ, ଉର୍ମିଳା ମାଝୀ, ସାହେବା ଅକ୍ତର, କୁମୁଦିନୀ ଜେନା ପ୍ରମୁଖଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ। ଯୁବ ନେତା ତୁଷାରକାନ୍ତି ତପସ୍ୱୀ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ। ଧାରଣା ପରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।

● ବିଇଡିଏର 'ଉନ୍ନୟନ ପ୍ରକଳ୍ପ ଓ ବିଲ୍ଡିଂ ପ୍ଲାନ୍' କମିଟି ବୈଠକ

# ବ୍ରହ୍ମପୁର ଓ ଉପକଣ୍ଠର ୧୦ ପ୍ରକଳ୍ପକୁ ଅନୁମୋଦନ



ବ୍ରହ୍ମପୁର,୨୨।୧୨(ସମିସ): ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ୩୨ତମ 'ଡିପି ଆଣ୍ଡ ବିପି' ବା ଉନ୍ନୟନ ପ୍ରକଳ୍ପ ଏବଂ ବିଲ୍ଡିଂ ପ୍ଲାନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଇଡିଏ ଉପାଧ୍ୟକ୍ଷ ତଥା ବିଇଏମସି କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ବିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଇଡିଏର ୮ଟି ଓ ବିଇଏମସିର ୨ଟି ଅର୍ଥାତ୍ ସହର ମଧ୍ୟରେ ୨ଟି ଓ ଉପକଣ୍ଠରେ ୮ଟି ପ୍ରକଳ୍ପ ପ୍ରସ୍ତାବକୁ କମିଟି ଅନୁମୋଦନ ଦେଇଥିବା ଜଣାପଡିଛି। ବୈଠକରେ ବିଇଡିଏ ସଚିବ ରମେଶ ହାଂସଦା, ସିଟି ଇଂଜିନିୟର ତଥା ପ୍ଲାନିଂ ମେମ୍ବର ଇଂ ମନୋଜ ପାତ୍ରଙ୍କ ସମେତ ୱାଟକୋ ମହା ପ୍ରବନ୍ଧକ ଇଂ ବିକାଶ ପାଢୀଙ୍କ ସମେତ ବିଭିନ୍ନ ଲାଇଂ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଆଦର୍ଶ ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ




ବ୍ରହ୍ମପୁର,୨୨।୧୨(ସମିସ): ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ଉଦଘାଟନ କରି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଶଶୀଭୂଷଣ ରଥ ସରକାରୀ ବାଳିକା ମହାବିଦ୍ୟାଳୟ ଇତିହାସ ବିଭାଗର ଡ. ଭବାନୀ ମହାରଣା ଓ ମୁଖ୍ୟବକ୍ତା ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଭାଗିରଥି କାଣ୍ଡି ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରି ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଖେଳ ମଶାଲକୁ ସ୍କୁଲର ଜାତୀୟ ନେଟବଲ୍ ଖେଳାଳି ଅର୍ପିତା କାଣ୍ଡି ଆଣିଥିବା ବେଳେ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଶିକ୍ଷକ ରଞ୍ଜିତ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ଏକାଡେମୀ, ସିସିଏର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଉପାଧ୍ୟକ୍ଷା ସ୍ମିତାବାଳା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତାଲା ବନ୍ଦ ଘରୁ ଲକ୍ଷେ ଟଙ୍କା ଚୋରି

ବ୍ରହ୍ମପୁର,୨୨।୧୨(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ କୃଷ୍ଣନଗର ପ୍ରଥମ ଲାଇନ୍‌ରେ ଥିବା ଏକ ତାଲା ବନ୍ଦ ଘରୁ ନଗଦ ଲକ୍ଷେ ଟଙ୍କା ଚୋରି ହୋଇଛି। କେହି ଦୁର୍ବୃତ୍ତ ଘର ଭିତରେ ପଶି ମଦ୍ୟପାନ କରିବା ପରେ ଲକର ଭାଙ୍ଗି ୧ ଲକ୍ଷ ଟଙ୍କା ଚୋରି କରିଥିବା ଘର ମାଲିକ ସନ୍ତୋଷ କୁମାର ବେହେରା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାପ୍ରକାରେ, ଲାଞ୍ଜିପଲ୍ଲୀର ସନ୍ତୋଷ ୭ ମାସ ତଳେ କୃଷ୍ଣନଗର ପ୍ରଥମ ଲାଇନରେ ଥିବା ରଘୁନାଥ ବେହେରାଙ୍କ ଘର କ୍ରୟ କରିଥିଲେ। ଘର କିଣିବା ପରେ ସେ କିଛି ସାମଗ୍ରୀ ରଖିବା ସହ ତାଲା ପକାଇ ରଖିଥିଲେ। ୩ ଦିନ ତଳେ ସେ ଉକ୍ତ ଘରକୁ ଯିବାବେଳେ ଏକ ନୂତନ ତାଲା ପଡିଥିବା ଦେଖିଥିଲେ। ଭିତରକୁ ଯାଇ ଯାଞ୍ଚ ପରେ ଲକରରୁ ନଗଦ ୧ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। କିଛି ଦୁର୍ବୃତ୍ତ ଘର ଭିତରେ ପଶି ମଦ୍ୟପାନ କରିଥିବା ଜଣାପଡିଥିଲା।

# ବିନା ଲାଇସେନ୍ସରେ ଚାଲିଛି ଶହ ଶହ କ୍ଲିନିକ୍, ଲାବ୍ ଓ ଡ଼ାଏଗ୍ନୋଷ୍ଟିକ୍ ସେଣ୍ଟର

● କୁମ୍ଭକର୍ଣ୍ଣ ନିଦ୍ରାରେ ସ୍ୱାସ୍ଥ୍ୟ ପ୍ରଶାସନ, ଚେତା ପଶିବ କେବେ?

● ବିଭିନ୍ନ ପରୀକ୍ଷା ରିପୋର୍ଟକୁ ନେଇ ଉଠିଛି ପ୍ରଶ୍ନ; ଚିନ୍ତାରେ ରୋଗୀ

● ଚିକିତ୍ସା ଅବହେଳାରୁ ପ୍ରାଣ ହରାଉଛନ୍ତି ଜଣଙ୍କ ପରେ ଜଣେ



ବ୍ରହ୍ମପୁର,୨୨।୧୨(ସମିସ): ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ଭଳି ବହୁ ସଂଖ୍ୟକ ନର୍ସିଂ ହୋମ, କ୍ଲିନିକ, ପାଥୋଲୋଜି ଓ ଡାଏଗ୍ନୋଷ୍ଟିକ ସେଣ୍ଟର ଗଢିଉଠିଛି। ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଭିନ୍ନ ରୋଗର ନିଦାନ ପାଇଁ ପ୍ରତ୍ୟେକ ଦିନ ଏଠାରେ ଶତାଧିକ ରୋଗୀଙ୍କ ଭିଡ ଜମୁଛି। ବେନିୟମ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଥିବା କ୍ଲିନିକ, ପାଥୋଲୋଜି ଓ ଡ଼ାଏଗ୍ନୋଷ୍ଟିକ ସେଣ୍ଟର ଚିକିତ୍ସା ସେବା ଯୋଗାଇବା ପରିବର୍ତ୍ତେ ରୋଗୀଙ୍କ ଜୀବନ ନେଉଥିବା ଦେଖିବାକୁ ମିଳିଛି। ନିୟମ ମୁତାବକ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ-୧୯୯୦ ଅନୁସାରେ ଘରୋଇ କ୍ଲିନିକ, ପାଥୋଲୋଜି ଓ ଡ଼ାଏଗ୍ନୋଷ୍ଟିକ ସେଣ୍ଟରରେ ନିୟୋଜିତ ଥିବା ଡାକ୍ତର, କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା, ରୋଗୀଙ୍କ ସେବାରେ ବ୍ୟବହାର ହେଉଥିବା ମେସିନ, ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ଟ୍ରେଡ ଲାଇସେନ୍ସ, ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଏକ ଟିମ୍ ନିରୀକ୍ଷଣ କରିବାର ବ୍ୟବସ୍ଥା ରହିଛି। ଏହା ପରେ ଉକ୍ତ ସଂସ୍ଥାକୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସାର୍ଟିଫିକେଟ ପ୍ରଦାନ କରାଯାଇଥାଏ। ଏହି ସାର୍ଟିଫିକେଟର ଅବଧି ୫ବର୍ଷ ଥିବାବେଳେ ନବୀକରଣ ପାଇଁ ୩ମାସ ପୂର୍ବରୁ ଆବେଦନ କରିବାର ଜରୁରୀ। କିନ୍ତୁ ଏହି ନିୟମକୁ ଅନେକ ସଂସ୍ଥାର ମାଲିକ ପାଳନ କରୁନଥିବା ଜଣାପଡିଛି। ଫଳରେ ଉନ୍ନତ ଚିକିତ୍ସା ସେବା ଆଶାରେ ପରିବାର ପକ୍ଷରୁ ରୋଗୀଙ୍କୁ ସୁସ୍ଥ ହେବା ନିମନ୍ତେ ବିଭିନ୍ନ ଘରୋଇ ହସ୍ପିଟାଲକୁ ଆସୁଥିବା ରୋଗୀ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଉନ୍ନତମାନ ତଥା ଆଧୁନିକ ଜ୍ଞାନକୌଶଳରେ ପରୀକ୍ଷା ଓ ଚିକିତ୍ସା ସେବା ଯୋଗାଇବା ଆଳରେ ରୋଗୀଙ୍କ ଠାରୁ ହଜାର ହଜାର ଟଙ୍କା ଲୁଟୁଛନ୍ତି ସହରର ଅଧିକାଂଶ ଘରୋଇ ହସ୍ପିଟାଲ। ଏପରିକି ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଘରୋଇ ନର୍ସିଂହୋମ, କ୍ଲିନିକ, ପାଥୋଲୋଜି ଓ ଡାଏଗ୍ନୋଷ୍ଟିକ ସେଣ୍ଟରର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସାର୍ଟିଫିକଟ ନଥିବା ମଧ୍ୟ ଜଣାପଡିଛି। ବିଭିନ୍ନ ସମୟରେ ଏଭଳି ସଂସ୍ଥାଗୁଡିକ ଉପରେ ଯାଞ୍ଚ କରାଯାଉଥିବା ବେଳେ ଏହା କେବଳ ଧର୍ମକୁ ଆଖି ଠାର ସଦୃଶ ବୋଲି ଅଭିଯୋଗ ହୋଇଛି। ସଂସ୍ଥାଗୁଡିକ ପକ୍ଷରୁ କରାଯାଉଥିବା ପରୀକ୍ଷା ଓ ତାହାର ରିପୋର୍ଟକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ଏକ ରିପୋର୍ଟକୁ ନେଇ ସନ୍ଦେହ ଉଠିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାକୁ ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ କରିବା ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି। ତେବେ ଏଭଳି ବେଆଇନ କ୍ଲିନିକ, ହସ୍ପିଟାଲ, ପାଥଲୋଜି ଇତ୍ୟାଦି ଉପରେ ପ୍ରଶାସନ ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟର ବିଷୟ ହୋଇଥିବା ବେଳେ ରୋଗୀସେବାକୁ ବ୍ୟବସାୟୀକରଣ କରିଥିବା ଅସାଧୁ ମାଲିକମାନେ ମାଲାମାଲ୍ ହେବାରେ ଲାଗିଛନ୍ତି। ତେବେ ଆଉ କେତେ ରୋଗୀଙ୍କ ଜୀବନ ଗଲାପରେ ପ୍ରଶାସନ ଚେତିବ ବୋଲି ପ୍ରଶ୍ନ ଉଠିଛି। ବେଆଇନ କ୍ଲିନିକ, ପାଥଲୋଜି ଓ ଡ଼ାଏଗ୍ନୋଷ୍ଟିକ ସେଣ୍ଟର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେପଟେ ଏଭଳି ଅଭିଯୋଗକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ଆଲୋଚନା କରି ତଥା ପୁଲିସ ପ୍ରଶାସନର ସହଯୋଗରେ ମିଳିତ ଚଢଉ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର।

# 'ମନୋବିକାଶ'ରେ ରହିବ ମାନସିକ ବିକାରଗ୍ରସ୍ତ କୁନି ଝିଅ



'ସକାଳ' ପ୍ରଭାବ

ବ୍ରହ୍ମପୁର,୨୨।୧୨(ସମିସ): ବ୍ରହ୍ମପୁର କୋର୍ଟ ସମ୍ମୁଖର ଏକ ହୃଦୟ ବିଦାରକ ଦୃଶ୍ୟ ସମ୍ପର୍କିତ ଖବର ପ୍ରକାଶନ କରି ଦୈନିକ 'ସକାଳ' ଖବର କାଗଜ ପ୍ରଶାସନର ଦୃଷ୍ଟିକୁ ଆଣିଥିଲା। ଯାହାର ପ୍ରଭାବ ପଡିଛି ଏବଂ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ସହଯୋଗର ହାତ ବଢାଇଛି। ଯଦ୍ୱାରା କୋର୍ଟରେ ବୁଲି ବୁଲି ଚା' ବିକି ଗୁଜରଣ ମେଣ୍ଟାଉଥିବା ବିଧବା ସନ୍ତୋଷିନୀଙ୍କ ଦୁଃଖ ସାମାନ୍ୟ ଲାଘବ ହେବା ସହିତ ତାଙ୍କୁ ଖୁବ୍‌ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି ଜଣାପଡିଛି। ସନ୍ତୋଷିନୀ ନିଜର ୮ବର୍ଷର ମାନସିକ ବିକାରଗ୍ରସ୍ତ କୁନିଝିଅକୁ ଚୌକିରେ ବାନ୍ଧି ଚା' ବିକ୍ରି କରୁଛନ୍ତି। ଏଥିପାଇଁ ତାଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଘରେ କେହି ନଥିବାରୁ ସେ ବାଧ ହୋଇ ଝିଅକୁ ଘରେ ଏକୁଟିଆ ନଛାଡ଼ି ଦୋକାନରେ ବସାଉଛନ୍ତି। ଏନେଇ 'ସକାଳ'ରେ ଖବର ପ୍ରକାଶ ପରେ ବିଇଏମସି କମିସନର ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ସନ୍ତୋଷିନୀଙ୍କୁ ସହାୟତା ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି। ମାନସିକ ବିକୃତ ତଥା ବାକ୍ ବାଧିତ କୁନି ଝିଅକୁ ମନୋବିକାଶ ବିଦ୍ୟାଳୟରେ ସାମୟିକ ଥଇଥାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଯେଉଁଠାରେ କୁନି ଝିଅକୁ ସନ୍ତୋଷିନୀଙ୍କ ଦୋକାନ ନିକଟରୁ ଗାଡିରେ ନିୟମିତ ନିଆଯାଇ ପୁଣି ବିଦ୍ୟାଳୟ ଶେଷ ପରେ ଆଣି ଛାଡ଼ି ଦିଆଯିବ। ଏନେଇ ଆବଶ୍ୟକ ବନ୍ଦୋବସ୍ତ କରାଯିବ ବୋଲି କହିଛନ୍ତି ବିଇଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ। ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ମଧ୍ୟ ଏକ୍ଷେତ୍ରରେ ସହଯୋଗର ହାତ ବଢାଇ ମନୋବିକାଶ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। ଉଭୟ ବିଇଏମସି ଓ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ କର୍ମଚାରୀମାନେ ଆସି ସନ୍ତୋଷିନୀଙ୍କ ସହିତ ଆଲୋଚନା କରିଥିବା ସେ ସୂଚନା ଦେଇଛନ୍ତି। ପ୍ରଶାସନର ଏଭଳି ପଦକ୍ଷେପକୁ ସନ୍ତୋଷିନୀ ସ୍ୱାଗତ କରିବା ସହିତ 'ସକାଳ' ଖବର କାଗଜକୁ କୃତଜ୍ଞତା ଜଣାଇଛନ୍ତି। ଆସନ୍ତା ଜାନୁଆରୀ ୨ତାରିଖ ଠାରୁ କୁନିଝିଅ ରାସ୍ତାକଡରେ ଗୋଡବନ୍ଧା ହୋଇ ବସିବ ନାହିଁ ବରଂ ମନୋବିକାଶ ଶିକ୍ଷାନୁଷ୍ଠାନରେ ନିଜ ସମସାମୟିକ ତଥା ବନ୍ଧୁବର୍ଗଙ୍କ ସହିତ ଖେଳିବୁଲି ସମୟ ଅତିବାହିତ କରିବ। ସନ୍ତୋଷିନୀଙ୍କ ଦୁଃଖ ସାମୟିକ ଭାବେ ଲାଘବ ହେବା ନେଇ ଆଶା ଉଦ୍‌ଜୀବିତ ହେବାପରେ କୋର୍ଟରେ ଆଇନଜୀବୀଙ୍କ ମଧ୍ୟରେ ମଧ୍ୟ ଖୁସି ଦେଖିବାକୁ ମିଳିଛି।

## ଟ୍ରକ୍ ଧକ୍କାରେ ଦୋକାନ ଗୃହ ଚୁରମାର୍; ପ୍ରତିବାଦରେ ରାସ୍ତାରୋକ



ବ୍ରହ୍ମପୁର,୨୨।୧୨(ସମିସ): ସଦରଥାନା ଅନ୍ତର୍ଗତ ଲାଠି ଛକରେ ଥିବା ଏକ ଦୋକାନ ଗୃହ ଉପରେ ଅଜଣା ଟ୍ରକ ମାଡ଼ିଯିବାରୁ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରବିବାର ମଧ୍ୟରାତ୍ରରେ ଏହି ଘଟଣା ଘଟିଥିବାବେଳେ ସୋମବାର ସକାଳେ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। କିଛି ସମୟ ପାଇଁ ଉତ୍ତ୍ୟକ୍ତ ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଫଳରେ କିଛି ସମୟ ପର୍ଯ୍ୟନ୍ତ ସେହି ରାସ୍ତାର ଉଭୟ ପଟେ ଅନେକ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଯାତାୟତ ପ୍ରଭାବିତ ହୋଇଥିଲା। ମହୁଡ଼ା ଅଞ୍ଚଳରୁ ରାତି ସମୟରେ ଚୋରା ମୋରମ ଚାଲାଣ ହେଉଥିବା ଯୋଗୁ ଭାରି ଟ୍ରକ ଗୁଡ଼ିକ ଦ୍ରୁତଗତିରେ ଚଳାଚଳ କରୁଛି। କୌଣସି ଟ୍ରକ ଏଭଳି ଘଟଣା ଘଟାଇ ଚମ୍ପଟ ମାରିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ରାସ୍ତାରୋକ ପରେ ସେଠାରେ ପରିସ୍ଥିତ ଜଟିଳ ହୋଇଥିବା ଖବର ପାଇ ସଦର ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଘଟଣାର ତଦନ୍ତ କରିବା ସହ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଯାଞ୍ଚ କରୁଛି ପୁଲିସ। ଘଟଣା ଘଟାଇଥିବା ଟ୍ରକ ନମ୍ବର ଟ୍ରାକିଂ ପରେ ଚାଳକଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପଟେ ଅଞ୍ଚଳବାସୀ ସେହି ରାସ୍ତାରେ ରାତ୍ରିକାଳୀନ ଭାରୀଗାଡ଼ି ଚଳାଚଳ ଉପରେ କଡ଼ା ନିୟନ୍ତ୍ରଣ କରିବାକୁ ଦାବି ହୋଇଛି।

## ସାମ୍ବାଦିକାଙ୍କ ବାପାଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୨୨।୧୨(ସମିସ): ବ୍ରହ୍ମପୁର ସହରରେ କାର୍ଯ୍ୟରତ ସାମ୍ବାଦିକା ସୁଭଦ୍ରା ଶୁକ୍ଳାଙ୍କ ପିତା ସୁରେନ୍ଦ୍ର ପ୍ରସାଦ ଶୁକ୍ଳାଙ୍କୁ ରବିବାର ରାତିରେ ଦୁଇ ଦୁର୍ବୃତ୍ତ ଆକ୍ରମଣ କରିଥିବା ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ ତଦନ୍ତ କରୁଛି।ସୂଚନାଯୋଗ୍ୟ ଯେ, ସୁରେନ୍ଦ୍ର ଟାଟାବେଞ୍ଜି ଛକ ନିକଟରେ ଗୋଟିଏ ପାନ ଦୋକାନ କରିଛନ୍ତି। ରବିବାର ରାତି ପ୍ରାୟ ୧୦ଟାରେ ସେ ଟାଟାବେଞ୍ଜି ଛକରୁ କିଛି ଜିନିଷ ନେଇ ଘରକୁ ଫେରୁଥିବା ବେଳେ ଗୋଟିଏ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ସୁରେନ୍ଦ୍ରଙ୍କୁ ମାଡ଼ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏପରିକି ସେ କରିଥିବା ଦୋକାନ ଜାଗା ଛାଡିଦେବାକୁ ଧମକ ଦେଇଥିଲେ। ଆଜି ସାମ୍ବାଦିକା ସୁଭଦ୍ରା ଓ ତାଙ୍କ ପିତାଙ୍କୁ ନେଇ ଅତିରିକ୍ତ ଏସ୍‌ପି ଆଲୋକ ଜେନାଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ଶ୍ରୀ ଜେନା ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ବୈଦ୍ୟନାଥପୁର ଥାନା ଅଫିସରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନାର କିଛି ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏପରିକି ମହାନଗର ନିଗମ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କଣ୍ଟ୍ରୋଲ ରୁମ୍‌ରୁ ପୁଲିସ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ଫୋଟ ସଂଗ୍ରହ କରିବାକୁ କଣ୍ଟ୍ରୋଲ ରୁମ୍ ଦାଇତ୍ୱରେ ଥିବା କର୍ମଚାରୀଙ୍କ ସହ ଯୋଗାଯୋଗ କରିଥିବା ଜଣାପଡିଛି। ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।

# ମନରେଗା ଆଇନରେ ପରିବର୍ତ୍ତନ; ବାମପନ୍ଥୀଙ୍କ ଗର୍ଜନ




ରୋଜଗାର ଓ ଗାନ୍ଧୀଙ୍କୁ ଅସମ୍ମାନ ବିରୁଦ୍ଧରେ ଏକାଠି ହେବାକୁ ଆହ୍ୱାନ

ବ୍ରହ୍ମପୁର,୨୨।୧୨(ସମିସ): ମନରେଗା ଆଇନର ନାମ ଓ ପରିବର୍ତ୍ତନ ନେଇ ଦେଶବ୍ୟାପି ବାମପନ୍ଥୀ ମାନଙ୍କ ପକ୍ଷରୁ ପ୍ରତିବାଦ କରାଯାଉଛି। ଏହିକ୍ରମରେ ସିପିଏମ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ତତସହିତ କମାପଲ୍ଲୀ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ତାଙ୍କ ବକ୍ତବ୍ୟରେ ମନରେଗାକୁ ପରିବର୍ତ୍ତନ କରି ଭିବି ଜି-ଆରଏଏମ ଆଇନ ପ୍ରଣୟନ ଫଳରେ ଗ୍ରାମାଞ୍ଚଳର ଗରିବ ଲୋକ ଶହେ ଦିନ କାମ କରିବାର ଅଧିକାର ହରାଇବା ବୋଲି କହିବା ସହ ନାମ ପରିବର୍ତ୍ତନ ଦେଶର ପିତା ମହାତ୍ମା ଗାନ୍ଧୀଙ୍କୁ ପ୍ରତି ଅସମ୍ମାନ ବୋଲି ଦର୍ଶାଇଥିଲେ। ଏହି ନୀତି ଫଳରେ କେନ୍ଦ୍ର ସରକାର ସର୍ବଶକ୍ତିମାନ ହେବେ। ରାଜ୍ୟଗୁଡିକ ଆର୍ଥିକ ବୋଝ ବୋହିବେ ବୋଲି କହିଥିଲେ। ସେହିଭଳି ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେଇ ବିଜେପି ନିଜର କଳଙ୍କିତ ଇତିହାସକୁ ଧୋଇବା ପାଇଁ ଅପଚେଷ୍ଟା କରିଛି। ତେଣୁ ଜନବିରୋଧୀ ଏହି ଆଇନକୁ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତୁରନ୍ତ ପଦକ୍ଷେପ ନେବାକୁ ସିପିଏମର ଶ୍ରୀ ବେହେରା ଏଠାରେ ଦାବି କରିଛି। ପ୍ରତିବାଦ ବେଳେ ଶ୍ରମିକ ନେତା ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋକୁଳ ତ୍ରିପାଠୀ, ମଧୁ ବେହେରା, ଲୋକନାଥ ଖୁଣ୍ଟିଆ, ବାବୁଲା ନାୟକ, ହରି ନାହାକ, ରାଜରାଓ, ଚିଟିବାବୁ, କେଶବ ଗୌଡ଼, ବିପିନ ନାୟକ, ଅଜିତ ପାଣିଗ୍ରାହୀ, ପ୍ରଶାନ୍ତ ବିଶୋଇ, ବିଷ୍ଣୁ ପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ




ବ୍ରହ୍ମପୁର,୨୨।୧୨(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ଆନୁକୁଲ୍ୟରେ ଗଣିତଜ୍ଞ ରାମାନୁଜନଙ୍କ ଉଦ୍ଦେଶ୍ୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଏହାକୁ ସ୍ନାତକୋତ୍ତର ପରିଷଦ ସମୂହ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଖଡକପୁର ସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଗୀତାଞ୍ଜଳି ପଣ୍ଡା, ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ, ଶିକ୍ଷା ଏବଂ ଗବେଷଣା ଅନୁଷ୍ଠାନର ପ୍ରାଣୀ ବିଜ୍ଞାନର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ବୋଧିସୋତ୍ତ ନନ୍ଦୀ ଯୋଗଦେଇ କିପରି ଗଣିତ ପ୍ରତ୍ୟେକ ମଣିଷର ରକ୍ତରେ ପ୍ରବାହିତ ହେଉଛି ତାହାରି ଉପରେ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଏହି ଅବସରରେ ଗଣିତ ବିଶାରଦ ଶ୍ରୀ ରାମାନୁଜଙ୍କ ବିଷୟରେ ଏକ ପାଠ୍ୟଚକ୍ର ଆୟୋଜନ କରାଯାଇଥିଲା। ଶେଷରେ ଅଧ୍ୟାପକ ଅଶୋକ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ଜାନୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ବ୍ରହ୍ମପୁର ଆସିବ ୫୦ 'ଆମ ବସ୍'

● ୩ ରୁ ୪ ମାସ ମଧ୍ୟରେ ପିଏମ୍-ସେବା ଯୋଜନାରେ ଆସିବ ଅଧିକ ୫୦ ଇ-ବସ୍

● ଜିଲ୍ଲାର ବିଭିନ୍ନ ବ୍ଲକ୍‌କୁ ୮ ଟି ରୁଟ୍‌ରେ ବ୍ରହ୍ମପୁର ସହରକୁ ସଂଯୋଗ କରିବ ଏହି ସେବା

● ଭିତ୍ତିଭୂମିର ବିକାଶ ପାଇଁ ବିଇଡିଏ, ବିଇଏମ୍‌ସି, ରାଜସ୍ୱ ବିଭାଗ ଓ ପୁଲିସର ନିଆଯାଇଛି ସହଯୋଗ



ବ୍ରହ୍ମପୁର, ୨୨।୧୨ (ସମିସ): ବ୍ରହ୍ମପୁରକୁ ଆସିବ ଅଧିକ ସଂଖ୍ୟକ 'ଆମ ବସ୍'। ବିଜେଡି ସରକାର ଅମଳରେ ବ୍ରହ୍ମପୁରରେ 'ମୋ ବସ' ସେବା ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୦ଟି ଇଲେକ୍ଟ୍ରିକ ବସ ଅଣାଯାଇ ବ୍ରହ୍ମପୁର ଠାରୁ ଗୋପାଳପୁର ମଧ୍ୟରେ ଚାଲୁ କରାଯାଇଥିଲା। ପରବର୍ତ୍ତି ସମୟରେ ଅଧିକ ସଂଖ୍ୟକ ବସ ଆଣିବାର ଯୋଜନା ରହିଥିଲା। ପୂର୍ବର 'ମୋ ବସ' ସେବାକୁ ବର୍ତ୍ତମାନର ବିଜେପି ସରକାର ନାମ ପରିବର୍ତ୍ତନ କରି 'ଆମ ବସ' କରିଛନ୍ତି। ଏବଂ ପୂର୍ବ ଯୋଜନା କ୍ରମେ ବ୍ରହ୍ମପୁରକୁ ଆସିବାକୁ ଥିବା ଅଧିକ ସଂଖ୍ୟକ ବସ ଅଣାଯାଉଥିବା ଜଣାପଡିଛି। ଖୁବ୍‌ଶୀଘ୍ର ଅର୍ଥାତ୍ ଜାନୁଆରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା ଅଧିକ ୫୦ଟି ଇଲେକ୍ଟ୍ରିକ ବସ ଆସିବ ବୋଲି ଜଣାପଡିଛି। ଫଳରେ ବ୍ରହ୍ମପୁରରେ ଇଲେକ୍ଟ୍ରିକ ବସ ସଂଖ୍ୟା ୨୦ରୁ ୭୦କୁ ବୃଦ୍ଧି ପାଇବ। ଏହି ବସ ଗୁଡିକ ବ୍ରହ୍ମପୁର ଠାରୁ ଗୋପାଳପୁର, ଛତ୍ରପୁର, ପୁରୁଷୋତ୍ତମପୁର, ଆସିକା, ହିଞ୍ଜିଳି, ଦିଗପହଣ୍ଡି, ଚିକିଟି ଓ ସୋନପୁରକୁ ମୋଟ ୮ଟି ରୁଟରେ ସଂଯୋଗ କରିବ। ସେହିଭଳି ପୂର୍ବ ସରକାର ଅମଳରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ବ୍ରହ୍ମପୁରକୁ ପିଏମ-ସେବା ଯୋଜନାରେ ମଧ୍ୟ ଆସିବାକୁ ଥିବା ୫୦ଟି ଇଲେକ୍ଟ୍ରିକ ବସ୍ ଆସିବ। ତେବେ ଏଥିପାଇଁ ଅଧିକ ୩ରୁ୪ମାସ ସମୟ ଲାଗିବ ବୋଲି ଜଣାପଡିଛି। ଫଳରେ ଆସନ୍ତା ଏପ୍ରିଲ ସୁଦ୍ଧା ବ୍ରହ୍ମପୁରକୁ ପର୍ଯ୍ୟାୟ କ୍ରମେ ଅଧିକ ୧୦୦ଟି ଇଲେକ୍ଟ୍ରିକ ବସ ଆସିବ ବୋଲି ଜଣାପଡିଛି। ଏନେଇ ସୂଚନା ଦେଇଛନ୍ତି ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଷ ଅରବିନ୍ଦ ରାଜେଶିର୍କେ। ଏହି ସମସ୍ତ ବସ୍‌କୁ ଭୁବନେଶ୍ୱରର 'କ୍ରୁଟ' ବା 'କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ' ସଂସ୍ଥା ପରିଚାଳନା କରିବ। ସମସ୍ତ ବସ ଇଲେକ୍ଟ୍ରିକ ବା ଇଭି ହୋଇଥିବାରୁ ସେଗୁଡିକ ପାଇଁ ବିଭିନ୍ନ ସ୍ଥାନରେ ଚାର୍ଜିଂ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ମିଳିତ ସର୍ଭେ ଚାଲୁ ରହିଛି। ଏଥିପାଇଁ ଗଠିତ ସ୍ୱତନ୍ତ୍ର ଟିମରେ କ୍ରୁଟର ୩ଜଣ ସଦସ୍ୟଙ୍କ ସହିତ ବିଇଡିଏ, ବିଇଏମସି, ରାଜସ୍ୱ ବିଭାଗ ଓ ପୁଲିସ ଅଧିକାରୀଙ୍କୁ ସାମିଲ କରାଯାଇଛି। ଗଠିତ ଟିମ ମୁଖ୍ୟତଃ ଚାର୍ଜିଂ ପଏଣ୍ଟ, ବସ ରହଣୀ ସ୍ଥଳ, ବସ କ୍ୟୁ ସେଣ୍ଟର ଓ ବସ ରୁଟ ଡିସପ୍ଲେ ସ୍ଥାନକୁ ଚିହ୍ନଟ କରାଯାଉଛି।

ଏଥିପାଇଁ ବ୍ରହ୍ମପୁର ଉପକଣ୍ଠ ହଳଦିଆପଦର ବସ ଡିପୋ ସମେତ ଛତ୍ରପୁର ଓ ଗୋପାଳପୁର ସ୍ଥିତ ନୂତନ ବସଷ୍ଟାଣ୍ଡରେ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରରେ ବିଭିନ୍ନ ସ୍ଥାନରେ ପ୍ରାୟ ୨୦ଟି ବସ କ୍ୟୁ ସେଣ୍ଟର ବା ଯାତ୍ରୀ ରହଣୀ ସ୍ଥଳ ସହିତ ଅନ୍ୟୁନ ୪ରୁ୫ଟି ଆଦର୍ଶ ବସ କ୍ୟୁ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଆଦର୍ଶ ସେଣ୍ଟରରେ ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ଶୌଚାଳୟ ସହିତ କଫି ଦୋକାନର ବ୍ୟବସ୍ଥା ରହିବ। ସମସ୍ତ କେନ୍ଦ୍ରରେ ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ର୍‌ୟାମ୍ପ ଓ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା ରହିବ।


पावरग्रिड POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | 5941.67 | | 5899.85 |

୪. ଟାରିଫ୍ ବିବରଣୀ:
କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| SI No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ)ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ — ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ, ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU

## ଚାକିରି ଓ ଋଣ କରାଇଦେବାକୁ କହି ଠକେଇ

# ଠକୁଥିବା ସଂସ୍ଥାର ୩ ଅଧିକାରୀ ଥାନାରେ ଅଟକ

ପାରଳାଖେମୁଣ୍ଡି,୨୨।୧୨(ସମିସ)



ଗଜପତି ଜିଲ୍ଲାର ବେକାର ଯୁବକ ଯୁବତୀଙ୍କୁ ବିଭିନ୍ନ ଚାକିରି ଆଉ ଋଣ କରାଇଦେବା ଏବଂ ଘରେ ବସି ଅନ୍‌ଲାଇନ୍ ମାଧ୍ୟମରେ କିପରି ହଜାର ହଜାର ଟଙ୍କା ଅର୍ଜନ କରିବେ ଏପରି କିଛି ଲୋଭ ଦେଖାଇ ଠକୁଥିବା ଏକ ଠକ ସଂସ୍ଥାର ୩ ଅଧିକାରୀଙ୍କୁ ପୁଲିସ ଅଟକ ରଖି ପଚରା ଉଚରା କରୁଛି। ଏହି ଠକ ସଂସ୍ଥା ଓ ଠକମାନେ ବିନା ଅନୁମତିରେ ସରକାରୀ ସଭାଗୃହରେ କର୍ମଶାଳାର ଆୟୋଜନ କରୁଥିଲେ। କେତେକ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟିଗୋଚର ହେବା ପରେ ସମସ୍ତ ତଥ୍ୟ ସାମନାକୁ ଆସିଥିଲା।

ପ୍ରକାଶ ଯେ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଭାଗୃହରେ ପଶ୍ଚିମବଙ୍ଗର ସୁହାନା ଟ୍ରଷ୍ଟ/ସୁଇନ୍ ଗ୍ରୁପ ଅଫ୍ କମ୍ପାନୀ ନାମକ ଏକ ସଂସ୍ଥା କିଛି ବେକାର ଯୁବକ/ଯୁବତୀଙ୍କୁ ନେଇ କର୍ମଶାଳା କରୁଥିବା ଖବର ସାମନାକୁ ଆସିଥିଲା। ଉକ୍ତ ସଂସ୍ଥା ଯୁବକ ଯୁବତୀଙ୍କୁ ଋଣ କରାଇଦେବା, ଚାକିରି ଦେବା ଏବଂ ଘରେ ବସି ମାସିକ ହଜାର ହଜାର ଟଙ୍କା କିପରି ରୋଜଗାର କରିବେ ସେନେଇ ଡିଜିଟାଲ କର୍ମଶାଳା କରିଥିଲା। ସଂସ୍ଥାର ତିନି ଅଧିକାରୀଙ୍କ ସମେତ କିଛି ଯୁବତୀ ମଞ୍ଚାସୀନ ହୋଇ ଏସମ୍ପର୍କରେ ଲମ୍ବା ଭାଷଣ ମଧ୍ୟ ଦେଉଥିଲେ। କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ତଥ୍ୟ ସଂଗ୍ରହ କଲାବେଳେ ଶତାଧିକ ଯୁବକ ଯୁବତୀ ସଂସ୍ଥା ପକ୍ଷରୁ ୨୫୦ ଟଙ୍କାରୁ ୫୦୦୦ ଟଙ୍କା ନେଇଥିବା ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନାର ଦାରସ୍ଥ ହୋଇଥିଲେ। ଏପରି ଏକ କର୍ମଶାଳା ହେଉଥିବା ଖବର ପାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଡେପୁଟି କଲେକ୍ଟର ତ୍ରିନାଥ ସାହୁ ପହଞ୍ଚି ତଦନ୍ତ କରି ସ୍ଥାନୀୟ ପାରଳାଖେମୁଣ୍ଡି ଆଦର୍ଶ ଥାନାକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ସଂସ୍ଥାର ୩ ଜଣ ଅଧିକାରୀଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅଟକଙ୍କ ମଧ୍ୟରେ ସମ୍ବଲପୁରର ୨ ଜଣ ଏବଂ ଅନ୍ୟ ଜଣେ ଗଜପତି ଜିଲ୍ଲାର ବୋଲି ଜଣାପଡିଛି।

ସବୁଠାରୁ ବଡ଼କଥା ଯେ, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଭାଗୃହ ଯାହାକି ଜିଲ୍ଲାପରିଷଦ ଅନ୍ତର୍ଗତରେ ପରିଚାଳିତ ହେଉଛି ଏପରି ସ୍ଥଳେ ଏଠାରେ ଏମାନଙ୍କୁ ବୈଠକ ପାଇଁ କିଏ ଅନୁମତି ଦେଲା। ନା ସେମାନେ ଜୋରଜବରଦସ୍ତି ଭାବେ ପଶିଥିଲେ ସେନେଇ ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରେ କିଛିଦିନ ପୂର୍ବରୁ ସଭାଗୃହ ବ୍ୟବହାର ପାଇଁ ଏକ ଲିଖିତ ଭାବେ ଅନୁମତିପତ୍ର ଦେଇଥିଲେ ମଧ୍ୟ ପରେ ଖାରଜ କରାଯାଇଥିବାର ଜଣାଇଥିଲେ। ଏବାବଦରେ ସେମାନଙ୍କ ଠାରୁ କୌଣସି ସଭାଗୃହ ବାବଦରେ ଭଡ଼ା ମଧ୍ୟ ନିଆଯାଇନଥିବା ମଧ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସୁହାନା ଟ୍ରଷ୍ଟ / ସୁଇନ ଗ୍ରୁପ ଅଫକମ୍ପାନୀ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୋନପୁର ଓ ବଲାଙ୍ଗିରରେ ମଧ୍ୟ ଏପରି ବେକାର ଯୁବକ ଯୁବତୀଙ୍କୁ ଠକିଥିବାର ଆଲୋଚନା ହେଉଛି। ଏନେଇ ଅଧିକା ତଦନ୍ତ ଜାରୀ ରହିଥିବାର ପାରଳାଖେମୁଣ୍ଡି ପୁଲିସ ଥାନା ସୂତ୍ରରୁ ପ୍ରକାଶ।

## ବଡ଼ଦିନ ପାଇଁ ପୁଲିସର ଫ୍ଲାଗମାର୍ଚ୍ଚ



ତୁମୁଡିବନ୍ଧ,୨୨।୧୨(ସମିସ): ତୁମୁଡିବନ୍ଧରେ ବଡ଼ଦିନ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଚକଚକିଆ ହେଲାଣି ଅଞ୍ଚଳର ଚର୍ଚ୍ଚ ଓ ବଜାର। ବଡ଼ଦିନ କିଭଳି ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେ ନେଇ ଜିଲ୍ଲା ଠାରୁ ଆଉକରି ସମ୍ବେଦନଶୀଳ ଗ୍ରାମମାନଙ୍କୁ ତୁମୁଡିବନ୍ଧ ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ଥାନା ଅଧିକାରୀ ଅଶୁତୋଷ ଜେନାଙ୍କ ନେତୃତ୍ୱାଧୀନରେ ଏସ୍‌ଏସ୍‌ବିଏନ୍ ଏକ ପ୍ଲାଟୁନ, ଓଏସ୍‌ଏସ୍‌ବି ଏକ ପ୍ଲାଟୁନ, ଓଏସ୍‌ଏପି ଗୋଟିଏ ପ୍ଲାଟୁନ ଏବଂ ତୁମୁଡିବନ୍ଧ ଥାନାର ପୁଲିସ ବାହିନୀ ମାଲିପଡ଼ା, ଭାଲିଆପାଣି, ତୁମୁଡିବନ୍ଧ ମୁଖ୍ୟବଜାର, ସ୍ୱାସ୍ଥ୍ୟକେନ୍ଦ୍ର ଛକ, କୁର୍ଲାମଗଡ଼, କଲୋନୀ ସାହି ଏବଂ ତୁମୁଡିବନ୍ଧ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରିଥିଲା। ସମ୍ବେଦନଶୀଳ ଓ ବାଦ ବିବାଦ ଥିବା ଚର୍ଚ୍ଚ ଗୁଡ଼ିକରେ ପୁଲିସ ଫୋର୍ସ ମୁତୟନ କରାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ଥାନା ଅଧିକାରୀ ଆଶୁତୋଷ ଜେନା ସୂଚନା ଦେଇଛନ୍ତି। ଫ୍ଲାଗମାର୍ଚ୍ଚରେ ଥାନା ଅଧିକାରୀ, ଏଏସ୍‌ଆଇ ଅମ୍ବିକା ପାତ୍ର, ହାବିଲଦାର ଗଜେନ୍ଦ୍ର ବିଶୋଇ ସାମିଲ ଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିକୁ ସାମନା କରିବାକୁ ତୁମୁଡିବନ୍ଧ ପୁଲିସ ପ୍ରସ୍ତୁତ ରହିଥିବା କୁହାଯାଇଛି।

## ପିସେରାମା ଚର୍ଚ୍ଚର ପ୍ରାକ୍ ଖ୍ରୀଷ୍ଟମାସ୍




ରାଇକିଆ,୨୨।୧୨(ସମିସ): ରାଇକିଆ ବ୍ଲକ ପିସେରମା ଚର୍ଚ୍ଚ ପକ୍ଷରୁ ପ୍ରାକ୍ ଖ୍ରୀଷ୍ଟମାସ୍ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବକ୍ତା ଭାବେ ଆଚାର୍ଯ୍ୟ ରାଜକିଶୋର ଦିଗାଲ ଯୋଗ ଦେଇ ଯୀଶୁଖ୍ରୀଷ୍ଟଙ୍କ ଅଲୌକିକ ଜନ୍ମ, ଶିକ୍ଷା, ସେବା, କ୍ରୁଶାର୍ପଣ, ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ବିଷୟରେ ବାକ୍ୟ ପରିବେଷଣ କରିଥଲେ। ଏଥିରେ ଲୋକପ୍ରିୟ ସୁସମାଚାର ଗାୟକ ଅମିତ କୁମାର ପାଣି ଯୋଗ ଦେଇ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ, ସମିତିସଭ୍ୟ ପ୍ରଦୀପ ପ୍ରଧାନ, ରାଇକିଆ ବ୍ଲକ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ସଭାପତି ବାହନ ପ୍ରଧାନ, ସମ୍ପାଦକ ଶରତ ନାୟକ, ପାଷ୍ଟର ଆସୋସିଏସନ୍ ସମ୍ପାଦକ ଜିତେନ୍ ନାୟକ ଓ ଗ୍ରାମ୍ୟ କମିଟି ସଭାପତି ମୁକେଶ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପାଳକ ଅମିତ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଆଚାର୍ଯ୍ୟ ମାନେଶ୍ୱର ଦିଗାଲ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମନରେଗା ନାମ ପରିବର୍ତ୍ତନ ବିରୋଧରେ ଗର୍ଜିଲା କଂଗ୍ରେସ



ପାରଳାଖେମଣ୍ଡି,୨୨।୧୨ (ସମିସ): ମନେରଗା ଆଇନକୁ କେନ୍ଦ୍ର ସରକାର ଦୁର୍ବଳ କରିଦେଇଥିବା ଅଭିଯୋଗ କରି ଗଜପତି ଜିଲ୍ଲା କଂଗ୍ରେସ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଜିଲ୍ଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତା ଶୋଭା ଯାତ୍ରାରେ ବାହାରି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ସମ୍ପ୍ରତି ମନରେଗାକୁ ଦୁର୍ବଳ କରିଦେଇଥିବା ଅଭିଯୋଗ କରାଯାଇଛି। କେବଳ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଦିଆଗଲା ନାହିଁ ବରଂ ବିନା ଆଲୋଚନାରେ, ବିନା ପରାମର୍ଶରେ ବିରୋଧଙ୍କୁ ବିଶ୍ୱାସକୁ ନ ନେଇନାହାନ୍ତି ବୋଲି ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ଜିଖବ ରୋଇତ, ମୀନ ମଣ୍ଡଳ, ଲକ୍ଷ୍ମଣ ବଳିଆର ସିଂହ, ପୁରୁଷୋତ୍ତମ ପାଣିଗ୍ରାହୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ବିଜୟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ରାଇକିଆ,୨୨।୧୨(ସମିସ): ରାଇକିଆ ବିଜୟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନା ପ୍ରଧାନ ଓ ସମ୍ମାନୀତ ଅଥିତି ଭାବେ ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ ଓ ପୁରାତନ ଛାତ୍ର ସଙ୍ଘ ସଭାପତି ପ୍ରଦୀପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଯାଜକ ପ୍ରଦୋଷ ଚନ୍ଦ୍ର ନାୟକ ଯୋଗଦେଇ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ବୋଧନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କାର୍ତ୍ତିକ ନାୟକ, ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ମଣ୍ଡଳ ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଆଞ୍ଚଳିକ ଜନ କଲ୍ୟାଣର ମହମବତି ଶୋଭାଯାତ୍ରା



ଜି.ଉଦୟଗିରି,୨୨।୧୨(ସମିସ): ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପବିତ୍ର ଜନ୍ମ ଉତ୍ସବ ଅବସରରେ ସ୍ଥାନୀୟ ଆଞ୍ଚଳିକ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ, ଜି .ଉଦୟଗିରି ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜି .ଉଦୟଗିରି ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ମଣ୍ଡଳୀ ଓ ଖ୍ରୀଷ୍ଟ ବିଶ୍ୱାସୀ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମାଳିକାପୋଡ଼ି ବାପଟିଷ୍ଟ ମଣ୍ଡଳୀ, ନୂଆସାହି ବାପଟିଷ୍ଟ ମଣ୍ଡଳୀ, କନବାଗୀରି ଉତ୍ତର ଭାରତ ମଣ୍ଡଳୀ ସହିତ ଗଦଗୁଡ଼ା, ରୁଦାଙ୍ଗିଆ, କତିଙ୍ଗିଆ, ଶିର୍କି, ରଟିଙ୍ଗିଆ, କଳିଙ୍ଗା, କୁମ୍ଭାରକୁପା, ରାଇକାଲା, ଟିଆଙ୍ଗିଆ, କୁର୍ମିଙ୍ଗିଆ ଆଦି ଅଞ୍ଚଳର ସମସ୍ତ ମଣ୍ଡଳୀ ମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ଜଳନ୍ତା ମହମବତି ଧରି ଭକ୍ତମାନେ ଶାନ୍ତି, ପ୍ରେମ ଓ ଆଲୋକର ବାର୍ତ୍ତା ପ୍ରଚାର କରିଥିଲେ। ଶୋଭାଯାତ୍ରା ଯହନ ବଙ୍ଗଳା ଠାରୁ ଆରମ୍ଭ ହୋଇ ପୋଷ୍ଟଅଫିସ ଛକ, ବନ୍ଧଛକ, ଗାନ୍ଧୀଛକ ଓ ଟେଲିଫୋନ ଭବନ ଆଦି ଛକ ଦେଇ ସହର ପରିକ୍ରମା କରିଥିଲା। ଏହି ଅବସରରେ ନୂଆସାହି ବାପଟିଷ୍ଟ ମଣ୍ଡଳୀର ପାଳକ ଆଚାର୍ଯ୍ୟ କ୍ଷମାଶିଳ ବାଗ ଓ ମାଳିକାପୋଡ଼ି ମାତୃମଣ୍ଡଳୀ ପାଳକ ଆଚାର୍ଯ୍ୟ ସୁବୋଧ ପରିଚ୍ଛା ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମର ଆଧ୍ୟାତ୍ମିକ ମହତ୍ତ୍ୱ, ମାନବତା, ଭାଇଚାରା ଓ ସମାଜରେ ଶାନ୍ତି ସ୍ଥାପନା ବିଷୟରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।

## ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ଗୋଷାଣି,୨୨।୧୨(ସମିସ): ଗୋଷାଣି ବ୍ଲକ ସଦରମହକୁମା ଠାରେ ଥିବା ଗୋଷାଣି ପିଏମ୍‌ଶ୍ରୀ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ବଡଗୋଷାଣି ସରପଞ୍ଚ ବି.ମୋହନ ରାଓ ଓ ଗୋଷାଣି ବିଇଓ ସୀତାରାମ ପାତ୍ର ମଞ୍ଚାସୀନ ଥିଲେ। ଏହି ଅବସରରେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ବିଷୟକୁ ନେଇ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ବିଭିନ୍ନ ପ୍ରକଳ୍ପ ଏବଂ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀକୁ ପୁରସ୍କୃତ କରାଯାଇଥିଲା। ସେହିପରି ଛାତ୍ର ପ୍ରତିଭାର ବିକାଶ ପାଇଁ ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମ ହୋଇଥିଲା। ୨୦୩୬ରେ କିପରି ବିକଶିତ ଓଡିଶା ପ୍ରଦେଶ ହୋଇଥିବ ସେନେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗ୍ରାମୀଣ ହାଟ ବଜାର, ଆକାଂକ୍ଷା ଛାତ୍ର ପରିଷଦ, ବିଭିନ୍ନ ପରିକଳ୍ପିତ ପ୍ରକଳ୍ପ ଗୁଡିକୁ ପ୍ରଦର୍ଶନ କରିଥିଲେ। ସଂଯୋଜନା କରିଥିଲେ ସିଆରସି ରଶ୍ମିତା ସାମଲ। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସିଦ୍ଧେଶ୍ୱରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଲାବଣ୍ୟଗଡ଼ରେ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମଣ୍ଡି,୨୨।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଲାବଣ୍ୟଗଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଯୋଗ ଦେଇଥିଲେ। ଲାବଣ୍ୟଗଡ଼ ପଞ୍ଚାୟତ ସମେତ, ରାମ୍ପା, ଗାରାବନ୍ଧ ଓ ସୋବରା ପଞ୍ଚାୟତର ସମୁଦାୟ ୬୪ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ୩୬ ଓ ଗ୍ରାମଭିତ୍ତିକ ୨୮ ଅଭିଯୋଗ ଥିଲା। ସେଥିମଧ୍ୟରୁ ୪ ଅଭିଯୋଗର ତୁରନ୍ତ ସମାଧାନ କରଯାଇଥିଲା। ଅନ୍ୟସମସ୍ତ ଅଭିଯୋଗକୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ନୂତନ ଭାବେ ଅନୁମୋଦନ ହୋଇଥିବା ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ୧୦ ଜଣଙ୍କୁ ପ୍ରଦାନ କରଯାଇଛି ଏବଂ ୩୮ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନକାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଗୋଷାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଏନ.ବୀରାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଏବଂ ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ହ୍ୟୁମାନ୍ ସାଗରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

ଟିକାବାଲି,୨୨।୧୨(ସମିସ): କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ ଟିକାବାଲି ଇମାନୁଏଲ ଯୁଥ ଫେଲୋସିପ, ହ୍ୟୁମାନ ସାଗର ଫ୍ୟାନ କ୍ଲବ ଏବଂ ଚକାପାଦ ବ୍ଲକ ଖ୍ରୀଷ୍ଟ ବିଶ୍ୱାସୀ ସମାଜର ମିଳିତ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତେଙ୍ଗଡ଼ାପଥର ଅଞ୍ଚଳରେ ଶ୍ରଦ୍ଧାଞ୍ଜଳି ଜଣାଇ ମହମବତି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପରେ ମୁଖ୍ୟମଞ୍ଚରେ ସୁସମାଚାର ଗାୟକ ଅମିତ ପାଣି ଓ ଅନ୍ୟାନ୍ୟ ଅତିଥଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ମୃତି ସଭା ଆରମ୍ଭ କରାଯାଇଥିଲା। ଏହି ଅବସରରେ ଖ୍ରୀଷ୍ଟିଆନ ସଙ୍ଗୀତ ଦୁନିଆର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅମିତ ପାଣି, ଅମିତ ବଡ଼ନାୟକ ଏବଂ ଆକାଶ ଡେଭିଡ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ସ୍ମୃତିରେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ବିଜେପି ରାଜ୍ୟ ଅନୁସୂଚିତ ମୋର୍ଚ୍ଚା ଉପସଭାପତି ରାମବିଶି ଦିଗାଳ, ଆଚାର୍ଯ୍ୟ ଲେବୀୟ ରୋହିତ, ପାଳକ ନିରଞ୍ଜନ ଦିଗାଳ, ରମେଶ ଦିଗାଳ, ତନୁଜ କୁମାର ଭୋଇ ଏବଂ ପାଳକ ଟିମ୍ପା ଦିଗାଳଙ୍କ ସମେତ ଟିକାବାଲି ସ୍ଥାନୀୟ ଅଞ୍ଚଳର ବହୁ ଧର୍ମଯାଜକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପାଳକ ରମାକାନ୍ତ ଦିଗାଳ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ମୋହନା,୨୨।୧୨(ସମିସ): ମୋହନା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଏକବିଂଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋହନା ତହସିଲଦାର ଚକ୍ରଧର ପାଢ଼ୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ମୋହନା କ୍ଲଷ୍ଟର ସିଆର୍‌ସିସି ସିଦ୍ଧାର୍ଥ ପାତ୍ର ଯୋଗଦେଇ ଶିଶୁ ମନ୍ଦିର ଶିକ୍ଷା ବ୍ୟବସ୍ଥା ଯୋଗୁ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଦଳାଇ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ଅଧ୍ୟାପକ ଭଗବାନ ବିଷୋୟୀ, କୋଷାଧ୍ୟକ୍ଷ ବୃନ୍ଦାବନ ସାମନ୍ତରା ଯୋଗ ଦେଇଥିଲେ। ଉପଦେଷ୍ଟା ବାବୁଲା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀ ବାର୍ଷିକ ବିବରଣୀ ପଠନ ଓ ଉପଦେଷ୍ଟା ମଧୁସୁଦନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସଦ ପ୍ରତିନିଧି ଜିତେନ୍ଦ୍ର ବେହେରା, ଗଣମାଧ୍ୟମ ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗତ ବାର୍ଷିକ କ୍ରୀଡ଼ାର କୃତି ଛାତ୍ରଛାତ୍ରୀ ଓ ମାତୃ କର୍ମଶାଳାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଖଳାରେ ନିଆଁ; ୬ ଏକର ଧାନ ଜଳିଗଲା



ରାୟଗଡ଼,୨୨।୧୨(ସମିସ): ଧାନଖଳାରେ ନିଆଁ ଲାଗି ପ୍ରାୟ ୬ ଏକର ଜମିର ଧାନ ନଷ୍ଟ ହୋଇଛି। ଗଜପତି ଜିଲ୍ଲା ରାୟଗଡ଼ ଥାନା ଅଧିନ ସୁନାପୁର ଗାଁରେ ସୋମବାର ସକାଳେ ଏହି ଅଗ୍ନିକାଣ୍ଡ ଘଟିଛି। ଖଳାରେ ଗାଁର ପାଞ୍ଚଜଣ ଚାଷୀ ଅମଳ ଧାନ ସଂଗ୍ରହ କରି ରଖିଥିବା ବେଳେ ହଠାତ ନିଆଁ ଲାଗି ସମ୍ପୂର୍ଣ୍ଣ ଧାନ ଗଦା ପୋଡ଼ି ପାଉଁଶ ହୋଇଯାଇଛି। ଚାଷୀ କୃଷ୍ଣଚନ୍ଦ୍ର ଶବର, ଗୁରୁମ୍ବା ଦଳାଇ, ମାନସ କୁମାର ଗମାଙ୍ଗ, ସୁମିତ୍ରା ଦଳାଇ, ଅନୁକ ଦଳାଇଙ୍କ ରାତିରେ ସେମାନେ ଶୋଇଥିବା ବେଳେ ବର୍ଷ ଯାକର ଅମଳ ଜଳିଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ନିଆଁରେ ସମ୍ପୂର୍ଣ୍ଣ ରୂପେ ଧାନ ସବୁ ନଷ୍ଟ ହୋଇଯାଇଛି। କ୍ଷତିପୂରଣ ଯୋଗାଇଦେବାକୁ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି କ୍ଷତିଗ୍ରସ୍ତ ଚାଷୀ। ଘଟଣା ସ୍ଥଳରେ ରାଜସ୍ୱ ନିରୀକ୍ଷକ ସନ୍ଧ୍ୟାରାଣୀ ପରିଚ୍ଛା ତଦନ୍ତ କରିଥିବା ଜଣାପଡିଛି।

## ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ



ଗୁମ୍ମା,୨୨।୧୨(ସମିସ): ଗୁମ୍ମା ବ୍ଲକ ପଦ୍ମପୁରସ୍ଥିତ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରର ଜାତୀୟ ସେବା ଯୋଜନା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବିଶ୍ୱମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସେବା ଯୋଜନାର ଆଭିମୁଖ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ସେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କୁ ନିଶା ନିବାରଣ, ଚାରାରୋପଣ ଓ ସଂରକ୍ଷଣ, ଜଳ ସଂରକ୍ଷଣ, ପଲିଥିନ ବର୍ଜନ, ରକ୍ତଦାନ, ହୃଦୟ ସିପିଆର ଓ ଅନ୍ୟାନ୍ୟ ସାମାଜିକ ସେବା କାର୍ଯ୍ୟକୁ କେମିତି ସମ୍ପାଦନ କରାଯାଇ ପାରିବ ବିସ୍ତୃତ ବିବରଣି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ତ୍ରିପତି ମୁର୍ମୁ, ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଓ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ରଥ ପରିଚାଳନା କରିଥିବା ବେଳେ ଅନ୍ୟତମ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ସୀତାରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମଦିନରେ ଶିଶୁଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ

ତୁମୁଡିବନ୍ଧ,୨୨।୧୨(ସମିସ)



**ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମ ଥର ପାଇଁ କାର୍ଯ୍ୟକ୍ରମ ଆରମ୍ଭ**

ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମଦିନରେ ନବଜାତ ଶିଶୁଙ୍କୁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାରେ ପ୍ରଥମ ଥର ପାଇଁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିଶୁ ଜନ୍ମ ହେବା ପରେ ମାସମାସ ଧରି ଜନ୍ମ ପ୍ରମାଣପତ୍ର ପାଇଁ ପିତା-ମାତା ତହସିଲ କାର୍ଯ୍ୟାଳୟ, ସମ୍ପୃକ୍ତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ। ଅନେକଙ୍କୁ ବିଳମ୍ବରେ ପ୍ରମାଣପତ୍ର ମିଳୁଥିଲା। ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତ ମଧ୍ୟରୁ ଏକାଧିକ ପଞ୍ଚାୟତରେ କୁଟିଆ କନ୍ଧ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଯୋଗୁ ସବୁ ଦୁର୍ଗମ ପାଞ୍ଚାୟତର ଜନସାଧାରଣ ଅସୁବିଧାରୁ ମୁକ୍ତ ହେବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ଦିବ୍ୟଜ୍ୟୋତି କର ସୂଚନା ଦେଇଛନ୍ତି।

ତୁମୁଡିବନ୍ଧ ପଞ୍ଚାୟତର ଧୋବଲାଖମନ ଗ୍ରାମର ରାଜୀବ ପ୍ରଧାନୀଙ୍କ ସ୍ତ୍ରୀ ମରିଚ ଦଣ୍ଡସେନା ଗତ ୧୯ ତାରିଖରେ ପ୍ରସବ ନିମନ୍ତେ ତୁମୁଡିବନ୍ଧ ଡାକ୍ତରଖାନରେ ଭର୍ତ୍ତି ହୋଇଥିଲେ। ୨୦ ତାରିଖରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କୁ ଆଜି ଡାକ୍ତରଖାନା ଛାଡିବା ସମୟରେ ନବଜାତ ଶିଶୁଙ୍କ ନାମ ପଞ୍ଜୀକରଣ କରି ଗୋଟିଏ ଦିନରେ ଜନ୍ମପ୍ରମାଣ ପତ୍ର ପ୍ରଦାନ କରିଥିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ। ସେହିଭଳି ଗୁମ୍ମା ପାଞ୍ଚାୟତ ନରିଙ୍ଗ ମାଝୀଙ୍କ ସ୍ତ୍ରୀ ଜାନକୀ ମାଝୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତାଙ୍କୁ ମଧ୍ୟ ସନ୍ତାନର ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହିସବୁ କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଜନ୍ମମୃତ୍ୟୁ ପ୍ରମାଣ ପତ୍ର ପଞ୍ଜୀକରଣ ଅଧିକାରୀ ଡ. ସ୍ୱୟମଜିତ୍ ଦାସ, ଜନ୍ମମୃତ୍ୟୁ ପ୍ରମାଣପତ୍ର ସହାୟକ ଗୁପ୍ତେଶ୍ୱର ଛତ୍ରିଆ ଉପସ୍ଥିତ ଥିଲେ। ଏହିଭଳି କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ଆରମ୍ଭ ହୋଇଥିବା ବେଳେ ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

# କାର୍ଯ୍ୟକ୍ରମ ଆରମ୍ଭରେ ବିଳମ୍ବ ଯୋଗୁ ଫେରିଗଲେ ବିଧାୟକ

ଜଗତସିଂହପୁର,୨୨।୧୨(ସମିସ)



**ବିଭାଗୀୟ ଅଧିକାରୀଙ୍କୁ କଲେ ତାଗିଦ**

ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା - ୨୦୨୫ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟଅତିଥି ଭାବରେ ସାଂସଦ ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦାନ କରିଥିଲେ। ତେବେ ଏହି ମେଳାରେ ଯୋଗ ଦେବାକୁ ଆସିଥିବା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କାର୍ଯ୍ୟକ୍ରମ ଆରମ୍ଭରେ ବିଳମ୍ବ ଯୋଗୁ ସଭାସ୍ଥଳରୁ ଉଠି ପଳାଇଥିଲେ। ଆଗକୁ ସମୟାନୁବର୍ତ୍ତୀ ହେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ ବିଧାୟକ ଶ୍ରୀ ଦାସ। ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ତରାଇ ବିଭିନ୍ନ ଚାଷୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କାମଧେନୁ ଯୋଜନା, ଗୋଶାଳା ପ୍ରତିଷ୍ଠା, ପ୍ରାଣୀ ସମୃଦ୍ଧି ଯୋଜନା ତଥା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ ଯୋଜନା ସମ୍ପର୍କରେ ସୂଚନା ଦେବା ସହିତ ଜଗତସିଂହପୁର ଜିଲ୍ଲାରେ ଏସବୁର ସଫଳ ରୂପାୟନ ପାଇଁ ପ୍ରଚେଷ୍ଟା କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମଧ୍ୟ ଅନୁରୂପ ଭାବେ ମତ୍ସ୍ୟ ଓ ପ୍ରାଣୀ ପାଳନ ବିଭାଗକୁ ପ୍ରଶଂସା କରିଥିଲେ ଏବଂ ବିଶେଷ କରି କୁକୁଡ଼ା ପାଳନ, ଘୁଷୁରି ପାଳନ ତଥା ମତ୍ସ୍ୟ ପାଳନକୁ ଗୁରୁତ୍ୱ ଦେବାକୁ କହିଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ପ୍ରାଣିସମ୍ପଦ ଅଧିକାରୀ ଡା. ଅଜୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଜଗତସିଂହପୁର ଦେବବ୍ରତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

ଦୁଇ ଦିନ ଧରି ହେବାକୁ ଥିବା ଏହି ମେଳାରେ ସର୍ବମୋଟ ୪୦ଟି ଷ୍ଟଲ୍ ନିର୍ମାଣ କରାଯାଇଛି। ତନ୍ମଧ୍ୟରୁ ୪ଟି ପ୍ରାଣିସମ୍ପଦ ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ଯନ୍ତ୍ରପାତି, ବିଭିନ୍ନ ପ୍ରକାରର ଜୀବନ୍ତ ଗାଈ, ମଇଁଷି, କୁକୁଡ଼ା ଓ ସେକ୍ସସର୍ଟେଡ ସିମେନର ଉପକାରିତା ସଂପର୍କରେ ପ୍ରାଣୀ ସମ୍ପଦ ଷ୍ଟଲ୍‌ରେ ପ୍ରଦର୍ଶନ କରାଯାଇଥିବା ବେଳେ ମତ୍ସ୍ୟ ବିଭାଗର ୫ଟି ଷ୍ଟଲ୍‌ଗୁଡ଼ିକ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଯଥା ଜୈବକୁଣ୍ଡ ମାଧ୍ୟମରେ ମାଛ ଚାଷ, ଗ୍ରୋ ଆଉଟ୍ ଟ୍ୟାଙ୍କ, ବିଭିନ୍ନ ପ୍ରକାରର ଯନ୍ତ୍ରପାତି ପ୍ରଦର୍ଶନୀ ପାଇଁ ବ୍ୟବହୃତ ହୋଇଛି। ଉଦଘାଟନ ପରେ ମେଳାରେ ଅତିଥିମାନେ ବିଭିନ୍ନ ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବୈଜ୍ଞାନିକମାନଙ୍କ ସହ କୃଷକମାନଙ୍କର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୈଜ୍ଞାନିକମାନେ ଉନ୍ନତ ପ୍ରଜନନ, ରୋଗ ନିୟନ୍ତ୍ରଣ ଏବଂ ଆଧୁନିକ ଚାଷ ପ୍ରଣାଳୀ ଉପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା କଳା ଓ ସଂସ୍କୃତି ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ ଗୋଷ୍ଠୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨୬ରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ଆନ୍ଦୋଳନ

● ମଣିଜଙ୍ଗା-ଏରସମା ରାସ୍ତା ନରୁଆ ଛକରେ ହେବ ରାସ୍ତାରୋକ

ତିର୍ତ୍ତୋଲ,୨୨।୧୨(ସମିସ): ଟିପିସିଓଡିଏଲ ବିଦ୍ୟୁତ୍ ବିତରଣ କମ୍ପାନୀ ବିରୋଧରେ ଜନ ଅସନ୍ତୋଷ ବଢିବାରେ ଲାଗିଛି। କମ୍ପାନୀର ବିଦ୍ୟୁତ୍ ଉପଭୋକ୍ତା ଶୋଷଣ ବିରୋଧରେ ଆସନ୍ତା ୨୬ ତାରିଖ ସକାଳଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମଣିଜଙ୍ଗା-ଏରସମା ରାସ୍ତାର ନରୁଆ ଛକଠାରେ ରାସ୍ତାରୋକ କରାଯାଇ ପ୍ରତିବାଦ କରାଯିବ ବୋଲି ସୂଚନା ମିଳିଛି। ଜଗତସିଂହପୁର ଜିଲ୍ଲା ସହ ରାଜ୍ୟବାସୀଙ୍କ ଉପରେ ଟାଟା ପାୱାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଘରେ ମନଇଚ୍ଛା ସ୍ମାର୍ଟ ମିଟର ଲଗାଇବା ଓ ଆସନ୍ତା ବର୍ଷ ଜାନୁଆରୀ ୬ ତାରିଖ ମଧ୍ୟରେ ଅତିରିକ୍ତ ସିକ୍ୟୁରିଟି ଅର୍ଥ ଜମା କରିବା ପାଇଁ ବାଧ କରିବା, ନହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପାଇଁ ଧମକ ଦେବା ବିରୋଧରେ ଏହି ଆନ୍ଦୋଳନ ହେବ। ଏଥିରେ ୧୦ଟି ପଞ୍ଚାୟତର ଜନସାଧାରଣ ସାମିଲ ହେବେ। ପରେ ଜିଲ୍ଲାର ବିଭିନ୍ନ ସ୍ଥାନ ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ଏସଂପର୍କରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ତିର୍ତ୍ତୋଲ ଥାନା ଅଧିକାରୀ, ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା ନେଇ ମଞ୍ଚର କାର୍ଯ୍ୟକର୍ତ୍ତା କିଶୋର କୁମାର ଦାସ ଓ ମନୋରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୨୭ ତାରିଖରେ ତିର୍ତ୍ତୋଲ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ତିର୍ତ୍ତୋଲ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଘେରଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାର ପ୍ରସ୍ତୁତି ନିମନ୍ତେ ତିର୍ତ୍ତୋଲ ସାଇ ମନ୍ଦିରରେ ଆସନ୍ତା ୨୪ ତାରିଖ ଏକ ବୈଠକ ହେବ ବୋଲି ସଂଘ ଆବାହକ ଅକ୍ଷୟ ଦାସ ସୂଚନା ଦେଇଛନ୍ତି।

## କାଦୁଅପଡ଼ା ଶିଶୁ ମନ୍ଦିରର କ୍ରୀଡ଼ା ପ୍ରତିଯୋଗିତା



ଜଗତସିଂହପୁର,୨୨।୧୨(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ କାଦୁଅପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ମୁଦୁପୁର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାକୁ ଆଇନଜୀବୀ ତଥା ଜଗତସିଂହପୁର ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ୍ ସଂପାଦକ ସାରଦା ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ କମିଟିର ଉପସଭାପତି ସର୍ବେଶ୍ୱର ବାରିକ ଓ ସଂପାଦକ ଆଇନଜୀବୀ ନରେଶ ଦାସ, ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ କ୍ରୀଡ଼ାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଆଚାର୍ଯ୍ୟ ଉମେଶ୍ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ପ୍ରମୁଖ ଅସିତ୍ କୁମାର ଶତପଥି କ୍ରୀଡା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଶିଶୁ ମନ୍ଦିରର ପାଖାପାଖି ଦୁଇ ଶହ ପିଲା ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ଏହି ପ୍ରତିଯୋଗିତାରେ ସହଯୋଗ କରିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା, ୨୨।୧୨(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୧୭୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୬୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୭ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କୀୟ ୧୮ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪୨ଟି, ପୁଲିସ୍ ସହାୟତା ପାଇବା ପାଇଁ ୪ଟି, ଭତ୍ତା ପାଇବା ପାଇଁ ୬୧ଟି ଏବଂ ଅନ୍ୟାନ୍ୟ ୧୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍‌କ୍ଷଣାତ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ଦାଶରଥି ଜେନା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟଅଧିକାରୀ, ବ୍ଲକସ୍ତରୀୟଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ପ୍ରକାଶ ଥାଉ କି, ଡିସେମ୍ବର ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜନଶୁଣାଣି ଶିବିରରେ ସୁଶାସନ ଶିବିର ଆୟୋଜନ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇ ଦିଆଯାଇଥିଲା।

## ବସ୍ ବିଶ୍ରାମ ଗୃହ ପାଲଟିଛି ନିଶାଡ଼ିଙ୍କ ଆଡ୍ଡା

ପାରାଦୀପ,୨୨।୧୨(ସମିସ): ପାରାଦୀପ ବନ୍ଦର ମୁଖ୍ୟ ଗେଟ ନିକଟରେ ଥିବା ବସ୍ ବିଶ୍ରାମ ଗୃହ ଏବେ ନିଶାଡ଼ିଙ୍କ କବ୍ଜାରେ ରହିଛି। ଏହି ବିଶ୍ରାମ ଗୃହ ବସ୍ ଯାତ୍ରୀଙ୍କ ପାଇଁ ରହିଥିବା ବେଳେ ସେଠାରେ କିନ୍ତୁ ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଯେଉଠିକି ବସ୍‌ଯାତ୍ରୀ ମାନେ ବସକୁ ଅପେକ୍ଷା କରିବାକୁ ଉଚିତ ମଣୁନାହାଁନ୍ତି। ରାସ୍ତା ଉପରେ ବରଂ ଛିଡା ହେବାକୁ ପସନ୍ଦ କରୁଛନ୍ତି। କିନ୍ତୁ ସେଠାରେ ବସିବାକୁ ମୁହଁ ଫେରାଉଛନ୍ତି। ଏହି ବିଶ୍ରାମ ଗୃହକୁ କବ୍ଜା କରି ରଖିଛି ଏକ କବାଡ଼ିଆ ଟ୍ରକ୍। ଠିକ ବିଶ୍ରାମ ଗୃହ ସମ୍ମୁଖରେ ଏହି ଟ୍ରକ୍‌ଟି ପାର୍କିଂ ହୋଇଛି। ଟ୍ରକ୍‌କୁ ଛାଡ଼ିଲେ ସେଠାରେ ଥିବା କିଛି ଅସାମାଜିକ ଯୁବକ କେତେଖଣ୍ଡ ପିକ୍‌ଅପ ଗାଡି ସକାଳୁ ରାତି ପର୍ଯ୍ୟନ୍ତ ରଖି ତା' ମଧ୍ୟରେ ବେଆଇନ ଭାବେ ନିଶା କାରବାରରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। ପୁଣି ଠିକ ୧୦୦ ମିଟର ମଧ୍ୟରେ ପୁଲିସର ଏକ ଚେକିଂ ପୋଷ୍ଟ ରହିଛି। ପ୍ରତ୍ୟେକ ସମୟରେ କେହିନା କେହି ଜଣେ ପୁଲିସ କର୍ମଚାରୀ ସେଠାରେ ରହୁଛନ୍ତି। ହେଲେ ଏଭଳି ନିଶା କାରବାର ବା ଅସାମାଜିକଙ୍କ ଅଡ୍ଡା ସେଠାରେ ଚାଲିଥିବା ସମ୍ପର୍କରେ ସେ କିଭଳି ଜାଣି ପାରୁନାହାନ୍ତି। ଯଦିବା କୌଣସି ଯାତ୍ରୀ ତା ମଧ୍ୟରେ ଆଶ୍ରୟ ନେଉଛି, ତେବେ ବସ୍ ଆସିଲେ ସେ ଜାଣିବା ମୁସ୍କିଲ ହୋଇପଡୁଛି। କାରଣ ଯେହେତୁ ସମ୍ମୁଖରେ ଟ୍ରକ୍ ଓ ପିକ୍‌ଅପ ଗାଡି ଲାଇନ କରି ପାର୍କିଂ କରିଦେଉଛନ୍ତି। ସନ୍ଧ୍ୟା ହେଲେ ଗଞ୍ଜେଇ, ମଦ, ବ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟର ଆସର ଜମୁଛି। ରାତିରେ ଯଦି କେହି ମାନସିକ ଭିନ୍ନକ୍ଷମ ଥିବା ମଣିଷ ଶୋଇ ରୁହେ ତେବେ ତା ମଧ୍ୟରେ ଅପରିଷ୍କାର କରିଦେଉଛି। କେହି ବି ଏ ବିଶ୍ରାମସ୍ଥଳର ଯତ୍ନ ନେଉନାହାନ୍ତି। ଯାହାଫଳରେ ବନ୍ଦର ପକ୍ଷରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ହୋଇଥିବା ଏହି ବସ୍ ବିଶ୍ରାମ ସ୍ଥଳ ଲୋକଙ୍କ କାମରେ ବ୍ୟବହାର ହୋଇ ପାରୁନାହିଁ। ଅଠରବାଙ୍କୀର ଏକମାତ୍ର ବସ ରହଣି ସ୍ଥଳ ଯେଉଁଠି ମହିଳାଟିଏ ଅପେକ୍ଷା କରିବା ପାଇଁ ଆଦୌ ସୁରକ୍ଷିତ ମଣୁ ନଥିବା କୁହାଯାଉଛି। ତେବେ ଏହି ସମସ୍ୟା ପ୍ରତି ବନ୍ଦର ହେଉ ଅବା ପୌର ପ୍ରଶାସନ ହେଉ ନଜର ଦେବାକୁ ଦାବି ହୋଇଛି।



ଟ୍ରକ ମଧ୍ୟରେ ନିଶା କାରବାର ଅଭିଯୋଗ

## ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ



କୁଜଙ୍ଗ,୨୨।୧୨(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା, ରାହାମାର ୨୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଦୁଇଦିନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ଜଗତସିଂହପୁର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ମୁଖ୍ୟଅତିଥି ଓ ସ୍ଥାନୀୟ ଏକ୍ସିସ ବ୍ୟାଙ୍କ୍‌ର ସହ ଶାଖା ପରିଚାଳକ ଜ୍ୟୋତିପ୍ରକାଶ ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଜୀବନରେ ଶାରୀରିକ ଶିକ୍ଷାର ଆବଶ୍ୟକତା ସହ ସୁଷମ ଖାଦ୍ୟ, ନିୟମିତ ବିଶ୍ରାମ କିପରି ଜୀବନକୁ ସକାରାତ୍ମକ ଦିଗରେ ଆଗେଇନିଏ ସେ ସମ୍ପର୍କରେ କଥା ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ଦୀପକ କୁମାର ଦାସ ଉଭୟ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ରଖିଥିବା ବେଳେ ଶାରୀରିକ ପ୍ରମୁଖ ସୁଦର୍ଶନ ମଲ୍ଲିକ କ୍ରୀଡା ପରିଚାଳନା କରିଥିଲେ। ବିଭିନ୍ନ ସମୟରେ ବିଦ୍ୟାଳୟର ଉପସଭାପତି ଦେବେନ୍ଦ୍ର କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ବେଉରା, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡ଼ା, ସହ ଜିଲ୍ଲାପ୍ରମୁଖ କାହ୍ନୁ ଚରଣ ସାହୁ, ଉପଦେଷ୍ଟା ବିଭୂତି ଭୂଷଣ ବରାଳ, ଉପଦେଷ୍ଟା ଅଧିକାରୀ ରମାକାନ୍ତ ଦାସ, ଶୁଭେଚ୍ଛୁ ବନ୍ଦିତା ସେଠୀ ଉପସ୍ଥିତ ରହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ।

## ସହିଦ୍ ଉଗ୍ରସେନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ନାଉଗାଁ,୨୨।୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଦାରି ପଞ୍ଚାୟତ ସ୍ଥିତ ଏରଡ଼ା ନଅଗୋଠ ପଡ଼ିଆରେ ୧୮ତମ ସହିଦ ଉଗ୍ରସେନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମାଜସେବୀ ଗଙ୍ଗାଧର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସିଠାଳ ମା' ତାରିଣୀ କ୍ରିକେଟ ଟିମ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ୨୦ ଓଭରରେ ୧୦ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିଥିଲା। ଏହାର ଜବାବରେ ତାମ୍ପଡା ଗାଦିବ୍ରହ୍ମ କ୍ରିକେଟ ଟିମ୍ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରି ୩୨ ରନରେ ପରାଜୟ ବରଣ କରିଥିଲା। ଏଥିରେ ଦୀପକ ୮୩ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲା। ଏହି ମ୍ୟାଚକୁ ସୌମ୍ୟରଞ୍ଜନ ସ୍ୱାଇଁ, ଜୀବନ ଲେଙ୍କା, ଡମ୍ବରୁଧର ବସ୍ତିଆ, ଟାର୍ଜନ ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ, ଜିତେନ୍ଦ୍ର ବସ୍ତିଆ, ଆଶୁତୋଷ ପରିଚାଳନା କରିଥିଲେ।

## ଶାରଳା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ନୀତିକାନ୍ତି ବିଳମ୍ବିତ

ତିର୍ତ୍ତୋଲ, ୨୨।୧୨(ସମିସ): ତିର୍ତ୍ତୋଲଥାନା ଅନ୍ତର୍ଗତ କନକପୁରସ୍ଥିତ ପ୍ରସିଦ୍ଧ ଝଙ୍କଡ଼ ଶାରଳା ମନ୍ଦିରରେ ସୋମବାର ଅଣହିନ୍ଦୁ ପ୍ରବେଶ ନେଇ ମା'ଙ୍କ ପୂଜାନୀତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଏହା ପରେ ମନ୍ଦିରର ପୂଜାନୀତିର ବିଧି ଅନୁଯାୟୀ ମନ୍ଦିର ପରିସର ଶୋଧ କରାଯାଇଥିଲା। ମା'ଙ୍କ ସ୍ନାନ ଓ ମାର୍ଜନା ସହ ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ସୂଚନାରୁ ଜଣାଯାଏ ମଧ୍ୟାହ୍ନ ସମୟରେ ଦୁଇ ଜଣ ଯୁବକ ଯୁବତୀ ମନ୍ଦିର ପରିସରରେ ପ୍ରବେଶ କରିଥିଲେ। ସେମାନେ ପରସ୍ପର ମନ୍ଦିରରେ ବିବାହ କରିବା ନେଇ ପୂଜକଙ୍କୁ କହିଥିଲେ। ପରେ ମନ୍ଦିର କାର୍ଯ୍ୟାଳୟରେ ଯୁବକ ଯୁବତୀ ନିଜର ପରିଚୟ ପାଇଁ ଆଧାର କାର୍ଡ ଦେବା ସମୟରେ ଯୁବତୀ ଜଣକ ଅଣହିନ୍ଦୁ ବୋଲି ଜଣାପଡ଼ିଥିଲା। ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ବାରଣ ଥିବାରୁ ମନ୍ଦିର ପୁଲିସ ଫାଣ୍ଡିକୁ ଖବର ଦିଆଯାଇଥିଲା। ପୁଲିସ ସେମାନଙ୍କୁ ମନ୍ଦିର ପରିସର ବାହାରକୁ ନେଇ ଯାଇଥିଲେ। ସେମାନେ ମନ୍ଦିର ଏହି ନିୟମ ସମ୍ପର୍କରେ ଜାଣି ନଥିଲେ। ଏହାପରେ ମା'ଙ୍କ ମନ୍ଦିର ଶୋଧ ସହ ପ୍ରସ୍ତୁତ ଥିବା ଭୋଗ ନଷ୍ଟ କରାଯାଇଥିଲା। ମନ୍ଦିରରେ ମାର୍ଜନା କରାଯାଇ ପୁଣି ଭୋଗ ଓ ପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ମା'ଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଫଳରେ ମା'ଙ୍କ ନୀତି କାନ୍ତି ବିଳମ୍ବିତ ହୋଇଥିଲା।

## ୨୮୨ ପ୍ରକଳ୍ପ ପ୍ରଦର୍ଶନ କଲେ କୁନି ବିଦ୍ୟାର୍ଥୀ




କୁଜଙ୍ଗ,୨୨।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୁତୁମୁଣ୍ଡେଇସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ସଂଗୀତଜ୍ଞ ଶାନ୍ତନୁ କୁମାର ସ୍ୱାଇଁ(ମୁକୁ)ଙ୍କ ୫୯ତମ ଜୟନ୍ତୀ ଅବସରରେ ଏହି ଦୁଇ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟା ଅପରାଜିତା ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ସମାଜସେବୀ ଡାକ୍ତର ବିପିନ ବିହାରୀ ସାମନ୍ତରାୟ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ଶିକ୍ଷକ ନେତା ତଥା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ମାୟାଧର ଦାସ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଗୋଲାପରାଣୀ ସାହୁ, ସିଆର୍‌ସିସି ସୂର୍ଯ୍ୟକାନ୍ତ ମଲ୍ଲ ପ୍ରମୁଖ ଯୋଗଦେଥିଲେ। ମୋଟ ତିନୋଟି ବିଭାଗରେ ୨୮୨ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଓ କୁନି ପିଲାମାନଙ୍କ ୮୦ କଣ୍ଢେଇ ପ୍ରଦର୍ଶନ କରାଯାଇଥିଲା। ବରିଷ୍ଠ ଗୁରୁଜୀ ଦିଲୀପ କୁମାର ତରାଇ, ସରୋଜ କୁମାର ସ୍ୱାଇଁ ଓ ନୃସିଂହ ଚରଣ ସାମଲ ପ୍ରମୁଖଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ମେଳା ଓ ସଭା ପରିଚାଳନା କରିଥିଲେ।

## ପୁଲିସ ଚଢ଼ଉ ବେଳେ ଆକ୍ରମଣ ଉଦ୍ୟମ

# ୧୦୫ କେଜି ଗୋମାଂସ ଜବତ

**୨ ଅଭିଯୁକ୍ତ ଗିରଫ**

ଜଗତସିଂହପୁର,୨୨।୧୨(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଅଳକା ନଦୀ କୂଳରେ ଗୋମାଂସ ବିକ୍ରି ହେଉଥିବା ଖବର ପାଇ ଆଜି ପୁଲିସ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେଠାରେ ଉପସ୍ଥିତ ଥିବା ସାମନ୍ତରାପୁର ଗ୍ରାମର ମାନ ସାହା ଏବଂ କାଟସିଂହପୁର ଗ୍ରାମର ସେକ୍ ଅଫସର ଛୁରିରେ ପୁଲିସକୁ ଆକ୍ରମଣ କରିଥିଲେ। ତେବେ ପୁଲିସ ଟିମ ଉଭୟଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଘଟଣାସ୍ଥଳରୁ ୧୦୫ କେଜି ଗୋମାଂସ, ୪ଟି ଲୁହା ଛୁରି, ଗୋରୁ ଚମଡ଼ା, ମୁଣ୍ଡ, ଦଉଡି ଏବଂ ଓଜନ ମେସିନ ପୁଲିସ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କ ନାମରେ ୧୦୨୦/୨୫ ନମ୍ବରରେ ମାମଲା ରୁଜୁ କରିବା ସହିତ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ବାବୁରାୟ ସୂଚନା ଦେଇଛନ୍ତି।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଲାଗିଲା ସିଡି ଓ ସେଡ୍



ପାରାଦୀପ,୨୨।୧୨(ସମିସ): ପାରାଦୀପ ଅଠରବାଙ୍କୀ ବିଜୁ ପଟ୍ଟନାୟକ ପାର୍କରେ ରହିଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଏକ ସ୍ଥାୟୀ ସିଡି ଓ ସେଡ୍ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିଛି। ପ୍ରଶାସନ ନିର୍ଦ୍ଦେଶ ମିଳିବା ପରେ ଏବେ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି। ପାରାଦୀପ ବନ୍ଦରର ସ୍ରଷ୍ଟା ତଥା ନିର୍ମାତା ବିଜୁ ପଟ୍ଟନାୟକଙ୍କ ପାଇଁ ସର୍ବଭାରତୀୟ ସ୍ତରରେ ଓଡିଶାର ଗୌରବ ବୃଦ୍ଧି ପାଇଛି। କିନ୍ତୁ ପାରାଦୀପର ମୁଖଶାଳା ଅଠରବାଙ୍କୀଠାରେ ନିର୍ମିତ ତାଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିରହିଛି। ପ୍ରତିମୂର୍ତ୍ତିରେ ପୂର୍ବରୁ ପ୍ରତ୍ୟକ ଦିନ ଗୋଟିଏ ଫୁଲ ମାଳ ପଡୁଥିବା ବେଳେ ଏବେ ଆଉ ପକାଯାଉନାହିଁ। ପ୍ରତିମୂର୍ତ୍ତିରେ ରଙ୍ଗ ମଧ୍ୟ ଦିଆଯାଉ ନାହିଁ। ଯାହା ବିଜୁ ବାବୁଙ୍କ ପ୍ରତି ଅବହେଳା କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦର ସଭାପତି ବାପି ସର୍ଖେଲ ଅଭିଯୋଗ କରିଥିଲେ। ପ୍ରତିମୂର୍ତ୍ତିରେ ପ୍ରତିଦିନ ପୁଷ୍ପମାଲ୍ୟ ଦେବା ପାଇଁ ଏକ ସିଡିର ବ୍ୟବସ୍ଥା ସହ ରକ୍ଷଣାବେକ୍ଷଣ ସେଡ୍‌ର ବ୍ୟବସ୍ଥା ପାଇଁ ଶ୍ରୀ ସର୍ଖେଲ ଗତ ୧୪ ତାରିଖରେ ଜିଲ୍ଲା ପ୍ରଶାସନ ଓ ବନ୍ଦର ପ୍ରଶାସନକୁ ଏକ ପତ୍ର ଲେଖିଥିଲେ। ସେଠାରେ ପାର୍କର ଉନ୍ନତି ପାଇଁ ଏବେ ପୌରପାଳିକା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଯିଏ ପାରାଦୀପ ଉନ୍ନତିର ସ୍ୱପ୍ନ ଦେଖିଥିଲେ, ତାଙ୍କ ପ୍ରତିମୂର୍ତ୍ତିରେ ଟଙ୍କାଟିଏ ଖର୍ଚ୍ଚ କରିବାକୁ କାହାର ଦରଦ ନଥିବା ସେ ଅଭିଯୋଗ କରିଥିଲେ। ଶ୍ରୀ ସର୍ଖେଲଙ୍କ ଏହି ଅନୁରୋଧକୁ ହୃଦୟଙ୍ଗମ କରି ଜିଲ୍ଲାପାଳ ଜେ. ସୋନେଲ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ତୁରନ୍ତ ଏହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେବା ସହିତ ଏହାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟ ଆରମ୍ଭ କରିଥିବାରୁ ଶ୍ରୀ ସର୍ଖେଲ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମନରେଗା ନାମ ପରିବର୍ତ୍ତନ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଜଗତସିଂହପୁର,୨୨।୧୨(ସମିସ)




ମନରେଗା ନାମ ପରିବର୍ତ୍ତନ ଏବଂ ଯୋଜନାର ରୂପରେଖ ବିକୃତ କରିବା ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଛି କଂଗ୍ରେସ। କେନ୍ଦ୍ର ବିଜେପି ସରକାର ବିରୋଧରେ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ, ଓପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର ଓ ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ୟାସିର ନୱାଜଙ୍କ ଉପସ୍ଥିତିରେ ଜଗତସିଂହପୁର ବସଷ୍ଟାଣ୍ଡ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିଜେପି ସରକାର ଜାତିର ପିତାଙ୍କ ନାମରେ ନାମିତ ଯୋଜନାରେ ତାଙ୍କ ନାମକୁ ହଟାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବିଷୟ ବୋଲି ସେମାନେ କହିଥିଲେ। ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଡ. ଜଗଦାନନ୍ଦ, ଦିଲ୍ଲିପ ଗୁପ୍ତା, ସୁବ୍ରତ ରାୟ, ପ୍ରିତମ ପରିଜା, ବୃନ୍ଦାବନ ପ୍ରଧାନ, ସେକ୍ ହିଦାୟତ ଅଲ୍ଲୀ, ଦେବ ପ୍ରସାଦ ମହାପାତ୍ର, ସତ୍ୟବ୍ରତ ଦାସ, ଦିଲ୍ଲିପ କୁମାର ମାହାର, ରାକେଶ ମହାନ୍ତି, ଲକ୍ଷ୍ମୀଧର ମଲ୍ଲିକ, ଶୁଭ ନାରାୟଣ ନାୟକ, ମହମ୍ମଦ ଅବଦୁଲ ୱାହିଦ, ବିଶ୍ୱଜିତ ସେଠୀ, ସେକ୍ ଅବୁ ସୋଫିୟାନ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଅଜୟ ମଲ୍ଲିକ, ପଦମନ ସେଠୀ, ସୁରଜକାନ୍ତ ଦାସ, ସତ୍ୟଜିତ ମହାନ୍ତି, ସୌଭାଗ୍ୟ ସାହୁ, ଅମ୍ରିତ ପଶାୟତ, ପବିତ୍ର ମୋହନ ଦାସ, ଦେବ ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ ଲେଙ୍କା, ଧୃବ ଚରଣ ପରିଡା, ଜ୍ଞାନେନ୍ଦ୍ର ସ୍ୱାଇଁ, ଦେବ ଜ୍ୟୋତି ମହାନ୍ତି, ପ୍ରକାଶ ସ୍ୱାଇଁ, ସ୍ୱାଧୀନ ମହାପାତ୍ର, ବିଜୟ ପୃଷ୍ଟି, ଶୁଭାଶିଷ ସ୍ୱାଇଁ, ବିଭୁରଞ୍ଜନ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ରାହୁଲ ମଲ୍ଲିକ, ଦିଗବିଜୟ ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।

### କୁଳିଦାରେ 'ପ୍ରଶାସନ ଗାଁ ମୁହାଁ' ଅଭିଯାନ

# ୯୯ ଅଭିଯୋଗରୁ ୯୦ଟିର ତ୍ୱରିତ ସମାଧାନ

ରାଜଘାଟ, ୨୨।୧୨ (ସମିସ)




ରାଜ୍ୟ ସରକାରଙ୍କ "ପ୍ରଶାସନ ଗାଁ ମୁହାଁ" ଅଭିଯାନ ଅନ୍ତର୍ଗତ ସୁଶାସନ ସପ୍ତାହ ପାଳନ ଅବସରରେ ଆଜି ବସ୍ତା ବ୍ଲକ୍ ୧୪ ନଂ ଜୋନ୍ ଅନ୍ତର୍ଗତ କୁଳିଦା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ବ୍ଲକ୍ ଭାରପ୍ରାପ୍ତ ବିଡିଓ ରମେଶ ଚନ୍ଦ୍ର ବେହେରା ଓ ଜିପିଡିଓ ବିଷ୍ଣୁଚରଣ ଦାଶଙ୍କ ତତ୍ତ୍ୱାବଧାନରେ ୧୪ ନଂ ଜୋନ୍ ଅନ୍ତର୍ଗତ ୭ ଗୋଟି ପଞ୍ଚାୟତକୁ ନେଇ୍ ଆୟୋଜିତ ଏହି ଶିବିରରେ ବ୍ଲକ୍ ଯୋଗାଣ ଅଧିକାରୀ କୁମାର ପ୍ରିୟବ୍ରତ ସାମନ୍ତରାୟ,ବିଏସ୍ ଏସ୍ ଓ ନିବେଦିତା ଶିଅଳ,ସହକାରୀ ଯନ୍ତ୍ରୀ ବିକ୍ରମ କୁମାର ଜେନା ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ୯୫ ଜଣ ହିତାଧିକାରୀଙ୍କ ଠାରୁ ସମୁଦାୟ ୯୯ ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସମୁଦାୟ ଅଭିଯୋଗରୁ ୬୪ ଟି ଗୃହ ନିର୍ମାଣ, ୨୬ଟି ପେନସନ, ୪ଟି ରାସନ୍ କାର୍ଡ ଓ ୫ ଟି ଉନ୍ନତିମୂଳକ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ୯୦ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଶିବିରକୁ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବୁଗୁଡି,ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ସମସ୍ତ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ପରିଚାଳନା କରିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ମାନେ ସହଯୋଗ କରିଥିଲେ।

## ନୂତନ ଶିବମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ



ନୀଳଗିରି, ୨୨।୧୨ (ସମିସ): ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ନୂତନ ଶିବମନ୍ଦିର ନିର୍ମାଣ ପାଇଁ ହେଲା ଭୂମିପୂଜନ। ଗାଁର ଦିଲ୍ଲୀପ ଲେଙ୍କା ଓ ବନିତା ଲେଙ୍କା କର୍ତ୍ତା ଓ କର୍ତ୍ତୀ ଭାବରେ ଯୋଗଦେଇ ଭୂମିପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ବାଉଁଶନାଳ ଗ୍ରାମର ଶିବମନ୍ଦିର ନଥିବାରୁ ଦୀର୍ଘଦିନ ଧରି ଅନ୍ୟ ଶିବମନ୍ଦିରକୁ ଯାଇ ପୂଜାପାଠ କରୁଥିଲେ। ଉକ୍ତ ଗ୍ରାମର ଉପେନ୍ଦ୍ର ଲେଙ୍କାଙ୍କ ପୁଅ ଦିଲ୍ଲୀପ ଲେଙ୍କା ଜମିଦାନ ପରେ ଏହି ଶିବମନ୍ଦିର ନିର୍ମାଣ ହେବାକୁ ଯାଉଥିବା ଜଣାପଡିଛି। ତେବେ ଏହି ଶିବମନ୍ଦିରର ନାମ ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ରଖାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଉତ୍ସବରେ କମିଟିର ସଭାପତି ଭଗିରଥ ନାୟକ, ଉପ ସଭାପତି ଜୟକୃଷ୍ଣ ମହାକୁଡ଼, କୋଷାଧ୍ୟକ୍ଷ ଦେବୀପ୍ରସନ୍ନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଏବଂ ଗ୍ରାମର ସମସ୍ତ ମହିଳା ଉପସ୍ଥିତ ରହି କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଖଇରାରେ ନୂତନ ଉପନିବନ୍ଧକଙ୍କ ଯୋଗଦାନ

ଖଇରା,୨୨।୧୨ (ସମିସ): ଖଇରା ବ୍ଲକ ଉପନିବନ୍ଧକ କାର୍ଯ୍ୟାଳୟରେ ଉପନିବନ୍ଧକ ପଦବୀ ପାଖାପାଖି ୨ବର୍ଷ ଧରି ଖାଲି ପଡିବା ପରେ ବିଶ୍ୱଜିତ ରଣା ୨୦ତାରିଖ ଦିନ ନୂତନ ଉପନିବନ୍ଧକ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଅତିରିକ୍ତ ତହସିଲଦାର ଓ ତହସିଲଦାର ଏହି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଆସୁଥିବା ଜନସାଧାରଣଙ୍କୁ ଅନେକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ସେ ସାଧାରଣ ଜନସାଧାରଣଙ୍କୁ ଯଥାସମ୍ଭବ ସେବା ଯୋଗାଇ ଦେବାକୁ ପ୍ରୟାସ କରିବେ ବୋଲି ଶ୍ରୀ ରଣା କହିଛନ୍ତି।

## ଜଳିଗଲା ଧାନଗଦା

ନୀଳଗିରି, ୨୨।୧୨ (ସମିସ): ନୀଳଗିରି ଏନଏସି ଅନ୍ତର୍ଗତ ୧୦ନଂ ୱାର୍ଡ କାହାଲିଆ ଗ୍ରାମର ଯୋଗେନ୍ଦ୍ର ପରିଡାଙ୍କ ପୁଅ ହରିଶ୍ଚନ୍ଦ୍ର ପରିଡା ନିକଟସ୍ଥ ବିଲରେ ଧାନପୁଞ୍ଜି ଗଦାମାରି ଅମଳ ଉଦ୍ଦେଶ୍ୟରେ ରଖିଥିଲେ। ହଠାତ୍ କୌଣସି କାରଣରୁ ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଉକ୍ତ କଳେଇ ଗଦାରେ ନିଆଁ ଲାଗିଯିବା କାରଣରୁ ପ୍ରାୟ ପଚାଶ ହଜାର ଟଙ୍କାର ଧାନନଷ୍ଟ ହୋଇଯାଇଥିବା ଜଣାଯାଇଛି। ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ହେଁ ସମସ୍ତ ଧାନ ଓ ନଡ଼ା ଜଳିଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ତରଫରୁ କ୍ଷତିପୂରଣ ଦେବାକୁ ଦାବୀକରାଯାଇଛି।

## ଚୋରକୁ ନିସ୍ତୁକ ମାଡ଼

ଜଳେଶ୍ୱର,୨୨।୧୨(ସମିସ) : ବ୍ୟସ୍ତ ବହୁଳ ଜଳେଶ୍ୱର ସହରରେ ଅସାବଧାନତା ଯୋଗୁଁ ବହୁ ସମ୍ପତ୍ତି ଓ ସାମଗ୍ରୀ ଲୁଟ୍ ହେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। ଏକ ସପ୍ତାହ ଧରି ଷ୍ଟେସନ ବଜାର ଅଞ୍ଚଳରେ ବିଭିନ୍ନ ଦୋକାନ ସମ୍ମୁଖରୁ ସାମଗ୍ରୀ ଉଭାନ ହେଉଥିବା ଚିତ୍ର ସିସି କ୍ୟାମେରାରେ କଏଦ ହୋଇଥିଲା। କଣ୍ଟେଇ ଡ୍ରେସ୍ ହାଉସରୁ ୧୫ ହଜାର ଟଙ୍କାର ଲୁଗା ଓ ଏକ ଟେମ୍ପୋରୁ ସୋରିଷ ତେଲ ପେଟି ଚୋରି ହୋଇଥିବା ଜଣାପଡିଥିଲା। ଗୁପ୍ତ କ୍ୟାମେର ଚିତ୍ରରୁ ରାଜପୁର ବସ୍ତିର ୟାକତ ନାମକ ବ୍ୟକ୍ତି ବୋଲି ଜଣାପଡିବା ବେଳେ ସ୍ଥାନୀୟ ଲୋକେ ତାକୁ ବାନ୍ଧି ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିଲେ।

## ପଥର ଓ ବାଲି ବୋଝେଇ ଡମ୍ପର ଜବତ

ନୀଳଗିରି, ୨୨।୧୨ (ସମିସ): କିଛି ଦିନ ଧରି ନୀଳଗିରି ପୁଲିସ ଲଘୁଖଣିଜ ଚୋରା ଚାଲାଣ ଉପରେ ଚଢ଼ାଉ ଜାରି ରଖିଥିବା ବେଳେ ଗତ ରବିବାର ରାତିରେ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଥାନାର ଭାରପ୍ରାପ୍ତ ଅଧିକାରୀ ଇନ୍ସପେକ୍ଟର ସରୋଜ କୁମାର ଦାସ ସଦଳବଳେ ଘାଟଘରସାହି ଛକ ନିକଟରେ ଦୁଇଟି ପଥର ବୋଝେଇ ଡମ୍ପର ଓ ଅଯୋଧ୍ୟା ରାସ୍ତାରେ ଏକ ବାଲି ବୋଝେଇ ଟ୍ରାକ୍ଟର ଓ ଡମ୍ପରକୁ ଜବତ କରିଛନ୍ତି।

## ଗୋରୁ ଗାଡ଼ି ଜବତ, ୨୭ ଗୋରୁ ଉଦ୍ଧାର

ରାଜଘାଟ, ୨୨।୧୨ (ସମିସ): ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ବେଳେ ପୁଲିସ ଚଢଉ। ୨୭ରୁ ଅଧିକ ଗୋରୁ ଜବତ ହୋଇଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖିଛି ପୁଲିସ। ଆଜି ମଧ୍ୟାହ୍ନରେ ଭଦ୍ରକ ପଟୁ କଣ୍ଟେନର ଯୋଗେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଦ୍ରୁତ ଗତି ରେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗୋ ସେବକ ମାନେ ବସ୍ତା ପୁଲିସକୁ ଖବର ଦେଇଥିଲେ। ବସ୍ତା ପୁଲିସ ୬୦ ନଂ ଜାତୀୟ ରାଜପଥର ଭେଲୋରା ଛକ ରେ ଚଢଉ କରି କଣ୍ଟେନରରୁ ଗୋରୁ ଗୁଡ଼ିକୁ ଉଦ୍ଧାର କରି ମାମଲା ରୁଜୁ କରି କଣ୍ଟେନରକୁ ଜବତ କରିବା ସହ ଉଦ୍ଧାର ହୋଇଥିବା ଗୋରୁଙ୍କୁ ଗୋଶାଳାକୁ ସ୍ଥାନାନ୍ତର କରିଛି।

## ଜଗନ୍ନାଥ ସଂସ୍କୃତି ବାର୍ତ୍ତାବହଙ୍କ ବିୟୋଗ

ଖଇରା,୨୨।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ମଳିହା ଗ୍ରାମର ଜଗନ୍ନାଥ ସଂସ୍କୃତି ବାର୍ତ୍ତାବହ ସ୍ୱର୍ଗତ ପ୍ରହ୍ଲାଦ ବେହେରାଙ୍କ ଏକ ସ୍ମୃତିଚାରଣ ସଭା ରବିବାର ଦିନ ମଳିହା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା ତଥା ଜଗନ୍ନାଥ ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରହିତ୍ୟ କରିଥିଲେ। ଏଥିରେ ଅନ୍ତରା, କୁପାରୀ ଠାରୁ ଆରମ୍ଭ କରି ଖଇରା ପର୍ଯ୍ୟନ୍ତ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇ ପତିରାଜପୁର ମେଳାରେ ପ୍ରହ୍ଲାଦଙ୍କ ଦ୍ୱାରା ସଜ୍ଜିତ ହେଉଥିବା ଜଗନ୍ନାଥଙ୍କ ବିଭିନ୍ନ ବେଶ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବୁଦ୍ଧିରାମ ପାଣିଗ୍ରାହୀ, ବଳରାମ ପଣ୍ଡା, ଜଳଧର ପଣ୍ଡା, ରାମଚନ୍ଦ୍ର ପଣ୍ଡା, ବାସୁଦେବ ପଣ୍ଡା, ଶିବପ୍ରସାଦ ବଳ, ମହେନ୍ଦ୍ର ସେନାପତି, ରମାକାନ୍ତ ଶତପଥି, ରମଣି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀ ରନ୍ଧାମଦ ଜବତ, ଜଣେ ଗିରଫ

ଖଇରା,୨୨।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହ୍ଲାଦ ସାମଲ ନେତୃତ୍ୱରେ ଏକ ଟିମ ସୋମବାର ଦିନ ଗରସଙ୍ଗ ଅଞ୍ଚଳରେ ଚଢ଼ଉ କରି ୬ଶହ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ଏଥିରେ ସଂପୃକ୍ତ ଗଗନ ବିହାରୀ ବେହେରାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ମଦର ମୂଲ୍ୟ ଦେଢ ଲକ୍ଷରୁ ଉର୍ଦ୍ଧ ହେବ ବୋଲି କୁହାଯାଉଛି।

## ଜ୍ଞାନ ବିକାଶ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୨୨।୧୨ (ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଚକର୍ଜୁନି ଜ୍ଞାନ ବିକାଶ ଇଂଲିଶ ମିଡ଼ିଅମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଲେଲିନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହାକୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ସମ୍ମାନିତ ବକ୍ତା ଭାବେ ବାଗେଶ୍ୱରୀ ସଂସ୍କୃତ କଲେଜର ଅଧ୍ୟକ୍ଷ ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଉପସ୍ଥିତ ରହି ଭାରତୀୟ ଶିକ୍ଷାନୀତି ଉପରେ ତର୍ଜମା କରିଥିଲେ। ଅଭିଭାବକଙ୍କ ମଧ୍ୟରୁ ବେଷ୍ଟ ଗ୍ରାଣ୍ଡ ମଦର ଭାବେ ଆରତୀବାଳା କର ଓ ବେଷ୍ଟ ଫାଦର ଭାବେ ଚନ୍ଦନ ଜେନାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନ ଶିକ୍ଷକ ଗୋପୀକିସନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷୟିତ୍ରୀ ସୁନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶମ୍ଭୁନାଥ ଦାସ, ସପନ ପାତ୍ର, କମଳ ଲୋଚନ ଗିରି, ପାର୍ଥ ସାରଥୀ ନନ୍ଦ, ଶତାବ୍ଦି ଶେଖର ପାତ୍ର, ଶିକ୍ଷୟିତ୍ରୀ ଅନୁରାଧା ଦାସ ମହାପାତ୍ର, ସଂଘମିତ୍ରା ଭୂୟାଁ, ନିବେଦିତା ମହାନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରିଲା ବାଲେଶ୍ୱର ଉତ୍ସବ



ବାଲେଶ୍ୱର,୨୨।୧୨(ସମିସ): ବାଲେଶ୍ୱର ଉତ୍ସବ ୨୦୨୫ର ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ ଉତ୍ସବର ସଫଳ ସମାପନ ପାଇଁ ସମସ୍ତ ବାଲେଶ୍ୱରୀଆଙ୍କୁ ଶ୍ରେୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଅରିଜିତ ଘୋଷାଲ ଜିଲ୍ଲା ବାସୀଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। କମିଟିର ଅନ୍ୟତମ ମୁଖ୍ୟ ବିଦ୍ଧାଣି ସତ୍ୟ ଶିବ ସୁନ୍ଦର ଦାଶ ଅଭିଭାଷଣ ରଖିଥିଲେ। ଭାଗବତ ସାହୁ, ସୂର୍ଯ୍ୟକାନ୍ତ କର, ଚିତ୍ତ ରଞ୍ଜନ ପଣ୍ଡା, ଇନ୍ତେଖାବ ଅଲି, ବିଜୟ ପଣ୍ଡା, ଶକ୍ତିପଦ ରାୟ, ସୁଶାନ୍ତ ସାହୁ, ଭୁବନ ଦାସ, ରଂଜିତା ମହାପାତ୍ର, ସିପ୍ରା ମହାପାତ୍ର, ଦୀପିକା ପାଣ୍ଡା, ଆଶ୍ରିତା ତରାଇ, ମିନତୀ ସେଠୀଙ୍କ ସମେତ ବହୁ ମହିଳା କାଉନସିଲମାନେ ଉପସ୍ଥିତ ଥିଲେ। ସଭାପତି ଆଶିଷ ପାତ୍ର, ମୁଖ୍ୟ ଉପଦେଷ୍ଟା ଆଲୋକ କୁମାର ସାହୁ, ଅଭ୍ୟୁଦୟ ଦାସ, ଦେବାଶିଷ ଚାଟାର୍ଜି ପ୍ରମୁଖ ସହଯୋଗ କରିଥିଲେ।

## ମନରେଗା ନାମ ପରିବର୍ତ୍ତନର ପ୍ରତିବାଦ

ନୀଳଗିରି, ୨୨।୧୨ (ସମିସ): ମନରେଗା ନାମ କୁ ବଦଳାଇ କେନ୍ଦ୍ର ସରକାର ଭି ବି ଜି ରାମ ଜି ଯୋଜନା କରିଛନ୍ତି। ଉକ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିବା ପାଇଁ ସି ପି ଆଇ (ଏମ) ତରଫରୁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ବିଲ୍‌କୁ ରଦ୍ଦ କରିବା ପାଇଁ ସି ପି ଆଇ (ଏମ) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଉପଜିଲ୍ଲାପାଳ ନୀଳଗିରିଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳୀ ରେ ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଲକ୍ଷ୍ମୀଧର ସାହୁ, ଷ୍ଟାଲିନ୍ ମିଶ୍ର, ଯୋଗାନନ୍ଦ ଦାଶ, ଉମାକାନ୍ତ ଷଡଙ୍ଗୀ, ନାରାୟଣ ଧାମୁଡିଆଙ୍କ ସମେତ ପାର୍ଟିର ବହୁ ସାଥୀ ଉପସ୍ଥିତ ଥିଲେ।

## ସାନ୍ତାଳୀ ଭାଷା ଦିବସ



ରାଇବଣିଆ,୨୨।୧୨(ସମିସ) : ରାଇବଣିଆ ଅଞ୍ଚଳର ସାମାଜିକ ସଂଗଠନ ଆଶାରେନାଃ ମାର୍ଶାଲର ଆବାହକ ସନ୍ତୋଷ କୁମାର ଜେନାଙ୍କ ଆହ୍ୱାନରେ ସଂଗଠନ ସଭ୍ୟ ରଥ ହାଁସଦା, ରାଜୁ ହାଁସଦାଙ୍କ ସହଯୋଗରେ ରାଇବଣିଆ ଅଞ୍ଚଳର କବାଟଘାଟୀ ସରକାରୀ ଆଶ୍ରମରେ ସାନ୍ତାଳୀ ଭାଷା ଦିବସ ପାଳନ ସହ ଅଲଚିକି ଲିପି ସମ୍ବନ୍ଧିତ ଏକ ପ୍ରତିଯୋଗିତା କରାଯାଇ ଥିଲା। ଛାତ୍ରଛାତ୍ରୀମାନେ କିପରି ଅଲଚିକି ପାଠପଢାର ଅଧିକ ସାମିଲ ହେବେ ଓ ଆଗ୍ରହ ବଢାଇବେ,ଆଗକୁ ଆଦିବାସୀ ବହୁଳ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଗୁଡିକରେ ଅଲଚିକି ଲିପିରେ ବିଦ୍ୟାଳୟର ନାମ ଲେଖା ସହ ଅଲଚିକି ପଢା ହୋଇପାରିବ ସେ ନେଇ ଆଲୋକପାତ ସଂଗଠନ ତରଫରୁ କରାଯାଇ ଥିଲା। ସାନ୍ତାଳୀ ଭାଷାକୁ ରାଜ୍ୟ ସରକାର ଦ୍ୱିତୀୟ ରାଜ ଭାଷାର ମାନ୍ୟତା ଦେବାର ନାରା ମଧ୍ୟ ଉଠିଛି।

## ନଳବାହାର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ରୂପସା,୨୨।୧୨(ସମିସ): ବସ୍ତା ବ୍ଲକ ନଳବାହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସୁବ୍ରତ ପରିଡ଼ାଙ୍କ ପୌରହିତ୍ୟ କରିଥିଲେ। ସମ୍ପାଦକ ଚକ୍ରଧର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମିନତୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗର ବିଦ୍ୟୁତ ପରିଷଦ ସଭାପତି ଶରତ କୁମାର ମଲ୍ଲିକ, ମୁଖ୍ୟ ଅତିଥିଭାବେ ସୁଲଗ୍ନା ଇନିଷ୍ଟିଚ୍ୟୁଟର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବନିତା ବିଶ୍ୱାଳ ଯୋଗଦେଇ ବିଦ୍ୟାଳୟ ମଣିଷ ତିଆରି କାରଖାନା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ସମ୍ପାଦକ ଚକ୍ରଧର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁମା କମଳକାମିନୀ ଆଚାର୍ଯ୍ୟ, ଗୁରୁମା ସରସ୍ୱତୀ ମାଝି ମଞ୍ଚ ପରିଚାଳନା କରିଥିଲେ। ଗୁରୁମା ସ୍ୱର୍ଣ୍ଣଲତା ବେହେରା ନୃତ୍ୟ, ସଂଗୀତ,ନାଟକ ପରିବେଷଣରେ ସାହାଯ୍ୟ କରିଥିଲେ। ଗୁରୁଜୀ ଲକ୍ଷ୍ମୀଧର ଜେନା, ବରେନ୍ଦ୍ର ସାହୁ, ସସ୍ମିତା ବାରିକ ଖେଳ ପରିଚାଳନା କରିଥିଲେ। ହରେନ୍ଦ୍ର ଜେନା, ଶାନ୍ତିଲତା ସାହୁ, କଳ୍ପନା ରାଉଳ, ସଂଯୁକ୍ତା ପରିଡ଼ା, ପଦ୍ମିନୀ ଦାସଙ୍କ ସମେତ ଅନ୍ୟମାନେ ପୁରସ୍କାର ବିତରଣ କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଉମାକାନ୍ତ ପ୍ରଧାନ, ମଧୁସୂଦନ ସିଟ, ଗଦାଧର ଧଳ, ରତିକାନ୍ତ ମହାନ୍ତି, ଉର୍ମିଳା ଗିରି, ଜଗଦାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ରାମଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୨୨।୧୨ (ସମିସ): ଭୋଗରାଇର ଅନ୍ୟତମ ପ୍ରତିଷ୍ଠିତ ଓ ଗରିମାମୟ ଶିକ୍ଷାନୁଷ୍ଠାନ ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟର ୬୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ମହେଶ୍ୱର ଗିରି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ସୁଶାନ୍ତ ଚାନ୍ଦ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଦାସ, ନନ୍ଦଦୁଲାଲ ବେଜ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ଜିଲ୍ଲାପରିଷଦ ପ୍ରତିମା ଚାନ୍ଦ, ସରପଞ୍ଚ ଉପେନ୍ଦ୍ର ନାଥ ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କାମଦେବ ଭୂୟାଁ, ଓଷ୍ଟା ଦକ୍ଷିଣ ଭୋଗରାଇ ସଂପାଦକ ଶାଶ୍ୱତ କୁମାର ଜେନା, ହାଡିଗୋଛିଆ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନାଭଡ଼େଶ୍ୱର ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭବେଶ ଚନ୍ଦ୍ର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ କମଳାକାନ୍ତ ଜେନା, ପ୍ରାକ୍ତନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଶଶିକାନ୍ତ ପାତ୍ର, ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରବାଲା ସେନାପତି, ପ୍ରାକ୍ତନ ଛାତ୍ର ଧନଞ୍ଜୟ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରେନ୍ଦ୍ର, ଅନ୍ନଦା, ମେନକା-କାମଦେବ ମେଧାବୃତ୍ତି, ହେମନ୍ତ, ପଞ୍ଚାନନ, ପବିତ୍ର , ସୁବାସ ଆଦି ମେଧାବୃତ୍ତି ଗରୀବ ମେଧାବୀ ପିଲାମାନଙ୍କୁ ପ୍ରଦାନ କରାଯିବା ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ କ୍ରିଡା ପ୍ରତିଯୋଗିତାରେ କୃତିତ୍ୱ ପାଇଁ ପିଲା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ କାହ୍ନୁ ଚରଣ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅନୁପମା ମାହାନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକୁ ୧୧ ଷ୍ଟାର ଚାମ୍ପିଅନ, ସିଏମସିଟି ରନର୍ସଅପ

ଚନ୍ଦନେଶ୍ୱର,୨୨।୧୨ (ସମିସ) : ଭୋଗରାଇର ଚନ୍ଦନେଶ୍ୱରରେ ୩ଦିନ ବ୍ୟାପି ଅନୁଷ୍ଠିତ ସ୍ୱର୍ଗତ ବସନ୍ତ ପ୍ରଧାନ ମେମୋରିଆଲ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଟିକୁ ୧୧ଷ୍ଟାର ଚମ୍ପିଆନ ହୋଇଥିବା ବେଳେ ସିଏମସିଟି ରନର୍ସ ଅପ ହୋଇଥିଲେ। ସମାଜସେବୀ ଦିଲ୍ଲୀପ କୁମାର କାମିଲା ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ। ପ୍ରାୟ ୧୦ ବର୍ଷ ହେବ ଚନ୍ଦନେଶ୍ୱର ପ୍ରଧାନ ବ୍ରଦର୍ସ ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ କ୍ରିକେଟ ପ୍ରତିଯୋଗିତା ଆୟୋଜନ ହୋଇ ଆସୁଛି। ୧୬ଟି ଦଳ ମଧ୍ୟରେ ଖେଳ ହୋଇ ସେମି ଫାଇନାଲରେ ବାଲିଆପାଳ ଟିକୁ ୧୧ଷ୍ଟାରକୁ ଏବଂ ସିଏମସିଟି କ୍ରିକିଆ ୧୧ଷ୍ଟାରକୁ ଭେଟିଥିଲେ। ଫାଇନାଲରେ ସୀମିତ ୬ଓଭରରେ ସିଏମସିଟି ସମସ୍ତ ୱିକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଥିଲେ। ହେଲେ ଟିକୁ ୧୧ଷ୍ଟାର ୨.୪ ଓଭରରେ ୨ଉଇକେଟ ହରାଇ ସହଜସାଧ ବିଜୟ ହାସଲ କରିଥିଲେ। ତ୍ରିଲୋକ ପ୍ରଧାନ ଏବଂ ଗୋପୀକୃଷ୍ଣ ବାରିକ ଖେଳ ପରିଚାଳନା କରିଥିଲେ। କମିଟିର ମୁଖ୍ୟ ତାପସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଶୁପତି ପ୍ରଧାନ, ଅଞ୍ଜୁ ବାରିକ, ଧୀରାଜ ପଣ୍ଡା, ବିଜୁ ପ୍ରଧାନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ସିମୁଳିଆରେ ମିଳିତ ଜନଶୁଣାଣି




ସିମୁଳିଆ, ୨୨।୧୨ (ସମିସ): ସିମୁଳିଆ ପଞ୍ଚାୟତ ସମିତି ପରିସରରେ ଥିବା ସଭା ଗୃହରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି. ପ୍ରତ୍ୟୁଷ ଦିବାକର, ଉପଜିଲ୍ଲାପାଳ ଶିବ ମାଲଭିୟା, ଏଡିଏମ ନିରଞ୍ଜନ ବେହେରା. ପିଡି ମଧୁସ୍ମିତା ସାମନ୍ତରାୟଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଆରମ୍ଭ ହଇଥିଲା। ୧୨୩ଟି ଅଭିଯୋଗ ହୋଇ ଥିଲା ବେଳେ ସମିତି ଚେୟାରମ୍ୟାନ ବାବାଜୀ ଚରଣ ମଲ୍ଲିକ ସରପଞ୍ଚ ସମିତି ମେମ୍ବର ଅଙ୍ଗନ ବାଡ଼ି କେନ୍ଦ୍ର ଅଧା କାମହୋଇ ପଡିରହିଛି ଓ ଆଜକୁ ଦୀର୍ଘ ଦୀନ ଧରି ହରିଶ୍ଚନ୍ଦ୍ର ଯୋଜନାରେ କେହି ଟଙ୍କାଟିଏ ପାଉନଥିବାର ଅଭିଯୋଗ କରିଥିଲେ। ସେହିପରି ଅଡା ସମିତି ସଭ୍ୟ ଅଡା ମେଡିକାକୁ ଦୀର୍ଘ ଦୀନ ଧରି ଡାକ୍ତର ନଥିବାର ଅଭିଯୋଗ କରିଥିଲେ।

# ଜିଲ୍ଲା ସ୍ୱଦେଶୀ ମେଳା ଓ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ବାଲେଶ୍ୱର,୨୨।୧୨(ସମିସ)



ଜିଲ୍ଲା ସ୍ୱଦେଶୀ ମେଳା ଏବଂ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳାକୋଶମ୍ବ ଆଜି ଉଦଘାଟିତ ହେଇଯାଇଛି। ଉଦଘାଟନୀ ସଭାରେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏବଂ ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସଭାର ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ"ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଏବଂ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଉପସ୍ଥିତ ରହି ମେଳାକୋଶମ୍ବର ବିଶେଷତ୍ୱ ବିଷୟରେ ଆଲୋଚନା କରିଥିଲେ। ବରେଣ୍ୟ ଅତିଥି ବୃନ୍ଦଗଣ ବାଲେଶ୍ୱର ଜିଲ୍ଲାର ଐତିହାସିକ, ସାଂସ୍କୃତିକ ଓ ଔଦ୍ୟୋଗିକ ସଫଳତା ସହିତ ଲଘୁ ଓ କ୍ଷୁଦ୍ର ବ୍ୟବସାୟର ବିକାଶ ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା।"ମେଳାରେ ସର୍ବମୋଟ ୪୦୦ଟି ଷ୍ଟଲ ସ୍ଥାପିତ ହୋଇଥିବା ବେଳେ ତାହାମଧ୍ୟରୁ କୃଷି ବିଭାଗର ୫୦ଟି ଷ୍ଟଲ ସାମିଲ ଅଛି। ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ସହିତ ବିଭିନ୍ନ ପ୍ରକାର ଖାଦ୍ୟପେୟର ଆକର୍ଷଣୀୟ ସମ୍ଭାର ମେଳାକୁ ଅଧିକ ରଙ୍ଗୀନ କରିଛି। ନିଆରା ପୁସ୍ତକ ମେଳା ସହିତ ବାଲେଶ୍ୱର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଭିତ୍ତିକ ଫଟୋ ପ୍ରଦର୍ଶନୀ ମେଳାର ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଛି। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ସୁସଂଗଠିତ ବ୍ୟବସ୍ଥା ରହିଛି, ଯାହା ଦର୍ଶକମାନଙ୍କୁ ମନୋରଞ୍ଜନ ସହିତ ସାଂସ୍କୃତିକ ସଚେତନତା ପ୍ରଦାନ କରୁଛି।

ସକାଳ THE SAKALA


### ୩୫ତମ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ଦୁଇ ଘଣ୍ଟା ବିଳମ୍ବରେ ଉଦ୍ଯାପନୀ ସଭା

ନୟାଗଡ଼,୨୨।୧୨(ସମିସ)




ନୟାଗଡ଼ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍କ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉଦ୍ଘାଟନ କରିଥିଲେ। ବିଭିନ୍ନ ବ୍ଲକସ୍ତରରେ ହୋଇଥିବା ବିଜ୍ଞାନ ମେଳାରୁ କୃତିତ୍ୱ ଅର୍ଜନ କରି ଜିଲ୍ଲାସ୍ତରକୁ ଆସିଥିବା ୬୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅପରାହ୍ନ ୨ଟା ୩୦ରେ ଉଦ୍ଯାପନୀ ସଭା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ୨ଟା ୩୦ ବେଳକୁ ଅପେକ୍ଷା କରିଥିଲେ ମଧ୍ୟ ଉଦ୍ଯାପନୀ ସଭା ଆରମ୍ଭ କରାଯାଇ ନ ଥିଲା। ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ବାରମ୍ବାର କିଛି ସମୟ ମଧ୍ୟରେ ସଭା ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। ଅପରାହ୍ନ ୪ଟା ୩୦ରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପହଞ୍ଚିବା ପରେ ସଭା ଆରମ୍ଭ ହୋଇଥିଲା। ପୂର୍ବତନ ସାଂସଦ ଅନିମନ୍ତ୍ରିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନିମନ୍ତ୍ରଣ ପତ୍ରରେ ତାଙ୍କ ନାଁ ନ ଥିଲା। ଏହି ଉଦ୍ଯାପନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସନ୍ଧ୍ୟାରାଣୀ ରାଉତ, ବକଲତା ବେହେରା, ବିଜ୍ଞାନ ନିରୀକ୍ଷକ ଶରତ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ମଞ୍ଚାସୀନ ହୋଇଥିଲେ। ଲାଠିପଡ଼ା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତାମୂଳକ ନୃତ୍ୟ ପରିବେଷଣ ହୋଇଥିଲା। ଉଦ୍ଯାପନୀ ସଭାର ମୁଖ୍ୟ ଅତିଥି ସାଂସଦ ଡ. ପାତ୍ର ତାଙ୍କ ବକ୍ତବ୍ୟ ଆରମ୍ଭରୁ ବିଳମ୍ବ ପାଇଁ କ୍ଷମାପ୍ରାର୍ଥନା କରିଥିଲେ। ସେ ବିଭିନ୍ନ ଉଦାହରଣ ଦେବା ସହ ଛାତ୍ରଛାତ୍ରୀମାନେ ପରିଶ୍ରମ ଦ୍ୱାରା ରାଜ୍ୟ ଓ ଦେଶରେ ନାଁ କମାଇବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଲେଙ୍କୁଡ଼ିପଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ର ଅଭିଜିତ୍ ନାୟକ ପ୍ରଥମ, ଜାମୁସାହି ଉଚ୍ଚ ବିଦ୍ୟାଳୟ ଛାତ୍ର ସାଇ ସ୍ୱାଇଁ ଦ୍ୱିତୀୟ, ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ମଧୁସ୍ମିତା ସ୍ୱାଇଁ ତୃତୀୟ,

**● ବିଳମ୍ବ ପାଇଁ କ୍ଷମା ମାଗିଲେ ସାଂସଦ**
**● ପୂର୍ବତନ ସାଂସଦ ଅନିମନ୍ତ୍ରିତ ଅତିଥି**

ଆରସି ସାମନ୍ତରାୟ ଉଚ୍ଚ ବିଦ୍ୟାଳୟ ଛାତ୍ର ଅରୁଣ କୁମାର ମିଶ୍ର ଚତୁର୍ଥ, ସୁନାମୁହିଁ ସରକାରୀ ପଞ୍ଚାୟତ ହାଇସ୍କୁଲ ଛାତ୍ର ଅମର ନାୟକ ପଞ୍ଚମ, ନୂଆଗାଁ ହାଇସ୍କୁଲ ଛାତ୍ରୀ ସୀମାରାଣୀ ସୀଠ ଷଷ୍ଠ, ନୂଆଗାଁ ଓଏଭି ଛାତ୍ରୀ ଲୋପାମୁଦ୍ରା ପ୍ରଧାନ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। କନିଷ୍ଠ ବର୍ଗରେ ରଣପୁର ଚାରିଟି ପବ୍ଲିକ୍ ସ୍କୁଲ ଛାତ୍ରୀ ସମୀକ୍ଷା ଦ୍ୱିବେଦୀ ପ୍ରଥମ, ଦଶପଲ୍ଲା ହରିଡ଼ାବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ସ୍ୱାଇଁ ଦ୍ୱିତୀୟ, ବାଉଁଶିଆପଡ଼ା ମନ୍ଦିର ସାହି ପ୍ରାଥମିକ ବିଦ୍ୟାଳୟ ଛାତ୍ର ଆଦିଶ୍ ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଇକୋ କ୍ଲବ୍ ସିଇଏସ୍ ପ୍ରତିଯୋଗିତାରେ ଗଣିଆ କେସିବିପି ଛାତ୍ର ସିଦ୍ଧାର୍ଥ ଶେଖର ସାହୁ ପ୍ରଥମ, ବାହାଡ଼ଝୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଶୁଭମ୍ ମହାପାତ୍ର ଦ୍ୱିତୀୟ, ସଜନାପଡ଼ା ଜନତା ଉଚ୍ଚ ବିଦ୍ୟାଳୟ ଛାତ୍ର ଅନିମେଶ ରାଉତରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ୍ ଶିକ୍ଷା ଅଧିକାରୀ, ଏବିଇଓ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲ୍ଲାସ୍ତରରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ବିଜ୍ଞାନ ନିରୀକ୍ଷକ ଘୋଷଣା କରିଥିଲେ। କେନ୍ଦୁଝର ଜିଲ୍ଲା ଡିଏନ୍ ଉଚ୍ଚ ବିଦ୍ୟାଳୟରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ● ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

## ସାଂସଦଙ୍କୁ ଦାବି କଲା ଜୟ ନୟାଗଡ଼ ଫାଉଣ୍ଡେସନ୍



ନୟାଗଡ଼,୨୨।୧୨(ସମିସ): ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ପ୍ରତିଷ୍ଠାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ରଙ୍କୁ ଦକ୍ଷିଣକାଳୀ ପଡ଼ିଆରେ ଭେଟି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଂଯୋଜକ ଅମ୍ଲାନ ଅଂଶୁମାନ ସାହୁ, ପ୍ରକୃତିବନ୍ଧୁ ଶ୍ରୀଧର ପ୍ରଧାନ, ଛାତ୍ର ସଂଗଠକ ଜୀବନ ଜ୍ୟୋତିପ୍ରକାଶ ରାଉତ, ଅବ୍ଦୁଲ ଆଜିମ୍ ଖାନ, ସଂଗଠନର ସୋସିଆଲ ମିଡିଆ ସଂଯୋଜକ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୨୪ ତାରିଖ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନୟାଗଡ଼ ଟ୍ରାଫିକ୍ ଛକରେ ଥିବା ଭାଗବତ ବେହେରା ମୂର୍ତ୍ତି ନିକଟରେ "ମୌନ ପ୍ରତିବାଦ ସଭା' ଶାନ୍ତିଶୃଙ୍ଖଳାର ସହ କରାଯିବ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଜଣାଇଛନ୍ତି।

## ସଫେଇ ମଣିଷକୁ ଝୁରୁଛି ଭାପୁର ବଜାର

ଭାପୁର,୨୨।୧୨(ସମିସ): ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ବିନା ସ୍ୱାର୍ଥରେ ମଣିଷ କିଛି ବି କରେନାହିଁ। ମାତ୍ର ଜଣେ ଅର୍ଦ୍ଧଶିକ୍ଷିତ ମଣିଷ ବିନା ପାରିଶ୍ରମିକରେ ଭାପୁର ବଜାରକୁ ଦୀର୍ଘ ୩୫ ବର୍ଷ କାଳ ସଫେଇ କରି ସଫାସୁତରା ରଖିବା ତାଙ୍କୁ ଭାପୁର ଅଞ୍ଚଳରେ ଅମର କରି ରଖିଛି। ଏହି ବ୍ୟକ୍ତିଙ୍କ ନାମ ସ୍ୱର୍ଗତ ମାଧବ ନାୟକ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଭାପୁର ଗ୍ରାମ ପାଇକସାହିର ମାଧବ ନାୟକ ଦୀର୍ଘ ୩୫ ବର୍ଷ ହେଲା ଭାପୁର ବଜାର ସଫେଇ କରି ଆସୁଥିଲେ। ବଜାର କମିଟି କିମ୍ବା କୌଣସି ବ୍ୟକ୍ତିବିଶେଷଙ୍କଠାରୁ ଏହି ସଫେଇ ପାଇଁ କେବେ ବି ସେ ପାରିଶ୍ରମିକ ନେଇ ନାହାନ୍ତି। ମାତ୍ର ଦୁଇ ଖଣ୍ଡ ଗାମୁଛା ପରିହିତ ଏହି ବୟସ୍କ ବ୍ୟକ୍ତି ଜଣକ ଏପରି ମହନୀୟ କାର୍ଯ୍ୟକୁ କିଛି ଯୁବକ ଟାହିଟାପରା କରିବା ସମୟରେ ବୁଦ୍ଧିଜୀବୀମାନଙ୍କ ମୁଣ୍ଡ ତାଙ୍କ ପାଖରେ ଆପେ ଆପେ ନଇଁଯାଏ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏପରି କାର୍ଯ୍ୟ କରି ଭାପୁର ବଜାର ଓ ବିଶେଷକରି ଭାପୁର ବସ୍‌ଷ୍ଟାଣ୍ଡକୁ ସବୁବେଳେ ସଫାସୁତରା କରିଥାନ୍ତି। ଆଜିର ନେତା ମନ୍ତ୍ରୀମାନେ ସଫେଇ କରିବାର ଫଟୋ ଉଠାଇ ସ୍ୱଚ୍ଛ ଭାରତ ନାରାଦେଇ ବାହାବା ନେଇ ବିଭିନ୍ନ ଗଣମାଧ୍ୟମରେ ନିଜର ପ୍ରଚାର କରିବାକୁ ତତ୍ପର ଥିବାବେଳେ ଏହି ବ୍ୟକ୍ତି ପାଇଁ କେବେ ବି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ସମ୍ମାନ ତ ଦୂରର କଥା ଆହା ପଦେ



କହିନାହାନ୍ତି। ୨୦୨୪ ଡିସେମ୍ବର ୭ ତାରିଖ ସକାଳ ସମୟରେ ଖାଲି ପେଟରେ ବଜାର ସଫେଇ କରୁଥିବା ସମୟରେ ହୃଦ୍‌ଘାତ ହୋଇ ହଠାତ୍ ସେଠାରେ ପ୍ରାଣବାୟୁ ଉଡ଼ିଯାଇଥିଲା। ଆଜି ବଜାରରେ ଆଉ ପୂର୍ବ ପରି ସଫାସୁତରା ନାହିଁ। ସେହି ସଫେଇ ମଣିଷକୁ ଭାପୁର ବଜାରବାସୀଙ୍କ ସହ ଆଖପାଖ ଲୋକମାନେ ଝୁରୁଛନ୍ତି।

## 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ

ଗଣିଆ,୨୨।୧୨(ସମିସ): ଗଣିଆ ବ୍ଲକ୍ ସଭାଗୃହରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ଲବନେନ୍ଦୁ ମହାନ୍ତି, ସିଡିପିଓ ଉଷାରାଣୀ ସାହୁ, ଯୁବ ସ୍ୱେଚ୍ଛାସେବୀ ଶୁଭାଶିଷ୍ ମିଶ୍ର, ସୁପରଭାଇଜର କଳ୍ପନା ମିଶ୍ର, ଲୋକପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି, ବାଲ୍ୟ ବିବାହ ନିଷେଧ ଟାସ୍କଫୋର୍ସ କମିଟି ଉପସ୍ଥିତ ଥିଲେ। ବାଲ୍ୟ ବିବାହ ନିରାକରଣ, ଶିଶୁ ନିର୍ଯାତନା, ଶିଶୁ ଚାଲାଣ ରୋକିବା ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୁଅମାନଙ୍କ ପରି ଝିଅଙ୍କୁ ସବୁଥିରେ ସାମିଲ୍ କରିବା ସହିତ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଝିଅଙ୍କୁ ଘର କୋଣରେ ନ ରଖି ପାଠପଢ଼ାଇ ଉଚ୍ଚଶିକ୍ଷିତା କରିବା ନିହାତି ଆବଶ୍ୟକ ବୋଲି ସେମାନେ ପ୍ରକାଶ କରିବା ସହିତ ଏଥିପାଇଁ ମା'ମାନେ ଯତ୍ନବାନ ହେବା ଦରକାର ବୋଲି ଜଣାଇଥିଲେ। ଛାତ୍ରୀମାନେ ଯଦି କୌଣସି ସ୍ଥାନରେ ନିର୍ଯାତନାର ଶିକାର ହେଉଛନ୍ତି, ତେବେ ତୁରନ୍ତ ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଜଣାଇବା ସହିତ ଚାଇଲ୍ଡ ଲାଇନ ହେଲ୍ପ ଲାଇନ୍ ନମ୍ବର ୧୦୯୮ରେ ଯୋଗାଯୋଗ କରିବା ଦରକାର ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ।

### ● ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

## ଅଧ୍ୟକ୍ଷଙ୍କ ପ୍ରଶାସନିକ କ୍ଷମତାକୁ ଅଧ୍ୟାପିକାଙ୍କ ଚାଲେଞ୍ଜ

ଓଡ଼ଗାଁ,୨୨।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୋମଣ୍ଡ ଆନନ୍ଦ ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ରଙ୍କ ପ୍ରଶାସନିକ କ୍ଷମତାକୁ ଇତିହାସ ବିଭାଗ ଅଧ୍ୟାପିକାଙ୍କ ଚାଲେଞ୍ଜ ଘଟଣାକୁ ନେଇ ଅଧ୍ୟକ୍ଷ ସୋମବାର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ଅନୁସାରେ, ଉଚ୍ଚ ମାଧ୍ୟମିକ ବାର୍ଷିକ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ପରୀକ୍ଷା (ଏଏଚ୍‌ଏସ୍‌ଇ-୨୦୨୬) ନିମନ୍ତେ ଅଧ୍ୟକ୍ଷ ଦିନ ଧାର୍ଯ୍ୟ କରିଥିବାବେଳେ ଇତିହାସ ଅଧ୍ୟାପିକା ଏହାକୁ ବିରୋଧ କରିଥିଲେ। ଉକ୍ତ ଘଟଣାକୁ ନେଇ ଗତ ଶନିବାର ଉଭୟଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ତାହା ମନାନ୍ତରରେ ପରିଣତ ହେଲା। କଲେଜ ପରୀକ୍ଷା ପରିଚାଳନାକୁ ନେଇ ଅଧ୍ୟାପିକା ଉଠାଇଥିବା ପ୍ରଶ୍ନର ଅଧ୍ୟକ୍ଷ ପ୍ରତ୍ୟୁତ୍ତର ରଖିଥିବାବେଳେ ଅଧ୍ୟାପିକା ଅଧ୍ୟକ୍ଷଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ବ୍ୟକ୍ତିଗତ ଚରିତ୍ରକୁ ନେଇ ଆକ୍ଷେପ କରିଥିଲେ। ଏପରିକି ଅଧ୍ୟକ୍ଷଙ୍କ ପ୍ରଶାସନିକ କ୍ଷମତାକୁ ନେଇ ଚାଲେଞ୍ଜ କରି ଅନ୍ତରିଣ ଅଭିଯୋଗ କମିଟିକୁ ଅତିକ୍ରମ କରି ଅଧ୍ୟକ୍ଷଙ୍କ ବିରୋଧରେ ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ କରିଥିବା ନେଇ କୋମଣ୍ଡ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୟାଗଡ଼ ଉପଜିଲ୍ଲାପାଳଙ୍କ ନିକଟରେ ଅଧ୍ୟକ୍ଷ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଓଡ଼ଗାଁ ଆଦର୍ଶ ଥାନାରେ ଅଧ୍ୟକ୍ଷଙ୍କ ବିରୋଧରେ ଅଧ୍ୟାପିକା ଜଣକ ଶନିବାର ଅଭିଯୋଗ କରିଥିବାବେଳେ ଅଧ୍ୟକ୍ଷ ମଧ୍ୟ ଅଧ୍ୟାପିକାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଉପଜିଲ୍ଲାପାଳଙ୍କ ଦ୍ୱାରା ଉପଯୁକ୍ତ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ।

## ମିନି ଷ୍ଟାଡିୟମରେ ସାଂସଦ ଖେଳ ମହୋତ୍ସବ

ଓଡ଼ଗାଁ,୨୨।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ସ୍ତରୀୟ ଯୁବ ଶକ୍ତିର ଉତ୍ସବ ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୩୬ ମସିହାରେ ଭାରତ ଅଲିମ୍ପିକ୍ସ କ୍ରୀଡ଼ାର ଆୟୋଜକ ହେବା ପାଇଁ ଦାବିଦାର ହୋଇଥିବାବେଳେ ଠିକ୍ ୧୦ ବର୍ଷ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ପାଇଁ ସାଂସଦ ଖେଳ ମହୋତ୍ସବ ଅୟୋଜନ କରାଯାଉଛି ବୋଲି କହିଥିଲେ। ଆଜିଠୁ ୩ ଦିନ ଧରି ଚାଲିବାକୁ ଥିବା ସାଂସଦ ଖେଳ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ବ୍ୟବସ୍ଥା ରହିଛି। ୬୨୫ ଜଣ ଖେଳାଳି ନାମ ପଞ୍ଜିକୃତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ କନ୍ଧମାଳ ସାଂସଦ ତଥା ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମୁଖ୍ୟ ବକ୍ତା ଏବଂ ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜକଙ୍କ ଦ୍ୱାରା ଖାମଖିଆଲି ଭାବେ ପରିଚାଳନା କରାଯାଇଥିବାରୁ ସକାଳ ୯ଟାରୁ ପ୍ରାୟ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଟାଣ ଖରାରେ ଷ୍ଟାଡିୟମ୍ ମଧ୍ୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଖାଦ୍ୟ ବ୍ୟବସ୍ଥା ଦୂରର କଥା ସାମାନ୍ୟ ପାଣିର ବ୍ୟବସ୍ଥା ନ ଥିଲା। ଫଳରେ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ରଣପୁର ମହୋତ୍ସବ ପ୍ରସ୍ତୁତି ବୈଠକ

ରଣପୁର,୨୨।୧୨(ସମିସ): ରଣପୁରରେ ଆସନ୍ତା ଜାନୁଆରୀ ୫ରୁ ୧୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଅର୍ଜୁନ-୨୦୨୬ ମହୋତ୍ସବ ଆୟୋଜିତ ହେବ ବୋଲି କମିଟି ସୂଚନା ଦେଇଛି। ସୋମବାର ସ୍ଥାନୀୟ ମା' ମଣିନାଗ କଲ୍ୟାଣୀ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ କମିଟିର ସଭାପତି ରଣପୁର ବିଧାୟିକା ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସ୍ୱରାଜ ମହାନ୍ତିଙ୍କ ସହଯୋଗରେ କମିଟିର ସଦସ୍ୟ, ସମସ୍ତ ସାମ୍ବାଦିକ, ଆଇନଜୀବୀ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ବିଷୟରେ ଆଲୋଚନା କରିଥିଲେ।

## ରଥକାଠ ଅନୁକୂଳ ପୂଜାର୍ଚ୍ଚନା; ଆମିଷ ଭକ୍ଷଣ ନ କରିବାକୁ ଅନୁରୋଧ

ଗଣିଆ,୨୨।୧୨(ସମିସ): ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଗଣିଆ ବ୍ଲକ୍ ବଡ଼ମୂଳଠାରେ ଥିବା ମା' ବଡ଼ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପୂଜାର୍ଚ୍ଚନା ହୋଇଆସୁଛି। ପୁରୀରୁ ଏକ ପ୍ରତିନିଧି ମଣ୍ଡଳୀ ଆଜ୍ଞାମାଳ, ମହାପ୍ରସାଦ ଆଣି ଏଠାରେ ପହଞ୍ଚିବା ପରେ ମା' ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ଚଳିତ ବର୍ଷ ଆସନ୍ତା ୩୦ ତାରିଖରେ ଏହି ପୂଜାର୍ଚ୍ଚନା ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ପ୍ରତିବର୍ଷ ପୂଜାର୍ଚ୍ଚନା ପରେ ସ୍ଥାନୀୟ ଛାମୁଣ୍ଡିଆ ଡାକବଙ୍ଗଳା ପରିସରରେ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଖାଦ୍ୟପେୟ ବନ୍ଦୋବସ୍ତ କରାଯାଉଥିବା ବେଳେ ଖାଦ୍ୟରେ ଆମିଷ ଦ୍ରବ୍ୟ ରୋଷେଇ ହୋଇଥାଏ। ଯାହାକୁ ଚଳିତବର୍ଷ ବିରୋଧ କରିଛି ଜଗନ୍ନାଥ ଯୁବ ପରିଷଦ। ଯୁବ ପରିଷଦର ଉପଦେଷ୍ଟା ଏ ନେଇ ଉଭୟ ଛାମୁଣ୍ଡିଆ ଏବଂ ଦଶପଲ୍ଲା ବନାଞ୍ଚଳ ଅଧିକାରୀଙ୍କୁ ଭେଟି ଦାବି ଉପସ୍ଥାପନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପୂଜାର୍ଚ୍ଚନା ସମୟରେ ଶୁଦ୍ଧ ଶାକାହାରୀ ଭୋଜନ ପ୍ରସ୍ତୁତ କରିବାକୁ ଯୁବ ପରିଷଦ ତରଫରୁ ନିବେଦନ କରାଯାଇଛି।

### ପ୍ରଶାସନ ସବୁ ଜାଣି ଅଜଣା

## କୁସୁମୀ ଓ କୁଆଁରିଆରୁ ବେଧଡ଼କ ବାଲି ଚୋରା ଚାଲାଣ



ଖଣ୍ଡପଡ଼ା,୨୨।୧୨(ସମିସ): ଖଣ୍ଡପଡ଼ା ତହସିଲ୍ ଅନ୍ତର୍ଗତ କୁସୁମୀ ଏବଂ କୁଆଁରିଆ ନଦୀରୁ ବେଆଇନ ଭାବେ ଦୈନିକ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଥିବାର ଅଭିଯୋଗ ହେଉଛି। ପ୍ରଶାସନ ସବୁ ଜାଣି ଅଜଣା ଅଭିନୟ କରୁଥିବା ଅଭିଯୋଗ ହେଉଛି। ସୂଚନା ଥାଉକି, ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରୁ ବେଆଇନ ଭାବରେ ବାଲି, ପଥର, ମୋରମ୍, ମାଟି ପ୍ରଭୃତି ଲଘୁ ଖଣିଜ ପଦାର୍ଥ ଦିନ ଦ୍ୱିପହରରେ ଚୋରି ହେଉଥିବାବେଳେ ସ୍ଥାନୀୟ ପ୍ରଶାସନ କିପରି ଜାଣିପାରୁ ନାହାନ୍ତି ଏନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବରୁ ଏ ସଂକ୍ରାନ୍ତରେ ବାରମ୍ବାର ଖବର କାଗଜ ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ମନେ ହେଉଛି। ଯାହାଦ୍ୱାରା ବାଲି ମାଫିଆଙ୍କ ଆଧିପତ୍ୟ ବିସ୍ତାର ହେବା ଯୋଗୁଁ ସାଧାରଣ ଲୋକମାନଙ୍କର ପ୍ରଶାସନ ଉପରୁ ଭରସା ତୁଟିଯାଉଛି। ଏହା ସହ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଥିବାର ଅନୁମାନ କରାଯାଉଛି।

ଅଭିଯୋଗ ମୁତାବକ, ବର୍ଷ ବର୍ଷ ଧରି କୁସୁମୀ ନଦୀ ପାଶ୍ୱର୍ରେ ଅବସ୍ଥିତ ଶାଳଝରିଆ, ନୂଆ ସାହସପୁର, ପୁଆଣିଆ, ବୋଦସା ଏବଂ କୁଆଁରିଆ ନଦୀ ପାଶ୍ୱର୍ରେ ଅବସ୍ଥିତ କୁମ୍ଭାରପଡ଼ା, କିଆଝର, ରାକେଶିଆ, ବେଣାଗାଡ଼ିଆ, ନୀଳକଣ୍ଠ ପ୍ରସାଦ ଆଦି ଗ୍ରାମର ମାଳବନ୍ଧ ମଧ୍ୟ ଭାଗକୁ ସେହି ଅଞ୍ଚଳର ବାଲି ମାଫିଆମାନେ ବେଆଇନ ଭାବେ ବନ୍ଧ କାଟି ନଦୀରୁ ବାଲି ଚୋରି କରୁଥିବାର ଅଭିଯୋଗ ହୋଇଆସୁଛି। ଯାହାଦ୍ୱାରା ଉଭୟ ନଦୀ ବନ୍ଧ ବର୍ଷାଦିନେ ଦୁର୍ବଳ ହେବାରେ ଲାଗିଛି। ବର୍ଷାଦିନ ଆସିଲେ ଏ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକ ପ୍ରତି ବିପଦ ରହିଥିବାର ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ନଦୀ ବନ୍ଧରୁ ନଦୀ କୂଳକୁ ବେଆଇନ ରାସ୍ତା ନିର୍ମାଣ ନେଇ ଉକ୍ତ ଅଞ୍ଚଳରେ ଥିବା ଚାଷୀମାନେ ମଧ୍ୟ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ବାଲି ମାଫିଆଙ୍କ ଗୁଣ୍ଡାଗିରି ଯୋଗୁଁ ସେଠାକାର ଲୋକମାନେ ଖୋଲାଖୋଲି ଭାବେ ଅଭିଯୋଗ କରିବାକୁ ଭୟ କରୁଥିବାର କହିଛନ୍ତି। ଯାହାଦ୍ୱାରା ସେମାନେ ଦିନରାତି ବାଲି ଚୋରିକରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କମାଉଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନଙ୍କ ଜାଣତରେ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ମଧ୍ୟ ଅଭିଯୋଗ କରିଛନ୍ତି। ଏମାନଙ୍କ ପଛରେ ଆଉ କାହାର ଆଶୀର୍ବାଦ ରହିଛି ବୋଲି ଏଠି ବଡ଼ ପ୍ରଶ୍ନ ଉଠିଛି। ଖଣ୍ଡପଡ଼ା ଅଞ୍ଚଳରୁ ଲଘୁ ଖଣିଜ ସମ୍ପଦ ଚୋରି ହେବା ଘଟଣାରେ ପ୍ରଶାସନ ସେମାନଙ୍କ ସହ ସଲାସୁତରା କରିଛନ୍ତି ନା ସେମାନଙ୍କୁ ଦଣ୍ଡବିଧାନ କରୁଛନ୍ତି କେବଳ ସମୟକୁ ଅପେକ୍ଷା।

## ନୟାଗଡ଼ ବିକାଶ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର,୨୨।୧୨(ସମିସ): ରବିବାର ପୂର୍ବାହ୍ଣରେ ନୟାଗଡ଼ ବିକାଶ ସମ୍ମିଳନୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଭାପତି କରୁଣାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଟ୍ରଷ୍ଟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାନେଜିଂ ଟ୍ରଷ୍ଟି ଜାନକିଶ ବଡ଼ପଣ୍ଡା ରାଜ୍ୟର ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ସଦ୍ୟତମ ଘୋଷଣାକୁ ସ୍ୱାଗତ କରି ଏକ ପ୍ରସ୍ତାବ ଆଗତ କରିଥିଲେ ଓ ଏହି ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ନୟାଗଡ଼ ଭଳି ଅନୁନ୍ନତ ଜିଲ୍ଲାର ଜନସାଧାରଣ ବହୁ ବର୍ଷ ଧରି ଏଭଳି ଦାବି କରି ଆସୁଛନ୍ତି। ତେଣୁ ସରକାରଙ୍କ ଏହି ଘୋଷଣାକୁ ସାରା ଜିଲ୍ଲାରେ ବ୍ୟାପକ ସ୍ୱାଗତ କରାଯାଇଛି। ସାଂସ୍କୃତିକ ଐତିହ୍ୟସମ୍ପନ୍ନ ନୟାଗଡ଼ ସହର ଜିଲ୍ଲାର କେନ୍ଦ୍ରସ୍ଥଳରେ ରହିଥିବାରୁ ନୟାଗଡ଼ ସହର ସନ୍ନିକଟ ଉପଯୁକ୍ତ ସ୍ଥାନରେ ଉଭୟ ପ୍ରସ୍ତାବିତ ଉଚ୍ଚଶିକ୍ଷା ଅନୁଷ୍ଠାନ ଯଥାଶୀଘ୍ର ପ୍ରତିଷ୍ଠା ପାଇଁ ସରକାରଙ୍କୁ ପୁଣି ଥରେ ଅନୁରୋଧ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଗଲା। ନୟାଗଡ଼ ଜିଲ୍ଲା ବିକାଶ ସମ୍ମିଳନୀ ତରଫରୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପୁନର୍ବାର ରାଜ୍ୟ ସରକାରଙ୍କୁ ଦେବା ପାଇଁ ସମ୍ମିଳନୀ ବୈଠକରେ ନିଷ୍ପତ୍ତି ନିଆଗଲା। ବୈଠକରେ ନୂତନ ସଭ୍ୟ ସଂଗ୍ରହ ପାଇଁ ଅଭିଯାନ ହାତକୁ ନେବାକୁ ନିଷ୍ପତ୍ତି ନିଆଯିବା ସହିତ ନୟାଗଡ଼ ଜିଲ୍ଲାର ଦୁଇ ବିଶିଷ୍ଟ ବ୍ୟକ୍ତି ଜିଲ୍ଲା ସଂଯୋଜକ ପ୍ରମୋଦ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଓ ଟ୍ରଷ୍ଟି ଭାବେ ଗ୍ରହଣ କରାଗଲା। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ବୈଠକ କରି ଜିଲ୍ଲାର ବିକାଶ ପାଇଁ ସ୍ଥାନୀୟ ଓ ଜିଲ୍ଲାସ୍ତରୀୟ ଖସଡ଼ା ପ୍ରସ୍ତୁତ କରାଯିବାକୁ ସ୍ଥିର କରାଗଲା। ବୈଠକରେ ଅନ୍ୟାନ୍ୟ ଟ୍ରଷ୍ଟିଙ୍କ ସମେତ ଉପସଭାପତି ଡ. ଉମାକାନ୍ତ ମିଶ୍ର, ଡ. ବ୍ରଜବନ୍ଧୁ ପଣ୍ଡା, ଡ. ଭଗବାନ ଦାଶ, ସୁଦର୍ଶନ ସାହୁ ମତାମତ ରଖିଥିଲେ। ଆବାହକ ପ୍ରବୀର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### 'ମନରେଗା'ରୁ ଗାନ୍ଧୀଙ୍କ ନାମ ବାଦ୍ ଦେବାକୁ ନେଇ ଅସନ୍ତୋଷ

## କଂଗ୍ରେସ ଓ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ

ନୟାଗଡ଼,୨୨।୧୨(ସମିସ)

କେନ୍ଦ୍ର ମୋଦି ସରକାର ବିକଶିତ ଭାରତ ଜୀ ରାମ ଜୀ ଯୋଜନା ପ୍ରବର୍ତ୍ତନ ଆଳରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ କବର ଦେଇ ଉପା ସରକାରଙ୍କ ପ୍ରଣିତ ଜନବାଦୀ କାର୍ଯ୍ୟକ୍ରମକୁ ହଟେଇ ଦେଇଛନ୍ତି। ଆଉ ଗଡ୍‌ସେ ପନ୍ଥୀ ପ୍ରତିକ୍ରିୟାଶୀଳ ନୀତିର ପୃଷ୍ଠପୋଷକତାରେ ଗାନ୍ଧିଜୀଙ୍କ ନାମକୁ ମୂଳପୋଛ କରିବାର ହୀନଚକ୍ରାନ୍ତ କରିଛନ୍ତି। ଏହାର ଦୃଢ଼ ବିରୋଧ କରି ସିପିଆଇଏମ୍ ପକ୍ଷରୁ ନୟାଗଡ଼ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କର୍ମୀମାନେ 'ମନରେଗା' ଯୋଜନାର ପୁନଃପ୍ରଚଳନ କରିବା ସହିତ କର୍ମ ଦିବସ ୨୦୦ ଦିନକୁ ବୃଦ୍ଧି କରିବାର ଦାବି ନେଇ ସହର ପରିକ୍ରମା କରିଥିଲେ। ଏହି ମର୍ମରେ ଜିଲ୍ଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ସିପିଆଇଏମ୍ ନେତା ବିଶ୍ୱନାଥ




ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ପାର୍ଟିର ନେତୃତ୍ୱ ସାଥୀ ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ଜ୍ୟୋତିପ୍ରଭା ଜେନା, ବିପିନ ବାଜୁ, ବୁଦ୍ଧି ନାୟକ, ନିରଞ୍ଜନ ସାହୁ, କୁଳମଣି ପୃଷ୍ଟି, ଚାପଧାରୀ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିଭଳି 'ମନରେଗା' ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ଏବଂ ନିୟମ ପରିବର୍ତ୍ତନ କରିଥିବା ବିଜେପି ସରକାର ବିରୋଧରେ କଂଗ୍ରେସ ପକ୍ଷରୁ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପି ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନକୁ ରଦ୍ଦ କରିବା ପାଇଁ ଏକ ବିଲ୍ ଆଣି ଏକ ଭୟାବହ ଏବଂ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛି। ଏହା କୌଣସି ସାଧାରଣ ବିଧାନମୂଳକ ପ୍ରକ୍ରିୟା ନୁହେଁ। ଏହା ଏକ ରାଜନୈତିକ ଚକ୍ରାନ୍ତ, ଯାହାର ଉଦ୍ଦେଶ୍ୟ ଏକ ଐତିହାସିକ, ଅଧିକାର ଆଧାରିତ ଜନକଲ୍ୟାଣ ଆଇନକୁ ଦୁର୍ବଳ କରିବା ଏବଂ ଭାରତର ସବୁଠାରୁ ପରିଚିତ କଲ୍ୟାଣକାରୀ ଆଇନରୁ ମହାତ୍ମା ଗାନ୍ଧୀଙ୍କ ନାମ ଓ ମୂଲ୍ୟବୋଧକୁ ମାଟିରେ ମିଶାଇଦେବା ଭଳି ହୀନ ଉଦ୍ୟମ କରି ବିଜେପି ସରକାର ସଂସଦ ଶେଷ ଦିବସରେ ଗୃହରେ ଆଲୋଚନା କରା ନ ଯାଇ ତରବରିଆ ଭାବେ ତାଳିମାରି ଗୃହୀତ କରାଯାଇଛି। ସୋମବାର ପିସିସି ଆହ୍ୱାନ କ୍ରମେ ମଧ୍ୟାହ୍ନରେ ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଦେଇ କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

'ମନରେଗା' ଜନସାଧାରଣଙ୍କ ସଂଘର୍ଷରୁ ଜନ୍ମ ନେଇଥିଲା ଏବଂ "ପ୍ରତି ହାତକୁ କାମ ଦିଅ, କାମର ପୂରା ଦାମ ଦିଅ' ବାଣୀକୁ ସାକାର କରିଥିଲା। ଏହା ଗ୍ରାମୀଣ ଭାରତର ଲୋକଙ୍କୁ କାମ ମାଗିବାର ଆଇନଗତ ଅଧିକାର ଦେଇଥିଲା। ସମଗ୍ର ଗ୍ରାମୀଣ ଭାରତରେ ୧୦୦ ଦିନର ରୋଜଗାର ନିଶ୍ଚିତ କରିଥିଲା। ବିକେନ୍ଦ୍ରୀକୃତ ଶାସନକୁ ଶକ୍ତିଶାଳୀ କରିଥିଲା ଏବଂ ମହିଳା ଓ ଜମିହୀନଙ୍କୁ ସଶକ୍ତ କରିଥିଲା। ଶ୍ରମର ଗରିମାକୁ ସୁରକ୍ଷିତ କରିଥିଲା ବୋଲି ଡିସିସି ସଭାପତି ରଣଜିତ ଦାଶ କହିଥିଲେ। ଏହି ବିକ୍ଷୋଭରେ ରଣପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୂପ୍ରସାଦ ମିଶ୍ର, ବରିଷ୍ଠ ନେତା ବିଶ୍ୱନାଥ ବରାଡ଼, ନକୁଳ ନାୟକ, ସୁକାନ୍ତ ଶତପଥି, ଲଡୁକେଶ୍ୱର ଷଡ଼ଙ୍ଗୀ, ଶତ୍ରୁଘ୍ନ ପାଇକରାୟ, ଅଶୋକ ନାୟକ, ବୁଲୁ ପରିଡ଼ା, ବିନୋଦିନୀ ମହାନ୍ତି, ରମେଶ ପ୍ରଧାନ, ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ଶାନ୍ତ, ବସନ୍ତ କର, ମଦନ ବିଶୋଇ, କବିରାଜ ବରାଡ଼ ବୁଲୁ ପଟ୍ଟଶାଣୀ, ପ୍ରତୀକ ମହାପାତ୍ର, ବସନ୍ତ ମହାଖୁଡ଼, ଦିଲ୍ଲୀପ ବିଶୋଇ, ଶିବରଞ୍ଜନ ସାହୁ, ଅମ୍ଲାନ ଅଂଶୁମାନ ସାହୁ, ଜୀବନ ଜ୍ୟୋତିପ୍ରକାଶ ରାଉତ, ସେବାଦଳ କାର୍ଯ୍ୟକର୍ତ୍ତା ନବକିଶୋର ସାଥୁଆଙ୍କ ସମେତ ଶତାଧିକ ଦଳୀୟ କର୍ମୀ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

# ସିଂହିଯୁବାରେ ଅଭିଯୋଗ ଶୁଣାଣି




## ୯୭ରୁ ମାତ୍ର ଗୋଟିଏର ସମାଧାନ

ବିନିକା,୨୨।୧୨(ସମିସ): ବିନିକା ବ୍ଲକ୍ ସିଂହିଯୁବା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଲୋକଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣିଥିଲେ। ମୋଟ ୯୭ଟି ଅଭିଯୋଗ ହୋଇଥିଲା। ସେଥିରୁ ସାମୁହିକ ୧୪ଟି ଥିବା ବେଳେ ବ୍ୟକ୍ତିଗତ ୮୩ଟି ରହିଥିଲା। ମାତ୍ର ଗୋଟିଏ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ ହୋଇଥିବାବେଳେ ବାକିତକ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବିନିକା ବିଡ଼ିଓ ଶରତ କୁମାର ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୌମ୍ୟାରୂପା ରଥ, ବିନିକା ତହସିଲଦାର ରସନା ଭୋଇ, ସିଂହିଯୁବା ସରପଞ୍ଚ ପଦ୍ମିନୀ ତ୍ରିପାଠୀ, ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ସାମ୍ବାଦିକମାନେ ଯୋଗଦେଇଥିଲେ।

## ସାରସମାଲରେ ଚାଷୀ ଆନ୍ଦୋଳନ

# ୪ ଦିନ ହେଲା ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ

ଡୁଙ୍ଗୁରିପାଲି,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସାରସମାଲର ଚାଷୀ ଆନ୍ଦୋଳନକୁ ସୋମବାର ୪ ଦିନ ବିତିଛି। କିନ୍ତୁ ଏଯାଏଁ ପ୍ରଶାସନର ଦେଖା ମିଳୁନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଣ୍ଡି ଖୋଲିବାର ୧୩ ଦିନ ବିତିଯାଇଥିଲେ ମଧ୍ୟ ଏହି ମଣ୍ଡିରୁ ମୁଠାଏ ଭି ଧାନ ଉଠି ନଥିବାରୁ ମଣ୍ଡି ସମସ୍ୟାକୁ ନେଇ ରାଜ ରାସ୍ତାକୁ ଅବରୋଧ କରି ଚାଷୀମାନେ ଧାରଣା ଦେଇଛନ୍ତି। ଟୋକନ ସମସ୍ୟା ଓ ବିନା କଟନି ଛଟନି ଏବଂ ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀମାନେ ଦିନ ସାରା ରାସ୍ତାରେ ବସିରହୁଛନ୍ତି। ଏହାକୁ ନେଇ ବରପାଲି- ସୋନପୁର ମୁଖ୍ୟ ରାସ୍ତା ସାରସମାଲ ଛକର ଚାରି ପାଶ୍ୱର୍ରେ ଧାନ ରଖି ରାସ୍ତା ରୋକ ଆନ୍ଦୋଳନ କରୁଛନ୍ତି। ଯାହା ଦ୍ୱାରା ଯାତାୟାତ ଠପ ହୋଇଯାଇଛି। ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟାରେ ଗାଡ଼ି ଗୁଡ଼ିକ ଛିଡ଼ା ହୋଇ ରହିଛି। ଏହାକୁ ସୋମବାର ୪ ଦିନ ବିତିଥିଲେ ମଧ୍ୟ ଅନ୍ଦୋଳନ ସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ନ ଆସିବାକୁ ନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ଧାନ କେବେ ବିକ୍ରି କରିବ ଓ ଋଣ ଭାର କିପରି ଶୁଝିବ ତାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏପଟେ ମିଲର୍ସ ୪ ରୁ ୫ କିଲୋ କଟନୀର କଥା କହୁଥିବା ଚାଷୀମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏହି ମଣ୍ଡି ସମସ୍ୟାର ସମାଧାନ ଯଥାଶୀଘ୍ର କରିବାକୁ ଚାଷୀମାନେ ଦାବି କରିଛନ୍ତି।




# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା

ବୀରମହାରାଜପୁର,୨୨।୧୨(ସମିସ): ଟାଙ୍ଗରସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୭୬ ଜଣ ପ୍ରତିଯୋଗୀ ଏହି କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସିନିଅର ବିଭାଗରେ ସୁବଳୟା ହାଇସ୍କୁଲର ଛାତ୍ରୀ ସଂସ୍କୃତି ଖମାରୀ ପ୍ରଥମ ହୋଇଥିଲେ। ଅମରପାଲି ହାଇସ୍କୁଲର ଛାତ୍ର ରୋଶନ ଧଳ ଦ୍ୱିତୀୟ ଓ ଚନ୍ଦନ ପ୍ରଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଜୁନିଅର ବିଭାଗରେ ରଥପୁର ଓଏଭିର ବଦ୍ରୀନାରାୟଣ ମେଣ୍ଡିଲି ପ୍ରଥମ ହୋଇଛନ୍ତି। ସୁବଳୟା ହାଇସ୍କୁଲର ଗୋପାଳ ମେହେର ଦ୍ୱିତୀୟ ଓ ଅଚଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜିତେଶ ବରୱର୍ତ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ସବଜୁନିଅରରେ ବାଗବର ୟୁପି ସ୍କୁଲର ରୋନକ ମିଶ୍ର ପ୍ରଥମ, ଟିଠିପାଲି ୟୁପି ସ୍କୁଲର ସ୍ୱତିକା ପ୍ରଧାନ ଦ୍ୱିତୀୟ ଓ ଖଣ୍ଡହତା ୟୁପି ସ୍କୁଲର ତପନ ମେଣ୍ଡିଲି ତୃତୀୟ ସ୍ଥାନ ହାସଲ କରିଥିଲେ। ପୁରସ୍କାର ବିତରାଣୀ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହା, ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ. ଚକାବର କ୍ଲଷ୍ଟରର ସିଆରସିସି ନାରାୟଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଡୁଙ୍ଗୁରିପାଲି,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଚତୁର୍ଭୁଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣେଶ କିସାନ ଯୋଗଦେଇ ଶିକ୍ଷାରେ ଉନ୍ନତି ପାଇଁ ଛାତ୍ରଛାତ୍ରୀଙ୍କ ନିଷ୍ଠା ପୂର୍ବକ ପରିଶ୍ରମ ସହିତ ଅଭିଭାବକ ଅଭିଭାବିକା ଓ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବହଳପଦର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର ଯୋଗଦେଇ ଶିଶୁ ମନ୍ଦିର ଏପରି ଏକ ଅନୁଷ୍ଠାନ ଯେଉଁଠି ଶିକ୍ଷାଦାନ ସହିତ ଚରିତ୍ର ଗଠନ ଓ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଥାଏ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ମିନକେତନ ଖମାରି ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଭୁତି ଭୂଷଣ ପଣ୍ଡା ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପରିଚାଳନା ସମିତିର କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

# ଜିଲ୍ଲା ହାବିଲଦାର୍ ଓ କନେଷ୍ଟବଲ ସଂଘର ନିର୍ବାଚନ

ବୌଦ୍ଧ,୨୨।୧୨(ସମିସ): ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୌଦ୍ଧ ଜିଲ୍ଲା ହାବିଲଦାର୍ ଓ କନେଷ୍ଟବଲ ସଂଘର ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହୋଇଛି। ଜିଲ୍ଲାରେ କାର୍ଯ୍ୟରତ ୨୬୩ ଜଣ ହାବିଲଦାର୍ ଓ କନେଷ୍ଟବଲ ନିଜ ନିଜ ମତଦାନ ସାବ୍ୟସ୍ତ କରିଥିଲେ। ପ୍ରମୁଖ ପଦବୀ ସଭାପତି ଓ ସମ୍ପାଦକ ପଦବୀ ପାଇଁ ୩ ଜଣ ଲେଖାଏଁ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ। ନିର୍ବାଚନରେ ଉପ ଆରକ୍ଷୀ ଅଧୀକ୍ଷକ ଗୌରାଙ୍ଗ ଚରଣ ସାହୁ ରିଟର୍ନିଂ ଅଫିସର୍ ଦାୟିତ୍ୱ ତୁଲାଇ ଥିବା ବେଳେ ଇନ୍ସପେକ୍ଟର ରାମ କୁମାର ମୁର୍ମୁ ପ୍ରିଜାଇଡିଂ ଅଫିସର୍ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

# ପଲଶାଗୋରା ମଣ୍ଡିରେ ଧାନକିଣା




ପଲଶାଗୋରା,୨୨।୧୨(ସମିସ): ପଲଶାଗୋରା ଅଞ୍ଚଳରେ ଚଳିତ ଖରିଫ ଋତୁର ଧାନକ୍ରୟ ପାଇଁ ଧାନ ମଣ୍ଡି ଆରମ୍ଭ ହୋଇଛି।

ଲୋକାପଡା ପ୍ୟାକ୍ସର ସଂପାଦକ ନିର୍ମଳ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପ୍ୟାକ୍ସ ସଭାପତି ପିତାମ୍ବର ସାହୁ ଯୋଗଦେଇ ପୂଜାର୍ଚ୍ଚନା କରିବା ପରେ ଧାନକିଣା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଚାଷୀ ରଞ୍ଜନ ପଣ୍ଡାଙ୍କ ଠାରୁ ୩୪.୮୯ କୁଇଣ୍ଟାଲ, ମାଖୁନୁ ସେଠିଙ୍କଠାରୁ ୩୪.୫୮, ଶ୍ରୀକାନ୍ତ ରଣାଙ୍କଠାରୁ ୩୪.୬, ଜୟନ୍ତୀ ଯାନୀଙ୍କଠାରୁ ୧୩.୫୨ ଓ କାଳିଆ ସେଠିଙ୍କଠାରୁ ୧୯.୧୧ କୁଇଣ୍ଟାଲ ଧାନ କିଣା ଯାଇଥିଲା। ରାଜେନ୍ଦ୍ର ପଣ୍ଡା, ଶମ୍ଭୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆର୍ଯ୍ୟନ ଏକାଡେମୀର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ବୌଦ୍ଧ,୨୨।୧୨(ସମିସ): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ କୁମୁରସିଙ୍ଗାସ୍ଥିତ ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡା ଖୁଣ୍ଟବନ୍ଧ ପଞ୍ଚାୟତର ବୁରକଟା ଗଦବସା ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ଧର୍ମୁଧର ପୋଢ଼, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ କ୍ରୀଡା ସମୂହର ସମ୍ପାଦକ ମନୋଜ ଗାଇଗୌରିଆ, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଆର୍ଯ୍ୟନ ଏକାଡେମୀର ପ୍ରଧାନ ଶିକ୍ଷକ ସୁଜିତ ନାଏକ ସଭାପତିତ୍ୱ କରିଥିଲେ। ଶିକ୍ଷକ ଅସିତ ହୋତା ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ସୁଶୀଲ ପରିଡା, ଅମ୍ବରୀଶ ପ୍ରଧାନ, ପ୍ରଦୀପ ନାଏକ, ରଂଜିତ ରଞ୍ଜନ ଚାନ୍ଦ ଖେଳ ପରିଚାଳନା କରିଥିଲେ।



# ବାଳିକା ନୋଡାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା

ବିନିକା,୨୨।୧୨(ସମିସ): ବିନିକା ବାଳିକା ନୋଡାଲ ସ୍କୁଲରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ସୀମା ମଲ୍ଲିକ, ଅନୁଷ୍କା ଷାଣ୍ଢ ଓ ପ୍ରଜ୍ଞାରାନି ମେହେର ଚାମ୍ପିଅନ୍ ହୋଇଥିଲେ। ଖେଳ ଶିକ୍ଷୟିତ୍ରୀ ସୁଚିସ୍ମିତା ସେଠୀ ଓ ନିହାରିକା ପୁରୋହିତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିନିକା ଏନଏସି ସିଆରସିସି ହିମାଂଶୁ ଭୂଷଣ ପଣ୍ଡା ଯୋଗଦେଇଥିଲେ। ପ୍ରତିଯୋଗିତା ପରିଚାଳନାରେ ଅଭିପ୍ସା ପାଣିଗ୍ରାହୀ, ସୁଚିତା ପ୍ରଧାନ, ପ୍ରତୀକ୍ଷା କଣ୍ଟା, ସୁପ୍ରଭା ଭୂଏ, କମଳିନୀ ହୋତା, ମୌସୁମୀ ରାଣୀ ମିଶ୍ର, ତପସ୍ୱିନୀ ଗହୀର, ଅଶୋକ ବିଶି, କ୍ଷେତ୍ର ମୋହନ ପ୍ରଧାନ, ଆଲୋକ ନାୟକ, ଶିବାନନ୍ଦ ସେଠ ପ୍ରମୁଖ ସହଯୋଗ କରିଥିଲେ।

# ଅମରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବୀରମହାରାଜପୁର,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅମରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଦୁଃଖିଶ୍ୟମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଭୟ ବାଳିକା ଓ ବାଳକର ଜୁନିଅର, ସବ ଜୁନିୟର ଓ ସିନିଅର ବର୍ଗରେ ଶହେ ମିଟର,୨ଶହ ମିଟର, ୪ଶହ ମିଟର,୧୫ଶହ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ପଟାଟୋ ରେସ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଆନନ୍ଦିନୀ ପଧାନ, ଯଦୁମଣି ବାଘ, ତପକିରଣ ସାହୁ, ରାଜୀବ ଦୀପ, ଆକାଶ ଖେତୀ, ଅମୂଲ୍ୟ ମହାରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସ୍କୁଲର ପ୍ରାୟ ୨୪୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ଦୁଖୀଶ୍ୟାମ ଭୋଇ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ହାଇସ୍କୁଲର ଖେଳ ଶିକ୍ଷକ କହ୍ନେଇ ଚରଣ ପଧାନ ଏବଂ ପ୍ରାଣବନ୍ଧୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜୁନିଅର ବାଳକ ବର୍ଗରେ ପ୍ରବୀଣ ଭରା ସାଗର, ବାଳିକା ବର୍ଗରେ ଶୁଭଶ୍ରୀ ପଧାନ, ସିନିଅର ବାଳକ ବର୍ଗରେ ସରୋଜ ଗର୍ଡିଆ, ବାଳିକା ବର୍ଗରେ କରିସ୍ମା ରଣା, ସବ ଜୁନିୟର ବାଳକ ବର୍ଗରେ ରିସବ ପଧାନ, ବାଳିକା ବର୍ଗରେ ସିଲି ପଧାନ ଚାମ୍ପିଅନ ହୋଇଥିଲେ। ପ୍ରଦୀପ ଜଗଦଳା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସନ୍ତୋଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ● ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ୍ କପ୍

# ସେମିରେ ଏସ୍‌ଡିସିଏ ସୋନପୁର ଦଳ

ବୀରମହାରାଜପୁର,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଲୁତୁରପଙ୍କ ସ୍ଥିତ ହାଇସ୍କୁଲ ପଡ଼ିଆରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସରେ ସ୍ପାର୍ଟନ ଭୁବନେଶ୍ୱରକୁ ହରାଇ ଏସଡିସିଏ ସୋନପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍ ଟି ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟଟି ୧୮- ୧୮ ଓଭର ବିଶିଷ୍ଟ ହୋଇଥିବା ବେଳେ ଦ୍ୱିତୀୟ ଫର୍ମାଟ ଟି ୭-୭ ଓଭର ବିଶିଷ୍ଟ ହୋଇଥିଲା। ସୋନପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୮ ଓଭରରେ ୯ ଉଇକେଟ ହରାଇ ୧୯୪ ରନ କରିଥିଲା। ଦଳର ବରୁଣ ଦାସ ୫୬ ରନ ଓ ଦୀପକ ପରିଡ଼ା ୪୬ ରନ ଓ ଅଭିଳାଷ ନାୟକ ୨୮ ରନ କରିଥିଲେ। ବିପକ୍ଷ ଭୁବନେଶ୍ୱରର ଆଶୁତୋଷ ଦାସ ୩ ଟି, ଡିନା ଦାସ ଓ ସୁମିତ ମହାରଣା ପ୍ରତ୍ୟେକ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ୧୬.୨ ଓଭର ରେ ସମସ୍ତ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳର ସରୋଜ ପଣ୍ଡା ୪୦ ରନ ଓ ଡିନା ଦାସ ୧୪ ବଲରୁ ୩୨ ରନ କରିଥିଲେ। ବିପକ୍ଷ ସୋନପୁରର କେ.ଜି. କ୍ରୀଷ୍ଣା ୪ ଓ ପୁରୁଷୋତ୍ତମ ପାତ୍ର ୩ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୩ ଉଇକେଟ ହରାଇ ୭୬ ରନ୍ କରିଥିଲା। ଦଳର ଅଭିଳାଷ ନାଏକ ୨୩ ରନ କରିଥିଲେ। ବିପକ୍ଷ କିଶାନ ମହାନ୍ତି ୨ ଟି ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୬୧ ରନ କରିଥିଲା। ଦଳର ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୨୪ ରନ୍ କରିଥିବାବେଳେ ଶୁଭମ ବିଷ୍ଟ ୩ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ସୋନପୁର ମ୍ୟାଚରେ ବିଜୟୀ ହୋଇଥିଲା। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଗୌଡଗାଡ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ରାମ ନାରାୟଣ ହୋତା ଓ କ୍ରୀଡାବିତ ସୁଶିଳ ଅମାତ ଅତିଥି ଭାବେ ଯୋଗଦେଇ ସୋନପୁରର ଶୁଭମ ବିଷ୍ଟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ଡି. ରଜନୀକାନ୍ତ ରେ‡ୀ ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାକୁର ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ଆକାଶ ପାତ୍ର ଓ ପୀତାମ୍ବର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଦିନ ଏନଏନଏସ ପ୍ରୟାଗରାଜ ଓ ବିଶ୍ୱ ଭାରତୀ କଟକ ମଧ୍ୟରେ ପୁଲ -ଏର ଦ୍ୱିତୀୟ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି।




# ତୁଲୁଣ୍ଡା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ତରଭା,୨୨।୧୨(ସମିସ): ତରଭା ବ୍ଲକ୍ ଅନ୍ତର୍ଗତ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଓ ଜାତୀୟ ଗଣିତ ଦିବସ ପାଳନ ଅବସରରେ ସୋମବାର ପ୍ରଧାନ ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଦୁବୁଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅର୍ଜୁନ ନାଗ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସଞ୍ଜୟ ସାହୁ, ନର୍ଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଳାଞ୍ଚଳ ଭୋଇ, କମିଟି ସଦସ୍ୟ ବବିତା ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ବାବୁ, କମଳିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ରାଣୀ ମିଶ୍ର, ପ୍ରୀତି ରଣା, ମନିଷା ରଣା, ଇତି ବାଘ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଜାତୀୟ ଗୀତ ବନ୍ଦେ ମାତରମର ୧୫୦ତମ ଜୟନ୍ତୀ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ସହକାରୀ ଶିକ୍ଷକ ଶିବ ଚରଣ ମେହେର, ଶିକ୍ଷୟିତ୍ରୀ ଭାରତୀ ବେହେରା, ଯଜ୍ଞାସେନି ନାଗ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମାୟାବର୍ହା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଭକ୍ତ ଭୋଇ ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବକୁ ଶୁଭାରମ୍ଭ କରିଥିଲେ। ବିଜ୍ଞାନ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଚିନ୍ମୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ବେଣୁଧର ଚୌଧୁରୀ, ପୂର୍ବତନ ଖେଳ ଶିକ୍ଷକ ପ୍ରହ୍ଲାଦ ଦାସ, ସିଂହିଯୁବା ହାଇସ୍କୁଲ ଖେଳ ଶିକ୍ଷକ ମଳୟ ସାହୁ, ସାକ୍ଷୀ ମାଝି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବାଳକ ବିଭାଗରେ ବିକାଶ ସାହୁ ଏବଂ ବାଳିକା ବିଭାଗରେ ଶ୍ୱେତା ମଲ୍ଲିକ ଚାମ୍ପିଅନ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ମନୋଜ ପୂଜାରୀ, ନନ୍ଦିଘୋଷ ବାରିକ, ତପସ୍ୱିନୀ ଦାସ, ମୀନକେତନ ଦାସ, ସଞ୍ଜୀବ ପୂଜାରୀ, ବିଭୀଷଣ ଖମାରୀ, ଲିପି ପ୍ରଧାନ, କିରଣ କୁମାର ପଟେଲ, ସମୀର କଠାର, ସୁରଜ୍ ଖମାରୀ, ପଦ୍ମିନୀ ଦାସ, ସୂର୍ଯ୍ୟକନ୍ତୀ କାଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସମ୍ପଦ ଖମାରୀ ଧନ୍ୟବାଦ୍ ଦେଇଥିଲେ।

## ■ ମା' ଖାମେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଆଜି କଳାପଥର-ସୁବଳୟା ମଧ୍ୟରେ ଫାଇନାଲ୍



ବୀରମହାରାଜପୁର,୨୨।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଟେଭାପଦର ଖେଳ ପଡିଆରେ ୧୫ତମ ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣମେଣ୍ଟ ଟେଭାପଦର କପ୍ ୨୦୨୫ର ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ କଳାପଥର ଏବଂ ପାଇକପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳାପଥର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୨ ଉଇକେଟ୍ ହରାଇ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ପାଇକପାଲି ଦଳ ୫ ଉଇକେଟ୍ ହରାଇ ୭୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ କଳାପଥର ଦଳ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ ମ୍ୟାଚ ବଡ ଖମାର ଏବଂ ସୁବଳୟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡ଼ ଖମାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା, ଜବାବରେ ସୁବଳୟା ଦଳ ୬ ଉଇକେଟ୍ ହରାଇ ୧୨୩ ରନ ସଂଗ୍ରହ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚକୁ ଅମ୍ପାୟାର କାହ୍ନା ମେହେର ଏବଂ ଅରବିନ୍ଦ ମହାକୁଡ଼ ପରିଚାଳନା କରିଥିବା ବେଳେ ବିନୋଦ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମେନ୍ ଅଫ ଦି ମ୍ୟାଚ ପୁରସ୍କାର ସୁବଳୟା ଦଳର ଇଲୁ ପତ୍ରଙ୍କୁ ମିଳିଥିଲା। ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ସୁବଳୟା ଏବଂ କଳାପଥର ମଧ୍ୟରେ ଅନୁଷ୍ଠିତ ହେବ।

# ଗାୟତ୍ରୀ ଆବାସିକ ଶିକ୍ଷା ନିକେତନରେ ବାର୍ଷିକ କ୍ରୀଡ଼ା



ବୀରମହାରାଜପୁର,୨୨।୧୨(ସମିସ): ବୀରମହାରାଜପୁର ବ୍ଲକ୍ ସ୍ଥାନୀୟ ପାଣ୍ଡିଆପାଲି ପଡିଆରେ ଗାୟତ୍ରୀ ଆବାସିକ ଶିକ୍ଷାନିକେତନର ୧୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କେଂଝରିଆ ପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ, ଶିକ୍ଷାବିତ ଅଖୋଜ କୁମାର ପଧାନ, ଗାୟତ୍ରୀ ଆବାସିକ ଶିକ୍ଷ୍ୟା ନିକେତନର ପ୍ରଧାନ ଶିକ୍ଷକ ପଙ୍କଜ ଖମାରୀ, ଖେଳ ଶିକ୍ଷକ ବିପ୍ର ପେରା ଓ ଅଭିନନ୍ଦନ ପୁଜାହାରୀ ଯୋଗଦେଇଥିଲେ। ସ୍ଥାନୀୟ ଡଂଗାମୁଣ୍ଡା ମଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଗାୟତ୍ରୀ ଆବାସିକ ହାୟର ସେକେଣ୍ଡରୀ ସ୍କୁଲର ଅଧ୍ୟକ୍ଷ ଯୁଧିଷ୍ଠିର ଖମାରୀଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅରୁଣ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ଭାଗନେଇଥିଲେ। ବୀଣାପାଣି ଭୋଇ, ବିଷ୍ଣୁପ୍ରିୟା ସାହୁ, ଯଶସ୍ୱିନୀ ସାହୁ, ପ୍ରଭାତୀ ତ୍ରିପାଠୀ, ପ୍ରିତିଶ ପୁରୋହିତ, ସଂଜୀବ ଜଗଦଲା, ମମିତା ସାହୁ, ପଦ୍ମାଳୟା ନିଆଲ, ମୀନକେତନ ମେହେର, ଲିପୁନ ସା, ରାଜୁ ବେଜି, ବିକାଶ ମହାକୁଡ଼, ରଣମୋହନ ଭୋଇ, ହିମାଂଶୁ ପାତ୍ର, ଅକ୍ରୁର ପଣ୍ଡା, କଲ୍ୟାଣୀ ଜଗଦଳା, ପୂର୍ଣ୍ଣଚନ୍ଦ୍ର ଖେତି, ନିରୋଜ ପଧାନ, ସୁବ୍ରତ ପଣ୍ଡା, ପ୍ରିତମ ପଣ୍ଡା, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ଶିକ୍ଷକ ଖେଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସତ୍ତିକ ବଡ଼ମାଳି, ଗୌତମ ଓ ଯୋଗୀନ୍ଦ୍ର ପଧାନ ପ୍ରଭୃତି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। କ୍ରୀଡା ଉତ୍ସବ ଉଦ୍‌ଯାପନୀ ସଭାରେ ସୋନପୁର ଜିଲ୍ଲାର ଫିଜିକାଲ ଏଜୁକେସନ ଅଫିସର ବାଲାଜୀ ବିଶ୍ୱନାଥ ଯୋଗଦେଇଥିଲେ। ଶେଷରେ ପିଲାମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

# ଗଡ଼ମାଣିତିର ଉଚ୍ଚ ବିଦ୍ୟାଳୟ ସମସ୍ୟା ସୁଧୁରୁନି

ବେଗୁନିଆ, ୨୨।୧୨(ସମିସ): ବେଗୁନିଆ ବ୍ଲକ ଗଡ଼ମାଣତିର ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଶିକ୍ଷକ ଓ କର୍ମଚାରୀ ସମସ୍ୟା ଲାଗି ରହିଛି । ଏଥିରେ ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସରପଞ୍ଚ, ପରିଚାଳନା କମିଟି ସହ ଅଭିଭାବକ ଅଭିଯୋଗ କରି କୌଣସି ସୁଫଳ ନ ପାଇବାରୁ ନଭେମ୍ବର ୨୧ରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ବିଦ୍ୟାଳୟରେ ପହଁଚି ଆଗାମୀ ୨୫ ତାରିଖ ସୁଦ୍ଧା ବିଦ୍ୟାଳୟରେ ଲାଗିରହିଥିବା ଶିକ୍ଷକ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ତାଲା ଖୋଲାଯାଇ ଶିକ୍ଷାଦାନ ହୋଇଥିଲା। ବିଦ୍ୟାଳୟରେ ୩୧୬ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୧୬ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଥିବା ବେଳେ ବର୍ତ୍ତମାନ ୧୦ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ, ଖେଳଶିକ୍ଷକ, ସଂସ୍କୃତଶିକ୍ଷକ, ଗଣିତଶିକ୍ଷକ ଓ ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ନ ଥିବା ବେଳେ ନିଯୁକ୍ତି ପାଇଥିବା କିରାଣୀ ରୁଚିସ୍ମିତା ନାୟକ ଏକ ବର୍ଷରୁ ଅଧିକ ଦିନ ହେବ ଭୁବନେଶ୍ୱରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦକୁ ସପ୍ତାହକୁ ୫ ଦିନ ଡେପୁଟେସନରେ ଯାଉଛନ୍ତି। ଗତ ନଭେମ୍ବର ୨୬ରେ ଏଲଟିଆରରେ ଜଣେ ସିବିଜେଡ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଛତ୍ରପଡା ଉଚ୍ଚ ବିଦ୍ୟାଳୟକୁ ୨ଦିନ ଡେପୁଟେସନରେ ଯାଉଛନ୍ତି। ଏପରିକି ବିଦ୍ୟାଳୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ସ୍ଥାନ ଅଭାବ ଥିବାରୁ ଖରାବର୍ଷାରେ ପଦାରେ ବସି ଖାଉଛନ୍ତି। ଏହିସବୁ ସମସ୍ୟା ନେଇ ସରପଞ୍ଚ କରୁଣାକର ଦଳସିଂହରାୟ, ପରିଚାଳନା କମିଟି ଅଧ୍ୟକ୍ଷ ନିବାସ ରାୟ, ଉପାଧ୍ୟକ୍ଷ ଗୀତାଞ୍ଜଳୀ ଜୁଝାରସିଂହ, ସଭ୍ୟ ସଂଗ୍ରାମ କେଶରୀ ସାମନ୍ତସିଂହାର, ରଶ୍ମିତା ଗୁମାନସିଂହ, ବୁଲୁ ହରିଚନ୍ଦନ, କାଳନ୍ଦୀ ମଙ୍ଗରାଜ ଓ ମୋ ସ୍କୁଲ ସଭାପତି କୁଳମଣି ମାନସିଂହ ସହ ଛାତ୍ର ଅଭିଭାବକ ଅସନ୍ତୋଷ ପ୍ରକାଶ କରି ପ୍ରଶାସନ ତୁରନ୍ତ ବିଦ୍ୟାଳୟରେ ଲାଗି ରହିଥିବା ସମସ୍ୟା ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାରେ ବିଳମ୍ବ ହେଲେ ବିଦ୍ୟାଳୟରେ ତାଲା ପକାଇବା ଘଟଣାର ପୁନରାବୃତ୍ତି ହେବ ବୋଲି ଚେତାବନୀ ଦେଇଛନ୍ତି।

**ପୁଣି ଆନ୍ଦୋଳନ ଚେତାବନୀ**

**ଖୋର୍ଦ୍ଧାରୋଡ଼ ଷ୍ଟେସନରେ ଟ୍ରେନ ବିଳମ୍ବ**

# ସେବା ଏକ୍ସପ୍ରେସ୍ ଟ୍ରେନ ଯାତ୍ରୀଙ୍କ ହୋହଲ୍ଲା

ଜଟଣୀ,୨୨।୧୨(ସମିସ)



ଭୁବନେଶ୍ୱର-ଦଶପଲ୍ଲା ସେବା ଏକ୍ସପ୍ରେସ ଟ୍ରେନ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ଦୀର୍ଘ ୨ଘଣ୍ଟା ଅଟକିବା ପରେ ଷ୍ଟେସନ ପରିସରରେ ଯାତ୍ରୀ ହୋହଲ୍ଲା କରିଥିଲେ।

ଭୁବନେଶ୍ୱର-ଦଶପଲ୍ଲା ସେବା ଏକ୍ସପ୍ରେସ ନିର୍ଦ୍ଧାରିତ ସମୟ ଅପରାହ୍ନ ୬.୪୦ରେ ଭୁବନେଶ୍ୱର ଷ୍ଟେସନରୁ ଛାଡ଼ିଥିଲା। ଠିକ୍ ୭ଟା ସମୟରେ ଖୋର୍ଦ୍ଧା ରୋଡ଼ ଷ୍ଟେସନର ୧ ନମ୍ବର୍ ପ୍ଲାଟଫର୍ମରେ ପହଞ୍ଚିଯାଇଥିଲା। ତେବେ ଟ୍ରେନଟି ପହଞ୍ଚିବା ପରେ ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି କୌଣସି ସୂଚିତ କରିନଥିଲା। ଏଥି ମଧ୍ୟରେ ୨ଘଣ୍ଟା ବିତି ଯାଇଥିଲେ ମଧ୍ୟ ଟ୍ରେନଟିକୁ ଛଡ଼ା ଯାଇ ନ ଥିଲା। ଫଳରେ ଉକ୍ତ ଟ୍ରେନରେ ଥିବା ଯାତ୍ରୀମାନେ ହୋହାଲ୍ଲା କରିବା ସହ ଆର୍‌ପିଏଫ୍ ଓ ଜିଆର୍‌ପି ପୁଲିସକୁ ଅବଗତ କରିଥିଲେ। ହେଲେ ଯାତ୍ରୀମାନଙ୍କୁ କୌଣସି ସନ୍ତୋଷ ଜନକ ଉତ୍ତର ନ ଦେବାରୁ ପରିସ୍ଥିତି ଉତ୍ତେଜନା ପ୍ରବଣ ହୋଇଥିଲା। ଏପରିକି ଦୀର୍ଘ ୨ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନର ଗତିପଥ ଉପରେ କୌଣସି ମତାମତ ମିଳି ନ ଥିଲା। ଯାତ୍ରୀମାନେ ବାଧ ହୋଇ ଷ୍ଟେସନରେ ଧାରଣା ଦେବା ପାଇଁ ପ୍ରସ୍ତୁତ ହୋଇଥିଲେ। ଏ ନେଇ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ନେଇ ଟ୍ରେନଟିକୁ ଗନ୍ତବ୍ୟ ସ୍ଥଳକୁ ଛାଡ଼ିବା ଲାଗି ବ୍ୟବସ୍ଥା କରି ରାତ୍ର ୯ଟା ୧୭ ମିନିଟ ରେ ଛାଡିଥିଲା।

ରେଳ ବିଭାଗ ସୂଚନା ଅନୁଯାୟୀ ଉକ୍ତ ଦିଗକୁ ସିଙ୍ଗଲ ଲାଇନ୍ ବ୍ୟବସ୍ଥା ରହିଛି। ଫଳରେ ସେହି ଦିଗକୁ ଟ୍ରେନ ଯିବା ପାଇଁ ବିଳମ୍ବ ହେବା ସ୍ୱାଭାବିକ। ଅନ୍ୟପଟେ ଯାତ୍ରୀମାନଙ୍କ ସୂଚନା ଅନୁଯାୟୀ ଦଶପଲ୍ଲା ପକ୍ଷରୁ ଆସୁଥିବା ଟ୍ରେନ ମେମୁ ଟ୍ରେନ ଅଥବା ପାସେଞ୍ଜର ଟ୍ରେନ ହୋଇଥିବା ବେଳେ ଭୁବନେଶ୍ୱର ପକ୍ଷରୁ ଏହି ଟ୍ରେନ ଏକ୍ସପ୍ରେସ ଟ୍ରେନ ହୋଇଥାଏ। ଏ ନେଇ ରେଳ ବିଭାଗ ଏକ୍ସପ୍ରେସ ଟ୍ରେନର ଭଡ଼ା ଧାର୍ଯ୍ୟ କରି ନେଇଥାଏ। ଯାହା ସମସ୍ତ ଯାତ୍ରୀ ପୈଠ କରିଛନ୍ତି ବୋଲି କୁହାଯାଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା/ବୋଲଗଡ଼, ୨୨।୧୨(ସମିସ): ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ବୋଲଗଡ଼ ବ୍ଲକ ପିଚୁକୁଲିସ୍ଥିତ କଲ୍ୟାଣୀ ମଣ୍ଡପ ଗୃହରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ଶିବିରରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଏସ୍‌ଡିପିଓ ନିହାର ରଞ୍ଜନ କୁମର ପ୍ରଧାନ, ବିଡିଓ ସୁମନ ସୁଦ୍ଧା କୁଣ୍ଡୁ, ତହସିଲଦାର ବିଜୟ କୁମର ସାହୁଙ୍କ ସମେତ ଶିକ୍ଷା, ଯୋଗାଣ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, କୃଷି, ଜଙ୍ଗଲ, ବିଦ୍ୟୁତ୍, ଜଳ ସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଜନ ଶୁଣାଣୀରେ ମୋଟ ୮୮ ଟି ଜନ ଅଭିଯୋଗର ଶୁଣାଣୀ ପାଇଁ ପଞ୍ଜିକୃତ ହୋଇଥିଲା ବେଳେ ଏଥିରେ ୧୫ଟି ସାମୁହିକ ଅଭିଯୋଗ ରହିଲା ଏବଂ ୭୩ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାର ସୂଚନା ମିଳୁଥିବା ବେଳେ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ବାଣପୁର,୨୨।୧୨(ସମିସ); ବାଣପୁର ସତ୍‌ସଙ୍ଗ ବିହାର ଗମ୍ଭାରୀମୁଣ୍ଡା ସତ୍‌ସଙ୍ଗ କେନ୍ଦ୍ର ଓ ନାଚୁଣୀ ସତ୍‌ସଙ୍ଗ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଯୁଗ ପୁରୁଷୋତମ ପରମ ପ୍ରେମମୟ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ବାଣପୁର ପଲଟଣ ପଡିଆ ପରିସରରେ ପାଳିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ପୁରୁଷୋତ୍ତମ ପାଲଟାସିଂହ, ସଂପାଦକ ମାନସ ରଂଜନ ଶତପଥି, ସଂଯୋଜକ ବସନ୍ତ ମହାରଣା, କୋଷାଧ୍ୟକ୍ଷ ତ୍ରିନାଥ ହୋତା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସକାଳ ୮ଟାରେ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ସୁସଜ୍ଜିତ ରଥରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ ହୋଇ ବିଶରପାଟଣା ଛକ ଠାରୁ ବାହାରି ନଗର ପରିକ୍ରମା କରି ପଲଟଣ ପଡିଆ ସ୍ଥିତ ସତ୍‌ସଙ୍ଗ ଉତ୍ସବ ସ୍ଥଳରେ ପହଞ୍ଚି ଥିଲେ। ସତସଙ୍ଗ ସଦାଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ମାତୃସମ୍ମିଳନୀ ଓ ସଂଧ୍ୟାବିନତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏଜି ମିଶନ ବିଦ୍ୟାଳୟରେ ଗଣିତ ପ୍ରଦର୍ଶନୀ

ଟାଙ୍ଗୀ,୨୨।୧୨(ସମିସ): ଜାତୀୟ ଗଣିତ ଦିବସର ଅବସରରେ ଅଗ୍ରଣୀ ବିଦ୍ୟାଳୟ ଚାନ୍ଦପୁର ଏଜି ମିଶନ୍ ବିଦ୍ୟାଳୟରେ ଭାରତର ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ ଉପଲକ୍ଷେ ଏକ ଗଣିତ ପ୍ରଦର୍ଶନୀ ଆୟୋଜନ କରିଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ୫୫ରୁ ଅଧିକ ଗଣିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ଚେୟାରମ୍ୟାନ ବିନୁ ଗେବ୍ରିଏଲ୍ ଏହାକୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଜିତେନ୍ ନାୟକ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷକ ଏମ. ମାର୍ଟିନଙ୍କ ତତ୍ତ୍ୱାବଧାନ ଏବଂ ବିଦ୍ୟାଳୟର ଗଣିତ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଅନନ୍ତ ନାରାୟଣ ନନ୍ଦ, ରଶ୍ମିରଞ୍ଜନ ସାମନ୍ତରାୟ, ସସ୍ମିତା ବିଶ୍ୱାଳ, ସୌମ୍ୟା ରୋଷବିନ୍ ଏବଂ ସୋନାଲି ବିଶ୍ୱାଳ ସହଯୋଗ କରିଥିଲେ।

## ବାଲି ଗାଡ଼ି ଜବତ

ବେଗୁନିଆ,୨୨।୧୨ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଧଳାପଥର ଫାଣ୍ଡି ନିକଟରେ ଏକ ବାଲି ବୋଝେଇ ଟ୍ରକ ଜବତ କରିବା ସହ ଚାଳକକୁ ପୁଲିସ କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ସୂଚନା ଅନୁଯାୟୀ ବିହାର ରାଜ୍ୟର ଅଶୋକ କୁମାର ସିଂହ ବୈଦେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ବାଲି ଗାଡ଼ି ନେଇ ଯାଉଥିବା ସମୟରେ ଗାଡ଼ିକୁ ଜବତ କରାଯାଇଥିଲା ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ

ଖୋର୍ଦ୍ଧା,୨୨।୧୨(ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆଜି ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ରାମାନୁଜନଙ୍କର କୀର୍ତ୍ତି ତଥା ଦୈନ୍ୟଦିନ ଜୀବନରେ ଗଣିତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଦେବାଶିଷ ପାଇକରାୟ ବିଭିନ୍ନ କୌତୁହଳ ପୂର୍ଣ୍ଣ ଗାଣିତିକ ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଗଣିତ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଥିଲେ।

# ଖୋର୍ଦ୍ଧା ମହୋତ୍ସବରେ ମହିଳାଙ୍କୁ ଅସମ୍ମାନ; ଜିଲ୍ଲାପାଳଙ୍କୁ ଫେରାଦ

ଖୋର୍ଦ୍ଧା,୨୨।୧୨(ସମିସ): ସ୍ଥାନୀୟ ବିଡିଏ ପଡିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବରେ ବାଉନ୍ସର ଲଗାଯାଇ ମହିଳାଙ୍କୁ ଅସମ୍ମାନ କରାଯାଉଛି। ଆଜି ଜିଲ୍ଲାପାଳଙ୍କୁ କୋଣାର୍କ ନଗର ଅଂଚଳର ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗତ ଶନିବାର ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କଳାକାର ମହୋତ୍ସବ ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ଏଣୁ ଅନୁଷ୍ଠାନର କିଛି କୁନି କୁନି କଳାକାର ଏବଂ କିଛି ମହିଳା କଳାକାର ସେଠାରେ ପହଁଚିଥିଲେ। କିନ୍ତୁ ସେଠାରେ ୬ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ ସେମାନଙ୍କୁ ନୃତ୍ୟ ପରିବେଷଣ ପାଇଁ ଅନୁମତି ମିଳିନଥିଲା। ଏହାକୁ ନେଇ ସାଂସ୍କୃତିକ ପ୍ରତିଷ୍ଠାନର କର୍ମକର୍ତା ମହୋତ୍ସବ କମିଟି ସଦସ୍ୟଙ୍କୁ ପଚାରିଥିଲେ। ଏହି ସମୟରେ ସେଠାରେ ନିୟୋଜିତ କିଛି ସଦସ୍ୟ ଓ ବାଉନ୍ସର ଭାବେ ନିୟୋଜିତ କିଛି କଳା ଟି ସାର୍ଟ ପିନ୍ଧା ବ୍ୟକ୍ତି ଅନୁଷ୍ଠାନର କୁନି କୁନି କଳାକାର ଏବଂ ଅଭିଭାବକମାନଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କୁ ସର୍ବ ସମ୍ମୁଖରେ ଧକ୍କା ମାରିବା ସହିତ ଅପଶବ୍ଦ ପ୍ରୟୋଗ କରି କଳା ପ୍ରଦର୍ଶନ କରିବାକୁ ବାରଣ କରିଥିଲେ। ଏଥିରେ ମର୍ଯ୍ୟାଦାହାନି ହୋଇଥିବା ଅଭିଯୋଗ ନେଇ ଗୌରୀ ସାଂସ୍କୃତିକ ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ନୃତ୍ୟ ପରିବେଷଣ କରିବାକୁ ଯାଇଥିବା କୁନିକୁନି ପିଲାଙ୍କ ଅଭିଭାବକ ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ସେମାନେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଅଭିଯୋଗ ପତ୍ରକୁ ଗ୍ରହଣ କରିଥିବା ବେଳେ ଏହା ସମ୍ପୂର୍ଣ୍ଣ ରୂପେ ନିନ୍ଦନୀୟ ଘଟଣା ବୋଲି ସ୍ୱୀକାର କରିବା ସହ ଖୋର୍ଦ୍ଧା ମହୋତ୍ସବ ଏକ ବେସରକାରୀ ଅନୁଷ୍ଠାନ। ଏଣୁ ଏ ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟଙ୍କୁ ଜଣାଯିବ। ନଚେତ୍ ଏହା ଏକ ଅପରାଧିକ କାର୍ଯ୍ୟକଳାପ, ତେଣୁ ପୁଲିସ ପାଖରେ ଅଭିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ପୂର୍ବତନ କାଉନସିଲରଙ୍କ ବିୟୋଗ



ଖୋର୍ଦ୍ଧା,୨୨।୧୨(ସମିସ): ପୂର୍ବତନ କାଉନସିଲର ହାଡିବନ୍ଧୁ ପାତ୍ର(୧୦୬)ଙ୍କ ପରଲୋକ ଘଟିଛି। ସେ ଗଡଖୋର୍ଦ୍ଧାର ୩ଥର ୱାର୍ଡମେମ୍ବର ଓ ପ୍ରଥମ କାଉନସିଲର ରହିଥିଲେ। ଏଥିସହିତ ବିଶିଷ୍ଟ ରାମଲୀଳା ଗାୟକ ଭାବେ ସେ ଜିଲ୍ଲା ଓ ଜିଲ୍ଲା ବାହାରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା କ୍ଷଣି ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, କୁନିଲତା ସ୍ୱାଇଁ, ବିଜେପି ଖୋର୍ଦ୍ଧାନଗର ମଣ୍ଡଳ ଉପସଭାପତି ସୁନିଲ ପ୍ରଧାନ, ଦିଲିପ ହୋତାଙ୍କ ସମେତ ଶ୍ରୀ ଶ୍ରୀ ରଘୁନାଥ ପରିଚାଳନା କମିଟି ଗଡଖୋର୍ଦ୍ଧାର ସମସ୍ତ ସଦସ୍ୟ ଶୋକବ୍ୟକ୍ତ କରିଛନ୍ତି। ଜନ୍ମ ସ୍ଥାନରେ ଶେଷକୃତ୍ୟ କରାଯାଇଛି। ପୁଅ ରାମଚନ୍ଦ୍ର ପାତ୍ର (ଟୁକ) ମୁଖାଗ୍ନି ଦେଇଥିଲେ।

# ଖୋର୍ଦ୍ଧା ମହୋତ୍ସବ ସାଂସ୍କୃତିକ ଓ ଐତିହ୍ୟର ସମ୍ଭାର

ଖୋର୍ଦ୍ଧା,୨୨।୧୨(ସମିସ): ସ୍ଥାନୀୟ ବିଡିଏ ପଡିଆରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ରଜତ ଜୟନ୍ତୀ ଉଦଯାପନୀ ସମାରୋହ ର ଆଜଟି ଥିଲା ସପ୍ତମ ସନ୍ଧ୍ୟା। ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଖୋର୍ଦ୍ଧା ମହୋତ୍ସବ ଜାତି, ଧର୍ମ, ବର୍ଣ୍ଣ , ସମ୍ପ୍ରଦାୟ ଭାତୃତ୍ୱ ଓ ଭାଇଚାରାର ନିଦର୍ଶନ। ଏହି ମହୋତ୍ସବ ଆତ୍ମ ନିର୍ଭର ଓଡ଼ିଶା ଓ ଆତ୍ମ ନିର୍ଭର ଭାରତ ତଥା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ମାଟିର ବୀରତ୍ୱର କାହାଣୀ ଏଭଳି ମହୋତ୍ସବ ଉଜ୍ଜୀବିତ କରି ରଖିବା ରେ ସହାୟକ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ।



ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଉପଖଣ୍ଡ ପୁଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ, ଅଭିନେତ୍ରୀ ଅଙ୍କିତା ଦାସ, ଗାୟିକା ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ଓଡ଼ିଶାର କୋଣ ଅନୁ କୋଣରୁ ଆସିଥିବା ସମସ୍ତ ବ୍ୟବସାୟ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଂଚଳକୁ ବିଜ୍ଞାପିତ ଅଂଚଳ ପରିଷଦର ମାନ୍ୟତା ଏବଂ ଖୋର୍ଦ୍ଧା ଜିଲ୍ଲାର ର ସହରାଂଚଳର ଦୃତ ବିକାଶ ପାଇଁ ଧ୍ୟାନ ଦେଇଥିବାରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ନୂତନ ଖୋର୍ଦ୍ଧା ଜିଲ୍ଲା ର ନିର୍ମାଣରେ ସମସ୍ତ ଖୋର୍ଦ୍ଧାବାସୀ ଅଂଶୀଦାର ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପାରମ୍ପାରିକ ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ ୱାନନେସ ଇଁଟର ନ୍ୟାସନାଲ ସ୍କୁଲ, ବ୍ଲାକ ସ୍ୱାଇଡର, ଡିଭାଇନ୍ ଡାନ୍ସ ଏକାଡେମୀ, ଶିଶୁ ବିହାର, ସଂସ୍କାର ଭାରତୀ, ବରୁଣେଇ ଡାନ୍ସ ଗ୍ରୁପ, ନୃତ୍ୟୟନାର କଳାକାର ଉଚ୍ଚ କୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତାଙ୍କ ବିକ୍ଷୋଭ



ଜଟଣୀ, ୨୨।୧୨(ସମିସ): ଜଟଣୀ ଅଞ୍ଚଳରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜାରି କରାଯାଇଥିବା ଏଏସଡି ନୋଟିସ୍ ଗୁଡ଼ିକୁ ତୁରନ୍ତ ବାତିଲ କରିବା, ଏହି ଆବେଦନ ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଦଣ୍ଡାତ୍ମକ ବା ବିଦ୍ୟୁତ୍ ବିଚ୍ଛେଦ ନ କରିବା ଓ ଗ୍ରାହକ ମାନଙ୍କ ମିଟର ଠିକ୍ ଥିବା ସତ୍ତ୍ୱେ ଟିପିସିଓଡିଏଲ୍ ଦ୍ୱାରା ବାଧ୍ୟତାମୂଳକ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ଭଳି ଦାବି ନେଇ ଆଜି ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଜଟଣୀ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ଅଭିଯୋଗ କରିଛି ଯେ, ନୂତନ ବିଦ୍ୟୁତ୍ ସଂଯୋଗ ସମୟରେ ପୂର୍ବରୁ ନିର୍ଦ୍ଧାରିତ ସିକ୍ୟୁରିଟି ଡିପୋଜିଟ୍ ନିୟମ ଅନୁସାରେ ଜମା କରାଯାଇଛି। ତଥାପି କୌଣସି ବିଲ୍ ଡିଫଲ୍ଟ ଅନିୟମିତତା ନଥିବା ସତ୍ତ୍ୱେ ବିଭାଗ ପକ୍ଷରୁ ପୁଣି ଆଡିସନାଲ୍ ସିକ୍ୟୁରିଟି ଡିପୋଜିଟ୍ (ଏଏସଡି) ଆଦାୟ କରାଯାଉଛି, ଯାହା ଅନ୍ୟାୟ, ଇଚ୍ଛାଧିନ ତଥା ଆଇନ୍ ବିରୋଧ ବୋଲି ଅଭିଯୋଗ ହୋଇଛି। ତେଣୁ ଘଟଣାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ଘଟଣାର ସମାଧାନ ନ ହୁଏ ତାହେଲେ ଆଇନ୍ ସିଜିଆରସି, ଓଇଆରସି ଏବଂ ଅନ୍ୟ ଆଇନ୍ ଗତ ମଞ୍ଚକୁ ଯିବାକୁ ବାଧ ହେବେ ବୋଲି ଦାବି କରିଛନ୍ତି।

## ଡମଣିକୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ

ବେଗୁନିଆ,୨୨।୧୨(ସମିସ): ବଡ଼ବେରଣା ଗ୍ରାମସ୍ଥିତ ଡମଣି କୃପା ସୁରେନ୍ଦ୍ର ନାଥ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ବେଣୁଧର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ଶରତ ପଣ୍ଡା ମୁଖ୍ୟଅତିଥି, ସାମ୍ବାଦିକ ଭଗବାନ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭିକାରୀ ଚରଣ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀପ୍ରଭା ଦେବୀ, ଅବସରପ୍ରାପ୍ତ ଖେଳ ଶିକ୍ଷକ ପ୍ରଭାତ ମହାରଣା, ପରିଚାଳନା କମିଟି ସଭାପତି ପ୍ରଭାତ ପଣ୍ଡା ଓ ସଭ୍ୟ ପ୍ରସନ୍ନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦେଇ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ଭାରତୀ ପଣ୍ଡା ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ପ୍ରତିମା ମଞ୍ଜରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଏ-୧ ପାଇଥିବା ରାଜଶ୍ରୀ ବାରିକଙ୍କ ସହ ତିନି ଜଣଙ୍କୁ ସରୋଜିନୀ ଭିକାରୀ ଟ୍ରଷ୍ଟ ପକ୍ଷରୁ ନଗଦ ୧ ହଜାର ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ରାମଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।



## ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାଳୟର ରାଜ୍ୟସ୍ତରୀୟ ଗୀତା ମୈତ୍ରୀ ସମ୍ମିଳନୀ

ଟାଙ୍ଗୀ,୨୨।୧୨(ସମିସ) : ଲବ୍ଧ ପ୍ରତିଷ୍ଠିତ ଶ୍ରୀମଦ୍ ଭଗବତ ଗୀତା ବିଦ୍ୟାଳୟର ଅଷ୍ଟାଦଶ ଗୀତା ମୈତ୍ରୀ ସମ୍ମିଳନୀ ଟାଙ୍ଗୀ ବ୍ଲକ ସ୍ଥିତ ମୁଳିଝରଗଡ ମା ଉଗ୍ରତାରା ଠାକୁରାଣୀଙ୍କ ପୀଠସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉଦ୍ୟୋକ୍ତା ସଂସ୍କୃତ ଅଧ୍ୟାପକ ଆଚାର୍ଯ୍ୟ ସୁଶୀଲ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ପ୍ରାକ୍ତନ ସହ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ଶରତ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପ୍ରତିଷ୍ଠାତା ଗୀତସେବୀ ଗଦାଧର ମହାରଣା ଉପଦେଷ୍ଟା ବ୍ରଜକିଶୋର ମହାନ୍ତି, ବିନୋଦ ସେନାପତି, ସମ୍ପାଦିକା ଗୀତା ସେବୀ ମଧୁସ୍ମିତା ପ୍ରଧାନ ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ବରାଳ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପରିଦର୍ଶକ ସରୋଜ ସିଂ, ଅଧ୍ୟାପକ ସଂଜୀବ ପରିଡ଼ା, ସଂଗ୍ରାମ ନାୟକ, ସୁରେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ସାରଗର୍ଭକ ଗୀତା ଚର୍ଚ୍ଚା କରିଥିଲେ। ଧନ୍ୟବାଦ ଦେଇଥିଲେ ପଣ୍ଡିତ ସଂଗ୍ରାମ ନାୟକ।

**ଚିଲିକା କୂଳ ଜେଟି**

# ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ ଓ ପର୍ଯ୍ୟଟକ

ବାଲୁଗାଁ, ୨୨।୧୨(ସମିସ)

ଏବେ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ସରକାର ରାସ୍ତା, ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା ଓ ଶୌଚାଳୟ ଆଦିର ସୁବ୍ୟବସ୍ଥା କରିବାର ନିୟମ ରହିଛି। ହେଲେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲୁଗାଁ ଏନଏସି ଅଧିନ ସୁପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଚିଲିକାକୂଳ ଜେଟିରେ। ଏଠାକୁ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକମାନଙ୍କ ସୁଅ ଛୁଟୁଥିବା ବେଳେ ଏଠାରେ ପାନୀୟଜଳ ଟୋପାଏ ପାଇଁ ତ୍ରାହି ବିକଳ ହେଉଛନ୍ତି ପର୍ଯ୍ୟଟକ ଓ ଯାତ୍ରୀ। ପାନୀୟଜଳ ନିମନ୍ତେ ପିଏଚଡ଼ି ତରଫରୁ 'ଜଳ ହିଁ ଜୀବନ' ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ବହୁ ଦିନ ଧରି ବନ୍ଦ ପଡି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ଉକ୍ତ ଟ୍ୟାପରୁ ଟୋପାଏ ପାଣି ବାହାରୁ ନଥିବା ଦେଖିବାକୁ ମିଳୁଛି। ତତସହିତ ଉକ୍ତ ପର୍ଯ୍ୟଟନ ସ୍ଥଳରେ ଶୌଚାଳୟର ସୁବ୍ୟବସ୍ଥା ନ କହିବା ଭଲ। ଚିଲିକା କୂଳ ଜେଟି ଶେଷରେ ଏନଏସି ତରଫରୁ ଏକ ଶୌଚାଳୟ ଟିଏ ନିର୍ମାଣ କରାଯାଇ ଥିବା ବେଳେ ସେଠାରେ ପାଣି ନଥିବାରୁ ଅପରିଷ୍କାର ଯୋଗୁଁ ଅସ୍ୱାସ୍ଥ୍ୟକର ପରିବେଶ ହୋଇପଡି ତାହା ବ୍ୟବହାର ଅନୁପଯୋଗୀ ହୋଇ ପଡିବାରେ ପର୍ଯ୍ୟଟକମାନେ ହଇରାଣ ହରକତ ହେଉଛନ୍ତି। ଏଥିସହିତ ଉକ୍ତ ଚିଲିକାକୂଳ ଜେଟି ସ୍ଥଳ କେତେକ ଅସାମାଜିକ ଯୁବକଙ୍କ ପେଣ୍ଠସ୍ଥଳୀ ପାଲଟିଛି। ତେଣୁ ଏହି ପର୍ଯ୍ୟଟନ ସ୍ଥଳରେ ଏକ ପୁଲିସ ଫାଣ୍ଡି ଖୋଲା ଯିବା ନିତାନ୍ତ ଆବଶ୍ୟକ ପଡୁଥିବା ନେଇ ସ୍ଥାନୀୟବାସିନ୍ଦା ଦାବି କରୁଛନ୍ତି। ଚିଲିକା କୂଳକୁ ପର୍ଯ୍ୟଟକ ମାନେ ଆସୁଥିବା ମୋଟରଯାନ ପାର୍କିଙ୍ଗ୍ ବାବଦକୁ ଓ ଚିଲିକା କୂଳରେ ଡ଼ଙ୍ଗା ରଖିବା ବାବଦକୁ ବାଲୁଗାଁ ଏନଏସି ପକ୍ଷରୁ ବାର୍ଷିକ ଟେଣ୍ଡର ଦିଆଯାଇ ସେହି ବାବଦରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଉଛି। ହେଲେ ଏନଏସି ତରଫରୁ ଉକ୍ତ ପର୍ଯ୍ୟଟନ ସ୍ଥଳୀରେ ଯାତ୍ରୀମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ଦିଆଯାଉ ନାହିଁ। ଯାହାଫଳରେ ଯାତ୍ରୀ ମାନେ ନାହିଁ ନଥିବା ହଟ ହଟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାଁନ୍ତି।




## ସର୍ବଭାରତୀୟ ମହାବୀର ଫୁଟବଲ କପ୍ ଫୁଟବଲ: ଧାନ୍‌ବାଦ ବିଜୟୀ

ଟାଙ୍ଗୀ,୨୨।୧୨(ସମିସ): ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ଠାରେ ମହାବୀର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୬୬ତମ ସର୍ବଭାରତୀୟ ମହାବୀର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ପଞ୍ଚମ ଦିବସ ଖେଳ ସଂଘର୍ଷପୂର୍ଣ୍ଣ ରହିଥିଲା। ଧାନବାଦ ଫୁଟବଲ୍ କ୍ଲବ ଧାନବାଦ ୨-୦ ଗୋଲରେ ୟୁନାଇଟେଡ ୟୁଥ କ୍ଲବ ଗଣ୍ଡରପୁରକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଅନୁଷ୍ଠାନର ଉପସଭାପତି ରାଜ କିଶୋର ବୈରୀଗଞ୍ଜନ, ସମ୍ପାଦକ ମନୋଜ ମାନସିଂହ, ସହସମ୍ପାଦକ ରମେଶ ନାଇଡୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜନତା ହାଇସ୍କୁଲ ପଡିଆରେ ଆୟୋଜିତ ମ୍ୟାଚ ଅବସରରେ ମୁଖ୍ୟଅତିଥି ଭାବେ ରାଜନେତା ମନ୍ମଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଭାପତି ହୃଷିକେଶ ପ୍ରଧାନ, ମଣ୍ଡଳ ସଭାପତି ଜୟରାମ ବେହେରା, ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମମତା ଦାସ, ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳରେ ଧାନବାଦ ଫୁଟବଲ କ୍ଲବ ଧାନବାଦ ୯ ନମ୍ବର ଜର୍ସି ସୌରବ ଓ ୟୁନାଇଟେଡ ୟୁଥ କ୍ଲବ ଗଣ୍ଡରପୁରର ୧୫ ନମ୍ବର ଜର୍ସି କାର୍ତ୍ତିକ ଭୋଳା "ବିଭୁତି ମେମୋରିଆଲ ଟ୍ରଫି"ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ଦିଆଯାଇଥିଲା । ରେଫରୀ ବିଜୟ ମଙ୍ଗରାଜ ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସହାୟତା କରିଥିଲେ କାଳୁଚରଣ ଓ ଗୋପାଳ ସାମନ୍ତରାୟ।

## ଶରଧାପୁର କପ୍ ଫୁଟବଲ୍: କେରଙ୍ଗ ଏକାଦଶ ବିଜୟୀ

ଖୋର୍ଦ୍ଧା,୨୨।୧୨(ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଶରଧାପୁର ଫୁଟବଲ ପଡ଼ିଆ ଠାରେ ଚାଲିଥିବା ୧୬ତମ ଶରଧାପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ଯଦୁମଣି ଆଥେଲେଟିକ୍ ଇଟାମାଟି ଓ କେରଙ୍ଗ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧର ଶେଷ ସୁଦ୍ଧା କେରାଙ୍ଗ ଏକାଦଶ ଖେଳର ୨୮ତମ ମିନିଟରେ ୧୨ନମ୍ବର ଖେଳାଳି ଗୋଲ ଦେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ କେରଙ୍ଗ ଏକାଦଶ ୧-୦ ଗୋଲ୍ ରେ ଅଗ୍ରଣୀ ରହି ଦ୍ୱିତୀୟ ଦଳ ଭାବେ ସେମିକୁ ପ୍ରବେଶ କରିଛି। ଆଜିର ଏହି ମ୍ୟାଚକୁ ଜ୍ୟୋତିରଞ୍ଜନ ପରିଡ଼ା ପରିଚାଳନା କରିଥିବା ବେଳେ ସଗିର ଅହେମ୍ମଦ ଓ ଗିରିଶ ଚନ୍ଦ୍ର ଜାନି ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରି ମକବୁଲ ଅହେମ୍ମଦ କାର୍ଯ୍ୟ ନିର୍ବାହ କରିଥିଲେ। ଆଜିର ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନାଲିପଡା ଅର୍ଜୁନପୁର ସରପଂଚ ସୂର୍ଯ୍ୟ ମହାନ୍ତି, ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିରୁଲ ରହେମନ, ନଶିମୁଦ୍ଦିନ ଅହେମ୍ମଦ, ହଜି ଇସମାଇଲ, ଜାପାନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାର ଶରଧାପୁର ସ୍ପୋର୍ଟସ ଆସୋସିଏସନ ଓ ଗୋପାଳପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ଏସ୍.କେ. ହୁଦା ସୂଚନା ଦେଇଛନ୍ତି।

## ଆଜିଠୁ ସର୍ବଭାରତୀୟ ସଖା ସଂଘ ଫୁଟବଲ


ନିରାକାରପୁର,୨୨।୧୨ (ସମିସ): ନିରାକାରପୁର ସଖା ସଂଘ କ୍ରୀଡ଼ା ସଂସଦ ତରଫରୁ ଚଳିତ ବର୍ଷ ୩୨ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦଘାଟନୀ ମ୍ୟାଚ୍ ଏଫ ଏଫ୍ ଏ ମଣିପୁର ବନାମ ଶବର ସ୍ପୋର୍ଟିଂ ଭୁବନେଶ୍ୱର, ୨୪ ତାରିଖରେ ଏସ ପି ଏମ୍ ବିଶାଖାପାଟଣା ବନାମ ପପୁଲାର ଫୁଟବଲ କ୍ଲବ ,ଢେଙ୍କାନାଳ, ୨୫ରେ ସେଞ୍ଚୁରିଆନ ଫୁଟବଲ କ୍ଲବ, ନାଇଜେରିଆ ବନାମ ଧାନବାଦ ଫୁଟବଲ କ୍ଲବ, ଝାଡ଼ଖଣ୍ଡ, ୨୬ରେ ହିନ୍ଦୁସ୍ଥାନ ହିରୋସ ଫୁଟବଲ କ୍ଲବ, କଲିକତା ଓ ସି ଭି ରମଣ ଆଫ୍ରିକିଆନ ପ୍ରମୁଖ ଦଳ ଖେଳିବେ ।୨୭ରେ ପ୍ରଥମ ସେମିଫାଇନାଲ, ୨୮ରେ ଦ୍ୱିତୀୟ ସେମି ଓ ୨୯ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ଅବହେଳିତ ଐତିହାସିକ ସିଂହନାଥ ପୀଠ

■ ସେତୁ ବଢ଼ାଇଲା ପର୍ଯ୍ୟଟକ; ମିଳୁନି ମୌଳିକ ସୁବିଧା ■ ଅଳିଆ ଆବର୍ଜନା ଓ ଜଳକଷ୍ଟକୁ ନେଇ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

ବଡମ୍ବା,୨୨।୧୨(ସମିସ)

କଟକ ଜିଲ୍ଲା ବଡମ୍ବା ବ୍ଲକର ଅନ୍ୟତମ ପ୍ରମୁଖ ଆଧ୍ୟାତ୍ମିକ ଓ ପର୍ଯ୍ୟଟନ କେନ୍ଦ୍ର ବାବା ସିଂହନାଥ ପୀଠ ଏବେ ସମସ୍ୟା ଘେରରେ। ମହାନଦୀ ମଧ୍ୟରେ ଅବସ୍ଥିତ ତ୍ରେତୟା ଯୁଗର ଏହି ପ୍ରାଚୀନ ପୀଠକୁ ଯାତାୟତ ପାଇଁ ୨୦୨୧ ମସିହାରେ 'ଟି-ସେତୁ' ଲୋକାର୍ପିତ ହେବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଛି ସତ, ମାତ୍ର ସେହି ଅନୁପାତରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ହୋଇପାରିନାହିଁ। ଫଳରେ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ସୁଯୋଗ ମିଳୁନାହିଁ । ଏହି ଐତିହାସିକ ପୀଠର ସୌନ୍ଦର୍ଯ୍ୟ ଏବେ ପ୍ଲାଷ୍ଟିକ ବୋତଲ ଓ କୁଢ କୁଢ ଅଳିଆ ଆବର୍ଜନା ମଧ୍ୟରେ ହଜିବାକୁ ବସିଛି, ଯାହା ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଦେଉଛି। ପୀଠରେ ସବୁଠାରୁ ବଡ଼ ସମସ୍ୟା ଭାବେ ଉଭା ହୋଇଛି ସ୍ୱଚ୍ଛ ପାନୀୟ ଜଳର ଅଭାବ। ମନ୍ଦିର ପରିସରରେ ନଳକୂପ ଥିଲେ ହେଁ ତାହା ପାନୀୟ ଉପଯୋଗୀ ନୁହେଁ। ଫଳରେ ଶ୍ରଦ୍ଧାଳୁମାନେ ପ୍ଲାଷ୍ଟିକ ପାଣି ବୋତଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି ଏବଂ ବ୍ୟବହାର ପରେ ସେଗୁଡ଼ିକୁ ପୀଠ ମଧ୍ୟରେ ଫିଙ୍ଗୁଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ସେହିପରି ସେତୁରୁ ପୀଠକୁ ସଂଯୋଗ କରୁଥିବା ରାସ୍ତାର ସମ୍ପୂର୍ଣ୍ଣ ସଂଯୋଗୀକରଣ ହୋଇ ନ ଥିବାରୁ ପର୍ଯ୍ୟଟକମାନେ ସେତୁ ଉପରେ ଗାଡ଼ି ପାର୍କିଂ କରୁଛନ୍ତି, ଯାହା ଦୁର୍ଘଟଣାର ଭୟ ସୃଷ୍ଟି କରୁଛି। ମକରମେଳା ସମୟରେ ଲକ୍ଷାଧିକ ଲୋକଙ୍କ ଆଗମନକୁ ଦୃଷ୍ଟିରେ ରଖି କରାଯାଉଥିବା ଅସ୍ଥାୟୀ ମାଟି ରାସ୍ତା ବଦଳରେ ଏକ ସ୍ଥାୟୀ ସଂଯୋଗୀକରଣର ଆବଶ୍ୟକତା ରହିଛି। ଏହା ବ୍ୟତୀତ ମନ୍ଦିରର ଆଲୋକୀକରଣ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ରହିଥିବା ବେଳେ ଶ୍ରଦ୍ଧାଳୁଙ୍କ ରାତ୍ରି ବିଶ୍ରାମ ପାଇଁ କୌଣସି ପାନ୍ଥନିବାସ ବା ଗୃହର ସୁବିଧା ନାହିଁ। ଶ୍ରଦ୍ଧାଳୁମାନେ ମାନସିକ ରୂପେ ଦାନ କରୁଥିବା ନାଗ ମୂର୍ତ୍ତିଗୁଡ଼ିକ ସ୍ଥାନ ଅଭାବରୁ ବାହାରେ ପଡ଼ି ରହି ଅସମ୍ମାନିତ ହେଉଛି। ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ପ୍ରତିକାର ନ କଲେ ପୀଠର ଗାରିମା ହ୍ରାସ ପାଇବା ସହ ପର୍ଯ୍ୟଟକମାନେ ବିମୁଖ ହେବାର ସମ୍ଭାବନା ରହିଛି। ସିଂହନାଥ ପୀଠର ବିକାଶ ପାଇଁ ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି।



## ବଡ଼ମ୍ବା ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ବିକ୍ଷୋଭ



ବଡମ୍ବା,୨୨।୧୨(ସମିସ): ଟାଟା ପାୱାର ଅତିରିକ୍ତ ସୁରକ୍ଷା ଜମା ଟଙ୍କା ଓ ସ୍ମାର୍ଟ ମିଟରକୁ ବିଦ୍ୟୁତ ଗ୍ରାହକଙ୍କୁ ଲଗାଇବା ନିମନ୍ତେ ବାଧ୍ୟ ନ କରାଯାଉ ଓ ଟାଟା ପାୱାରକୁ ଓଡିଶାରୁ ବିଦା କରିବା ଦାବିରେ ଆଜି ବଡମ୍ବାରେ ବଡମ୍ବା ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ବିରୋଧ କରିଛି। ସୋମବାର ସକାଳ ପୂର୍ବାହ୍ନ ୧୧ଟା ସମୟରେ ମହାସଂଘର ସଭାପତି ଚିନ୍ମାମ୍ବି ମହାନ୍ତିଙ୍କ ପୌରହିତ୍ୟ ଓ ମୁଖ୍ୟ ସଂଯୋଜକ ଦାମୋଦର ରଣାଙ୍କ ଆବାହକତ୍ୱରେ ହାଟପଡିଆ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ଠାରୁ ଅଞ୍ଚଳର ଶତାଧିକ ବିଦ୍ୟୁତ ଉପଭୋକ୍ତାଙ୍କ ସହିତ ଏକ ଶୋଭାଯାତ୍ରାରେ ଘଣ୍ଟିଆ ବାଉତି ଛକ ଦେଇ ବଡଦାଣ୍ଡ ସାହି, ଗାନ୍ଧିଛକ ପହଞ୍ଚି ଟାଟା ପାୱାର ଶୋଷଣ ନୀତିକୁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଗାନ୍ଧିଛକ ଠାରୁ ବିଦ୍ୟୁତ କାର୍ଯ୍ୟାଳୟ ଆସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହିତ ବିଦ୍ୟୁତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଶୋଭାଯାତ୍ରା ତହସିଲ କାର୍ଯ୍ୟାଳୟ ପହଁଚି ଟାଟା ପାୱାର ନୀତିକୁ ବିରୋଧ କରି ଏକ ପ୍ରତିବାଦ ସଭା ଆୟୋଜିନ କରାଯାଇଥିଲା ଓ ମହାସଂଘ ପକ୍ଷରୁ ୩ଟି ଦାବିକୁ ନେଇ ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ୧୫ ଦିନ ମଧ୍ୟରେ ଦାବିଗୁଡିକର ସ୍ଥାୟୀ ସମାଧାନ ନ କରାଗଲେ ଆଗାମୀ ଦିନରେ ମହାସଂଘ ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ବଡମ୍ବା ବନ୍ଦ ଡାକରା ଦିଆଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ବଡମ୍ବାର ବରିଷ୍ଠ ସମାଜସେବୀ ସୂର୍ଯ୍ୟକିଶୋର ମହାନ୍ତି, ମହାସଂଘର ସାଧାରଣ ସମ୍ପାଦକ ନିଗମାନନ୍ଦ ନାୟକ, ଉପସଭାପତି ଶିବ ନାରାୟଣ ମିଶ୍ର ଓ ପଞ୍ଚୁ ମଲ୍ଲିକ, ସହସମ୍ପାଦକ ଜଳଧର ରଣା, ଉପଦେଷ୍ଟା ବିବେକାନନ୍ଦ ମଲ୍ଲିକ, ସନ୍ତୋଷ ପଟ୍ଟନାୟକ, ବାବୁଲି ଦେବତା, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ମହାରଣା, ସଂଯୋଜକ ଅକ୍ଷୟ କରଣ, ବରିଷ୍ଠ ସଦସ୍ୟ ବୃନ୍ଦାବନ ପରିଡା, ରଶ୍ମି ରଥ, ବଳଭଦ୍ର ପ୍ରହରାଜ, ଦିଲ୍ଲୀପ ରାଉତ, ସହଦେବ ମଲ୍ଲିକ, ମନୋଜ ସାହୁ, ମୃତ୍ୟୁଞ୍ଜୟ ମନ୍ତ୍ରୀ, ବିପିନ ବିହାରୀ ଗୋଛି, ନରହରି ବେହେରା, ଯୁଧିଷ୍ଠିର ରଣାଙ୍କ ସମେତ ଶତାଧିକ ବିଦ୍ୟୁତ ଉପଭୋକ୍ତା ସାମିଲ ହୋଇଥିଲେ।

## କ୍ଷେତ ପରେ ଏବେ ଖଳାରେ ହାତୀ

● ଟାଙ୍ଗୀ-ଚୌଦ୍ୱାରରେ ଚାଷୀଙ୍କ ଆଖିରୁ ନିଦ ହଜିଛି
● 'ଅନୁକମ୍ପା' ଆପ୍ ଅଚଳ ଯୋଗୁଁ କ୍ଷତିପୂରଣ ଅନିଶ୍ଚିତ

ଟାଙ୍ଗୀ,୨୨।୧୨(ସମିସ): କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅଧୀନରେ ଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ହାତୀଙ୍କ ଆତଙ୍କ ଚରମ ସୀମାରେ ପହଞ୍ଚିଛି। ପୂର୍ବରୁ ଧାନ କ୍ଷେତରେ ହାତୀମାନେ ରାଜ୍ କରୁଥିବା ବେଳେ ଏବେ ସେମାନଙ୍କ ନଜର ଧାନ ଖଳା ଉପରେ ପଡ଼ିଛି। ଉଛପଦା ପଞ୍ଚାୟତର କାଳିଆପଲ୍ଲୀ ଆଦିବାସୀ ବସ୍ତିରେ ଏକ ଦନ୍ତା ହାତୀ ପଶି ଚାଷୀଙ୍କ ବର୍ଷକର ଆହାରକୁ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି। ବିଶେଷ କରି ଚାଷୀ ପ୍ରଦୀପ୍ତ ବେହେରାଙ୍କ ୮ ଏକର ଜମିର ଅମଳ ଧାନକୁ ହାତୀଟି ଖାଇବା ଅପେକ୍ଷା ଅଧିକ ଉଜାଡ଼ି ଦେଇଛି। ଖଳାକୁ ଲାଗି ରହିଥିବା ପରିବା ଚାଷକୁ ମଧ୍ୟ ହାତୀଟି ପାଦରେ ଦଳି ନଷ୍ଟ କରିଦେବା ଫଳରେ ସମଗ୍ର ବସ୍ତିରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଘଟଣାରେ ଚାଷୀଙ୍କ ପାଇଁ "ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଛି ସରକାରୀ ବ୍ୟବସ୍ଥାର ବିଫଳତା। ହାତୀ ଦ୍ୱାରା ହୋଇଥିବା କ୍ଷତିର ଭରଣା ପାଇଁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା 'ଅନୁକମ୍ପା' ପୋର୍ଟାଲ୍ ବା ଆପ୍ କାମ କରୁ ନ ଥିବା ଅଭିଯୋଗ ହୋଇଛି। ଚାଷୀ ଶ୍ରୀ ବେହେରା ଏନେଇ ବନ ବିଭାଗକୁ ଜଣାଇଥିଲେ ମଧ୍ୟ, ପୋର୍ଟାଲ୍ ଖୋଲୁ ନ ଥିବାରୁ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଥିବା ବନପାଳ ସଫେଇ ଦେଉଛନ୍ତି। ପାଞ୍ଚଭାୟା ପାହାଡ଼ ପାଦଦେଶରେ ଥିବା ଏହି ବସ୍ତିରେ ହାତୀ ଉପଦ୍ରବ ନିତିଦିନିଆ ଘଟଣା ହୋଇଥିବା ବେଳେ, ନିକଟରେ ହାତୀ ଆକ୍ରମଣରେ ଦୁଇଟି



ଜୀବନ ଯାଇଥିଲେ ହେଁ ବନ ବିଭାଗ ନିରବଦ୍ରଷ୍ଟା ସାଜିଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନିକ ସ୍ତରରେ ତଥ୍ୟ ଆଦାନ ପ୍ରଦାନ ପାଇଁ ବୈଷୟିକ ଜ୍ଞାନକୌଶଳ ଉପରେ ନିର୍ଭର କରାଯାଉଥିଲେ ମଧ୍ୟ, ଜରୁରୀ ସମୟରେ ଆପ୍ କାମ ନ କରିବା ଚାଷୀଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି। ତୁରନ୍ତ ଏହି ଯାନ୍ତ୍ରିକ ତ୍ରୁଟିକୁ ସୁଧାରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମର୍କତନଗରରେ ମଦ୍ୟପଙ୍କ ଉନ୍ମତ୍ତକାଣ୍ଡ: ଚନ୍ଦନ ବୋଡ଼ାକୁ ବେକରେ ଗୁଡ଼ାଇ ବୁଲିଲେ

କଟକ,୨୨।୧୨(ସମିସ): କଟକର ସିଡିଏ ସେକ୍ଟର-୭ ଅଞ୍ଚଳରେ ସୋମବାର ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। ଜଣେ ମଦ୍ୟପ ଚନ୍ଦନ ବୋଡ଼ା ସାପକୁ ବେକରେ ଗୁଡ଼ାଇ ବୁଲୁଥିବାବେଳେ ଯିଏ ଦେଖୁଥିଲା ଭୟରେ ଶିହରି ଉଠୁଥିଲା। ମିଳିଥିବା ସୂଚନା ଅନୁଯାୟୀ, ଜଣେ ବୟସ୍କ ବ୍ୟକ୍ତି ପ୍ରଚୁର ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଏକ ଜୀବନ୍ତ ଚନ୍ଦନ ବୋଡ଼ା ସାପକୁ ଧରିପକାଇଥିଲେ। ସାପଟିକୁ ବେକରେ ପକାଇ ସ୍ଥାନୀୟ ଲୋକଙ୍କୁ ଦେଖାଇ ଭୟଭୀତ କରୁଥିଲେ। ସାପଟି କାମୁଡ଼ି ଦେବାର ଭୟ ଥିବାରୁ ଉପସ୍ଥିତ ଲୋକମାନେ ଆତଙ୍କିତ ହୋଇ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ଥାନା ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ସ୍ନେକ ହେଲ୍ପଲାଇନ ସଦସ୍ୟଙ୍କ ସହାୟତାରେ ସାପଟିକୁ ଉଦ୍ଧାର କରାଯାଇ ନିକଟସ୍ଥ ଜଙ୍ଗଲରେ ଛଡ଼ାଯାଇଛି। ଏହାପରେ ଉକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ତୁରନ୍ତ ମେଡ଼ିକାଲ ନିଆଯାଇଥିଲା। ତେବେ ସାପଟି ତାଙ୍କୁ କାମୁଡ଼ିଛି କି ନାହିଁ କିମ୍ବା ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ କିପରି ଅଛି ସେ ନେଇ ସବିଶେଷ ସୂଚନା ମିଳିପାରିନାହିଁ।

## ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍‌ରେ ମିଳିତ ଖ୍ରୀଷ୍ଟମାସ୍ କ୍ୟାରୋଲ୍ ଉତ୍ସବ

କଟକ,୨୨।୧୨(ସମିସ): କଟକ ମିଶନ ରୋଡ୍ ସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ କଟକ ଡାୟୋସେସ ଅଧୀନସ୍ଥ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନୁଷ୍ଠାନମାନଙ୍କର ମିଳିତ ଖ୍ରୀଷ୍ଟମାସ କ୍ୟାରୋଲ ମହୋତ୍ସବ ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କଞ୍ଜରଭେଟର ଅଫ୍ ଫରେଷ୍ଟ ରେବେକା ନାୟର (ଆଇଏଫଏସ) ଯୋଗଦେଇ ପ୍ରଭୁ ଯୀଶୁଙ୍କ ଜନ୍ମ ଓ ଖ୍ରୀଷ୍ଟମାସର ପବିତ୍ର ବାର୍ତ୍ତା ପ୍ରଦାନ କରିଥିଲେ। ବିଶପ୍ ରାଇଟ୍ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ ପ୍ରାରମ୍ଭିକ ପ୍ରାର୍ଥନା କରିଥିବା ବେଳେ ଶିକ୍ଷୟିତ୍ରୀ ମର୍ସି ରାଉତ ବାଇବେଲ ପାଠ କରିଥିଲେ। ଏହି ଅବସରରେ କଟକ ଡାୟୋସେସ ଏଜୁକେସନ ବୋର୍ଡର ସମ୍ପାଦିକା ଡ. ରଶ୍ମିରେଖା ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ସମ୍ମାନିତ କରାଯିବା ସହ ଶ୍ରେଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସଙ୍ଗୀତ ଓ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ସମ୍ପାଦକ ବିକ୍ରମ ଏନ୍. ଆଡାମସ୍, ଡାୟୋସେସ ସମ୍ପାଦକ ସମରେନ୍ଦ୍ର ପ୍ରାମାଣିକ, ଦୀପକ ପ୍ରାମାଣିକ, ଆଚାର୍ଯ୍ୟ ଅଜୟ ବେହେରାଙ୍କ ସମେତ ବହୁ ଅଧ୍ୟକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମିତ୍ରବିନ୍ଦା ସାମନ୍ତରାୟ, ରୋଜଲିନ୍ ନାୟକ, ସ୍ମୃତିସ୍ମିତା ଚୌଧୁରୀ, ସିଲରିଲ ସାଇମନ ଓ ସୁସ୍ମିତା ପାତ୍ର କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଶେଷରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷ ମୋଜେସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଶପ୍ ସୁରେନ୍ଦ୍ର ନନ୍ଦ ସମସ୍ତଙ୍କର ସୁଖ ଓ ସମୃଦ୍ଧି ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ସଂଯୋଜିକା ସୁମିତ୍ରା ପଣ୍ଡା ଓ ଅନ୍ୟ ସହକର୍ମୀମାନଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।




## ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଉଦୟ କ୍ଲବ୍

ନିଶ୍ଚିନ୍ତକୋଇଲି,୨୨।୧୨(ସମିସ): କଟକ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ମାହାଙ୍ଗା ଆଥଲେଟିକ୍ ଆସୋସିଏସନ୍ ସହଯୋଗରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ବଚନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ରେ ଆସଗା କିଶୋରନଗର ଓ ଉଦୟ କ୍ଲବ କଟକ ମଧ୍ୟରେ ହୋଇଥିଲା। ଦୁଇ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିବାରୁ ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ନିୟମାନୁଯାୟୀ ଟ୍ରାଇବେକର ମାଧ୍ୟମରେ କିଶୋରନଗରକୁ ହରାଇ ୩-୧ ଗୋଲରେ ଉଦୟ କ୍ଲବ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ଏଥିରେ ଉଦୟ କ୍ଲବର ସେକ୍ ଅରବାନକୁ ଶ୍ରେଷ୍ଠ ଖେଳାଳୀ ରୂପେ ବିବେଚିତ କରାଯାଇ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶରେ ମ୍ୟାଚ୍ ଆରମ୍ଭରେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ରଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ଓଡିଶା ଫୁଟବଲ ଆସୋସିଏସନର ଉପସଭାପତି ବିରେନ୍ଦ୍ର ବେହେରା, କୈଳାସଚନ୍ଦ୍ର ବେହେରା, ଅଧ୍ୟାପକ ଦୀପକ ଦ୍ୱିବେଦୀ, ପିତାମ୍ବର ମହାନ୍ତି, ରମେଶ ଚନ୍ଦ୍ର ବିଶୋଇ, ହେମନ୍ତ ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଅନନ୍ତରାମ ସିଂ, ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ଫାଇନାଲ ମ୍ୟାଚ୍ ଉଦୟ କ୍ଲବ କଟକ ଓ ନିତା ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଛି।



## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ; ଯୁବକ ଗିରଫ

ଟାଙ୍ଗୀ,୨୨।୧୨(ସମିସ): ଜନୈକା ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଟାଙ୍ଗୀ ପୁଲିସ ସଂପୃକ୍ତ ଯୁବକକୁ ଗିରଫ ପୂର୍ବକ ସୋମବାର ଅଦାଲତ ଚାଲାଣ କରିଛି। ଅଭିଯୁକ୍ତ ଜଣକ କହ୍ନେଇପୁର ପଞ୍ଚାୟତ ବଡ଼ପୋଖରୀ ଅଞ୍ଚଳର ଏସ୍.କେ ସେଖାୱତ। ଥାନା କେସ୍ ନଂ ୪୪୪,ଦଫା ୬୪୧(୨),୩୫୧(୩) ବିଏନ୍ଏସ୍ ଓ ଅନୁସୂଚିତ ଜାତି ଜନଜାତିର ବିଭିନ୍ନ ଧାରାରେ ମାମଲା ରଜୁ ହୋଇଥିବା ଆଇଆଇସି ଡଃ. ବିକାଶ ସେଠୀ ସୂଚନା ଦେଇଛନ୍ତି। ଗତ ନଭେମ୍ବର ୯ ତାରିଖ ମଧ୍ୟାହ୍ନରେ ଉକ୍ତ ଅଞ୍ଚଳର ଜଣେ ନବବିବାହିତା ଗାଧୋଉଥିବାବେଳେ ଅଭିଯୁକ୍ତ ଜଣକ ଜୋରଜବରଦସ୍ତ ଦୁଷ୍କର୍ମ କରିବା ସହ ପ୍ରକାଶ କଲେ ପୁରା ପରିବାରକୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଶେଷରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଥିଲା।

## ଅଦ୍ୱୈତ ପଣ୍ଡାଙ୍କ ବିୟୋଗରେ ଶୋକସଭା

ତିଗିରିଆ,୨୨।୧୨(ସମିସ): ତିଗିରିଆ ଓକିଲ ସଙ୍ଘ ପକ୍ଷରୁ ତିଗିରିଆ ଓ ଆଠଗଡ ଆଇନଜୀବୀ ସଙ୍ଘର ବରିଷ୍ଠ ସଦସ୍ୟ ଆଇନଜୀବୀ ଅଦ୍ୱୈତ ଚରଣ ପଣ୍ଡାଙ୍କ ବିୟୋଗରେ ଏକ ଶୋକସଭା ସୋମବାର ପାଳନ ହୋଇଯାଇଛି। ଶୋକସଭାରେ ଉପସ୍ଥିତ ସମସ୍ତ ଆଇନଜୀବୀ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରି ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଆୟୋଜିତ ଶୋକସଭା କାର୍ଯ୍ୟକ୍ରମରେ ଓକିଲ ସଙ୍ଘର ସଭାପତି ମଙ୍ଗଳକୃଷ୍ଣ ଦାସ, ସମ୍ପାଦକ ଶାନ୍ତନୁ କୁମାର ଦାଶ, ରମେଶ ଚନ୍ଦ୍ର ମାଝୀ, ସରୋଜ ସାହୁ, ଚନ୍ଦ୍ରମଣି ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ସଞ୍ଜୟ ଦାସ, ଶ୍ରୀକାନ୍ତ ସାହୁ, ରଞ୍ଜନ ମହାରଣା, ତନ୍ମୟ ମିଶ୍ର, ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଧନେଶ୍ୱର ସାହୁ ପାଇବେ' ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସମ୍ମାନ'



କଟକ,୨୨।୧୨(ସମିସ): ଓଡ଼ିଶାର ବିଶିଷ୍ଟ ପ୍ରାବନ୍ଧିକ, ଦାର୍ଶନିକ ତଥା ସମାଜ ସଂସ୍କାରକ ପ୍ରଫେସର ଧନେଶ୍ୱର ସାହୁଙ୍କୁ ଚଳିତ ବର୍ଷର ପ୍ରତିଷ୍ଠିତ "ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ସାହିତ୍ୟ ଓ ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ଗୌରବଜନକ ସମ୍ମାନରେ ସମ୍ମାନିତ କରାଯାଉଛି। ପ୍ରଫେସର ସାହୁ ଦୀର୍ଘ ଦିନ ଧରି ଦର୍ଶନ ବିଭାଗରେ ଅଧ୍ୟାପନା କରିବା ସହିତ ଶିକ୍ଷା ଓ ସାମାଜିକ ଜୀବନର ବିଭିନ୍ନ ଦିଗକୁ ନେଇ ଉଚ୍ଚକୋଟୀର ପ୍ରବନ୍ଧମାନ ରଚନା କରି ପାଠକୀୟ ଆଦୃତି ଲାଭ କରିଛନ୍ତି। ବାଗ୍ମୀ ବିଶ୍ୱନାଥ କର ସ୍ମୃତି ସଂସଦର ସମ୍ପାଦକ ସଂଗ୍ରାମ କେଶରୀ ସାମଲଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୪ ଡିସେମ୍ବର ସନ୍ଧ୍ୟାରେ କଟକର ଐତିହାସିକ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ ବାଗ୍ମୀ ବିଶ୍ୱନାଥ କରଙ୍କ ଜୟନ୍ତୀ ଉତ୍ସବରେ ପ୍ରଫେସର ସାହୁଙ୍କୁ ଆନୁଷ୍ଠାନିକ ଭାବେ ଏହି ସମ୍ମାନ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ସମାଜସେବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଗୋପୀନାଥପୁରରେ କିମ୍ସର ମେଗା ସ୍ୱାସ୍ଥ୍ୟ ଶିବିର




ସାଲେପୁର,୨୨।୧୨(ସମିସ): ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅରୋ ବିହାର ଠାରେ ଭୁବନେଶ୍ୱର କିମ୍ସ ମେଡିକାଲ ପକ୍ଷରୁ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କିଟ୍ ଓ କିମ୍ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କଟକ ସଦର ଉପ-ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଏପରି ମହତ୍ କାର୍ଯ୍ୟର ପ୍ରଶଂସା କରିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ସମ୍ପାଦିକା ଲୋପାମୁଦ୍ରା ନାୟକ ଓ ସାଲେପୁରର ଅତିରିକ୍ତ ତହସିଲଦାର ଶିଶିର କୁମାର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୭୯୧୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ରକ୍ତ ପରୀକ୍ଷା, ଇସିଜି, ଏକ୍ସ-ରେ ଏବଂ ଔଷଧ ପ୍ରଦାନ କରାଯାଇଥିଲା। କିମ୍ସ ମେଡିକାଲର ୨୨ଟି ବିଭାଗର ୬୫ ଜଣ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ଓ ୧୫୧ ଜଣ ପାରାମେଡିକାଲ କର୍ମଚାରୀ ଏହି ସେବା କାର୍ଯ୍ୟରେ ନିୟୋଜିତ ଥିଲେ। ବିଶେଷ କରି ଚର୍ମରୋଗ ବିଶେଷଜ୍ଞ ଡାକ୍ତର ହେମନ୍ତ କର, ଅସ୍ଥିମଜ୍ଜା ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ପ୍ରଧାନ ଏବଂ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ ଦାଶଙ୍କ ପରି ବରିଷ୍ଠ ଚିକିତ୍ସକମାନେ ରୋଗୀମାନଙ୍କୁ ପରାମର୍ଶ ଦେଇଥିଲେ। କିମ୍ସର ଉପ-ଅଧୀକ୍ଷକ ଡାକ୍ତର ହରିଶ ଚୌଧୁରୀ ଓ ଉପ-ନିର୍ଦ୍ଦେଶକ ଦେବାଶିଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କଟକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀମାନେ ରୋଗୀଙ୍କ ସହାୟତା ପାଇଁ ନିୟୋଜିତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ବହୁ ଯୁବ ସଂଗଠକଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ଆଠଗଡ଼ ମହୋତ୍ସବର ପଞ୍ଚମ ସନ୍ଧ୍ୟା

## ସୌଜନ୍ୟା ରଥଙ୍କ ସଙ୍ଗୀତରେ ଦର୍ଶକ ବିଭୋର




ଆଠଗଡ଼,୨୨।୧୨(ସମିସ): ଆଠଗଡ଼ ମହୋତ୍ସବ-୨୦୨୫ର ପଞ୍ଚମ ଦିବସ ସନ୍ଧ୍ୟା ସମ୍ପୂର୍ଣ୍ଣ ରୂପେ ସଙ୍ଗୀତମୟ ହୋଇଉଠିଛି। ଆଠଗଡ଼ ମାଟିର ଝିଅ ତଥା ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ସୌଜନ୍ୟା ରଥ ଓ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ପରିବେଷିତ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ଆନନ୍ଦିତ କରିଛି। ସୌଜନ୍ୟା ପ୍ରଥମ ଥର ପାଇଁ ନିଜ ଜନ୍ମମାଟିରେ ସଙ୍ଗୀତ ପରିବେଷଣ କରୁଥିବାରୁ ତାଙ୍କୁ ଦେଖିବା ଓ ଶୁଣିବା ପାଇଁ ମହୋତ୍ସବ ପଡ଼ିଆରେ ଅସମ୍ଭବ ଜନଗହଳି ପରିଲକ୍ଷିତ ହୋଇଥିଲା। ମହୋତ୍ସବର ପରିଚାଳନା କମିଟି ଉପଦେଷ୍ଟା ତଥା ବିଜେପିର ବରିଷ୍ଠ ନେତା ଅଭୟ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ କଟକ ସଦର ବିଧାୟକ ପ୍ରକାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମହୋତ୍ସବର ଆବାହକ ଫଣିଭୂଷଣ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରବଳ ଶୀତ ସତ୍ତ୍ୱେ ମଧ୍ୟ ଶିଳ୍ପୀଙ୍କ କଣ୍ଠର ଯାଦୁରେ ଦର୍ଶକମାନେ ଶେଷ ପର୍ଯ୍ୟନ୍ତ ବାନ୍ଧି ହୋଇ ରହିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ସୌଜନ୍ୟାଙ୍କୁ ଜନ୍ମମାଟିର ଗୌରବ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଶ୍ଚିନ୍ତକୋଇଲି ଓଏଭି ନିର୍ମାଣ ଦୁର୍ନୀତି ଘଟଣା: କଳା ତାଲିକାଭୁକ୍ତ ହେବେ ଠିକାଦାର

ନିଶ୍ଚିନ୍ତକୋଇଲି,୨୨।୧୨(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ହୋଇଥିବା ଦୁର୍ନୀତି ଘଟଣା ଏବେ ଭିନ୍ନ ମୋଡ ନେଇଛି। ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ହେବା ପରେ ଖୋଦ୍ ଜିଲ୍ଲାପାଳ ଏବେ ଠିକାଦାରଙ୍କ ଉପରେ କ୍ଷୁବ୍ଧ ହୋଇ ତାଙ୍କର ଲାଇସେନ୍ସକୁ କଳା ତାଲିକାଭୁକ୍ତ କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁଧାକର ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ସଂପୃକ୍ତ ଠିକାଦାରଙ୍କ ହେଉଥିବା ଅନ୍ୟ ସ୍ଥାନରେ ନିର୍ମାଣଧୀନ କାର୍ଯ୍ୟଗୁଡିକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଏବଂ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ତଦନ୍ତର ସମସ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ମଧ୍ୟ ସଂପୃକ୍ତ ଯନ୍ତ୍ରୀଙ୍କୁ କହିଥିବା ସୂଚନା ଦେଇଛନ୍ତି। ଆଜି ମାହାଙ୍ଗା ବ୍ଲକର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଦୁର୍ନୀତି ସଂକ୍ରାନ୍ତରେ ସାମ୍ବାଦିକମାନଙ୍କର ବିଭିନ୍ନ ପ୍ରଶ୍ନରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟେ ଭାଉସାହେବ ସିନ୍ଧେ ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଗତ ୨୦୨୧ ମସିହାରୁ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୁଳଗାଁ ଇସାକୋଠାରେ ୩ କୋଟି ୩୫ ଲକ୍ଷ ବ୍ୟୟ ବରାଦରେ ଓଡିଶା ଆଦର୍ଶ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟ ନିର୍ମାଣ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନେ ସଠିକ୍ ତଦାରଖ ନ କରିବା ଏବଂ ଏଥିରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯିବାରୁ ମାତ୍ର ବର୍ଷେ କିମ୍ବା ଦୁଇ ବର୍ଷ ମଧ୍ୟରେ ଘରର କାନ୍ଥ ଫାଟିଯିବା, ଛାତରୁ ପାଣି ଗଳିବା, କାନ୍ଥରୁ ପଲସ୍ତରା ଛାଡିବା ଓ ଚଟାଣରୁ ଟାଇଲ ଉଠି ଭାଙ୍ଗିଯିବା ଆଦି ଦେଖାଯାଇଥିଲା। ଏଭଳି ହେବା ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢିବାରେ ସମସ୍ୟା ଉପୁଜିଥିଲା ବେଳେ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି ନିମ୍ନମାନର କାର୍ଯ୍ୟକୁ ତଦନ୍ତ କରିବା ପାଇଁ ମାହାଙ୍ଗାର ବର୍ତ୍ତମାନର ବିଧାୟକଙ୍କ ସମେତ ପୂର୍ବତନ ବିଧାୟକ ତଥା କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଅର୍ଥାତ୍ ତିନି ଦଳ ପକ୍ଷରୁ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଯୋର ଧରିଥିଲା। ଇତି ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀମାନେ ଏହି ବିଦ୍ୟାଳୟକୁ ଆସି ବିଭିନ୍ନ ତଦନ୍ତ କରିଥିଲେ ମଧ୍ୟ ଅଦ୍ୟାବଧି ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଜନସାଧାରଣଙ୍କ ପଞ୍ଜିଭୂତ ଅସନ୍ତୋଷକୁ ଭିତ୍ତି କରି ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ଖୋଦ୍ ଜିଲ୍ଲାପାଳ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେଉଥିବା ଜଣାଯାଇଛି। ସଂପୃକ୍ତ ଠିକାଦାରଙ୍କର ବିଲ୍ ବନ୍ଦ୍ କରିବା ସହିତ ତାଙ୍କର ଲାଇସେନ୍ସକୁ କଳାତାଲିକାଭୁକ୍ତ କରିବା ପାଇଁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ଆଜି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ସକାଳ THE SAKALA



## ଆୟୁଷ୍ମାନ ବେହେରାଙ୍କୁ ଶ୍ରେଷ୍ଠ ଷ୍ଟାର୍ଟଅପ୍ ପୁରସ୍କାର



**କାକଟପୁର/ବାଙ୍ଗୁରିଗାଁ,୨୨।୧୨(ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିକ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଯୁଗ୍ମ ଆୟୋଜନରେ ଓଡ଼ିଶା ସରକାରଙ୍କ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ 'ଅମୃତପୀଢ଼ି ଛାତ୍ର ଗ୍ଲୋବାଲ୍ ସମ୍ମିଳନୀ-୨୦୨୫'ରେ ପୂର୍ବତନ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର ୧ର ଛାତ୍ର ଆୟୁଷ୍ମାନ ବେହେରା ତାଙ୍କର ନବୀନ ଷ୍ଟାର୍ଟଅପ୍ ଓ ଉଦ୍ଭାବନାତ୍ମକ ପ୍ରୟାସ ପାଇଁ 'ଶ୍ରେଷ୍ଠ ଷ୍ଟାର୍ଟଅପ୍ / ନବଉଦ୍ଭାବନ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ପ୍ରକଳ୍ପଟି ଡ. ଦେବବ୍ରତ ଗିରି, ଡ. ସୁଧାଂଶୁ ରଞ୍ଜନ ଦାସ, ଡ. ରାଜେଶ କୁମାର ବେହେରା (ପିତା ଓ ଗାଇଡ୍), ଡ. ସନ୍ତୋଷ କୁମାର ସାହୁଙ୍କ ଦିଗ୍‌ଦର୍ଶନରେ ସଫଳତାର ସହିତ ସମ୍ପାଦିତ ହୋଇଥିଲା। ଆୟୁଷ୍ମାନଙ୍କ ସଫଳତା ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ବୋଲି ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ କହିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବରେ ଉଭୟ ବିଶ୍ୱବିଦ୍ୟାଳୟର ମହାନୁଭବ କୁଳପତି ଏବଂ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ କି, ଶ୍ରୀ ବେହେରାଙ୍କ ଘର ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଜଳେଶ୍ୱରପଡ଼ା ପଞ୍ଚାୟତ ବାଲିସିରିଆ ଗ୍ରାମରେ। ଏହି କୃତକାର୍ଯ୍ୟ ନିମନ୍ତେ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

## ଆସନ୍ତା ୨୫ରୁ ନିମାପଡ଼ା ମହୋତ୍ସବ



**ନିମାପଡ଼ା,୨୨।୧୨(ସମିସ):** ନିମାପଡ଼ାସ୍ଥିତ ଟାଉନ୍ ହଲ୍ ପରିସରରେ ୨୫ତମ ନିମାପଡ଼ା ମହୋତ୍ସବ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହେଲ୍ପଲାଇନ୍ ଓ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ବିଭାଗ ସହଯୋଗରେ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଧୂମ୍‌ଧାମରେ ପାଳିତ ଅନୁଷ୍ଠିତ ହେବ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାଂସଦଙ୍କ ନିମାପଡ଼ା ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ହେଲ୍ପଲାଇନ ସଭାପତି ଅକ୍ଷୟ କୁମାର ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ, ହେଲ୍ପଲାଇନ୍ ଉପଦେଷ୍ଟା ଭବାନୀ ଶଙ୍କର ନନ୍ଦ, ରମାକାନ୍ତ ବେହେରା, ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତିଭୂଷଣ ଜେନା, ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି।

## +୨ କଳା ବିଭାଗ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**ଗୋପ,୨୨।୧୨(ସମିସ):** ରବିବାର ଗୋପ ବ୍ଲକ୍ ଅଧୀନ ବେଗୁନିଆ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଜାଗୁଳାଇଙ୍କ ପୀଠରେ ଗୋପ କଲେଜ ୨୦୦୮ ମସିହା +୨ କଳା ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଏହି ବନ୍ଧୁ ମିଳନରେ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ସ୍ମୃତି ବଖାଣିଥିଲେ। ମା'ଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ଆଗାମୀ ଦିନରେ ବନ୍ଧୁତାକୁ କିପରି ନିବିଡ଼ କରିବା ସହ ଅସମୟରେ ବନ୍ଧୁମାନଙ୍କର ସହଯୋଗ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିଭାରଞ୍ଜନ ଦାସ, ସନ୍ତୋଷ ପାତ୍ର, ଉଗ୍ରସେନ ପୃଷ୍ଟି, ଅମୟରଞ୍ଜନ ମହାପାତ୍ର, ଦୀପକ ପୋଲେଇ, ଦୀପ୍ତିରେଖା ପାତ୍ର, ଲିକିନା ପ୍ରଧାନ, ଦୀପ୍ତିମୟୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ନରସିଂହପୁର ମାଇନର କେନାଲ ପାଲଟିଛି ନର୍ଦ୍ଦମା

**ନୟାହାଟ,୨୨।୧୨(ସମିସ):** ଚାଷ ଜମିକୁ ଖରା, ବର୍ଷା ଓ ଶୀତ ଦିନରେ ଜଳସେଚନ ବିଭାଗ ପକ୍ଷରୁ ନରସିଂହ ପୁର ମାଇନର କେନାଲରେ ପାଣି ଯୋଗାଇ ଦିଆଯାଇଥାଏ। ଉକ୍ତ ମାଇନର କେନାଲଟି ନୟାହାଟ ବଜାର ଦେଇ ଯାଇଥିବାରୁ କେତେକ ପରିବା ବ୍ୟବସାୟୀ, ମାଛ ବେପାରୀ ଓ ଅନ୍ୟାନ୍ୟ ବ୍ୟବସାୟୀ ଅଳିଆ ଜମା କରିବା ଫଳରେ କେନାଲ ଧୀରେ ଧୀରେ



ପୋତି ହୋଇଗଲାଣି। ପ୍ରତିବର୍ଷ କେନାଲ ସଫା କରିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବାବେଳେ ନରସିଂହପୁର ମାଇନର କେନାଲ ପୋତି ହେବା ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ଜଳସେଚନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ କେନାଲ ପୋତି ଚାଲିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଥିଲେ ଯେ, ଆମେ ବଜାର କମିଟି ହାଟ ମାଲିକମାନଙ୍କୁ ବାରମ୍ବାର କହିବା ସତ୍ତ୍ୱେ ମାନୁ ନ ଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ୩ୟ ଶ୍ରେଣୀ ମେଧାବୃତ୍ତି ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ

# ପରୀକ୍ଷା ବାତିଲ୍ କରି ପୁନଃ ତାରିଖ ନିର୍ଦ୍ଧାରଣ ପାଇଁ ଦାବି

**ଡେଲାଙ୍ଗ,୨୨।୧୨(ସମିସ)**



ପରୀକ୍ଷା ପୂର୍ବରୁ ୩ୟ ଶ୍ରେଣୀ ମେଧାବୃତ୍ତି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେଣୁ ଚାଲିଥିବା ପରୀକ୍ଷାକୁ ବାତିଲ୍ କରି ପୁନର୍ବାର ପରୀକ୍ଷା କରାଇବା ନିମନ୍ତେ ତାରିଖ ନିର୍ଦ୍ଧାରଣ କରାଯିବା ସହିତ ଏଭଳି କାଣ୍ଡ ଘଟାଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବି କରିଛନ୍ତି।

ଘଟଣା ଅନୁଯାୟୀ, ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍‌ର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ମେଧାବୃତ୍ତି ନିମନ୍ତେ ଉତ୍ତୀର୍ଣ୍ଣ ହୋଇଥିବା ୩ୟ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧାବୃତ୍ତି ପରୀକ୍ଷା ଦେବା ପାଇଁ ଆସିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ ଓ ରାଧାକାନ୍ତ ବିଦ୍ୟାପୀଠ ପ୍ରମୁଖ ୨ଟି ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରାଯାଇଥିବା ବେଳେ ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ନିୟନ୍ତ୍ରଣ କରୁଥିବା ଜଣାପଡ଼ିଛି। ବେରବୋଇରେ ୧୧୬ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିଲାବେଳେ ସେଠାକୁ ୧୨୭ଟି ପ୍ରଶ୍ନପତ୍ର ଆସିଥିଲା। ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ୨ଘଣ୍ଟା ପିଲାମାନେ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ସକାଳ ୯ଟାରେ ପିଲାମାନେ ବିଦ୍ୟାଳୟ ଫାଟକ ଭିତରକୁ ପ୍ରବେଶ କରିବା ପରେ ଅଭିଭାବକମାନେ ବାହାରେ ପିଲାଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ପରେ ପରୀକ୍ଷା ଆରମ୍ଭ ଘଣ୍ଟି ୧୧ଟାରେ ବାଜିବାରୁ ଅଭିଭାବକଙ୍କ ସନ୍ଦେହ ଘନେଇଥିଲା। ଏନେଇ ପଚରାଉଚରା କରିବାରୁ ପ୍ରଶ୍ନପତ୍ର ଆବଶ୍ୟକତାଠାରୁ କମ୍ ଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଥିଲା। ୧୧୬ ପିଲାଙ୍କ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୧୨୭ଟି ପ୍ରଶ୍ନପତ୍ର ଆସିଥିବା ପ୍ୟାକେଟ୍‌ରେ ଲେଖାଥିଲେ ମଧ ସେଥିରୁ ୧୦୬ଟି ପ୍ରଶ୍ନପତ୍ର ବାହାରିଥିଲା। ତେବେ ୧୦ଟି ପ୍ରଶ୍ନପତ୍ର କମ୍ ଥିବାରୁ ପରୀକ୍ଷା ଆରମ୍ଭ ହେବାରେ ୧ ଘଣ୍ଟା ବିଳମ୍ବ ଘଟିଥିବାବେଳେ ପିଲାମାନେ ୪ ଘଣ୍ଟା ଧରି ଭୋକ ଉପାସରେ ପରୀକ୍ଷା କେନ୍ଦ୍ରରେ ବସିରହିଥିଲେ। ଅଭିଭାବକମାନେ ଏହା ଜାଣିବା ପରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ହୋହଲ୍ଲା କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ପରୀକ୍ଷା ପୂର୍ବରୁ ବୃତ୍ତି ପାଇବା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ଓ ଚାଲିଥିବା ପରୀକ୍ଷା ଏକ ପ୍ରହସନ ବୋଲି ଅଭିଭାବକମାନେ ଅଭିଯୋଗ କରିଥିଲେ। ସେହିଭଳି ରାଧାକାନ୍ତ ବିଦ୍ୟାପୀଠରେ ୧୦୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୮ ଜଣ ଉପସ୍ଥିତ ଥିବାବେଳେ ଜଣେ ଅନୁପସ୍ଥିତ ଥିଲେ। ସେଠାରେ ମଧ ୧୨ଟି ପ୍ରଶ୍ନପତ୍ର କମ୍ ଥିବା ଜଣାପଡ଼ିଥିଲା। ହେଲେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ଯୋଗାଯୋଗ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ତୁରନ୍ତ ୧୨ଟି ପ୍ରଶ୍ନପତ୍ର ଜେରକ୍ସ କରି ପିଲାଙ୍କୁ ଦେଇଥିଲେ। ଫଳରେ ଠିକ୍ ସମୟରେ ପରୀକ୍ଷା ଆରମ୍ଭ ଓ ଶେଷ ହୋଇଥିଲା। ଅନ୍ୟପଟେ ୨ଟି କେନ୍ଦ୍ରରୁ ମୋଟ୍ ୨୨ଟି ପ୍ରଶ୍ନପତ୍ର କମ୍ ଥିବାବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଏଭଳି ସମ୍ବେଦନଶୀଳ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚଳିତ ପରୀକ୍ଷାକୁ ବାତିଲ୍ କରି ପୁନର୍ବାର ପରୀକ୍ଷା କରାଇବା ନିମନ୍ତେ ତାରିଖ ନିର୍ଦ୍ଧାରଣ କରିବାକୁ ଦାବି ହୋଇଛି। ଏନେଇ ଅଭିଭାବକ ବିଭୂତିଭୂଷଣ ଦାସ, ହେମନ୍ତ ସ୍ୱାଇଁ, ପ୍ରଦୀପ ମୁଦୁଲି, ବାସୁଦେବ ଭୋଳ, ରଞ୍ଜିତ ମହାପାତ୍ର, ଶରତ ପ୍ରଧାନ, ପ୍ରଶାନ୍ତ କୁଣ୍ଡୁ ପ୍ରମୁଖ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ବେରବୋଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସେହିପରି କୃଷ୍ଣପ୍ରସାଦ ବ୍ଲକ୍‌ରେ ମଧ କେତୋଟି ବିଦ୍ୟାଳୟରେ ପ୍ରଶ୍ନପତ୍ର ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି।

## ତୃତୀୟ ବୃତ୍ତି ପରୀକ୍ଷା ଦେଲେ ୨୬୮ ଛାତ୍ରଛାତ୍ରୀ

**କଣାସ,୨୨।୧୨(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଦୁଇଟି ପରୀକ୍ଷା କେନ୍ଦ୍ରରେ ୨୬୮ ଜଣ ଛାତ୍ରଛତ୍ରୀ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେଇଥିବା ଜଣାପଡ଼ିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନ ପରୀକ୍ଷା କେନ୍ଦ୍ରରେ ୧୧୬ ଜଣ ଛାତ୍ରଛତ୍ରୀ ପରୀକ୍ଷା ଦେଇଛନ୍ତି। ୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁରେଖା ମହାପାତ୍ର ପରୀକ୍ଷା ପରିଚାଳନା କରିଥିବାବେଳେ ଜଙ୍କିଆ ଗଡ଼ସାହି ବିଦ୍ୟାନିକେତନରେ ପ୍ରଧାନଶିକ୍ଷକ ବିଭୂତିଭୂଷଣ ମହାପାତ୍ର ପରୀକ୍ଷା ପରିଚାଳନା କରିଥିଲେ। କଣାସ ବ୍ଲକ୍ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା, ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା ଦୁଇକେନ୍ଦ୍ରରେ ଉପସ୍ଥିତ ଥିଲେ।

## ପ୍ରଦୀପ୍ତ ମେମୋରିଆଲ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ

**କଣାସ,୨୨।୧୨(ସମିସ):** କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର କଣାସ ବସ୍‌ଷ୍ଟାଣ୍ଡଠାରେ ସୋମବାର ପ୍ରଦୀପ୍ତ ମେମୋରିଆଲ ରାତ୍ରକାଳୀନ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସମାଜସେବୀ ଆଶିଷ କୁମାର ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କଣାସର ପୂର୍ବତନ ସରପଞ୍ଚ ପ୍ରଶନ୍ନ କୁମାର ସେଠୀ, ସମାଜସେବୀ ବିରଞ୍ଚି ନାୟକ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶ୍ରଗହଣ କରିବେ। ରେଫରି ଭାବେ ଶୁଶିଲ୍ ଭାରିମଲ ଓ ବିଭୂତିଭୂଷଣ ରାଉତ ଖେଳ ପରିଚାଳନା କରୁଛନ୍ତି।

## ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଅଭିଯାନ

**କୃଷ୍ଣପ୍ରସାଦ,୨୨।୧୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସାତପଡ଼ାସ୍ଥିତ ପଞ୍ଚାୟତ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ସଂକଳ୍ପ ଯାତ୍ରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରେରିତ କାର୍ଯ୍ୟକ୍ରମ ଡିସେମ୍ବର ୧୫ରୁ ୨୨ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସଚେତନତା କରିବା ସହିତ ବିକଶିତ ଭାରତ ପଥରେ ଏହାର ଆବଶ୍ୟକତା ରହିଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରକାଶ କୁମାର ଜେନା ମତବ୍ୟକ୍ତ କରିଥିଲେ। ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର ଏବଂ ପାରମ୍ପରିକ ସାମଗ୍ରୀର ପୁନଃ ବ୍ୟବହାର ସଂରକ୍ଷଣକୁ ଡ. ଜେନା ଗୁରୁତ୍ୱାରୋପ କରିଥିଲେ। ଏହି ସଚେତନତା ବାର୍ତ୍ତାରେ ସ୍ୱଦେଶୀ ସଂକଳ୍ପ ପତ୍ର ସଭାଗୃହରେ ପାଠ କରାଯିବା ସହିତ କର୍ମଚାରୀ ଓ ଛାତ୍ରଛାତ୍ରୀ ଶପଥପାଠ କରିଥିଲେ। ଅଧାପକ ପ୍ରସନ୍ନ କୁମାର ସାହୁ ଓ ପ୍ରତାପ ଚନ୍ଦ୍ର ଦଳାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଚାରିଛକ ପ୍ରେସ୍ କ୍ଲବ୍‌ର ୫ମ ବାର୍ଷିକ ଉତ୍ସବ



**ଚାରିଛକ,୨୨।୧୨(ସମିସ):** ଚାରିଛକ ନିକଟସ୍ଥ ମା' ବିଳାଶୁଣୀ କଲ୍ୟାଣ ମଣ୍ଡପ ପରିସରରେ ଚାରିଛକ ପ୍ରେସ୍ କ୍ଲବ୍‌ର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଇଂ ଶ୍ରୀସନ୍ୟାସୀ ଜି, ସମ୍ମାନିତ ଅତିଥିଭାବେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରଫେସର ଗୋପୀନାଥ କର, ଉପଦେଷ୍ଟା ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ଅଡ଼ଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ସାଂସଦଙ୍କ ନିମାପଡ଼ା ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ, କ୍ଲବ୍‌ର ଉପଦେଷ୍ଟା ସନାତନ ପାତ୍ର, ଚନ୍ଦ୍ରକାନ୍ତ ଦଳାଇ(ଆଇଆର୍‌ଏସ୍), ବରିଷ୍ଠ ନାଗରିକ ମଞ୍ଚର ସଭାପତି କାହ୍ନୁ ଚରଣ ବେହେରା, ଛଣିଜଙ୍ଗ ଗ୍ରାମ ପଞ୍ଚାୟତ ସଭାପତି ଅଜୟ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ସାମ୍ବାଦିକମାନେ ହେଉଛନ୍ତି ଜାଗ୍ରତ ପ୍ରଭାରୀ, ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାର ଦୃଷ୍ଟି ଦେବାକୁ ମୁଖ୍ୟ ଅତିଥି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବନବିହାରୀ ଦାଶ, ଅର୍ଜୁନ ପାତ୍ର, କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ବିଶ୍ୱପ୍ରାର୍ଥନା ଦିବସ ଟ୍ରଷ୍ଟର ଅଧ୍ୟକ୍ଷ ପଣ୍ଡିତ ମୂରଲୀଧର ଭାରତ, ଜୟନ୍ତ କୁମାର ସେଠୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରେସ୍ କ୍ଲବ୍ ତରଫରୁ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ ସହ ପ୍ରେସ୍ କ୍ଲବ୍ ମୁଖପତ୍ର ଲେଖନୀର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ନିରାଶ୍ରୟ ସେବାଶ୍ରମ ଓ ଚାରିଛକ ପ୍ରେସ୍ କ୍ଲବ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ପ୍ରେସ୍ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ସଂଗଠନ ସମ୍ପାଦକ ବିଜୟ ବେହେରା, ମିଡିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ସହ ସମ୍ପାଦକ ସୁବାସ ଚନ୍ଦ୍ର ସାହୁ, ସହ ସମ୍ପାଦକ ସନ୍ତୋଷ ଦାସ, ବରିଷ୍ଠ ସାମ୍ବାଦିକ ବସନ୍ତ ନାୟକ, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ ସାହୁ, ରାଜେଶ ଲେଙ୍କା, ଶଶୀକାନ୍ତ ତ୍ରିପାଠୀ, କୈଳାସ ପାତ୍ର, ବିନୋଦ ପ୍ରଧାନ, ସରିତାଞ୍ଜଳି ନାୟକ, ରଣଜିତ୍ କାଣ୍ଡି, ପଙ୍କଜ ସ୍ୱାଇଁ, ସୁକାନ୍ତ ପାତ୍ର, ଉମାକାନ୍ତ ଭୋଇଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଡ. କେଦାରନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ



**ସାକ୍ଷୀଗୋପାଳ,୨୨।୧୨(ସମିସ):** ଓଡ଼ିଆ ବିଶ୍ୱବିଦ୍ୟାଳୟ ସତ୍ୟବାଦୀର ସ୍ଥାନୀୟ ପଞ୍ଚସଖା କ୍ରୀଡ଼ା ପ୍ରାଙ୍ଗଣରେ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି।

ଏଥିରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ, ସ୍ନାତକୋତ୍ତର ପରିଷଦର ସଭାପତି ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ଶୁଭେନ୍ଦୁ କୁମାର ପରିଡ଼ା, କ୍ରୀଡ଼ା ସଂଯୋଜକ ଡ. ରାଧାଗୋବିନ୍ଦ କୁଇଲା, ସହ ପରିଚାଳକ ଡ. ଜୟନ୍ତ କୁମାର ପରିଡ଼ା ଓ ସମସ୍ତ ଅଧପାକ/ଅଧାପିକା ଉପସ୍ଥିତ ଥିଲେ। କ୍ରୀଡ଼ା ଆରମ୍ଭରୁ ଉଭୟ ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା ୧୦୦ ମିଟର, ୨୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ୍‌ପୁଟ୍, ଡିସ୍କସ୍ ଥ୍ରୋ, କବାଡ଼ି ଆଦି ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା।

ଛାତ୍ରୀ ବିଭାଗରେ ମାନସୀ ବେହେରା ଓ ଛାତ୍ର ବିଭାଗରେ ରାଜେଶ ନାୟକ ଚାମ୍ପିଅନ୍ ହୋଇଥିଲେ। କ୍ରୀଡ଼ା ପରିଚାଳନାରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟୋଇ ଓ ଶ୍ରୀରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ଦୀପ ତ୍ରିପାଠୀ ସହଯୋଗ କରିଥିଲେ।

## ମହିମା ଆଶ୍ରମ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି

**ଗମ୍ଭାରୀପଦା,୨୨।୧୨(ସମିସ):** ପାଟସୁନ୍ଦର ଗ୍ରାମପଞ୍ଚାୟତ ସହାଦେବସ୍ତ ଗ୍ରାମ ନିକଟସ୍ଥ ବାୟାଁପଡ଼ା ମହିମା ଆଶ୍ରମର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଆସନ୍ତା ଜାନୁଆରୀ ୧୨ ଓ ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବକଳଧାରୀ ବ୍ରହ୍ମ ଅବଧୂତ ନକୁଳ ବାବାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଅଖଣ୍ଡ ଧୂନି, ପ୍ରଦୀପ ଓ ଭଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମହାଡ଼ମ୍ବରରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ନିକଟବର୍ତ୍ତୀ ଗ୍ରାମବାସୀଙ୍କ ସହିତ ପାଟସୁନ୍ଦରପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଚତୁର୍ଭୁଜ ନାୟକ, ନେତ୍ରାନନ୍ଦ ମାଣିକ, ପବିତ୍ର ନାୟକ, ଟ୍ରଷ୍ଟର ସଭାପତି ଯୁଧିଷ୍ଠିର ତରାଇ, ସମ୍ପାଦକ ରତ୍ନାକର ତରାଇ, ନିରଞ୍ଜନ ତରାଇ, ପରମାନନ୍ଦ ସାହୁ, ନବଘନ ସାହୁ, ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ଅଲ୍ ଇଣ୍ଡିଆ ମୂଳନିବାସୀ ମହାସଙ୍ଘ ପକ୍ଷରୁ ଜଳସମ୍ପଦ କାର୍ଯ୍ୟାଳୟ ଘେରାଉ

**ପିପିଲି,୨୨।୧୨(ସମିସ)**




ସୋମବାର ଅଲ୍ ଇଣ୍ଡିଆ ମୂଳ ନିବାସୀ ମହାସଙ୍ଘ ପକ୍ଷରୁ ଦୁଇ ଦଫା ଦାବି ନେଇ ପିପିଲି ଜଳସମ୍ପଦ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଙ୍ଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ପିପିଲି ହାଟ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ପିପିଲି ଜଳସମ୍ପଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରେ ପ୍ରତିବାଦ ସଭା କରିଥିଲେ। ପିପିଲି ଲକ୍ଷ୍ମୀନାରାୟଣପୁରଠାରେ ଜଳସମ୍ପଦ ବିଭାଗ କେନାଲ ଉପରେ ଜନୈକ ବ୍ୟକ୍ତି ବେଆଇନ ଭାବେ ପୋଲ ପକାଇ ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ସହ ବାଲି ଚୋରି କରୁଛନ୍ତି। ତେବେ ବାଲି ମାଫିଆମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଗିରଫ କରିବା ଏବଂ ବାଲି ଚୋରି କରି ପ୍ରଚୁର ଅର୍ଥ କମାଇ ସରକାରଙ୍କୁ ଆୟକର ଦେଉଛନ୍ତି କି ନାହିଁ ଏହାର ଏକ ଭିଜିଲାନ୍ସ ତଦନ୍ତ କରାଯାଉ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସବୁ ଜାଣି ଚୁପ୍ ବସିଥିବା ମହାସଂଘ ଅଭିଯୋଗ କରିଛି। ଅନ୍ୟ ଅଭିଯୋଗ ଡେଲାଙ୍ଗ ବ୍ଲକ୍ ଗଡ଼ ମୋଟରୀ ପଞ୍ଚାୟତ ଗଣ୍ଡପଡ଼ା ଗ୍ରାମର ଶତାଧିକ ବାର୍ଦ୍ଧକ୍ୟ ଭତ୍ତାରେ ଅନିୟମିତତା କରିଥିବା ତତ୍କାଳୀନ ବିଏଲ୍‌ଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

ଏହି ଅବସରରେ ସଂଗଠନ ପକ୍ଷରୁ ଭିଜିଲାନ୍ସ ଡିଜିପିଙ୍କ ଉଦେଶ୍ୟରେ ଦୁଇ ଦଫା ଦାବିପତ୍ର ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ଯଦି ଆଗାମୀ ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହୁଏ, ତେବେ ଭୁବନେଶ୍ୱର ବିଭାଗୀୟ ଚିଫ୍ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀଙ୍କ ସହ ବହୁ ନେତୃବୃନ୍ଦ ସାମିଲ୍ ହୋଇଥିଲେ।

## ପିପିଲି ଓଭରବ୍ରିଜ୍ ନିକଟରୁ ଜବରଦଖଲ ଉଚ୍ଛେଦ

**ପିପିଲି,୨୨।୧୨(ସମିସ):** ସରକାରଙ୍କ ନିର୍ଦ୍ଦେଶରେ ବେଆଇନ ଦଖଲ ଉପରେ ଚାଲିଲା ବୁଲ୍‌ଡୋଜର୍। ପିପିଲି ଆମ୍ବେଦକର ଛକ ତଥା ଓଭରବ୍ରିଜ୍ ନିକଟ ଅଞ୍ଚଳରେ ଥିବା ଗୋଚର ଜମି ଓ ୩୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢ଼ି ଉଠିଥିବା ବେଆଇନ ଅସ୍ଥାୟୀ ଘର ଓ ଦୋକାନକୁ ସୋମବାର ସ୍ଥାନୀୟ ତହସିଲ୍‌ଦାରଙ୍କ ଉପସ୍ଥିତିରେ ଭାଙ୍ଗି ଦିଆଯାଇଛି। ଏହି ସବୁ ଅଞ୍ଚଳ ଜବରଦଖଲରେ ଥିବା ଯୋଗୁଁ ରାସ୍ତା ସଂକୁଚିତ ହୋଇ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଘଟି ଧନଜୀବନ କ୍ଷତି ଘଟୁଥିଲା। ଏହା ଏକ ପ୍ରମୁଖ ସ୍ଥାନ ଯଥା- ବାମକୁ ଗଲେ ଅସ୍ତରଙ୍ଗ, କାକଟପୁର ଓ କୋଣାର୍କ, ସିଧା ଗଲେ ପୁରୀ, ସାତପଡ଼ା ଓ ଚିଲିକା ଏବଂ ଦକ୍ଷିଣକୁ ବିଶ୍ୱ ପ୍ରସିଦ୍ଧ ପିପିଲି ଚାନ୍ଦୁଆ ବଜାର ରହିଛି। ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ଯାତାୟାତ ଯୋଗୁଁ ରାସ୍ତା ଗହଳି ରହୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ପ୍ରଶାସନ ପକ୍ଷରୁ ଏହି ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇଛି। ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ୪ ଜଣ ପୁଲିସ ଅଧିକାରୀଙ୍କ ସମେତ ୪ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲା।

## ଆସନ୍ତା ୪ରୁ ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ୍ କପ୍



**ନିମାପଡ଼ା,୨୨।୧୨(ସମିସ):** ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା କ୍ରିକେଟ୍ କପ୍-୨୦୨୬ ଆସନ୍ତା ଜାନୁଆରୀ ୪ ତାରିଖରୁ ଆରମ୍ଭ ହେବ ବୋଲି ସ୍ଥାନୀୟ ସାଇଲୋଟସ୍ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଅକ୍ଷୟ କୁମାର ବେହେରା ସୂଚନା ଦେଇଛନ୍ତି। ୩୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୮ଟି ଟିମ୍ ଭାଗ ନେବେ। ୪ ତାରିଖ ପ୍ରଥମ ଦିନରେ ପାଇନର ସ୍ପୋର୍ଟିଂ ପୁରୀ ସହିତ ପାରାମାଇଣ୍ଟ ସ୍ପୋର୍ଟିଂ ଭୁବନେଶ୍ୱର, ୫ରେ ପ୍ରଗତୀ ସ୍ପୋର୍ଟିଂ ଭୁବନେଶ୍ୱର ସହିତ ସୋଲାର କ୍ରିକେଟ୍ କ୍ଲବ୍ କଟକ, ୬ରେ ପ୍ରଥମ ସେମି ଫାଇନାଲ, ୭ରେ କେଡିସିଏ ଖୋର୍ଦ୍ଧା ସହିତ ଏନ୍‌ଏଏ ନିମାପଡ଼ା, ୮ରେ ପାରାଦ୍ୱୀପ କ୍ରିକେଟ କ୍ଲବ୍ ସହିତ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର, ୯ରେ ଦ୍ୱିତୀୟ ସେମି ଫାଇନାଲ, ୧୦ରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଏବଂ ୧୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚାମ୍ପିଅନ ଦଳକୁ ୫୦ ହଜାର ସହ ବିଜେତା ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ବରାଳ, ଆଶୁତୋଷ ରାୟ, ମାନସ ବେହୁରା, ନିର୍ମଳ କୁମାର ମିଶ୍ର, ଅଭିନନ୍ଦନ ପାତ୍ର, ବିଶ୍ୱଜିତ୍ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



■ ମନରେଗା ନାମ ପରିବର୍ତ୍ତନ

# ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ




ଗୁଣୁପୁର, ୨୨।୧୨(ସମିସ): ମିଳିତ ବାମପନ୍ଥୀ ପାର୍ଟୀ, ସିପିଆଇ ଏମଏଲ୍ ଲିବରେସନ, ସିପିଆଇ (ଏମ୍), ସିପିଆଇ, ଏଆଇଏଫ୍‌ବି ତରଫରୁ ଜି - ରାମ - ଜି ବିଲ ପ୍ରତ୍ୟାହାର ଦାବି ନେଇ ଗୁଣପୁର ନୂଆ ବସଷ୍ଟାଣ୍ଡ ଠାରୁ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମୋଦୀ ସରକାର ପାର୍ଲାମେଣ୍ଟରେ ଅଗଣତାନ୍ତ୍ରିକ ଭାବେ ଜି - ରାମ - ଜି, କଳା ବିଲ ଆଣିଛନ୍ତି । ଏହା ଦ୍ୱାରା ମନରେଗା ଯୋଜନାରେ ଯୋଗାଇ ଦେଉଥିବା "କାମ କରିବାର ଆଇନଗତ ଅଧିକାର" ଶେଷ ହୋଇଯିବ ବୋଲି କୁହାଯାଇଛି। କାର୍ଯ୍ୟ ଦିବସକୁ ବର୍ଷକୁ ୧୦୦ ଦିନ ନୁହେଁ ୨୦୦ ଦିନ, ଦୈନିକ ୬୦୦ ମଜୁରୀ ସହ ଜବ କାର୍ଡ ଯୋଗାଇ ଦେବା ପାଇଁ ସିପିଆଇ (ଏମଏଲ) ଲିବରେସନ ର ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ବକ୍ତବ୍ୟରଖିଥିଲେ। କାର୍ଯ୍ୟକ୍ରମରେ ଅନାସିମ ଶବର, କୈଳାସ ଶବର, ରାଜେନ୍ଦ୍ର ମାଝୀ, ଅନିରୁଦ୍ଧ ନିଶିକା, ତ୍ରିପତି ମୁଟୁକା, କିଲାକା ଯୋତି, ପତକା ପ୍ରେମା, ତୁଳସା ନିମାଲା, ଯକ୍ଷ୍ୟ ଲିମା, ମାଳତି ପାଲକା, ଗିରି ପତକା, ଏସନ ମଣ୍ଡାଙ୍ଗି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସିପିଆଇ (ଏମଏଲ) ଲିବରେସନ ରାୟଗଡା ଜିଲ୍ଲା କମିଟି ସମ୍ପାଦକ ତିରୁପତି ଗମାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ୧୦ ଜଣଙ୍କୁ ଜମିପଟ୍ଟା ବଣ୍ଟନ

ରାୟଗଡ଼ା,୨୨।୧୨(ସମିସ):




ରାୟଗଡ଼ା ଜିଲ୍ଲା ସଦର ବ୍ଲକର ପିପିଲଗୁଡା ପଞ୍ଚାୟତର ଜାଙ୍ଗିଲି ଗ୍ରାମରେ ସୋମବାର ଦିନ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ୱାସ୍ଥ୍ୟ ଅଧିକାରୀ ଡଃ ସୁନୀଲ ପ୍ରାସାଦ ମହାପତ୍ର, ସହକାରୀ ପ୍ରାଣୀଧନ ଅଧିକାରୀ ଡଃ ସୁବ୍ରତ ପାଣିଗ୍ରାହୀ, ଏବିଡିଓ କାଳୁଚରଣ ନାୟକ, ଭାରପ୍ରାପ୍ତ ସିଡିପିଓ ନଳିନୀ ବୈରାଗୀ, ଏବିଇଓ ବଳରାମ ହୁଇକା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ପିପଲଗୁଡା ନାଏବ ସରପଞ୍ଚ ସୀନା ଜିଲାକାରା, ଖ ଜୋନର ଜିଲ୍ଲା ପରଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗୀ, ଡାଙ୍ଗଲୋଡି ସମିତି ସଭ୍ୟ ଅଜିତ ମାଣ୍ଡାଙ୍ଗୀ, କାରୁବାଇ ସମିତିସଭ୍ୟ ସୁଖଦେବ ସାରାକା, ପିପଲଗୁଡା ସମିତି ସଭ୍ୟ ଅନନ୍ତ ପୁଆଲା ପ୍ରମୁଖ ଯୋଗ ଦେଇ ନିଜ ମତ ରଖିଥିଲେ। ମୋଟ ୧୯ ଗୋଟି ଅଭିଯୋଗ ଆସିଥିଲା। ବ୍ୟକ୍ତିଗତ ଅଭିଯୋଗ ଆବାସ, ଭତ୍ତା ସମ୍ପର୍କିତ ହୋଇଥିବାରୁ ବିହିତ ପଦକ୍ଷେପ ନିମନ୍ତେ ସଂପୃକ୍ତ ଉପ ବିଭାଗକୁ ହସ୍ତାନ୍ତର କରାଯାଇଥିବା ବିଡିଓ ସୁଜିତ ମିଶ୍ର କହିଛନ୍ତି। ଉକ୍ତ ବୈଠକରେ ୧୦ ଜଣଙ୍କୁ ବ୍ୟକ୍ତିଗତ ଜମିପଟ୍ଟା, ଚାରିଜଣଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ, ପାଞ୍ଚଜଣଙ୍କୁ ମନରେଗା ଜବକାର୍ଡ ଏବଂ ତିନୋଟି ଏସଏଚଜିଙ୍କୁ ଜୀବିକା ମିଶନ ତରଫରୁ ପଚାଶ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ମା' ସନ୍ତୋଷୀ କଳା ପରିଷଦ ତରଫରୁ ବାଲ୍ୟ ବିବାହ ଓ ଅନ୍ଧବିଶ୍ୱାସ ନିରୋଧ ସମ୍ପର୍କିତ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ କରାଯାଇଥିଲା। ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ମନୋଜ ଜିଲାକାରା, ରୀତାଶ୍ରୀ ପଲେଇ ସମେତ ପିପଲଗୁଡା ଯୁବକସଙ୍ଘ ଓ ବ୍ଲକ କର୍ମକର୍ତ୍ତାଗଣ ଆୟୋଜନରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବୈପାରିଗୁଡ଼ା,୨୨।୧୨(ସମିସ): ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଦୋରାଗୁଡା ଗ୍ରାମର ବନମାଳୀ ପାଙ୍ଗି (୨୫) ଅନ୍ୟ ଦୁଇ ସାଙ୍ଗଙ୍କ ସହ ଏକ ବାଇକ୍‌ରେ ଅପରାହ୍ନ ୪ଟା ବେଳେ ନିଜ ଗାଁରୁ କାନ୍ଦିଲିବେଡା ଗାଁକୁ କୌଣସି କାମରେ ବାହାରିଥିଲେ। କାନ୍ଦିଲିବେଡା ପହଞ୍ଚିବା ପୂର୍ବରୁ କରଣ ଛକ ବୁଲାଣିରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ତିନି ଜଣ ଛିଟିକି ରାସ୍ତା କଡ଼ରେ ଥିବା ଖାଲରେ ପଡ଼ି ଯାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ହିଁ ବନମାଳୀ ପାଙ୍ଗିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଥିଲା। ବାଇକରେ ଥିବା ଅନ୍ୟ ଦୁଇ ସାଙ୍ଗ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ରାମଗିରି ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ଖବର ପାଇ ରାମଗିରି ଫାଣ୍ଡି ଏଏସଆଇ ବିଷ୍ଣୁ ମାଡକାମି ଘଟଣାସ୍ଥଳରେ ପହଞ୍ଚି ବନମାଳୀଙ୍କ ମୃତଦେହ ଜବତ କରିଛନ୍ତି।

# ନାରାୟଣୀ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜୟପୁର,୨୨।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ନାରାୟଣୀ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍ଥାନୀୟ ଏନ.କେ.ଟି ରୋଡ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଇଥିଲା। ଆଜି ସଂଧ୍ୟାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସୁଚିସ୍ମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜୟପୁର ସହରର ପ୍ରତିଷ୍ଠିତ ମେଡିସନ ବିଶେଷଜ୍ଞ ଡାକ୍ତର କେଦାର ନାଥ ଚୌଧୁରୀ, ସ୍ତ୍ରୀ ଓ ପ୍ରସୁତି ବିଭାଗର ଡା.ଶ୍ରୀଲତା ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକ, ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷା ନାରାୟଣୀ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ଡ.ଅନିକେତ ପଟ୍ଟନାୟକ, ଉପାଧ୍ୟକ୍ଷ ପ୍ରୀୟୁଷ ପଟ୍ଟନାୟକ, ବିଶିଷ୍ଟ ସଂଗୀତଜ୍ଞ ଧିରେନ ମୋହନ ପଟ୍ଟନାୟକ, ଯୁବନେତା ପ୍ରତ୍ୟୁଷ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରିଥିଲେ। ସେହିପରି ବିଭିନ୍ନ କ୍ରୀଡା ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ସମେତ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ପୁରୁସ୍କୃତ କରାଯାଇଥିଲା। ପ୍ରବଳ ଶୀତ ସତ୍ୱେ ଏହି ବାର୍ଷିକ ଉତ୍ସବରେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ମାନେ ବହୁସଂଖ୍ୟାରେ ଯୋଗଦାନ କରିଥିଲେ।

## ଘର ମାଲିକଙ୍କୁ ଆକ୍ରମଣ

ଜୟପୁର,୨୨।୧୨(ସମିସ): ଘର ମାଲିକ ଏବଂ ତାଙ୍କ ପରିବାର ଲୋକଙ୍କୁ ଭଡ଼ାରେ ରହୁଥିବା ପରିବାର ମରଣାନ୍ତକ ଆକ୍ରମଣ କରିବା ସହ ମାଡ ମାରିଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ପାଞ୍ଜିଆଗୁଡା ଅଞ୍ଚଳର ଶ୍ୟାମଘନ ରଥ ଦୀର୍ଘଦିନ ହେଲା ତାଙ୍କ ଘରେ ସିତାରାମ କନ୍ୟାରୀ ନାମକ ପରିବାରକୁ ଭଡା ଦେଇଛନ୍ତି। ଗତକାଲି ମାଲିକ ଶ୍ରୀ ରଥ ଘରଭଡା ମାଗିବା ସହ ଘର ଖାଲି କରିବାକୁ କହିବାରୁ ଅଭିଯୁକ୍ତ ସୀତାରାମ ଏବଂ ତାଙ୍କ ପରିବାର ଅସଭ୍ୟ ଭାଷାରେ ଘରମାଲିକଙ୍କୁ ଗାଳିଗୁଲଜ କରିବା ପରେ ଆକ୍ରମଣ କରିଥିଲେ। ଏହିପରି ଘରମାଲିକଙ୍କ ପତ୍ନୀଙ୍କୁ ଅସଦାଚରଣ କରିଥିବା ବେଳେ ତାଙ୍କ ପୁଅକୁ ଲୁହାଛଡ ମାଡ଼ ମାରି ରକ୍ତାକ୍ତ କରିଛନ୍ତି ଏବଂ ଜୀବନରେ ମାରିବା ନେଇ ଧମକଚମକ ଦେଇଛନ୍ତି। ଏନେଇ ଥାନାରେ ଏତଲାଦେବା ପରେ ଆଜ ସଦର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ନନ୍ଦପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି




ନନ୍ଦପୁର,୨୨।୧୨ (ସମିସ): ନନ୍ଦପୁର ବ୍ଲକ ସହିଦ ଲକ୍ଷ୍ମଣ ନାୟକ ସଭାଗୃହ ପ୍ରକୋଷ୍ଠରେ କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୨ଟି ଅଭିଯୋଗ ଦାଖଲ ହୋଇଥିଲା। ୨ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ ଏଡିଏମ୍ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଡିପିଏଚ୍‌ଓ ଦେବବ୍ରତ ମଲ୍ଲିକ, ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲୁ, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପସ୍ଥିତ ଅଧିକାରୀ ମାନେ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱ ସହ ଶୁଣି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଏମ୍‌ଜିଏନ୍‌ଆରଇଜିଏ ନାମ ପରିବର୍ତ୍ତନ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ




କୋରାପୁଟ,୨୨।୧୨(ସମିସ): କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରୁଥିବା ବିରୁଦ୍ଧରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୋରାପୁଟ ସଦର ମହକୁମାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ ନେତୃତ୍ୱରେ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ପୂର୍ବତନ ବିଧାୟକ ନିମାଇଁ ସରକାର, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସ ଏସସି ସେଲ ଅଧ୍ୟକ୍ଷ ରମେଶ ଖରା, କୋରାପୁଟ ନଗର କଂଗ୍ରେସ ସଭାପତି ଜୟନ୍ତ କଟିମଙ୍କ ସହ ବିଭିନ୍ନ ବ୍ଲକର ସଭାପତି ଏବଂ କର୍ମୀ ମାନେ ଧାରଣା ଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ଏହାପରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମାପ୍ତ କରିବା ଯେଉଁ କେନ୍ଦ୍ର ସରକାର ଯେଉଁ ଭୁଲ ଚିନ୍ତା କରିଛନ୍ତି ତାହା କେବେ ବି ସମ୍ଭବପର ନୁହେଁ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ରୂପକ ତୁରୁକ କହିଛନ୍ତି।

## କୁକୁର କାମୁଡ଼ାରେ ୪ ମହିଳା

ବୈପାରୀଗୁଡ଼ା,୨୨।୧୨(ସମିସ): କୁକୁର କାମୁଡ଼ାର ଶିକାର ହେଲେ ଚାରି ମହିଳା । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ମେଡିକାଲ ଛକରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଗୁରୁତର ଅବସ୍ଥାରେ ଆହତଙ୍କୁ ପ୍ରଥମେ ରାମଗିରି ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ବୈପାରୀଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି । କୁକୁର କାମୁଡ଼ାର ଶିକାର ହୋଇଥିବା ମହିଳାମାନେ ହେଲେ ରାମଗିରି ଗାଁ ବିରଖମ୍ବ ସାହିର ସୋନାଲି ସାଗରିଆ (୧୮), ପାର୍ବତୀ ଚାରିକି(୭୦), ବିଜୟଲକ୍ଷ୍ମୀ ଦାସ (୬୦) ଓ ହୀରାମଣି ମାଝୀ (୭୦)। କୁକୁର ଗୋଟିଏ ଗାଈ ଏବଂ ଗୋଟିଏ ଛେଳିକୁ ମଧ୍ୟ କାମୁଡ଼ିଥିବା ଜଣାପଡ଼ିଛି।

## ସର୍ବଭାରତୀୟ ଯୁବ ଲେଖକ ପ୍ରତିଯୋଗିତାରେ ଜୟପୁର ଝିଅ ପ୍ରଥମ




ଜୟପୁର,୨୨।୧୨(ସମିସ): ସର୍ବଭାରତୀୟ ଯୁବ ଲେଖକ ପ୍ରତିଯୋଗୀତାରେ ଜୟପୁରର ଝିଅ ତେଜସ୍ୱୀ ସାନ୍ତ୍ରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନୂଆଦିଲ୍ଲୀସ୍ଥିତ କାଲିସ୍ତାରିସର୍ଟ ଠାରେ ବ୍ରିଟାନିକା ଏଜୁକେସନ ଇଣ୍ଡିଆ ଦ୍ୱାରା ଆୟୋଜିତ ସର୍ବଭାରତୀୟ ଯୁବଲେଖକ ପ୍ରତିଯୋଗୀତା ୨୦୨୫ କନିଷ୍ଠ ବର୍ଗରେ ଜୟପୁର କେବିଏସଡି ରୋଡ ନିବାସୀ ଗୌରାଙ୍ଗଚରଣ ସାନ୍ତ୍ରାଙ୍କ ନାତୁଣୀ ତଥା ଉତ୍କଳ ସାନ୍ତ୍ରା ଓ ଅଭିତା ସାନ୍ତ୍ରାଙ୍କ ସୁକନ୍ୟା କୁମାରୀ ତେଜସ୍ୱୀ ସାନ୍ତ୍ରା ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଛନ୍ତି। କନିଷ୍ଠ ବର୍ଗରେ ସର୍ବଭାରତୀୟ ସ୍ତରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନଙ୍କରୁ ୮୦ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶେଷ ପର୍ଯ୍ୟାୟରେ ୨୪ଜଣ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ପାଇଁ ନୂଆଦିଲ୍ଲୀ ଆମନ୍ତ୍ରଣ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ତେଜସ୍ୱୀଙ୍କ ପ୍ରଥମସ୍ଥାନ ପାଇଥିବା ଯୋଗୁଁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଦେଶର ପ୍ରଥମ ନାରୀ ଭାବେ ଭାରତୀୟ ପୁଲିସ ସେବା ଅଧିକାରୀ ଡ. କିରଣ ବେଦୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଛାତ୍ରୀ ତେଜସ୍ୱୀ ଡିପିଏସ ବାଙ୍ଗାଲୁରର ପଞ୍ଚମ ଶ୍ରେଣୀ ଛାତ୍ରୀ ଭାବେ ଅଧ୍ୟୟନରତ ଅଛନ୍ତି।

## ଝରିଗାଁରେ ଚକଅଖ ବନ୍ଦ ଡାକରା




ଝରିଗାଁ,୨୨।୧୨(ସମିସ): ଚାଷୀ ମହାସଂଘ ତରଫରୁ ସୋମବାର ଦିନ ଝରିଗାଁ ସଦରମହକୁମା ଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ଯାହାକି ସପ୍ତାହେ ବ୍ୟାପୀ ଚାଲିବ ବୋଲି ଚାଷୀ ମହସଂଘ ଚେତାବନୀ ଦେଇଛନ୍ତି। ଏସିଆ ମହାଦେଶର ସର୍ବାଧିକ ନବରଙ୍ଗପୁର ଜିଲ୍ଲାର ତିନି ବ୍ଲକ ଝରିଗାଁ, ଉମରକୋଟ ଏବଂ ରାଇଘର ବ୍ଲକରେ ମକା ଚାଷ ହେଉଛି। ହେଲେ ଚାଷୀଙ୍କ ପାଇଁ ସରକାର ମକା ମଣ୍ଡି ଖୋଲି ପାରିଲେ ନାହିଁ, ଯାହା ଫଳରେ ଚାଷୀଙ୍କୁ ଉଚିତ୍ ଦରରେ ମକା ବିକ୍ରୟ କରିପାରୁ ନାହାଁନ୍ତି। ରାଜ୍ୟ ସରକାର ଚାଷୀଙ୍କ ଦାବିକୁ ଗୁରୁତ୍ୱ ଦେଇ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରାଯାଇଛି। ଏହି ଅବସରରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ଡାବୁଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା, ମନୋରଞ୍ଜନ ତ୍ରିପାଠୀ, ଲିପିକା ମାଝୀ, ଅଶୋକ କୁମାର ମୁର୍ତ୍ତୀ, ହାରାବତି ଗଣ୍ଡ, ପ୍ରେମା ପାଣ୍ଡେ, ତମ୍ବୁଦାସ ପନକା, ଉଦୟ ନାଥ ନାୟକ, ଅଖିଳ ଭତ୍ରା, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନରସିଂହ ମାଝୀଙ୍କ ସହ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ରହିଛନ୍ତି। ସ୍ଥାନୀୟ ତହସିଲଦାର ସୁମନ୍ତ କୁମାର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କ ସହ ଆଲୋଚନା କରି ଆନ୍ଦୋଳନ ବନ୍ଦ ପାଇଁ ଅନୁରୋଧ କରିଥିଲେ। ଚାଷୀ ମହାସଂଘ ଜିଲ୍ଲାପାଳ ଏଠାରେ ଆସି ଚାଷୀଙ୍କ ସମସ୍ୟାର ସମାଧାନ ତୁରନ୍ତ କରିବା ନେଇ ଲିଖିତ ପ୍ରତିଶ୍ରୁତି ଦେଲେ ଆନ୍ଦୋଳନରୁ ଓହରିବୁ ବୋଲି କହିଥିଲେ।

## ପୁଷ୍‌ପୁନି ଫିଲ୍ମ ଫେଷ୍ଟିଭାଲ୍‌ର ୯ଟି ସିନେମା ପ୍ରଦର୍ଶିତ

ଜୟପୁର,୨୨।୧୨(ସମିସ): ଜୟପୁର ଠାରେ ଚଳିତବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ "ପୁଷପୁନି ୨୦୨୬' ର ପ୍ରଥମ କାର୍ଯ୍ୟକ୍ରମ "ପୁଷପୁନି ଫିଲ୍ମ ଫେଷ୍ଟିଭାଲ' ସ୍ଥାନୀୟ କରସୁଧା ଥିଏଟର ହଲ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜି ସମୁଦାୟ ସ୍ଥାନୀୟ ପ୍ରଯୋଜକଙ୍କ ଦ୍ୱାରା ନିର୍ମିତ ୯ଟି ସିନେମା ପ୍ରଦର୍ଶିତ ହୋଇଥିଲା। ଆଜି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୟଜ୍ୟୋଷ୍ଠ ନାଟ୍ୟ କାଳକାର ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ସିନେମା ପ୍ରଯୋଜକ ସୁଶାନ୍ତ ଅଧିକାରୀ, କୋରାପୁଟିଆ ଫିଲ୍ମ ଡେଭେଲେପମ୍ୟାଣ୍ଟ ସମିତିର ସଭାପତି ରବୀନ୍ଦ୍ର ପାତ୍ର, ସମ୍ପାଦକ ଅମର ମିଶ୍ର, କଳାକାର ରବି ପାତ୍ର. ଜି ମହେଶ ଏବଂ କୋରାପୁଟିଆ କଳା ଓ କଳାକାର ମଞ୍ଚର ସଭାପତି ମନୋଜ ପାତ୍ର, ସମ୍ପାଦକ ଧିରେନ ମୋହନ ପଟ୍ଟନାୟକ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରୁ ପୁଷପୁନି ମଞ୍ଚର ସକ୍ରିୟ ସଦସ୍ୟ ତଥା ସାମ୍ବାଦିକ ସ୍ୱର୍ଗତ ଅଶୋକ ପଲେଇଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା ଶ୍ରୀକାନ୍ତ ଦାଶ କରିଥିବା ବେଳେ ଜୟନ୍ତ ଦାଶ, ପୀୟୁଷ ପଟନାୟକ, ଅନିଲ ପଟନାୟକ ଏବଂ ସତ୍ୟ ରାୟ ପ୍ରମୁଖ ସହଯୋଗ କରିଥିଲେ।

## 'ଇଡିତାଲ'ର ଦ୍ୱିତୀୟ ସନ୍ଧ୍ୟା

ଗୁଣପୁର,୨୨।୧୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡସ୍ତରୀୟ 'ଚଇତି ଇଡିତାଲ' ଉତ୍ସବର ଦ୍ୱିତୀୟ ସାନ୍ଧ୍ୟାରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉପସ୍ଥିତ ରହି ପ୍ରଦର୍ଶନୀ ଷ୍ଟଲ୍ ଗୁଡ଼ିକ ବୁଲି ଦେଖିବା ସହ ସମସ୍ତଙ୍କୁ 'ଚଇତି'ର ଶୁଭକାମନା ଜଣାଇଥିଲେ। ପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉପ ଜିଲ୍ଲାପାଳ ତଥା ଉତ୍ସବ କମିଟିର ଅଧ୍ୟକ୍ଷ ଅଭିଷେକ ଦିଲୀପ ଦୁଧାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଡିଆରଡିଏର ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲୁକ୍କାୟିତ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା 'ଚଇତି' ଏକ ପ୍ରକୃଷ୍ଟ ସ୍ଥାନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଭାମିନି ସ୍ଥିତ ଦ୍ୱିତୀୟ ରିଜର୍ଭ ବାଟାଲିୟନର ଦୂର୍ଗପତି ବ୍ରଜ ମୋହନ ନାୟକ, ଆଇଟିଡିଏ ପିଏ ଅଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ପଦ୍ମପୁର ବିଡ଼ିଓ କୁରେଶ୍ ଜାନି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପଦ୍ମପୁର ବ୍ଲକ ତହସିଲଦାର ସୁଭାସିସ ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଦ୍‌ଘୋଷିକା ବିଦିଶା ଶତପଥୀଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା କରାଯାଇଥିଲା। ପରେ ଚଇତି ମଣ୍ଡପରେ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ମୁଖ୍ୟ ଆକର୍ଷଣ ଥିଲେ ରାୟଗଡାର ମୁନ୍ନା ହିମିରିକାଙ୍କ ଟିମ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ।




● ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ଦେବରାଜ ମିଷ୍ଟର ବୈପାରୀଗୁଡା




ବୈପାରିଗୁଡ଼ା, ୨୨।୧୨(ସମିସ): ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ପରବ ମଣ୍ଡପରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୨୦୨୬ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ପୂର୍ବତନ ଜିଲ୍ଲା ପରିଷଦ ବଙ୍ଗୁ ଧଳ, ଚନ୍ଦ୍ର ଶେଖର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତା ବୈପାରିଗୁଡାର ଷ୍ଟାଲିଅନ କ୍ଲାସିକ୍ ଜିମ୍ ପକ୍ଷରୁ ଅନୁଷ୍ଠିତ ହୋଇଥିବା ବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ୬୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବୈପାରିଗୁଡା ଷ୍ଟାଲିଅନ କ୍ଲାସିକ୍ ୨୦୨୬ର ଚାମ୍ପିଅନ୍ ଜୟପୁରର ରଘୁରାମ କୁଲଦୀପ ହୋଇଥିବା ବେଳେ ନନ୍ଦପୁରର ସୂରଜ କୁମାର ରନର୍ ଅପ୍ ହୋଇଥିବା ବେଳେ ଦେବରାଜ ନାୟକ ମିଷ୍ଟର ବୈପାରିଗୁଡା ହୋଇଥିଲେ। ସେହିପରି ୬୦ କିଲୋ ବର୍ଗରେ ରଘୁନାଥ କୁଲଦୀପ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଦେବରାଜ ନାୟକ ରୌପ୍ୟ ଓ ଚନ୍ଦନ ପାଙ୍ଗି ବ୍ରଞ୍ଜ ପଦକ ପାଇଥିଲେ। ୬୫ କିଲୋରେ ରାଜେଶ ଖେମୁଣ୍ଡୁ ସ୍ୱର୍ଣ୍ଣ, ନବୀନ ପାଙ୍ଗି ବ୍ରଞ୍ଜ। ୭୦ କିଲୋରେ ସର୍ଣ୍ଣା ଖାନ୍ ସ୍ୱର୍ଣ୍ଣ, ପୃଥିରାଜ ପାଲୁ ରୌପ୍ୟ ଓ ମୀନ ଗାଦବା ବ୍ରଞ୍ଜ। ୭୫ କିଲୋରେ ସୂରଜ କୁମାର ସ୍ୱର୍ଣ୍ଣ, ପ୍ରଦୀପ କୁମାର ବନକିଆ ରୌପ୍ୟ ଏବଂ ଗୌତମ କୁମାର ବନକିଆ ବ୍ରଞ୍ଜ ପଦକ ହାସଲ କରିଥିଲେ। ୮୦ କିଲୋରେ ସୁବାଷ ସୋନୀ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହି କାର୍ଯ୍ୟକ୍ରମକୁ ବୈପାରିଗୁଡାର ଷ୍ଟାଲିଅନ କ୍ଲାସିକ୍ ଜିମ୍ ସଭ୍ୟ ରତ୍ନାକର ସ୍ୱାଇଁ ପରିଚାଳନା କରିଥିଲେ।

# ଶହୀଦ ଯବାନ ଈଶ୍ୱର ତଲିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ବୈପାରୀଗୁଡ଼ା, ୨୨।୧୨(ସମିସ): ଶହୀଦଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ଅଣ୍ଟା ଭିଡିଛି ଶହୀଦ ଈଶ୍ୱର ତଲିଆ ସ୍ମୃତି କମିଟି । ଜନ୍ମ ମାଟିରେ ସହିଦ ଈଶ୍ୱର ତଲିଆ ନାଁରେ ପାର୍କ ନିର୍ମାଣ ସହ ଶହୀଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତ ବଡାଗୁଡା ଠାରେ ଆଜି ଶହୀଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ। ଆଜିର ଏହି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ତଥା ପ୍ରତିମୂର୍ତ୍ତି ଉନ୍ମୋଚନରେ ମୂଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦାନ କରିଥିବା ବେଳେ ଈଶ୍ୱର ତଲିଆଙ୍କ ମାତା ପିତା ଏବଂ ଧର୍ମ ପତ୍ନୀ ଏବଂ ପରିବାର ବର୍ଗର ସମସ୍ତ ସଦସ୍ୟମାନେ ଯୋଗଦାନ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରୁ କୋରାପୁଟ ସାଂସଦ ପ୍ରତିନିଧି ଜଗନ୍ନାଥ ବିଷୋୟୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦଲିଆ, କୋଟପାଡ଼ ବିଧାୟକ ପ୍ରତିନିଧି ପ୍ରଭାକର ରାଓ, ପୂର୍ବତନ କୋରାପୁଟ ସାଂସଦ ଝିନୋ ହିକକା, ପୂର୍ବତନ ବିଧାୟକ ରଘୁରାମ ପାଡାଲ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ଗୋବିନ୍ଦ ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ, ଜିଲ୍ଲା ପରିଷଦ ସଭ୍ୟା ମଣି ଜାନି, କେନ୍ଦୁଗୁଡା ସରପଞ୍ଚ ଅଭିମନ୍ୟୁ ନାୟକ, ରାଜ୍ୟ ବାର କାଉନସିଲର ସଦସ୍ୟ ରମେଶ ପାତ୍ର, ଡିଏସପି ଡ଼ଃ ହୃଷୀକେଶ ମେହେର, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ରାଣି ଚୌଧୁରୀ, ଓଆଇସି ଡମ୍ବରୁଧର ବର୍ତିଆ, ସୀମାସରୁକ୍ଷା ବାହିନୀ ସୁଦର୍ଶନ ତଲିଆ ଏବଂ ସମସ୍ତ ସମାଜର ସଭାପତି ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ନାୟକ ପରିଚାଳନା କରିଥିଲେ।

# ସେକ୍ଟର ଅଞ୍ଚଳରୁ ଚୋରି ମାମଲା; ୨ ଗିରଫ

ରାଉରକେଲା, ୨୨।୧୨(ସମିସ)



- ଝାରଖଣ୍ଡରୁ ବିପୁଳ ସୁନା ଗହଣା ଜବତ
- ପୂର୍ବରୁ ଚୋରି ମାମଲାରେ ରିମାଣ୍ଡରେ ଆସିଥିଲେ ୨ ଅଭିଯୁକ୍ତ

ବିଭିନ୍ନ ପର୍ବପର୍ବାଣୀ ସମୟରେ ସେକ୍ଟର ଅଞ୍ଚଳର ଘରୁ ହୋଇଥିବା ଚୋରି ମାମଲାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଜାମସେଦପୁର ଡୁଇଲାଡୁଙ୍ଗୁରି କମ୍ୟୁନିଟି ସେଣ୍ଟର୍ ନିକଟର ସମ୍ଭୁ କୁମାର ସିଂ (୪୫) ଓ ରାମନଗର ବାଗବେରା ବଜରଙ୍ଗବାଲି ମନ୍ଦିର ନିକଟର ଅଙ୍କିତ ରାଜ କୁମାର (୨୧)। ଉଭୟ ଅଭିଯୁକ୍ତ ବିଭିନ୍ନ ଚୋରି ମାମଲାରେ ଗିରଫ ହୋଇ ପୂର୍ବରୁ ଜେଲ ଯାଇଥିଲେ। ତେବେ ସେକ୍ଟର ଅଞ୍ଚଳର ଚୋରି ମାମଲାକୁ ନେଇ ଉଭୟ ଅଭିଯୁକ୍ତଙ୍କୁ ପୁଣି ରିମାଣ୍ଡରେ ଆଣି ପୁଲିସ ପଚରାଉଚରା କରିବା ସମୟରେ ଅନ୍ୟ ଏକ ବଡଧରଣର ଡକାୟତିରେ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ପରେ ପୁଲିସ ତାର ସୂଚନା ଆଧାରରେ ଝାଡ଼ଖଣ୍ଡରୁ ବିପୁଳ ପରିମାଣର ସୁନା ଅଳଙ୍କାର ଜବତ କରିଛି। ଏହାପରେ ପୁଣି ଦୁହିଁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୋମବାର ସେକ୍ଟର-୧୯ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜୋନ ୧ ଡିଏସପି ଯୋଗେଶ ପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ସେକ୍ଟର -୭ ଏ/୯୦ରେ କୈଳାଶ ଚନ୍ଦ୍ର ନାଏକଙ୍କ ଘରୁ ଗତ ଅଗଷ୍ଟ ୮ ତାରିଖରେ ଚୋରି ହୋଇଥିଲା। ଏହି ଘଟଣାରେ ନଭେମ୍ବର ୧ରେ ଅଭିଯୁକ୍ତ ଦ୍ୱୟଙ୍କୁ ସେକ୍ଟର -୭ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ସମୟରେ ଗୋଟିଏ କାର, ନକଲି ନମ୍ବର ପ୍ଲେଟ, କଟର, ରଡ଼, ରେଞ୍ଚି, ସୁନା ରୁପା ଗହଣା, ଘଡି ଓ ୨୯ ହଜାର ଟଙ୍କା ଜବତ ହୋଇଥିଲା। ପରେ ଗତ ସେପ୍ଟେମ୍ବର୨୬ ତାରିଖରେ ହୋଇଥିବା ଆଉ ଏକ ଚୋରି ଘଟଣାରେ ପୁଣି ଅଭିଯୁକ୍ତ ସମ୍ଭୁ ଓ ଅଙ୍କିତଙ୍କୁ ତିନି ଦିନିଆ ରିମାଣ୍ଡରେ ଅଣାଯାଇଥିଲା। ପଚରାଉଚରା ପରେ ଆଉ ଏକ ବଡଧରଣର ଚୋରିରେ ଉଭୟ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହାପରେ ଅଭିଯୁକ୍ତଙ୍କ ସୂଚନାକୁ ଆଧାର କରି ଏକ ପୁଲିସ ଟିମ୍ ଝାଡଖଣ୍ଡକୁ ଯାଇ ଚଢ଼ଉ କରି ସେଠାରୁ ଗୋଟିଏ ମଙ୍ଗଳସୂତ୍ର, ୨ଟି ସୁନା ଚେନ, ୯ଟି ମୁଦି, ୪ ହଳ କାନଫୁଲ ଓ ଗୋଟିଏ ଡାଇମଣ୍ଡ ମୁଦି ଜବତ କରିଛି। ଉଭୟ ଅଭିଯୁକ୍ତ ଝାଡ଼ଖଣ୍ଡ ନମ୍ବର ରେଜିଷ୍ଟ୍ରେସନ୍ ଥିବା କାରରେ ଓଡ଼ିଶା ନମ୍ବର ପ୍ଲେଟ ଲଗାଇ ସହରରେ ବୁଲିବା ସହ ବିଭିନ୍ନ ସେକ୍ଟର ଅଞ୍ଚଳର ଗଳିକନ୍ଦି ବୁଲି ଘର ଗୁଡ଼ିକ ଉପରେ ନଜର ରଖୁଥିଲେ। କେହି ନଥିବା ଘରେ ଓ ତାଲା ପଡ଼ିଥିବା ଘରକୁ ସେମାନେ ଟର୍ଗେଟ କରି ଚୋରି କରୁଥିଲେ। ପରେ ଫେରାର ହୋଇଯାଉ ଥିଲେ ବୋଲି ପୁଲିସ ସମ୍ବାଦିକ ସମ୍ମିଳନୀରେ କହିଛି। ଗିରଫ ଶମ୍ଭୁ ନାଁରେ ପୂର୍ବରୁ ରାଉରକେଲା ଓ ଝାଡଖଣ୍ଡରେ ୧୨ଟି ଏବଂ ଅଙ୍କିତ ନାଁରେ ରାଉରକେଲାରେ ୪ଟି ମାମଲା ଥିବା ତଦନ୍ତରୁ ଜଣାପଡ଼ିଛି। ପୁଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଡିଏସ୍‌ପି ଶ୍ରୀ ପଣ୍ଡା କହିଛନ୍ତି। ଏହି ସମ୍ବାଦିକ ସମ୍ମିଳନୀରେ ସେକ୍ଟର -୧୯ ଥାନା ଇନ୍ସପେକ୍ଟର ରଞ୍ଜନ ନାୟକ ମଧ୍ୟ ଉପସ୍ଥିତ ଥିଲେ।

# ବ୍ରାହ୍ମଣୀରେ ବୁଡ଼ି ଯୁବକ, ଯୁବତୀ ମୃତ

**ବଣାଇଁ, ୨୨।୧୨(ସମିସ):** ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ବିରତୋଳା ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀରେ ବୁଡି ଜଣେ ଯୁବକ ଓ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ଖବରପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ଖବର ଅନୁଯାୟୀ, ବନ୍ଧମୁଣ୍ଡା ଥାନା ତିଳକାନଗର ଅଞ୍ଚଳର ଜ୍ଞାନେନ୍ଦ୍ର ସ୍ୱାଇଁ(୩୨) ନାମକ ବ୍ୟକ୍ତି ଓ ଜଣେ ଯୁବତୀ ସମ୍ପୃକ୍ତ ଅଞ୍ଚଳକୁ ବୁଲିବାକୁ ଆସିଥିଲେ। ଆଜି ପ୍ରାୟ ୧୦ଟା ବେଳେ ବ୍ରାହ୍ମଣୀ ନଦୀ କୂଳ ନିକଟରେ ଏକ ବାଇକ ଓ କିଛି କପଡ଼ା ପଡ଼ିଥିବା ନେଇ ନିକଟ ଗ୍ରାମବାସୀ ଦେଖିବା ପରେ ସେମାନଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଏନେଇ ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ। ପରେ ନଦୀରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଯୁବକଙ୍କ ପରିବାର ଲୋକେ ଖବରପାଇ ଆସିଥିବା ବେଳେ ଯୁବତୀଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ। ତେବେ କେଉଁ ପରିସ୍ଥିତିରେ ଉଭୟଙ୍କର ମୃତ୍ୟୁ ହୋଇଛି, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ଖବରପାଇ ଚାନ୍ଦିପୋଷ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

# ବାର୍ଷିକ ପୁଲିସ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ରାଉରକେଲା, ୨୨।୧୨(ସମିସ):** ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ତିନି ଦିନିଆ ବାର୍ଷିକ ପୁଲିସ କ୍ରୀଡ଼ା ପ୍ରତିଯୋଗିତା ୨୦୨୫ ରିଜର୍ଭ ପୁଲିସ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାୟ ୬୦୦ ପୁଲିସ କର୍ମଚାରୀ ଉତ୍ସାହର ସହ ବିଭିନ୍ନ କ୍ରୀଡ଼ା ଏବଂ ଦଳଗତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି କ୍ରମରେ ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ ହୋଇଥିଲା। ବିଜେତା ଓ ଉତ୍କୃଷ୍ଟ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ପଦକ ପ୍ରଦାନ କରାଯାଇଥିଲା। ଡିଆଇଜି ବ୍ରିଜେଶ କୁମାର ରାଏ, ଏସ୍‌ପି ନିତେଶ ୱାଧୱାନୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇ ଏକ ସୁସ୍ଥ, ସ୍ଥିର ଏବଂ ସଂଯୋଜିତ ପୁଲିସ ବାହିନୀ ଗଠନରେ କ୍ରୀଡାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ବିଜୟୀ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ।

# ନବବର୍ଷରେ ପାଳିତ ହେବ ସୁନ୍ଦରଗଡ଼ ଜିଲ୍ଲାର ଜନ୍ମଦିନ

**ରାଉରକେଲା, ୨୨।୧୨(ସମିସ):** ଇଂରାଜୀ ନବବର୍ଷ ୧୯୪୮ ମସିହାରେ ସୁନ୍ଦରଗଡ଼ ଜିଲ୍ଲାର ସୃଷ୍ଟି ହୋଇଥିବାରୁ ଚଳିତ ବର୍ଷ ପ୍ରଥମ କରି ରାଉରକେଲା ସ୍ମାର୍ଟ ସିଟିରେ ସୁନ୍ଦରଗଡ଼ ଜିଲ୍ଲାର ଜନ୍ମଦିନକୁ ଧୂମଧାମରେ ପାଳନ କରିବା ପାଇଁ କଳିଙ୍ଗ ସଂସଦ ପରିଷଦ ଆଗକୁ ଆସିଛି। ନବବର୍ଷ ଦିନ ବିଶ୍ରା ଛକଠାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଉତ୍ସବ ପାଳନ ହେବ। ଏହି ଅବସରରେ ସହରରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ଜନ୍ମଦିନ ପାଳନ ଅବସରରେ ସହରର ସାମାଜିକ ଓ ସାଂସ୍କୃତିକ ସଂଗଠନ ଏଥିରେ ସାମିଲ ହେବା ପାଇଁ କଳିଙ୍ଗ ସଂସଦ ପରିଷଦର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ମାନଚିତ୍ରରେ ଆୟତନ ଦୃଷ୍ଟିରୁ ମୟୁରଭଞ୍ଜ ଜିଲ୍ଲା ପରେ ସୁନ୍ଦରଗଡ଼ ଦ୍ୱିତୀୟ ବୃହତ୍ତମ ଜିଲ୍ଲା। ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲା ଉଭୟ ଝାଡଖଣ୍ଡ ଓ ଛତିଶଗଡ଼ ରାଜ୍ୟର ସୀମା ସହ ସଂଲଗ୍ନ। ଯାହା ଏହାର ମୂଲ୍ୟବୋଧକୁ ବଢ଼ାଇଥାଏ। ପୂର୍ବରୁ ଥିବା ଦୁଇଟି ରାଜ୍ୟ ଗାଙ୍ଗପୁର ଓ ବଣେଇ ନବବର୍ଷ ଦିନ ଓଡ଼ିଶା ସହ ମିଶିଥିଲା ଓ ସୁନ୍ଦରଗଡ଼ ଜିଲ୍ଲା ନାମରେ ନାମିତ ହୋଇଥିଲା। ସୁନ୍ଦରଗଡ଼ରର ୪୩ ଭାଗ ଜଙ୍ଗଲ ଥିବାରୁ ସୁନ୍ଦରଗଡ଼ ଜିଲ୍ଲା ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଜିଲ୍ଲା ଭାବେ ନିଜର ସ୍ଥିତି ଜାହିର କରି ରଖିଛି।

# ମର୍ଣ୍ଣିଂ ଷ୍ଟାର୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ରାଉରକେଲା, ୨୨।୧୨(ସମିସ):** ସୁନ୍ଦରଗଡ଼ ସ୍ଥିତ ଭବାନିଭବନ ଷ୍ଟାଡିୟମରେ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ୩ ଦିନିଆ ଦିବାରାତ୍ର ୧୪ ବର୍ଷରୁ କମ୍ ବର୍ଗର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଶିଶୁ ପ୍ରତିଭାକୁ ସାମ୍ନାକୁ ଆଣିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଟବଲ୍ ଆସୋସିଏସନ୍ ଓଡ଼ିଶାର ପ୍ରେସିଡେଣ୍ଟ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ବିଜେତା ଦଳ କଳିଙ୍ଗ ସ୍ପୋର୍ଟସ ଫେଡରେସନ ରାଉରକେଲାକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ତୃତୀୟ ଦିନ ୪ ଟି ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ସେମିଫାଇନାଲ କଳିଙ୍ଗ ସ୍ପୋର୍ଟସ ବନାମ ମୋର୍ଣ୍ଣିଂ ଷ୍ଟାର ସୁନ୍ଦରଗଡ଼(କ) ମଧ୍ୟରେ ହୋଇଥିଲା। ଯେଉଁଥିରେ କଳିଙ୍ଗ ସ୍ପୋର୍ଟସ ବିଜେତା ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଜେଏସଡବ୍ଲ୍ୟୁ କେନ୍ଦୁଝର ବନାମ ପ୍ରଗତି କ୍ଲବ୍ ବନମୁଣ୍ଡା ମଧ୍ୟରେ ହୋଇଥିଲା। ଯେଉଁଥିରେ ପ୍ରଗତି କ୍ଲବ୍ ବିଜେତା ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ତୃତୀୟ ମ୍ୟାଚ ମର୍ଣ୍ଣିଂ ଷ୍ଟାର(ଖ) ବନାମ ଜେଏସଡବ୍ଲ୍ୟୁ କେନ୍ଦୁଝର ମଧ୍ୟରେ ହୋଇଥିଲା। ଏଥିରେ ମର୍ଣ୍ଣିଂ ଷ୍ଟାର(ଖ) ବିଜେତା ହୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫାଇନାଲ ମ୍ୟାଚରେ କଳିଙ୍ଗ ସ୍ପୋର୍ଟସ ଫେଡେରେସନ ରାଉରକେଲା ପ୍ରଗତି କ୍ଲବ୍ ବନମୁଣ୍ଡାକୁ ୨-୦ ରେ ହରାଇ ବିଜେତା ହୋଇଥିଲା। ମୋର୍ଣ୍ଣିଂ ଷ୍ଟାର କ୍ଲବର ସଭାପତି ପ୍ରସନ୍ନ ବାରାଳ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ଶଶୀଭୂଷଣ ଭୂୟାଁ, ସତିଶ ସ୍ୱର୍ଣ୍ଣକାର, ସୁମନ୍ତ ସାହୁ, ରାଜେନ୍ଦ୍ର କୁମାର ପାଣ୍ଡେ, ରାହୁଲ ପଣ୍ଡା, ରଜତ ଗୁରୁ, ଅଲେଖ ପଟେଲ, ସନ୍ତୋଷ ପ୍ରଧାନ, ବିକୁନ ରଥ, ସୌରଭ ସାହୁ, ହିମାଂଶୁ ଭୂଷଣ ସାହୁ, ଦୀପକ ସା, ରାଜ କିରଣ ସ୍ୱାଇଁ, ମାନସ ସାଥୁଆ ପ୍ରମୁଖ ସହଯୋଗ କରିଥିଲେ।

# ଖେଲୋ ଇଣ୍ଡିଆକୁ ରାଉରକେଲାର ୪ ଖେଳାଳି ମନୋନୀତ




**ରାଉରକେଲା, ୨୨।୧୨(ସମିସ):** ଦୀର୍ଘ ୧୦ ବର୍ଷ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଅଲ୍ ଇଣ୍ଡିଆ ୟୁନିଭରସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ପ୍ରଥମ ଥର ଖେଲୋ ଇଣ୍ଡିଆ ପାଇଁ ମନୋନୀତ ହୋଇଛି। ଏଥିରେ ୪ ଜଣ ଖେଳାଳି ରାଉରକେଲାର ଏବଂ ୩ ଜଣ ସମ୍ବଲପୁରର ବୋଲି ଜଣାପଡ଼ିଛି। ଏହି କ୍ରମରେ ରାଉରକେଲାର ଭବିଷ୍ୟ କୁମାର ସିଂ, ଅଭୟ କୁମାର ମହାରଣା, ଶ୍ରେୟାଂଶ ପରିଡ଼ା ଓ ଉମର ଅବଦୁଲା ପ୍ରମୁଖ ହୋଇଥିବାବେଳେ ଲକ୍ଷ୍ମଣ ପ୍ରେମ କ୍ରିଷ୍ଟା, ରାକେଶ ଗୌଡ ଓ ତପନ ସାହୁ ପ୍ରମୁଖ ସମ୍ବଲପୁରର ଖେଳାଳି ଥିବା ଜଣାପଡ଼ିଛି। ବ୍ୟାଡମିଣ୍ଟନ କ୍ରୀଡା ବିଭାଗରେ ସମସ୍ତେ ଉତ୍କର୍ଷ ପ୍ରଦର୍ଶନ କରି ଏହି ସଫଳତା ହାସଲ କରିଥିବାରୁ ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ୩ୟ ସନ୍ଧ୍ୟା
# ହୃଦୟ ଜିଣିଲା 'ଏବଂ କିଏ'




**ରାଉରକେଲା, ୨୨।୧୨(ସମିସ):** ସ୍ଥାନୀୟ ସିଭକ୍ ସେଣ୍ଟରଠାରେ ସ୍ପନ୍ଦନ ଦ୍ୱାରା ଆୟୋଜିତ ୩୬ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ୩ୟ ସଂଧ୍ୟାରେ ଭୁବନେଶ୍ୱରର 'ବାଗଦେବୀ ଲିଟରେଚର ଟ୍ରଷ୍ଟ'ର କଳାକାରମାନେ ମଞ୍ଚସ୍ଥ କରିଥିଲେ ଓଡିଆ ଭାଷାର ନାଟକ 'ଏବଂ କିଏ', ଯାହା ଆଜିର ମୂଲ୍ୟବୋଧକୁ ଭିତ୍ତିକରି ପ୍ରସ୍ତୁତ ହୋଇଥିଲା। ମୂଲ୍ୟବୋଧ ବର୍ତ୍ତମାନ ସମାଜରେ ଏକ ପ୍ରଶ୍ନବାଚୀ। ଏକଦା ଯେଉଁମାନଙ୍କୁ ଆମେ ମୁଖିଆ ମୁଖିଆଭାବେ ନିର୍ବାଚିତ କରିଥାଉ ଆମର ଦୁଃଖସୁଖ ବୁଝିବା ପାଇଁ, ସମସ୍ୟା ସମାଧାନ କରିବା ପାଇଁ, ସେମାନେ ସମାଧାନ କରିବା ପରିବର୍ତ୍ତେ ଅଧିକ ଜଟିଳ କରି ପକାଇବା ସହ ନିଜର ସ୍ୱାର୍ଥ ହାସଲ କରିବାରେ କିପରି ଲିପ୍ତ ରହୁଛନ୍ତି ଏବଂ ସାଧାରଣ ମଣିଷଙ୍କ ଆଶା କିପରି ମଉଳି ଯାଉଛି ତା' ଉପରେ ପ୍ରସ୍ତୁତ ହୋଇଥିଲା ଏହି ନାଟକ। ନାଟ୍ୟକାର ଡ. ପ୍ରଦୀପ ଭୌମିକଙ୍କ ଏହି ନାଟକକୁ ପବିତ୍ର ମହାନ୍ତି ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରତାପ ରାଉତ ସଙ୍ଗୀତ ନିର୍ଦ୍ଦେଶନା, ବିକାଶ ପ୍ରଧାନ ଆଲୋକ ନିର୍ଦ୍ଦେଶନା ଏବଂ ରୂପ ସଜ୍ଜା ମାମା ଏବଂ ମଞ୍ଚ ତ୍ରିମୂର୍ତ୍ତୀ, ଭୁବନେଶ୍ୱର କରିଥିଲେ। ବିଭିନ୍ନ ଭୂମିକାରେ ସୁନୀଲ ପଟ୍ଟନାୟକ, ମାନୁ ପଟ୍ଟନାୟକ, ଦେବେନ୍ଦ୍ର ସୁନ୍ଦରାୟ, ଯାମିନିକାନ୍ତ ମିଶ୍ର, କୃଷ୍ଣ ଚନ୍ଦ୍ର ମିଶ୍ର, ପବିତ୍ର ମହାନ୍ତି, ଧରିତ୍ରୀ ଖଣ୍ଡୁଆଳ, ରାଜେଶ ମହାନ୍ତି, ସୂର୍ଯ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ। ଝିଲିମା ମହାନ୍ତି, କ୍ଷୀରୋଦ ବାଡତ୍ୟା, ଶିଶିର ମୁଦାଲି, ରମେଶ ଗୌଡ, ଅମୂଲ୍ୟ ବେହେରା, କ୍ରୀଷ୍ଣା ସିଂ, ମିହିର ପରିଜା, ସୁଦିଶ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ବାରଣାସୀରୁ ଆସିଥିବା ମଞ୍ଚଦୂତମ୍ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିବେ ହିନ୍ଦୀ ନାଟକ 'ମଧ୍ୟାନ୍ତର'।

# ହାଫ୍ ମାରାଥନ୍ ପାଇଁ ଆର୍‌ଏସ୍‌ପିର ପ୍ରସ୍ତୁତି



**ରାଉରକେଲା, ୨୨।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ପକ୍ଷରୁ ପ୍ରଥମ ରାଉରକେଲା ହାଫ୍ ମାରାଥନ୍-୨୦୨୬ ଜାନୁଆରୀ ୨୪ ତାରିଖରେ ଆୟୋଜିତ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟ ସାରା ଭାରତରୁ ୫୦୦୦ରୁ ଅଧିକ କ୍ରୀଡାବିତଙ୍କୁ ଆକର୍ଷିତ କରିବାର ଆଶା କରାଯାଉଛି। ଗ୍ରାମୀଣ କ୍ରୀଡ଼ା ପ୍ରତିଭାଙ୍କ ଦକ୍ଷତା ବିକାଶ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ମାରାଥନ୍ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍-୨୦୨୬ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଆରଏସପି ଏହାର ସିଏସ୍‌ଆର୍ ବିଭାଗ ମାଧ୍ୟମରେ ଏଥିପାଇଁ ଏକ ବିଶାଳ ଅଭିଯାନ ଆରମ୍ଭ କରିଛି, ଯାହା ଅଧୀନରେ ବିଭିନ୍ନ ଗ୍ରାମରେ ପ୍ରୋମୋ ଇଭେଣ୍ଟ ଆୟୋଜନ କରାଯାଉଛି। ଏହି ଇଭେଣ୍ଟଗୁଡ଼ିକ ପାର୍ଶ୍ୱାଞ୍ଚଳ ଲୋକମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରୁଛି। ହାଫ୍ ମାରାଥନ୍ ପାଇଁ ଅଂଶଗ୍ରହଣକାରୀଙ୍କ ମାଗଣା ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର କିଓସ୍କ ସ୍ଥାପନ କରାଯାଉଛି। ଗ୍ରାମାଞ୍ଚଳ ଅଂଶଗ୍ରହଣକାରୀଙ୍କ ପାଇଁ ପଞ୍ଜିକରଣ ଫି ଛାଡ଼ କରାଯାଇଛି ଏବଂ ହାଫ୍ ମାରାଥନ୍ ପାଇଁ ପଞ୍ଜିକରଣ କରୁଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଟି-ସାର୍ଟ ପ୍ରଦାନ କରାଯାଉଛି। ପ୍ରୋମୋ ରନ୍ ସମୟରେ ଅଂଶଗ୍ରହଣକାରୀମାନଙ୍କୁ ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଉଛି। ସେମାନେ ୱାର୍ମଅପ୍ ରୁଟିନ୍, ସଠିକ୍ ଦୌଡ଼ ପୋଷ୍ଟର, ଶ୍ୱାସକ୍ରିୟା ପଦ୍ଧତି, ଗତି ରଣନୀତି ଏବଂ ଦୌଡ଼ ପରବର୍ତ୍ତୀ କୁଲିଂ ବ୍ୟାୟାମ ଭଳି ଅତ୍ୟାବଶ୍ୟକ କୌଶଳ ମଧ୍ୟ ଶିଖୁଛନ୍ତି। ଯାହା ଅଂଶଗ୍ରହଣକାରୀମାନଙ୍କୁ ଏହି କ୍ରୀଡ଼ା ପ୍ରତି ଏକ ଶୃଙ୍ଖଳିତ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ଗ୍ରହଣ କରିବାକୁ ପ୍ରେରଣା ଦେଉଛି। ମାରାଥନ୍‌ର ମାସ୍କଟ୍ 'ପଦ୍ମା' ଏବଂ 'ରାଜା'ର ଉପସ୍ଥିତି ଇଭେଣ୍ଟଗୁଡ଼ିକର ଆକର୍ଷଣକୁ ବୃଦ୍ଧି କରୁଛି। ଉଲ୍ଲେଖନୀୟ ଯେ, ଆରଏସପି ଅଂଶଗ୍ରହଣକାରୀଙ୍କ ଯାତାୟାତ, ରହିବା ଏବଂ ଖାଦ୍ୟପେୟ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛି। ଗ୍ରାମୀଣ ଅଂଶଗ୍ରହଣକାରୀଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ବର୍ଗ ମଧ୍ୟ ସୃଷ୍ଟି କରାଯାଇଛି।

# ସଂକଳ୍ପ ପ୍ରଶିକ୍ଷଣ ଶିବିର ପରିଦର୍ଶନ କଲେ ଜିଲ୍ଲାପାଳ




**ବଣାଇ, ୨୨।୧୨(ସମିସ):** ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତ୍ରିଦିବସୀୟ ଉପଖଣ୍ଡସ୍ତରୀୟ ସଂକଳ୍ପ ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିବସରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ଯୋଗଦେଇଥିଲେ। ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ, ବଣାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଶୀନାଥ ବେହେରା, କରେଇପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା, ଇନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିବ ଶଙ୍କର ସାଥୁଆ, ଶିହିଡିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୂପ ମହାପାତ୍ର, ଚାନ୍ଦିଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ, ଗୁଡିଆଳି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ସାହୁ, ଟେଣ୍ଡରା ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ନୀଳକଣ୍ଠ ସାହୁ, ବାବୁ ନୂଆଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଗନ ବିହାରୀ ସେନାପତି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ବୋର୍ଡ଼ ପରୀକ୍ଷାରେ ଏ-୧ ପାଇବାକୁ ଥିବା ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ପ୍ରୟାସ ଜାରି ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କର୍ମଶାଳାରେ ବଣାଇ, ଗୁରୁଣ୍ଡିଆ, କୋଇଡା ଓ ଲହୁଣୀପଡ଼ା ବ୍ଲକ ଅଧୀନସ୍ଥ ବିଦ୍ୟାଳୟମାନଙ୍କରୁ ୩୬ ଜଣ ବାଳକ ବାଳିକା ଏ -୧ଗ୍ରେଡ଼ରେ ପାଇବା ପାଇଁ ଆଶାୟୀ ଅଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମଜନଶୁଣାଣି

**ବଣାଇ, ୨୨।୧୨(ସମିସ):** ବଣାଇ ଉପଖଣ୍ଡ ଅନ୍ତର୍ଗତ ଲହୁଣୀପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଆଜି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣି କରିଥିଲେ। ଏହି ଜନ ଶୁଣାଣିରେ ମୋଟ ୭୩ ଗୋଟି ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୨୯ ଗୋଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ସାମୁହିକ ବା ଦଳଗତ ଭାବେ ୪୪ ଗୋଟି ଅଭିଯୋଗ ଆସିଥିଲା। ଅଭିଯୋଗ ମଧ୍ୟରେ ଜଙ୍ଗଲ ଜମିପଟ୍ଟା, ବିଦ୍ୟୁତ ସଂଯୋଗୀକରଣ, ସ୍କୁଲ ପାଚେରୀ ନିର୍ମାଣ ପ୍ରଭୃତି ସମସ୍ୟା ମାନ ରହିଥିଲା। ଏହା ବ୍ୟତିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜଣକୁ ସହାୟତା ରାଶି ପ୍ରଦାନ କରାଯିବା ସହିତ ପ୍ରତ୍ୟକ୍ଷରେ ଜଣଙ୍କର ଅଭିଯୋଗର ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନି, ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇ ଏସିଏଫ ରବିକାନ୍ତ ମୀନା, ଲହୁଣିପଡ଼ା ବିଡିଓ ଅନୁରାଗ ମିଶ୍ର, ତହସିଲଦାର ବବଲୁ ପେରେଇ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆର୍‌ଏସ୍‌ପି -୨୦୩୦ ପାଇଁ ରଣନୈତିକ ଚିନ୍ତାଧାରା' କର୍ମଶାଳା

ରାଉରକେଲା, ୨୨।୧୨(ସମିସ)





ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରଠାରେ ସୋମବାର 'ଆରଏସପି-୨୦୩୦ ପାଇଁ ରଣନୈତିକ ଚିନ୍ତାଧାରା: କ୍ଷମତା ଦ୍ୱିଗୁଣିତ କରିବା ତଥା ନିର୍ଦ୍ଧାରିତ ଲକ୍ଷ୍ୟ ଅତିକ୍ରମ ବଜାୟ ରଖିବା' ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ(ଡିଆଇସି) ଆଲୋକ ବର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଏଚ୍‌ଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଆର୍ ପଲାଇ, ସାମଗ୍ରୀ ପରିଚାଳନା ନିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ(ଓଜିଓଏମ ଏବଂ ସିଏମଏଲଓ) ର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂ ଉପସ୍ଥିତ ଥିଲେ। ଏହି କାର୍ମଶାଳାରେ ବହୁ ସିଜିଏମ, ଏଚ୍‌ଓଡି ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରାୟ ୬୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ସିଇଓ (ଏଡମିଷ୍ଟ) ବିବେକ ଗୁପ୍ତା ଏହି ଅଧିବେଶନର ମୁଖ୍ୟ ବକ୍ତା ଥିଲେ। ସମାବେଶକୁ ସମ୍ବୋଧିତ କରି ଆଲୋକ ବର୍ମା କହିଥିଲେ, ରାଉରକେଲା ଇସ୍ପାତ କାରଖାନା ଏକ ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରୁଛି, ଯାହାର ଲକ୍ଷ୍ୟ ହେଉଛି ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୪.୫ ନିୟୁତ ଟନରୁ ୯.୮ ନିୟୁତ ଟନ ପର୍ଯ୍ୟନ୍ତ ବୃଦ୍ଧି କରିବା। ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏକ ସ୍ୱଷ୍ଟ ଏବଂ ସୁପରିକଳ୍ପିତ ରଣନୀତି ରଖିବା ଜରୁରୀ ବୋଲି ସେ କହିଥିଲେ। ବଳିଷ୍ଠ ନେତୃତ୍ୱଙ୍କୁ ବ୍ୟବହାରିକ ରଣନୀତିକ ଢାଞ୍ଚା ଏବଂ ଉପକରଣ ସହିତ ସଜ୍ଜିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି ବୋଲି ସେ କହିଥିଲେ। ଏଥିରେ ଅଂଶଗ୍ରହଣକାରୀମାନଙ୍କୁ ଉତ୍ପାଦକତାର ଦୁର୍ବଳ ଅଞ୍ଚଳ ତଥା କ୍ଷେତ୍ରଗୁଡିକ ଚିହ୍ନଟ କରିବାକୁ ମାର୍ଗଦର୍ଶନ କରାଯାଇଥିଲା। ଏହି ଅଧିବେଶନରେ ଆରଏସପିର ୨୦୩୦ର ଲକ୍ଷ୍ୟ ହାସଲ ସହିତ ସଂଯୁକ୍ତ ରଣନୀତିକ ପଦ୍ଧତିଗୁଡ଼ିକୁ ଠିକ ଭାବେ ବୁଝିବା ଆବଶ୍ୟକ ବୋଲି ପରାମର୍ଶ ଦିଆଯାଇଥିଲା। କର୍ମଶାଳାକୁ ଏଲଏଣ୍ଡଡି ବିଭାଗର ଜିଏମ ଏମ୍‌କେ ଅଗ୍ରୱାଲ ସଂଯୋଜନା କରିଥିଲେ।

# ଖାଉଟି ମନ୍ତ୍ରୀଙ୍କୁ ନନ୍ଦପୁର ପ୍ରେସ୍ କ୍ଲବ୍‌ର ସମ୍ବର୍ଦ୍ଧନା



ନନ୍ଦପୁର,୨୨।୧୨(ସମିସ): ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରାଙ୍କ ନେତୃତ୍ୱରେ ସମ୍ପାଦକ ରମେଶ କୁମାର ଅଧିକାରୀ, ଉପ ସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢ଼ି, ହିରଣ୍ୟ ବିଶୋଇ, ସାମୁଏଲ ଖେମୁଣ୍ଡୁ, ଶ୍ରୀରାମ ଖରା ପ୍ରମୁଖ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ପାତ୍ର ନନ୍ଦପୁର କ୍ୟାମ୍ପସ ପରିସରରେ ମଣ୍ଡି ପରିଦର୍ଶନ ନିମନ୍ତେ ପହଞ୍ଚି ସମୀକ୍ଷା କରିବା ସହ ଖାଉଟି ବଣ୍ଟନରେ ଥିବା ଟିପ ଚିହ୍ନ ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ପିଡିଏସ୍ ଚାଉଳ ନେଇ ବଞ୍ଚିତ ଅଭିଯୋଗର ଶୁଣାଣି କରି ଏହାର ବିକଳ୍ପ ବ୍ୟବସ୍ଥା ବିନା ଟିପ ଚିହ୍ନରେ ମଧ୍ୟ ହିତାଧିକାରୀ ଚାଉଳ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଟିପ ଚିହ୍ନ ସମସ୍ୟା ନେଇ କୌଣସି ହିତାଧିକାରୀ ଯେମିତି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ଚାଉଳ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେ ନେଇ କଡ଼ା ତାଗିଦ୍ କରିଥିଲେ। ପ୍ରଶାସନ ମଧ୍ୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ୨୪ ଘଣ୍ଟା ଭିତରେ ଦୁଇ ଦୁଇ ବର୍ଷ ଧରି ଚାଉଳରୁ ବଞ୍ଚିତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରି ନୂତନ କାର୍ଡ ମଧ୍ୟ ପ୍ରଦାନ କରିସାରିଛନ୍ତି। ମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ପାଇଁ ନନ୍ଦପୁର ପ୍ରେସ କ୍ଲବ୍ ସଦସ୍ୟ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଭେଟି ଧନ୍ୟବାଦ ଜଣାଇଥିଲେ। ନନ୍ଦପୁର ପ୍ରସିଦ୍ଧ କୀର୍ତ୍ତିରାଜି, ପର୍ଯ୍ୟଟନ ସହ ମନ୍ଦିର ମାଳିନୀ ଫୋଟ ଚିତ୍ର ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରେସ୍ କ୍ଲବ୍ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରି ଖୁସି ପ୍ରକଟ କରିଥିଲେ।

# ଧାନର ଅଭାବୀ ବିକ୍ରି; ଚକ ଅଖ ବନ୍ଦ କଲେ ଚାଷୀ



ଉମରକୋଟ,୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲାରେ ତେଜୁଛି ଚାଷୀ ଆନ୍ଦୋଳନ। ଧାନ ଓ ମକାର ଅଭାବୀ ବିକ୍ରିକୁ ନେଇ ଜିଲ୍ଲାର ତିନୋଟି ବ୍ଲକର ଚକ ଅଖ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଉମରକୋଟ, ଝରିଗାଁ ଓ ରାଇଘର ଚାଷୀ ମହାସଂଘ ପକ୍ଷରୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ଅଧକ୍ଷତାରେ ତିନିଗୋଟି ବ୍ଲକ ତଥା ରାଇଘର, ଉମରକୋଟ, ଝରିଗାଁ ଠାରେ ଚକଅଖ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ବର୍ତ୍ତମାନ ମଣ୍ଡିରେ ଅବ୍ୟବସ୍ଥା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଉପରେ ବର୍ଷିଛନ୍ତି ଚାଷୀ ଭାଇ। ଚାଷୀ ଭାଇଙ୍କ ସମସ୍ୟା ଶୁଣିବା ପାଇଁ କେହି ନାହାନ୍ତି ବୋଲି କହିଛନ୍ତି ଚାଷୀ। ଡିସେମ୍ବର ୨୨ ତାରିଖ ଦିନ ୧୦ ଘଣ୍ଟା ପର୍ଯ୍ୟନ୍ତ ସମୟସୀମା ଦେଇଥିଲେ। କିନ୍ତୁ ତାହା ପୂରଣ ହେଉନଥିବାରୁ ଆଜି ସକାଳୁ ସକାଳୁ ସମସ୍ତ ଜାତୀୟ ରାଜପଥ ବନ୍ଦ କରାଯାଇଛି। ମକା ମଣ୍ଡି ଖୋଲା ଯାଉ ମକା ଚାଷୀଙ୍କ ଠାରୁ ୨୪୦୦ ପ୍ରତି କ୍ୱିଣ୍ଟାଲ ଦରରେ ସରକାର କ୍ରୟ କରନ୍ତୁ। ଧାନ ମଣ୍ଡିରେ ଚାଲିଥିବା କଟ୍‌ନୀ ଛଟନୀକୁ ବନ୍ଦ କରାଯିବା ସହ ବସ୍ତା ଯୋଗାଇ ଦେବାର ବ୍ୟବସ୍ଥା, ମକା ମଣ୍ଡି ଓ କଳ କାରଖାନା ପ୍ରତିଷ୍ଠା, ଧାନ ଓ ମକା କ୍ୱିଣ୍ଟାଲ ପ୍ରତି ୩୫୦୦ରେ କିଣାଯାଉ, ପ୍ରତ୍ୟେକ ପଞ୍ଚାୟତରେ କୃଷକ ଭବନ ଓ ଶୀତଳ ଭଣ୍ଡାର ତିଆରି, ପ୍ରତ୍ୟେକ ପଞ୍ଚାୟତରେ ବିହନ ସାର ଓ କୀଟନାଶକ ଔଷଧ ବିକ୍ରୟ କେନ୍ଦ୍ର ଖୋଲିବା ଇତ୍ୟାଦି ଦାବି ଗୁଡ଼ିକୁ ନେଇ ଆଜି ରାଜରାସ୍ତାରେ ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି। ବଡଭରଣ୍ଡି, ଅଧିକାରୀ ଗୁଡା, ସେମଳା, ଚିକଲପଦର ଉମରକୋଟ ବ୍ଲକ୍‌ର ଚାରିଗୋଟି ଛକରେ ଚାଷୀ ରାସ୍ତା ଅବରୋଧ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ହଜାର ହଜାର ଚାଷୀ ଯୋଗ ଦେଇଥିବା ବେଳେ ଚାଷୀ ନେତା ଗୋପାଳ ପୂଜାରୀ, ସନ୍ତୋଷ କୁମାର ସୂତ୍ରଧର, ପ୍ରଶାନ୍ତ ଯୋଶୀ, ପରମନ ମାତ୍ରା, ମଧୁଭତ୍ରା, ସୁଧିର ହାଲଦାର, ବିଷ୍ଣୁ କଲାର, ଜଳଧର ଭତ୍ରା, ସୁରେଶ ହରିଜନ, ତପନ ମଣ୍ଡଳ, ବିଜୟ ମଣ୍ଡଲ, ଗୋବିନ୍ଦ ହରିଜନ, ଲୋଚନ ଭତ୍ରା ଓ ନିରଞ୍ଜନ ପୂଜାରୀ ପ୍ରମୁଖ ଯୋଗ ଦେଇଛନ୍ତି।

# ସୁଶାସନ ସପ୍ତାହରେ ଜିଲ୍ଲାସ୍ତରୀୟ କର୍ମଶାଳା

ତେନ୍ତୁଳିଖୁଣ୍ଟି,୨୨।୧୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୁଶାସନ ସପ୍ତାହ ଅବସରରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସୁଶାସନ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କର୍ମଶାଳାରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଅଧକ୍ଷତା କରିଥିଲେ। ପ୍ରଶାସନ ଦ୍ୱାରା ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଏଇ ସୁଶାସନର ଅଂଶବିଶେଷ । ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସମସ୍ୟାକୁ ନେଇ କୌଣସି ଅଭିଯୋଗ ଆସିଲେ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନିଆଯାଇ ସମାଧାନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ପଦକ୍ଷେପ ନେଉଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ସିଡିଓ ଜିଲ୍ଲା ପରିଷଦ, ଡିଏସ୍‌ଡବ୍ଲୁଓ ତଥା ଅନ୍ୟ ଅଧିକାରୀ ନିଜ ବିଭାଗର ପ୍ରଣୀତ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ପିପିଟି ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଦର୍ଶନ କରାଯାଇଥିଲା।

# 'ପୁଷ୍ ପୁନେଇଁ ପରବ' ମଞ୍ଚରେ ୬୦ ଲୋକନୃତ୍ୟ ପରିବେଷଣ ହେବ



ନବରଙ୍ଗପୁର,୨୨।୧୨(ସମିସ): ପୁଷ ପୁନେଇ ପରବ ୨୦୨୬ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶ୍ରୀ ଗୁଣ୍ଡିଚା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଉପ ନଗରପାଳ ସୁବାସ ଚନ୍ଦ୍ର ସୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡାବୁଗାଁ ବିଧାୟକ ମାନହର ରନ୍ଧାରୀ, ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ମଞ୍ଜୁଳା ମାଝୀ, ଆଦିବାସୀ ଜନଜାତି ଜିଲ୍ଲା ସଭାପତି ରତନ ମାଝୀ, ଜିଲ୍ଲା ଡମ୍ବିରା ଜାତି ସଭାପତି ଲଳିତ ମୋହନ ନାୟକ, ରାଜ୍ୟ ଆଇନଜୀବୀ ସଂଗଠନ ଉପ ସଭାପତି ତଥା ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ, ନବରଙ୍ଗପୁର ଆଇନଜୀବୀ ସଂଘର ସଭାପତି ସିରାଜ୍ ଉଦ୍ଦିନ, ଅଧିବକ୍ତା ରାମ ପ୍ରସାଦ ପାତ୍ର, ଦିଲ୍ଲୀପ ହୋତା, ମିଟୁ ପାତ୍ର, ଅଧିବକ୍ତା ଶ୍ରୀକାନ୍ତ ପଣ୍ଡା, ସଂଯୁକ୍ତା ପଣ୍ଡା, ସମରେଶ ଗନ୍ତାୟତ, ଗଣେଶ ଦାସ, ସଂଗୀତା ତ୍ରିପାଠୀ, କୌଶଲ୍ୟା ପ୍ରଧାନୀ, ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ଅବଦୁଲ ଫିରୋଜ୍, ସତ୍ୟବାଦୀ ଷଡଙ୍ଗୀ, ଦୁର୍ଗା ପ୍ରାଧାନି, ବାଦ୍ୟ ଶିଳ୍ପୀ ଆନନ୍ଦ ଦାସ, ପରିବର୍ତ୍ତନ ଫାଉଣ୍ଡେସନ ଆବାହକ ନିନିବାବୁ ତ୍ରିପାଠୀ, ହାସ୍ୟ କଳାକାର ପବିତ୍ର କଟିମ୍, ନୃତ୍ୟ ଶିଳ୍ପୀ ମିଲି ମାଝୀ, କିନ୍ନର ସଂଘ ସମ୍ପାଦିକା ଚୁମକି, ବଂଶୀ ବାଦକ ମୁରଲୀ ପଟ୍ଟନାୟକ, ସାନୁଜ ପାତ୍ର, ଶୁଭମ୍ ଚୌଧୁରୀ, ଅରବିନ୍ଦ ତ୍ରିପାଠୀ, ଶିବରାମ ରାଜୁ, ଦେବୀ ତ୍ରିପାଠୀ, ରବି ପଟ୍ଟନାୟକ, ଦେବୀ ପ୍ରସାଦ ସିଂ, ଅଖିଳ ଭୋଟ, ଗଣେଶ ପଟ୍ଟନାୟକ, ସମର ଢାଲି ପ୍ରମୁଖ ଆଲୋଚନା ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଥମେ ଦୀପ ପ୍ରଜ୍ୱଳନ ପରେ ପ୍ରଖ୍ୟାତ ଚିତ୍ର ଶିଳ୍ପୀ ସୁବ୍ରତ ଆର୍ଟ ଦ୍ୱାରା ତିଆରି ହୋଇଥିବା ପୁଷପୁନେଇ ୨୦୨୬ର ପୋଷ୍ଟର ଓ ମଞ୍ଚ ଚିତ୍ରକଳାର ଡେମୋ ଉନ୍ମୋଚିତ ହୋଇଥିଲା। ଆସନ୍ତା ୨୦୨୬ ଜାନୁଆରୀ ୩,୪,୫ ତାରିଖରେ ପୁରୁଣା ମଣ୍ଡେଇ ପଡିଆ (ପୁଲିସ୍ ପଡିଆ) ଠାରେ ସନ୍ଧ୍ୟା ୬.୩୦ ରୁ ରାତ୍ର ୧୧.୦୦ ଘଣ୍ଟା ପର୍ଯ୍ୟନ୍ତ ନୃତ୍ୟର ଆସର ଜମିବ। ୩ତାରିଖ ସନ୍ଧ୍ୟା ୪ଟା ସମୟରେ ଜଗନ୍ନାଥ ମନ୍ଦିରରୁ ଛେର୍‌ଛେରା ଶୋଭାଯାତ୍ରା ବାହାରି ପଡିଆ ଅଭିମୁଖେ ଯିବ। ଏଥିରେ ବିଭିନ୍ନ ଆଦିବାସୀ ଦଳ ସହ କଳାକାର ମାନେ ନିଜ ନିଜ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଭାଗ ନେବେ। ୬୦ ରୁ ଅଧିକ ଆଦିବାସୀ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିବେ। ଦର୍ଶକଙ୍କ ନିମନ୍ତେ ଶୀତ ଦିନିଆ ଖାଦ୍ୟର ଆଶର ପାଇଁ ଷ୍ଟଲ୍ ମାନ ଲଗାଯିବ। ୟୁ ଟ୍ୟୁବ୍ ମାଧ୍ୟମରେ ସିଧା ପ୍ରସାରଣ କରାଯିବ। ଟ୍ରୁପ୍ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯିବ। ବିଭିନ୍ନ କଳା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କଳାକାର ମାନଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଆବାହକ ମୁନା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସମସ୍ତ ସୂଚନା ଦେଇଛନ୍ତି।

# ଏକଲବ୍ୟ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ




ପଟାଙ୍ଗି,୨୨।୧୨(ସମିସ): କୁନ୍ଦୁଲି ପଞ୍ଚାୟତ ଅନ୍ତର୍ଗତ ପୁଙ୍ଗାର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ବିବେକାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗଣିତ ଏକ ବିଷୟ ନୁହଁ ବରଂ ଏହା ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସଙ୍ଗୀତ ଶିକ୍ଷୟିତ୍ରୀ ସୁଧା ଜୟସୱାଲଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗଣିତ ବିଭାଗର ଅଧ୍ୟାପକ ସତ୍ୟବ୍ରତ ରାଉତ ଓ ତେଜସ୍ୱିନୀ ଟାକ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାପ୍ଟେନ୍ ଭୁଜେନ୍ଦ୍ର ଖରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଭାଇସ୍ କ୍ୟାପ୍ଟେନ୍ ପ୍ରଣତି ଦେଇ ଶୀଶା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ଗଣିତ ଦିବସ




କୋଟପାଡ଼, ୨୨।୧୨ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ସ୍ଥାନୀୟ ବିଦ୍ୟାଳୟ ଗଣିତ ଦିବସ କମିଟିର ସମ୍ପାଦକ ଡକ୍ଟର ଗଣେଶ ଚନ୍ଦ୍ର ପଣ୍ଡା, ସଭାପତି ମଣିପ୍ରସାଦ ପଟ୍ଟନାୟକ, କ୍ୟାସିୟର ସୁଧିର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, କୋଟପାଡ଼ ଏନ୍‌ଏସିର ଚେୟାରମ୍ୟାନ୍ ଏମ ଶଙ୍କର ରାଓ, ବ୍ଲକ ଶିକ୍ଷା ଅଧିକାରୀ ସ୍ୱପ୍ନେଶର ନାୟକ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ କୋଟପାଡ଼ ଆବାସିକ ବିଦ୍ୟାଳୟର ଗଣିତ ଅଧ୍ୟାପକ ହେମନ୍ତ ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଭାକାର୍ଯ୍ୟକୁ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ରତିକାନ୍ତ ମହାନ୍ତି, ଅବିନାଶ ମହାପାତ୍ର ପ୍ରଶ୍ନପତ୍ର ତିଆରିରେ ସହଯୋଗ କରିଥିଲେ। ଏଥି ସହିତ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇ ସମସ୍ତ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

● ପେଷା ସାମ୍ବାଦିକତା, ନିଶା ଚିତ୍ର ଆଙ୍କିବା

# ସୌମ୍ୟ ରଞ୍ଜନଙ୍କ କଳାକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ




କୋରାପୁଟ,୨୨।୧୨(ସମିସ): ଜିଲ୍ଲା ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକ ସୌମ୍ୟ ରଞ୍ଜନ ସାହୁଙ୍କ କଳା ପ୍ରତିଭାକୁ ନେଇ ବର୍ତ୍ତମାନ ସବୁ ଆଡେ ଚର୍ଚ୍ଚା। ପେନ୍‌ସିଲରେ ନିଜେ ଆଙ୍କିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଫୋଟଚିତ୍ରକୁ 'ପରବ' ମଞ୍ଚରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅର୍ପଣ କରିବା ପରେ ସମସ୍ତଙ୍କୁ ମୁହଁରୁ ସୌମ୍ୟଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ସୌମ୍ୟ ପେଶାରେ ସାମ୍ବାଦିକ, ହେଲେ ଚିତ୍ର ଆଙ୍କିବା ତାଙ୍କର ନିଶା । ରବିବାର ଜାତୀୟ ଆଦିବାସୀ ମହୋତ୍ସବ 'ପରବ ୨୦୨୫'ର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏହି ଅବସରରେ ସୌମ୍ୟ ରଞ୍ଜନ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ପେନ୍‌ସିଲରେ ଅଙ୍କା ଯାଇଥିବା ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କୁ ଭେଟି ଦେଇଥିଲେ। ତ୍ରଇଁ ସିଟରେ ନିଜ ଅବିକଳ ଫଟୋ ଦେଖି ମୁଖ୍ୟମନ୍ତ୍ରୀ ଏବଂ ଜିଲ୍ଲାପାଳ ସୌମ୍ୟ ରଞ୍ଜନଙ୍କ କଳାର ପ୍ରଶଂସା କରିଥିଲେ।

# 'ବରିଷ୍ଠ ନାଗରିକ ଯୁବ ଗୋଷ୍ଠୀଙ୍କ ମାର୍ଗଦର୍ଶକ'



ନବରଙ୍ଗପୁର :୨୨।୧୨(ସମିସ): ନବରଙ୍ଗପୁର ବରିଷ୍ଠ ନାଗରିକ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ସଭାଗୃହରେ ପାଳିତ ହୋଇଯାଇଛଇ। ସଂଘର ସଭାପତି ଡ. ରାଧାନାଥ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଉପ ସଭାପତି ଚନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବ ପ୍ରଥମେ ଅନୁଷ୍ଠାନର ସାଧାରଣ ସମ୍ପାଦକ ରାମମୂର୍ତ୍ତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନବରଙ୍ଗପୁର ସହରର ତିନି ଜଣ ବରିଷ୍ଠ ବ୍ୟକ୍ତି ପି.ଆନନ୍ଦା ରାଓ, ମନୋରମା ମାଝୀ, ଚୈତନ୍ୟ ଦେବଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିଥି ମାନେ ଆଜିର ସମାଜରେ ବରିଷ୍ଠ ମାନେ ହେଉଛନ୍ତି ଜ୍ଞାନର ଭଣ୍ଡାର, ସେମାନେ ଯୁବ ଗୋଷ୍ଠୀଙ୍କ ଜଟିଳ ଆହ୍ୱାନର ମୁକାବିଲା ପାଇଁ ମାର୍ଗଦର୍ଶନ କରି ଏକ ଆଦର୍ଶ ରାଷ୍ଟ୍ର ଗଠନରେ ସହାୟକ ହୋଇପାରିଥାନ୍ତି ବୋଲି ମତ ପ୍ରକାଶ କରିଥିଲେ। ପ୍ରତ୍ୟେକ ଯୁବ ଗୋଷ୍ଠୀଙ୍କ ପ୍ରକୃତ ମାର୍ଗଦର୍ଶକ ହେଉଛନ୍ତି ସମସ୍ତ ବରିଷ୍ଠ ବୋଲି ନିଜର ମତ ପ୍ରକାଶ କରିଥିଲେ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ନାରାୟଣ ପଣ୍ଡା, ନିରଞ୍ଜନ ମିଶ୍ର, ସୁବାସ ସୁର, ସତ୍ୟବାଦୀ ଷଡ଼ଙ୍ଗୀ, ରଘୁନାଥ ପାତ୍ର, ତ୍ରିପତି ସ୍ୱାଇଁ, ଜଗନ୍ନାଥ ଦାସ, ଜଗଦୀଶ ତ୍ରିପାଠୀ ପ୍ରଶାନ୍ତ କୁମାର ପାଢ଼ୀ, ଗୁପ୍ତେଶ୍ୱର ପଣ୍ଡାଙ୍କ ସହ ପ୍ରାୟ ୧୩୦ ଜଣ ସଭ୍ୟ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ରାମ ମୂର୍ତ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାବୁଗାଁରେ ଧାନମଣ୍ଡି ଉଦ୍‌ଘାଟିତ



ଡାବୁଗାଁ, ୨୨।୧୨(ସମିସ): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ହାଟପଦା ଠାରେ ଖରିଫ ଧାନ ପାଇଁ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ବରିଷ୍ଠ ଆଇନଜୀବୀ ଜୟନ୍ତ କୁମାର ପାତ୍ର, ଭାଜପା ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ଭାଜପାର ନେତା ଜେ. ରାଜଶେଖର ରାଓ, ନରେଶ ସିଂ, ବିଜେଡି ନେତା ଏମ୍. ଆପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ବିଡ଼ିଓ ଶରତ ମାଝୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ପୂର୍ବତନ ବ୍ଲକ ଅଧକ୍ଷ ବଂଶୀଧର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ କୃଷକ ମହାସଂଘ ସଭାପତି ସତ୍ୟ ରଞ୍ଜନ ପାତ୍ର, ଜି. କିରଣ ରାଓ, ରାଜେନ୍ଦ୍ର, କିଶୋର, ଦଶମୁ କଲାର ଓ ମିଲର୍ସ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ଉପସ୍ଥିତ ଥିଲେ।

# ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ଆନ୍ଦୋଳନ




ନବରଙ୍ଗପୁର,୨୨।୧୨(ସମିସ): ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତାକୁ ବିରୋଧ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନାହିଁ ନାହିଁର ଜିଲ୍ଲା ନବରଙ୍ଗପୁର। ରାଜ୍ୟର ସବୁଠାରୁ ଦରିଦ୍ର ଜିଲ୍ଲା ରେଳ ଯୋଗାଯୋଗ ନାହିଁ, ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ନାହିଁ, ଉଚ୍ଚ ଶିକ୍ଷାର ସୁବିଧା ନାହିଁ, ଗମନାଗମନର ସୁବିଧା ନାହିଁ, ଶିଳ୍ପ କଣ ଏ ଅଞ୍ଚଳବାସୀ ଆଜି ଯାଏଁ ଜାଣିପାରିଲେନି। ପ୍ରତିଷ୍ଠାର ୫୦ବର୍ଷ ବିତିଯାଇଥିବା ସତ୍ତ୍ୱେ ନବରଙ୍ଗପୁର ମହାବିଦ୍ୟାଳୟ ସରକାରୀ ମାନ୍ୟତା ପାଇପାରିଲାନି । ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କୁ ଜୀବନଧାରଣର ମୌଳିକ ସୁବିଧାବି ମିଳିପରିଲାନି। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ସାକ୍ଷରତା ହାର ଜାତୀୟ ହାରଠାରୁ ବହୁତ କମ୍, ଗୁଣାତ୍ମକ ଶିକ୍ଷା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ, ସଡ଼କ ଓ ରେଳ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ, ସ୍ୱାସ୍ଥ୍ୟ ସୁବିଧା ଅପର୍ଯ୍ୟାପ୍ତ ଏବଂ ବିଦ୍ୟୁତ୍ ଯୋଗାଣ ଅସ୍ଥିର। ରାଜ୍ୟ ମନ୍ତ୍ରୀମଣ୍ଡଳରେ ସଠିକ ରାଜନୈତିକ ପ୍ରତିନିଧିତ୍ୱ ଏବଂ ପ୍ରଭାବଶାଳୀ ନେତୃତ୍ୱର ଅଭାବ ଯୋଗୁଁ ଏହି ଜିଲ୍ଲାଗୁଡ଼ିକ ତାଙ୍କର ଯଥାଚିତ ବିକାଶରୁ ବଞ୍ଚିତ ହୋଇ ରହିଛନ୍ତି ବୋଲି ସେ କହିଛନ୍ତି। ଗତ ମାର୍ଚ୍ଚ ୨୦୨୫ରେ ନାଇଜର ଏବଂ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟ ମାଲକାନଗିରି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ଦେଶର ସବୁଠାରୁ ପଛୁଆ ଜିଲ୍ଲା ମାନଙ୍କ ମଧ୍ୟରେ ପରିଗଣିତ କରିବା ପୁନର୍ବାର ଏହି ଗଭୀର ଅସମତାକୁ ପ୍ରକାଶ କରିଛି। ଏଥି ସହିତ ଶ୍ରୀ ତ୍ରିପାଠୀ କହିଛନ୍ତି, ବର୍ଷ ବର୍ଷ ଧରି ଅବହେଳିତ ଏବଂ ଉପେକ୍ଷିତ ଏହିସବୁ ଜିଲ୍ଲା ବାସୀ ନିଜ ରାଜ୍ୟରେ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ମନେ କରୁଛନ୍ତି ଏବଂ ସରକାରଙ୍କ ବୈମାତୃକ ମନୋଭାବ ସେମାନଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତା ଦୂରୀକରଣ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ଅଣ ରାଜନୈତିକ ସଂଗଠନ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ଧର୍ମଘଟ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦିଆଯାଇଥିଲା, "ଆମେ ବି ଓଡିଶା ବାସୀ, ଆମ ପ୍ରତିବି ନଜର ପଡୁ।" ଏହାକୁ ଜିଲ୍ଲା ନାଗରିକ କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆ ଯାଇଥିଲା। ଏହି ଧର୍ମଘଟରେ ଅନ୍ୟ ମାନଙ୍କ ମଧ୍ୟରେ ମଞ୍ଚର ସକ୍ରିୟ ସଦସ୍ୟ ସର୍ବଶ୍ରୀ କୁମୁଦ ନାୟକ, ରାଜେନ୍ଦ୍ର ବିଷୋଇ, ସୁରେଶ ତ୍ରିପାଠୀ, ଶଶାଙ୍କ ତ୍ରିପାଠୀ, ଦୂର୍ଗା ପ୍ରସାଦ ସାହୁ, ମନୋରଂଜନ କାର୍ତ୍ତିକ, ରାମ ପାତ୍ର, ଲଳିତ ମୋହନ ନାୟକ, ସୁଧୀର ପାତ୍ର ଏବଂ ଶ୍ରୀମତୀ ପ୍ରଭାତୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

ପାୱରଗ୍ରିଡ
POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।
୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।
୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | **5941.67** | | **5899.85** |

୪. ଟାରିଫ୍ ବିବରଣୀ:
କ) ୨୦୨୪-୨୯ ବ୍ଲକ୍ ଟଙ୍କା (ଲକ୍ଷରେ)

| SI No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।
୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ) ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଟ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ', ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU

# ପଣସପଡ଼ିଆ ଅଙ୍ଗନବାଡ଼ି କେନ୍ଦ୍ର ଅର୍ଦ୍ଧ ନିର୍ମିତ

## ନିଶ୍ଚିନ୍ତକୋଇଲି ସେକ୍ଟରର ୧୩ଟି କେନ୍ଦ୍ରରେ ନାହିଁ ଅଙ୍ଗନବାଡ଼ି ଗୃହ

ନିଶ୍ଚିନ୍ତକୋଇଲି,୨୨।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅଧୀନ ନିଶ୍ଚିନ୍ତକୋଇଲି ସେକ୍ଟର ବଡକ୍ଷୀର ପଞ୍ଚାୟତ ପଣସପଡିଆ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ସରକାରଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା ବେଳେ ବିଭାଗୀୟ ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହି ଏକ ଏଜେନ୍ସି ମାଧ୍ୟମରେ କାର୍ଯ୍ୟ କରାଯାଉଥିଲା। ଏହି କେନ୍ଦ୍ର ଗୃହ କାର୍ଯ୍ୟ ପ୍ଲିନ୍ଥ ଲେବୁଲ କରାଯାଇଥିବା ବେଳେ ନିର୍ମାଣ ହେଉଥିବା ଜମି ଉପରେ ଆଇନଗତ ସମସ୍ୟା ଦେଖାଦେବାରୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଥିଲା। ଏହି ଅଙ୍ଗନବାଡି କେନ୍ଦ୍ର ଗୃହଟି ଗାନ୍ଧିସ୍ମୃତି ପୀଠ ପରିସରରେ ନିର୍ମାଣ ହେବା ପାଇଁ ସ୍ଥିର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏହି ସ୍ମୃତି ପୀଠକୁ ଜମିଦାନ କରିଥିବା ପୁରୁଣା ମାଲିକମାନେ ଏହାକୁ ବିରୋଧ କରିବାରୁ କାର୍ଯ୍ୟ ହୋଇ ପାରୁନାହିଁ। ବର୍ତ୍ତମାନ ଅତ୍ୟନ୍ତ ଦହନୀୟ ଅବସ୍ଥାରେ ଏକ ଭଡା ଘରେ ଏହି କେନ୍ଦ୍ରଟି ଚାଲୁଅଛି। ଏହି କେନ୍ଦ୍ରରେ ବର୍ତ୍ତମାନ ଶିଶୁ ସଂଖ୍ୟା ୯ ଜଣ ରହିଥିଲା ବେଳେ ଜଣେ ଅଙ୍ଗନବାଡି କର୍ମୀ ଓ ଜଣେ ସହାୟିକା କାର୍ଯ୍ୟ କରୁଛନ୍ତି। କେନ୍ଦ୍ରର ଗୃହ ନ ଥିବାରୁ ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ଦେବା ଏବଂ କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଖେଳନା ଉପକରଣ ଓ ଆବଶ୍ୟକୀୟ ଜିନିଷ ପତ୍ର ରଖିବା ପାଇଁ ସମସ୍ୟା ଉପୁଜୁଛି। ତୁରନ୍ତ ଏହି କେନ୍ଦ୍ରର ନୂତନ ଗୃହ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାଛଡା ନିଶ୍ଚିନ୍ତକୋଇଲି ସେକ୍ଟରରେ ମୋଟ ୩୮ଟି ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୨୫ଟି ଅଙ୍ଗନବାଡି କେନ୍ଦ୍ରରେ ନିଜସ୍ୱ ଗୃହ ରହିଥିଲା ବେଳେ ୧୩ଟି ଅଙ୍ଗନବାଡି କେନ୍ଦ୍ରର ଗୃହ ନ ଥିବା ଜଣାଯାଇଛି। ଗୃହ ନ ଥିବା ଅଙ୍ଗନବାଡି କେନ୍ଦ୍ରମାନଙ୍କ ମଧ୍ୟରୁ ୭ଟି ଅଙ୍ଗନବାଡି କେନ୍ଦ୍ର ବିଭିନ୍ନ ସ୍କୁଲରେ ଚାଲୁଥିଲା ବେଳେ ୪ଟି ଅଙ୍ଗନବାଡି କେନ୍ଦ୍ର ବିଭିନ୍ନ କମ୍ୟୁନିଟି ସେଣ୍ଟରରେ ଚାଲିଛି ଓ ଦୁଇଟି କେନ୍ଦ୍ର ଭଡାରେ ଚାଲୁଥିବା ଜଣାଯାଇଛି। ବିଶେଷ କରି ଓଥକା, ଉପର ଓଥକା, ପଣସପଡିଆ, ରଙ୍ଗ ମୁଣ୍ଡାଇ, ଜମରା-୨, ଜମରା-୧, ବରପଡା ସାମଲ ସାହି, ବୁହାଳ ମୁଦୁଲି ସାହି, ବୁହାଳ ମହାନ୍ତି ସାହି, କେନ୍ଦୁପାଟଣା-୩, ସାନରାଉତପତି, ଧଳପଡା ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଜଣାଯାଇଛି। ଅଙ୍ଗନବାଡି କେନ୍ଦ୍ର ଗୁଡିକର ନିଜସ୍ୱ ଗୃହ ନ ଥିବାରୁ କେନ୍ଦ୍ର ଚାଲିବା ଏବଂ କାର୍ଯ୍ୟରତ କର୍ମୀ ଓ ସହାୟିକାମାନେ ସେମାନଙ୍କର କର୍ତ୍ତବ୍ୟ କରିବା ଓ ସୁପରଭାଇଜରମାନେ କେନ୍ଦ୍ର ଗୁଡିକୁ ତଦନ୍ତ କରିବାରେ ବିଭିନ୍ନ ସମସ୍ୟା ଉପୁଜୁଛି। ତୁରନ୍ତ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକର ନୂତନ ଗୃହ ନିର୍ମାଣ କରାଯିବା ପାଇଁ ବିଭାଗୀୟ ପକ୍ଷରୁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## ତନ୍ତିରାରେ ଅଗ୍ନିକାଣ୍ଡ: ଟେଟ୍ରାହେଡ୍ରନ ପକ୍ଷରୁ ସହାୟତା

ଟାଙ୍ଗୀ,୨୨।୧୨(ସମିସ): ଶନିବାର ବିଳମ୍ବିତ ରାତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ତନ୍ତିରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅରବିନ୍ଦ ଦାସଙ୍କ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ହେଁ ପୀଡିତ ପରିବାରର ସାଇତା ଚାଉଳ, ଲୁଗାପଟା, ଘରକରଣା ସାମଗ୍ରୀ, ୨ଟି ସାଇକଲ, ଆଲମାରୀ ଓ ପଙ୍ଖା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁଁ ଉକ୍ତ ପରିବାରର ସଦସ୍ୟମାନଙ୍କୁ ଝରକା ଭାଙ୍ଗି ଉଦ୍ଧାର କରାଯିବା ସାଧାରଣରେ ଚର୍ଚ୍ଚାକୁ ଆସିଛି। ଦମକଳ ବାହିନୀ ପହଞ୍ଚିଲା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିବାବେଳେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସହଧର୍ମିଣୀ ଡଃ ସସ୍ମିତା ପଟ୍ଟନାୟକ ପହଞ୍ଚି ପୀଡ଼ିତ ପରିବାରକୁ ସମବେଦନା ଜ୍ଞାପନ ପୂର୍ବକ ସହାୟତାର ହାତ ବଢାଇଛନ୍ତି। ସେହିପରି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ସ୍ଥାନୀୟ ଭାରପ୍ରାପ୍ତ ସରପଞ୍ଚ ସୋଫିଆ ବିବି ପହଞ୍ଚି ଆର୍ଥିକ ସହାୟତା ସହ ଖାଦ୍ୟସାମଗ୍ରୀ ଓ ବାସନକୁସନ ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଘଟଣାର ତଦନ୍ତ କରିଥିବା ଓ ପ୍ରଶାସନ ପକ୍ଷରୁ ଗୃହ ନିର୍ମାଣ ନିମନ୍ତେ ୧ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପାଇଁ ବିଧାୟକ ଶ୍ରୀ ବେହେରା ସୁପାରିଶ କରିଥିବା ଅରବିନ୍ଦ ସୂଚନା ଦେଇଛନ୍ତି। ତେବେ ଅରବିନ୍ଦଙ୍କ ପୈତୃକ ଗୋଟିଏ ବଖରା ଆଟୁ ଘର ଯୋଗୁଁ ସରକାରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ମାତ୍ର ପୁରୁଣା କାଳିଆ ଉକ୍ତ ଆଟୁ ଘରର ଛାତରୁ ପାଣି ଗଳୁଥିଲେ ହେଁ ମାର୍ଗଦର୍ଶିକା ନାଁରେ ସରକାରୀ ବାବୁ ନାଚାର ପାଲଟିଥିବା ଜାଣିବାକୁ ମିଳିଛି।



## ଅର୍ଥନୀତି ବିଭାଗର କର୍ମଶାଳା

ଟାଙ୍ଗୀ,୨୨।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ ବିଲକେଶ ପରବିନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜବାହରଲାଲ ନେହରୁ କଲେଜର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପୁଷ୍ପଗିରି ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ମୁଖ୍ୟ ଅକ୍ଷୟ ମହାନ୍ତି ପ୍ରମୁଖ ଯୋଗଦେଇ ଅର୍ଥନୀତିରେ ଉଦ୍ୟମୀ ଉଦ୍ୟୋଗ ବିକଶିତ ଭାରତ ୨୦୪୭ ଉପରେ ଆଲୋକପାତ କରିଥିଲେ। କଲେଜର ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷା ମିଶ୍ର ବିବରଣୀ ପାଠ କରିଥିବାବେଳେ ଛାତ୍ର ସୂର୍ଯ୍ୟପ୍ରତାପ ସାହୁ, ରାଜା ସ୍ୱାଇଁ ଓ ଛାତ୍ରୀ ରଶ୍ମିତା ପ୍ରିୟଦର୍ଶନୀ ବିଶ୍ୱାଳ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ୧୯୮୭ ବ୍ୟାଚ୍ ପୁରାତନ ଛାତ୍ରଙ୍କ ସମାବେଶ



ଚୌଦ୍ୱାର,୨୨।୧୨(ସମିସ): କଖଡି ନୋଡାଲ ହାଇସ୍କୁଲ ୧୯୮୭ ମସିହା ପୁରାତନ ବିଦ୍ୟାର୍ଥୀଙ୍କ ବାର୍ଷିକ ସମାବେଶ ଧବଳେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ପୁରାତନ ଛାତ୍ରଙ୍କ ଅବଦାନ ଓ ପ୍ରଚେଷ୍ଟା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟରେ କ୍ରୀଡା ଓ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ସମ୍ମାନିତ କରାଯିବା ସହିତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ଓ ଆଗାମୀ ଦିନରେ ଏହି ଅର୍ଥରାଶି ବୃଦ୍ଧି କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ନୀରଞ୍ଜନ ସାହୁ, କବିଚନ୍ଦ୍ର ସାହୁ, ଫଗୁ ଦଳାଇ, ରଞ୍ଜିତ ସାମନ୍ତରାୟ, ବିକଳ ଗୋଚ୍ଛାୟତ, ଆଶୁତୋଷ ପରିଡା, ଶୈଳେଶ ପଣ୍ଡା, ସୁକାନ୍ତ ନାୟକ, ସୁପ୍ରଭା ଚୌଧୁରୀ, ଉର୍ବସୀ ସ୍ୱାଇଁ, ସୀମା ପ୍ରତିହାରୀ, ସତ୍ୟଭାମା ସାହୁ, ଭାରତୀ ବେହେରା, ନିରୂପମା ସାହୁ ସମେତ ବହୁ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସ୍କୁଲରେ ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି,୨୨।୧୨(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ସୁକରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ବ୍ରଜରାଜପାଟଣା କ୍ଲଷ୍ଟର ସିଆରସିସି ମହାମେଘବାହାନ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ମୋଟ ୨୨୯ ଜଣ ଛାତ୍ରଛାତ୍ରୀଙ୍କୁ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଚଳିତ ବର୍ଷ ଉପକନିଷ୍ଠ ବିଭାଗରେ ବାଳକ ଅନସ ଖାଁ ଓ ବାଳିକା ସୁଚିସ୍ମିତା ସାହୁ, କନିଷ୍ଠ ବିଭାଗରେ ବାଳକ ଅମାମୁଦ୍ଦିନ ଖାଁ ଓ ବାଳିକା ଲକ୍ଷ୍ମୀପ୍ରିୟା ଦାସ ଏବଂ ବରିଷ୍ଠ ବିଭାଗରେ ବାଳକ ମିର୍ଜା ନୱେଦ ବେଗ୍ ଓ ବାଳିକା ସ୍ମୃତି ଭୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ମହମ୍ମଦ ଆଲିମ୍ ଖାଁଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସଂଯୁକ୍ତା ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ମନୋଜ କୁମାର ମଲିକ, ଭାରତୀୟ ସେନା ବାହିନୀର ଯବାନ ସେକ୍ ଇମ୍ରାନ୍, ପ୍ରାକ୍ତନ ପ୍ରଧାନଶିକ୍ଷକ ସୌଭାଗ୍ୟ ବରାଳ, ପ୍ରଭାତ ଦାସ, ସୁଶାନ୍ତ ମାଝି, ଅନୁରିତା ଶତପଥି, ସଞ୍ଜିତା ଖାନମ୍, ତନ୍ମୟୀ ସେଠୀ, ଲକ୍ଷ୍ମୀପ୍ରିୟା ଭୋଳ ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରି ଉତ୍ସାହିତ କରିଥିଲେ। ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ରୂପାଲି ମହାରଣା ଏବଂ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ବିଷ୍ଣୁପ୍ରିୟା ପୃଷ୍ଟିଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି। ଶିକ୍ଷାବିତ୍ ସୌଭାଗ୍ୟ ବରାଳ ଧନ୍ୟବାଦ ଦେଇଥିଲେ।



## ସଦର ବିଧାୟକଙ୍କ ପକ୍ଷରୁ ବନ୍ଧୁମିଳନ

କନ୍ଦରପୁର,୨୨।୧୨(ସମିସ): କଟକ ସଦର ଅନ୍ତର୍ଗତ ଚାନ୍ଦୁଲି ବଳୀ ବାମନ ପୀଠରେ ଆଜି ରବିବାର ଦିନ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଜେପି ନେତା ହୃଷିକେଶ ଜେନା, ସାଧୁଚରଣ ଜେନା, ରମାପ୍ରସାଦ ବିଶ୍ୱାଳ, ସମୀରପଣ୍ଡା, ଚିତ୍ତରଞ୍ଜନ ସାହୁ, ମୀନକେତନ ମହାନ୍ତି, ରଘୁନାଥ ଚୌଧୁରୀ, ବିଜୟ ରାଉତରାୟ, କ୍ଷିତେନ୍ଦ୍ର ମିତ୍ର, ଲିପୁ ମହାନ୍ତି, କଟକ ସହରାଞ୍ଚଳ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ଇଂରାଜୀ ନୂଆବର୍ଷ -୨୦୨୬ ସଦରବାସୀଙ୍କ ପାଇଁ ଶୁଭଙ୍କର ହେଉ ବୋଲି ବିଧାୟକ ଇଂ ସେଠୀ କାମନା କରିଥିଲେ। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।



## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ



ନେମାଳ,୨୨।୧୨(ସମିସ): ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ପରିସରରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ 'ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର' ଡିସେମ୍ବର ୧୨ ତାରିଖ ଠାରୁ ଆରମ୍ଭ ହୋଇ ୨୦ ତାରିଖରେ ସଫଳତାର ସହ ଉଦଯାପିତ ହୋଇଯାଇଛି। ଅଧ୍ୟାପିକା ଡ. ଦୀପ୍ତିମୟୀ ବେହେରା (ଶକ୍ତିଶ୍ରୀ ସଂଯୋଜିକା)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଠଦିନିଆ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଙ୍କର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ନେମାଳ ଥାନାର ଆଇଆଇସି ସୁଶୀଲ ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ଗଗନ ବିହାରୀ ଦାଶ ଯୋଗଦେଇଥିଲେ। ଶିବିର ଶେଷରେ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବା ସହ ସେମାନଙ୍କର ମନୋବଳ ବୃଦ୍ଧି ପାଇଁ ଉପଦେଶ ଦେଇଥିଲେ। ଶେଷରେ ଶକ୍ତିଶ୍ରୀ ସଂଯୋଜିକା ଡ. ଦୀପ୍ତିମୟୀ ବେହେରା ଧନ୍ୟବାଦ୍ ଦେବା ପରେ ଉଦଯାପନୀ ଉତ୍ସବ ସମାପ୍ତ ହୋଇଥିଲା। ରୋଜାଲିନ ମହାରଣା ପ୍ରଶିକ୍ଷକ ଭାବେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳମାନ ଶିଖାଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୀତ ଅଧିବେଶନ



ଚୌଦ୍ୱାର,୨୨।୧୨(ସମିସ): କଟକ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ଶୀତ ଅଧିବେଶନ ଚୌଦ୍ୱାର ଆଗ୍ରାହାଟ ସ୍ଥିତ ଲିଜର ଗାର୍ଡେନ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ବିବେକାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂପାଦକ ଶିଶିର ନାୟକ ବିବରଣୀ ପାଠ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୂତନ ଶିକ୍ଷାନୀତି ଉପରେ ସଭାପତି ଅଜିତ ଷଡଙ୍ଗୀ, ଆର୍ତ୍ତବନ୍ଧୁ ପ୍ରଧାନ, ରାଜକିଶୋର ପଣ୍ଡା, ରଞ୍ଜନ ଲେଙ୍କା ଓ ଦ୍ୱିଜବର ନାୟକ ପ୍ରମୁଖ ଆଲୋଚନା କରିଥିଲେ। ତୀରଚରଣ ରାଉତ, କଳ୍ପତରୁ ପାଗଳ, ଅନନ୍ତ ଦାସ, ଧୀରେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ଜେଠୀ, ତ୍ରିଲୋଚନ ରାଉତ, ଅଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବ ପ୍ରସାଦ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଭୁତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ନିଆଳି,୨୨।୧୨(ସମିସ): ନିଆଳି ବ୍ଲକ ଅନ୍ତର୍ଗତ ଦେବୀ-କନ୍ଦଳ ଦ୍ୱିପାଞ୍ଚଳ ଏରଞ୍ଚ ସ୍ଥିତ ଦେବୀ କନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଥିବା ବେଳେ ଏହି ଅବସରରେ ମହାବିଦ୍ୟାଳର ନୂତନ ଛାତ୍ରୀନିବାସର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏରଞ୍ଚ ମହାବିଦ୍ୟାଳୟର ଖେଳପଡିଆ ପାର୍ଶ୍ୱରେ ପ୍ରାୟ ୨ କୋଟି ୭୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଛାତ୍ରୀନିବାସକୁ ନିଆଳି ବିଧାୟକ ଛବି ମଲ୍ଲିକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ମାର୍କଣ୍ଡେଶ୍ୱର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଛବି ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢା ସହ ଶୃଙ୍ଖଳିତ ହେବା ଏବଂ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷ ମାର୍କଣ୍ଡେଶ୍ୱର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତାଭାବେ ସାହିତ୍ୟିକ ପ୍ରଫେସର ବେଣୁଧର ପାଢୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କର ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡଃ. ଅଜୟ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ମନୋଜ ସେନାପତି ଓ ଡଃ. ଅନୁପ ରଞ୍ଜନ ମାର୍ଥା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଶ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ଶ୍ୱେତପଦ୍ମା ସେନାପତି, ସୁଶ୍ରୀ କରିନା ପ୍ରିୟଦର୍ଶିନୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଶଶୀକାନ୍ତ ଲେଙ୍କା, ଦିନବନ୍ଧୁ ମହାପାତ୍ର, ହୃଦାନନ୍ଦ ସ୍ୱାଇଁ, ଭୁବନାନନ୍ଦ ମହାପାତ୍ର, ନାରାୟଣ କର, ଅନୀଲ ପ୍ରଧାନ, ଜ୍ୟୋତିରଞ୍ଜନ ସ୍ୱାଇଁ, ବିଭୁକଲ୍ୟାଣ କାନୁନ୍‌ଗୋ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ରକ୍ତଦାନ ଶିବିର: ୮୩ ୟୁନିଟ୍ ସଂଗୃହୀତ

କନ୍ଦରପୁର,୨୨।୧୨(ସମିସ): କଟକ ସଦରର ଅଗ୍ରଣୀ ସାମାଜିକ ସଂଗଠନ "ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ' ର ପୃଷ୍ଠପୋଷକତାରେ ଜୟଶ୍ରୀ ମହାକାଳ ଫାଉଣ୍ଡେସନ ପକ୍ଷରୁ ଆଜି ରବିବାର ଦିନ ବେଣ୍ଟକାର ଭଜଗୋବିନ୍ଦ କ୍ଲବ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ୟୁନିଅନର ସଭାପତି ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକ, ବରିଷ୍ଠ ଉପଦେଷ୍ଟା ବିଜୟ ନାୟକ ଓ ପ୍ରକାଶ ମାଝିଙ୍କ ଉପସ୍ଥିତିରେ ଉଦଘାଟନ କରିଥିବା ବେଳେ ପରିଚାଳନାରେ ଫାଉଣ୍ଡେସନର ସଦସ୍ୟମାନେ ସହାୟତା କରିଥିଲେ। ଶିବିରରୁ ୮୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡିଛି।




## ସମାଜସେବୀଙ୍କ ପକ୍ଷରୁ କମ୍ବଳ ବଣ୍ଟନ

କିଶନନଗର,୨୨।୧୨(ସମିସ): ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକ କିଶନନଗର ପଞ୍ଚାୟତ ହୁଲିପୁର ଦଣ୍ଡା ଛକ ଠାରେ ଆଜି ରବିବାର ୮୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ କରିଥିବା ଜଣାପଡିଛି। ଏଥିରେ ୟୁନିଅନର ବରିଷ୍ଠ ଉପଦେଷ୍ଟା ବିଜୟ କୁମାର ନାୟକ, ଆଶିଷ ମହାନ୍ତି, ପ୍ରକାଶ ମାଝି, ସରୋଜ ସାସମଲ, ସୁମନ ଜେନା ପ୍ରମୁଖ ସାମିଲ ଥିବା ବେଳେ ପରିଚାଳନାରେ କୃପାସିନ୍ଧୁ ସେଠୀ, ନରେଶ ମଲ୍ଲିକ, ସୁମନ ଭୋଇ, ସୌମ୍ୟ ରଞ୍ଜନ ଭୋଇ ପ୍ରମୁଖ ସହାୟତା କରିଥିଲେ।



# ପଲ୍ଲିକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ମାହାଙ୍ଗା,୨୨।୧୨(ସମିସ): ଓଡିଶା ସାହିତ୍ୟ ଏକାଡେମୀ ଓ ମାହାଙ୍ଗା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଜନ୍ମମାଟି କୁସୁପୁରସ୍ଥିତ ନନ୍ଦ କିଶୋର ବିଦ୍ୟା ମନ୍ଦିର ପରିସରରେ ପଲିକବି ନନ୍ଦ କିଶୋର ବଳଙ୍କ ୧୫୦ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟା ମନ୍ଦିର ପରିସରରେ ଥିବା କବିଙ୍କ ପ୍ରତି ପ୍ରତିମୂର୍ତ୍ତି ସ୍ଥଳରେ ବହୁ ବିଶିଷ୍ଟ କବି ସାହିତ୍ୟିକ ସମାଜସେବୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ଆୟୋଜିତ ସାରସ୍ୱତ ସମାରୋହରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ପୌରହିତ୍ୟରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ସାହିତ୍ୟିକ ଡଃ ଭାଗବତ ଶୁକ୍ଳ ସମ୍ମାନୀତ ବକ୍ତାଭାବେ ଡ. ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପଲ୍ଲିକବି ନନ୍ଦ କିଶୋର ବଳଙ୍କ ସାହିତ୍ୟ କୃତୀ ଓ କୀର୍ତ୍ତି ଉପରେ, ଆଲୋକପାତ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସହକାରୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଛୁଆଳସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ବିଇଓ ମୋନାଲିସା ସରକାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥି, ଭକ୍ତଚରଣ ସ୍ୱାଇଁ, ଅମରେନ୍ଦ୍ର ସିଂହ, ମନୋରଞ୍ଜନ ନାୟକ, କିଶୋର ରାଉତ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ଅଭିନ୍ନ ଜେନା, କନକଲତା ବେହେରା, ଶାରଦା ଜେନା, ପ୍ରଭାସ ବର୍ମା, ବିଶ୍ୱପ୍ରକାଶ ପୃଷ୍ଟି, ଉପେନ୍ଦ୍ର ସାହୁ, ଶେଷଦେବ ସାହୁ, ପଦ୍ମଲୋଚନ ନାୟକ, ମହେନ୍ଦ୍ର ବେହେରା, କମଳାକାନ୍ତ ପ୍ରଧାନ, ଧ୍ରୁବଚରଣ ଚରଣ ସାମଲ, ସୁବୋଧ ବେହେରା, ଉମେଶ ଦାସ, ପ୍ରଧାନଶିକ୍ଷକ ରଞ୍ଜନ କରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଶ୍ରୀଅଚ୍ୟୁତ ସାରସ୍ୱତ ପରିଷଦ



ନେମାଳ,୨୨।୧୨(ସମିସ): ଶ୍ରୀ ଅଚ୍ୟୁତ ସାରସ୍ୱତ ପରିଷଦ, ନେମାଳ ଆନୁକୂଲ୍ୟରେ ପଲ୍ଲୀ କବି ନନ୍ଦ କିଶୋର ବଳଙ୍କ ୧୫୦ତମ ଜୟନ୍ତୀ ମହିମାଗାଦି, ନେମାଳଠାରେ ପରିଷଦର ସଭାପତି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ସଭାରେ ସାହିତ୍ୟିକ ଡ଼ ଭାବଗ୍ରାହୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ନାୟକ, ସାହିତ୍ୟିକ ସଚ୍ଚିଦାନନ୍ଦ ମିଶ୍ର, କେଦାରନାଥ ସାହୁ, ଗାଦି ସଞ୍ଚାଳକ ସଚ୍ଚିଦାନନ୍ଦ ଦାଶ, ବିପିନ ବିହାରୀ ସ୍ୱାଇଁ, ବଟକୃଷ୍ଣ ବେହେରା ପ୍ରମୁଖ ଯୋଗଦେଇ ପଲ୍ଲି କବିଙ୍କ ସାହିତ୍ୟରେ ଭାଷାର ଲାଳିତ୍ୟ ଅତୀବ ହୃଦୟସ୍ପର୍ଶୀ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସମ୍ପାଦକ ତନ୍ମୟ କିଶୋର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ବଳଦେବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ। ପୁରୁଷୋତ୍ତମ ଦାସ ଓ ପତିତପାବନ ଦାସ ସଭା ପରିଚାଳନା କରିଥିଲେ।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର

**ସୁକିନ୍ଦା, ୨୨।୧୨(ସମିସ):** ମଙ୍ଗଳପୁର ଟମକା ରାସ୍ତାର କଲରଙ୍ଗି ଛକ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ପୁରିଆଝର ଗ୍ରାମ ଛୋଟରାୟ ମୁଣ୍ଡାଙ୍କ ପୁଅ ବଳରାମ ମୁଣ୍ଡା (୨୨) ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ବଳରାମ ସୋମବାର ବାଇକ୍ ନେଇ କାଳିଆପାଣି ଯାଉଥିବା ସମୟରେ କାଠପାଳ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ବଳରାମଙ୍କୁ ପରିବାର ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ବଳରାମ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**ଯଖପୁରା/ଦାନଗଦି, ୨୨।୧୨(ସମିସ):** ମୋଟରସାଇକଲ ଚୋରି ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଇଛି। ଦାନଗଦି ତ୍ରିଜଙ୍ଗା କଲୋନୀର ବୁଧିରାମ ହେମ୍ବ୍ରାଙ୍କ ଏକ ହୋଣ୍ଡା ଏସ୍‌ପି ୧୨୫ ମୋଟରସାଇକଲ ଚୋରି ହୋଇଥିବା ସେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ନଂ. ୪୫୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ଯାଜପୁର ରୋଡ୍ ରାଛିପୁର ଗ୍ରାମର ସୁରେନ୍ଦ୍ର ଓଝା (୪୫)ଙ୍କୁ ଗିରଫ କକରିଥିଲେ। ଗିରଫ ପରେ ଅଭିଯୁକ୍ତଙ୍କୁ ଗ୍ରାମ ନ୍ୟାୟାଳୟ ସହ ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ କୋର୍ଟ, ସୁକିନ୍ଦା କୋର୍ଟକୁ ପଠାଯାଇଛି। ମାମଲାର ତଦନ୍ତ ଏଏସଆଇ ଗୋପାଳ କୃଷ୍ଣ ଗୌଡ଼ କରୁଛନ୍ତି।

# ବିରଜା ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶକୁ ନେଇ ଉତ୍ତେଜନା





**ଯାଜପୁର, ୨୨।୧୨(ସମିସ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ଅଣ ହିନ୍ଦୁ ପ୍ରବେଶକୁ ନେଇ ଆଜି ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଜି ଦିନ ୧୧ଟା ପରେ ୨ ଜଣ ଯୁବକ ଯୁବତୀ ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଜୋତା ଷ୍ଟାଣ୍ଡରେ ଫୋନ ପେ'ରେ ପଇସା ଦେବା ସମୟରେ ଯୁବକ ଜଣଙ୍କ ନାମ ଅଣହିନ୍ଦୁ ବୋଲି ଜଣା ପଡ଼ିଥିଲା। ପରେ ଦୁହେଁ ବେଢ଼ା ମଧ୍ୟକୁ ଆସି ବକୁଳ ଗଛ ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ କିଛି ଯୁବକ ସେମାନଙ୍କୁ ବାହାରକୁ ଡାକି ପରିଚୟ ବୁଝିବାରୁ ଯୁବକ ଜଣଙ୍କ ସଂଖ୍ୟାଲଘୁ ସମ୍ପ୍ରଦାୟର ହୋଇଥିବା ବେଳେ ଯୁବତୀ ଜଣଙ୍କ ହିନ୍ଦୁ ବୋଲି ଜଣା ପଡ଼ିଥିଲା। ଏହାକୁ ଦେଖି ଉତ୍ତେଜନା ଦେଖାଦେବାରୁ ଘଟଣାସ୍ଥଳରେ ଟାଉନ ପୁଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଥିଲା। ଯୁବକ ଜଣଙ୍କ ଯାଜପୁର ଅଞ୍ଚଳର ହୋଇଥିବା ବେଳେ ଯୁବତୀ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ବୋଲି ଜଣାପଡ଼ିଲା। ଏହି ଘଟଣାକୁ ନେଇ ଯାଜପୁର ଜିଲ୍ଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ତରଫରୁ ମୃତ୍ୟୁଞ୍ଜୟ ପଟନାୟକ ଓ ମୁକ୍ତି ମଣ୍ଡପ ସେବାୟତ ପରିଷଦ ତରଫରୁ ସଭାପତି ଦେବୀପ୍ରସାଦ ପାଣି ପୃଥକ ପୃଥକ ଭାବେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ଯୁବକ ଯୁବତୀଙ୍କୁ ଟାଉନ ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣା ପରେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଉଠିଛି। ଅନ୍ୟ ପକ୍ଷରେ ବିରଜା ମନ୍ଦିର ସୁରକ୍ଷାକୁ ବହୁ ମାତ୍ରାରେ ହ୍ରାସ କରି ଦିଆଯାଇଛି। ଯାହାକୁ ନେଇ ବାରମ୍ବାର ଅଭିଯୋଗ ଉଠିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଜିଲ୍ଲା ପ୍ରଶାସନ ବିରଜା ମନ୍ଦିର ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

### ଚିଭାଳ କଲେଜରେ ଉତ୍ତେଜନା

## ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ; ୪ ଗୁରୁତର

**ଦଶରଥପୁର, ୨୨।୧୨(ସମିସ):** ଦଶରଥପୁର ବ୍ଲକ ଚିଭାଳ ମହାବିଦ୍ୟାଳୟରେ ବିକଟାଳ ବାଇକ୍ ସାଇଲେନ୍ସରର ଶବ୍ଦକୁ ନେଇ ୨ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ଗତ ଶନିବାର ଜଣେ ଛାତ୍ର ମହାବିଦ୍ୟାଳୟ ପରିସରରେ ବିକଟାଳ ହର୍ଣ୍ଣ ବଜାଇ ବାଇକ୍ ଚଳାଉଥିବା ଦେଖି ଅନ୍ୟକିଛି ଛାତ୍ର ସମ୍ପୃକ୍ତ ବାଇକ୍ ଚଳାଉଥିବା ଛାତ୍ରକୁ ଅଟକାଇ କାହିଁକି ଏଭଳି ଆବାଜ୍ ବାହାର କରୁଛୁ ପଚାରିବାରୁ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ମହାବିଦ୍ୟାଳୟର ଦୁଇ ଅଧ୍ୟାପକଙ୍କ ହସ୍ତକ୍ଷେପ ପରେ ଘଟଣା ଥମି ଯାଇଥିଲେ ମଧ୍ୟ ଛାତ୍ରମାନଙ୍କ ମନ ଥଣ୍ଡା ପଡ଼ିନଥିଲା। ଆଜି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ମହାବିଦ୍ୟାଳୟର କିଛି ଯୁକ୍ତ ୩ ଛାତ୍ର ଓ ଅଣଛାତ୍ର ମିଶି ଯୁକ୍ତ ଦୁଇର ୫ ଜଣ ଛାତ୍ରଙ୍କୁ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ମିଳିତ ଭାବେ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌କୁ ମଧ୍ୟ ଭାଙ୍ଗିଦେଇଛନ୍ତି। ଯାହାର ଭିଡିଓ ଏବେ ମୋବାଇଲରେ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି। ଏହି ଆକ୍ରମଣରେ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ବିଭାଗ ୨ୟ ବର୍ଷ ଛାତ୍ର କମାର ରାଜା, ଫାରାଦ ଖାନ, ମହମ୍ମଦ ମୋତିମ୍ ଅଲ୍ଲି, ସେକ ଫୟାଜ୍ ହସ୍ନିନ, ସୋହାଦ ଖାନ୍ ଆହତ ହୋଇଥିବା ବେଳେ ଛାତ୍ର କମାର ରାଜା ଗୁରୁତର ହୋଇଥିବା ଜଣାଯାଇଛି। ଖବର ପାଇ ଯାଜପୁର ଟାଉନ ଥାନା ପୁଲିସ ମହାବିଦ୍ୟାଳୟରେ ପହଞ୍ଚି ଆହତ ଛାତ୍ରଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମେଡିକାଲକୁ ପଠାଇବା ସହିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ କିଛି ଛାତ୍ରଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ବୈଠକ



**ଯାଜପୁର, ୨୨।୧୨(ସମିସ):** ମା' ମଣ୍ଡପ ଠାରେ ଯାଜପୁର ଟାଉନ ବିଦ୍ୟୁତ୍ କର୍ମଚାରୀ ମହାସଂଘର ୬ଷ୍ଠ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଉତ୍ତରାଞ୍ଚଳ ଶାଖା ଅନ୍ତର୍ଭୁକ୍ତ ଯାଜପୁରଟାଉନ ବିଦ୍ୟୁତ୍ କର୍ମଚାରୀ ମହାସଂଘର ଏହି ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ୍‌ଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ କୁମାର ମହାନ୍ତି, ରାଜ୍ୟ ସହସମ୍ପାଦକ ପ୍ରିୟବ୍ରତ ନାୟକ, ସଂଗଠନ ସମ୍ପାଦକ ବଟକୃଷ୍ଣ ଜେନା, ଜୋନାଲ ସମ୍ପାଦକ ହରିଶ ଚନ୍ଦ୍ର ଦାସ, ମଣ୍ଡଳ ସମ୍ପଦାକ ବିପ୍ଳବ ସାମନ୍ତରାୟ, ସହସମ୍ପାଦକ ସୁବ୍ରତ ନାୟକ, ଯାଜପୁରଟାଉନ୍‌ର ଡିଭିଜନ୍ ସମ୍ପାଦକ ଭାବନୀଶଙ୍କର ଜେନା, ହେମନ୍ତ କୁମାର ନାୟକ, ସାରଦା ପ୍ରସନ୍ନ ବାରିକ, କିଶୋର ଚନ୍ଦ୍ର ସାହୁ, ପ୍ରଭାକର ମଲ୍ଲିକ, ସୁବ୍ରତ କୁମାର ବିଶୋଇ, କୋଷାଧ୍ୟକ୍ଷ ହରିହର ବେହେରା, ନିତ୍ୟ ସୁନ୍ଦର ମହାନ୍ତି, ରଞ୍ଜନ କୁମାର ଦାସ, ରଞ୍ଜନକୁମାର ବେହେରା, ବିଶ୍ୱଜିତ ନାୟକ ପ୍ରମୁଖ କର୍ମଚାରୀମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ଏହି ବୈଠକରେ ପାୱାର ଏମ୍ପଲଇଜ ୟୁନିଅନ୍‌ର ଶତାଧିକ ସଭ୍ୟ ସୁବ୍ରତ ନାୟକଙ୍କ ନେତୃତ୍ୱରେ ଏହି ମହାସଂଘରେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯିବା ସହ ସହ ସମ୍ପାଦକ ଭାବେ ଘୋଷଣା କରାଯାଇଥିଲା।

## ମା' ମହାଲକ୍ଷ୍ମୀ ପୀଠରୁ ଶିବ ଲିଙ୍ଗ ଉଦ୍ଧାର



**ପାଣିକୋଇଲି, ୨୨।୧୨(ସମିସ):** ପାଣିକୋଇଲିସ୍ଥିତ ମହାଲକ୍ଷ୍ମୀ ପୀଠରୁ ଏକ ଶିବ ଲିଙ୍ଗ ଉଦ୍ଧାର କରାଯାଇଛି। ଉକ୍ତ ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି। ଏହି ପୀଠରୁ ଶିବ ଲିଙ୍ଗ ଉଦ୍ଧାର ହେବା ପରେ ସେଠାରେ ଭକ୍ତ ଓ ଦର୍ଶକଙ୍କ ଭିଡ ଦେଖିବାକୁ ମିଳିଥିଲା। ପ୍ରକାଶଯେ ମନ୍ଦିର ପ୍ରତିଷ୍ଠା ପାଇଁ ଜାଗା ଚିହ୍ନଟ ହୋଇ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରେ ବାଲି କାମ ହେବା ପାଇ ଆସିଥିଲା। ଦୁଇ ଜଣ ଆଦିବାସୀ କିଶୋରୀ ସରସ୍ୱତୀ ଓ ଗୀତା ଏହି ବାଲି ଉପରେ ଖେଳୁଥିଲେ। ଖେଳିବା ସମୟରେ ଏକ ପଥରମୂର୍ତ୍ତି ତାଙ୍କ ହାତରେ ଲାଗିଥିଲା। ମାତ୍ର ତାହାକୁ ସେ ଟେକି ପାରିନଥିଲେ। ଫଳରେ ସେ ଏକଥା ତାଙ୍କ ମା'କୁ ଜଣାଇଥିଲେ। ଉକ୍ତ ଆଦିବାସୀ ମହିଳା ସେଠାରେ ପହଞ୍ଚି ଶିବ ଲିଙ୍ଗକୁ ତାଙ୍କ ଘରକୁ ନେଇଯାଇଥିଲେ। ପରଦିନ ସେଠାରେ ଧାନ କାଟୁଥିବା ଜଣେ ବ୍ୟକ୍ତି ମନ୍ଦିର ପରିଚାଳକ ଦେବଦତ୍ତ ରାୟଙ୍କୁ ଏ ବିଷୟରେ ଜଣାଇଥିଲେ। ଦେବଦତ୍ତ ପୂଜାରୀ ଓ ସ୍ଥାନୀୟ କିଛି ବ୍ୟକ୍ତିଙ୍କୁ ନେଇ ପୋଖରୀ ଆଡିରେ ଥିବା ଆଦିବାସୀ ବସ୍ତିରେ ପହଞ୍ଚି ଉକ୍ତ ଶିବ ଲିଙ୍ଗକୁ ଆଣି ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ ସ୍ଥାପନା କରାଯିବାକୁ ନିଷ୍ପତି ନିଆଯାଇଥିଲା। ବେଦଜ୍ଞ ବ୍ରାହ୍ମଣମାନଙ୍କ ପରାମର୍ଶରେ ଏହାକୁ ପୂଜାର୍ଚ୍ଚନା କରାଯାଇ ଧାନ ମଧ୍ୟରେ ପୋତି ରଖାଯାଇଛି।

## ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବିରୁଦ୍ଧରେ ଅଭିଯୋଗ

**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ହେବ ବିବାଦ ଲାଗିରହିଛି। କେତେବେଳେ ଡାକ୍ତର ଓ କର୍ମଚାରୀ ତ ପୁଣି କେତେବେଳେ ସ୍ୱାସ୍ଥ୍ୟ କର୍ମୀଙ୍କୁ ନେଇ ବିବାଦ ଦେଖାଦେଉଛି। ଏପରିକି କର୍ମଚାରୀ ଦୁଇ ଭାଗରେ ବିଭକ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାଭାବିକ ଅବସ୍ଥା ଫେରି ନ ଥିବାବେଳେ ଏବେ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ବିରୁଦ୍ଧରେ ଲୋକେ ଅଭିଯୋଗ କରିଛନ୍ତି।

ମାଳଦା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ନିୟମିତ କାର୍ଯ୍ୟ କରୁ ନ ଥିବା ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ମହିଳା କର୍ମୀଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା, ଟିକାକରଣ, ପୋଷଣ ଓ ଜନସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଠିକ ଭାବେ ପରିଚାଳନା ହେଉନାହିଁ। ସେ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଏ ନେଇ ଆଜି ଅଜୟ ରାଉତ, ରେଣୁବାଳା ରାଉତ, ଶୁଭମ ଦାସ, ସନ୍ଦୀପ ସାମଲ, ଚମ୍ପାବତୀ ଓଝା, ସୌମ୍ୟରଞ୍ଜନ ଓଝା, ଚନ୍ଦନ ସାମଲ ପ୍ରମୁଖ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

### ଷଠିପୁର ବରୁଣ୍ଡାଇ ରାସ୍ତା

## ଭାରୀଯାନ ଚଳାଚଳ ଉପରେ ଲାଗିଲା ରୋକ୍

**ପାଣିକୋଇଲି, ୨୨।୧୨(ସମିସ):** ଷଠିପୁର ବରୁଣ୍ଡାଇ ପର୍ତ୍ତ ବିଭାଗ ରାସ୍ତାର ପ୍ରଶସ୍ତୀକରଣ କାମ ଚାଲୁରହିଛି। ହେଲେ ଏହି କାର୍ଯ୍ୟ ପାଇଁ ପ୍ରଶାସନିକ ଅବହେଳା ଯୋଗୁଁ କାମ ଆଗେଇ ପାରୁନି। ଅପରପକ୍ଷେ ବାଲି ଭାରୀଯାନ ଚଳାଚଳ ଯୋଗୁଁ ବାରମ୍ବାର ରାସ୍ତା ଭାଙ୍ଗିବା ସହ କାର୍ଯ୍ୟରେ ବାଧା ଉପୁଜିଛି। ଗତ ଅଗଷ୍ଟ ମାସରୁ ଯାଜପୁର ଜିଲ୍ଲାପାଳ ଏହି ରାସ୍ତାରେ ବାଲି ଭାରୀଯାନ ଚଳାଚଳ ଉପରେ ରୋକ ଲଗାଇଥିଲେ। ବୈତରଣୀରୋଡରୁ ଭାରୀଯାନ ଭାୟା ତାରାକୋଟ ମୀନାବଜାର ଦେଇ ରଗଡ଼ି ନିକଟରେ ରାଜପଥକୁ ସ୍ପର୍ଶ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର ଏହାର ଉଲ୍ଲଙ୍ଘନ ହେଉଥିବା ଦେଖିବାକୁ ମିଳିଥିଲା। ବାଲିମାଫିଆ ମାନେ ଜିଲ୍ଲାପାଳ ନିର୍ଦ୍ଦେଶକୁ ଅମାନ୍ୟ କରି ଷଠିପୁର ବରୁଣ୍ଡାଇ ରାସ୍ତାରେ ରାତିରେ ଭାରୀଯାନ ଚଳାଚଳ କରୁଛନ୍ତି। ଯାହାର ଅଭିଯୋଗ ପରେ ଖୋଦ ଜିଲ୍ଲାପାଳ ଏହି ରାସ୍ତା ପରିଦର୍ଶନ କରି ଗୋଟିଏ ବାଲି ବୋଝେଇ ଭାରୀଯାନ ଧରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯାହାକୁ ତାହା ଘଟିଥିଲା। ଫଳରେ ଜିଲ୍ଲା ପ୍ରଶାସନ ଏବେ ଆକ୍ସନ ମୁଡ୍‌କୁ ଆସିଛି। ଏହି ରାସ୍ତାର ବରୁଣ୍ଡାଇ ଠାରୁ ମୁଖ୍ୟ ପ୍ରବେଶ ପରେ ଭାରୀଯାନ ଚଳାଚଳ ଉପରେ ରୋକ ଲଗାଯାଇଛି। ବିଭିନ୍ନ ସ୍ଥାନରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ବ୍ୟାନର ମରାଯାଇଥିବା ବେଳେ ଆଜି ପ୍ରବେଶ ପଥରେ ଲୁହା ଗେଟ କରାଯାଇଛି। ଯାହାଫଳରେ ଏହି ରାସ୍ତାରେ ଆଉ ଭାରୀଯାନ ଚଳାଚଳ କରିପାରିବ ନାହିଁ। ଏହି ଲୁହା ଗେଟ ନିର୍ମାଣ ବେଳେ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଯାଜପୁର ପରିବହନ ଅଧିକାରୀ ଦେବେନ୍ଦ୍ର ନାୟକ, ପାଣିକୋଇଲି ଥାନା ଏଏସ୍‌ଆଇ ନିର୍ମଳ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଏହି ଲୁହା ଗେଟ ନିର୍ମାଣ କରାଯାଇଥିଲା। ଅପରପକ୍ଷେ ବର୍ତ୍ତମାନ ଧାନ ଅମଳ ଚାଲୁଥିବା ବେଳେ ଧାନ ମେସିନ ଯାତାୟତ ନେଇ ଚିନ୍ତାରେ ଚାଷୀ ରହିଛନ୍ତି। ଏହି ରାସ୍ତାରେ ମଧ୍ୟ ବଡ଼ଗାଡିରେ ଧାନ ନେବା ସମ୍ଭବ ନୁହେଁ। ଏଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀଙ୍କ ପକ୍ଷରୁ ଦାବି ହୋଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ



**ସୁକିନ୍ଦା, ୨୨।୧୨(ସମିସ):** ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ନବଜାତକଙ୍କୁ ତତ୍କାଳ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ବହୁଳ ଏହି ବ୍ଲକର ଅନେକ ସ୍ଥାନ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଅନେକ ଦୂର। ବହୁ ଚର୍ଚ୍ଚିତ ନଗଡ଼ାର ଅଧିବାସୀ ଏବେ ମଧ୍ୟ ସଚେତନତା ଅଭାବରୁ ସରକାରୀ କାଗଜପତ୍ର ନପାଇ ହଇରାଣ ହରକତ ହେଉଛନ୍ତି। ସଂଖ୍ୟାଧିକ ଲୋକ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ନ ଥିବା କାରଣରୁ ଶିକ୍ଷାନୁଷ୍ଠାନ ଓ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ନାହିଁ ନଥିବା ହଇରାଣ ହେଉଛନ୍ତି। ଜନ୍ମ ହେବାର ଏକ ମାସ ବିତିଗଲେ ଜିଲ୍ଲା ଅଧିକାରୀଙ୍କ ଅନୁମୋଦନ ଆବଶ୍ୟକ ହେଉଥିବା ବେଳେ ଜନ୍ମର ଏକ ବର୍ଷ ବିତିଗଲା ପରେ ଏକ ମାମଲା ରୁଜୁ କରାଯାଇ ଜନ୍ମ ପ୍ରମାଣ ପତ୍ର ପାଉଛନ୍ତି। ଯାହା ସାଧାରଣ ଗରିବ ଲୋକଟିଏ ପାଇଁ ଅସମ୍ଭବ ଅବା ବହୁ କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ଜୟଦେବ ନନ୍ଦ ସୋମବାର ତତ୍କାଳ ଜନ୍ମ ପ୍ରମାଣପତ୍ର ସେବା ଆରମ୍ଭ କରିଛନ୍ତି। ଆଜି ନବଜାତ ଶିଶୁଙ୍କ ମା' ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାର ବାସନ୍ତୀ ପ୍ରଧାନ, କାଦୁଅବନ୍ଦୀର ପୂଜା ମହାରଣା, ସାଆନ୍ତରାପୁରର ଦ୍ରୌପଦୀ ବିନ୍ଧାଣୀ, ଜେମାଦେଇପୁରର ଜିଙ୍ଗୀ ସୀଙ୍କୁ, ଟାମରା ଗ୍ରାମର ନାଗୁରି ମୁଣ୍ଡା ଏବଂ କେନ୍ଦୁଝର ଜିଲ୍ଲା ବଡ଼ସୀଆଡିମାଳ ଗ୍ରାମର ମଞ୍ଜୁ ମହାନ୍ତ ପ୍ରମୁଖଙ୍କୁ ଶିଶୁ ମାନଙ୍କ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ରଶ୍ମିପ୍ରଭା ଖଟୁଆ, ଫର୍ମାସିଷ୍ଟ କାର୍ତ୍ତିକ ଚନ୍ଦ୍ର ସାମଲ, ସେବିକା ଅଧିକାରିଣୀ ମମତା ମହାନ୍ତ, ତନ୍ମୟୀ ସାହୁ, କିରାଣି ଜାନକୀଲତା ସାହୁ ଏବଂ ବିଷ୍ଣୁ ଚରଣ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଜିଠାରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ତତ୍କାଳୀନ ପ୍ରମାଣ ପତ୍ର ପାଇ ପାରିବେ ବୋଲି ଅଧିକ୍ଷକ ଡାକ୍ତର ନନ୍ଦ ସୂଚନା ଦେଇଛନ୍ତି।

## ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଧର୍ମଶାଳା, ୨୨।୧୨(ସମିସ):** ଧର୍ମଶାଳା ବ୍ଲକ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଅରୋମା' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବରେ କବି ଦିନବନ୍ଧୁ ପତି ଯୋଗଦେଇଥିଲେ। ସ୍କୁଲ ଚେୟାରମ୍ୟାନ ଅଭୟ କୁମାର ଜେନା ସଭାରେ ସଭାପତିତ୍ୱ କରିଥିଲେ। ସିଇଓ ପ୍ରବୀର କୁମାର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ ନିର୍ଦ୍ଦେଶକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ କପ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମଣ୍ଡି ପରିଚାଳନା ପାଇଁ ପ୍ରଶିକ୍ଷଣ

**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ଚଳିତ ବର୍ଷ ମଣ୍ଡି ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୋଗାଣ ନିରୀକ୍ଷକ ହିମାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଦେବଦତ୍ତ ଦାସ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ସମବାୟ ଅଧିକାରୀ ବସନ୍ତ ରଣା, ଓମପ୍ରକାଶ ନାୟକ, ବିକ୍ରମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖରିଫ ଧାନର ସଠିକ ମାନ ନିର୍ଦ୍ଧାରଣ ଓ ମଣ୍ଡି ପରିଚାଳନା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା ସମିତି ସମ୍ପାଦକ, ଏସଏଚଜି ନେତୃବୃନ୍ଦ, ସମିତି ଡିଇଓ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଜାନୁଆରୀ ପ୍ରଥମ ସପ୍ତାହରେ ମଣ୍ଡି ଖୋଲାଯିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି।

## ୧୧ ବର୍ଷ ହେଲା ପ୍ରତିଶ୍ରୁତି ପାଳନ କରୁନାହିଁ ରେଳବିଭାଗ

**କବାଟବନ୍ଧ, ୨୨।୧୨(ସମିସ):** ଜେନାପୁର ରେଳଷ୍ଟେସନ୍ ଦୀର୍ଘଦିନ ଧରି ଯାତ୍ରୀଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛି। ଏଠାରେ ଏକ୍ସପ୍ରେସ ଟ୍ରେନ ଷ୍ଟପେଜର ଅଭାବ ଏବଂ ପର୍ଯ୍ୟାପ୍ତ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ସମସ୍ୟା ରହିଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ଏହି ଷ୍ଟେସନରେ ପୂର୍ବରୁ ଜନତା ଏକ୍ସପ୍ରେସ୍ ଏବଂ ପରବର୍ତ୍ତୀ ସମୟରେ ତିରୁପତି ଏକ୍ସପ୍ରେସ୍‌ର ଷ୍ଟପେଜ୍ ପ୍ରତ୍ୟାହାର ପରେ, ଜେନାପୁର ରେଳଷ୍ଟେସନରେ କୌଣସି ଏକ୍ସପ୍ରେସ୍ ଟ୍ରେନ୍ ଅଟକିନାହିଁ। ଯାହା ଦ୍ୱାରା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ତଥା ପାଖାପାଖି ପ୍ରାୟ ୨୮ଟି ଗ୍ରାମ ପଞ୍ଚାୟତର ଯାତ୍ରୀମାନେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀ, ଦୈନିକ ଯାତ୍ରୀ, କର୍ମଚାରୀ, ବ୍ୟବସାୟୀ, ବରିଷ୍ଠ ନାଗରିକ ଏବଂ ରୋଗୀମାନେ ଦୂର ଷ୍ଟେସନକୁ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ଯାହା ଫଳରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜେନାପୁର ଯାଜପୁର ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦ୍ରୁତ ବିକାଶଶୀଳ ଷ୍ଟେସନ, ଏଠାରେ ବର୍ଦ୍ଧିତ ଜନସଂଖ୍ୟା, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ କାର୍ଯ୍ୟକଳାପ ଏବଂ ନିକଟବର୍ତ୍ତୀ ତୀର୍ଥକ୍ଷେତ୍ର ରହିଛି। ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ସତ୍ତ୍ୱେ, ଏକ୍ସପ୍ରେସ ଟ୍ରେନ ରହଣି ଏବଂ ମୌଳିକ ଯାତ୍ରୀ ସୁବିଧାର ଅଭାବ ଜନସାଧାରଣଙ୍କ ସୁବିଧା ଏବଂ ଆଞ୍ଚଳିକ ବିକାଶକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ବିଗତ ଦିନରେ ପ୍ରାୟ ୧୧ ବର୍ଷ ପୂର୍ବେ ରେଳ ବିକାଶ କମିଟି ଜେନାପୁର ରେଳଷ୍ଟେସନରେ ୧୯-୧-୨୦୧୪ରୁ ୨୫-୧-୨୦୧୪ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲା। ଏହି ଆନ୍ଦୋଳନ ପରେ, ବରିଷ୍ଠ ରେଳ ଅଧିକାରୀମାନେ ଷ୍ଟେସନ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଉପସ୍ଥାପିତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଯାହା ଫଳରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଷ୍ଟେସନରେ ମୌଳିକ ଅସୁବିଧା ଗୁଡିକୁ ତୁରନ୍ତ ଦୃଷ୍ଟିଦେଇ ଜନସେବା ଏବଂ ନ୍ୟାୟର ବୃହତ୍ତର ସ୍ୱାର୍ଥ ପାଇଁ ଯଥାଶୀଘ୍ର ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଜେନାପୁର ରେଳ ବିକାଶ କମିଟି ପକ୍ଷରୁ ରେଳଷ୍ଟେସନ ନିକଟରେ ଅନୁଷ୍ଠିତ ଏକ ବୈଠକରେ ଏପରି ଦାବି ଉଠିବା ସହ ଯାତ୍ରୀମାନଙ୍କ ବିଭିନ୍ନ ଅସୁବିଧା, ଷ୍ଟେସନର ଉନ୍ନତୀକରଣ ସହିତ ଅନେକ ମୌଳିକ ପ୍ରସଙ୍ଗ ଉପରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ବରିଷ୍ଠ ସମାଜସେବୀ କାହ୍ନୁଚରଣ ଦାସଙ୍କ ଆହ୍ୱାନରେ ଏବଂ ଜେନାପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରେଳ ବିକାଶ କମିଟି ସମେତ ଜେନାପୁର ଏବଂ ଏହାର ଆଖପାଖ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ଯୁବକ, ସାମ୍ବାଦିକ ଏବଂ ସାଧାରଣ ଲୋକ ଯୋଗ ଦେଇଥିଲେ। ଏହି ସମସ୍ୟା ଉପରେ ନିକଟରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ସାକ୍ଷତ କରି ଆଲୋଚନା ସହ ଦାବିପତ୍ର ପ୍ରଦାନ କରିବା ପାଇଁ ଏକ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି।

### ନକଲି ସାର ବିକ୍ରି ଅଭିଯୋଗ

## ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ

**ବ୍ରହ୍ମବରଦା, ୨୨।୧୨(ସମିସ)**



ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଳପଡ଼ା ଛକ ଠାରେ ଜଣେ ସାର ବ୍ୟବସାୟୀ ଦୋକାନରେ ନକଲି ସାର ବିକ୍ରୟକୁ ନେଇ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାର ବିକ୍ରୟ କେନ୍ଦ୍ରରେ ତାଲା ପକାଇ ବୁଝାସୁଝା କରି ଫେରିଥିବା ଜଣାପଡ଼ିଛି।

ସୂଚନାଥାଉକି ଝାଳପଡ଼ା, ମଙ୍ଗରାଜପୁର ଓ ଅର୍ଥଙ୍ଗା ଗ୍ରାମର ଶତାଧିକ ଚାଷୀ ଏହି ବ୍ୟବସାୟୀଙ୍କ ଠାରୁ ଡିଏପି ୧୮୪୬ ନାମକ ସାର କ୍ୱିଣ୍ଟାଲ ପ୍ରତି ୩ ହଜାର ଟଙ୍କାରେ କ୍ରୟ କରି ଆଖୁ, ଚିନାବାଦାମ ପ୍ରମୁଖ ଚାଷ ଜମିରେ ପକାଇଛନ୍ତି। ହେଲେ ମାସମାସ ବିତି ଯାଇଥିଲେ ମଧ୍ୟ ଉକ୍ତ ସାର ଗୁଡିକ ବିଲରେ ମିଳେଉ ନ ଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଆଜି ସକାଳେ ଏକାଧିକ ଚାଷୀ ଉକ୍ତ ବ୍ୟବସାୟିଙ୍କ ଦୋକାନରେ ପହଞ୍ଚି ପଚରା ଉଚରା କରିଥିଲେ। ବ୍ୟବସାୟୀ ଜଣକ ଉକ୍ତ ସାରକୁ ଜାରକା ଡିପୋରୁ ଆଣିଥିବା ବେଳେ ପ୍ରକୃତରେ ଏହା ଅସଲି କି ନକଲି ଜାଣି ନଥିବା କହିଥିଲେ। ଏନେଇ ସେ ଜାରକା ଡିପୋର ବ୍ୟବସାୟୀଙ୍କୁ ଡକାଇଥିଲେ। ଉକ୍ତ ଡିପୋ ବ୍ୟବସାୟ ଘଟଣାସ୍ଥଳରେ ପହଞ୍ଚିଥିବା ପରେ ଉତ୍ତେଜନା ଆହୁରି ବଢ଼ି ଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ବ୍ରହ୍ମବରଦା ପୁଲିସକୁ ସୂଚିତ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ଶାନ୍ତ କରିଥିବା ବେଳେ ସ୍ଥାନୀୟ ଚାଷୀ ଓ ଉକ୍ତ ସାର ବ୍ୟବସାୟୀଙ୍କ ସହିତ କଥା କଟାକଟି ହୋଇଥିଲା। ଆସନ୍ତା ବୁଧବାର ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହେବ। ଉକ୍ତ ସାର ନକଲି ପ୍ରମାଣିତ ହେଲେ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବୁଧବାର ପର୍ଯ୍ୟନ୍ତ ବ୍ୟବସାୟୀଙ୍କ ବିକ୍ରୟ କେନ୍ଦ୍ରକୁ ଚାବି ପକାଇ ପୁଲିସ ନେଇ ଯାଇଥିବା ଜାଣିବାକୁ ମିଳିଛି। ଚାଷୀ ବିର କିଶୋର ନାୟକ, ମାଧବ ମୁଦୁଲି, ପ୍ରଶାନ୍ତ ମୁଦୁଲି, ଦେବେନ୍ଦ୍ର ମୁଦୁଲି, କାହ୍ନୁ ଚରଣ ଦାସ, ସହଦେବ ମୁଦୁଲି, ଦୁର୍ଯ୍ୟୋଧନ ନାୟକ, କୃଷ୍ଣଚନ୍ଦ୍ର ଜେନା, ମଦନ ମଲ୍ଲିକ, ବଲ୍ଲଭ ବିଶ୍ୱାଳ ପ୍ରମୁଖ ଚାଷୀ ଏହି ସାରକୁ କ୍ରୟ କରି ଚାଷ କ୍ଷେତରେ ପକାଇଥିବା ଅଭିଯୋଗ କରିଛନ୍ତି।

## ୨୭ରେ ରାଜ୍ୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

**ଭଦ୍ରକ, ୨୨।୧୨(ସମିସ):** ରାଜ୍ୟ ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶାର ୨୨ତମ ଚାମ୍ପିଅନସିପ ଆସନ୍ତା ୨୭ ତାରିଖରେ ଚରମ୍ପା ମହାରାଜା ଅଗ୍ରସେନ ଭବନରେ ଅନୁଷ୍ଠିତ ହେବା ନେଇ 'ତାଓ'ର ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡ଼ିଶା ଓ ଭଦ୍ରକ ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ ସହଯୋଗରେ ଆୟୋଜିତ ଚାମ୍ପିଅନସିପ୍‌ରେ ୧୮ଟି ଜିଲ୍ଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର, ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଭାରତର ଟାଏକ୍ୱୋଣ୍ଡୋର ଜନକ ଜିମି ଆର ଜିଗତାନୀ ଯୋଗଦେବେ ବୋଲି ସମ୍ମତି ଦେଇଥିବା ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୨ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଓଜନ ବିଭାଗରେ ଖେଳ ହେବା ସହ ୩୦ ଜଣ ବ୍ଲାକବେଲ୍ଟ, ୧୮ ଜଣ ଜାତୀୟ ରେଫରୀ ଜିମି ଆର ଜଗତନୀଙ୍କ ସମ୍ମୁଖରେ ନିଜର ପରୀକ୍ଷା ଦେବାର ଯୋଜନା ଅଛି। ଶେଷ ଦିନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା



**ଅସୁରାଳି, ୨୨।୧୨(ସମିସ):** ଧାମନଗର ବ୍ଲକ ଧୂଷୁରୀସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଞ୍ଚଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ସଭାରେ ମୁଖ୍ୟଅତିଥି ରୂପେ ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗ୍ ଓ ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ନିରୋଦ ବେହେରା, ସମ୍ମାନୀତ ଅତିଥି ଭାବେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାମାପଦରଣା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରାମମୋହନ ଗୁପ୍ତା, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ନାୟକ, ସଦସ୍ୟ ସତ୍ୟବ୍ରତ ବାରିକ, ବିଦ୍ୱତ୍ ପରିଷଦର ସଦସ୍ୟ ବନମାଳୀ ମିଶ୍ର ଉପସ୍ଥିତ ଥିଲେ। ୧୦୦ ମିଟର ଦୌଡ଼, ପୁଚି, ମ୍ୟୁଜିକ ଚେୟାର, ଲଙ୍ଗଜମ୍ପ, ହାଇଜମ୍ପ, ଡିସକସ୍ ଥ୍ରୋ ଖେଳରେ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

## ରାମନାରାୟଣ ବିଦ୍ୟାଳୟରେ ପୋଷାକ ବିତରଣ



**ଦୋଳସାହି, ୨୨।୧୨ (ସମିସ):** ତିହିଡ଼ି ବ୍ଲକ ଅଧୀନ ରାମନାରାୟଣ ଉଚ୍ଚବିଦ୍ୟାଳୟରେ ପୋଷାକ ବିତରଣ କରାଯାଇଛି। ପ୍ରଧାନଶିକ୍ଷକ ଅଧୀର ତରାଇ ଓ ପରିଚାଳନା କମିଟି ସଭାପତି ମନୋଜ ନାୟକଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଛି।

## ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



**ଧାମନଗର, ୨୨।୧୨(ସମିସ):** ଧାମନଗର ଏନଏସି ଅଧୀନ ଘରୋଇ ଇଂରାଜୀ ଶିକ୍ଷାନୁଷ୍ଠାନ ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଶରତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜୟ ଶତପଥୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରବୀନ୍ଦ୍ର ବିହାରୀ, ସମ୍ମାନିତ ଅତିଥି ସୁବ୍ରତ ଦାସ, ସ୍କୁଲର ଉପାଧ୍ୟକ୍ଷ ବିଜୟ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଓ ଶୈକ୍ଷିକ ଉପଦେଶ ପ୍ରଦାନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଜାଇନା ଜସ୍ମିନ, ମନସ୍ମିତା ମହାପାତ୍ର ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ନନ୍ଦକିଶୋର ଖଣ୍ଡୁଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶୀତବସ୍ତ୍ର ବଣ୍ଟନ



**ଦୋଳସାହି, ୨୨।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ପ୍ରଦୀପ ପଣ୍ଡା ନାଉପାଳଠାରେ ଅବସ୍ଥିତ ବୀଣାପାଣି ଟୋଲରେ ପଢୁଥିବା ୪୦ ଜଣ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ ବିନୟ ଦାସ, ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ସନ୍ତୋଷ ବାରିକ, ଅଶ୍ୱନୀ ସଂକେତ ପାଢ଼ୀ, ଶରତ ବେହେରା, ଭକ୍ତହରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷଣ୍ଡ ବିଦ୍ୟାଳୟରେ ଅଭିନନ୍ଦନପତ୍ର କର୍ମଶାଳା



**ବନ୍ତ/ଆଗରପଡ଼ା, ୨୨।୧୨(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କ ସଂଯୋଜନାରେ ଓ କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ଅଭିନନ୍ଦନ ପତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ଜଣ ଛାତ୍ରଛାତ୍ରୀ ଭାଗନେଇ ଅଭିନନ୍ଦନ ପତ୍ର ତିଆରି କରିଥିଲେ। ଏହି କର୍ମଶାଳାରେ ସିଆରସିସି ନିରଞ୍ଜନ ଖିଲାର ପିଲାଙ୍କ ଅଭିନନନ୍ଦନ ପତ୍ରକୁ ଦେଖି ସେମାନଙ୍କୁ ପ୍ରଶଂସା କରିବା ସହ ଡିଜିଟାଲ ଯୁଗରେ ଅଭିନନ୍ଦନ ପତ୍ର ଲୋପ ପାଇବାକୁ ବସିଥିବାବେଳେ ପୁରୁଷଣ୍ଡ ନୋଡାଲ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉକ୍ତ କର୍ମଶାଳା ମାଧ୍ୟମରେ ଲୋପ ପାଇବାକୁ ବସିଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପ୍ରୟାସ ପାଇଁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାହୁ, ସ୍ମିତାରାଣୀ ମାଝି, ସ୍ୱର୍ଣ୍ଣଲତା ମିଶ୍ର, ଅନୀତା ଭୂୟାଁ, ପରମେଶ୍ୱର ପୃଷ୍ଟି, ଗାୟତ୍ରୀ ନାୟକ, ପ୍ରିୟଙ୍କା ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଭ୍ୟସଭ୍ୟା ସହଯୋଗ କରିଥିଲେ।

### ନାହିଁ ଶୀତଳଭଣ୍ଡାର

# ପନିପରିବାର ଅଭାବୀ ବିକ୍ରି, କ୍ଷତି ସହୁଛନ୍ତି ଚାଷୀ

**ଅସୁରାଳି, ୨୨।୧୨(ସମିସ)**

ବୈତରଣୀ ନଦୀର ବାମ ପାର୍ଶ୍ୱ ଗ୍ରାମ ଓ କୋଚିଳା ନଦୀର ଉଭୟ ପାର୍ଶ୍ୱର ଗ୍ରାମରେ ବ୍ୟାପକ ପରିମାଣର ପରିବା ଚାଷ ହେଉଛି। ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ଶୈଳ, ନଦୀଗାଁ ପଞ୍ଚାୟତର ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଣ୍ଡାସାହି, ନୂଆସାହି, ପାଳସାହି ପଞ୍ଚାୟତର ଗଡ଼ଗଦି, କୂଳସାହି, ଗାନ୍ଧିଘାଟ ଶାସନ ଆଦି ଗ୍ରାମ କୃଷିଭିତ୍ତିକ ଅଞ୍ଚଳ। ଏହି ଗ୍ରାମରେ ଖରିଫ ସମୟରେ ଧାନଚାଷ ସହିତ ରବିଋତୁରେ ପନିପରିବା ଚାଷ କରି ଲୋକେ ଜୀବିକା ନିର୍ବାହ କରୁଛନ୍ତି। ଏସବୁ ଗ୍ରାମର ଲୋକ ସଂଖ୍ୟା ହଜାରରୁ ଅଧିକ। ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଅନେକ ଚାଷୀ ପନିପରିବା ଚାଷ କରି ଭଲ ରୋଜଗାର କରୁଥିଲେ ମଧ୍ୟ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। କଷ୍ଟ ଉପାର୍ଜିତ ପନିପରିବାକୁ ଉଚିତ୍ ମୂଲ୍ୟ ମିଳୁ ନ ଥିବାବେଳେ ବେପାରୀ ସେଥିରୁ ଲାଭ କରୁଛନ୍ତି।

ବୈତରଣୀ ଓ କୋଚିଳା ନଦୀ ଜଳକୁ ବ୍ୟବହାର କରି ଚାଷୀ ବର୍ଷକ ବାରମାସ ପନିପରିବା, ବିରି, ମୁଗ, ଧାନ ଆଦି ଚାଷ କରୁଛନ୍ତି। ପ୍ରାୟ ଦୁଇ ହଜାର ଏକରରୁ ଅଧିକ ଚାଷଜମି ରହିଥିବାବେଳେ ଉଠାସେଚର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ବାଲିପାଟଣା, ତିନିଘରିଆ, ପଙ୍ଗଟା, ପଣ୍ଡାସାହି, ଗଡ଼ଗଦି, କୁଳସାହି, ଗାନ୍ଧିଘାଟ ଆଦି ଗ୍ରାମରେ ୨୦, ୫୦, ୪୦ ଏକରରୁ ଅଧିକ



କ୍ଷେତରେ ପନିପରିବା ଚାଷ ହେଉଛି। ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ଚାଷୀମାନେ ବାଧ ହୋଇ କମ୍ ଦାମରେ ବେପାରୀଙ୍କୁ ଦେଉଛନ୍ତି। ଚାଷୀ ଗାଡ଼ି ଭଡା କରି ଚାନ୍ଦପୁର, ଭଦ୍ରକ, ଅନ୍ୟାନ୍ୟ ଗଦିରେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ ବିକ୍ରି କରୁଛନ୍ତି। ଏ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ପରି ଛୋଟ କୃଷି ଉଦ୍ୟୋଗ ଗଢ଼ିଉଠିବ। ଏହା ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବ ବୋଲି ଚାଷୀ କହିଛନ୍ତି। ଉଦ୍ୟାନ କୃଷି ଅଧିକାରୀ କହିଛନ୍ତି, ବୈତରଣୀ-କୋଚିଳା ପାର୍ଶ୍ୱର ଗ୍ରାମ ପନିପରିବା ଚାଷର ପେଣ୍ଠସ୍ଥଳ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳଭଣ୍ଡାର ପାଇଁ ସହାୟତା ଦେଉଛନ୍ତି। କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟାନ କୃଷି ଓ ସମନ୍ୱିତ କୃଷି ବିକାଶ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି। ଚାଷୀଙ୍କୁ ବିଭିନ୍ନ ସଭା ସମିତିରେ ସଚେତନ କରାଯାଉଛି, କିନ୍ତୁ ଶୀତଳଭଣ୍ଡାର କରିବାକୁ ସେମାନଙ୍କର ଆଗ୍ରହ ନ ଥିବା ପରିଲକ୍ଷିତ ହେଉଛି। ଯଦି କୌଣସି ଚାଷୀ ଆଗ୍ରହ ପ୍ରକାଶ କରିବେ, ସରକାରୀ ସହଯୋଗ ଦିଆଯିବ ବୋଲି ସେ କହିଛନ୍ତି।

## ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଉଦ୍‌ଯାପିତ



**ଆନନ୍ଦପୁର, ୨୨।୧୨(ସମିସ):** ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉପସ୍ଥାପକ ରଘୁଦୀପ୍ତି ନାୟକ ଓ ପ୍ରେସ୍‌କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ପୌରଧ୍ୟକ୍ଷା ନିକୁସାହୁ, ରାଜ୍ୟ ସମ୍ପାଦିକା ମମତା ସିଂ, ପୂର୍ବତନ ପୌରାଧ୍ୟକ୍ଷା ରାମଚନ୍ଦ୍ର ସାହୁ, ଆଲୋକ ସେଠୀ ଓ ବିଜେପି ନେତା ଡ. ଶମ୍ଭୁନାଥ ରାଉତ ଯୋଗଦେଇ ବାଣିଜ୍ୟ ମହୋତ୍ସବ ଆନନ୍ଦପୁରର ସଂସ୍କୃତିର ବାର୍ତ୍ତା ବହନକରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶୀତ କବିତା ଆସର, ଲଘୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଞ୍ଜନ ବିହାରୀ, ଅନୀଲ ସାହୁ, ଲିଟୁହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ କୁମାର ସାହୁ, ପାର୍ଥ ସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାଲ୍ୟ ବିବାହ ବନ୍ଦ ନେଇ ସଚେତନତା



**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମହିଳା ଓ ଶିଶୁ ବିକାଶ ପକ୍ଷରୁ ୫ଟି ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ ବନ୍ଦ ନେଇ ଲୋକ କଳା ପାଲା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି। ଯେଉଁଠି ବାଲ୍ୟ ବିବାହ ଆୟୋଜନ ହେଉଥିବ, ତତକ୍ଷଣାତ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପୁଲିସକୁ ଜଣାଇବା ପାଇଁ ପାଲା ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ଜନ୍ମରୁ ୬ ବର୍ଷ ଯାଏଁ ଶିଶୁଙ୍କ ବୌଦ୍ଧିକ ଓ ସ୍ୱାସ୍ଥ୍ୟଗତ ଶାରୀରିକ ଯତ୍ନ ପାଇଁ ମଧ୍ୟ କୁହାଯାଇଛି। ବ୍ଲକର ସରସଦା, ରହଣିଆ, ପାହିମହୁରା, କୁମ୍ଭାରିଆ ଓ ନେରଡ଼ାଠାରେ ଏହି ଜନସଚେତନତା ପାଲା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକ ଆଇସିଡ଼ିଏସ ମୁଖ୍ୟ ରିତାରାଣୀ ମାଝୀ ଓ ସୁପରଭାଇଜର ପରିଚାଳନା କରିଥିଲେ।

## ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି 'ଉଇ ଲଭ୍ ହାଟଡ଼ିହୀ'




**ହାଟଡ଼ିହୀ, ୨୨।୧୨(ସମିସ):** ଶୀତଋତୁ ଆସିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆଗନ୍ତୁକଙ୍କ ଭିଡ଼ ଉପଲବ୍ଧି ହୋଇଥାଏ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ବ୍ଲକଟି ମଧ୍ୟ ପ୍ରାକୃତିକ ପରିବେଶପୂର୍ଣ୍ଣ ସୌନ୍ଦର୍ଯ୍ୟରେ କମ୍ ନୁହେଁ। ଏଠାରେ ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ହଦଗଡ଼ ସ୍ଥିତ ସାଳନ୍ଦୀ ନଦୀବନ୍ଧ, ସୁନ୍ଦରାପାଳ ସ୍ଥିତ ଗଡ଼ଚଣ୍ଡୀ, ପୋଡ଼ାସିଙ୍ଗିଡ଼ି ସ୍ଥିତ ରାମଚଣ୍ଡୀ ପୀଠ ସହ ସୁନାଘାଇ ଜଳବନ୍ଧ, ପଡ଼ିଆରୀପଲ୍ଲୀ ସ୍ଥିତ ସିଦ୍ଧଗୁମ୍ଫା ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଥିବା ଏହିଭଳି ଖୁବ ସୁନ୍ଦର ସୁନ୍ଦର ସ୍ଥାନ ରହିଥିଲେ ମଧ୍ୟ 'ଉଇ ଲଭ ହାଟଡ଼ିହୀ' ସେଥିମଧ୍ୟରୁ ଅନ୍ୟତମ ଅଟେ। କେହି କେହି ଏହାକୁ ସେଲ୍‌ଫି ପଏଣ୍ଟ ବୋଲି ମଧ୍ୟ କହିଥା'ନ୍ତି। ଗୋଟିଏ ପଟେ ଓସାରିଆ କେନାଲର ନୀଳ ଜଳରାଶି ସହ ମାଆ ଦୁଆରଶୁଣୀଙ୍କ ପୀଠ ତ ପୁଣି ଅନ୍ୟ ପଟରେ ବଉଳା ପାହାଡ଼ରେ ପାଦଦେଶ ତଳେ ଛେନାପଦି ହଦଗଡ଼କୁ ଲମ୍ବିଥିବା ରାସ୍ତାକଡ଼ରେ ଅବସ୍ଥିତ ଏହି ମନଲୋଭା ସୁନ୍ଦର ସ୍ଥାନ। ସ୍ୱଚ୍ଛତା ଅଭାବରୁ ବର୍ତ୍ତମାନ ଏହି ସ୍ଥାନଟି ଅବହେଳିତ ହୋଇପଡ଼ିଥିବାରୁ ଆକର୍ଷଣ କମିଯିବା ପରି ମନେ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେଲେ ପୁନର୍ବାର ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

## ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ରଜତ ଜୟନ୍ତୀ

**ତିହିଡ଼ି, ୨୨।୧୨(ସମିସ):** ତିହିଡ଼ିସ୍ଥ ଓଡ଼ିଶା ବ୍ରିଗେଡ଼ ସୈନିକ ସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ୩ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦଘାଟନ କରିଥିଲେ। ସୈନିକ ସ୍କୁଲ ଉପଦେଷ୍ଟା ସଚିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଭାରତୀୟ ପଦାତିକ ବାହିନୀ ଅଧିକାରୀ କର୍ଣ୍ଣେଲ ରାଜୀବ ବଳ, ବରେଣ୍ୟ ଅତିଥି ଏସଡିପିଓ ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥି ସ୍କୁଲର ପ୍ରତିଷ୍ଠାତା ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ଆଇନଜୀବୀ ନୀଳମାଧବ ସେନାପତି ସ୍ୱାଗତ ଭାଷଣ ବିଦ୍ୟାଳୟର ସହସମ୍ପାଦକ ଯଯାତିକେଶରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଷ୍ଣୁପଦ ନାୟକ ଜଗନ୍ନାଥ ସ୍ତୁତି ଗାନ କରିଥିଲେ। ପୁରାତନ ଛାତ୍ର ରାଜେଶ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ସସ୍ମିତା ନାୟକ, ସାଂସଦଙ୍କ ତିହିଡି ବ୍ଲକ ପ୍ରତିନିଧି ସୀତାକାନ୍ତ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ ସୋମନାଥ ପାଢ଼ୀ, ମନୋଜ ସେନାପତି, ନିରଞ୍ଜନ ବାରିକ, ଅଜିତ ଜେନା, କେଶବ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ କ୍ରୀଡ଼ା



**ବନ୍ତ/ଆଗରପଡ଼ା, ୨୨।୧୨(ସମିସ):** ଆଗରପଡ଼ାସ୍ଥ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାଶ୍ରମ ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଡିଓ ସୀତାକାନ୍ତ ରାଉତ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ଯୋଗଗୁରୁ ଧରଣୀଧର କର, ସିଆରସିସି ନିରଞ୍ଜନ ଖିଲାର, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଶିକ୍ଷାବିତ୍ ମୋହନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରଧାନ ଗୁରୁମା ସୁକାନ୍ତିଲତା ସିଂହ, ରଶ୍ମିତା ବିଶ୍ୱାଳ, ବବିତା ଦାଶ, ମନ୍ଦାକିନୀ ଦାଶ, ମାମାଲି ନାୟକ, ରଶ୍ମିତା ଦାସ, ଶୈଳବାଳା ବେହେରା, ତପସ୍ୱିନୀ ମଲ୍ଲିକ, ରଞ୍ଜୁଲତା ସାହୁ, ତପସ୍ୱିନୀ ସାହୁ, ଲଳିତା ହାତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜେଏନ୍ ସ୍କୁଲର ବାର୍ଷିକ କ୍ରୀଡ଼ା



**ବାରିକପୁର, ୨୨।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜେଏନ ପବ୍ଲିକ ସ୍କୁଲରେ ୮ମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଶିକ୍ଷାବିତ ଗଦାଧର ବାରିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣିତ ଦୌଡ଼, ଦଉଡି ଡିଆଁ, ଅଖା ଡିଆଁ, ଚକଲେଟ ଦୌଡ଼, ଲେମ୍ବୁ ଚାମଚ, ଲମ୍ବଡିଆଁ, ଉଚ୍ଚଡିଆଁ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସିଆରସିସି କ୍ଷୀରୋଦ ଜେନା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟକ୍ଷା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ସରକାରୀ ନିର୍ଦ୍ଦେଶକୁ ୭ ବର୍ଷ ପୂରିଲା

# ଶିକ୍ଷାନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା

**ବନ୍ତ/ଆଗରପଡ଼ା, ୨୨।୧୨(ସମିସ)**

୨୦୧୮ ନଭେମ୍ବରରେ ସରକାରୀ ବିଦ୍ୟାଳୟର ପାଚେରୀ ନିର୍ମାଣ, ପରିତ୍ୟକ୍ତ ଗୃହ ଓ ପୁରାତନ ଗୃହ ଆଦିର ଦାୟିତ୍ୱ ସରକାର ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିଥିଲେ। ସରକାରଙ୍କ ନିର୍ଦ୍ଦେଶକୁ ଇତିମଧ୍ୟରେ ୭ ବର୍ଷ ପୂରଣ ହୋଇଥିବାବେଳେ ବିଭାଗ ପକ୍ଷରୁ ସେହିଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶିକ୍ଷାନୁଷ୍ଠାନ ପରିବେଶରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରୁନି। ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟନ ହୋଇପାରୁନାହିଁ। ସରକାରୀ ବିଦ୍ୟାଳୟର ମୁଖ୍ୟ ସମସ୍ୟା ହେଉଛି ଏହାର ସୁରକ୍ଷା। ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରୁ ନ ଥିବାରୁ ଅନ୍ୟ ସମସ୍ୟା ସହ ସୁରକ୍ଷା ଦୃଷ୍ଟିରୁ ଅଭିଭାବକ ବେସରକାରୀ ବିଦ୍ୟାଳୟ ପ୍ରତି ନିଜର ଆଗ୍ରହ ପ୍ରକାଶ କରୁଥିବା ଜଣାପଡ଼ିଛି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ପାଖାପାଖି ୭୦ଟି ପ୍ରାଥମିକ ବିଦ୍ୟାଳୟ, ୫୯ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ୧୧ଟି ୟୁଜିଏମଇ ବିଦ୍ୟାଳୟ, ୯ଟି ୟୁପିଏମଇ ବିଦ୍ୟାଳୟ, ୪ଟି ଏମଇ ବିଦ୍ୟାଳୟ, ୧୨ଟି ପିୟୁପିଏସ ବିଦ୍ୟାଳୟ ଓ ୩୮ଟି ଏନୟୁପିଏସ ବିଦ୍ୟାଳୟ ରହିଛି। ଏଥିମଧ୍ୟରୁ ସରକାରଙ୍କ ନୂତନ ନିୟମ ଅନୁସାରେ କିଛି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହ ମିଶି ଯାଇଥିବାରୁ ବର୍ତ୍ତମାନ ପାଖାପାଖି ୧୯୫ଟି ବିଦ୍ୟାଳୟରେ ଶିକ୍ଷାଦାନ ଚାଲୁଛି। ବିଭିନ୍ନ ପ୍ରକାର ସମସ୍ୟାକୁ ଆକଳନକୁ ନେଲେ ପାଖାପାଖି ଶତକଡ଼ା ୭୦ ଭାଗ ବିଦ୍ୟାଳୟର ସୁରକ୍ଷା ଅତି ସଙ୍କଟାପନ୍ନ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନର ମୁଖ୍ୟ ରାସ୍ତା ନିକଟରେ ପ୍ରତିଷ୍ଠା ହୋଇଥିବା ଅନେକ ବିଦ୍ୟାଳୟର ସ୍ଥାୟୀ ପାଚେରି ନ ଥିବାବେଳେ କିଛି ବିଦ୍ୟାଳୟରେ ପରିତ୍ୟକ୍ତ ଗୃହ ବିପଦସଙ୍କୁଳ



**ପରିତ୍ୟକ୍ତ ଶ୍ରେଣୀ ଗୃହ ପିଲାଙ୍କ ଲାଗି ବିପଦ**

ଅବସ୍ଥାରେ ଅଛି। ସ୍କୁଲରୁ ବିପଦସଙ୍କୁଳ ଗୃହ ଭାଙ୍ଗିବା ବ୍ୟବସ୍ଥା କରାଯିବା ସହ ଏକ ଶୁଦ୍ଧ ପରିବେଶ ସୃଷ୍ଟି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି। କେତେକ ବିଦ୍ୟାଳୟ ଗୃହ ମରାମତି ଅଭାବରୁ ସଂକଟାପନ୍ନ ଅବସ୍ଥାରେ ଅଛି। କେଉଁଠି ପରିସ୍ରାଗାର ନ ଥିବାବେଳେ କେଉଁଠି ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ କାର୍ଯ୍ୟ ସମ୍ପାଦନ ହେଉଛି। ସେହିପରି କୌଣସି ସ୍ଥାୟୀ ପାଚେରି ନ ଥିବାରୁ ବିଦ୍ୟାଳୟରେ ରାଜ୍ୟସଭା ସାଂସଦଙ୍କ ଦ୍ୱାରା ପ୍ରଦତ୍ତ କମ୍ପ୍ୟୁଟରର ସୁରକ୍ଷା ମଧ୍ୟ ହୋଇପାରୁନାହିଁ। ବିଭିନ୍ନ ସମୟରେ ବିଦ୍ୟାଳୟରୁ ଚୋରି ହୋଇଯାଉଥିବା ନଜିର ମଧ୍ୟ ରହିଛି। ତେଣୁ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣୁଥିଲେ ମଧ୍ୟ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ତେଣୁ ବିଭାଗୀୟ ଅଧିକାରୀ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବା ସହ ବହୁ ବିଦ୍ୟାଳୟର ସୁରକ୍ଷାରେ ଲାଗିରହିଥିବା ସମସ୍ୟା ପ୍ରତି ଦୃଷ୍ଟି ହେବାକୁ ଅଭିଭାବକଙ୍କ ସହ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ବିଭିନ୍ନ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

# ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରସେବାରେ ବ୍ରତୀହେବାକୁ ପରାମର୍ଶ



ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ପ୍ରାଣ ବଲ୍ଲଭ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଡ.ଅଶୋକ କୁମାର ପୁହାଣ ମୁଖ୍ୟଅତିଥି ଅନ୍ନଦା ଶଙ୍କର ମହାନ୍ତି ବିଶେଷ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ସୁଜାତ ଘୋଷ ଉପାଧ୍ୟକ୍ଷା, ଶିକ୍ଷାରତ୍ନ ରଞ୍ଜିତା ଜେନା, ପାଟଶାଣୀ, ଜି.ଏମ ସନ୍ତୋଷ ସା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଓ ଶିକ୍ଷକ ସୁବ୍ରତ ରାମ ପରିଚାଳନା କରିଥିଲେ। ଖେଳ ସମ୍ପର୍କିତ କିଛି ପ୍ରୋଜେକ୍ଟ ଛାତ୍ର ଛାତ୍ରୀଙ୍କ ଦ୍ୱାର ଉପସ୍ଥାପନା କରାଯାଇଥିଲା। ସ୍କୁଲର କ୍ରୀଡ଼ା ଶିକ୍ଷକ ନୟନ ଜାନା, କ୍ରୀଡ଼ା ଶିକ୍ଷୟିତ୍ରୀ ନଳୀନି ବେହେରା ଖେଳ ପରିଚାଳନା କରିଥିଲେ। ଏହି କ୍ରୀଡ଼ାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଅଫିସ ଷ୍ଟାଫ୍, କେୟାର ଟେକର ଯଥା ଲିପିସ୍ମିତା ଚକ୍ର, ଗୀତାଞ୍ଜଳି ସାହୁ, ଜଗତାନନ୍ଦ ବେହେରା, ପ୍ରଭଞ୍ଜନ ପଣ୍ଡା, ସତ୍ୟବ୍ରତ ସାହୁ, ମୋନାଲିଶା ପଣ୍ଡା, ପ୍ରଜେଶ ସାହୁ, ବରୁଣ ଜାନା, ମିତିଷା ରାମ, ପ୍ରିତିଦାସ ଜାନା, ସାରଦା ରାଣୀ ସାହୁ, ଶୁଭେନ୍ଦୁ ଦାଶ, ସୁଶାନ୍ତ କୁମାର ପାଣି, ପାର୍ଥସାରଥୀ ମହାନ୍ତ କଲ୍ୟାଣୀ ରାମ, ମିତାଲି ବିଶ୍ୱାଳ, ଶୁଭଶ୍ରୀ ସାହୁ, ରୀନାରାଣୀ ପଲେଇ, ସ୍ମିତାମଞ୍ଜରୀ ସାହୁ, ସୁଶ୍ରୀ ରଥ, ଜୟଶ୍ରୀ ରଥ, ସଙ୍ଘମିତ୍ରା ଦ୍ୱିବେଦୀ, ଅନୀଲ ସାହୁ, ରଜତ ଜେନା, ସୁଦେଷ୍ଣା ସାହୁ, ଭାଗ୍ୟଶ୍ରୀ ଜେନା, ମାମାଲି ମାଝୀ, ରଶ୍ମିତା ମଲ୍ଲିକ୍ ରାନୁଶ୍ମିତା ଜେନା, ବିଶ୍ୱବନ୍ଦିତା, ସୁବାସ ଚନ୍ଦ୍ର ବେହେରା, ବସନ୍ତ କୁମାର ସ, ବିଶ୍ୱରଂଜନ ସାହୁ, ସୁଜିତ୍ କୁମାର ସାହୁ, ମନୋରଞ୍ଜନ ବେହେରା, ଦିପ୍ତିଶିଖା ସାହୁ, ମିନତୀ ପୁହାଣ, ମନୋରମା ସାହୁ, ଉଷାମଣିନାୟକ, ସୀତାନାୟକ, ତପସ୍ୱିନୀଜେନା, ମାଳତୀମାଝୀ, ବିନାପାଣିନାୟକ, ନନ୍ଦିନୀନାୟକପ୍ରମୁଖଉପସ୍ଥିତଥିଲେ।

### ● ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର



ଚମ୍ପୁଆ : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ବିକାଶ ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ରଶ୍ମୀରଞ୍ଜନ ସାହୁ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ଓ ରାଷ୍ଟ୍ରବାଦୀ ଛାତ୍ରଛାତ୍ରୀ ନିର୍ମାଣ କରିବାର ଆବଶ୍ୟକତା ଓ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷା ବ୍ୟବସ୍ଥା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହାରପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପୂର୍ବତନ ଛାତ୍ର ରଣଜିତ ମହାନ୍ତ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରର ସେବା କରିବା ସହିତ ଭାରତୀୟ ସଭ୍ୟତା ପୃଥିବୀରେ ତିଷ୍ଠି ରହିବାର କାରଣ ସନାତନ ସଂସ୍କୃତିର ଆଦର୍ଶ ବିଚାର ବୋଲି କହିଥିଲେ। ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଭୋଳାନାଥ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ସୁରେଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମହାନ୍ତ ପୁରସ୍କାର ଘୋଷଣା କରିଥିଲେ। ଅମରଜିତ୍ ମହାନ୍ତଙ୍କୁ ବରୁଣ ବିଶ୍ୱଭୂଷଣ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡାବିତ ଭାବେ ଭିବାସ ବେହେରା ଓ ସୁଜାତା ହୋଙ୍କୁ ଚିନ୍ମୟୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ବୃତ୍ତି ପରୀକ୍ଷାର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

### ● ତୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ର



ଆନନ୍ଦପୁର : କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ସୀମାନ୍ତ ଯାଜପୁରର ତୁରା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଦୁଇଦିନ ଧରି ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସର ସାଧାରଣ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡାକ୍ତର ରବୀନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ନର୍ଥ ଜୋନ୍‌ର ଲିଆସାନିଂ ଅଧିକାରୀ ହୃଦାନନ୍ଦ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଟମକା ଥାନାର ଇନ୍ସପେକ୍ଟର ପ୍ରଭାତୀ ମଲ୍ଲିକ, ସବ୍ ଇନ୍ସପେକ୍ଟର ସତ୍ୟ ଶେଖର ଦାସ, କ୍ରୀଡ଼ା ଶିକ୍ଷକ ବାବାଜୀ ଚରଣ ଜେନା, ପିତାମ୍ବର ସାହୁ, ପ୍ରହଲ୍ଲାଦ ବେହେରା, ଜଳଧର କୁଅଁର, ଅତୁଲ ପାଗଡ଼ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଓ ଜୀବନ କିପରି ଅଙ୍ଗାଙ୍ଗି ଭାବରେ ଜଡ଼ିତ ଦର୍ଶାଇଥିଲେ। ଦ୍ୱିତୀୟ ଦିନରେ ଆନନ୍ଦପୁରର ପୂର୍ବତନ ଶିକ୍ଷାଧିକାରୀ ଶରତ କୁମାର ରାଉତ୍, ସୁକିନ୍ଦା ବ୍ଲକର ପ୍ରାକ୍ତନ ଉପ ଶିକ୍ଷାଧିକାରୀ ହୃଷୀକେଶ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଆର୍ତ୍ତବନ୍ଧୁ ନାୟକ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମେଡାଲ ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମାଆ ମାନଙ୍କୁ ନେଇ ଏକ ମିୟୁଜିକ୍ ଚେୟାର ପ୍ରତିଯୋଗିତା କରାଯାଇ ତିନି ଜଣ ମାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ● ଖଲଣା ସେଣ୍ଟ ଜାଭିୟର ହାଇସ୍କୁଲ

ଆନନ୍ଦପୁର : ଘସିପୁରା ବ୍ଲକ୍ ଅଧୀନ ଖଲଣା ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ରାଇମଣୀ ବୋଇତାଇଙ୍କ ମାର୍ଗଦର୍ଶନ ଓ ସଭାପତି ବିପିନ ବିହାରୀ ମାଝୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଘସିପୁରା ତହସିଲଦାର ଅଭୟ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୂର୍ବତନ ବିଇଓ ଶରତ ରାଉତ, ସୁଆଁପଦା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜିତ ସାହୁ, ସମ୍ପାଦକ ସରୋଜ ନାୟକ ଯୋଗଦେଇ ଥିଲେ। ସ୍କୁଲର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲର ବାର୍ଷିକ ବିବରଣୀ ଶିକ୍ଷକ ବାସୁଦେବ ଜେନା ପଠନ କରିଥିଲେ। ଏହି ଅବସରରେ ଅତିଥି ମାନେ ସ୍କୁଲ ର କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହ-ପ୍ରତିଷ୍ଠାତା ତରୁଲତା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ଉର୍ବଶୀ ବିଶ୍ୱାଳ, ରଶ୍ମିତା ସା, ବିଷ୍ଣୁପ୍ରିୟା ପଟ୍ଟନାୟକ, ସବିତା ନାୟକ, ଜ୍ୟୋତ୍ସ୍ନାରାଣୀ ଜେନା, ମଧୁସୂଦନ ହୋତା, ଦିଲୀପ ପାତ୍ର, ରମାକାନ୍ତ ସାହୁ ପରିଚାଳନାରେ ସହଯୋଗ କରିଥିଲେ।



# ମଉଦା ଗ୍ରାମରୁ ବଡ଼ ଧରଣର ଲୁଟ୍



ହାଟଡ଼ିହୀ,୨୨।୧୨(ସମିସ): ସୋସୋ ଥାନା ମଉଦା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଗ୍ରାମର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଘରେ କେହି ରହିନଥିବା ସୁଯୋଗରେ ଦୁର୍ବୃତ୍ତମାନେ ଗ୍ରୀଲ୍ ତାଲା ଭାଙ୍ଗି ଘର ଭିତରୁ ୫ ଭରିରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ନଗଦ ୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଶ୍ୟାମସୁନ୍ଦର ପାଣିଗ୍ରାହୀ ଅସୁସ୍ଥ ଥିବାଯୋଗୁଁ ସେ ସମ୍ବଲପୁରରେ ବଡ଼ ପୁଅ ନିକଟରେ ରହୁଥିବା ବେଳେ ଘରେ ସାନ ପୁଅ ରୁହନ୍ତି। ସାନପୁଅ ସୁବ୍ରତ ଭଦ୍ରକ ଯାଇଥିବା ବେଳେ ରବିବାର ସକାଳୁ ସୁବ୍ରତ ଘରକୁ ଫେରିବା ପରେ ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରିବାର ଲୋକେ ଏନେଇ ସୋସୋ ଥାନାରେ ଅଭିଯୋଗ କରିବା ପରେ ସୋସୋ ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଜି ରାଜ୍ୟସ୍ତରୀୟ ମା'ତାରିଣୀ ଫୁଟବଲ୍




ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ବ୍ଲକ୍ ଅଧୀନ ତରତରା ମା' ତାରିଣୀ ଫୁଟବଲ କପ୍ ଆନୁକୂଲ୍ୟରେ ତରତରା ଷ୍ଟାଡିୟମଠାରେ ମଙ୍ଗଳବାର ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୨୬ ତମ ଆନ୍ତରାଜ୍ୟ ମା' ତାରିଣୀ କପ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରଥମ ପପୁଲାର କ୍ଲବ ଢେଙ୍କାନାଳ ସହ ମା'କାମାକ୍ଷା ସ୍ପୋର୍ଟସ ର୍ଟସ କ୍ଲବ ବକ୍ସର ବିହାର, ୨୪ ତାରିଖ ଫ୍ରେଣ୍ଡସ୍ ପାରାଡ଼ାଇଜ୍ ଜଟଣି ସହ ସିଦୁଲି ଏଫସି ଆସାନସୋଲ, ୨୫ ତାରିଖ ପ୍ରଥମ ସେମିଫାଇନାଲ, ୨୬ ଚକ୍ରଧର ଫୁଟବଲ ଏକାଡେମୀ ଝାଡ଼ଖଣ୍ଡ ସହ ରାମଧୁନ୍ କ୍ଲବ ସୋନପୁର, ୨୭ ଏଏମ୍‌ଏସ୍‌ଏଫ୍ ଏକାଡେମୀ କଲିକତା ସହ ରାଉରକେଲା ରେଡୟୁନିଟ୍ ନିଟ୍,୨୮ ତାରିଖ ଦ୍ୱିତୀୟ ସେମିଫାଇନାଲ, ୩୦ ତାରିଖ ଅପରାହ୍ନ ୩ଟାରେ ଗ୍ରାଣ୍ଡଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବବୋଲି କମିଟିର ସଭାପତି ଟି.ସୁବ୍ରତ କୁମାର ସାମଲ (ମୁନା) ପ୍ରକାଶ କରିଛନ୍ତି।

# କେନ୍ଦୁଖୁଣ୍ଟା କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ




ଆନନ୍ଦପୁର,୨୨।୧୨(ସମିସ): ଘସିପୁରା ବ୍ଲକ୍ ଅଧୀନ ତରୁଆଁ ପଞ୍ଚାୟତର କେନ୍ଦୁଖୁଣ୍ଟା ଗ୍ରାମର କମ୍ୟୁନିଟି ସେଣ୍ଟରକୁ ମୁଖ୍ୟଅତିଥି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ଭଞ୍ଜ, ଶ୍ରୀଧର ଭଞ୍ଜ, ରଘୁନନ୍ଦନ ସେଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆନନ୍ଦ ଚନ୍ଦ୍ର ରାଉତ, ବୈଷ୍ଣବ ଜେନା, ଶରତ ରାଉତ, ପୁରୁଷୋତ୍ତମ ଭଞ୍ଜ, ବାବାଜୀ ଚରଣ ରାଉତଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଙ୍ଗିକଳା ଗ୍ରାମରେ ଆମ ପୁଲିସ ସମିତି ବୈଠକ

ତୁରୁମୁଙ୍ଗା,୨୨।୧୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ପୁଲିସ ପକ୍ଷରୁ ସୋମବାର ଚେମଣା ପଞ୍ଚାୟତ ଅଙ୍ଗିକଳା ଗ୍ରାମରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରୁମୁଙ୍ଗା ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ରବି ଶଙ୍କର ହେମ୍ବ୍ରମ ଯୋଗଦେଇ ଲୋକଙ୍କୁ ସାଇବର ଠକେଇ ସହ ଗୁଣି ଗାରେଡ଼ି, ଅନ୍ଧବିଶ୍ୱାସଠାରୁ ଦୁରେଇ ରହିବା ଆଇନଶୃଙ୍ଖଳା ଉପରେ ପୁଲିସକୁ ସହଯୋଗ କରିବା ଆଦି ଆଲୋଚନା କରାଯାଇଥିଲା।

# ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୨୨।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମାଧପୁର ଗ୍ରାମରୁ ଏକ ଘରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ତୀର୍ଥବାସୀ ନାଏକ (୬୦)। ସେ ଘରେ ଏକାକୀ ଘରେ ରହୁଥିବାବେଳେ ମାନସିକ ଭାରସାମ୍ୟ ହରାଇ ଏକ ପ୍ଲାଷ୍ଟିକ ରଶି ସହାୟତାରେ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ପୌରପରିଷଦର ଘଷିପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମଦନମୋହନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୟୂରଭଞ୍ଜ ବିଭାଗ ସେବା ପ୍ରମୁଖ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ସୁଶାନ୍ତ ମିଶ୍ର, ରଶ୍ମୀରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ବାବାଜୀ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।

# ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ଉଦ୍‌ଯାପିତ



ଆନନ୍ଦପୁର,୨୨।୧୨(ସମିସ): ଆନନ୍ଦପୁର ଷ୍ଟାଡିୟମଠାରେ ଚାଲିଥିବା ଆନନ୍ଦପୁର ବାଣିଜ୍ୟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉପସ୍ଥାପକ ରଘୁଦୀପ୍ତି ନାୟକ ଓ ପ୍ରେସ୍‌କ୍ଲବ ସଭାପତି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ପୌରାଧ୍ୟକ୍ଷା ନିକୁସାହୁ, ରାଜ୍ୟ ସମ୍ପାଦିକା ମମତା ସିଂ, ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଆଲୋକ ସେଠୀ ଓ ବିଜେପି ନେତା ଡ. ଶମ୍ଭୁନାଥ ରାଉତ ଯୋଗଦେଇ ବାଣିଜ୍ୟ ମହୋତ୍ସବ ଆନନ୍ଦପୁରର ସଂକୃତିର ବାର୍ତ୍ତା ବହନକରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଶୀତ କବିତା ଆସର, ଲଘୁ ସଂଗୀତ ପରିବେଷଣ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ସାହୁ, ଦିଲୀପ ମିଶ୍ର, ସ୍ୱପ୍ନେଶ୍ୱର ପଣ୍ଡା, ସତ୍ୟଜିତ ସାହୁ, ରାଜୀବ ଜେନା, ଉପେନ୍ଦ୍ର ସାହୁ, ରାଜେନ୍ଦ୍ର ଦାଶ, ଉମାକାନ୍ତ ସାହୁ, ସ୍ମୃତିରଞ୍ଜନ ବିହାରୀ, ଅନୀଲ ସାହୁ, ଲିଟୁହଜାରୀ, ଗତିକୃଷ୍ଣ ଭୂୟାଁ, ରାଜକିଶୋର ସାହୁ, ଜିତୁ ହଜାରୀ, ଅମିୟ ବରାଳ, ସୁଶାନ୍ତ କୁମାର ସାହୁ, ପାର୍ଥ ସୌରଭ ସା, ବିକାଶ ବିଶ୍ୱାଳ, କବୀନ୍ଦ୍ର ଖୁଣ୍ଟିଆ, କୈଳାସ ଚନ୍ଦ୍ର ନାୟକ, ଗୋପୀନାଥ ପାତ୍ର, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ● ପିଲାଙ୍କ ପାଠପଢ଼ାରେ ବ୍ୟାଘାତ

# ବର୍ଷେରୁ ଊର୍ଦ୍ଧ୍ୱ ଛୁଟିରେ ଦୁଇ ଶିକ୍ଷୟିତ୍ରୀ



ତେଲକୋଇ,୨୨।୧୨(ସମିସ): ସରକାର ଶିକ୍ଷାର ମାନ ବୃଦ୍ଧି କରିବା ସହିତ ଶିକ୍ଷକ ଅଭାବକୁ ପୂରଣ କରିବା ନିଯୁକ୍ତି ଦେଉଛନ୍ତି। ହେଲେ କିଛି ଶିକ୍ଷୟିତ୍ରୀ ସ୍କୁଲରେ ଯୋଗଦାନ କରି ବର୍ଷେରୁ ଊର୍ଦ୍ଧ୍ୱ ସମୟ ହେବ ଛୁଟିରେ ଥିବା ଜଣାପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ। ସୂଚନା ଅନୁଯାୟୀ ତେଲକୋଇ ବ୍ଲକର ଦେଉଳଡିହା ପଞ୍ଚାୟତର ଜେନାଦର ଓ କରଦାଙ୍ଗି ପଞ୍ଚାୟତର ସାପଲାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୃଥକ୍ ଭାବେ ଦୁଇଜଣ ଶିକ୍ଷୟିତ୍ରୀ ୨୦୨୪ ମସିହା ଅକ୍ଟୋବର ମାସରେ କନିଷ୍ଠ ଶିକ୍ଷକ ଭାବେ ଯୋଗଦାନ କରିଥିଲେ। ତେବେ ଯୋଗଦାନ ଦୁଇଦିନ ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ନ ଦେଇ ସେମାନେ ଛୁଟି ରେ ଅଛନ୍ତି। ଫଳରେ ସାପଲାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି ଜେନାଦର ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ କନିଷ୍ଠ ଶିକ୍ଷକ ଛୁଟିରେ ରହି ଆସୁଛନ୍ତି। ଉଭୟ ତାଙ୍କର ପରଫରମାନ୍ସ ରିପୋର୍ଟ ଦେବାପାଇଁ ବାରମ୍ବାର ରାଜନୈତିକ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବୁଝିବା ପାଇଁ ତେଲକୋଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲୁ। ତେବେ ତେଲକୋଇ କାର୍ଯ୍ୟାଳୟରେ କୌଣସି ଅଧିକାରୀ ନ ଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ବାଲି ବୋଝେଇ ଟ୍ରାକ୍ଟର ଜବତ; ଚାଳକ ଅଟକ




ତୁରୁମୁଙ୍ଗା,୨୨।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ସ୍ୱାମ୍ ନିକଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ପାଟଣା ପୁଲିସ ଜବତ କରିବା ସହ ଡ୍ରାଇଭରକୁ ନୋଟିସ ଦେଇ ଛାଡିଛି। ଏନେଇ ପାଟଣା ଥାନାରେ ଏକ ମାମଲା ରୁଜୁ ହୋଇଛି। ସାହାରପଡ଼ା ଫାଣ୍ଡି ଏସ୍‌ଆଇ ପାର୍ତ୍ତ ଓରାମ ଘଟଣାର ତଦନ୍ତ କରୁଛନ୍ତି।

# ୨ ବାଇକ୍ ଧକ୍କା; ୩ ଗୁରୁତର

ହାଟଡ଼ିହୀ,୨୨।୧୨(ସମିସ): ନନ୍ଦିପଦା ଥାନା ଅଧୀନ ଅଣା କେନାଲ ପୋଲ ନିକଟରେ ୨ ବାଇକ୍ ମଧ୍ୟରେ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ, ସୋମବାର ଅପରାହ୍ନରେ ଛେନାପଦି ଛକରୁ ହାଟଡ଼ିହୀ ଅଭିମୁଖେ ଯାଉଥିବା ଏକ ବାଇକ୍ ରାସ୍ତାପାରି ହେଉଥିବା ଅନ୍ୟ ଏକ ବାଇକକୁ ଖୁବ୍‌ଜୋରରେ ଧକ୍କା ଦେଇଥିଲା। ଫଳରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ଉଭୟ ବାଇକରେ ଥିବା ୩ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ମୋଟରସାଇକେଲ ମେକାନିକ୍ ହୋଇଥିବାବେଳେ ଅନ୍ୟ ୨ ଜଣ ସ୍ଥାନୀୟ ଜଳକଳଙ୍ଗ ଗ୍ରାମର ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ବାଇକ୍ ମେକାନିକଙ୍କ ଆଣ୍ଠୁ, ଛାତି ମାଡ଼ ହୋଇଥିବା ବେଳେ ଅନ୍ୟ ୨ଜଣ ଯୁବକଙ୍କ ଅବସ୍ଥା ଅତ୍ୟଧିକ ଗୁରୁତର ଥିବାରୁ ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି 'ଉଇ ଲଭ୍' ହାଟଡିହୀ




ହାଟଡ଼ିହୀ,୨୨।୧୨(ସମିସ): ଶୀତଋତୁ ଆସିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଆଗନ୍ତୁକଙ୍କ ଭିଡ଼ ଉପଲବ୍ଧ ହୋଇଥାଏ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ହାଟଡ଼ିହୀ ବ୍ଲକଟି ମଧ୍ୟ ପ୍ରାକୃତିକ ପରିବେଶପୂର୍ଣ୍ଣ ସୌନ୍ଦର୍ଯ୍ୟରେ କମ୍ ନୁହେଁ। ଏଠାରେ ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କ ମଧ୍ୟରେ ହଦଗଡ଼ ସ୍ଥିତ ସାଳନ୍ଦୀ ନଦୀବନ୍ଧ, ସୁନ୍ଦରାପାଳ ସ୍ଥିତ ଗଡ଼ଚଣ୍ଡୀ, ପୋଡ଼ାସିଙ୍ଗିଡ଼ି ସ୍ଥିତ ରାମଚଣ୍ଡୀ ପୀଠ ସହ ସୁନାଘାଇ ଜଳବନ୍ଧ, ପଢ଼ିଆରୀପଲ୍ଲୀ ସ୍ଥିତ ସିଦ୍ଧଗୁମ୍ଫା ଜଙ୍ଗଲିଆ ପରିବେଶ ମଧ୍ୟରେ ରହିଥିବା ଏହିଭଳି ଖୁବ ସୁନ୍ଦର ସୁନ୍ଦର ସ୍ଥାନ ରହିଥିଲେ ମଧ୍ୟ "ଉଇ ଲଭ ହାଟଡ଼ିହୀ" ସେଥିମଧ୍ୟରୁ ଅନ୍ୟତମ ଅଟେ। କେହି କେହି ଏହାକୁ ସେଲ୍ଫି ପଏଣ୍ଟ ବୋଲି ମଧ୍ୟ କହିଥା'ନ୍ତି। ଗୋଟିଏ ପଟେ ଓସାରିଆ କେନାଲର ନୀଳ ଜଳରାଶି ସହ ମାଆ ଦୁଆରଶୁଣୀଙ୍କ ପୀଠ ତ ପୁଣି ଅନ୍ୟ ପଟରେ ବଉଳା ପାହାଡ଼ରେ ପାଦଦେଶ ତଳେ ଛେନାପଦି ହଦଗଡ଼କୁ ଲମ୍ବିଥିବା ରାସ୍ତାକଡ଼ରେ ଅବସ୍ଥିତ ଏହି ମନଲୋଭା ସୁନ୍ଦର ସ୍ଥାନ। ସ୍ୱଚ୍ଛତା ଅଭାବରୁ ବର୍ତ୍ତମାନ ଏହି ସ୍ଥାନଟି ଅବହେଳିତ ହୋଇପଡ଼ିଥିବାରୁ ଆକର୍ଷଣ କମିଯିବା ପରି ମନେ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେଲେ ପୁନର୍ବାର ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇପାରନ୍ତା ବୋଲି ସ୍ଥାନୀୟଲୋକେ କହୁଛନ୍ତି।

ସକାଳ
THE SAKALA



## ଚାଇଁପାଳ ଓଭରବ୍ରିଜ୍‌ରେ ଆଲୋକୀକରଣ କେବେ?



ଅନୁଗୋଳ,୨୨ ।୧୨(ସମିସ): ୧୦ବର୍ଷ ପୂର୍ବରୁ ନିର୍ମିତ ତାଳଚେର ବ୍ଲକ ଚାଇଁପାଳ ଓଭରବ୍ରିଜରେ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ସେଠାରେ ଚୋରି, ରାହାଜାନୀ, ଦୁର୍ଘଟଣା ଆଦି ବୃଦ୍ଧି ପାଉଥିବା ବିଭିନ୍ନ ସଂଗଠନ ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନିକଟରେ ସମାଜସେବୀ ରଣଜିତ୍ ମହାପାତ୍ର, ଅଭୟ ପାଣି, ବିଜୟ ପ୍ରଧାନ, ବିଭୂତି ପଟ୍ଟନାୟକ, ସୁକାନ୍ତ ଦାସ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଚାଇଁପାଳ ଓଭରବ୍ରିଜ ଓ ନିକଟରେ ଥିବା ତାଳଚେର ରୋଡ୍ ଷ୍ଟେସନଠାରୁ ଚାଇଁପାଳ ବ୍ରିଜ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଆଲୋକୀକରଣ ଓ ରାସ୍ତା ମରାମତିକୁ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଷ୍ଟେସନ ଉପରେ ୩ ଜିଲ୍ଲାର ଯାତ୍ରୀ ନିର୍ଭର କରନ୍ତି। ଦିନ ତଥା ରାତିରେ ଯାତ୍ରୀମାନେ ଷ୍ଟେସନକୁ ଯାତାୟାତ କରୁଥିଲେ ମଧ୍ୟ ରାସ୍ତା ଖାଲଖମା ହେବା ସହ ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଓ ଅପରାଧ ବଢୁଛି। ଫଳରେ ଯାତ୍ରୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କିଛିମାସ ପୂର୍ବରୁ ଜଣେ ଯୁବତୀଙ୍କୁ ଏହି ରାସ୍ତାରେ ଅପହରଣ କରାଯାଇ ଦୁଷ୍କର୍ମ ଓ ହତ୍ୟା କରାଯାଇଥିଲା। ଏହି ଘଟଣା କେବଳ ତାଳଚେର ନୁହେଁ ସମଗ୍ର ଓଡ଼ିଶାରେ ଚହଳ ପକାଇଥିଲା। ତୁରନ୍ତ ଜିଲ୍ଲା ପ୍ରଶାସନ ଚାଇଁପାଳ ଓଭରବ୍ରିଜରେ ଆଲୋକୀକରଣ, ରାସ୍ତା ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## କିଶୋରନଗର +୨ କଲେଜର ବାର୍ଷିକ କ୍ରୀଡ଼ା

କିଶୋରନଗର,୨୨ ।୧୨(ସମିସ): କିଶୋରନଗର +୨ କଲେଜର ୨ଦିନିଆ ବାର୍ଷିକ କ୍ରୀଡ଼ା କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ବିକ୍ରମ କେଶରୀ ନାୟକ, ଅନ୍ୟତମ ଅତିଥି ଭାବେ ବିଡିଓ ସୁବ୍ରତ କୁମାର ବେହେରା, ଏବିଇଓ ରମଣୀ ରଞ୍ଜନ ସାହୁ ଯୋଗଦେଇଥିଲେ। କ୍ରୀଡ଼ା ଅଧ୍ୟାପକ ଦିଲୀପ ମହାରଣା ଓ ପୂର୍ବତନ କ୍ରୀଡ଼ା ଶିକ୍ଷକ ବସନ୍ତ ପ୍ରଧାନ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ବାଳକରେ ସୁବ୍ରତ ନାୟକ ଓ ବାଳିକାରେ ଧରିତ୍ରୀ ବିଶ୍ୱାଳ ଚାମ୍ପିଅନ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କଲେଜର ଛାତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରନ୍ଥାଗାରିକ ଦେବରାଜ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ମଧୁସ୍ମିତା ମୃତ୍ୟୁ ରହସ୍ୟ ଉପରୁ ହଟୁନି ପରଦା

ଅନୁଗୋଳ,୨୨ ।୧୨(ସମିସ):




ନାଲକୋ ନଗରରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବିପର୍ଯ୍ୟସ୍ତ ଓ ନୈରାଶ୍ୟଜନକ ହୋଇପଡ଼ିଛି। ଡିସେମ୍ବର ୧ ତାରିଖ ନାଲକୋନଗରର ଏକ କ୍ୱାର୍ଟରେସରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଆଜିପର୍ଯ୍ୟନ୍ତ ପର୍ଦ୍ଦାଫାସ କରିପାରିନି ପୁଲିସ। ମହିଳାଙ୍କ ହତ୍ୟା କରାଯାଇଥିବା ସନ୍ଦେହ

**● ୨୦ଦିନ ପରେ ବି ପୁଲିସ ହାତ ଖାଲି**
**● ନାଲକୋନଗରବାସୀଙ୍କ ସୁରକ୍ଷା ନେଇ କର୍ମଚାରୀ ମହଲରେ ଅସ୍ଥିରତା**
**● ସୁରକ୍ଷା ଦାବିରେ ଆଲୁମିନିୟମ ମଜଦୁର ସଂଘର ଗଣଧାରଣା**

କରାଯାଉଥିଲେ ମଧ୍ୟ ପୁଲିସ ଆଜିଯାଏ ହତ୍ୟାକାରୀଙ୍କ ସନ୍ଧାନ ପାଇପାରିନାହିଁ। ଫଳରେ ନାଲକୋବାସୀ ପୁଲିସ ଉପରୁ ଆସ୍ଥା ହରାଇଲେଣି। ନାଲକୋ କଲୋନୀରେ ପ୍ରାୟ ୧୮ଟି ସ୍ଥାନରେ ଉଚ୍ଚ ଶକ୍ତିସମ୍ପନ୍ନ ସିସି କ୍ୟାମେରା ଲାଗିଛି। ମାତ୍ର ଏ ସବୁ ଅପରାଧ ନିୟନ୍ତ୍ରଣ କାମରେ ଆସୁନି। ଦିନ ଦ୍ୱିପ୍ରହରରେ ସନ୍ଦିଗ୍ଧ ହତ୍ୟାକାଣ୍ଡର ସୁରାକ ନ ମିଳିବା ଉଦବେଗର ବିଷୟ ହୋଇଛି।

ଏପଟେ ନାଲକୋ ନଗରରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ତଥା ନାଲକୋ ଇଷ୍ଟେଟ ବିଭାଗ ଦ୍ୱାରା ପରିଚାଳିତ ଘରୋଇ ସୁରକ୍ଷା ସଂସ୍ଥା ସ୍ଥାଣୁ ପାଲଟିଛି। କଂକ୍ରିଟ ପାଚେରି ଘେରା କଲୋନୀର ପ୍ରବେଶ ଦ୍ୱାରରେ ମାଳ ମାଳ ସୁରକ୍ଷା କର୍ମୀ ସାଙ୍ଗକୁ କଲୋନୀର ବିଭିନ୍ନ ଛକ, ବଜାର, ସ୍କୁଲ, ମନ୍ଦିର, ଗେଷ୍ଟ ହାଉସ, ପାର୍କ, କଲ୍ୟାଣମଣ୍ଡପ, ଷ୍ଟାଡିୟମ ପ୍ରଭୃତି ସ୍ଥାନ ଓ ଗଳିକନ୍ଦି ରାସ୍ତାରେ ୨୪ଘଣ୍ଟିଆ ପ୍ରହରା ସହିତ ଭ୍ରାମ୍ୟମାଣ ସୁରକ୍ଷା ପ୍ରହରା ସତ୍ତ୍ୱେ ନାଲକୋ ଟାଉନସିପର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଟାଉନସିପ ନିଶାଡ଼ି ଓ ଉଚ୍ଛୃଙ୍ଖଳିତ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନାଲକୋ କର୍ମଚାରୀମାନେ ପିଲା ପରିବାରଙ୍କ ସୁରକ୍ଷା ନେଇ ଚିନ୍ତିତ ରହିଛନ୍ତି। କର୍ମଚାରୀଙ୍କ ଏଭଳି ସମସ୍ୟାକୁ କର୍ମଚାରୀ ସଙ୍ଗଠନଗୁଡ଼ିକ ପକ୍ଷରୁ ନାଲକୋ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅତୀତରେ ବହୁବାର ଅବଗତ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଧାର ହୋଇପାରିନି। ଫଳରେ କର୍ମଚାରୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ପରିପ୍ରେକ୍ଷୀରେ ସୋମବାର ସକାଳ ୮ଟାରେ ନାଲକୋ ଇଷ୍ଟେଟ ଅଫିସ ସମ୍ମୁଖରେ ନାଲକୋର ଅଗ୍ରଣୀ ଶ୍ରମିକ ସଂଘଠନ ବିଏମଏସ ସହବନ୍ଧିତ ଆଲୁମିନିୟ ମଜଦୁର ସଙ୍ଘ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ମଧୁସ୍ମିତାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ ନାଲକୋ କଲୋନୀରେ ସୁଦୃଢ଼ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ମଧୁସ୍ମିତାଙ୍କ ହତ୍ୟାକାରୀକୁ ତୁରନ୍ତ ଧରିବା ଦାବିରେ ଧାରଣା ଦିଆଯାଇଥିଲା। ଏଥିରେ ପ୍ରକାଶ କୁମାର ସିଂହ, ସୁଜିତ କୁମାର ସେଠ, ମନୋଜ ଅମାନ୍ତ, ବୁନୁ ସିଂହ, ସୁଶାନ୍ତ ସାମଲ, ଚିତ୍ତରଞ୍ଜନ ନାଏକ, ବିନୋଦ ବେହେରା, କାହ୍ନୁ ପ୍ରଧାନଙ୍କ ସମେତ ବହୁ ମହିଳା ଓ ଶତାଧିକ ନାଲକୋବାସୀ ସାମିଲ ହୋଇଥିଲେ।

## ବଜ୍ରକୋଟ ହାଇସ୍କୁଲର କ୍ରୀଡ଼ା ଓ ବାର୍ଷିକ ଉତ୍ସବ



କଣିହାଁ,୨୨ ।୧୨(ସମିସ): କଣିହାଁ ବ୍ଲକ ବଜ୍ରକୋଟ ଜନତା ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ମୁଖ୍ୟବକ୍ତା ଭାବେ ପରିଚାଳନା ସମିତି ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ବୀରବର ସାମଲ, ସମିତି ସଭ୍ୟ ସୀମାଞ୍ଚଳ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଭ୍ୟ ରାମଚନ୍ଦ୍ର ଜେନା, ବିଭୂତି ଭୂଷଣ କବି, ମନ୍ଦର ସେଠୀ ପ୍ରମୁଖ ଯୋଗଦେଇଥିଲେ।

ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଶାନ୍ତ ବେହେରା, ଜ୍ୟୋତିକାନ୍ତ ନାଏକ, ଦୀପିକା ପ୍ରିୟଦର୍ଶିନୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ କୁମାର ସାହୁ, ପ୍ରିୟବ୍ରତ ପ୍ରଧାନ, ସସ୍ମିତା ପ୍ରଧାନ, ଶିଶିର କୁମାର ମହାନ୍ତି, ପ୍ରଶାନ୍ତ କୁମାର ବଳ, ମାନସ କୁମାର ନାଏକ, ଗିରିଧାରୀ ବରାଳ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ପ୍ରଧାନଆଚାର୍ଯ୍ୟ ଗୁରୁତର

ତାଳଚେର,୨୨ ।୧୨(ସମିସ): ସଡ଼କ ଦୁର୍ଘଟଣାରେ ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଅନିଲ କୁମାର ଦେହୁରୀ ଗୁରୁତର ଆହତ ହୋଇଛନ୍ତି। ସ୍କୁଲ ଛୁଟି ପରେ ଅନିଲ ସହକର୍ମୀ ଗୁରୁଜୀ ପବିତ୍ର ସାହୁଙ୍କୁ ବାଇକରେ ବସାଇ ନିଜ ଗ୍ରାମ କୁମଣ୍ଡକୁ ଯାଉଥିଲେ। ନତଡ଼ା ଗ୍ରାମ ବିଷ୍ଣୁ ମନ୍ଦିର ପାଖରେ ହଠାତ୍ ଏକ କାର୍ ଦ୍ରୁତଗତିରେ ଆସି ତାଙ୍କୁ ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ଅନିଲ ଓ ପବିତ୍ର ବାଇକରୁ ଛିଟିକି ପଡ଼ିଥିଲେ। ଏହି ଦୁର୍ଘଟଣାରେ ଅନିଲଙ୍କ ଡାହାଣ ଆଖିରେ ଗୁରୁତର ଆଘାତ ଲାଗିଥିବା ବେଳେ ଗୋଡ଼ ଓ ଜଙ୍ଘ ହାଡ଼ ଭାଙ୍ଗିଯାଇଛି। ପବିତ୍ରଙ୍କ ମୁଣ୍ଡ ପଛ ପାଖର୍ ମାଡ଼ ହେବାରୁ ସେ ବେହୋସ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନିଲଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ କାର ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଦ୍ରୁତ ଗତିରେ ଗାଡ଼ି ଚଳାଇଥିବାରୁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଛି। ଅନ୍ୟପଟେ ଏହି ଦୁର୍ଘଟଣା ଘଟାଇବା ପରେ କାର୍‌ଟି ରାସ୍ତା ପାଖର୍ ଏକ ଦୋକାନ ଘର ପିଣ୍ଡାରେ ଧକ୍କା ହୋଇଥିଲା। ରନ୍ତଲେଇ ପୁଲିସ କାର ଜବତ କରିବା ସହ ତଦନ୍ତ ଚଳାଇଛି।

## ଆମ୍ବପାଳ ପଞ୍ଚାୟତରେ ଜନଶୁଣାଣି




କିଶୋରନଗର,୨୨ ।୧୨(ସମିସ): କିଶୋରନଗର ବ୍ଲକ ଆମ୍ବପାଳ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ବିଏସଏସଓ ଝସକେତନ ସାହୁ, ବିପିସି (ଆରଏଚ) ସୌ÷÷ମ୍ୟରଞ୍ଜନ ପ୍ରଧାନ, ସରପଞ୍ଚ ସୁଲୋଚନା ବୀର, ସମିତି ସଭ୍ୟାଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ପାଳିତ



କଣିହାଁ,୨୨ ।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ ଏବଂ ବିଜ୍ଞାନ ଚେତନା ମଞ୍ଚ, ଓଡ଼ିଶା ଆନୁକୂଲ୍ୟରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଭାରତର ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତ ଶାସ୍ତ୍ର ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ତାଙ୍କ ଜନ୍ମଦିନ ଡିସେମ୍ବର ୨୨ ତାରିଖ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଥିବା ବିଜ୍ଞାନ ଚେତନା ମଞ୍ଚର ଅନୁଗୋଳ ଜିଲ୍ଲା ସଂଯୋଜକ ବିଜ୍ଞାନ ଶିକ୍ଷକ ମୁନା ନାଏକ ଅବଗତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଗଣିତ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ବିଜ୍ଞାନ ଶିକ୍ଷକ ମୁନା ନାଏକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସହକାରୀ ଶିକ୍ଷକ ପ୍ରଦୀପ କୁମାର ବେହେରା, ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ସୁପ୍ରିୟା ପ୍ରଧାନ, ବିଜ୍ଞାନ ଓ ଗଣିତ କ୍ଲବ ସଦସ୍ୟ ଦିବ୍ୟରଞ୍ଜନ ସାହୁ, ଆସିକ ସାହୁ, ସ୍ୱର୍ଣ୍ଣଶ୍ରୀ ମାହାର, ବିଜୟଲକ୍ଷ୍ମୀ ସାହୁ, ଆଦ୍ୟାଶା ନାଏକ, ରୋହଣୀ ଶୁଭଦର୍ଶିନୀ ସାହୁ, ଇତିଶ୍ରୀ ମାହାର ପ୍ରମୁଖ ସହଯୋଗ କରିଥିଲେ।

## ସେଣ୍ଟ ଜନ୍ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ



ତାଳଚେର,୨୨ ।୧୨(ସମିସ): ତାଳଚେର ପୌରପରିଷଦ ଅଙ୍ଗାରୁଆସ୍ଥିତ ସେଣ୍ଟ ଜନ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଟିଟିପିଏସ୍ ଏନଟିପିସିର ଜିଏମ ପ୍ରବୀଣ କୁମାର ଯୋଗଦେଇଥିଲେ। ଏହି ଅବସରରେ ୨୦୨୪ ଦଶମ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ପଲ୍ଲୀସଭା ନ ଡାକି ଜମି ଅଧିଗ୍ରହଣକୁ ବିରୋଧ

ବଣ୍ଟଁରପାଳ,୨୨ ।୧୨(ସମିସ): ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବଣ୍ଟଁରପାଳଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ନୀତିକୁ ବଣ୍ଟଁରପାଳ, ନୂଆହତା, ବୁଢ଼ାପଙ୍କ ଗ୍ରାମବାସୀ ବିରୋଧ କରିବା ସହ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଶନିବାର ସ୍ଥାନୀୟ ଆଶା କଲ୍ୟାଣ ମଣ୍ଡପରେ ଏ ନେଇ ଏକ ବୈଠକ ବସିଥିଲା। ସନ୍ତ୍ରୀ ଛକରୁ ବଣ୍ଟଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜାଗା ଅଧିଗ୍ରହଣ ନିମନ୍ତେ କୌଣସି ପଲ୍ଲୀସଭା କରାଯାଇ ନାହିଁ କିମ୍ବା ନିୟମ ଅନୁଯାୟୀ ନୋଟିସ ଜାରି କରାଯାଇ ନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଗତ ସପ୍ତାହରେ ଅନୁଗୋଳ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପକ୍ଷରେ ୨୦୧୬ରେ ରାଜ ରାସ୍ତାରେ ଯାଇଥିବା ଜାଗା ପାଇଁ ଅଧିକ କ୍ଷତିପୂରଣ ମିଳିଥିବା ବେଳେ ବର୍ତ୍ତମାନ ଜାଗାର ମୂଲ୍ୟ ବହୁତ କମ ହୋଇଥିବାରୁ ଗ୍ରାମବାସୀ ମୂଲ୍ୟର ପୁନର୍ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। କିନ୍ତୁ କୌଣସି ସନ୍ତୋଷ ଜନକଉତ୍ତର ମିଳି ନ ଥିବାରୁ ଶନିବାର ଗ୍ରାମବାସୀ ବୈଠକ କରି ଆଇନର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି।

# ମୃତ ବ୍ୟକ୍ତିଙ୍କ ଜମି ହଡ଼ପ ମସୁଧା

ପାଲଲହଡ଼ା,୨୨ ।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ତହସିଲରେ ଦଲାଲମାନଙ୍କ ଦ୍ୱାରା ବ୍ୟାପକ ଜମି ଜାଲିଆତି କାରବାର ଚାଲୁଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ପଟ୍ଟା ସଂଶୋଧନର ଫାଇଦା ଉଠାଇ କିଛି ଅସାଧୁ କର୍ମଚାରୀଙ୍କୁ ହାତବାରିସି କରି ଦଲାଲମାନେ ଉତ୍ତରାଧିକାରୀ ହେରଫେର କରୁଥିବା ଅଭିଯୋଗ ହେଉଛି। ଆଉ କିଛି ଦଲାଲ କର୍ମଚାରୀଙ୍କ ଦ୍ୱାରା ମୃତବ୍ୟକ୍ତିଙ୍କ ନାଁରେ ମିଛ ଉତ୍ତରାଧିକାରୀ ଯୋଗାଡ଼

### ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

କରି ଜମି ହଡ଼ପ କରିବାକୁ ମସୁଧା କରୁଥିବା ଘଟଣା ସାମ୍ନାକୁ ଆସିଛି। ପାଲଲହଡ଼ା ଉପଖଣ୍ଡ ଝାରବେଡ଼ା ପଞ୍ଚାୟତ ଟେଣ୍ଟଇନାଲି ଗାଁର ସଙ୍ଖାଳି ପଲେଇଙ୍କ ପୁଅ ହାଡ଼ି ପଲେଇ (ଜାତି-ଗଉଡ଼)ଙ୍କ ନାମରେ ଖାତା ନମ୍ବର-୩୧ରେ ୧୭.୫୩ ଡିସିମିଲ ଜାଗା ପଟ୍ଟା ଥିବା ବେଳେ ହାଡ଼ି ପଲେଇଙ୍କର ୧୯୭୫ ମସିହା ପୂର୍ବରୁ ମୃତ୍ୟୁ ହୋଇସାରିଛି। ରାଜସ୍ୱ ଆଇନ ଅନୁସାରେ ୧୯୭୫ ମସିହା ସେଟେଲମେଣ୍ଟ ପଟ୍ଟା ପ୍ରକାଶନ ବେଳେ ହାଡ଼ି ପଲେଇଙ୍କ କୌଣସି ଉତ୍ତରାଧିକାରୀ ନ ଥିବାରୁ ସମସ୍ତ ଜାଗା ଗ୍ରାମର ବିଭିନ୍ନ ବ୍ୟକ୍ତି ଜବରଦଖଲ କରିଥିବା ଦର୍ଶାଯାଇଛି। ମାତ୍ର ଗତ ନଭେମ୍ବର ୧୧ ତାରିଖ



ପାଲଲହଡ଼ା ତହସିଲ କନ୍ତଲା ରାଜସ୍ୱ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ବର୍ତ୍ତମାନର ନୂଆ ରାଜସ୍ୱ ନିୟମ ଆଧାରରେ ଜଣେ ଝାରି ବୋଇତା (ମହିଳା)ଙ୍କୁ ହାଡ଼ି ପଲେଇଙ୍କ ଉତ୍ତରାଧିକାରୀ ଦର୍ଶାଇ ପଟ୍ଟା ସଂଶୋଧନ କରିବାକୁ ଅନଲାଇନ ମାଧ୍ୟମରେ ତହସିଲଦାରଙ୍କ ନିକଟକୁ ପଠାଇଥିବା ଜଣାପଡ଼ିଥିଲା। ତେବେ କୌଣସି ସୂତ୍ରରୁ ଗ୍ରାମବାସୀ ଖବର ପାଇବା ପରେ ସେହି ମାସ ୧୩ ତାରିଖ ତହସିଲଦାର ଏବଂ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ତହସିଲଦାର ଉତ୍ତରାଧିକାରୀ ସୂତ୍ରରେ ଖତିଆନ ପରିବର୍ତ୍ତନରେ ରୋକ୍ ଲଗାଇଥିବା ଜଣାପଡ଼ିଛି। ପରେ ୧୬ ତାରିଖ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ନେତୃତ୍ୱରେ ପାଲଲହଡ଼ା ଥାନାରେ ଅଭିଯୋଗ ଦାଖଲ କରିଥିଲେ। ମାତ୍ର ଦୀର୍ଘଦିନ ଧରି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପୁନଶ୍ଚ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଗ୍ରାମବାସୀଙ୍କ ଦ୍ୱାରା ରାଜସ୍ୱ କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇଥିବା କାଗଜପତ୍ରରୁ କନ୍ତଲା ରାଜସ୍ୱ ନିରୀକ୍ଷକ ତହସିଲଦାରଙ୍କୁ ପ୍ରଦାନ କରିଥିବା ପ୍ରଜା ଖାତା ସଂଶୋଧନ ନିମିତ୍ତ ତଦନ୍ତ ବିବରଣୀ ଅନୁସାରେ ଝାରି ବୋଇତା ହାଡ଼ି ପଲେଇଙ୍କ ଉତ୍ତରାଧିକାରୀ ହୋଇଥିବାବେଳେ ବୁଧୁରାମ ପୂର୍ତ୍ତି ଏବଂ ଶଙ୍କର ବେହେରାଙ୍କୁ ସାକ୍ଷୀ ଭାବେ ଦର୍ଶାଯାଇଛି। ମୃତ ରୟତଙ୍କ ବଂଶାବଳୀର ତଦନ୍ତ ବିବରଣୀରେ ହାଡ଼ି ବୋଇତଙ୍କ ଝିଅ ରୁଦ୍ରୁନା ବୋଇତା ଏବଂ ରୁଦ୍ରୁନାଙ୍କ ଝିଅ ଝାରି ବୋଇତା (୨୫)। ଏହା ସହିତ ଝାରି ବୋଇତାଙ୍କ ଆଧାର କାର୍ଡ ଅନୁସାରେ ତାଙ୍କ ପୈତୃକ ଘର କଣିହାଁ ଅଞ୍ଚଳ ଡେରେଙ୍ଗ ଅଟେ। ବର୍ତ୍ତମାନ ସେ ନମପସୀ ପଞ୍ଚାୟତ ଯମରା ଗ୍ରାମରେ ବିବାହ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଏହି ଜମି ଜାଲିଆତିରେ ସମ୍ପୃକ୍ତ ଦଲାଲମାନଙ୍କ ଅସଲ ମୁଖା ଖୋଲି ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ (୧)ର ବାର୍ଷିକୋତ୍ସବ

ଅନୁଗୋଳ,୨୨ ।୧୨(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ (୧)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ୟା



ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ହିରଣ୍ମୟ ପ୍ରସାଦ ଚାନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ସ୍ୱାତୀ ଦାସ ଓ ନୃତ୍ୟ ଶିକ୍ଷୟିତ୍ରୀଙ୍କ ସ୍ୱର୍ଣ୍ଣଙ୍କି ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ସନ୍ଦୀପ ନେହେରା ଓ ଶିକ୍ଷୟିତ୍ରୀ ଶୋଭନା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ବରିଷ୍ଠ ଶିକ୍ଷକ ବିପିନ ବିହାରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବନଭୋଜି କାର୍ଯ୍ୟକ୍ରମ

ବଣ୍ଟଁରପାଳ,୨୨ ।୧୨(ସମିସ): ଗୋତମରାସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋତମରା ସରପଞ୍ଚ ଓ ମନ୍ଦିର କମିଟି ସଭ୍ୟମାନେ ଉପସ୍ଥିତ ରହି ସମସ୍ତ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ ପୂର୍ବତନ ପରିଚାଳନା ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନ ତଥା ସମସ୍ତ ଗୁରୁଜୀ, ଗୁରୁମାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।



# ରାଜ୍ୟସ୍ତରୀୟ ବାଗଡ଼ିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଛେଣ୍ଡିପଦା,୨୨ ।୧୨(ସମିସ):

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ବାଗଡ଼ିଆ କ୍ରିକେଟ ଆସୋସିଏସନ ପକ୍ଷରୁ ୭ମ ବାଗଡ଼ିଆ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଛି। ଏଥିରେ ୧୬ ଟିମ୍ ଭାଗ ନେଇଛନ୍ତି। ୮ଟି ଲିଗ ମ୍ୟାଚ, ୪ଟି କ୍ୱାର୍ଟର ଫାଇନାଲ, ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୬୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ଆସୋସିଏସନ ପକ୍ଷରୁ ଘୋଷଣା କରାଯାଇଛି। ବାଗଡ଼ିଆ କ୍ରିକେଟ ଆସୋସିଏସନ ସଭାପତି ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିନୋଦ କୁମାର ସରଳିଆ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କର,



ବାଗଡ଼ିଆ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ବିଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରମିଳା ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ବାଗଡ଼ିଆ ଜଗନ୍ନାଥ ମନ୍ଦିରଠାରୁ ମଶାଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ପଡ଼ିଆରେ ସ୍ଥାପନ କରାଯାଇଥିଲା। ପରେ ଅତିଥିମାନେ ଖେଳ ପତାକା ଉତ୍ତୋଳନ କରିଥିଲେ। ବାଗଡ଼ିଆ କ୍ରିକେଟ ଆସୋସିଏସନର ସ୍ୱର୍ଗତ ବାଦଲ ପ୍ରଧାନ, ଶରତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଫିତାକାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ ଭୁବନେଶ୍ୱରର ଏମଆରଏଫ କମାଣ୍ଡୋ ଇଲେଭେନ ଓ ସମ୍ବଲପୁର ଆଙ୍ଗ୍ରି ଟାଇଗର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ୯ ୱିକେଟରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ସହ କୋରାପୁଟ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଡିସିସି ସନ୍ଥପୁରା ୬୬ରନରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଅମ୍ପାୟର ବେଣୁଧର ସାହୁ ଓ ପ୍ରସନ୍ନ କୁମାର ମ୍ୟାଚ୍ ପରିଚାଳନା କରିଥିଲେ। ଫାଇନାଲ ମ୍ୟାଚ ଡିସେମ୍ବର ୩୧ ତାରିଖ ଅନୁଷ୍ଠିତ ହେବ। ବାଗଡ଼ିଆ କ୍ରିକେଟ ଆସୋସିଏସନର ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ଦେବାଶିଷ ପ୍ରଧାନ, ସମରେଶ ନାଥ, ଉମେଶ ଚନ୍ଦ୍ର ମାଝୀ, ଲିଙ୍କନ ଦେହୁରୀ, ଚନ୍ଦନ ପ୍ରଧାନ, ଆସିକ୍ ମାହାଳିକ, ପ୍ରିୟବ୍ରତ ସାହୁ, ଡମ୍ବରୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ଅଣାୟତ୍ତ ଅପରାଧ; ଅସହାୟ ପୁଲିସ

ଭୁବନେଶ୍ୱର, ୨୨।୧୨ (ସମିସ): ଆଉ ଦିନ କେଇଟା ପରେ ବର୍ଷ ସରିବ। ବର୍ଷ ସରିବା ସହ ମାମଲାର ତଦନ୍ତ ସାରିବାକୁ ଲାଗି ପଡ଼ିଛି ପୁଲିସ। ଆଉ ଏହାର ସୁଯୋଗ ନେଇ ଆତଙ୍କ ଖେଳାଇଛନ୍ତି ଛିନତାଇ ଗ୍ୟାଙ୍ଗ୍। ରାତି ଅଧ ହେଉ ଅବା ଦିନ ଦୁଇ ପ୍ରହର, କମିସନରେଟ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଲୁଟେରା। ବିଶେଷକରି ରାଜପଥରେ ନିଜର ଦବଦବା ଜାହିର୍ କରିଛନ୍ତି। ସୋମବାର ଜାତୀୟ ରାଜପଥରେ ଦୁର୍ବୃତ୍ତଙ୍କ ଦ୍ୱାରା ଲୁଟର ଶିକାର ହୋଇ ଜଣେ ମହିଳାଙ୍କ ହାତ ଭାଙ୍ଗି ଯାଇଛି। ତମାଣ୍ଡୋ ଥାନା ଅଧୀନସ୍ଥ ବେହେରା ଢାବା ନିକଟରେ ଏଭଳି ଘଟଣା ଘଟିଛି। ପୁଲିସ ଆହତ ମହିଳା ଶୁଭନୀତା ମଲ୍ଲିକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ପରିସ୍ଥିତି ଏପରି ହୋଇଛି ଯେ ପୁଲିସ ଏକ ପ୍ରକାର ଅସହାୟ ହୋଇପଡ଼ିଛି।

## ■ ନୟାଗଡ଼ରୁ ଭୁବନେଶ୍ୱର ଯାଏଁ ଅପରାଧୀଙ୍କ ଆତଙ୍କ

## ■ ଲୁଟ୍ ବେଳେ ସ୍କୁଟିରୁ ପଡ଼ି ମହିଳାଙ୍କ ହାତ ଭାଙ୍ଗିଲା

ସୂଚନାନୁଯାୟୀ, ସୋମବାର ମଧ୍ୟାହ୍ନ ସମୟରେ ଶୁଭନୀତ ତାଙ୍କ ସ୍କୁଟି ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯାଉଥିଲେ। ସେ ତମାଣ୍ଡୋ ସ୍ଥିତ ବେହେରା ଢାବା ଅତିକ୍ରମ କରୁଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଭ୍ୟାନିଟ୍ ବ୍ୟାଗ୍ ଛଡ଼ାଇଥିଲେ। ଭିଡ଼ାଟଣା ଯୋଗୁଁ ଶୁଭନୀତା ସ୍କୁଟିରୁ ଖସି ପଡ଼ିଥିଲେ। ଗାଡ଼ିରୁ ପଡ଼ିଯିବାରୁ ତାଙ୍କ ଡାହାଣ ହାତ ଭାଙ୍ଗି ଯାଇଥିଲା। ରାସ୍ତାରେ ପଡ଼ି ମୋବାଇଲ ଭାଙ୍ଗି ଯାଇଥିବା ବେଳେ ଲୁଟେରାମାନେ ତାଙ୍କ ଭ୍ୟାନିଟ୍ ବ୍ୟାଗ୍ ନେଇ ପଳାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭନୀତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସକୁ ପଠାଇଥିଲା। ସେଠାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୌଭାଗ୍ୟ ବଶତଃ, ପଛରୁ ଗାଡ଼ି ଆସୁ ନ ଥିବାରୁ ଶୁଭନୀତା ବଡ଼ ଅଘଟଣରୁ ବର୍ତ୍ତି ଯାଇଥିଲେ।

ଇଏ ଗୋଟାଏ ଘଟଣା ନୁହଁ, ଗତକାଲି ମଧ୍ୟ ସମାନ ଘଟଣା ଘଟିଥିଲା। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ତମାଣ୍ଡୋ ଓଭରବ୍ରିଜ ଅତିକ୍ରମ କରି ଡିଏନ୍ ରିଗାଲିଆ ଫ୍ଲାଇଓଭର ଚଢ଼ୁଥିବା ବେଳେ ଦୁଇ ଲୁଟେରା ତାଙ୍କ ଭ୍ୟାନିଟ୍ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ଲୁଟେରାଙ୍କ ଆତଙ୍କ ନୟାଗଡ଼ରୁ ଭୁବନେଶ୍ୱର ଯାଏଁ ଲମ୍ବିଛି। ନୟାଗଡ଼ରେ ଲୁଟପାଟ୍ କରିବା ପରେ ସେମାନେ ରାଜଧାନୀ ମୁହାଁ ହୋଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

ସେହିପରି ଗତ ଗୁରୁବାର ରାତିରେ ଲକ୍ଷ୍ମୀସାଗର ଅଞ୍ଚଳର ଚାଳକ ବାପିନା ମାଲବାହୀ ହାଇୱା ଟ୍ରକ୍ ନେଇ ମାଷ୍ଟରକ୍ୟାଣ୍ଟିନରୁ କେଶୁରା ଅଭିମୁଖେ ଯାଉଥିଲେ। ୪ ଜଣ ଦୁର୍ବୃତ୍ତ ତାଙ୍କୁ ଝାରପଡ଼ା ଓଭରବ୍ରିଜ ଉପରେ ଅଟକାଇବା ସହ ବନ୍ଧୁକ ଦେଖାଇ ୩୦ ହଜାର ଟଙ୍କା ଓ ଗାଡ଼ି ଚାବି ଛଡ଼ାଇ ନେଇଥିଲେ।

କେବଳ ଯୌନ ପିପାସୁ କି ଲୁଟେରା ନୁହଁନ୍ତି, ଅପରାଧ ଘଟାଇବାରେ ଅସାମାଜିକ ତତ୍ତ୍ୱ ମଧ୍ୟ ବାଦ୍ ପଡ଼ିନାହାନ୍ତି। ପୁରୁଣା ଭୁବନେଶ୍ୱର ହାଟ ସାହିରେ ରହୁଥିବା ସାକ୍ଷୀଗୋପାଳର ଅମିତ ସାହୁ ଓ ସ୍ୱରାଜ ପଟ୍ଟନାୟକ ବାପୁଜୀ ନଗର ଆସିଥିଲେ। ସେମାନେ ଫେରୁଥିବା ବେଳେ ରଙ୍ଗ୍ ସାଇଡରୁ ଆସୁଥିବା ଏକ ବାଇକ୍ ରାଜମହଲ ଛକରେ ତାଙ୍କୁ ଧକ୍କା ଦେଇଥିଲା। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା। ବିପକ୍ଷ ଗୋଷ୍ଠୀ ସେମାନଙ୍କ ସହଯୋଗୀମାନଙ୍କୁ ଘଟଣାସ୍ଥଳରୁ ଡକାଇ ଦେଇଥିଲେ। ଏହାପରେ ସମସ୍ତେ ମିଶି ଅମିତ ଓ ସ୍ୱରାଜଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ଛୁରିରେ ଆକ୍ରମଣ କରିଥିଲେ।

ରାଜଧାନୀରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଥିବା ବେଳେ ସହର ଅଶାନ୍ତ ହେବାରେ ଲାଗିଛି। ଗତ ସପ୍ତାହକ ମଧ୍ୟରେ ଧଉଳି ଓ ସହିଦନଗର ଥାନା ଅଞ୍ଚଳରେ ଗଣଦୁଷ୍କର୍ମ ଘଟଣା ରାଜଧାନୀରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏବେ ଲୁଟେରାଙ୍କ ଉତ୍ପାତ କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ଲୁଟେରାଙ୍କ ଏଭଳି କାଣ୍ଡ ଯୋଗୁଁ ସହରରେ ପୁଲିସର ଉପସ୍ଥିତି ନ ଥିବା ଭଳି ମନେ ହେଉଛି। ଲଗାତାର ଲୁଟପାଟରୁ ଅପରାଧୀମାନେ କମିସନରେଟ ପୁଲିସକୁ ସାମାନ୍ୟତମ ଭୟ କରୁନଥିବା କଥା ସ୍ପଷ୍ଟ ହୋଇଛି।

### ରାଜଧାନୀରେ ମହିଳାହିଂସା ଚିନ୍ତା ଚିନ୍ତାଜନକ

## ଡିସିପିଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ



ଭୁବନେଶ୍ୱର, ୨୨।୧୨(ସମିସ): ରାଜଧାନୀରେ ମହିଳା ଏବଂ ନାବାଳିକା ହିଂସା ବଢ଼ିଚାଲିଛି। ଯାହା ଅତ୍ୟନ୍ତ ଚିନ୍ତା ଜନକ। ଏଥିରେ ଉଦ୍‌ବେଗ ପ୍ରକାଶ କରି ବିଜେଡିର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କୁ ଭେଟି ପୁଲିସ ପେଟ୍ରୋଲିଂକୁ କଡାକଡି କରିବା ସହ ଅପରାଧୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ପଡ଼ିତାଙ୍କୁ ସୁହାଇଲା ଭଳି ପୋଲିସିଂ କରିବାକୁ ଦାବି କରିଛନ୍ତି।

ଗତ ୧୮ ଡିସେମ୍ବରରେ ସହିଦନଗର ଅଞ୍ଚଳରେ ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଗଲା। ଏକ ଭଡା ଘରେ ଅପରାଧୀ ଏଭଳି କରି ଚାଲିଗଲେ। ଯାହା ରାଜଧାନୀର ସୁରକ୍ଷାକୁ ଗଭୀର ଭାବେ କ୍ଷତି ପହଞ୍ଚାଇଲା। ସେହିପରି ଧଉଳିରେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରାଗଲା। ଭରତପୁର ଥାନା ଅଞ୍ଚଳରେ ଜଣେ ୧୧ବର୍ଷିୟା ନାବାଳିକାଙ୍କୁ ଦୁଷ୍କର୍ମ କରାଯିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲା। ଉତ୍କଳ ସଙ୍ଗୀତ ନାଟକ ଏକାଡେମୀରେ ଛାତ୍ରୀଙ୍କୁ ଅଧ୍ୟାପକ ହାରାସମେଣ୍ଟ୍ କରୁଥିଲେ। ରାଜଧାନୀରେ ମହିଳାଙ୍କ ବିରୋଧରେ ବାରମ୍ବାର ଘଟୁଥିବା ଏଭଳି ହିଂସା ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ସିଧାସଳଖ ଭାବେ ଚ୍ୟାଲେଞ୍ଜ କରିଛି। ସମାଜରେ ଅରାଜକତା ସୃଷ୍ଟି କଲାଣି। ଏଣୁ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମହିଳା ହିଂସା ମାମଲାକୁ ଗୁରୁତର ସହ ନେଉ। ଅଭିଯୋଗ ଆଧାରରେ ତୁରନ୍ତ ମାମଲା ରୁଜୁ କରୁ। ଏହା ସହ ଲୋକଙ୍କ ପାଖରେ ପୁଲିସ କିପରି ପହଞ୍ଚି ପାରିବ ସେ ଦିଗରେ ଧ୍ୟାନ ଦିଆଯାଉ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଏହି ପ୍ରତିନିଧି ଦଳରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସୁମିତ୍ର ଜେନା, ସଂଯୁକ୍ତା ମହାନ୍ତି, ସସ୍ମିତା ନନ୍ଦ, ରଞ୍ଜୁଲତା ରାୟ, ଆଶିଆ ବେଗମ୍, ଇଲା ସ୍ୱାଇଁ, ପୁଷ୍ପାଞ୍ଜଳୀ ସେଠି, ସ୍ନେହାଞ୍ଜଳୀ ମହାନ୍ତି ଓ ଅନୁଶ୍ରୀ ତ୍ରିପାଠୀ ପ୍ରମୁଖ ନାରୀନେତ୍ରୀ ଉପସ୍ଥିତ ଥିଲେ।

### ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ମାମଲା

## ପ୍ରାଥମିକ ଚାର୍ଜସିଟ୍ ଦାଖଲ କଲା ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ

ଭୁବନେଶ୍ୱର, ୨୨।୧୨ (ସମିସ): ମହିଳା ସବ୍ ଇନ୍ସପେକ୍ଟରଙ୍କୁ ପ୍ରତାରଣା ଘଟଣାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲୁ ଓ ସିଡବ୍ଲୁ)। ଘଟଣାର ତଦନ୍ତକାରୀ ଅଧିକାରିଣୀ ରଶ୍ମିତା ପଟେଲ ଭୁବନେଶ୍ୱର ସ୍ଥିତ ଏଡିଜେ କୋର୍ଟରେ ପ୍ରାୟ ୨ ଶହ ପୃଷ୍ଠାର ଚାର୍ଜସିଟ୍ ଦାଖଲ



କରିଛନ୍ତି। ପ୍ରାଥମିକ ଚାର୍ଜସିଟ୍ ଦାଖଲ ହୋଇଥିବାବେଳେ ତଦନ୍ତ ଜାରି ରହିଛି।

ସୂଚନା ଅନୁସାରେ, କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା ସବ୍ ଇନ୍ସପେକ୍ଟର ଓ ସବ୍-ଇନ୍ସପେକ୍ଟର (ସଶସ୍ତ୍ର) ତୋଷବନ୍ତ ଆଚାର୍ଯ୍ୟଙ୍କ ମଧ୍ୟରେ ୮ ବର୍ଷର ପ୍ରେମ ସମ୍ପର୍କ ଥିଲା। ହେଲେ ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ବିବାହ କରି ଦେଇଥିଲେ। ପୀଡ଼ିତା ସବ୍ ଇନ୍ସପେକ୍ଟରଙ୍କ ଅଭିଯୋଗ କ୍ରମେ ଗତ ଅକ୍ଟୋବର ୨୨ ତାରିଖ ଦିନ ମହିଳା ଥାନା ପୁଲିସ ତୋଷବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମ୍ବେଦନଶୀଳ ମାମଲା ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ନିକଟରେ ନିଜ ଆଡୁ ମାମଲା ରୁଜୁ କରିଥିଲା। ତଦନ୍ତର ନିର୍ଦ୍ଧାରିତ ସମୟସୀମା ସରୁଥିବାରୁ ଘଟଣାର ତଦନ୍ତକାରୀ ଅଧିକାରିଣୀ ତଥା ଡିଏସପି ଶ୍ରୀମତୀ ପଟେଲ ସୋମବାର କୋର୍ଟରେ ପ୍ରାୟ ଦୁଇ ଶହ ପୃଷ୍ଠାର ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛନ୍ତି। ଦାଖଲ ହୋଇଥିବା ଚାର୍ଜସିଟରେ ଏଫ୍‌ଆଇଆର୍, ୧୮୦ ଓ ୧୮୩ ବିଏନ୍‌ଏସ୍‌ଏସରେ ରେକର୍ଡ ହୋଇଥିବା ବୟାନ, ଡାକ୍ତରୀ ମାଇନା ରିପୋର୍ଟ, ଆରେଷ୍ଟ ମେମୋ ଓ ସିଜର୍ ତାଲିକା, ସାକ୍ଷୀ ତାଲିକା ଆଦି ରହିଛି। ତେବେ ଘଟଣାର ତଦନ୍ତ ସମ୍ପୂର୍ଣ୍ଣ ଭାବେ ସରିନାହିଁ। ତଦନ୍ତ ସରିବା ପରେ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରାଯିବ ବୋଲି ପୁଲିସ କହିଛି।

## ବେକରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଯାଁଳା, ୨୨।୧୨(ସମିସ): ଇନଫୋସିଭ୍ୟାଲି ଥାନା ଗଙ୍ଗପଡ଼ା ପଞ୍ଚାୟତ ଗଙ୍ଗେଶ୍ୱରଙ୍କ ମନ୍ଦିର ନିକଟରେ ରହୁଥିବା ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଜଣକ ହେଲେ ରୁବି ବିଶ୍ୱାଳ (୨୩)। ମିଳିଥିବା ସୂଚନା ଅନୁସାରେ ରୁବି ଓ ତାଙ୍କ ସ୍ୱାମୀ ଜିତେନ୍ଦ୍ର ଗଙ୍ଗପଡ଼ା ଛକରେ ଏକ ଦୋକାନ କରିଛନ୍ତି। ସବୁଦିନ ପରି ଜିତେନ୍ଦ୍ର ସୋମବାର ସକାଳୁ ଉଠି ଦୋକାନକୁ ଚାଲି ଆସିଥିଲେ। ଜିତେନ୍ଦ୍ରଙ୍କ ଖାଇବା ପାଇଁ ଘରକୁ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ତେଣୁ ବାଧ୍ୟ ହୋଇ ଘରକୁ ଆସି ଦେଖିବା ବେଳକୁ ରୁବି ପଙ୍ଖାରେ ଝୁଲୁଛନ୍ତି। ଏନେଇ ଜିତେନ୍ଦ୍ର ପାଖ ପଡୋଶୀଙ୍କୁ ଜଣାଇବା ସହ ଇନଫୋସିଭ୍ୟାଲି ଥାନାକୁ ଖବର ଦେଇଥିଲେ। ଅପରପକ୍ଷେ ରୁବି ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ବାଘମାରି, ଭଗଡ଼ା ଗ୍ରାମର ତାଙ୍କ ବାପ ଘରକୁ ଏନେଇ ଜଣାଇଥିଲେ। ତେଣୁ ବାପଘରର ଲୋକ ମଧ୍ୟ ତୁରନ୍ତ ଆସି ଗଙ୍ଗପଡ଼ାରେ ପହଁଚିଥିଲେ। ତାଙ୍କୁ କେହି ବାରମ୍ବାର ଫୋନ କରି ବ୍ଲାକମେଲ କରୁଥିବାରୁ ରୁବି ଗତ କିଛି ଦିନ ହେବ ଚିନ୍ତାଗ୍ରସ୍ତ ଥିଲେ ବୋଲି ପରିବାର ଲୋକ କହୁଛନ୍ତି। ଖବର ପାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୁଲିସ ମୃତକଙ୍କ ମୋବାଇଲ ଜବତ କରିଛି। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇନଥିଲେ ମଧ୍ୟ କେହି ତାଙ୍କୁ ହାରସ କରୁଥିବା କୁହାଯାଇଛି। ତେଣୁ ରୁବିଙ୍କ ମୋବାଇଲ ଯାଞ୍ଚ କରିଛି ପୁଲିସ। କିଏ ଓ କାହିଁକି ତାଙ୍କୁ ଫୋନ କରି ହାରାସ କରୁଥିଲା ସେନେଇ ତଦନ୍ତ ଆରମ୍ଭ କରିଛି ପୁଲିସ। ଆଜି ଅପରାହ୍ଣରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ପୁଲିସ। ଶବ ବ୍ୟବଚ୍ଛେଦ ବିବରଣୀ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

### ପେଟ ପାଟଣା...



ଶିଶୁଭବନ ଛକରେ ଦୁଇ ମହିଳା ଜରିଗୋଟାଳି

## ନିଶା ବେପାରୀଙ୍କୁ ୧୦ବର୍ଷ ସଜା

ଭୁବନେଶ୍ୱର, ୨୨।୧୨(ସମିସ): ତିନି ଜଣ ଅଭ୍ୟାସଗତ ନିଶା ବେପାରୀଙ୍କୁ ୧୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି। ସଜା ପାଇଥିବା ନିଶା ବେପାରୀମାନେ ହେଲେ ଶେଖ୍ ସଗ୍‌ବା ଓରଫ ରଏ, ତନ୍ମୟ କୁମାର ସାହୁ ଓ ଶେଖ୍ ଫକୀର। ଏମାନଙ୍କୁ ଅତିରିକ୍ତ ଜିଲ୍ଲା ଜଜ୍(୩)ଙ୍କ କୋର୍ଟ ବ୍ରାଉନସୁଗର କାରବାର କରିବା ଅଭିଯୋଗରେ ସଜା ଶୁଣାଇଛନ୍ତି। ୧୦ବର୍ଷ ସଶ୍ରମ କାରଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦୋବକୁ ନିର୍ଦ୍ଦେଶ ଦେଇଛନ୍ତି।

ଏସ୍‌ଟିଏଫ୍ ସୂଚନା ମୁତାବକ ରଏ ଓ ତନ୍ମୟ କଳିଙ୍ଗ ଷ୍ଟାଡିୟମ୍ ପଛପାଖ ଗୋଡ଼୍ ନିକଟରେ ବ୍ରାଉନ୍‌ସୁଗର ବ୍ୟବସାୟ କରୁଥିଲେ। ଯାହାକୁ ସେମାନେ ଫକିରଙ୍କ ଠାରୁ ବାଲେଶ୍ୱରରୁ କିଣିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ସେମାନଙ୍କୁ କାବୁ କରି ନେଇଥିଲା। ଅଭିଯୁକ୍ତମାନଙ୍କ ଠାରୁ ୩୨୪ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ ହୋଇଥିଲା। ଏହାସହ ଗୋଟିଏ ଏମ୍‌ସି ଏବଂ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଥିଲା। ଜେରା ବେଳେ ସେମାନେ ବାଲେଶ୍ୱର ଜିଲ୍ଲାର ଗାଲାପୋଲାରେ ରହୁଥିବା ଫକୀରଙ୍କ ନାମ ନେଇଥିଲେ। ଜବତ ସାମଗ୍ରୀ ବ୍ରାଉନ୍‌ସୁଗର ବୋଲି ଏସ୍‌ଏଫ୍‌ଏସ୍‌ଏଲ୍ ଦ୍ୱାରା ସ୍ପଷ୍ଟ କରାଯାଇଥିଲା। କୋର୍ଟରେ ୧୫ ଜଣ ସାକ୍ଷ୍ୟ, ୩୨ଟି ଡକ୍ୟୁମେଣ୍ଟ କୋର୍ଟରେ ଦାଖଲ କରାଯାଇଥିଲା।

### ● ବ୍ରିଟିଶ କାଉନ୍‌ସିଲ ପକ୍ଷରୁ ଗ୍ରେଟ୍ ଛାତ୍ରବୃତ୍ତି ଘୋଷଣା

## ଭାରତୀୟ ଛାତ୍ରଛାତ୍ରୀଙ୍କୁ ମିଳିବ ବାର୍ଷିକ ୧୦ ହଜାର ପାଉଣ୍ଡ



ଭୁବନେଶ୍ୱର, ୨୨।୧୨(ସମିସ): ବ୍ରିଟିଶ କାଉନସିଲ୍ ପକ୍ଷରୁ ବ୍ରିଟେନ ସରକାରଙ୍କ ସହାୟତାରେ ଗ୍ରେଟ୍ ଛାତ୍ରବୃତ୍ତି ୨୦୨୬-୨୭ ଘୋଷଣା କରିଛି। ଏହି ଛାତ୍ରବୃତ୍ତି ୟୁକେରେ ସ୍ନାତକୋତ୍ତର ପଢ଼ିବାକୁ ଆଗ୍ରହୀ ଏବଂ ଶିକ୍ଷାରେ ଉତ୍କର୍ଷତା ହାସଲ କରିଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯିବ। ବ୍ରିଟେନର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ୧୨ଟି ସ୍ନାତକୋତ୍ତର ଛାତ୍ରବୃତ୍ତି ପ୍ରଦାନ କରାଯାଉଛି।

ପ୍ରତ୍ୟେକ ପୋଷ୍ଟ-ଗ୍ରାଜୁଏଟ ଛାତ୍ରବୃତ୍ତି ପାଇଁ ବର୍ଷକୁ ଟ୍ୟୁସନ ଫିସ୍ ବାବଦରେ ସର୍ବନିମ୍ନ ୧୦ ହଜାର ପାଉଣ୍ଡ ପ୍ରଦାନ କରାଯିବ। ଏହି ଛାତ୍ରବୃତ୍ତି ଅର୍ଥ, ମାର୍କେଟିଂ, ବ୍ୟବସାୟ, ମନୋବିଜ୍ଞାନ, ଷ୍ଟେମ, ଡିଜାଇନ୍ ଏବଂ ମାନବିକତା ସହିତ କଳା, ସଙ୍ଗୀତ ଏବଂ ନୃତ୍ୟ କାର୍ଯ୍ୟକ୍ରମ ପାଇଁ ଉପଲବ୍ଧ। ଏହି ଛାତ୍ରବୃତ୍ତି ପ୍ରଦାନ ଫଳରେ ଦୁଇ ଦେଶ ମଧ୍ୟରେ ଶିକ୍ଷାଗତ ଏବଂ ସାଂସ୍କୃତିକ ସହଯୋଗକୁ ପ୍ରୋତ୍ସାହିତ କରିବା ସହିତ ୟୁକେର ଉଚ୍ଚମାନର ଶିକ୍ଷାକୁ ବିସ୍ତାର କରିବାକୁ ଲକ୍ଷ୍ୟ ରହିଥିବା ବ୍ରିଟିଶ କାଉନସିଲର ଭାରତ ଶିକ୍ଷା ନିର୍ଦ୍ଦେଶକ ରିତ୍ତିକା ଚନ୍ଦା ପାର୍ରକ୍ ଏମ୍‌ବିଇ କହିଛନ୍ତି। ଏହି ଛାତ୍ରବୃତ୍ତି ଭାରତୀୟ ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତନଶୀଳ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ଯାହା ସେମାନଙ୍କୁ ଆନ୍ତର୍ଜାତୀୟ ନେଟୱାର୍କ ନିର୍ମାଣ କରିବା, ବୃତ୍ତିଗତ ପଥକୁ ମଜଭୁତ କରିବା ଏବଂ ଦ୍ରୁତ ବିକାଶିତ ବିଶ୍ୱ ଅର୍ଥନୀତିରେ ଯୋଗଦାନ ଦେବାରେ ସକ୍ଷମ କରିବ ବୋଲି କୁହାଯାଇଛି।

### ଛାତ୍ରବୃତ୍ତି ଦାବି

## ଅହୋରାତ୍ର ଆମରଣ ଅନଶନରେ ଓୟୁଏଟି ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୨।୧୨(ସମିସ): କୃଷି ଓ ଗବେଷଣାର ବିକାଶ ପାଇଁ ଅଧ୍ୟୟନ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ତେଲେଙ୍ଗାନାରେ ସର୍ବାଧିକ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ସ୍ନାତକୋତ୍ତର ପିଲାଙ୍କୁ ମାସିକ ୧୨ ହଜାର ଓ ପିଏଚ୍‌ଡି ପିଲାଙ୍କୁ ମାସିକ ୧୫ ହଜାର ଟଙ୍କା ବୃତ୍ତିରାଶି ମିଳୁଛି। ତାମିଲନାଡୁର ଡ. ଜେ ଜୟଲଳିତା ମତ୍ସ୍ୟ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପିଲାଙ୍କୁ ମାସିକ ୯ ହଜାର ଓ ପିଏଚ୍‌ଡି ପିଲାଙ୍କୁ ୧୦ ହଜାର ମିଳୁଛି। ଅନୁରୂପ ଭାବେ ଆସାମ, ବିହାର, ଆନ୍ଧ୍ରପ୍ରଦେଶ ପରି ବହୁ ରାଜ୍ୟରେ ପିଲାଙ୍କୁ ଛାତ୍ରବୃତ୍ତି ମିଳୁଛି। ମାତ୍ର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ସ୍ନାତକୋତ୍ତର ଶ୍ରେଣୀର ମାତ୍ର ୨ ଜଣଙ୍କୁ ମାସିକ ୧୫ଶହ ଏବଂ ସ୍ନାତକୋତ୍ତର ଶ୍ରେଣୀର ମାତ୍ର ଜଣେ ପିଲାଙ୍କୁ ମାସିକ ୨ ହଜାର ଟଙ୍କା ମିଳୁଛି। ଏଣୁ ଓଡ଼ିଶାରୁ ଓୟୁଏଟିରେ ପଢୁଥିବା ସମସ୍ତ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବା ଦାବିରେ ଛାତ୍ରଛାତ୍ରୀମାନେ ଆଜିଠାରୁ ଅହୋରାତ୍ର ଆମରଣ ଅନଶନରେ ବସିଛନ୍ତି।

■ ବାରମ୍ବାର ଦାବି ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ସରକାର

■ ଆଜି କୃଷକ ଦିବସ, ଶୀତ କାକରରେ ଧାରଣାରତ ଛାତ୍ରଛାତ୍ରୀ





ଅନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ କହିବା କଥା, ବୃତ୍ତି ରାଶିର ପରିସୀମା ବଢ଼ାଇବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟ ଓ ସରକାର କର୍ଣ୍ଣପାତ କରୁନାହାନ୍ତି। ଓୟୁଏଟିରେ ମୋଟ୍ ୨୬୮ ପିଲା ସ୍ନାତକତ୍ତୋର ଓ ୫୭ ଜଣ ପିଏଚ୍‌ଡି କରୁଛନ୍ତି। ତନ୍ମଧ୍ୟରୁ ମାତ୍ର ୩ ଜଣ ସମୁଦ୍ରକୁ ଶଙ୍ଖେ ପରି ଛାତ୍ରବୃତ୍ତି ପାଉଛନ୍ତି। ରାଜ୍ୟ ବାହାରୁ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅଧିକ ସ୍କୋଲାର୍‌ସିପ୍ ପାଉଥିବାବେଳେ ଓଡ଼ିଶାର ପିଲାମାନେ ସମସ୍ତ ପ୍ରକାର ବୃତ୍ତିରୁ ବଞ୍ଚିତ ହେଉଛନ୍ତି। ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପକାଉଛନ୍ତି। ବୃତ୍ତିରାଶି ପରିସୀମା ବଢ଼ାଇବାକୁ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଦାବି ପୂରଣ ପାଇଁ ଗୁହାରି କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟରେ କରୁନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି।

'କୃଷି ବିନା ଦେଶ ନାହିଁ, ଗବେଷଣା ପାଇଁ ପ୍ରୋତ୍ସାହନ କାହିଁ?', 'କୃଷି ଉନ୍ନତି ଆମ ହାତରେ, ଆମ ଉନ୍ନତି କାହା ହାତରେ' ବୋଲି ପ୍ରଶ୍ନ କରିବା ସହ ବିଭିନ୍ନ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ବା ଲିଖିତ ପ୍ରତିଶ୍ରୁତି ବିନା ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ରୋକଠୋକ୍ ଶୁଣାଇଛନ୍ତି। ଖବର ଲେଖା ହେବା ସୁଦ୍ଧା ଶୀତ କାକରରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ କୃଷି ଦିବସ ଥିବାବେଳେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଅଧ୍ୟୟନ ଓ ଗବେଷଣା କରୁଥିବା ଛାତ୍ରଛାତ୍ରୀମାନେ ଶୀତ କାକରରେ ଧାରଣା ଦେବା ଆଲୋଡ଼ନ ସୃଷ୍ଟି କରିଛି।


पावरग्रिड POWERGRID

ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା–XXVII (ERES-XXVII)" ଅଧୀନରେ ପୂର୍ବ ଅଞ୍ଚଳରେ ସ୍ଥାପିତ ସଂପତ୍ତି ପାଇଁ ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଅନୁରୋଧ, ଯାହା ଭାରତୀୟ ବିଦ୍ୟୁତ ଆଇନ, 2003 ର ଧାରା 62 ସହିତ ଧାରା 79(1)(d) ଅନୁଯାୟୀ ଏବଂ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (କାରୋବାର ପ୍ରଚାଳନ) ନିୟମାବଳୀ, 2023 ର ନିୟମ 15(1)(a) ଓ ନିୟମ 23 ସହିତ, କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗ (ଟାରିଫ୍ ନିୟମ ଓ ସର୍ତ୍ତାବଳୀ) ନିୟମାବଳୀ, 2024 ଅନୁସାରେ ଦାଖଲ କରାଯାଇଛି।

୨. ଉପରୋକ୍ତ ଉଲ୍ଲେଖିତ ପୂର୍ବ ଅଞ୍ଚଳର ଟ୍ରାନ୍ସମିଶନ୍ ପ୍ରଣାଳୀର ଲାଭାନ୍ୱିତମାନେ ହେଲେ: i) ବିହାର ରାଜ୍ୟ ପାୱାର (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବଣ୍ଟନ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, iv) ଦାମୋଦର ଭ୍ୟାଲି କର୍ପୋରେସନ୍, v) ସିକ୍କିମ ସରକାରଙ୍କ ପାୱାର ବିଭାଗ, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ମୂଳଧନ ଖର୍ଚ୍ଚ (ଲକ୍ଷରେ), ବାଣିଜ୍ୟିକ ଚାଳନା ଆରମ୍ଭ ତାରିଖ ଏବଂ ମୋଟ ଆନୁମାନିକ ମୂଳଧନ ଖର୍ଚ୍ଚ (ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset 1 | 2361.24 | 26.09.2024 | 1512.56 |
| Asset 2 | 3580.43 | 31.08.2025 | 4387.29 |
| Total | 5941.67 | | 5899.85 |

୪. ଟାରିଫ୍ ବିବରଣୀ:

କ) ୨୦୨୪–୨୯ ବ୍ଲକ୍ ଟଙ୍କା (ଲକ୍ଷରେ)

| Sl No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset 1 | 136.03 | 290.48 | 298.33 | 296.70 | 295.38 |
| 2 | Asset 2 | 0.0 | 367.95 | 688.36 | 730.24 | 737.68 |

୫. ଏହି ନୋଟିସ୍ ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ କରାଯାଇଥିବା ଆବେଦନର ଏକ ନକଲ ଆବେଦକଙ୍କ ୱେବସାଇଟ୍ (http://www.powergrid.in) ରେ ଅପଲୋଡ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ସମ୍ବନ୍ଧୀୟ ଏହି ଆବେଦନରେ ସମ୍ମିଳିତ ପ୍ରସ୍ତାବଗୁଡ଼ିକ ବିଷୟରେ ଯଦି କୌଣସି ପରାମର୍ଶ କିମ୍ବା ଆପତ୍ତି ଥାଏ, ତେବେ ଲାଭାନ୍ୱିତମାନେ ସହିତ ସମେତ ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶ ପାଇଥିବା ତାରିଖରୁ 30 ଦିନ ମଧ୍ୟରେ କେନ୍ଦ୍ରୀୟ ବିଦ୍ୟୁତ ନିୟନ୍ତ୍ରଣ ଆୟୋଗର ସଚିବ, ୬ଷ୍ଠ, ୭ମ ଓ ୮ମ ତଳ, ଟାୱର–ବି, ୱର୍ଲ୍ଡ ଟ୍ରେଡ୍ ସେଣ୍ଟର, ନାଓରୋଜୀ ନଗର, ନୂଆଦିଲ୍ଲୀ–୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଯେଉଁ ଠିକଣାରେ ଅବସ୍ଥିତ)ଙ୍କ ନିକଟରେ ଦାଖଲ କରିପାରିବେ। ଏହା ସହିତ, ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ମଧ୍ୟ ଏକ ନକଲ ପ୍ରେରଣ କରିବା ଆବଶ୍ୟକ।

ସ୍ଥାନ: ଗୁରୁଗାଓଁ, ତାରିଖ: ୨୨.୧୨.୨୦୨୫ ସ୍ୱା/- ଉପ-ମହାପ୍ରବନ୍ଧକ (ବ୍ୟବସାୟିକ)

PG/NOTICE/2025/D360

ପାୱାରଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତୁବ ଇନ୍‌ଷ୍ଟିଟ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬
କର୍ପୋରେଟ୍ କାର୍ଯ୍ୟାଳୟ: 'ସୌଦାମିନୀ', ପ୍ଲଟ ନଂ ୨, ସେକ୍ଟର-୨୯, ଗୁରୁଗାଓଁ-୧୨୨୦୦୧, ହରିୟାଣା
www.powergridindia.com, ସିଆଇଏନ୍: L40101DL1989GOI038121
A Maharatna PSU





## ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ନେଇ ବୈଠକ

# ଏଥର ପ୍ରଜ୍ଞାପନ ମେଢ଼ରେ 'ସରକାରୀ ଯୋଜନାର କଥା'



ଭୁବନେଶ୍ୱର, ୨୨।୧୨(ସମିସ): ଚଳିତ ବର୍ଷ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ଅବସରରେ ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ ହେବ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସଫଳତାର କାହାଣୀ। ଏନେଇ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି। ୨୦୨୬ ଜାନୁଆରୀ ୨୬ ତାରିଖ ଦିନ ଭୁବନେଶ୍ୱରର ମହାତ୍ମାଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍ ପରେ ଏହି ପ୍ରଜ୍ଞାପନ ମେଢ଼ଗୁଡିକ ପ୍ରଦର୍ଶିତ ହେବ। ଏହାସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ଉପଯୁକ୍ତ ପ୍ରତିଫଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ମେଢ଼ଗୁଡିକରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଏହାକୁ ସୁନ୍ଦର ଏବଂ ସର୍ବାଦୃତ କରିବା ସହ ଏହି ପ୍ରଜ୍ଞାପନ ମେଢ଼ରେ ଯେଉଁ ଯୋଜନାଗୁଡିକର ପ୍ରତ୍ୟକ୍ଷ ପ୍ରଦର୍ଶନ ହୋଇପାରିବ ସେଗୁଡିକର ପ୍ରତ୍ୟକ୍ଷ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମ ପରେ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ କରିବାକୁ ଶ୍ରୀ ଶର୍ମା ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ। ଫଳରେ ଅଧିକରୁ ଅଧିକ ଜନସାଧାରଣ ସରକାରଙ୍କ ଯୋଜନା ବାବଦରେ ସଚେତନ ହୋଇପାରିବେ ବୋଲି ସେ ଉଲ୍ଲେଖ କରିଥିଲେ। ଜାନୁଆରୀ ୫ ତାରିଖ ସୁଦ୍ଧା ସମସ୍ତ ବିଭାଗ ସେମାନଙ୍କ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ଏବଂ ସ୍କେଚ ବିଭାଗକୁ ପଠାଇବା ପାଇଁ ଶ୍ରୀ ଶର୍ମା କହିଥିଲେ। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଏଥିରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ।

### ୧୨ ତମ ଦେଉଳିଆପାଟଣା କ୍ରିକେଟ୍ କପ୍

## କ୍ୱାର୍ଟର ଫାଇନାଲ୍‌ରେ ସୁଆଙ୍ଗକୁ ହରାଇଲା ଅରିଶଳ

ବଡ଼ରଘୁନାଥପୁର, ୨୨।୧୨ (ସମିସ): ଭୁବନେଶ୍ୱର ଉପକଣ୍ଠ ଦେଉଳିଆପାଟଣା ଗ୍ରାମରେ ୧୨ ତମ କ୍ରିକେଟ କପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୁଆଙ୍ଗ ଓ ଅରିଶଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥି ସହ ସୁଆଙ୍ଗ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସୁଆଙ୍ଗ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୩ ରନ୍ କରିଥିଲା। ଜବାବରେ ଅରିଶଳ ୬ ୱିକେଟ୍ ହରାଇ ବିଜୟ ଲାଭ କରିଛି। ଏଥିସହ ସୁମନ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ଏହି ମ୍ୟାଚ୍‌କୁ ପ୍ରଦୀପ ସାହୁ, ବସନ୍ତ ଜୟସିଂହ ପରିଚାଳନା କରିଥିଲେ।

# ବିଜେଡି ପକ୍ଷରୁ ପଲ୍ଲୀକବିଙ୍କ ଜୟନ୍ତୀ

● ନନ୍ଦକିଶୋର ଥିଲେ ଜନଜୀବନର ଶାଶ୍ୱତ ରୂପକାର




ଭୁବନେଶ୍ୱର, ୨୨।୧୨(ସମିସ): ଜୟଦେବ ବିହାର ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଏହି ଜୟନ୍ତୀ ସଭା ଆୟୋଜିତ ହୋଇଥିଲା। ଏହି ଉତ୍ସବକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରୁ ପଲ୍ଲୀକବି ନନ୍ଦ କିଶୋର ବଳଙ୍କୁ ପ୍ରାଧ୍ୟାପକ ପ୍ରତାପ ସିଂ, ରାଧା କିଶୋର୍ ମିଶ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରଭାତ ବିଶ୍ୱାଳ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ବିଶ୍ୱଜିତ୍ ପଟ୍ଟନାୟକ, ଅମିତ୍ ପାତାଳ ସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦୈତାରି ଖଟୁଆ ଧନ୍ୟବାଦ୍ ଦେଇଥିଲେ।

# ଗିଫ୍ଟ ସ୍ୱୟଂଶାସିତ କଲେଜରେ ଆଲୁମିନି ମିଟ୍



ଭୁବନେଶ୍ୱର, ୨୨।୧୨(ସମିସ): ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜରେ ୧୫ତମ ଆଲୁମିନି ମିଟ୍ 'ଗାମେକ୍ସ - ୨୦୨୫' ଅନୁଷ୍ଠିତ ହୋଇଛି। ଏଥିରେ ବେଙ୍ଗାଲୁରୁ, ଦିଲ୍ଲୀ, ମୁମ୍ବାଇ, ନାଗପୁର, ହାଇଦ୍ରାବାଦ, କୋଲକାତା, ଚେନ୍ନାଇ ଓ ଭୁବନେଶ୍ୱରର ବିଭିନ୍ନ ସେକ୍ଟରରେ ନିଯୁକ୍ତି ପାଇଥବା ଗିଫ୍ଟୟାନମାନେ ଯୋଗ ଦେଇଥିଲେ। ଏହି ସମାରୋହରେ ଗିଫ୍ଟର ଭାଇସ ଚେୟାରମ୍ୟାନ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଓଏସଡି ଇଂ ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ୱେଲଫେୟାର ପ୍ରଫେସର ସୌମେନ୍ଦ୍ର ବେହେରା, କାର୍ଯ୍ୟକ୍ରମର ଉପଦେଷ୍ଟା ପ୍ରଫେସର ସୁଚିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଜଗନ୍ନାଥ ରାୟ ପରିଚାଳନା କରିଥିବା ବେଳେ ପ୍ରଫେସର ସୁଚିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍

# ଭଞ୍ଜନଗରକୁ ହରାଇ ଜଗା ୟୁନାଇଟେଡ ଚାମ୍ପିଅନ

ବଡ଼ରଘୁନାଥପୁର, ୨୨।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ ତମ ସର୍ବଭାରତୀୟ ମଦନପୁର ଫୁଟବଲ୍ କପ୍‌ର ଫାଇନାଲ ମ୍ୟାଚ୍ ଭଞ୍ଜନଗର ଫୁଟବଲ୍ ଏକାଡେମୀ ଓ ଜଗା ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଭଞ୍ଜନଗର ଫୁଟବଲ୍ ଏକାଡେମୀ ଓ ଜଗା ୟୁନାଇଟେଡ ମଧ୍ୟରେ ୧-୧ ଗୋଲ୍ ହେବାରୁ ଟ୍ରାଇ ବ୍ରେକର ମାଧ୍ୟମରେ ଜଗା ୟୁନାଇଟେଡ ୩-୧ ଗୋଲ୍‌ରେ ଭଞ୍ଜନଗର ଫୁଟବଲ୍ ଏକାଡେମୀକୁ ହରାଇ ଚାମ୍ପିଅନ ହୋଇଛି। ଆଜିର ଏହି ମ୍ୟାଚ୍‌ରେ ଜଳନ୍ଧର ନାୟକ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା ସୁଦୀପ୍ତ ରାୟ, ଜଟଣୀ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ବିଶ୍ୱ ରଞ୍ଜନ ବଡ଼ଜେନା, ପ୍ରବକ୍ତା ଅନିଲ ବିଶ୍ୱାଳ, ପୂର୍ବତନ ଜଟଣୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ, ଲିଙ୍କନ ପଟ୍ଟନାୟକ, ସତ୍ୟ ରଞ୍ଜନ ଜେନା, ତାପସ ବିଦ୍ୟାଧର ଓ ଖେଳର ମୁଖ୍ୟ ପରିଚାଳକ ଛେନୁ ଶେଖର ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ।




# ନୟାଗଡ଼ ବିକାଶ ସମ୍ମିଳନୀ ବୈଠକ

ଭୁବନେଶ୍ୱର, ୨୨।୧୨ (ସମିସ): ନୟାଗଡ଼ ବିକାଶ ସମ୍ମିଳନୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ, ସଭାପତି କରୁଣାକର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ଠାରେ ଥିବା ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟାନେଜିଂ ଟ୍ରଷ୍ଟି ଜାନକୀଶ ବଡପଣ୍ଡା, ରାଜ୍ୟର ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ସଦ୍ୟତମ ଘୋଷଣାକୁ ସ୍ୱାଗତ କରି ଏକ ପ୍ରସ୍ତାବ ଆଗତ କରିଥିଲେ ଓ ଏହି ପ୍ରସ୍ତାବକୁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଯାଇଛି।

ନୟାଗଡ଼ ଭଳି ଅନୁନ୍ନତ ଜିଲ୍ଲାର ଜନସାଧାରଣ ବହୁବର୍ଷ ଧରି ଏଭଳି ଦାବି କରି ଆସୁଛନ୍ତି। ତେଣୁ ସରକାରଙ୍କ ଏହି ଘୋଷଣାକୁ ସାରା ଜିଲ୍ଲାରେ ବ୍ୟାପକ ସ୍ୱାଗତ କରାଯାଇଛି। ସାଂସ୍କୃତିକ ଐତିହ୍ୟସମ୍ପନ୍ନ ନୟାଗଡ଼ ସହର, ଜିଲ୍ଲାର କେନ୍ଦ୍ରସ୍ଥଳରେ ରହିଥିବାରୁ, ନୟାଗଡ଼ ସହର ସନ୍ନିକଟ ଉପଯୁକ୍ତ ସ୍ଥାନରେ ଉଭୟ ପ୍ରସ୍ତାବିତ ଉଚ୍ଚଶିକ୍ଷା ଅନୁଷ୍ଠାନ ଯଥାଶୀଘ୍ର ପ୍ରତିଷ୍ଠା ପାଇଁ ସରକାରଙ୍କୁ ପୁଣି ଥରେ ଅନୁରୋଧ କରିବାକୁ ସର୍ବ ସମ୍ମତିକ୍ରମେ ସ୍ଥିର କରାଯାଇଛି। ନୟାଗଡ଼ ଜିଲ୍ଲା ବିକାଶ ସମ୍ମିଳନୀ ତରଫରୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ପୁନର୍ବାର ରାଜ୍ୟ ସରକାରଙ୍କୁ ଦେବାପାଇଁ ସମ୍ମିଳନୀ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବୈଠକରେ ନୂତନ ସଭ୍ୟ ସଂଗ୍ରହ ପାଇଁ ଅଭିଯାନ ହାତକୁ ନେବାକୁ ନିଷ୍ପତ୍ତି ନିଆଯିବା ସହିତ ନୟାଗଡ଼ ଜିଲ୍ଲାର ଦୁଇ ବିଶିଷ୍ଟ ବ୍ୟକ୍ତି ଜିଲ୍ଲା ସଂଯୋଜକ ପ୍ରମୋଦ ପଟ୍ଟନାୟକ ଏବଂ ବିଶ୍ୱନାଥ ମହାପାତ୍ରଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଓ ଟ୍ରଷ୍ଟି ଭାବେ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ବ୍ଲକରେ ବୈଠକ କରି ଜିଲ୍ଲାର ବିକାଶ ପାଇଁ ସ୍ଥାନୀୟ ଓ ଜିଲ୍ଲାସ୍ତରୀୟ ଖସଡା ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଉପସଭାପତି ଡ. ଉମାକାନ୍ତ ମିଶ୍ର, ଡ. ବ୍ରଜବନ୍ଧୁ ପଣ୍ଡା, ଡାକ୍ତର ଭଗବାନ ଦାଶ ଏବଂ ସୁଦର୍ଶନ ସାହୁ ମୂଲ୍ୟବାନ ମତାମତ ରଖିଥିଲା ବେଳେ, ଆବାହକ ପ୍ରବୀର ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଭୁବନେଶ୍ୱରରେ ରହୁଥିବା ଏବଂ ନୟାଗଡ଼ ଜିଲ୍ଲାର ବିଭିନ୍ନ ବିକାଶମୂଳକ କ୍ଷେତ୍ରରେ ସହଯୋଗ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଚାହିଲେ ଡିଜିଟାଲ୍ ମାଧ୍ୟମରେ ବୈଠକରେ ଯୋଗ ଦେବାକୁ ବ୍ୟବସ୍ଥା କରାଯାଇଛି।

# ଡ. ତିରୁପତି ପାଣିଗ୍ରାହୀ ସମ୍ମାନିତ



ଭୁବନେଶ୍ୱର, ୨୨।୧୨(ସମିସ): ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ରାଜ୍ୟସଭା ସାଂସଦ ଡ. ସୁଜିତ କୁମାର ଓ ନିରଞ୍ଜନ ବିଶି, ବିଧାୟକ ଆକାଶ ଦାସନାୟକ, ଓଡ଼ିଶା କ୍ରିକେଟ ଆସୋସିଏସନ୍ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବା ସହ ହଜାର ହଜାର ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିଥିବା ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ଜୀବନବ୍ୟାପୀ ସଫଳତାର ସମ୍ମାନ ତଥା ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ସମ୍ମାନରେ ସମ୍ମାନିତ କରିଥିଲେ।

# ପଲ୍ଲୀରେ ପ୍ରଶାସନ ସେବା ଓ ସମାଧାନ କାର୍ଯ୍ୟକ୍ରମ

ଯାଁଳା, ୨୨।୧୨(ସମିସ) : ଜଟଣୀ ବ୍ଲକ ଯାଁଳା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ସେବା ଓ ସମାଧାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସ୍ତରରେ ଏହି ଜନଅଭିଯୋଗ ଶୁଣାଣିରେ ଜଟଣୀ ବ୍ଲକ ବିଡିଓ ବଶନ୍ତ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ୨୦ ଟି ଆପତ୍ତି ଅଭିଯୋଗ ହୋଇଥିଲା। ସେଥିରେ ୪ଟି ଅଭିଯୋଗ ସାମୁହିକ ଥିବାବେଳେ ଅବଶିଷ୍ଟ ୧୬ ଅଭିଯୋଗ ବ୍ୟକ୍ତିଗତ ଭାବେ ଥିଲା।

ଅଭିଯୋଗଗୁଡିକ ଭିତରେ କିଛି ବରିଷ୍ଠ ନାଗରିକ ଦୀର୍ଘମାସ ହେବ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇବା ବିଳମ୍ବ, ଗ୍ରାମ୍ୟ ରାସ୍ତା ଜବରଦଖଲ ମୁକ୍ତ କରିବା ଏବଂ ପଞ୍ଚାୟତର ଏକ ସ୍ମଶାନର ଉନ୍ନତିକରଣ ପାଇଁ ଅଭିଯୋଗ ହୋଇଥିଲା। ସେହିଭଳି କିଛି ଲୋକ ସୁଭଦ୍ରା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆବେଦନ ଉପରେ ଅଭିଯୋଗ ଆଣିଥିଲେ। ସ୍ଥାନୀୟ ଶିକ୍ଷା ସମସ୍ୟା ଉପରେ କିଛି ଲୋକ ଅଭିଯୋଗ କରିଥିଲେ ମଧ୍ୟ ଶିକ୍ଷା ବିଭାଗର କେହି ନଥିବାରୁ ନିରାଶ ହେବାକୁ ପଡ଼ିଥିଲା। ଆଜିର ଏହି ଜନଅଭିଯୋଗ ଶୁଣାଣୀରେ ଏବିଡିଓ ସୁଶିଲ କୁମାର ଦାଶ, ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡଃ ଜିତେନ୍ଦ୍ର କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସମିତିସଭ୍ୟା ଜମୁନାରାଣୀ ବେହେରା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ମଙ୍ଗରାଜ ରାଉତ ସିଡିପିଓ ସଞ୍ଜୁଲତା ନାୟକ ସୁପରଭାଇଜର ସୁବାସିନୀ ଦାସ ପ୍ରମୁଖଙ୍କ ସହ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ, କୃଷି, ଜିଲ୍ଲା ଶିକ୍ଷ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନବାଡି, ଆଶା, ଆରଡବ୍ଲୁଏସଏସ ର କର୍ମଚାରୀମାନେ ଉପସ୍ଥିତ ଥିଲେ।




# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ୱାକାଥନ୍




ଭୁବନେଶ୍ୱର, ୨୨।୧୨(ସମିସ): କଳିଙ୍ଗ ନଗର (କେ-୮) ବରିଷ୍ଠ ନାଗରିକ ମଞ୍ଚ ଦ୍ୱାରା ୱାକାଥନ୍ ଓ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ସଭାପତି ବୃନ୍ଦାବନ ବସ୍ତିଆଙ୍କ ନେତୃତ୍ୱରେ ସକାଳ ୭ଟାରୁ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସଦସ୍ୟ ମାନେ ନଗର ପରିକ୍ରମା କରିଥିଲେ। ଏହାପରେ କାଲାମ ପାର୍କରେ ଏକ ସଭା ଆୟୋଜନ କରାଯାଇଥିଲା। ସମ୍ପାଦକ ଦାଶରଥି ସାହୁ, ଗିରିଜା ପ୍ରସାଦ ମହାପାତ୍ର, ପିଏସଏନ ପାତ୍ର, ବିରଞ୍ଚି ନାରାୟଣ ଧଳ, ଯୁଗଳ ଦାସ ପ୍ରମୁଖ ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ସମ୍ ହସ୍ପିଟାଲ ଆନୁକୂଲ୍ୟରେ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ଡ. ପୁଷ୍ପରାଜ ସାମନ୍ତସିଂହାର ଉଦଘାଟନ କରିଥିଲେ। ଡ. ସିଦ୍ଧବ୍ରତ ବେଶେରା, ବିଶ୍ୱାୟନ ବାଗ, ତେଜାକ୍ଷ ଅଭିଜିତ ଦାସ, ଦିବ୍ୟ ଦେବାଶିଷ ପାଣିଗ୍ରାହୀ, ଦିଶା ସାହୁ ପ୍ରମୁଖଙ୍କ ସମେତ ଡାକ୍ତର, ଟେକ୍ନିକାଲ ଷ୍ଟାଫ ସଦସ୍ୟ ମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ, ଆବାସିକ ଉନ୍ନୟନ ପରିଷଦ, କୁଶଳେଶ୍ୱର ମନ୍ଦିର କମିଟି, ମହିଳା ସଂଗଠନ ଏବଂ ସମ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହଯୋଗ ପାଇଁ ମଞ୍ଚର ସମ୍ପାଦକ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବାଣୀବିହାର ୧୯ ୯୦ ବ୍ୟାଚ୍‌ର ଆଲୋଚନା




ଭୁବନେଶ୍ୱର, ୨୨।୧୨(ସମିସ): ବାଣୀବିହାର ୯୦ ବ୍ୟାଚ୍‌ର ୩୫ ବର୍ଷ ପୂର୍ତ୍ତିପାଳନ ଓ ୨୧ତମ ବନ୍ଧୁମିଳନ ପର୍ବ ରବିଟକିଜ୍ ଅଞ୍ଚଳରେ ଥିବା ଏକ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ୧୯ ୯୦ ବ୍ୟାଚ୍‌ର ବିଭିନ୍ନ ବିଭାଗର ବନ୍ଧୁମାନେ ଶିକ୍ଷା, ଶିଳ୍ପ, ସାହିତ୍ୟ, ସଙ୍ଗୀତ, ବିଜ୍ଞାନ, ଗବେଷଣା, ପ୍ରଯୁକ୍ତିବିଦ୍ୟା, ପ୍ରଶାସନ, ବ୍ୟବସାୟ ଓ ଅନ୍ୟାନ୍ୟ ଘରୋଇ ବିତ୍ତୀୟ ସଂସ୍ଥା ଇତ୍ୟାଦି ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅଛନ୍ତି। କାଳିପ୍ରସନ୍ନ ମହାପାତ୍ର, ସୁଶ୍ରୀରେଖା ମହାନ୍ତି, ଆଲୋକ ମିଶ୍ର, ତୁଷାରରଞ୍ଜନ ଦାସ, ଅମିୟ ପାଣି, ଯୋଗୀନାଥ ବାହୁବଳେନ୍ଦ୍ର, ଗୌତମ ମହାନ୍ତି ପ୍ରମୁଖ ଏହି ଆଲୋଚନାରେ ସାମିଲ ହୋଇଥିଲେ।

# ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, ୨୨।୧୨(ସମିସ): ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଓ ସମ୍ମାନ ପ୍ରଦାନ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଏଥିରେ କଣ୍ଠଶିଳ୍ପୀ ପାରୁଲ ଦାସ ଓ ଶିତାଂଶୁ ମହାପାତ୍ରଙ୍କୁ 'ଗୁରୁ ଆଚାର୍ଯ୍ୟ ନଳିନୀକାନ୍ତ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିଥିଲେ ଡ. ଭାଗ୍ୟଲିପି ମଲ୍ଲ। ସମ୍ବର୍ଦ୍ଧନା ପର୍ବ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ସଂସ୍ଥାର ସଭାପତି ଭାଷାବିତ ଡ. ଦେବାଶିଷ ମହାପାତ୍ର, ସମ୍ପାଦିକା ତନୟା ଦାସଗୋସ୍ୱାମୀ ଓ ମୁଖ୍ୟ ଅତିଥି ଭାବରେ ଭାଗ୍ୟଲିପି ମଲ୍ଲ ଉପସ୍ଥିତ ଥିଲେ। ଅନେକ ନୂଆ ଏବଂ ପୁରୁଣା କାଳଜୟୀ ଗୀତିର ସମ୍ଭାରକୁ ନେଇ ସଙ୍ଗୀତ ପରିବେଷଣ ହୋଇଥିଲା। ପାଖାପାଖି ୩୦ଟି ଗୀତ ସନ୍ଧ୍ୟାରେ ଉପସ୍ଥାପନା ହୋଇଥିଲା। ବାଦ୍ୟଶିଳ୍ପୀ ମାନସ, କିଶୋର, ଅଜୟ, ଲିଙ୍ଗରାଜ, ଗୋପ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହାୟତା ସହାୟତା କରିଥିଲେ।

# ୧୬ତମ ବିଶ୍ୱ ଓଡ଼ିଶୀ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୨।୧୨(ସମିସ): ସାଂସ୍କୃତିକୀ ଅନୁଷ୍ଠାନ ଦ୍ୱାରା ୧୬ ତମ ବିଶ୍ୱ ଓଡ଼ିଶୀ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଉଦଘାଟିତ ହୋଇଛି। ତିନିଦିନ ବ୍ୟାପୀ ଏହି ଉତ୍ସବରେ ଦେଶ ବିଦେଶରୁ ୨୦୦ରୁ ଅଧିକ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଏଥିରେ ପ୍ରତ୍ୟେକ ଦିନ ଦୁଇଟି ଅଧିବେଶନରେ ନୃତ୍ୟ ପରିବେଷଣ ହେଉଛି। ପ୍ରଥମ ଅଧିବେଶନରେ ପ୍ରତିଭା ଅନ୍ୱେଷଣ ଓ ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ନୃତ୍ୟ ଶିଳ୍ପୀ ଏବଂ ଦଳଗତ ନୃତ୍ୟ ପରିବେଷଣ ହୋଉଛି। ଚଳିତ ବର୍ଷର ଉତ୍ସବ ଦିବଙ୍ଗତ ଗୁରୁ ପଦ୍ମଶ୍ରୀ ମାୟାଧର ରାଉତଙ୍କୁ ସମର୍ପିତ ହୋଇଛି। ଉତ୍ସବର ପ୍ରଥମ ସନ୍ଧ୍ୟା କୋଲକାତାର ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ ଗୁରୁ ପୌଷାଲୀ ମୁଖାର୍ଜୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କର ପ୍ରମୁଖ ଶିଷ୍ୟା ଡ. ପମ୍ପି ପଲ୍‌ଙ୍କ ଅନୁଷ୍ଠାନ ଜଳପାଇଗୁଡି, କଲ୍ପଦୀପର ନୃତ୍ୟ ଶିଳ୍ପୀଗଣ ଏକ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ଅତିଥିଭାବେ ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସୁଜାତା ମହାପାତ୍ର, ଓଡ଼ିଶୀ ସଙ୍ଗୀତଜ୍ଞ ସଙ୍ଗୀତା ଗୋସାଇଁ ଏବଂ ଗୁରୁ ପିତାମ୍ବର ବିଶ୍ୱାଳ ଯୋଗ ଦେଇଥିଲେ।



# ଅମୃତ ଧାରା ପ୍ୟାଲିଏଟିଭ୍ କେୟାର ଟ୍ରଷ୍ଟର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୨।୧୨(ସମିସ): ସୋମବାର ଅମୃତ ଧାରା ପ୍ୟାଲିଏଟିଭ୍ କେୟାର ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଅମୃତ ଧାରା ପ୍ୟାଲିଏଟିଭ୍ କେୟାର ଟ୍ରଷ୍ଟର ଅଧ୍ୟକ୍ଷା ଡା. ମାମି ପରିଜା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବାଗ୍‌ଚି ଶ୍ରୀ ଶଙ୍କର କ୍ୟାନ୍ସର ସେଣ୍ଟର ଏବଂ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ଡାକ୍ତର ବିଧୁ କଲ୍ୟାଣ ମହାନ୍ତି ଉଦ୍‌ଘାଟନ କରିଥିଲେ। ଅମୃତ ଧାରାର ବାର୍ଷିକ ରିପୋର୍ଟ ପତ୍ରିକା ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଓ ସଚିବ ମିସ୍ ନମ୍ରତା ରଥଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଅତିଥି ବକ୍ତା ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଉପ ଗଭର୍ନର ହାରୁନ୍ ରଶିଦ୍ ଖାନ, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସରଗ୍ରୁପ୍ କ୍ୟାପ୍‌ଟେନ୍ ଡା. ଦୀପକ ରାଉତରାୟ, ଡା. ମାଧବାନନ୍ଦ କର, ଡା. ଲଲାଟେନ୍ଦୁ ସଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପରେ ଓଡିଶୀ ନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ କଳାତ୍ମକ ପ୍ରଦର୍ଶନୀ ପରିବେଷଣ ହୋଇଥିଲା। ଏହି ଅବସରରେ ଡା. ସତ୍ୟ ରଞ୍ଜନ ପାଢ଼ୀ ଓ ମିସ୍ ସୁନିତା ତାରାଇଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରେମଲତା ଖୁଣ୍ଟିଆଙ୍କ ଧନ୍ୟବାଦ ଦେଇଥିଲେ।



ସକାଳ THE SAKALA



### ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲ ସାଜିଛି ଚାର୍ଜିଂ ଷ୍ଟେସନ

# ହସ୍ପିଟାଲରେ ହେଉଛି ସରକାରୀ ବାବୁଙ୍କ ବ୍ୟାଟେରୀ ସ୍କୁଟି ଚାର୍ଜ

- କର୍ମଚାରୀଙ୍କ ଗାଡ଼ି ଚାର୍ଜିଂ ବିଲ୍ ଭରୁଛନ୍ତି ସରକାର
- ରୋଗୀଙ୍କ ଚଳପ୍ରଚଳ ସ୍ଥାନରେ ପାର୍କିଂ କରି ହେଉଛି ଚାର୍ଜ



ରାଇରଙ୍ଗପୁର, ୨୨।୧୨(ସମିସ): ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଇ-ସ୍କୁଟି ବ୍ୟବହାର ବଢ଼ିବାରେ ଲାଗିଛି। ଏହାକୁ ନେଇ ସରକାରୀ କର୍ମଚାରୀଙ୍କୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଫଳରେ ସରକାରୀ ବାବୁ ଏବେ ବ୍ୟାଟେରୀ ସ୍କୁଟି ଓ କାର୍ ବ୍ୟବହାର ଅଧିକ ମାତ୍ରାରେ କରିବାରେ ଲାଗିଲେଣି। ତେବେ ସରକାରୀ ବାବୁ କାର୍ଯ୍ୟାଳୟକୁ ଚାର୍ଜିଂ ଷ୍ଟେସନରେ ପରିଣତ କରିଦେଇଛନ୍ତି। ରାଇରଙ୍ଗପୁରର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସରକାରୀ ବିଦ୍ୟୁତ୍ ବିଲରେ ବାବୁଙ୍କ ଗାଡ଼ି ଚାର୍ଜ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ଚିତ୍ର ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଅଟେ।

ହସ୍ପିଟାଲ ସରକାରୀ ସ୍ୱାସ୍ଥ୍ୟ କର୍ମଚାରୀ ବାବୁ ଜଣକ ତାଙ୍କ ବ୍ୟାଟେରୀ ସ୍କୁଟିକୁ ଲୁଚାଇ ହସ୍ପିଟାଲ କୋଠରୀ ଭିତରେ ଚାର୍ଜ ବସାଇଛନ୍ତି। ହସ୍ପିଟାଲରେ ଦିନ ତମାମ ଗାଡ଼ି ଚାର୍ଜିଂ ହେଉଥିବାବେଳେ ସରକାରୀ ତହବିଲରୁ ବିଲ୍ ଭରୁଛନ୍ତି। କେବଳ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ନୁହେଁ, ଅନ୍ୟ ସରକାରୀ କାର୍ଯ୍ୟାଳୟରେ ସମାନ ଚିତ୍ର ଦେଖିବାକୁ ମିଳୁଛି। ସରକାରୀ ବାବୁ ବ୍ୟାଟେରୀ ଗାଡ଼ି ଚଢୁଥିବାବେଳେ ଘରେ ଚାର୍ଜ କଲେ ଅଧିକ ବିଦ୍ୟୁତ ବିଲ ଆସିବ। ତେଣୁ ସରକାରୀ କାର୍ଯ୍ୟାଳୟରେ ଗାଡ଼ି ଚାର୍ଜ କରୁଛନ୍ତି। ହସ୍ପିଟାଲରେ ସର୍ବସମ୍ମୁଖରେ ଚାର୍ଜ କଲେ କାଳେ କାହାର ନଜରକୁ ଆସିବ, ତେଣୁ ପଛ ପଟକୁ କୋଠରୀକୁ ନେଇ ବିଦ୍ୟୁତ ତାର ସଂଯୋଗ କରି ବେଆଇନ ଭାବେ ଗାଡ଼ି ଚାର୍ଜ କରୁଛନ୍ତି। ଦିନତମାମ ଗାଡ଼ି ଚାର୍ଜରେ ବସୁଥିବାବେଳେ ଯାହା ବିଲ୍ ଉଠୁଛି ସବୁ ସରକାର ଭରୁଛନ୍ତି। ସରକାରୀ ପ୍ରୋତ୍ସାହନରେ ଗାଡି କିଣିଲେ ପୁଣି ମାଗଣାରେ ଗାଡ଼ି ଚାର୍ଜ କଲେ। ଏଭଳି କାର୍ଯ୍ୟ ଦିନେ ଅଧେ ନୁହେଁ ନିୟମିତ ଭାବେ ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ ବାବୁଙ୍କ ଗାଡ଼ି ଚାର୍ଜକୁ ପ୍ରଥମ ପ୍ରାଧାନ୍ୟ ଦିଆଯାଉଥିବାବେଳେ ପରେ ସରକାରୀ କାର୍ଯ୍ୟ ହେବ। ଏଥିସହିତ ହସ୍ପିଟାଲର ପାର୍କିଂ ନିଷେଧ ସ୍ଥାନରେ ଗାଡ଼ି ପାର୍କିଂ କରି ଚାର୍ଜ କରୁଛନ୍ତି। ଉକ୍ତ ସ୍ଥାନଟି ହସ୍ପିଟାଲର ନିଦାନ ବିଭାଗ, ଏକ୍ସରେ, ପଞ୍ଜିକରଣ କେନ୍ଦ୍ରକୁ ଲାଗି ରହିଛି। ରୋଗୀ ଓ ତାଙ୍କ ସମ୍ପର୍କୀୟ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଛନ୍ତି। କିନ୍ତୁ ସରକାରୀ ବାବୁ ଚଳପ୍ରଚଳ ରାସ୍ତାରେ ଗାଡ଼ି ପାର୍କିଂ କରି ଚାର୍ଜ କରୁଛନ୍ତି। ବଡ଼ ବଡ଼ ଅକ୍ଷରରେ ହସ୍ପିଟାଲର ଉକ୍ତ ସ୍ଥାନରେ ଗାଡ଼ି ପାର୍କିଂ କରିବାକୁ ମନା କରାଯାଇଥିବାବେଳେ ସେଠାରେ ହିଁ ସରକାରୀ ବାବୁ ନିୟମ ଅବମାନନା କରି ଗାଡ଼ି ପାର୍କିଂ କରୁଛନ୍ତି। ତେବେ ସରକାରୀ ହସ୍ପିଟାଲ ଓ କାର୍ଯ୍ୟାଳୟରେ ନିୟମିତ ଭାବେ ଏଭଳି କାର୍ଯ୍ୟ ହେଉଥିବାବେଳେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ବିଏଫ୍‌ସିସିଟି ପକ୍ଷରୁ ମହିଳାଙ୍କ ସ୍ୱାସ୍ଥ୍ୟ ଓ ପରିମଳ ସଚେତନତା



ବାରିପଦା, ୨୨।୧୨(ସମିସ): ମହିଳାଙ୍କ ସ୍ୱାସ୍ଥ୍ୟ ଓ ପରିମଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବସୁନ୍ଧରା ଫାଉଣ୍ଡେସନ କେୟାର ଚାରିଟେବଲ ଟ୍ରଷ୍ଟ (ବିଏଫ୍‌ସିସିଟି) ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିମଳ, ସର୍ଭାଇକାଲ କର୍କଟ ରୋଗ ଓ ପରିବେଶ ସଂରକ୍ଷଣ ବିଷୟରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ମହିଳାଙ୍କୁ ସଂଗଠନ ପକ୍ଷରୁ ସାନିଟାରୀ ପ୍ୟାଡ୍ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏଥିରେ ୧୩ରୁ ୫୨ ବର୍ଷ ବୟସର ପ୍ରାୟ ୬୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ସଦସ୍ୟ ଓ ଅତିଥିଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇ ପରିବେଶ ସୁରକ୍ଷା ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷା ଶ୍ରୁତି ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ପରିଷଦର ପୂର୍ବତନ ସିଓ ତାରାମଣି ମହାପାତ୍ର, ସଦସ୍ୟ ଚିନ୍ମୟ ପଣ୍ଡା, ମଧୁମିତା ଚୌଧୁରୀ, ୱାର୍ଡ ମେମ୍ବର ରଶ୍ମିତା ପରିଡ଼ା, ଜିଏସ୍‌ଏମ୍ ଅଞ୍ଜନା ପ୍ରଧାନ, ଏନ୍‌ଏସ୍‌ଏସ୍ ପିଓ ଜ୍ୟୋତ୍ସ୍ନାରାଣୀ ଦତ୍ତ ଓ ପଞ୍ଚାୟତ ଅଧ୍ୟକ୍ଷା ଯଶୋଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ବୈଠକ

ରାଇରଙ୍ଗପୁର, ୨୨।୧୨(ସମିସ): ରାଇରଙ୍ଗପୁର ଜଳସେଚନ ବିଭାଗ ଡାକ ବଙ୍ଗଳାଠାରେ ପଶ୍ଚିମ ମୟୂରଭଞ୍ଜ ଠିକାଦାର ସଂଘର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଯୋଗ ଦେଇଥିଲେ। ବୈଠକରେ ବାହାର ଅଞ୍ଚଳର ଠିକାଦାର ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡରେ ଟେଣ୍ଡର ନ ପକାଇବା ପାଇଁ ଅନୁରୋଧ କରାଯାଇଥିଲା। ବାହାର ଠିକାରଦାର ଟେଣ୍ଡର ଦ୍ୱାରା କାର୍ଯ୍ୟାଦେଶ ନେଇ ଯାଉଥିବାବେଳେ ବାମନଘାଟି ଓ ପାଞ୍ଚପୀଢ଼ ଉପଖଣ୍ଡର ଠିକାଦାର କାମ ନ ପାଇ ଦୁର୍ଦ୍ଦଶା ଭୋଗୁଥିବା କୁହାଯାଇଛି। ଏ ଅବସରରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରସନ୍ନ କୈବର୍ଷ, ସମ୍ପାଦକ ବିଜୟ ମଣ୍ଡଳ, ସୁଜିତ ବିଷୋୟୀ, ମନୋରଞ୍ଜନ ପୃଷ୍ଟି, ହରଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ସଚିନ ଅଗ୍ରୱାଲା, ମିଡିଆ ସଂଯୋଜକ କିଶୋର ରଜକ, ଉପଦେଷ୍ଟା ପ୍ରଫୁଲ୍ଲ ସାହୁ, ସୁବାସ ମଣ୍ଡଳ, ହରିହର ଗିରି, ମନୋଜ ମହାନ୍ତି, ମନୋଜ ଦାସ, ରାଜେନ୍ଦ୍ର ମହାକୁଡ଼, ବିପ୍ଳବ ଗିରି ଓ ବୁଦ୍ଧିମାନ ମଣ୍ଡଳ ଓ ପ୍ରଦୀପ ପଣ୍ଡା ମନୋନୀତ ହୋଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କରଞ୍ଜିଆ, ୨୨।୧୨(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ସକାଳ ୬ଟାରେ ପୂର୍ବତନ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ସ୍ୱେଚ୍ଛାସେବୀ କରଞ୍ଜିଆସ୍ଥ ଗୋଶାଳା ସଫେଇ ଓ ବୃକ୍ଷ ରୋପଣ କରିଥିଲେ। ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ଆରଏସଏସ ବିଭାଗ ପ୍ରଚାରକ ତପନ ନାୟକ ଓ ମୁଖ୍ୟବକ୍ତା ଭାବେ ସ୍ୱାମୀ ନିର୍ଲିପ୍ତା ନନ୍ଦ ମହାରାଜ ଯୋଗଦେଇ ଦେଶ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ମନୋଜ ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପ୍ରୋଗ୍ରାମ ଅଧିକାରୀ ସିପୁନ ଦାସ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ରଞ୍ଜିତ ସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଜେତା ସ୍ୱେଚ୍ଛାସେବୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏ ଅବସରରେ ସ୍ୱେଚ୍ଛାସେବୀ ମହନ ସଏଙ୍କୁ ସମ୍ମାନିତ କରାଯାଇଥିଲା। ମଣଦା କଲେଜ ପ୍ରୋଗ୍ରାମ ଅଧିକାରୀ ସତ୍ୟବାନ ଗିରି, ଭଞ୍ଜକିଆ କଲେଜ ପିଓ ସୁନୀଲ କୁମାର, ସୁକ୍ରୁଲି କଲେଜ ପିଓ ବିଶ୍ୱମୋହନ ମାଝୀ, ସର୍ବଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ କବିତା ସର୍ଦ୍ଦାର ମନୋନୀତ ହୋଇଥିଲେ। ଶ୍ରାବଣୀ ବଳ, ପିଙ୍କି ଦେହୁରୀ, ସନ୍ଧ୍ୟାରାଣୀ ନାୟକ, ଦମୟନ୍ତୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଚନ୍ଦ୍ରଭାନୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାପୁଜୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବଡସାହି/ମାଣତ୍ରୀ, ୨୨।୧୨(ସମିସ): ପଟିସାରୀ ପଞ୍ଚାୟତ ଅଧୀନ ତେନ୍ତୁଳିଗାଁ ବାପୁଜୀ ଉଚ୍ଚ ବିଦ୍ୟାଳୟର ୩୧ତମ ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ବିଧାୟକଙ୍କ ପ୍ରତିନିଧି ସୁଧୀର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଚିତ୍ର ସାହୁ ଯୋଗଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ କମିଟିର ପୂର୍ବତନ ସଭାପତି କଳ୍ପତରୁ ଜେନା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ପରିଡ଼ାଙ୍କ ସହିତ ସହକାରୀ ଶିକ୍ଷକ ରାଜେନ୍ଦ୍ର ଦାସ, ପ୍ରତାପ ମହାନ୍ତି, ବିଶ୍ୱନାଥ ଦାସ, ଗୋପାଳ ସାହୁ ପ୍ରମୁଖ ଉପସ୍ଥିତି ଥିଲେ। କ୍ରୀଡ଼ା ଶିକ୍ଷକ ଅଜୟ ପରିଡ଼ାଙ୍କ ତତ୍ତ୍ୱାବଧାନରେ ୩୫ ପ୍ରକାର କ୍ରୀଡା ଅନଷ୍ଠିତ ହୋଇଥିଲା। ବାଳିକା ବିଭାଗରେ ମିନତୀ ଦଳେଇ ଓ ବାଳକରେ ଗଣେଶ୍ୱର ହାଁସଦା ଚାମ୍ପିଅନ ହୋଇଥିଲେ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା

କୁଆମରା, ୨୧।୧୨(ସମିସ): ଗୋପବନ୍ଧୁନଗର ବ୍ଲକରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨୩୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ୭ ଜଣ ଅନୁପସ୍ଥିତ ଅଛନ୍ତି। ୩ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଖୁଣ୍ଟା ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାମ ସାଏ ମାଝୀଙ୍କ ତତ୍ତ୍ୱାବଧାନରେ ୬୭ ଜଣ ପରୀକ୍ଷା ଦେଇଥିବାବେଳେ ୩ ଅନୁପସ୍ଥିତ ଥିଲେ। କାଳିଆପଦା ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନରେଶ ବେହେରାଙ୍କ ତତ୍ତ୍ୱାବଧାନରେ ୮୦ ଜଣ ପରୀକ୍ଷା ଦେଇଥିବାବେଳେ ୪ ଅନୁପସ୍ଥିତ ଥିଲେ। ସେହିପରି ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ୭୬ ଜଣ ପରୀକ୍ଷା ଦେଇଛନ୍ତି। ବିଆରସିସି କୁଳମଣି ନାଏକ ପରୀକ୍ଷା କେନ୍ଦ୍ର ତଦାରଖ କରିଥିଲେ।


## ଶ୍ମଶାନ ପାଇଁ ମିଳିଲା ୨୦ ଡେସିମିଲ ଜାଗା




ମୋରଡା, ୨୨।୧୨(ସମିସ): ଆଜି ଶ୍ମଶାନ ପାଇଁ ଅସ୍ତିଆ ଗ୍ରାମବାସୀଙ୍କୁ ୨୦ ଡେସିମିଲ ଜମି ପ୍ରଦାନ କରାଯାଇଛି। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ମୋରଡ଼ା ତହସିଲ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ତହସିଲଦାର ବିଦ୍ୟାଧର ଦଣ୍ଡପାଟଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରଡା ଆରଆଇ ପୂର୍ଣ୍ଣଚନ୍ଦ୍ର ସି ଅସ୍ତିଆ ଗ୍ରାମବାସୀଙ୍କ ସହ ଆଲୋଚନା କରି ଅସ୍ତିଆ ମୌଜାର ସରକାରୀ ଜାଗାର ପ୍ଲଟ ନମ୍ବର ୭୬୦ରେ ଥିବା ୨୯ ଏକର ପଟ୍ଟାରୁ ୨୦ ଡେସିମିଲ ଜାଗା ପ୍ରଦାନ କରିଛନ୍ତି। ବର୍ତ୍ତମାନ ଉକ୍ତ ଜାଗାର କିସମ କେନାଲ ବାରି ଥିବାବେଳେ ଶ୍ମଶାନ କିସମ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଲୋକମାନେ ତାହାକୁ ବ୍ୟବହାର କରିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଦୀର୍ଘଦିନ ଧରି ଯେଉଁ ଶବର ଅନ୍ତିମ ସତ୍କାର ସମୟରେ ସମସ୍ୟା ସୃଷ୍ଟି ହେଉଥିଲା, ତାହା ବର୍ତ୍ତମାନ ସମାଧାନ ହୋଇଛି। ଅସ୍ତିଆ ଗ୍ରାମବାସୀ ତହସିଲ ପ୍ରଶାସନ ଓ 'ସକାଳ' ଖବରକାଗଜ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ସିରିଜ୍ ଦୁର୍ଘଟଣାରେ ଦୁଇ ଗୁରୁତର ଆହତ

## ମାନବିକତା ଦେଖାଇଲେ ପୂର୍ବତନ ବଡ଼ସାହି ବିଧାୟକ



ବେତନଟୀ, ୨୨।୧୨(ସମିସ):ବେତନଟୀ-ବଡ଼ସାହି ରାସ୍ତାର ମହୁଲିଆ ହାଟ ନିକଟରେ ସ୍କୁଟି, ବାଇକ୍ ଓ କାର୍ ମଧ୍ୟରେ ଧକ୍କା ହେବାରୁ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ବେତନଟୀ ଅଗ୍ନିଶମ କର୍ମଚାରୀ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଦୁଇଜଣ ବଡ଼ସାହି ଥାନା ଅଧୀନ କାଣିମହୁଲି ଗ୍ରାମର ରତିକାନ୍ତ ହାଁସଦାଙ୍କ କନ୍ୟା ସାନ୍ଧ୍ୟରାଣୀ ହାଁସଦା (୧୪) ଓ ବେତନଟୀ ଥାନା ଅଧୀନ ଏସଏସ ମହୁଲିଆ (ଇନ୍ଦିରାନଗର)ର ଆଲୋକ ବାରିକ (୩୨)। ସ୍କୁଟିରେ ସନ୍ଧ୍ୟାରାଣୀ ଭାଇଙ୍କ ସହ ବେତନଟୀ ବାଳିକା ବିଦ୍ୟାଳୟରୁ ଘରକୁ ଯାଉଥିବାବେଳେ ମହୁଲିଆ ହାଟ ନିକଟରେ ଏକ ବାଇକ୍ ଧକ୍କା ଦେଇଥିଲା। ସ୍କୁଟିକୁ ଧକ୍କା ଦେବା ପରେ କାର୍ ସହିତ ଧକ୍କା ହୋଇଥିଲେ। ଏହି ସମୟରେ ବଡ଼ସାହିରୁ ବେତନଟୀ ଯାଉଥିବା ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଅଟକି ଗୁରୁତର ସନ୍ଧ୍ୟାରାଣୀ ହାଁସଦା, ଆଲୋକ ବାରିକ ଓ ସତ୍ୟଜିତ ହାଁସଦାଙ୍କୁ ଅଗ୍ନିଶମ ଗାଡ଼ିରେ ବେତନଟୀ ଡାକ୍ତରଖାନାକୁ ପଠାଇଥିଲେ। ସେ ଡାକ୍ତରଖାନାରେ ପ୍ରାଥମିକ ଚିକତ୍ସା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁତର ଆହତଙ୍କୁ ପିଆରଏମ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

ଶରତ, ୨୨।୧୨(ସମିସ): ରାଣୀପୋଖରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରାଣୀପୋଖରୀ ସରପଞ୍ଚ ଭଞ୍ଜସିଂ ବଦ୍ରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ନନ୍ଦଲାଲ



ସେଠୀ, ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସନ୍ତୋଷ ସାହୁ, ବଡ଼ଝାଡ଼ ବିଦ୍ୟାଳୟର ସହକାରୀ ଶିକ୍ଷକ ଅମର ଭୋଇ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଗୋବିନ୍ଦ ତିରିଆ ଯୋଗ ଦେଇଥିଲେ। ପ୍ରାଧାନ ଶିକ୍ଷୟିତ୍ରୀ କୁନ୍ତଳା ମହାନ୍ତ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାରକ ବିତରଣ କରାଯାଇଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବହଳଦା:** ବହଳଦା ବ୍ଲକ ଅନ୍ତର୍ଗତ ଝାଡଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦଯାପିତ ହୋଇଛି। ଉପାଧ୍ୟକ୍ଷା ପୁଷ୍ପାରାଣୀ ପଣ୍ଡାଙ୍କ ସଭପତିତ୍ୱରେ



ଅନୁଷ୍ଠିତ ଉତ୍ସବରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଧୀରଜଲାଲ କଲେଜର ଇଂରାଜୀ ବିଭାଗ ମୁଖ୍ୟ ତାପସ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥୀ ଭାବେ ବହଳଦା ଏବିଇଓ ଭୂତନାଥ ସିଟ୍, ବହଳଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସାଇବା ମୁର୍ମୁ, ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ, ସ୍ୱେଚ୍ଛାସେବୀ ଅତନୁ ମହାନ୍ତି, ସାମ୍ବାଦିକ ପ୍ରବୋଧ ଦାସ ଓ ସାଂସଦ ପ୍ରତିନିଧି ମାଧବ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉପାଧ୍ୟକ୍ଷା ପୁଷ୍ପାରାଣୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହ ଖେଳ ପଡ଼ିଆ ଓ ଷ୍ଟେଜ୍ ଛାତ ନିର୍ମାଣର ଆବଶ୍ୟକତା ନେଇ ବିଧାୟକଙ୍କୁ ଅବଗତ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୌମ୍ୟଶ୍ରୀ ଦାସ ଓ ଶିକ୍ଷକ ସୌରଭ ଦେ ମଞ୍ଚ ପରିଚାଳନା କରିଥିବାବେଳେ ସତ୍ୟରଞ୍ଜନ ଜେନା ଓ ସଞ୍ଜୟ କେରାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୌମ୍ୟରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବଡସାହି:** ବଳଭଦ୍ରପୁର ପଞ୍ଚାୟତ ସିଂହଟିଆ ଉଚ୍ଚବିଦ୍ୟାଳୟର ୬୧ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ହରିହର ବେହେରାଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ତହସିଲଦାର ରୁଣାକର ଧିନ୍ଦା, ମୁଖ୍ୟବକ୍ତା ବିଜ୍ଞାନ ସାଧନା କର୍ମୀ କଳ୍ପତରୁ ପାତ୍ର, ସମ୍ମାନିତ ଅତିଥି ପୁରାତନ ଛାତ୍ର ସଂସଦ ସଭାପତି ମନୋରଞ୍ଜନ ବଳ, ଶିକ୍ଷା କମିଟି ସଭାପତି ଜତିନ୍ଦ୍ର କଲିଆ, ଏବିଇଓ ରାଧିଆଚରଣ ମୁଣ୍ଡା, ଶିକ୍ଷାବିତ ଧୀରେନ୍ଦ୍ର ବେହେରା, ଶୈଳମଣୀ ଟ୍ରଷ୍ଟର ସତ୍ତ୍ୱାଧିକାରୀ ବିଜୟ ଭୂୟାଁ ଓ ଏକ୍ସିମ ଏଜ୍ୟୁକେସନ ଚାରିଟେବୁଲ ଟ୍ରଷ୍ଟ ସତ୍ତ୍ୱାଧିକାରୀ ଭାବଗ୍ରାହୀ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ବେହେରା, କଳାକାର ଦଣ୍ଡପାଟ ଓ ନବକିଶୋର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଶୈଳମଣୀ ଟ୍ରଷ୍ଟ ଓ ଭାବଗ୍ରାହୀ ଭୂୟାଁ ଟ୍ରଷ୍ଟ ପକ୍ଷରୁ କୃତୀ ଛତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରାତନ ଛାତ୍ର ସଂଦସ ପକ୍ଷରୁ ସଭାପତି ଓ ସମ୍ପାଦକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅମିତା ପଲେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ତୃପ୍ତିଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

**କୁଳିଅଣା:** ଚାନ୍ଦୁଆ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅଭିରାମ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ, ସମ୍ମାନିତ ଅତିଥି ଭାବେ ଚାନ୍ଦୁଆ ଥାନା ଅଧିକାରୀ ଲକ୍ଷ୍ମଣ ନାଏକ ଯୋଗ ଦେଇଥିଲେ। ସଭାପତି ସୀତାରାମ ପାତ୍ରଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମୀନା ଗୁରୁମା, ସମସ୍ତ ଗୁରୁଜୀଗୁରୁମା ପରିଚାଳନା କରିଥିଲେ।

**ବାରିପଦା:** ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର



ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲଳିତ ମହାନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନିଗ୍ଧା ଭଞ୍ଜ ମୁଖ୍ୟବକ୍ତା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ବନଜା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜୟ କଲିଆ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ ମଞ୍ଚ ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତନୁଶ୍ରୀ ପାଣି, ସତ୍ୟବ୍ରତ ବାରିକ, ସୁଦତ୍ତା ବାରିକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ସହଯୋଗ କରିଥିବାବେଳେ ବରିଷ୍ଠ ଶିକ୍ଷକ କମଳାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱେଶ୍ୱର ଦ୍ୱିବେଦୀ, ଶିବାନୀ ମହାନ୍ତ, ପ୍ରଣତି ଦେ ଓ ଅନୁସ୍ମିତା ବାରିକ ଅତିଥିଙ୍କୁ ସ୍ୱାଗତ କରିଥିଲେ।

**ରାସଗୋବିନ୍ଦପୁର:** :ତୋଟାପଡ଼ା ଗ୍ରାମସ୍ଥ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପରିଚାଳନା ସମିତି ସଭାପତି ଡା. ଆଦିତ୍ୟ



ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲାର ଯୁଗଝାପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ରାଜୀବ ଲୋଚନ ରାଉତ ଓ ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି, ରାସଗୋବିନ୍ଦପୁର ଏବିଇଓ ବିଜୟ ବାରିକ ଓ ଗୋବିନ୍ଦପୁର ସିଆରସିସି ପାଇକ ସିଂ ଯୋଗ ଦେଇଥିଲେ। ସବିତାରାଣୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ମଳୟ ଗିରି ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ଛାତ୍ରୀ ରଚିତା ପ୍ରିୟଦର୍ଶିନୀ ଓ ସୌମ୍ୟାଶ୍ରୀ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଭାରାଣୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆମରା:** କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ପ୍ରଶାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର



ଟୁଡୁ, ମୁଖ୍ୟବକ୍ତା ନରୋତ୍ତମ ପରିଡ଼ା, ସମ୍ମାନିତ ଅତିଥି ଭାବେ ସମିତି ସମ୍ପାଦକ ମନମୋହନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଗୁରୁଜୀ ରମେଶ ମହାପାତ୍ର ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନିଗମାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବାର୍ଷିକ କ୍ରୀଡ଼ା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କରଞ୍ଜିଆ:** କରଞ୍ଜିଆସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ 'କଲ୍ଲୋଳ-୨୦୨୫' ଉଦ୍‌ଯାପିତ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଗାୟତ୍ରୀ ଦେବଦତ୍ତଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ସମ୍ମାନିତ ଅତିଥି ରୂପେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତରୁ ନାଏକ, ମୁଖ୍ୟବକ୍ତା ଭାବେ କଦାଡିହା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ପାୟଲ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧୈର୍ଯ୍ୟ, ସହନଶୀଳତା, କଠିନ ପରିଶ୍ରମ ହିଁ ସଫଳତାର ମାପକାଠି ବୋଲି ଅତିଥିମାନେ କହିବା ସହିତ ସମସ୍ତେ ଭବିଷ୍ୟତରେ ଜଣେ ଜଣେ ସୁନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷକ ସଞ୍ଜିତ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦେବାଶିଷ ଗିରି ସଂଯୋଜନା କରିଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷୟିତ୍ରୀ ତ୍ରିପୁରା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

# କିମ୍ବଦନ୍ତୀ ଯେଉଁଠି ଜୀବନ୍ତ ରୂପ ନିଏ

## ମହୋତ୍ସବର ସମିତି ଏବଂ ପ୍ରସାର ପ୍ରଚାର କମିଟିର ବ୍ୟାପକ ପ୍ରସ୍ତୁତି

ବରଗଡ଼,୨୨।୧୨(ସମିସ):

ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ସ୍ୱୀକୃତିପ୍ରାପ୍ତ ୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୪ ଡିସେମ୍ବରରୁ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୧୯୪୭ ମସିହାରେ ଭାରତର ସ୍ୱାଧୀନତା ପରଠାରୁ ପ୍ରତିବର୍ଷ ନିରନ୍ତର ଭାବେ ଦୀର୍ଘ ଏଗାର ଦିନ ବ୍ୟାପୀ ପାଳିତ ହେଉଥିବା ଏହି ମହୋତ୍ସବ ଅବସରରେ ସମଗ୍ର ବରଗଡ଼ ସହର ମଥୁରା ନଗରୀରେ ପରିଣତ ହୋଇ ଶ୍ରୀମଦ୍ ଭାଗବତ କଥାବୃତ୍ତ- ଅଧର୍ମ ଉପରେ ଧର୍ମର ଚୂଡ଼ାନ୍ତ ବିଜୟର ପୌରାଣିକ ଘଟଣାବଳୀ ତଥା ମଥୁରା ନରେଶ ମହାରାଜ କଂସଙ୍କରାଜ୍ୟ ଶାସନ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ବାଲ୍ୟଲିଳା ହେବ ପ୍ରଦର୍ଶିତ। ପାଣ୍ଡୁଲିପି ବିହୀନ ଏହି ମହୋତ୍ସବ ଅବସରରେ ସମୁଦାୟ ୨୨ରୁ ଅଧିକ ମଞ୍ଚରେ ୨୦୦ ଜଣରୁ ଅଧିକ କଳାକାରଙ୍କ ସମେତ ୨୫୦ରୁ ଅଧିକ ଜିଲ୍ଲା, ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ, ସାଂସ୍କୃତିକ ଦଳ ଦ୍ୱାରା ଅଭିନୟ ଏବଂ ନୃତ୍ୟ ପ୍ରଦର୍ଶନ ଦେଖିବାକୁ ହୁଏ। ୧୫ ଲକ୍ଷରୁ ଅଧିକ ପରିଦର୍ଶକଙ୍କ ସମାଗମ ହୁଏ। ନିଜର ଅନନ୍ୟ ନାଟ୍ୟ ମହିମା ବ୍ୟତୀତ, ଧନୁଯାତ୍ରା ବିଭିନ୍ନ ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ସଂସ୍କୃତି, ଐତିହ୍ୟ, ବାଣିଜ୍ୟ ଏବଂ ସାମୂହିକ ଅଂଶଗ୍ରହଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏହି ଐତିହାସିକ ମହୋତ୍ସବର ଗାରିମା ବୃଦ୍ଧି ସହିତ ଏହାର ବ୍ୟାପକ ପ୍ରଚାର ପ୍ରସାର ତଥା ସମଗ୍ର ବରଗଡ଼ବାସୀଙ୍କୁ ଉତ୍ସବରେ ଯୋଡିବା ପାଇଁ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଏବଂ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଆନୁକୂଲ୍ୟରେ ରଙ୍ଗୋଲୀ ପ୍ରତିଯୋଗୀତା, ସଂସ୍କୃତିକ ଶୋଭାଯାତ୍ରା, ଚିତ୍ରାଙ୍କନ ପ୍ରତିଯୋଗୀତା, ଚିତ୍ରଶିଳ୍ପୀ ଶିବିର ଏବଂ ଜାତୀୟ ସ୍ତରୀୟ ଅଲୋଚନାଚକ୍ର ହୋଇଛି। ଏଥିସହିତ ପୂର୍ବ ବର୍ଷ ଭଳି ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଉଭୟ ସଂସ୍କୃତି ବିଭାଗ ତଥା ରାଜ୍ୟ ସରକାର ଏବଂ ମହୋତ୍ସବ ସମିତିର ସ୍ୱତନ୍ତ୍ର ୱେବସାଇଟ ମଧ୍ୟମରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ୍ୟ ସ୍ଥାନିତ କରାଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟ ଏବଂ ଧନୁଯାତ୍ରା ମୋହତ୍ସବର ଅଧିକୃତ ସାମାଜିକ ଗଣ ମାଧ୍ୟମ ଚ୍ୟାନେଲରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ



ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ୍ୟ ବ୍ୟବସ୍ଥା ରହିଛି। ପିଲାଙ୍କ ଅଭିନୟ କଳା ଶିକ୍ଷା ସହ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଆୟୋଜିତ ହେଉଛି ବାଲ ଧନୁଯାତ୍ରା। ଧନୁଯାତ୍ରାକୁ ଏକ ଭବ୍ୟ ସ୍ୱାଗତ କରିବା ପାଇଁ ଆୟୋଜିତ ହେଉଥିବା ସାଂସ୍କୃତିକ ଶୋଭାଯାତ୍ରା ଆଗାମୀ ୨୪ ତାରିଖ ଅପରାହ୍ଣ ୧ରୁ ସ୍ଥାନୀୟ ଗାନ୍ଧୀ ଛକ ଠାରୁ ଶୁଭାରମ୍ଭ ହେବ। ୨୨ରୁ ଉର୍ଦ୍ଧ୍ୱ ଜିଲ୍ଲା ଓ ରାଜ୍ୟ ସ୍ତରୀୟ ସଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ଏବଂ ସାମିଲ ହେବେ ସମଗ୍ର ଜିଲ୍ଲାର ଜନସାଧାରଣ, ସଂସ୍କୃତିକ, ଧାର୍ମିକ ଏବଂ ସାମାଜିକ ଅନୁଷ୍ଠାନ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରଦର୍ଶନୀ ପାଇଁ ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଠାରେ ଆଗାମୀ ୨୬ତାରିଖ ସକାଳ ୧୦ରେ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ସାଧାରଣ ଜନତାଙ୍କ ସହଭାଗିତାରେ ଅନୁଷ୍ଠିତ ହେବ ଚିତ୍ରାଙ୍କନ ପ୍ରତିଯୋଗିତା। ଶିଳ୍ପୀଙ୍କ ତୂଳୀରେ ଫୁଟି ଉଠିବ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ବିଭିନ୍ନ ଦୃଶ୍ୟ ଓ କାହାଣୀ। ଆଗାମୀ ୨୮ ତାରିଖ ସକାଳ ୯ରେ ସ୍ଥାନୀୟ ଗାନ୍ଧୀ ପାର୍କ ଠାରେ ଆୟୋଜିତ ହେବ ସ୍ୱତନ୍ତ୍ର ଚିତ୍ରଶିଳ୍ପୀ ଶିବିର। ଏଥିରେ ବରଗଡ଼ ଏବଂ ବିଭିନ୍ନ ଜିଲ୍ଲାର ୨୫ ଜଣରୁ ଉର୍ଦ୍ଧ୍ୱ ସୁନାମଧନ୍ୟ ଚିତ୍ରଶିଳ୍ପୀମାନେ ଭାଗନେଇ ଦର୍ଶକମାନଙ୍କ ସାମ୍ନାରେ ପ୍ରଦର୍ଶନ କରିବେ ସେମାନଙ୍କ କଳା ପ୍ରତିଭା ଏବଂ ନିଜ ତୂଳୀରେ ମୁନରେ ଆଙ୍କିବେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା। ସେହିଭଳି ଆଗାମୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ହେବ ବାଲ ଧନୁଯାତ୍ରା। ଏଥିରେ ଅଂଶଗ୍ରହଣ କରିବେ ୪୦ରୁ ଉର୍ଦ୍ଧ୍ୱ ଶିଶୁ କଳାକାର ଓ ଛାତ୍ରଛାତ୍ରୀ। ବରଗଡ଼ ମୁକ୍ତାକାଶରେ ପରିବେଷିତ ହେଉଥିବା ସମସ୍ତ ନାଟକ ଏବଂ କାର୍ଯ୍ୟକ୍ରମରେ ଯୋଗ ଦେବେ ଜାତୀୟ ନାଟ୍ୟ ବିଦ୍ୟାଳୟର ବିଶେଷଜ୍ଞ ଏବଂ ଏହାର ବିକାଶ ତଥା ୟୁନେସ୍କ ସ୍ୱୀକୃତି ପ୍ରାପ୍ତ ନିମନ୍ତେ କରିବେ ସହଯୋଗ ଏବଂ ମାର୍ଗଦର୍ଶନ। ଧନୁଯାତ୍ରା ମହୋତ୍ସବ ସମିତି, ଧନୁଯାତ୍ରା ପ୍ରଚାର ଓ ପ୍ରସାର କମିଟି ଏବଂ ପଞ୍ଚାୟତ କଲେଜ, ବରଗଡ଼ର ମିଳିତ ଆନୁକୂଲ୍ୟରେ ଆଗାମୀ ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ଦ୍ୱିଦିବସୀୟ ଜାତୀୟ ସେମିନାର ପଞ୍ଚାୟତ ମହାବିଦ୍ୟାଳୟ ଠାରେ ଆୟୋଜିତ ହେବ। ଏହି ବୌଦ୍ଧିକ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାରୁ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷାବିତ, ସମୀକ୍ଷକ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇ ଶିକ୍ଷା, ପ୍ରତ୍ନତତ୍ତ୍ୱ, ଇତିହାସ ଓ ସଂସ୍କୃତିରେ ଆନ୍ତଃବୈଷୟିକ ଦୃଷ୍ଟିକୋଣ ସମ୍ପର୍କରେ ଉପସ୍ଥାପନ କରିବେ। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ହେଉଛି ଓଡ଼ିଆ ଅସ୍ମିତାର ପରିଚୟ। ଚଳିତ ବର୍ଷ ଏହି ଐତିହାସିକ ମହୋତ୍ସବକୁ ଆହୁରି ଭବ୍ୟ ଓ ସ୍ମରଣୀୟ କରିବା ପାଇଁ ସରକାର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ ଆକାଶବାଣୀ ସମ୍ବଲପୁରକୁ ବିସ୍ତୃତ ସୂଚନା ଦେଇଛନ୍ତି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ। ସେହିଭଳି ବରଗଡ଼ ଧନୁଯାତ୍ରା ମହୋତ୍ସବର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଆକାଶବାଣୀ ସମ୍ବଲପୁରର ଦ୍ୱାରା ଦୈନିକ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପ୍ରକାଶ କରିଥିଲେ। ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ ସମସ୍ତ ମିଡିଆ ପ୍ରତିନିଧିଙ୍କୁ ସ୍ୱାଗତ କରିଥିବା ବେଳେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁଯାତ୍ରା ସ୍ମାରକୀ ଫାଟକ ଉଦ୍‌ଘାଟିତ

ବରଗଡ଼,୨୨।୧୨(ସମିସ): ବରଗଡ଼ ରେଳଷ୍ଟେସନର ସ୍ଥିତ ନବ ନିର୍ମିତ ସପ୍ତମ ଧନୁଯାତ୍ରା ସ୍ମାରକୀ ଗେଟ ସୋମବାର ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହା ପୂର୍ବରୁ ଗାନ୍ଧୀ ଛକ, ଭେଡେନ ରାସ୍ତାରେ ଥିବା ପୁରୁଣା ରିଜର୍ଭ ପୁଲିସ, ଅମ୍ବାପାଲି ଛକ, ହଳଦୀ ପାଲି ଛକ, ସମ୍ବଲପୁର ରୋଡରେ ଥିବା ଓଭର ବ୍ରିଜ ପାଖେ, ଆଦି ଜାଗାରେ ଥିବା ଧନୁଯାତ୍ରା ସ୍ମାରକୀ ଗେଟ ଉଦ୍‌ଘାଟନ କରିଥିଲେ। ଏବେ



ସହର ସମସ୍ତ ପ୍ରବେଶ ପଥ ଗୁଡିକରେ ସବୁ ଦିନିଆ ସ୍ମାରକୀ ଗେଟ ନିର୍ମାଣ ହୋଇ ଥିବାରୁ ବର୍ଷ ସାରା ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ।

## ଜିଲ୍ଲା ପ୍ରଶାସନ ଓ ପ୍ରଚାର ପ୍ରସାର ବିଭାଗ ମିଳିତ ଉଦ୍ୟମରେ ରଙ୍ଗୋଲି ପ୍ରତିଯୋଗିତା

### ୭୫ ଗ୍ରୁପରେ ୪୦୦ ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଲେ

ବରଗଡ଼,୨୨।୧୨(ସମିସ): ଆଉ ମାତ୍ର ଦିନକ ପରେ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ। ଆଜି ଜିଲ୍ଲା ପ୍ରଶାସନ ଓ ପ୍ରଚାର ପ୍ରସାର କମିଟି ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା ରାଙ୍ଗୋଲି ପ୍ରତିଯୋଗିତା। ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଅଶ୍ୱିନୀ



ଷଡଙ୍ଗୀ, ବରଗଡ଼ ଜିଲ୍ଲାପାଳ ତଥା ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ଆଦିତ୍ୟ ଗୋୟଲ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ, ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ରାଙ୍ଗୋଲି ପ୍ରଦର୍ଶନକୁ ବୁଲି ଦେଖିଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଅତିରିକ୍ତ ଲୋକ ସମ୍ପର୍କ ଅଧିକାରୀ ପଦ୍ମପୁର ସନତ ପାଢ଼ୀ, ପ୍ରଚାର ପ୍ରସାର କମିଟି ସହ ସମ୍ପାଦକ ରବି ନାରାୟଣ ପଣ୍ଡା, ଲଲାଟେନ୍ଦୁ ଦାସ, ରଞ୍ଜନ ଦେବତା, ସରୋଜ ଷଡଙ୍ଗୀ, ବଦ୍ରି ପ୍ରସାଦ ସାହୁ, ଦୀପକ ଶର୍ମା, ଉମେଶ ବିଶ୍ୱାଳ, ପ୍ରଦୀପ ମହାନ୍ତି, ବଳରାମ ଦୀପ, ଆଶୁତୋଷ ଦାଶ, ମହେନ୍ଦ୍ର ସାହୁ, ଧର୍ମଦତ୍ତ ପାଢ଼ୀ, ହିମାଂଶୁ ନନ୍ଦଙ୍କ ସହ କମିଟିର ସମସ୍ତ ସଦସ୍ୟ ତଥା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ରଙ୍ଗୋଲି କାର୍ଯ୍ୟକ୍ରମକୁ ସାମ୍ବାଦିକ ସତ୍ୟଜିତ ଦାସ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଗଲା। ତା ସହ ପ୍ରଥମ ସ୍ଥାନ ପାଇଁ ଭଟଲିର ରଙ୍ଗରେଖା କ୍ଲବ୍, ଦ୍ୱିତୀୟ ସ୍ଥାନ ପାଇଁ ସୁନ୍ଦରଗଡର ବୀଣାପାଣି କ୍ଲବ୍, ତୃତୀୟ ସ୍ଥାନ ପାଇଁ ବରପାଲିର କଳାଭୂମି ଆର୍ଟ ଗ୍ରୁପକୁ ପୁରସ୍କାର ପ୍ରଦାନ କରା ହୋଇଥିଲା।

## ମାଁ ସମଲେଶ୍ୱରୀ କଲେଜ ଯୁବ ରେଡ୍‌କ୍ରସ ସମାବେଶ

ବରପାଲି/ମହଦା,୨୨।୧୨(ସମିସ): ବରପାଲି ମହଦା ମାହେଶ୍ୱରୀ ବିହାର ପରିସରରେ ମାଁ ସମଲେଶ୍ୱରୀ କଲେଜ, ରାଜୀବ ଲୋଚନ ହୋତା କଲେଜ ଅଫ୍ ଫାର୍ମାସୀ ଓ ଟିଙ୍ଗିପାଲି ଫାର୍ମାସ୍ୟୁଟିକାଲ କଲେଜ ମିଳିତ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ୟୁଥ ରେଡକ୍ରସ ସମାବେଶ ଆୟୋଜନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତାବିରା କଲେଜ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପରମାନନ୍ଦ ରଥ, ୟୁଥ ରେଡକ୍ରସ ଜିଲ୍ଲା ସଂଗଠକ ଓ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ ଚେୟାରମ୍ୟାନ ନରେନ୍ଦ୍ର ହୋତା ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ଡାଇରେକ୍ଟର ଡ.ରଞ୍ଜନ ସାହୁ, ମାଁ ସମଲେଶ୍ୱରୀ କଲେଜର ଅଧ୍ୟକ୍ଷ ମନୋଜ କର ଓ ଅଧ୍ୟାପକ ସଚିନ ପଟେଲ, ରାଜୀବ ଲୋଚନ ହୋତା ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ.ଆଶୁତୋଷ ମେହେର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ୟୁଥ ରେଡକ୍ରସ ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ ଓ ସଂସ୍ଥାର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ମୁଖ୍ୟ ଅତିଥିରଥ ଛାତ୍ରଛାତ୍ରୀ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଅଧ୍ୟାପକ ସଚିନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଇପାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ

ଅତାବିରା,୨୨।୧୨(ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଭୋଇପାଲି ଗାଁରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ସୋମବାର ସନ୍ଧ୍ୟାରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଗାଁରେ ବହୁ ପ୍ରତୀକ୍ଷିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଆସନ୍ତା ୨୦୨୬ ଜାନୁୟାରୀ ୧୨ରୁ ୧୬ ତାରିଖ ଯାଏଁ ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରତିଦିନ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ପୂର୍ବତନ ମହାରାଜ କଂସ ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ରାମଲୀଳା ଆଦି ବହୁ ମନୋରଞ୍ଜନ କଳା ସଂସ୍କୃତି ପରମ୍ପରାକୁ ନେଇ କଳାକାରମାନେ ନିଜ ନିଜ କଳା ପରିବେଷଣ କରିବେ। ଏହି ପରିପ୍ରେକ୍ଷୀରେ ସୋମବାର ଯଜ୍ଞମଣ୍ଡପ ସ୍ଥଳରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ମୁଖ୍ୟ ପଣ୍ଡିତ ଆଚାର୍ଯ୍ୟ ବାବୁଲାଲ ପାଣ୍ଡିଆ, ଉପାଚାର୍ଯ୍ୟ ଆଲୋକ ଷଡଙ୍ଗୀ, ପଣ୍ଡିତ ଗୋପାଳକୃଷ୍ଣ ଶତପଥୀ, ଗ୍ରାମ୍ୟ ପଣ୍ଡିତ ଜୟନାରାୟଣ ଦାଶ ଶୁଭସ୍ତମ୍ଭ ପୂଜାପାଠରେ ପୌରିହିତ୍ୟ କରିଥିବା ବେଳେ ମୁଖ୍ୟ କର୍ତ୍ତୀ ସସ୍ମିତା ଭୋଇ ଓ ନନ୍ଦ କିଶୋର ଭୋଇଙ୍କ ସମେତ ୨୨ ଯୋଡି କାର୍ତ୍ତିକର୍ତ୍ତା ନିଜ ନିଜ ଦାୟିତ୍ୱ ବହନ କରିଥିଲେ। ଏଥିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କମିଟି ସଭାପତି ଜଟାଧାରୀ ଭୋଇ, ଚନ୍ଦ୍ରଶେଖର ଭୋଇ, ସୁଦାମ ଭୋଇ, ଗଙ୍ଗାଧର ଠେଲା, ହେମନ୍ତ ଭୋଇ, ମଣୀଶଙ୍କର ଠେଲା, ବିବେକାନନ୍ଦ ଭୋଇ,କୁମରମଣି ଭୋଇ, କିଶୋର ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଗୋବିନ୍ଦପୁର ଓଏଭିର ବାର୍ଷିକୋତ୍ସବ

ବରଗଡ଼,୨୨।୧୨(ସମିସ): ବରଗଡ଼ ବ୍ଲକ୍‌ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁରର ଅଷ୍ଟମ ବାର୍ଷିକୋତ୍ସବ "ବୈଭବମ" ଧୁମଧାମ୍‌ରେ ପାଳିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ୍ ଉନ୍ନୟନ ଅଧିକାରୀ ବେରସିୟୁସ ଡୁଙ୍ଗଡୁଙ୍ଗ, ବ୍ଲକ୍ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମିନତି ସାହୁ, ରାଜକିଶୋର ପଧାନ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରେରିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କେଦାରନାଥ ଚୌଧୁରୀ ଅତିଥି ମାନଙ୍କୁ ସ୍ୱାଗତ ତଥା ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଚଳିତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀରୂପେ ଶୁଭଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବୋଲବମ୍ ସେବା ସମିତିର ମହୋତ୍ସବ

ବରଗଡ଼,୨୨।୧୨(ସମିସ): ବରଗଡ଼ରାଣୀ ବନ୍ଧ ସ୍ଥିତ ଶ୍ରୀଶ୍ରୀ ଗୌରୀଶଙ୍କର ମଣ୍ଡପରେ ବରଗଡ଼ ଜିଲ୍ଲା ବୋଲବମ୍ ସେବା ସମିତିର ୨୭ ତମ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁରେଶ୍ୱର ନନ୍ଦଜୀ ମହାରାଜା ସ୍ୱାମୀଜୀ, ବାବା ବୈଦ୍ୟନାଥ ଧାମର ପଣ୍ଡା ଶ୍ରୀ ତଥା ବରଗଡ଼ ଜିଲ୍ଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ସମିତିର ନୂତନ କର୍ମକର୍ତ୍ତା ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସଭାପତି ଭାବେ ପଞ୍ଚାନନ ମିଶ୍ର, ଉପସଭାପତି ଯୋଗେଶ ପ୍ରଧାନ, ଉପସଭାପତି ସରୋଜ ତ୍ରିପାଠୀ, ସମ୍ପାଦକ ସୁଧୀର ପଣ୍ଡା, ସହ ସମ୍ପାଦକ ସରୋଜ ପଣ୍ଡା, କୋଷାଧ୍ୟକ୍ଷ ଆନନ୍ଦ ମହାପାତ୍ର, ସହ କୋଷାଧ୍ୟକ୍ଷ କାଳିଚରଣ ଦାସ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଅଚ୍ୟୁତାନନ୍ଦ ମହାପାତ୍ର, ଯୁଗଳ ପ୍ରସାଦ ସିଂହ, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ଶଙ୍କର୍ଷଣ ମିଶ୍ର, ସୁରେଶ୍ୱର ଶତପଥୀ, ରାଜନ ସିଂ, ନେତ୍ରାନନ୍ଦରଥ, ରାଜୁ ଝା, ହରଦୀପ ସିଂହ, ଅଶୋକ ଯୋଶୀ, ପପୁ ଦାସ, ମୋତିଲାଲ ଦାସ, ଆଶୁତୋଷ ରଥ, ପୂର୍ଣ୍ଣଚନ୍ଦ୍ର ଦାସ, କିଶୋର ଦାସ, ଉଦ୍ଧବ ଡାଙ୍ଗ, ସତ୍ୟଜିତ କର ପ୍ରମୁଖ ସଦସ୍ୟ ରହିଛନ୍ତି।

## ମାଁ ଉମା ମାହେଶ୍ୱରୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ବରପାଲି/ମହଦା,୨୨।୧୨(ସମିସ): ବରପାଲି ବ୍ଲକ୍ ମହଦା ମାଁ ଉମା ମାହେଶ୍ୱରୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମହଦା ହାଇସ୍କୁଲ ଖେଳ ପଡିଆ ପରିସରରେ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ମ୍ୟାଚ ଖେମେଶରା ଓ ବର୍ଲାବାହାଲ ଦଳ ମଧ୍ୟରେ ହୋଇଥିଲା। ମହଦା କ୍ରିକେଟ ସଂଘ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟ ତଥା ଓମଫେଡ ସମବାୟ ବୋଡ ନିର୍ଦ୍ଦେଶକ



ନାରାୟଣ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରିକେଟ ସଂଘ ସଭାପତି ସମ୍ବିତ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସମ୍ପାଦକ ସୁବ୍ରତ ଦାଶଙ୍କ ଦ୍ୱାରା ସଂଯୋଜନା ଓ ଧନ୍ୟବାଦ ଅର୍ପଣ ପର୍ବ ସମ୍ପୂର୍ଣ୍ଣ ହୋଇଥିଲା। ପରିଚାଳନାରେ କ୍ରିକେଟ ସଂଘର ସମସ୍ତ ସଭ୍ୟ ସହାୟତା କରିଥିଲେ।

## ବନ୍ଧପାଲିରେ କିଶୋର କିଶୋରୀ କୌଶଳ ଶ୍ରେଣୀ

ବରପାଲି,୨୨।୧୨(ସମିସ): ବରଗଡ଼ ମମତା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମା'ଓ ଶିଶୁ ପକ୍ଷରୁ ସୋହେଲା ଏବଂ ବରପାଲି ବ୍ଲକ୍‌ର ଆଗଲପୁର, ବନ୍ଧପାଲି, ବାରଗୁଡା, ଛୁରିଆପାଲି, ଚିଚିଣ୍ଡା ଝଏର ୬ଟି ସ୍କୁଲରେ କେ୪ କିଶୋର କୌଶଳ ଶ୍ରେଣୀ କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ କିଶୋରୀ ଝିଅ ଏବଂ ପୁଅ ମାନଙ୍କ ମଧ୍ୟରେ ଅତ୍ୟାବଶ୍ୟକ ଜୀବନ କୌଶଳ ବିକାଶ କରିବା। ପାରସ୍ପରିକ କାର୍ଯ୍ୟକଳାପ ଏବଂ ଅଧିବେଶନ ମାଧ୍ୟମରେ ସକ୍ରିୟ ଶ୍ରବଣ, ଦଳଗତ କାର୍ଯ୍ୟ, ଆତ୍ମବିଶ୍ୱାସ, ନେତୃତ୍ୱ ଏବଂ ଯୋଗାଯୋଗ ଦକ୍ଷତା ବୃଦ୍ଧି ସମ୍ପର୍କ ଉପରେ ଧ୍ୟାନ ଦିଆଯାଇଥିଲା। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ବ୍ୟକ୍ତିଗତ ଏବଂ ସାମାଜିକ ବିକାଶକୁ ବୃଦ୍ଧି କରିବା ପାଇଁ ପରିକଳ୍ପିତ ଗୋଷ୍ଠୀ କାର୍ଯ୍ୟକଳାପ ଏବଂ ବ୍ୟାୟାମରେ ସାମିଲ କରାଯାଇଥିଲା। କାର୍ଯ୍ୟକ୍ରମଟି ଜିଲ୍ଲା ସଂଯୋଜକ ଅଦିତି ଜାନାଙ୍କ ଦ୍ୱାରା ସମନ୍ୱିତ ହୋଇଥିଲା। ମମତା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମା ଓ ଶିଶୁ ସମର୍ପିତ କ୍ଷେତ୍ର କର୍ମଚାରୀ ମାନଙ୍କ ସହିତ ମମତାର ସମସ୍ତ ବିଏସ ଯଶୋବନ୍ତ ପୂଜାରୀ, ସୋମ୍ୟ ବାରିକ ଓ ଓଆରଡବ୍ଲୁ କ୍ଷୀରୋଦ୍ରୀ ପଧାନ, ମହାଦେବ ଭୁଏ, କ୍ଷୀରସିନ୍ଧୁ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ଆଲୋକ ମେହେର, ସୁଶାନ୍ତ ମିଶ୍ର, ଘନଶ୍ୟାମ ଭୋଇ ଜୀବର୍ଦ୍ଧନ ସାହା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।


## ଘେଁସ ଉଚ୍ଚ ବିଦ୍ୟାଳୟରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବିଜେପୁର/ମେଲଛାମୁଣ୍ଡା, ୨୨।୧୨(ସମିସ): ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ଘେଁସ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି। ସୋମବାର କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଡିଇଓ ଜ୍ୟୋତିକାନ୍ତ ସାହୁ, ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ହାଇସ୍କୁଲ ପ୍ରତିଷ୍ଠାତା ସଦସ୍ୟ ଘେଁସ ଜମିଦାର ଲାଲଯୋଗେନ୍ଦ୍ର ନାଥ ସିଂ ବରିହା, କବିରାଜ ସତ୍ୟବାଦୀ ଦାସ, ସରପଞ୍ଚ ବ୍ରଜମୋହନ ସାହୁ, କବି ଅଭିମନ୍ୟୁ ଦେବତା, ଶିକ୍ଷାବିତ ରୁକ୍ମଣ ଦେବତାଙ୍କ ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଧାନଶିକ୍ଷକ ଦେବରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ପୁରୋହିତ ହାଇସ୍କୁଲ ପ୍ରତିଷ୍ଠାତା ସଦସ୍ୟ ପଞ୍ଚସଖାଙ୍କ ଘେଁସ ଓ ଅଞ୍ଚଳର ଶିକ୍ଷାର ଉନ୍ନତି ଓ ବିକାଶ ନିମନ୍ତେ ଅତୁଳନୀୟ ଭୂମିକା ଉପରେ ନିଜର ଅଭିଭାଷଣ ରଖିଥିଲେ। ଭୁବନେଶ୍ୱର ପ୍ରଧାନ ଓ ଧୀରେନ୍ଦ୍ର ପଟେଲ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ ଓ ସମ୍ମାନିତ ବକ୍ତା ଭାବେ ଶିକ୍ଷକ ଅଶୋକ ପୂଝାରୀ ଯୋଗଦେଇ ଶିକ୍ଷା ଓ ଶିକ୍ଷାନୁଷ୍ଠାନ, ସମାଜରେ ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ତେଜରାଜ ପାଣ୍ଡେ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଓ ପ୍ରତିଷ୍ଠା ସଦସ୍ୟ ମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଅତିଥିମାନେ ଉପଢ଼ୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଓ ସମ୍ମାନିତ ଅତିଥିଭାବେ ବିଡିଓ କରିସ୍ମା ବେସ୍ରା, ତହସିଲଦାର ଶୁଭରଞ୍ଜନ ନାଏକ ପ୍ରମୁଖ ଯୋଗ ଦେଇ କରି ଘେଁସ ହାଇସ୍କୁଲର ଉତ୍ତରୋତ୍ତର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାଇକମାଳରେ ବ୍ଲକ୍‌ସ୍ତରୀୟ ଶିଶୁ ମେଳା

ପାଇକମାଳ,୨୨।୧୨(ସମିସ): ପାଇକମାଳ ବ୍ଲକ୍ କେଛୋଦାଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଓଷ୍ଟାର ପାଇକମାଳ ବ୍ଲକ୍ ସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀର ମୋହନ ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ତନସନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ଭୋଇ, ଭବାନୀଶଙ୍କର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ନନ୍ଦଲାଲ ନାଏକ, ଆଶାକାନ୍ତ ରଣା, କେଛୋଦାଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ପାଲ ଯୋଗଦାନ କରିଥିଲେ। ଏହି ସଭାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଓଷ୍ଟା ବ୍ଲକ୍ ସମ୍ପାଦକ ଜୀବର୍ଧନ ବିଶି ଧନ୍ୟବାଦ ଦେଇଥିଲେ।

# ଶିକ୍ଷାନୁଷ୍ଠାନରେ ଗଣିତ ଦିବସ






ବରଗଡ଼,୨୨।୧୨(ସମିସ):

### ଅଞ୍ଚଳ ମହାବିଦ୍ୟାଳୟ

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ସୋମବାର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ମହାନ ଭାରତୀୟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପିକା ନିକିତା ଭୋଇ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ଗଣିତ ବିଭାଗର ମୁଖ୍ୟା ପ୍ରାଧ୍ୟାପିକା ଝୁନୁ ପରିଡା ସଭା ପରିଚାଳନା କରିବା ସହ ରାମାନୁଜନଙ୍କ ସଂଘର୍ଷମୟ ଜୀବନୀ ଓ ବିଶ୍ୱ ଗଣିତକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦର୍ଶନଶାସ୍ତ୍ର ବିଭାଗର ମୁଖ୍ୟ ସନ୍ତୋଷ ମିଶ୍ର ଯୋଗ ଦେଇ ରାମାନୁଜନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ "ଗଣିତ, କଳା ଏବଂ ସୃଜନଶୀଳତା" ଶୀର୍ଷକ ବିଷୟବସ୍ତୁ ଉପରେ ମତ ରଖିଥିଲେ। ଏହି ଜୟନ୍ତୀ ସଭାରେ ଅଧ୍ୟାପକ ଡ.ସରୋଜ ନାଏକ, ଅଧ୍ୟାପିକା କଳ୍ପନା ପାଢ଼ୀ, ଡ.ମମତାମୟୀ ଗୁରୁ, ମୋନାଲିସା ସ୍ୱାଇଁ ଏବଂ ଅଧ୍ୟାପକ ନିର୍ମଳ କୁମ୍ଭାରଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀ ପମି ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସରସ୍ୱତୀ ଶିଶୁ ମନ୍ଦିର ସର୍ଗିବାହାଲ

ପଦ୍ମପୁର: ପଦ୍ମପୁର ଅଧୀନ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଗୁରୁମା ବବିତା ସାହୁ ଦୀପ ପ୍ରଜ୍ୱଳନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପ୍ରେମାନନ୍ଦ ବାରିକ ଜାତୀୟ ଗଣିତ ଦିବସ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପ୍ରମୋଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅରୁଣ ଶ୍ରେଣୀ ଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ। ଶେଷରେ ବିଷ୍ଣୁପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ରାତିରେ ୫ ମନ୍ଦିରରୁ ଚୋରି

■ ନିକିରାଇ ଅଞ୍ଚଳରେ ଆତଙ୍କ
■ ରାତି ପାଟ୍ରୋଲିଂ ପାଇଁ ଦାବି

କେନ୍ଦ୍ରାପଡ଼ା,୨୨।୧୨(ସମିସ): ଗୋଟିଏ ରାତିରେ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଢୋଲ ଓ ନଳପାରି ଗାଁର ୫ ମନ୍ଦିରରୁ ଚୋରି ହୋଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଠାକୁରଙ୍କ ସୁନାରୁପା ଚିତା, ଚକ୍ଷୁ, ଗହଣା, ପିତ୍ତଳ ବାସନ ସହ ଦାନ ହୁଣ୍ଡି ମଧ୍ୟ ଲୁଟି ନେଇଥିବା ଅଭିଯୋଗ ହୋଇଛି।



ଢୋଲ ଗାଁ ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର ଓ ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ବେଳେ, ସେହି ଗାଁର ଝରଣା ବାରିକଙ୍କ ଘର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ନଳପାରି ଗାଁ ହନୁମାନ ମନ୍ଦିର ଏବଂ ଗ୍ରାମଦେବତୀ କ୍ଷେତ୍ରପାଳିନୀ ମନ୍ଦିରରୁ ମଧ୍ୟ ସର୍ବସ୍ୱ ଚୋରି ହୋଇଛି। ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇଥିବାରୁ ଏଭଳି ଚୋରି ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଧର୍ମାନୁଷ୍ଠାନରୁ ବାରମ୍ବାର ଚୋରି ହେବା ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଉଦବେଗ ପ୍ରକାଶ ପାଇଛି। ରାତିରେ ପୁଲିସ ପାଟ୍ରୋଲିଂ ନ ଥିବାରୁ ଚୋରମାନେ ନିର୍ଭୟରେ ଚୋରି କରୁଥିବା ଗ୍ରାମବାସୀ ନିରୋଦ ସାମଲ କହିଛନ୍ତି। ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଚୋରି ହେବା ଆମ ଧର୍ମୀୟ ଭାବନାକୁ ଆଘାତ ଦେଇଛି ବୋଲି ପୂଜକ ଅଭିରାମ ପଣ୍ଡା କହିଛନ୍ତି। ତୁରନ୍ତ ଦୁର୍ବୃତ୍ତଙ୍କୁ ଧରିବା ସହ ରାତ୍ରିକାଳୀନ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ମହାବିଦ୍ୟାଳୟରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ରାଜନଗର,୨୨।୧୨(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ତରଫରୁ କଲେଜରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନ୍ଏସ୍ଏସ୍ର +୩ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରା ସଭା ପରିଚାଳନା କରିଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅନସୂୟା ବେହେରା ଏନ୍ଏସ୍ଏସ୍ର ଚିହ୍ନ, ନେତୃତ୍ୱ ଓ ଗଣତାନ୍ତ୍ରିକ ଚିନ୍ତାଧାରା ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିଥିଲେ। ରେଡ୍କ୍ରସ୍ କାଉନସେଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଜାତୀୟ ସଂହତି ଓ ସାମାଜିକ ଏକତା ପାଇଁ କାର୍ଯ୍ୟ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ସ୍ୱାଇଁ ଏନ୍ଏସ୍ଏସ୍ର ବିଭିନ୍ନ କାର୍ଯ୍ୟକଳାପ ଉପରେ ମତ ରଖିଥିଲେ। ଏନ୍ଏସ୍ଏସ୍ର +୨ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରଞ୍ଜନ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

● ଜାନୁଆରୀ ୮ ରୁ କୁମ୍ଭୀର ଗଣନା

## ପର୍ଯ୍ୟଟକଙ୍କ ପାଇଁ ୩ ଦିନ ଭିତରକନିକା ବନ୍ଦ




ରାଜନଗର,୨୨।୧୨(ସମିସ): ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଭାବେ ପରିଚିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀନାଳରେ ରହୁଥିବା ବଉଳା କୁମ୍ଭୀରଙ୍କ ଗଣନା କାର୍ଯ୍ୟ ଜାନୁଆରୀ ୮ ରୁ ଆରମ୍ଭ ହୋଇ ୧୦ ତାରିଖରେ ଶେଷ ହେବ। ଏହି ତିନିଦିନ ପର୍ଯ୍ୟଟକଙ୍କ ପାଇଁ ଜାତୀୟ ଉଦ୍ୟାନ ବନ୍ଦ ରହିବ। ବଉଳା କୁମ୍ଭୀର ବିଶାରଦ ଡ. ସୁଧାକର କର, ରାଜନଗର ଡିଏଫ୍ଓ ଭରଦରାଜ ଗାଁଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ ବୋଲି ବନବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି।

## କନିକା ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ

ରାଜକନିକା,୨୨।୧୨(ସମିସ): କନିକା ସରକାରୀ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ହୀରକ ଜୟନ୍ତୀ ସମାରୋହ ସୋମବାର ଉଦଘାଟିତ ହୋଇଛି। ପୂର୍ବାହ୍ନ ସାଢ଼େ ୮ ଟାରେ ମେଘପୁରର ସହିଦ ବାସୁ-ବିଶୁନି ସ୍ମୃତିସ୍ତମ୍ଭ ନିକଟରୁ ମଶାଲ ଶୋଭାଯାତ୍ରା ବାହାରି ସ୍କୁଲରେ ପହଞ୍ଚିଥିଲା। ପୂର୍ବାହ୍ନ ୯ଟାରେ ହୀରକ ଜୟନ୍ତୀ ପତାକା ଉତ୍ତୋଳନ ପରେ ଉଦଘାଟନୀ ଅଧିବେଶନରେ ପ୍ରବକ୍ତା ବୀରେନ୍ଦ୍ର ପଣ୍ଡା ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଅଭିନେତା କୁନା ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ କନିକା ଭାସ୍କର ଡ. ହୟଗ୍ରୀବ ଗୁରୁ ଯୋଗଦେଇଥିଲେ। ପୁରାତନ ଛାତ୍ର କୈଳାସ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ନବକିଶୋର ସୂତାର ସମ୍ପାଦକୀୟ ବିବରଣୀ ପାଠ, ପ୍ରସନ୍ନ ଧଳ ଅତିଥି ଆବାହନ, କମଳାକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସନ୍ଧ୍ୟାରେ କଟକର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।



## ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଯୋଗିତା

ରାଜନଗର,୨୨।୧୨(ସମିସ): ଆସନ୍ତା ଜାନୁଆରୀ ୧୨ରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହେବ। ଏହି ଅବସରରେ ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏବିଭିପି ରାଜନଗର ନଗର ଶାଖା ସଭାପତି ଅଧ୍ୟାପିକା ତନୁଶ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଲେଖ କୁମାର ବାରିକ ଯୋଗଦେଇଥିଲେ। ୧୨୫ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ, ଗୀତ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ମାଷ୍ଟର ରାମଚନ୍ଦ୍ର ବାରିକ, ଲିପି ମିଶ୍ର, ଅଧ୍ୟାପକ ପବିତ୍ର କଣ୍ଟ, ଅଖିଳେଶ ରାଉତ, ରୀତା ସେଠୀ, ପ୍ରଜ୍ଞା ସେଠୀ ପ୍ରମୁଖ ଯୋଗଦେଇଥିଲେ। ନଗର ସମ୍ପାଦକ ସୁକୁମାର ମାନ୍ନା, ସୁମିତ୍ରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଶୁ ମନ୍ଦିର ସମ୍ପାଦକ ଦୋଳଗୋବିନ୍ଦ ଜେନା, ଛାତ୍ରନେତା ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡ଼ା, ମଳୟ ପଲାଇ, ଆକାଂକ୍ଷା ରାଉତ, ଶୁଭଶ୍ରୀ ବାଗ ସହଯୋଗ କରିଥିଲେ।

## ଭିତରକନିକା ଉତ୍ସବ ପାଇଁ ସାମ୍ବାଦିକ ସମ୍ମିଳନୀ

ରାଜନଗର,୨୨।୧୨(ସମିସ): ଆସନ୍ତା ଜାନୁଆରୀ ୭ରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ଆୟୋଜିତ ହେବାକୁ ଥିବା ଭିତରକନିକା ଉତ୍ସବ ପାଇଁ ଶନିବାର ରାଜନଗର ସିଟିଜେନ ଫୋରମ ପକ୍ଷରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସିଟିଜେନ ଫୋରମ ଆବାହକ ଦିଲୀପ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପରିବେଶବିତ ଡ. ମିହିର ପଟ୍ଟନାୟକ, ହେମନ୍ତ କୁମାର ରାଉତ, ସୂର୍ଯ୍ୟକାନ୍ତ ସାହୁ, ସମାଜସେବୀ ତଥା ପ୍ରଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ଓଡ଼ିଶା ବିଶେଷକରି କେନ୍ଦ୍ରାପଡ଼ା ଜିଲ୍ଲା ତଥା ରାଜନଗରର କଳାସଂସ୍କୃତି, ପ୍ରାକୃତିକ ସମ୍ପଦ, ବିଶ୍ୱପ୍ରସିଦ୍ଧ ଭିତରକନିକାର ସୌନ୍ଦର୍ଯ୍ୟ ଏବଂ ପରିବେଶ ପର୍ଯ୍ୟଟନର ସମ୍ଭାବନା ପ୍ରଭୃତିକୁ ବିସ୍ତୃତ ଭାବେ ପରିଚିତ କରିବା ପାଇଁ ଏହା ପ୍ରକୃଷ୍ଟ ମଞ୍ଚ ହେବ ବୋଲି କହିଥିଲେ। ଦିନିକିଆ ଏହି ଉତ୍ସବରେ




ରାଜ୍ୟ ତଥା ରାଜ୍ୟ ବାହାରର ଖ୍ୟାତନାମା ବ୍ୟକ୍ତିମାନେ ଯୋଗଦେବେ। ୪ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ହେବ। ହେନ୍ତାଳବଣ ସଂରକ୍ଷଣ ଓ ପରିବେଶ ପର୍ଯ୍ୟଟନ ଶିଳ୍ପର ବିଭିନ୍ନ ଦିଗ, ସ୍ଥାନୀୟ ବାସିନ୍ଦା, ବନ ବିଭାଗ ଓ ପର୍ଯ୍ୟଟନ କର୍ମକର୍ତ୍ତାଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ରହିଛି। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜନଗର ଅଞ୍ଚଳର ବୁଦ୍ଧିଜୀବୀ, ପରିବେଶବିତ, ଯୁବଛାତ୍ର, କଳାକାର, ସାମ୍ବାଦିକ, ପ୍ରକୃତିପ୍ରେମୀ ଓ ସଚେତନ ନାଗରିକ ଯୋଗଦେବାକୁ ଅୟୋଜକ ଅନୁରୋଧ କରିଛନ୍ତି।

## କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧୋତ୍ସବ

ଡେରାବିଶ,୨୨।୧୨(ସମିସ): ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ପବିତ୍ରପଡ଼ା ଡାବଲସ୍ଥିତ କବିସୂର୍ଯ୍ୟବ୍ରହ୍ମା ମଠ ପରିସରରେ ମଠର ପ୍ରତିଷ୍ଠାତା କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ମଠ ପରିସରରେ ପୂଜା ପାଉଥିବା କବିସୂର୍ଯ୍ୟ ବ୍ରହ୍ମାଙ୍କ ପାଦୁକା ଓ ବ୍ରହ୍ମାଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜା କରାଯାଇଥିଲା। ଏଥିସହ ମନ୍ଦିର ସମ୍ମୁଖରେ ଅବସ୍ଥାପିତ ସମାଧି ସ୍ଥଳରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସନ୍ଧ୍ୟାରେ ନାମଯଜ୍ଞ ସମାପନ ପରେ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଦ୍ୱାରା ରଚିତ ବିଭିନ୍ନ ଛାନ୍ଦ, ଚମ୍ପୂ, ଭଜନ, ଜଣାଣ ଇତ୍ୟାଦି ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ପ୍ରବଚକ ଗୁଣନିଧି ତ୍ରିପାଠୀ, ପଣ୍ଡିତ ସୁକାନ୍ତ କୁମାର ପଣ୍ଡା, ଶ୍ରୀନିବାସ ସାହୁ, ସ୍ମାରକ ମହାନ୍ତି, ବାସନ୍ତୀ ସାମଲ, ଜାନକୀ ବଲ୍ଲଭ ଦାସ, ସୁଧୀର ରଞ୍ଜନ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସଦାନନ୍ଦ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ଦିର ଟ୍ରଷ୍ଟି ବିଜୟ କୁମାର ନାୟକ, ଆଶିଷ ସୋମ, ରଘୁନାଥ ଦାସ, ରାଜେନ୍ଦ୍ର ପ୍ରସାଦ ସିଂ, ବିପିନ ବିହାରୀ ଲାଲ୍, ରଘୁନାଥ ମଲ୍ଲିକ, ଗୌତମ ମଳିକ, କୈବଲ୍ୟ ମଳିକ, ଦେବେନ୍ଦ୍ରନାଥ ଦାସ, ଅନାମ ଚରଣ ଦାସ, କାମଦେବ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଜାତୀୟ ଗଣିତ ଦିବସ ପାଳିତ




ପଟ୍ଟାମୁଣ୍ଡାଇ,୨୨।୧୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସ ଗାଣିତିକ ଶ୍ରୀନିବାସ ରାମାନୁଜନଙ୍କ ୧୩୮ ତମ ଜୟନ୍ତୀ ପାଳିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ସୁନୀଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣିତଶାସ୍ତ୍ର ପ୍ରତି ଭାରତୀୟମାନଙ୍କ ଅବଦାନ ଅତୁଳନୀୟ ବୋଲି ମତ ରଖିଥିଲେ। ଏକ୍ୟୁଏସି ସଂଯୋଜକ ଶୁବାଶିଷ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ଗଣିତର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଅରବିନ୍ଦ ପାଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ନିର୍ମଳ କୁମାର ସାହୁ ରାମାନୁଜନଙ୍କ ଜୀବନୀ ଓ ତାଙ୍କ ଗଣିତ ପ୍ରତିଭା ଅଦ୍ୱିତୀୟ ବୋଲି କହିଥିଲେ। ଗଣିତ ସମ୍ମାନ ତୃତୀୟ ବର୍ଷ ଛାତ୍ର ଅଭିଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

ପଟ୍ଟାମୁଣ୍ଡାଇ,୨୨।୧୨(ସମିସ): ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଭଗବତୀ ସ୍ୱାଇଁଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା କଷଣଅଣ୍ଟାଠାରେ ଅନୁଷ୍ଠିତ ହୋଇଛି। ଶିକ୍ଷକ ନେତା ପ୍ରମୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ



ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରାକ୍ତନ ବିଇଓ ପାବନୀ ରାଉତ, ପ୍ରାକ୍ତନ ଏବିଇଓ ଅଭିମନ୍ୟୁ ପଢ଼ିଆରୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏସଆଇ ସୋମନାଥ ପଢ଼ିଆରୀ, ସନାତନ ତରାଇ, କବି ସଚିତ୍ର ବେହୁରା, ପତ୍ରପୁର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶ, ବଣିକ ସଂଘ ସଭାପତି ଗୋପୀନାଥ କର, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶିକ୍ଷକ ନେତା ବିଜୟ କୁମାର ସାହୁ, ପ୍ରଫୁଲ୍ଲ ଶତପଥୀ, କଣ୍ଠୁରୀଚରଣ ସ୍ୱାଇଁ, ସୁରେଶ ଜେନା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ, ସମାଜସେବୀ ଧୀରେନ୍ଦ୍ର ସାହୁ, ଦେବାଶିଷ ପଣ୍ଡା, ଶିକ୍ଷକ ନେତା ଗୋକୁଳ ରାଉତ, ରାଜେନ୍ଦ୍ର ପ୍ରସାଦ ସିଂହ, ଶରତ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ଦାସ, ଥାନପତି ରବୀନ୍ଦ୍ର ସାହୁ, କାଉନସିଲର ମଳୟ ଓଝା, ଶରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବଂଗତ ଶିକ୍ଷୟିତ୍ରୀଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷକ ଶ୍ରୀଧର ରାଉତ ଧନ୍ୟବାଦ ଦେଇଥିଲେ। ସଙ୍ଗୀତ ଗୁରୁ ସୁମିତ୍ରା ମଲ୍ଲିକଙ୍କ ନେତୃତ୍ୱରେ କଳାକାରମାନେ ଭଜନ ପରିବେଷଣ କରିଥିଲେ। ଇଂ ସ୍ୱାଗତିକା ରାଉତ, ଡା. ସ୍ୱାଗତ କୁମାର ରାଉତ, ଇଂ ସ୍ୱାଧୀନ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ




କେନ୍ଦ୍ରାପଡ଼ା,୨୨।୧୨(ସମିସ): କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ସୋମବାର ଜିଲ୍ଲାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦଘାଟିତ ହୋଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସାଂସଦ ଖେଳ ମହୋତ୍ସବର ସଂଯୋଜକ ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ସେଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିରେ କେନ୍ଦ୍ରାପଡ଼ା ଲୋକସେବା କ୍ଷେତ୍ର ଅଧୀନ ୭ ନିର୍ବାଚନ ମଣ୍ଡଳୀ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଆଜି ବ୍ୟକ୍ତିଗତ ଇଭେଣ୍ଟ ଆୟୋଜିତ ହୋଇଛି। ମଙ୍ଗଳବାର ଦଳଗତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ଏହା ଆସନ୍ତା ୨୫ ତାରିଖ ଉଦଯାପିତ ହେବ।

## ଶିକ୍ଷାବିତ୍ଙ୍କ ବିୟୋଗରେ ଶୋକସଭା




ଡେରାବିଶ,୨୨।୧୨(ସମିସ): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ କାଦୁଆ ଗ୍ରାମର ଶିକ୍ଷାବିତ୍ ଦାମୋଦର ତ୍ରିପାଠୀଙ୍କ ବିୟୋଗରେ ବାଲିଆସ୍ଥିତ ବୀଣାପାଣି ସଙ୍ଗୀତ ସଦନରେ ଶୋକସଭା ଅନୁଷ୍ଠିତ ହୋଇଛି। ମଧୁସାଗର ମହୋତ୍ସବ କମିଟି ତରଫରୁ ସମ୍ପାଦକ ମଦନ ମୋହନ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ସ୍ୱର୍ଗତ ତ୍ରିପାଠୀଙ୍କ ସାଥୀ ଡାକ୍ତର ବିଶ୍ୱପ୍ରକାଶ କାନୁନ୍ଗୋ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ, କାର୍ତ୍ତିକ ଚରଣ ନାୟକ, ଡ. ମୁରଲିଧର ରଥ, ନାରାୟଣ ସ୍ୱାଇଁ, ବସନ୍ତ କୁମାର ଜେନା, ନଗେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସେ ଏକାଧାରରେ ଶିକ୍ଷକ, ସଂଗଠକ, ସମବାୟ ସଂଗଠକ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଭିନ୍ନ ଶିକ୍ଷାନୁଷ୍ଠାନ, ମନ୍ଦିର ସମେତ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଜିଲ୍ଲାପାଳଙ୍କ ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ

କେନ୍ଦ୍ରାପଡ଼ା,୨୨।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ସୋମବାର ପଲ୍ଲିଶ୍ରୀ ମହିଳା ସମିତି ପରିଚାଳିତ କୋରୁଆସ୍ଥିତ ଶିଶୁଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ପିଲାମାନଙ୍କ ଉଚ୍ଚତର ଶିକ୍ଷାକୁ ଗୁରୁତ୍ୱ ଦେଇ ବୈଷୟିକ ଶିକ୍ଷା ଆପଣାଇ ରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ଗୁଣ ଚିହ୍ନଟ କରି ସେମାନଙ୍କୁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କୁ ଖାତା,



ପେନସିଲ ବକ୍ସ, କଲମ, ଚକୋଲେଟ ସହ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଶିଶୁ କଲ୍ୟାଣ କମିଟି ସଦସ୍ୟ ଲଳିତ ମୋହନ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ସୁପେରିନଟେଣ୍ଡେଣ୍ଟ ମଞ୍ଜୁଳା ନାୟକ, ପରାମର୍ଶଦାତ୍ତା ଶ୍ରୀକାନ୍ତ ନାୟକ, ବାଦଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଜ୍ଞାନବିଜ୍ଞାନ ଓ କଣ୍ଢେଇ ମେଳା



ପଟ୍ଟାମୁଣ୍ଡାଇ,୨୨।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ଶିକ୍ଷା ମନ୍ଦିରରେ ଦ୍ୱାଦଶ ଜ୍ଞାନବିଜ୍ଞାନ ଓ କଣ୍ଢେଇ ମେଳା ଅନୁଷ୍ଠିତ ହୋଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମେଳାକୁ ଉଦଘାଟନ କରିଥିଲେ। ଆଇନଜୀବୀ ତପନ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ମୁଖ୍ୟଅତିଥି, ସିଆରସିସି ସଂଘମିତ୍ରା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜ୍ଞାନବିଜ୍ଞାନ ମେଳା ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହୋଇପାରିଛି ବୋଲି କହିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଧବଳେଶ୍ୱର ଖଣ୍ଡାୟୀ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ ସ୍ୱାଗତଭାଷଣ ଓ ସମ୍ପାଦକ ଅମ୍ବୁଜଭୂଷଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ସୁଲୋଚନା ମିଶ୍ର ଧନ୍ୟବାଦ ଦେଇଥିଲେ। ସୁଜ୍ଞାନୀ ପାଢ଼ୀ, ସଙ୍ଗୀତା ପ୍ରଧାନ ଲିପ୍ସା ସାହୁ, ସ୍ୱାଗତିକା ସ୍ୱାଇଁ, ମମତା ଦେ, ମୋନାଲିସା କର, ଅପସରା ଦାଶ ପ୍ରକଳ୍ପ ଗାଇଡ୍ ଦାୟିତ୍ୱ ନିର୍ବାହ କରିଥିଲେ। ସହକାରୀ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର, ପ୍ରଭାକର ସାହୁ, ସୌମ୍ୟରଞ୍ଜନ ଦାସ, ଚିନ୍ମୟୀ ବିଶ୍ୱାଳ, ସ୍ମିତା ଦାସ, ସୁଚିତ୍ରା ମହାନ୍ତି, କଳ୍ପନା ସେନାପତି, ରଶ୍ମିରେଖା ଦାଶ, ଜ୍ୟୋସ୍ନାରାଣୀ ପ୍ରଧାନ ମେଳା ପରିଚାଳନା କରିଲେ। ଜ୍ଞାନବିଜ୍ଞାନ ମେଳାରେ ୧୦୨ ପ୍ରକଳ୍ପ ସ୍ଥାନ ପାଇଥିଲା।

## ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା



ରାଜନଗର,୨୨।୧୨(ସମିସ): ରାଜନଗର ଅଞ୍ଚଳର ପ୍ରବୀଣ ପ୍ରଧାନଶିକ୍ଷକ, କବି, ହଂସୁଆ କଳାପ୍ରତିଷ୍ଠାନର ସଭାପତି ଓ ରାଜନଗର ସାହିତ୍ୟ ସଂସ୍କୃତି ପରିଷଦର ସହ ସମ୍ପାଦକ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ପ୍ରମୋଦ କୁମାର ସେଠୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ବିଶିଷ୍ଟ ସାହିତ୍ୟିକ ହେମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର, ସମ୍ମାନିତ ଅତିଥି ଭାବେ ବାବାଜୀ ଧଳ, କବି ଶତ୍ରୁଘ୍ନ ତରାଇ, ଭବାନୀ ପ୍ରସାଦ ମହାପାତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗଦେଇ ପ୍ରମୋଦଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଫୁଲ୍ଲ ଦାସ, ଦେବରତୀ ରାଉତ, ସୋନା ରାଉତ, ଲିପି ପଣ୍ଡା, ପୂଜାରାଣୀ ରାଉତ, ଅଭିରାମ ଦାସ, ବାବୁନି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୭୯ ଅଭିଯୋଗ ପଞ୍ଜୀକୃତ

କେନ୍ଦ୍ରାପଡ଼ା,୨୨।୧୨(ସମିସ): ଗରଦପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୭୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୭୦ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର,



ଅତିରିକ୍ତ ଏସ୍ପି ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏସ୍ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଗରଦପୁର ବିଡିଓ ଆଲୋକ କୁମାର ସେଠୀ, ତହସିଲଦାରଙ୍କ ସମେତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ପ୍ରଥମେ ପୂର୍ବ ଅଭିଯୋଗ ଶୁଣାଣି ଶିବିରରେ ପଞ୍ଜିକୃତ ଅଭିଯୋଗଗୁଡ଼ିକର ସମାଧାନ ଉପରେ ଅଧିକାରୀମାନେ କ'ଣ ପଦକ୍ଷେପ ନେଇଚନ୍ତି ତାହାର ସମୀକ୍ଷା କରିଥିଲେ। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ରାଜନଗର,୨୨।୧୨(ସମିସ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ବ୍ୟାପୀ ଆୟୋଜିତ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନାଦି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ପଣ୍ଡା, କାହ୍ନୁଚରଣ ଚଣ୍ଡ, ପ୍ରଶାନ୍ତ ରାଉତ, ଲକ୍ଷ୍ମୀଧର ରାଉତ, ଜୟୀରାମ ରାଉତ, ବ୍ରହ୍ମାନନ୍ଦ ରାଉତ, ସୀତାକାନ୍ତ ରାଉଳ, ମହେଶ୍ୱର ରାଉତ, ଜୟରାମ ରାଉଳ, ଦର୍ପନାରାୟଣ ନାୟକ, ସଞ୍ଜୟ କୁମାର ମିଶ୍ର, ସମୀରଣ ମଣ୍ଡଳ ପ୍ରମୁଖ ଯୋଗଦେଇ ବିଜେତା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ବରଦାକାନ୍ତ ଜେନା ଉତ୍ସବ ସଂଯୋଜନା କରିଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼,୨୨।୧୨(ସମିସ): ବାରକୋଟ ବ୍ଲକ୍ କାଦୋପଡା ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେଇ ୪୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୨ଟି ବ୍ୟକ୍ତିଗତ ଏବଂ ୧୩ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ପାନୀୟ ଜଳ, ଧାନ ବିକ୍ରି ସମ୍ବନ୍ଧେ, ଜମି ପଟ୍ଟା ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ବ୍ଲକ୍‌ସ୍ତରୀୟ ସର୍ବସାଧାରଣ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସମେତ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ଆଗତ ମୋଟ ୧୭ଟି ଅଭିଯୋଗ ମଧ୍ୟରୁ ୪ଟି ସାମୂହିକ ଓ ୧୩ଟି ବ୍ୟକ୍ତିଗତ। ଶିବିରରେ କିର୍ମିରା, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ, ସରକାରୀ ବସ ଚଳାଇବା ସମ୍ବନ୍ଧେ, ଲକ୍ଷଘର ଶ୍ମଶାନ ଘାଟରେ ପ୍ରତୀକ୍ଷାଳୟ, ବିଶ୍ରାମ ଗୃହ ଏବଂ ନଳକୂପ ତିଆରି ସମ୍ବନ୍ଧରେ, କୁକେରମା, ତିଲେଇମାଲ ଗାଁରେ ଟାଟା ପାୱାରର କର୍ମଚାରୀ ଜୋର ଜବରଦସ୍ତ ଦେୟଆଦାୟ କରୁଥିବା ସମ୍ବନ୍ଧେ ତଥା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚିକିତ୍ସା ସହାୟତା ବାବଦକୁ ଜଣେ ଆବେଦନକାରୀଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୫,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

## ଦଳଗାଁ ହାଇସ୍କୁଲରେ +୨ ବିଜ୍ଞାନ ଶୁଭାରମ୍ଭ



ଇବଥର୍ମାଲ,୨୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଦଳଗାଁ ସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର +୨ ବିଜ୍ଞାନର ଶୁଭ ଉଦ୍‌ଘାଟନ ହୋଇଛି। ଏହାସହ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ବିଜ୍ଞାନ ବିଭାଗର ଉଦ୍‌ଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ଦଳେଇ ସଭାପତିତ୍ୱ କରିଥିଲେ। ଆୟୋଜିତ ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ବ୍ଲକ୍ ଶିକ୍ଷାଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ କମଳ ପଟେଲ, ସରପଞ୍ଚ ସନ୍ତୋଷ ରୋହିଦାସ, ପ୍ରତିଷ୍ଠାତା ସଦସ୍ୟ ଗୁରୁଚରଣ ସା, ଏସଏମଡିସି ସଦସ୍ୟ ନନ୍ଦଲାଲ ସେନାପତି, ସାମଲ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ଦଳେଇ ଏହି ଅବସରରେ ବାର୍ଷିକ ବିବରଣୀ ପଠନ କରିବା ସହ +୨ ସକାଶେ ବିଜ୍ଞାନଗାର ପାଇଁ ଦାବି ଜଣାଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ବକ୍ତବ୍ୟରେ କେବଳ ଛାତ୍ର ନୁହେଁ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ତାଲିମ ନେବାର ଆବଶ୍ୟକତା ଥିବା କଥା କହିଥିଲେ। ରାଜସ୍ୱ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏମ୍‌ସିଏଲ ଓ ଓପିଜିସି ଉଭୟ ଏଠାରେ ଆବଶ୍ୟକ ଥିବା ୨ଟି ବିଜ୍ଞାନଗାର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଶିକ୍ଷା ପାଇ ଭଲ ମଣିଷ ହେଲେ ଅଞ୍ଚଳ ତଥା ସମାଜ ବିକଶିତ ହେବ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍କୁଲର ବାର୍ଷିକୋତ୍ସବ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କୁ ପୁରସ୍କୃତ କରା ଯାଇଥିଲା। ସ୍କୁଲ ପିଲାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବତନ ଶିକ୍ଷକ ଉମେଶ ପ୍ରଧାନ, ଦାମୋଦର ପାଢ଼ୀ, ବନମାଳୀ ବିଶ୍ୱାଳ, ରତ୍ନାକର ପ୍ରଧାନ, ସିଆରସିସି ରାଜେଶ ସା, ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଅଶୋକ ପାଢ଼ୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## • 'ସ୍ନେହ ସେତୁ' ଅଭିଯାନ
## ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିହାର ଫେରିଲେ ଟୁନ୍‌ଟୁନ୍ ଓରାମ



ଝାରସୁଗୁଡ଼ା,୨୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମାନବୀୟ ସମ୍ବେଦନା ପୂର୍ଣ୍ଣ ଅଭିଯାନ 'ସ୍ନେହ ସେତୁ' ଏକ ଅଭିନବ ପ୍ରୟାସ ଯୋଗୁଁ ଜଣେ ନିଖୋଜ ମାନସିକ ଅସୁସ୍ଥ ବ୍ୟକ୍ତି ନିଜ ପରିବାରକୁ ଫେରି ପାରିଛନ୍ତି। ବିହାରର କଟିହାର ଅଞ୍ଚଳର ଟୁନଟୁନ ଓରାମ ନାମକ ଜଣେ ବ୍ୟକ୍ତି ୯ ମାସ ପୂର୍ବେ ପୁଲିସ ଦ୍ୱାରା ଅସହାୟ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ 'ମିଶନ ଆଶାଲୋକ-୧'ରେ ଚିକିତ୍ସିତ ହେଉଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ବ୍ୟକ୍ତିଗତ ଉଦ୍ୟମରେ ଟୁନଟୁନଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା। ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଟୁନଟୁନଙ୍କୁ ତାଙ୍କ ପରିବାର ସହ ପୁନଃମିଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ଆରଡିସି, ଉତ୍ତରାଞ୍ଚଳ ଆଇଜି, ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ନିଜ ପରିବାର ଠାରୁ ବିଚ୍ଛିନ୍ନ ହୋଇଯାଇଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କ ସହ ଯୋଡିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ପ୍ରୟାସ କରାଯାଉଛି।

## ନିର୍ମାଣାଧୀନ ଧାନ ସଂରକ୍ଷଣ କେନ୍ଦ୍ରର ସମୀକ୍ଷା

ଝାରସୁଗୁଡ଼ା,୨୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାର ଚାଷୀଙ୍କୁ ଉନ୍ନତ ସୁବିଧା ଯୋଗାଇଦେବା ଏବଂ ଶସ୍ୟ ସଂରକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସରଳ ଓ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ସୋମବାର ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୋଲାବିରା ବ୍ଲକ୍ ସ୍ଥିତ ପରମାଣପୁର ପିପିସି ପରିଦର୍ଶନ କରି ସେଠାରେ ଚାଲିଥିବା ନିର୍ମାଣାଧୀନ ଧାନ ସଂରକ୍ଷଣ କେନ୍ଦ୍ରର ଅଗ୍ରଗତି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ନିର୍ମାଣାଧୀନ ପ୍ରକଳ୍ପର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ସହ କାର୍ଯ୍ୟର ଗୁଣବତ୍ତା ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ଦିନରେ ଚାଷୀ ଯେପରି ସୁରକ୍ଷିତ ଭାବେ ସେମାନଙ୍କ ଉତ୍ପାଦିତ ଧାନ ସଂରକ୍ଷିତ ରଖି ପାରିବେ, ସେଥିପାଇଁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ସମବାୟ ସମିତି ସମୂହର ଡେପୁଟି ରେଜିଷ୍ଟ୍ରାର (ଡିଆର୍‌ସିଏସ୍) ଏବଂ ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଥିଲେ।

## ଗଇଲୋ ଗାଁରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସୁଶାସନ ସପ୍ତାହ

ଦେବଗଡ଼,୨୨।୧୨(ସମିସ): ତିଲେଇବଣି ବ୍ଲକ୍ ଝରାଗୋଗୁଆ ପଞ୍ଚାୟତ ଅଧୀନ ଗଇଲୋ ଗାଁ ଠାରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସୁଶାସନ ସପ୍ତାହ ପାଳନର ଆୟୋଜିତ ହୋଇଛି। 'ସୁଶାସନ ସପ୍ତାହ ପ୍ରଶାସନ ଗାଁ ଅଭିମୁଖେ' ଅଭିଯାନ କାର୍ଯ୍ୟକ୍ରମ ଅଧୀନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବ୍ଲକ୍ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ଦ୍ୱାରା ସୁବିଧା ସୁଯୋଗ କିପରି ଲୋକାଭିମୁଖୀ ହୋଇଛି ଏବଂ ସେହି ସୁବିଧା ଗୁଡିକୁ ଜନସାଧାରଣ କିପରି ପାଇ ପାରିବେ ସେହି ବିଷୟରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ସହାୟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବ୍ଲକ୍‌ର ବରିଷ୍ଠ ରାଜସ୍ୱ ସହାୟକ ଅଞ୍ଜନା ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

## 'ମନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାଁ ହଟାଇବାକୁ କଂଗ୍ରେସର ବିରୋଧ

ଝାରସୁଗୁଡ଼ା,୨୨।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାତ୍ମାଗାନ୍ଧୀଙ୍କ ନାଁରେ ନାମିତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (ମନରେଗା)କୁ ରଦ୍ଦ କରିବା ପାଇଁ ବିଜେପି ସରକାର ଏକ ବିଲ୍ ଆଣିଛି। ଏହା ଏକ ଭୟାବହ ଏବଂ ଯୋଜନାବଦ୍ଧ ପଦକ୍ଷେପ ଏବଂ ଏହା କୌଣସି ସାଧାରଣ ବିଧାନ ମୂଳକ ପ୍ରକ୍ରିୟା ନୁହେଁ। ଆଇନରୁ ମହାତ୍ମାଗାନ୍ଧୀଙ୍କ ନାମ ଓ ମୂଲ୍ୟବୋଧକୁ ହଟାଇବାକୁ ଏହା ଏକ ପ୍ରୟାସ ବୋଲି କଂଗ୍ରେସ ତରଫରୁ ଅଭିଯୋଗ ହୋଇଥିଲା। ମନରେଗା ଗ୍ରାମୀଣ ଭାରତର ଲୋକଙ୍କୁ କାମ ମାଗିବାର ଆଇନଗତ ଅଧିକାର ଦେଇଥିଲା। ଗ୍ରାମୀଣ ଭାରତରେ ୧୦୦ ଦିନରେ ରୋଜଗାର ନିଶ୍ଚିତ କରିଥିଲା। ବିକେନ୍ଦ୍ରୀକୃତ ଶାସନକୁ ଶକ୍ତିଶାଳୀ କରିଥିଲା। ମହିଳା ଓ ଜମିହୀନ ମାନଙ୍କୁ ସଶକ୍ତ କରିବା ସହ ଶ୍ରମର ଗାରିମାକୁ ସୁରକ୍ଷିତ କରିଥିଲା। ମନରେଗାକୁ କେନ୍ଦ୍ର ସରକାର କଦର୍ଥ କରୁଛନ୍ତି ବୋଲି ଅଭିଯୋଗ କରି ଆଜି ଝାରସୁଗୁଡ଼ା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଗଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଜୀବନ ସାର୍ଥକ, ପ୍ରଶାନ୍ତ ତ୍ରିପାଠୀ, ମନମୋହନ ଝା, ଅଲେଖ, ନିଖିଳ ଘୋଷ, ଭାସ୍କର ପଟେଲ, ସଞ୍ଜୟ ମହାପାତ୍ର, ୱାରୀଶ ଭାଇ, ସଲିମ ଖାନ, ରିୟାଜ ହୁସେନ, ପ୍ରକାଶ ସିଂଦେଓ, ଅଶୋକ ସିଂଦେଓ, ଶୈଳେଶ ଅବସ୍ଥି, କାଜଲ ଘୋଷ, ପ୍ରଶାନ୍ତ ପକ୍ଷତ୍ର, ମୁନ୍ନା ଖାଡଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

**ଦେବଗଡ଼:** କେନ୍ଦ୍ର ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନର ନାମ ପରିବର୍ତ୍ତନ କରିଛନ୍ତି। ଏହାକୁ ରଦ୍ଦ କରିବା ପାଇଁ ଏକ ବିଲ୍ ଆଣିଛନ୍ତି ବୋଲି ସୋମବାର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଦାବିପତ୍ରକୁ ଗ୍ରହଣ କରିଥିଲେ। ଦାବି ତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ପୂର୍ବ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପାତ୍ର, ସୁଶୀଲ ଗୁଡିଆ, ଦେବେନ୍ଦ୍ର ଗଡନାୟକ, ସନ୍ତୋଷ ଉଦାବର, ନାଥକୃଷ୍ଣ ଜାଲ, ସୁମନ୍ତ ବେହେରା, ସୁଶୀଲ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧବାହାଲ ଡିଏଭିରେ ଜାତୀୟ ଗଣିତ ଦିବସ

ଝାରସୁଗୁଡ଼ା,୨୨।୧୨(ସମିସ): ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଜାତୀୟ ଗଣିତ ଦିବସ ସୋମବାର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭାରତର ପ୍ରସିଦ୍ଧ ଗଣିତଜ୍ଞ ଡ.ଶ୍ରୀନିବାସ ରାମାନୁଜନଙ୍କ ଜନ୍ମଦିନକୁ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଇଥାଏ। ଦୈନନ୍ଦିନ ଜୀବନରେ ଗଣିତ ଶାସ୍ତ୍ରର ଉପାଦେୟତା ତଥା ଗଣିତ ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଅଧ୍ୟକ୍ଷ ହୋତା ଗଣିତଜ୍ଞ ଡ.ରାମାନୁଜନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗଣିତ ଶାସ୍ତ୍ରକୁ 'ନମ୍ବର ଥିଓରି ଓ ଇନ୍ଫିନାଇଟ୍ ସିରିଜ' ପ୍ରଦାନ କରିଥିବା ଏହି ମହାନ୍ ଗବେଷକଙ୍କ ସ୍ମୃତିଚାରଣ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କୁ ଗଣିତ ଭିତ୍ତିକ ସାଧାରଣ ଜ୍ଞାନ ପ୍ରଶ୍ନ ପଚାରାଯାଇଥିଲା। ସଠିକ୍ ଉତ୍ତର ଦାତାଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗଣିତ ବିଭାଗର ବରିଷ୍ଠ ଶିକ୍ଷକ ବିକାଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ। ବିଭାଗର ଶିକ୍ଷକ ଦାମୋଦର ହାତୀ, ଅଶୋକ ମିଶ୍ର ଓ ଶିକ୍ଷୟିତ୍ରୀ ନମ୍ରତା ବଡପଣ୍ଡା ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୨୨।୧୨(ସମିସ): ତିଲେଇବଣି ବ୍ଲକ୍ ଧୋବଲିପଥର କ୍ଲଷ୍ଟର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଛେପିଲିପାଲିରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ନାରାୟଣ ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧୋବଲିପଥର କ୍ଲଷ୍ଟର ସିଆରସିସି ଛାୟାକାନ୍ତ ବିଶ୍ୱାଳ ମୁଖ୍ୟ ଅତିଥି, ବୁଢ଼ିବିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲଳିତା ଦେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କଦମଦର୍ହ କଲୋନୀର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ନାଏକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧୋବଲିପଥର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରମୋଦ ପ୍ରଧାନ ଓ ମାନସରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ଦେବଗଡ଼,୨୨।୧୨(ସମିସ): ସ୍ଥାନୀୟ ସଂସ୍କୃତି ଭବନ ଠାରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପସଭାପତି ଡ.ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ମହିଳା କଲେଜ ଅଧ୍ୟକ୍ଷା ଡ.ତନ୍ମୟୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ସଂସଦର ଉପଦେଷ୍ଟା ନିରଞ୍ଜନ ଦ୍ୱିବେଦୀ ଯୋଗ ଦେଇଥିଲେ। ପରେ ପଦ୍ମିନୀ ଦାଶ ମହାପାତ୍ର ଓ ପଦ୍ମିନୀ ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ଡ.ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ମୁଖ୍ୟ ବକ୍ତା ଭାବେ ମଡେଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ.ବିଜୟ ମହାରଣା, ସମ୍ମାନିତ ବକ୍ତା ଭାବେ ନାକଟିଦେଉଳ କଲେଜର ଅଧ୍ୟାପିକା ଡ.ଆର.ପୁଷ୍ପାଞ୍ଜଳି, ସମ୍ମାନିତ ଅତିଥି ଭାବେ ପୂର୍ବ ହକି ଖେଳାଳି ରୋଶନ ମିଞ୍ଜ, ବରିଷ୍ଠ ନାଗରିକ ସୁଧିର କପରଦାର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ପଦ୍ମନାଭ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପାତ୍ର 'ପଦରେଣୁ' ଓ 'ନାରୀକବି ବିଶେଷାଙ୍କ' ଉନ୍ମୋଚନ କରାଯାଇଥିଲା। ଏହାସହିତ ନିରଞ୍ଜନ ଦ୍ୱିବେଦୀଙ୍କ ୨ଟି ପୁସ୍ତକ ଓ ବିପିନ ବିହାରୀ ପୃଷ୍ଟିଙ୍କ ଗୋଟିଏ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ।

ଚଳିତ ବର୍ଷ ରୋଶନ ମିଞ୍ଜଙ୍କୁ 'ବାମଣ୍ଡାରତ୍ନ' ସମ୍ମାନ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ରାହାସ ଚନ୍ଦ୍ର ନାଏକ, ଅବନୀକାନ୍ତ ପାଣି, ଡ.ବିଜୟ ମହାରଣାଙ୍କୁ 'ବାମଣ୍ଡା ଆଦର୍ଶ ସାରସ୍ୱତ ପ୍ରତିଭା' ସମ୍ମାନ, ଡ.ମନୋଜ ଉପାଧ୍ୟାୟଙ୍କୁ 'ବାମଣ୍ଡା ସ୍ୱାସ୍ଥ୍ୟ ସେବା' ସମ୍ମାନ, ମନୋଜ ପାଢ଼ୀଙ୍କୁ 'ବାମଣ୍ଡା ନାଟ୍ୟକଳା ସମ୍ମାନ', ଦୀପାଳି ପାତ୍ର ଓ ସତ୍ୟବତୀ ପାଣିଙ୍କୁ 'ବାମଣ୍ଡା ସମାଜସେବା' ସମ୍ମାନ, ସୁଧିର ଦାସଙ୍କୁ 'ବାମଣ୍ଡା କ୍ରୀଡ଼ାବିତ' ସମ୍ମାନ, ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ 'ବାମଣ୍ଡା ସ୍ୱଚ୍ଛ ପରିବେଶ ସମ୍ମାନ', ରୂପେନ୍ଦ୍ର ଗୁମାନସିଂଙ୍କୁ 'ବାମଣ୍ଡା ଆଦର୍ଶ ଯୁବ ପ୍ରତିଭା' ସମ୍ମାନ, ଶୁଭମ ପ୍ରଧାନ ଓ ପ୍ରିୟବ୍ରତ ସାହୁଙ୍କୁ 'ଦେବଦତ୍ତ ସ୍ମୃତି' ସମ୍ମାନରେ

### ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

ସମ୍ମାନିତ କରାଯାଇଥିଲା। ଏହାସହିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂସଦର ସମ୍ପାଦକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସୁମିତ୍ରା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଞ୍ଜନ ନାୟକ, ହିମାଂଶୁ ଶେଖର ବିଶ୍ୱାଳ, ଡିଲେଶ୍ୱର ପ୍ରଧାନ, ଧିରେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୨।୧୨(ସମିସ): ବରଗଡ଼ ସଂସଦୀୟ କ୍ଷେତ୍ର ଅଧୀନ ଝାରସୁଗୁଡ଼ା ଜିଲ୍ଲା ପାଇଁ 'ସାଂସଦ ଖେଳ ମହୋତ୍ସବ-୨୦୨୫' ସ୍ଥାନୀୟ ବ୍ରଜରାଜନଗର ସ୍ଥିତ ଓପିଏମ ପଡିଆ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ବ୍ରଜରାଜନଗର ସ୍ଥିତ ଓପିଏମ ପଡିଆ ଠାରେ ସାଂସଦ, ବିଧାୟକ ଏବଂ ଜିଲ୍ଲାର ପଦାଧିକାରୀଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚିତ ହୋଇଥିଲା। ମାରାଥନ ପ୍ରତିଯୋଗିତା ପାଞ୍ଚଗୋଛିଆ ଛକରୁ ଓପିଏମ ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭିଏସଏସ ଷ୍ଟାଡିୟମ ମଣ୍ଡଳୀୟ ଗାଁଣ୍ଡରେ ଖୋଖୋ, କବାଡି, ଭଲିବଲ, ବ୍ୟାଡମିଣ୍ଟନ, ଯୋଗ ଓ ତାଏକ୍ୱୋଣ୍ଡୋ ହେଉଥିବା ବେଳେ ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିୟନ (ଓଏସଏପି) ଗାଁଣ୍ଡରେ କ୍ରିକେଟ ଓ ଫୁଟବଲ ଅନୁଷ୍ଠିତ ହେବ। ଅନଲାଇନରେ ଗ୍ରାମାଞ୍ଚଳର ଖେଳାଳିମାନେ ନିଜର ନାମ ପଞ୍ଜୀକରଣ କରିଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ଏହି ଖେଳ ମହୋତ୍ସବ ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଝାରସୁଗୁଡ଼ା ଜିଲ୍ଲାରେ ଆୟୋଜିତ ହେବ।

## ମାଙ୍କଡ଼ ଆକ୍ରମଣରେ ମହିଳା, ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

ଦେବଗଡ଼,୨୨।୧୨(ସମିସ): ଦେବଗଡ଼ ବନଖଣ୍ଡରେ ସୋମବାର ୨ଟି ଭିନ୍ନଭିନ୍ନ ସ୍ଥାନରେ ବନ୍ୟ ଜନ୍ତୁ ଆକ୍ରମଣରେ ଦମ୍ପତି ଓ ଜଣେ ମହିଳା ଗୁରୁତର ହୋଇଥିବା ଜଣା ପଡିଛି। ଦେବଗଡ଼ ପୌରାଞ୍ଚଳ ଖପର ସାହିରେ ରଞ୍ଜନ ମହାକୁଳଙ୍କ ସ୍ତ୍ରୀ ସୁମନ ମହାକୁଳ (୩୨) ଆଜି ସକାଳୁ ଘର ଛାତ ଉପରକୁ ଯାଇଥିଲେ। ଏହି ସମୟରେ ୧୦ରୁ୧୨ ମାଙ୍କଡଙ୍କ ଏକ ଦଳ ତାଙ୍କୁ ଛାତ ଉପରେ ଆକ୍ରମଣ କରିଥିଲେ। ଫଳରେ ସୁମନ ଘର ଛାତ ଉପରୁ ତଳକୁ ଖସି ପଡି ମୁଣ୍ଡ ଓ ଅଣ୍ଟାରେ ଭୀଷଣ ଆଘାତ ସହ ଗୁରୁତର ଆହତ ହୋଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ପ୍ରଥମେ ଅର୍ବାନ ପିଏଚସିରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ସେଠାରୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସୁମନ ଏବେ ମଧ ଚିକିତ୍ସାଧୀନ ଥିବା ଜଣା ପଡିଛି। ତେବେ ସକାଳୁ ଅର୍ବାନ ପିଏଚସିରେ ଗୁରୁତର ସୁମନଙ୍କୁ ଭର୍ତ୍ତି ବେଳେ ଆମ୍ବୁଲାନ୍ସ, ଷ୍ଟ୍ରେଚର ଭଳି ଜରୁରୀକାଳୀନ ସହାୟତା ମିଳି ନଥିଲା। ତେଣୁ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ସୂଚନା ପାଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ.ମନୋରଞ୍ଜନ ସାମଲ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସେହିପରି ବାରକୋଟ ବନାଞ୍ଚଳ ଅଧୀନ କମାରନାଳୀ ଗାଁ ଜଙ୍ଗଲକୁ ନିକଟସ୍ଥ ଗୌଡସୁଗୁଡା ଗାଁର ନୀଳାଦ୍ରି ସାହୁ (୬୫) ଓ ତାଙ୍କ ସ୍ତ୍ରୀ ପ୍ରିୟମ୍ବଦା ସାହୁ (୫୬) ଜାଳ ସଂଗ୍ରହ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ପ୍ରିୟମ୍ବଦାଙ୍କ ଗୋଡ ଭାଙ୍ଗି ଥିବା ବେଳେ ନୀଳାଦ୍ରିଙ୍କ ଶରୀରରେ ମଧ କ୍ଷତ ସୃଷ୍ଟି ହୋଇଥିଲା। ପାଖରେ ଥିବା କିଛି ଗ୍ରାମବାସୀ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟ ଏବେ ମଧ ଚିକିତ୍ସାଧୀନ ଥିବା ବେଳେ ବନ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୂତନ ପ୍ରଦକ୍ଷଣ ଗୃହର ଭିତ୍ତିପ୍ରସ୍ତର

ଝାରସୁଗୁଡ଼ା,୨୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାର ପ୍ରଶାସନିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଝାରସୁଗୁଡ଼ା ଗସ୍ତ କରି ନୂତନ 'ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହ' (ସ୍ପେସିଆଲ ସର୍କିଟ ହାଉସ)ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ପ୍ରକଳ୍ପ ଜିଲ୍ଲାକୁ ଆସୁଥିବା ମନ୍ତ୍ରୀ, ଅତିଥି ଏବଂ ଉଚ୍ଚ ପଦାଧିକାରୀ ମାନଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଜିଲ୍ଲାର ବରିଷ୍ଠ ପଦାଧିକାରୀ ସାମିଲ ହୋଇଥିଲେ।

### ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ସମ୍ବଲପୁରକୁ ୬ ୱିକେଟରେ ପରାସ୍ତ କଲା ରାଉରକେଲା

ଦେବଗଡ଼,୨୨।୧୨(ସମିସ): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବାମଣ୍ଡା କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ବାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ଏହି ଟୁର୍ଣ୍ଣାମେଣ୍ଟ ୩୫ ବର୍ଷରେ ପଦାର୍ପଣ କରିଥିବା ବେଳେ କ୍ଲବ୍‌ର ଉପଦେଷ୍ଟା ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଉପସଭାପତି ଅଶୋକ ନନ୍ଦଙ୍କ ପରିଚାଳନାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, କ୍ଲବ୍‌ର ପୂର୍ବତନ ସଭାପତି ନବୀନ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ୍‌ର ସମ୍ପାଦକ ସତ୍ୟ ନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ସୁଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା।

ଉଦ୍‌ଘାଟନୀ ମ୍ୟାଚ୍ ରାଉରକେଲାର ଏସଏସ ଏକାଡେମୀ ସହ ସମ୍ବଲପୁର ଆଭାର କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା। ଟସ ଜିଣି ରାଉରକେଲା ଦଳ ସମ୍ବଲପୁର ଦଳକୁ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ରାଉରକେଲା ଦଳର ବୋଲର ଅଂଶୁମାନ ସେନାପତି ୩ଟି ଏବଂ କ୍ଷମା ସାଗର ବଳ ଓ ରାଜେଶ ପଟ୍ଟନାୟକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସମ୍ବଲପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୪.୪ ଓଭରରେ ସମସ୍ତ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିଷି ମେହେର ୪୨ ଓ ସପଥ ନାଏକ ୨୮ ରନ ସଂଗ୍ରହ କରିଥିଲେ। ଜବାବରେ ରାଉରକେଲା ଦଳ ବ୍ୟାଟିଂ କରି ୧୩.୫ ଓଭରରେ ୪ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ହେମନ୍ତ ନାୟକ ୪୨ ଓ କ୍ଷମା ସାଗର ବଳ ୩୧ ରନ ସଂଗ୍ରହ କରିଥିଲେ। ସମ୍ବଲପୁର ଦଳର ବୋଲର ସୟଦ ଜାକି ୩ଟି ୱିକେଟ ନେଇଥିଲେ। ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରୀତିକ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡନାୟକ ଓ ରମାକାନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌ରେ ରାଉରକେଲା ଦଳର କ୍ଷମା ସାଗର ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଜିଲ୍ଲା ଓକିଲ ସଙ୍ଘ ସଭାପତି ସଚ୍ଚିକାନ୍ତ ଦାସ ଓ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



## କବାଡ଼ି ଟୁର୍ଣ୍ଣାମେଣ୍ଟ: ବାବରାକୋଟ ରାଜପୁତ ୱାରିଅର୍ସ ଚାମ୍ପିଅନ

ରିଆମାଳ,୨୨।୧୨(ସମିସ): ରିଆମାଳ ବ୍ଲକ୍ ଅଧୀନ ଖଣ୍ଡମୁଣ୍ଡା ଠାରେ କତ୍ରାପାଲି, ଖଣ୍ଡମୁଣ୍ଡା ଓ ହରିହରପୁର ଗାଁର ମିଳିତ ସହଯୋଗରେ ତ୍ରିପାଲି ବୀର ସୁରେନ୍ଦ୍ର ସାଏ କ୍ଲବ୍ ଆନୁକୂଲ୍ୟରେ ଏକ ଦିବସୀୟ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବରାକୋଟ ରାଜପୁତ ୱାରିଅର୍ସ ଦଳ ରିଆମାଳ ଦଳକୁ ୭ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। ବାବରାକୋଟ ରାଜପୁତ ୱାରିଅର୍ସ ସେମିଫାଇନାଲ ମ୍ୟାଚ୍‌ରେ ରେଙ୍ଗାଲ ବାହାଲ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ତ୍ରିପାଲିକୁ ହରାଇ ରିଆମାଳ ଫାଇନାଲରେ ପ୍ରବେଶ କରିଥିଲା। ବାବରାକୋଟ ରାଜପୁତ ୱାରିଅର୍ସ ସହିତ ରିଆମାଳ ମଧ୍ୟରେ ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଦର୍ଶକ ମାନେ ଫାଇନାଲ ମ୍ୟାଚ୍ ମନଭରି ଉପଭୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁକେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ବେଣୁଧର ସାହୁ, ସାମ୍ବାଦିକ ପ୍ରଭାକର ପ୍ରଧାନ ଓ ସରପଞ୍ଚ ରୁନୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ବାବରାକୋଟ ରାଜପୁତ ୱାରିଅର୍ସକୁ ଟ୍ରଫି ସହିତ ୫ ହଜାର ଅର୍ଥରାଶି ଓ ରନର୍ସଅପ ରିଆମାଳକୁ ଟ୍ରଫି ସହିତ ୪ହଜାର ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ଆଶିଷ ସାହୁ ଓ ବୃନ୍ଦାବନ ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ସଭାପତି ପୁପୁନ ବେହେରା ଓ ସମ୍ପାଦକ ସାଗର କିଶାନଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ପ୍ରଧାନ, ହୃଷୀକେଶ ସ୍ୱାଇଁ, ପ୍ରସନ୍ନ ସାହୁ, ବରୁଣ ବଗର୍ତ୍ତି, ଉଦୟ ସାହୁ, ବୀରେନ ସାହୁ, ଚିକୁନ ବେହେରା, ତପନ ପ୍ରଧାନ, କୁମର ମଣି ବେହେରା, ରାହୁଲ ସାହୁ ଓ ଘୁରୁଡୁ କିଶାନ୍ ପ୍ରମୁଖ ସହଯୋଗ କରିଥିଲେ।

## ୧ ତାରିଖ ଟୋକନ୍‌ର ଧାନ ଆଜିଯାଏ ଉଠିନି

# ଖୋଲାରେ ପଡ଼ିଛି ୧୪୫୪୫ ପ୍ୟାକେଟ୍ ଧାନ

**ସମ୍ବଲପୁର, ୨୨।୧୨ (ସମିସ)**

ଖୋଲା ଆକାଶ ତଳେ ପଡ଼ିରହିଛି ୧୪୫୪୫ ପ୍ୟାକେଟ୍ ଧାନ। ହାତୀ ଭୟରେ ଜଗି ରହିଛନ୍ତି ଚାଷୀ। ଗତ ଡିସେମ୍ବର ୧ ତାରିଖ ଟୋକନର ଧାନ ବି ଆଜିଯାଏ ଉଠିପାରିନି। ଏହା ହେଉଛି କୁଚିଣ୍ଡା ଉପଖଣ୍ଡ କେନାଡ଼ିପା ମଣ୍ଡିର କଥା। ୧୩୯ ଜଣ ଚାଷୀଙ୍କ ଧାନ ପଡ଼ି ରହିଥିବାବେଳେ ମିଲର୍ ଗାଡ଼ି ପଠାଉନାହାନ୍ତି। ଆଗକୁ ବଡ଼ଦିନ ଓ ନବବର୍ଷ ଛୁଟି ରହିଥିବାରୁ ଆସିବେନି କୃଷିଶ୍ରମିକ। ଧାନ ଉଠାଇବାକୁ ଆସିବନି ଗାଡ଼ି। ଲୋଡ୍ ହେବନି ଧାନ। ବର୍ଷତମାମ କଷ୍ଟକରି ଉପାର୍ଜନ କରିଥିବା ଧାନ ବିକ୍ରୟକୁ ନେଇ ଚାଷୀ ହନ୍ତସନ୍ତ ହେଉଛି। କେନାଡ଼ିପା ମଣ୍ଡିର ଯେଉଁ ଚାଷୀର ୧ ତାରିଖ ଟୋକନ ଥିଲା, ତାହା ଆଉ ୮ଦିନ ପରେ ଲେପ୍‌ସ କରିଯିବ। ଏହାକୁ ନେଇ ଏବେ ଚିନ୍ତାରେ ଚାଷୀ। ଡିଏଲପିସି ବୈଠକରେ ଚାଷୀ ସଙ୍ଗଠନ ପକ୍ଷରୁ ସପ୍ତାହକ ଦୁଇରୁ ତିନିଦିନ କୁଚିଣ୍ଡା ଉପଖଣ୍ଡରେ ମଣ୍ଡି ଖୋଲିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ପ୍ରଶାସନ ପୁରୁଣା ଢାଞ୍ଚାରେ ଚାଲିଛି।

କୁଚିଣ୍ଡା ଉପଖଣ୍ଡର ଭୋଜପୁର, ଗୁଣ୍ଡୁରୁଟୁଆଁ ଆଦି ମଣ୍ଡିରେ ପ୍ରାୟ ୭ ହଜାର ଲେଖାଏଁ ପ୍ୟାକେଟ୍ ଧାନ ଥିବାବେଳେ ଆଜି ଉଠିଥିବାରୁ ତାହା ୫ ହଜାରରୁ ତଳକୁ ଖସିଥିବା ଜଣାପଡ଼ିଛି। ସୁବନପାଲି, ଜମନକିରା ଆଦି ମଣ୍ଡିରେ ମଧ୍ୟ ୧୦ ହଜାରରୁ ଅଧିକ ପ୍ୟାକେଟ ଧାନ ରହିଛି। ଏହାସହ ବାମରା ବ୍ଲକର ଉଚ୍ଚକାପାଟ ମଣ୍ଡିରେ



୮୮୮୩ ପ୍ୟାକେଟ୍ ଧାନ ଉଠିନଥିବା ଜଣାପଡ଼ିଛି। ସେହିପରି ରଙ୍ଗିଆଟିକ୍ରା, ବାଉଁଶଲଗା, ଘୁମୁଣ୍ଡୁମାଲ, କୁଟାରିମାଲ ଆଦି ମଣ୍ଡି ମାନଙ୍କରେ ମଧ୍ୟ ମିଲର୍ ଗାଡ଼ି ପଠାଇ ଉଠାଉନଥିବାରୁ ହଜାର ହଜାର ପ୍ୟାକେଟ୍ ଧାନ ଜମା ହୋଇ ରହିଛି ଏବଂ ଚାଷୀମାନେ ଜଗି ବସିଛନ୍ତି।

କୁଚିଣ୍ଡା ଉପଖଣ୍ଡର କେନାଡ଼ିପା ମଣ୍ଡିରେ ପ୍ରାୟ ୧୫ ହଜାର ପ୍ୟାକେଟ୍ ଧାନ ଖୋଲା ଆକାଶ ତଳେ ପଡ଼ି ରହିଥିବାବେଳେ ଚାଷୀମାନେ ଶୀତକାକରରେ ଜଗି ରହିଛନ୍ତି। ବର୍ତ୍ତମାନ ଯେଉଁଳି ତାପମାତ୍ରା ୧୦ ଡିଗ୍ରୀ ପାଖକୁ ଖସିଯାଉଛି, ଚାଷୀମାନେ ବିକଳରେ ପଡ଼ି ରହିଛନ୍ତି। ଧାନ ମଣ୍ଡିରେ ଛାଡ଼ିକି ଆସିଲେ ଚୋରି ଭୟ ସାଙ୍ଗକୁ ହାତୀ ନଷ୍ଟ କରିବା ଭୟ ରହିଛି। କେନାଡ଼ିପା ମଣ୍ଡିରେ ସପ୍ତାହକ ଦିନେ - ସୋମବାର ଦିନ ମଣ୍ଡି ଖୋଲେ। ଏଯାବତ୍ ୧, ୮, ୧୫ ଓ ୨୨ ଏହିପରି ଚାରୋଟି ସୋମବାର ଧାନ ଆସିଲାଣି। ଗତ ଡିସେମ୍ବର ୧ ତାରିଖ ଟୋକନ ପାଇଥିବା ଧାନ ଏବେ ବି ଅଛି। ଏପର୍ଯ୍ୟନ୍ତ ମାତ୍ର ଗୋଟେ ଦି'ଟା ଗାଡ଼ି ଆସି ଧାନ ଉଠାଇଥିବା ଅଭିଯୋଗ ହେଉଛି। ମିଲର୍‌ମାନେ ଧାନ ଉଠାଉ ନାହାନ୍ତି। ଏହି ମଣ୍ଡି ଉପରେ କେନାଡ଼ିପା ପଞ୍ଚାୟତର କେନାଡ଼ିପା, ବେଲୁଆମାଲ, ନକଟିପାଲି, ସର୍ବେ, ଫୁଲଚାଙ୍ଗୁଡ଼ି, ବିଜାଗୁଡ଼ା, ଭୋଇଡେରା, ଡମ୍‌ଗାଁ ଆଦି ଗାଁର ଚାଷୀ ନିର୍ଭରଶୀଳ। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ମଧ୍ୟ କେନାଡ଼ିପା ମଣ୍ଡିରେ ଧାନ ନଉଠିବା ଫଳରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

କେନାଡ଼ିପା ମଣ୍ଡିରେ ଧାନ ଜମା ହୋଇଥିବାକୁ ନେଇ ସମ୍ବଲପୁର ସିଏସଓ ମିଳନ ମାଝି କହିଛନ୍ତି, ଅଗ୍ରାଧିକାର ଭିତ୍ତିରେ ଧାନ ଆସନ୍ତାକାଲି ଗାଡ଼ି ବ୍ୟବସ୍ଥା କରି ଉଠାଯିବ। ଯେଉଁମାନଙ୍କ ଟୋକନ ଗତ ୧ ତାରିଖର ଅଛି ପ୍ରଥମେ ସେମାନଙ୍କ ଧାନ ଉଠାଇବା ବ୍ୟବସ୍ଥା କରିବୁ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଜଣେ ଚାଷୀ ୭୦-୮୦ କିଲୋମିଟର ଦୂରକୁ ଯାଇ ମିଲ୍‌କୁ ନେଇ ଧାନ ଦେଇପାରିବ ନାହିଁ। ମଣ୍ଡିରେ ଅନ୍‌ଲୋଡ କରୁଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। କୁଚିଣ୍ଡା ଉପଖଣ୍ଡରେ ସପ୍ତାହକ ଦିନେ ଥିବାରୁ ତାହା ଘାତକ ହେଉଛି। ସେହିଦିନ କିମ୍ବା ୪୮ ଘଣ୍ଟା ମଧ୍ୟରେ ଧାନ ଉଠାଇନେବା ଉଚିତ। ସବୁଆଡ଼େ ହାତୀ ଅଛନ୍ତି, ଚାଷୀ କଣ ୧୦ ଦିନ ୧୫ ଦିନ ଥଣ୍ଡାରେ ଜଗି ବସିରହିଥିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶକରି ଶୀଘ୍ର ସମସ୍ତ ମଣ୍ଡିରୁ ଧାନ ଉଠାଇବା ଜରୁରୀ ବୋଲି ଶ୍ରୀ ପ୍ରଧାନ ମତ ରଖିଛନ୍ତି।

## କୁଚିଣ୍ଡାରେ ଅଭିଯୋଗ ଶୁଣାଣି ଶିବିର



**କୁଚିଣ୍ଡା, ୨୨।୧୨ (ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ଅଧ୍ୟକ୍ଷତା କରି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଲଗା ଯାଇଥିବା ଷ୍ଟଲ ଗୁଡ଼ିକ ପରିଦର୍ଶନ କରିଥିଲେ।ପରେ କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତରୁ ଆସିଥିବା ମୋଟ ୯୬ଅଭିଯୋଗର ଶୁଣାଣି କରିଥିଲେ।ବ୍ୟକ୍ତିଗତ ଭାବେ ୭୯ ଟି ଏବଂ ଗୋଷ୍ଠିଗତ ଭାବେ ୧୭ ଟି ଅଭିଯୋଗ ଉପରେ ଶୁଣାଣି କରି ଏହାର ଫଇସଲା ପାଇଁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ତହସିଲଦାର ସରିତା ଓରାମ, ଏସଡିଏମଓ ସୁବୋଧ ନାୟକ, ଏସଡିପିଓ ପ୍ରଦୀପ ଦାସ, ବିଡିଓ ଜୟନ୍ତ ସାହୁଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।ଏଥିରେ ଅଧିକାଂଶ ଅଭିଯୋଗ ଧାନ ବିକ୍ରି ପାଇଁ ଟୋକନ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ, ରାସ୍ତା ନିର୍ମାଣ, ଶିକ୍ଷା ଓ ଭତ୍ତା ବାବଦରେ ଆସିଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ୩୦ ଜଣଙ୍କୁ ଲେବର କାର୍ଡ, ୫ଜଣଙ୍କୁ ରାସନ କାର୍ଡ, ୪ ଜଣଙ୍କୁ ଭତ୍ତା ଓ ଜଣଙ୍କୁ ହ୍ୱିଲଚେୟାର ବଣ୍ଟନ କରିଥିଲେ।

## ଜାତୀୟ ରାଜପଥରେ ଯୁଯୋମୁରା ଫଳକ ନାହିଁ

**ସମ୍ବଲପୁର, ୨୨।୧୨ (ସମିସ) :** ଜାତୀୟ ରାଜପଥ ୫୫ରେ ଯୁଯୋମୁରାର ନାମ ନାହିଁ, ଏହାକୁ ନେଇ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ପି. ସାହୁଙ୍କୁ ସାକ୍ଷାତକରି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାସ୍ତା ସମ୍ପ୍ରସାରଣ ସମୟରେ ଯୁଯୋମୁରା ଛକ ଉପରେ ଥିବା ଏକ ସୁନ୍ଦର ଫାଟକକୁ



ଭାଙ୍ଗିଦିଆଯାଇଛି। ପୁଣି ସେଠାରେ ଥିବା ଏକ ବଡ଼ ନାମଫଳକକୁ ବିନା କାରଣରେ ଭାଙ୍ଗି ରାସ୍ତାକଡ଼ରେ ପକେଇ ଦିଆଯାଇଛି। କୌଣସି ନାମଫଳକ ନଥିବା ପରିପ୍ରେକ୍ଷୀରେ ଲୋକେ ଯୁଯୋମୁରା ଛକକୁ ଚିହ୍ନଟ କରିନପାରି ଆଗକୁ ଚାଲି ଯାଉଛନ୍ତି। ଠିକ୍ ସେହିପରି ଏହି ଛକଠାରୁ ବିଭିନ୍ନ ପାଞ୍ଚଟି ପଞ୍ଚାୟତ ଓ ସୋନପୁର ଧମାକୁ ରାସ୍ତାଯାଇଛି, କୌଣସି ଫଳକ ସୂଚନା ନଥିବା ଫଳରେ ଲୋକେ ହଇରାଣ ହେଉଛନ୍ତି। ଯୁଯୋମୁରା ଏକ ବ୍ଲକ ଓ ତହସିଲ ହେଡକ୍ୱାଟର ଲୋକେ ବିଭିନ୍ନ କାମନେଇ ଏଠାକୁ ଆସି ଯୁଯୋମୁରାକୁ ଚିହ୍ନଟ କରିନପାରିବା ପରିତାପର ବିଷୟ। ବହୁଦିନରୁ ଏହି ରାସ୍ତା ଉଭୟ ପାର୍ଶ୍ୱରେ ଲାଇଟ୍ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଳୁନାହିଁ। ଯାତ୍ରୀଙ୍କ ପାଇଁ କୌଣସି ବିଶ୍ରାମାଗାର ନିର୍ମିତ ହୋଇନାହିଁ, ଫଳରେ ଲୋକେ ଖରା, ବର୍ଷା ଓ ଶୀତରେ ରାସ୍ତା ଉପରେ ଠିଆ ହେବାକୁ ବାଧ୍ୟ ହେଉଛନ୍ତି। ପ୍ରତିନିଧି ଦଳରେ ଯୁଯୋମୁରା ସମିତି ସଭ୍ୟ, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଅପୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ବିଧାନସଭା ଷ୍ଟାଣ୍ଡିଂ କମିଟିର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ

**ରେଢ଼ାଖୋଲ, ୨୨।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି ପରିଦର୍ଶନ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।କମିଟିର ବିଭୁତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିଦଳ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ପ୍ରଥମେ ରୋଗୀଙ୍କ



ପାଖକୁ ଯାଇ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ଫଳ ବଣ୍ଟନ କରିଥିଲେ।ପରେ ଡାକ୍ତରଖାନା ସଭାଗୃହ ଠାରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟତଃ ରେଢ଼ାଖୋଲ ଅଞ୍ଚଳରେ ବ୍ୟାପକ ମାତ୍ରାରେ ବଢ଼ି ଚାଲିଥିବା କିଡିନି ରୋଗ ସହିତ ଡାକ୍ତରଖାନାରେ ଡାକ୍ତର ସମସ୍ୟା, ରେଢ଼ାଖୋଲ ଡାକ୍ତରଖାନା ୧୦୦ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏବେ ସୁଧା ଆଉ ୫୦ ବେଡ ପଡ଼ି ନ ଥିବାରୁ ରୋଗୀ ଚଟାଣ ତଳେ ଶୋଇ ଚିକିତ୍ସା ହେଉଛନ୍ତି। ରେଢ଼ାଖୋଲ ଉପଖଣ୍ଡ ଅଞ୍ଚଳରେ କିଡିନୀ ରୋଗ ନିୟନ୍ତ୍ରଣ ପାଇଁ ଆଗାମୀ ଦିନରେ ସରକାର ପଦକ୍ଷେପ ଗ୍ରହଣ କରିବାକୁ କମିଟି ରିପୋର୍ଟ ଦେବ ବୋଲି ପ୍ରକାଶ କରିଥିଲେ। ବିଶେଷ କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରା ସାଉଣ୍ଡ ମେସିନରେ ପରୀକ୍ଷା କରାଯାଉ ନ ଥିବା, ଅଧିକାଂଶ ସମୟ ଏକ୍ସ୍ରେ ମେସିନ ବନ୍ଦ ରହୁଥିବା, ରକ୍ତ ପରୀକ୍ଷା କେନ୍ଦ୍ର ଆଦି ସମସ୍ୟା ଉପରେ ଆଲୋଚନା କରିଥିଲେ। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ତେଲକୋଇ ବିଧାୟକ ଡ଼.ଫକିର ମୋହନ ନାଏକ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ଚିକିତ୍ସାଳୟ ଅଧିକ୍ଷକ ବାସୁଦେବ ହୋତା ପ୍ରମୁଖ ସମେତ ଜନ ପ୍ରତିନିଧି, ପ୍ରଶାସନ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗିରିପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସମ୍ବଲପୁର, ୨୨।୧୨ (ସମିସ) :** ଗିରିପାଲିସ୍ଥିତ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପୂର୍ବତନ ମୁଖ୍ୟ ବୈଜ୍ଞାନିକ, ଭାରତୀୟ କୃଷି ଗବେଷଣା ପରିଷଦ ଡଃ ଅନନ୍ତରାମ ପଣ୍ଡା ମୁଖ୍ୟଅତିଥି ଏବଂ ଏନ୍‌ଏସ୍‌ସିବି କଲେଜର ପ୍ରାଧ୍ୟାପକ ଡଃ ରଘୁମଣି ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ କୁମାର ଲୁହା, ପୂର୍ବତନ ପ୍ରଧାନ ଶିକ୍ଷକ ଫକୀର ମୋହନ ପ୍ରଧାନ ସମ୍ମାନିତ ଅତିଥି ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଚମ୍ପିଆନ ଟ୍ରଫି ସିନିୟର ଗ୍ରୁପ୍‌ରେ ବିନୟ ନାୟକ ଓ କ୍ଷୀରୋଦ ମିର୍ଦ୍ଧା ଏବଂ ଜୁନିଅର ଗ୍ରୁପ୍‌ରେ ସାହିଲ ସାଗର ଓ ପ୍ରତୀକ୍ଷା କୁମୁରାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକଙ୍କ ତରଫରୁ ଦଶମ ଶ୍ରେଣୀ ଛାତ୍ରୀ ସୁଭଦ୍ରା ବେହେରାଙ୍କୁ ଅଲ୍ ରାଉଣ୍ଡର ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀବାଳା ନାୟକ ସଭା ପରିଚାଳନା କରିଥିଲାବେଳେ ମନୀଷା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଛାତ୍ର ଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧିପାଇଁ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର

**ସମ୍ବଲପୁର, ୨୨।୧୨ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟରେ ଆଜି ପୂର୍ବାହ୍ଣରେ ଉଚ୍ଚଶିକ୍ଷା ବିଭାଗ ଏବଂ ୱାଧ୍ୱାନୀ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁର ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ବଲପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ, ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର, ୱାଧ୍ୱାନୀ ଫାଉଣ୍ଡେସନର ପ୍ରଶିକ୍ଷିକା ସିପ୍ରା ଥାପା ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମାଝୀ ଏହି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ଏହି ପ୍ରଶିକ୍ଷଣର ଭୂମିକା ଉପରେ ଆଲୋକପାତ କରିଥିଲେ। ୱାଧ୍ୱାନୀ ଫାଉଣ୍ଡେସନର ସିପ୍ରା ଥାପା ତିନିଦିନ ବ୍ୟାପୀ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ ସହ ଉଦଘାଟନୀ ସଭା ସଞ୍ଚାଳନ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡଃ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ଜିଲ୍ଲାର ୨୦ଟି ଉଚ୍ଚଶିକ୍ଷା ଅନୁଷ୍ଠାନ ଏହି ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରୁଛନ୍ତି।

## ଜିଲ୍ଲା ସ୍କୁଲରେ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୨୨।୧୨ (ସମିସ) :** ସମ୍ବଲପୁରସ୍ଥିତ ଐତିହ୍ୟ ସମ୍ପନ୍ନ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୬୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟର ଖେଳପଡ଼ିଆରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ




ଲୋକିତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସେ ଛାତ୍ର ଜୀବନରେ କ୍ରୀଡ଼ାର ଗୁରୁତ୍ୱ ଏବଂ ଜୀବନରେ ଏହାର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ଧନକଉଡ଼ା ବ୍ଲକ ଶିକ୍ଷା ଅଧିକାରୀ କରନ୍ ଶର୍ମା ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ସଂଘ ସଭାପତି ପ୍ରଦୀପ୍ତ କୁମାର ନାଥ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଷାରକାନ୍ତ ମହାନ୍ତି ସମ୍ମାନିତ ଅତିଥି ଥିଲେ। ପତାକା ଉତ୍ତୋଳନ, ମଶାଲ ପ୍ରଜ୍ୱଳନ, ମାର୍ଚ୍ଚ ପାଷ୍ଟ ଏବଂ ଶପଥ ପାଠ ସହିତ ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜୟନ୍ତ କୁମାର ପିଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ପ୍ରାୟ ୩୫୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜିତ୍ କୁମାର ଲୁହା ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତୁଷାରକାନ୍ତ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତୀ ଦାଶଙ୍କ ଦ୍ୱାରା ପତାକା ଅବତରଣ କରାଯାଇ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ଶୁଭମ ଲାମା (ବେଷ୍ଟ ଆଥଲେଟ୍ ଅଫ୍ ଦି ୟର) ତଥା ଏମ୍‌ଡି ଅବତାବ ହୁସେନ୍ (ସିନିୟର ବଏ ଚମ୍ପିଆନ), ଆହାନା ଫାତିମା (ସିନିୟର ଗାର୍ଲ ଚମ୍ପିଆନ), ପ୍ରବୀର ଚନ୍ଦ୍ର ବିଶ୍ୱାଳ (ଜୁନିୟର ବୟଚମ୍ପିଆନ), ସଞ୍ଜନା ମୁଣ୍ଡା (ଜୁନିୟର ଗାର୍ଲ ଚମ୍ପିଆନ), ବିପ୍ଳବ କୁମାର ବାରିକ (ସବ-ଜୁନିୟର ବଏ ଚମ୍ପିଆନ), ଅନ୍ନପୂର୍ଣ୍ଣା ମହାନ୍ତି (ସବ୍-ଜୁନିୟର ଗାର୍ଲ ଚମ୍ପିଆନ) ରୂପେ ବିବେଚିତ ହୋଇ ସମ୍ମାନିତ ହୋଇଛନ୍ତି। ଏହାପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭାକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିଲ୍ଲୀପ ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ଅନ୍ୟତମ ବରିଷ୍ଠ ଶିକ୍ଷକ କୁଳମଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## କିଲାସମା ହାଇସ୍କୁଲରେ ଗଣିତ ଦିବସ



**ସମ୍ବଲପୁର, ୨୨।୧୨(ସମିସ):** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, କିଲାସମାଠାରେ ଜାତୀୟ ଗଣିତ ଦିବସ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ସେଠଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଭାରେ ଡ. ପରଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ଡଃ ନିରୁପମା ବଡ଼ପଣ୍ଡା ମୁଖ୍ୟଅତିଥି, ସମାଜସେବୀ ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟବକ୍ତା ଏବଂ ସବିତା ତ୍ରିପାଠୀ, ସସ୍ମିତା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାର ପ୍ରକୃତ ଅର୍ଥ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସହିତ ଉତ୍ତମ ଆଚରଣକୁ ଶିକ୍ଷାର୍ଥୀର ବୈଶିଷ୍ଟ୍ୟ ବୋଲି ନିଜର ଅଭିମତ ପ୍ରଦାନ କରିଥିବାବେଳେ ମୁଖ୍ୟ ଅତିଥି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ମନଯୋଗ ଓ ଅଧ୍ୟବସାୟ ବଳରେ ସମ୍ଭବପର ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ 'ବିଦ୍ୟାଳୟ ଖବର'ର ଅଷ୍ଟମ ସଂସ୍କରଣ ଉନ୍ମୋଚିତ ହୋଇଥିଲା ଏବଂ ଜୁନିୟର ରେଡକ୍ରସରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀ ସ୍ୱରଚିତ ସମ୍ବଲପୁରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସୁଧାଂଶୁ ଭୂଷଣ ଷଣ୍ଢ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟା ବିକାଶର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**ସମ୍ବଲପୁର, ୨୨।୧୨ (ସମିସ) :** ଶାସନସ୍ଥିତ ବିଦ୍ୟା ବିକାଶ କ୍ୟାମ୍ପସରେ ଗତ ୨ ତାରିଖରୁ ଚାଲିଥିବା ୧୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମେନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପରିଚାଳନାରେ ସକ୍ରିୟ ସହଯୋଗୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବିଦ୍ୟା ବିକାଶ କ୍ୟାମ୍ପସ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟ ତଥା ଆନ୍ତର୍ଜାତିକ କ୍ରୀଡ଼ାଗୁଡ଼ିକ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ମଶାଲ ନିର୍ବାପିତ କରି ସେ କ୍ରୀଡ଼ାର ଉଦ୍‌ଯାପନ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି.ରାମକ୍ରିଷ୍ଣା ସଫଳ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ସମସ୍ତ କୃତୀ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ସିନିୟର ସେକଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ଡଃ ପୁଷ୍ପିତା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟା ବିକାଶ ନର୍ସିଂ କଲେଜ ଅଧ୍ୟକ୍ଷ ଈଶ୍ୱର ନାଗ, ହାୟର ସେକଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହାନ୍ତ, ବିକାଶ କନ୍‌ସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯଶୱନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କ୍ରୀଡ଼ାଶିକ୍ଷକ ପ୍ରେମରାଜ ବଘାର, ସୁଥାମ ବିଶ୍ୱାସ, ମିନୁ ନାଏକ, ସୁନିଲ ସିଂହ, ବିଷ୍ଣୁଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

# ସମ୍ବଲପୁରୀ ଭାଷାକୁ ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ ଦାବି ତେଜିଲା

**ସମ୍ବଲପୁର, ୨୨।୧୨ (ସମିସ)**

ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି। ସମ୍ବଲପୁରୀ ଭାଷା ସମ୍ପ୍ରତି କବିତା, ପ୍ରବନ୍ଧ, ଗଳ୍ପ, ନାଟକ ଆଦି ସମସ୍ତ କ୍ଷେତ୍ରରେ ନିଜସ୍ୱ ଏକ ପରିଚିତି ସୃଷ୍ଟି କରିଛି। ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ପଶ୍ଚିମ ଓଡ଼ିଶାବାସୀଙ୍କ ଦାବିକୁ ଜୋରଦାର କରିବାକୁ ଡଃ ସନ୍ତୋଷିନୀ ବାବୁ ଆହ୍ୱାନ ଦେଇଛନ୍ତି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ବହିଦାର ସମ୍ବଲପୁରୀ ଡେରାଠାରେ ଆୟୋଜିତ ତିନିଦିନିଆ





'୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍'ର ସୋମବାର ଦ୍ୱିତୀୟ ଦିବସରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ପଟ୍ଟନାୟକ ସମ୍ବଲପୁରୀ ମଚାନ୍‌ରେ ଆୟୋଜିତ ପ୍ରଥମ ଅଧିବେଶନରେ ସମ୍ବଲପୁରୀ କବିତା ପାଠ ଆୟୋଜନ କରାଯାଇଥିଲା। ଏଥିରେ ଡଃ ବାବୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀ ଶଙ୍କର ଭୋଇ ସମସ୍ତ କବି ଲେଖକଙ୍କୁ ମଞ୍ଚ ସହ ଯୋଡ଼ି ହେବାକୁ ଆହ୍ୱାନ କରିଥିଲେ। ମଞ୍ଚର ଭାଷା ସାହିତ୍ୟ ସଂଯୋଜକ ଡଃ ସ୍ୱୟଂପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୁଷମା ପ୍ରଧାନ ସଂଯୋଜନା କରିଥିଲେ। ମୋଟ ୬୫ ଜଣ କବି ସମ୍ବଲପୁରୀ କବିତା ପାଠ କରିଥିଲେ।

ସୋମବାର ଆୟୋଜିତ ଦ୍ୱିତୀୟ ଅଧିବେଶନରେ ସମ୍ବଲପୁରୀ ଖାନ୍‌ପାନ୍ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଏଥିରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟ ପରିବେଷଣ କରାଯାଇଥିଲା। ଝୁନୁ ତ୍ରିପାଠୀ, ଶ୍ରୀମୟୀ ସାହୁ ଏବଂ ରାହୁଲ ଗୁପ୍ତା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଜ୍ଞା ପ୍ରଧାନ, ପଙ୍କଜିନୀ ବୈଠାରୁ, ସ୍ୱସ୍ତିକା ନାୟକ, କାନ୍ତୀ ମେହେର, ଅଲକା ମହାପାତ୍ର, ଭୂମୀସୁତା ମେହେର, ଲଳିତା ଭୋଇ, ବବିତା ପାଢ଼ୀ, ସଂଘମିତ୍ରା ପଣ୍ଡା, ଶୋଭାଙ୍ଗୀନୀ ପଟେଲ, ଛବି ପତି, ଶିବ ନାଥ, ପ୍ରଥମ ପଣ୍ଡା, ପ୍ରେମ ସାହାଣୀ ପ୍ରମୁଖ ସହଯୋଗ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟ ସଦସ୍ୟାମାନେ ସହଯୋଗ କରିଥିଲେ। ଗତକାଲି ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରାର ମହାମିଳନ ଭାବରେ ଆରମ୍ଭ ହୋଇଥିବା '୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନ୍'କୁ ଆନୁଷ୍ଠାନିକ ଭାବେ ପଦ୍ମଶ୍ରୀ ହଲଧର ନାଗ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଦ୍ମଶ୍ରୀ ନାଗ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରିଥିଲେ। ଅତିଥି ଭାବେ ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ ଯୋଗ ଦେଇଥିଲେ। ଏହି ଅବସରରେ ଡେରା ପରିସରରେ ସମ୍ବଲପୁରୀ ହାଟକୁ ଅତିଥି ମାନେ ଉଦଘାଟନ କରିଥିଲେ। ସମ୍ମିଳନୀର ପ୍ରଥମ ଅଧିବେଶନ ଆଲୋଚନାଚକ୍ରରେ ବିଷୟ ଥିଲା "ସମ୍ବଲପୁରୀ ଅସ୍ମିତା : କାଏଲ୍ ଆଏଜ୍ ଆର କାଏଲ୍"। ସମ୍ବଲପୁରୀ ଗବେଷକ ପ୍ରଫେସର ଡଃ ଅଶୋକ କୁମାର ଦାଶ ସଭାପତିତ୍ୱ କରିଥିବାବେଳେ ଆଲୋଚକ ଭାବେ ଯୋଗଦେଇଥିଲେ ମୁକ୍ତକଣ୍ଠ ପ୍ରଧାନ, ଉତ୍ପନ୍ନ କୁମାର ଭୋଇ, ଡଃ ପିତାମ୍ବର ବେହେରା ଓ ଡଃ ସୁକୁମାର ଭୋଇ। ଅପରାହ୍ନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ସନ୍ଧ୍ୟା ଅଧିବେଶନରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଫୁଲ୍ଲ ହୋତା ଅତିଥିଭାବେ ଯୋଗ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।